ଧରୁଣୀ

କିଶୋରୀ ଚରଣ ଦାସ



ପ୍ରକାଶିକା
ଶଶିପ୍ରଭା ସାମନ୍ତରାୟ
ଦିବ୍ୟଦୂତ ପ୍ରକାଶନୀ
ରାଜାବଗିଚା, କଟକ- ୭୫୩୦୦୯

ପ୍ରକାଶକାଳ-୧୯୯୭

ମୁଦ୍ରଣ
ଶ୍ରୀଅରବିଂଦ ପ୍ରିଣ୍ଟିଂପ୍ରେସ୍
ରାଜାବଗିଚା, କଟକ-୯

ଲେଜର ଟାଇପ ସେଟ୍
ନିୟୁଟେକ୍ କମ୍ପ୍ୟୁଟର୍ସ
ଅରବିନ୍ଦ ନଗର, କଟକ
ଫୋନ୍ : ୩୨୨୬୭

ମୂଲ୍ୟ : ଟ. ୫୦.୦୦ ମାତ୍ର

Digitized by srujanika@gmail.com

ଯେଉଁ ମହୀୟସୀ ନାରୀ ମୋର ଜନ୍ମମୁହୂର୍ତ୍ତର ଧାତ୍ରୀ ଥିଲେ, ଏବଂ ମୋର ପହିଲି କାନ୍ଦଣାକୁ ଶୁଣିଥିଲେ, ସେ କ'ଣ ମୋର ଦୁଃଖକୁ ଦୀକ୍ଷିତ କରି ଦେଇଗଲେ ତାଙ୍କର ସୃଜନୀ ଆତ୍ମାର ସ୍ନେହସିକ୍ତ ସ୍ପର୍ଶଟିଏ ଦେଇ, ଯେଉଁଥିପାଇଁ ମୋର ଏଇ କାନ୍ଦଣା ସରିବାକୁ ନାହିଁ, ଅଥଚ ମୋର ମନେ ହୁଏ ଯେ ଏହାହିଁ ମୋର ପରମ ସୌଭାଗ୍ୟ ? ଯାହାହେଉ ସେହି ମାତୃରୂପିଣୀ ଉତ୍କଳ ଭାରତୀ ସ୍ୱର୍ଗତଃ ଡ଼ାକ୍ତର କୁନ୍ତଳା କୁମାରୀ ସାବତଙ୍କୁ ମୁଁ ଆଜି ସ୍ମରଣ କରୁଛି, ଗଭୀର ଭକ୍ତି ଓ ଶ୍ରଦ୍ଧାର ସହିତ, ମୋର ଇତର ସାମନ୍ୟ 'ଥରୁଟିଏ'ର ପୁଷ୍ପାଂଜଳି ଦେଇ, ଏବଂ କ୍ଷମା ମାଗିନେଉଛି, ମୋର ଅପରାଧ ପାଇଁ ଯେ ଆଜି ଯାଏ ଏତିକି କରି ପାରି ନଥିଲି ....

Digitized by srujanika@gmail.com

ନିଜକଥା

ମୋର ଏହି ପଂଚଦଶ ଗଳ୍ପ ସଂକଳନ ପାଇଁ ଗୋଟିଏ ସୂଚନା ଦେବା ନିତାନ୍ତ ଆବଶ୍ୟକ ବୋଲି ମନେ ହୁଏ । କାରଣ ଏଥିରୁ ତିନୋଟି ଗଳ୍ପ ହଜିଯାଇଥିବା ଓ ଫେରିପାଇଥିବା ଧନ । ଅଧ୍ୟାପକ ଡ଼କ୍ଟର ବିଜୟ ଚୌଧୁରୀ ତା'କୁ ଉଦ୍ଧାର କରି ଆଣିଛନ୍ତି ମୋ ପାଇଁ, ସେଥିପାଇଁ ମୁଁ ତାଙ୍କଠାରେ କୃତଜ୍ଞ । ଏଗୁଡ଼ିକ ହେଉଛି 'ପୁରୁଣା କବିତା', 'ଥରୁଟିଏ', ଏବଂ 'ଅରବିଂଦବାବୁଙ୍କ ଦୁଃଖ', ଯାହା ଯଥାକ୍ରମେ ୧୯୫୯, ୧୯୬୦ ଏବଂ ୧୯୬୫ରେ 'ଝଂକାର'ରେ ପ୍ରକାଶିତ ହୋଇଥିଲା, କିନ୍ତୁ ନାନାଦି କାରଣରୁ ସେଥିର କପି ମୋ ପାଖରେ ନଥିବା ହେତୁ ମୁଁ ତାହାକୁ ମୋର କୌଣସି ଗଳ୍ପ ସଂକଳନରେ ଅନ୍ତର୍ଭୁକ୍ତ କରି ପରିନଥିଲି । ଯଦିଓ ପ୍ରତ୍ୟେକଟି ଗଳ୍ପ ପାଠକ ପାଠିକାମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା ସେତେବେଳେ । ସେହେତୁ ଏମାନଙ୍କୁ ଫେରିପାଇଲା ପରେ ମୁଁ ଭାବିଲି ଯେ ମୁଁ ତାକୁ ମୋର ପରବର୍ତ୍ତୀ ସଂକଳନରେ ସ୍ଥାନ ଦେବା ଛଡ଼ା, ଗୋଟିକକୁ ଶୀର୍ଷକ ଗଳ୍ପର ସମ୍ମାନ ଦେବି, ଏଯାବତ୍ ଅବହେଳାର କ୍ଷତି ପୂରଣ କଲା ପରି । ସେଥିପାଇଁ ମୁଁ ମୋର 'ଥରୁଟିଏ'କୁ ଡ଼ାକି ଆଣିଲି ମଞ୍ଚାସୀନ ହେବା ପାଇଁ ।

ଏହି ଭାବରେ ଏହି ସଂକଳନଟି ଅତି ପୁରୁଣା ଏବଂ ପ୍ରାୟ ଗତକାଲି ଲେଖା ହୋଇଥିବା କେତୋଟି ଗଳ୍ପର ଏକ ବିଚିତ୍ର ସଂମିଶ୍ରଣ ହୋଇ ପଡ଼ିଛି । ଯାହାହେଉ ଏହାହିଁ ମୋର ପାଠକ ପଠିକାମାନଙ୍କୁ ଏକ ନୂତନ ସ୍ୱାଦୁର ଆନଂଦ ଦେବ ବୋଲି ଆଶା କରୁଛି । ପ୍ରାୟ ବତିଶରୁ ଅଠତିରିଶ ବର୍ଷ ପୂର୍ବେ ପ୍ରକାଶ ପାଇଥିବା ଏହି ଗଳ୍ପ ଗୁଡ଼ିକ କେଉଁ ହିସାବରେ ଭିନ୍ନ ମୋର ଆଜିକାର ଗଳ୍ପ ଠାରୁ ? ଅପରିଣତ ଭାଷା ଓ ଶୈଳୀ ? ନା ସରଳୀକୃତ ବକ୍ତବ୍ୟ ଓ ସୁସ୍ପଷ୍ଟ ଆବେଗ ଯାହାକି ଆଜିକାର ଜଟିଳ, ବହୁମୁଖୀ, ଓ ଦର୍ଶନଜର୍ଜରିତ ଗଳ୍ପର କେଉଁ ବିସ୍ମୃତ ବଡ଼ି ସକାଳ ବୋଲି ମନେହୁଏ ? କିଏ ଅଧିକ ସୁନ୍ଦର କଳାତ୍ମକ ଦୃଷ୍ଟିରୁ ? ଅବା କିଏ ଅଧିକ ବାସ୍ତବ ବୌଦ୍ଧିକତାର ମାପ କାଠିରେ ? ସହଜେ ମୁଁ ଏହି ପ୍ରକାର ପ୍ରଶ୍ନର ଉତ୍ତର ଦେବାପାଇଁ ଅକ୍ଷମ । ତେବେ ମୋର ବିଶ୍ୱାସ ଯେ ଏହି ବିଭେଦହିଁ ଏକ ନୂତନ ସ୍ୱାଦୁର ଉପଭୋଗ ଆଣିଦେବ ଆପଣ ମାନଙ୍କ ପାଇଁ, ଏବଂ ହୁଏତ ସେ ବିଷୟରେ ଆପଣ ନିଜର ମତାମତ ଜଣାଇ ମୋତେ ଅନୁଗୃହୀତ କରିବା ହେବେ ।

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଓ ଗ୍ରନ୍ଥାବଳୀ ।

ଗ୍ରନ୍ଥ :

(କ) ଓଡ଼ିଆ —

ଉପନ୍ୟାସ : ସାତୋଟି ଦିନର ସତୀ, ନେତା ଓ ନେତ୍ରମଣି, ସକଳ ସନ୍ତାନ ।

ସର୍ବମୋଟ = ୩

ଗଳ୍ପସଂକଳନ ଭଂଗା ଖେଳଣା, ଲକ୍ଷ ବିହଂଗ, ଘରବାହୁଡ଼ା, ମଣିହରା, ଠାକୁରଘର, ନାଲିଗୁଲୁଗୁଲୁ ସାଧବ ବୋହୂ, ଗମନ, ଖେଳର ନାଆଁ ରଂଗ, ଭିନ୍ନ ପାଉଁଶ, ଶୀତ ଲହରୀ, ତ୍ରୟୋବିଂଶ ମୃତ୍ୟୁ, ଲେଉଟାଣି, ନିଜସଂଜ, ଧବଳ ଆକାଶ ।

ସର୍ବମୋଟ = ୧୫

କବିତାସଂକଳନ : ମିନି କାମନା ।

ଆକାପ ଆଲୋଚନା ଲେଖକର ସଂସାର, ଲେଖକର ଦୁଃଖ, ଚେନାଏ ପୃଥିବୀ ଚିରୁଡ଼ାଏ ଘର, କଥା ସାହିତ୍ୟର କଳା ଓ କାରିଗରି ।

ସର୍ବମୋଟ = ୪

ଅନୁବାଦ : ଶେଷ ଗୋଲକଧଂଦା

(ଅରୁଣ ଯୋଗୀଙ୍କର ଏକାଡ଼େମୀ ପୁରସ୍କାରପ୍ରାପ୍ତ "The Last Labyrinth" ଶୀର୍ଷକ ଇଂରାଜୀ ଉପନ୍ୟାସର ଓଡ଼ିଆ ରୂପାନ୍ତର)

(ଖ) ଇଂରାଜୀ —

ଗଳ୍ପ ସଂକଳନ : Death of an Indian Wild Peacock and other stories, The Prayer Room and other stories, The Midnight Moon and other Stories.

Total = 4

କବିତା ସଂକଳନ : Faces in the Dark.

ଗ୍ରନ୍ଥାବଳୀ — ତିରିଶ ବର୍ଷର ଗଳ୍ପ ଓ ଆକାପ (ପ୍ରଥମ ଭାଗରୁ ତୃତୀୟ ଭାଗ)

Digitized by srujanika@gmail.com

ସୂଚୀପତ୍ର

	ବିଷୟ	ପୃଷ୍ଠା
୧.	ଥରୁଟିଏ	୧- ୧୫
୨.	ପୁରୁଣା କବିତା	୧୬ - ୩୦
୩.	ଅରବିଂଦବାବୁଙ୍କ ଦୁଃଖ	୩୧ - ୪୮
୪.	ଜିଜ୍ଞାସୁ ଜିତେନ୍	୪୯ - ୬୩
୫.	ପାର୍ଟି	୬୪ - ୭୮
୬.	ବାରନାରୀ	୭୯ - ୯୨
୭.	ପାଣ୍ଡୁଲିପି	୯୩ - ୧୦୪
୮.	କୁକୁରଂକ କାଂଦଣା	୧୦୫ - ୧୧୮
୯.	ଯଂତ୍ରଣା	୧୧୯ - ୧୩୩
୧୦.	ଭୟ, ପ୍ରେମ, ଗେଣ୍ଡୁଫୁଲ, ଇତ୍ୟାଦି	୧୩୪ - ୧୪୪
୧୧.	କୋକୁଆ ଭୟର ଶେଷକଥା	୧୪୫ - ୧୫୪

Digitized by srujanika@gmail.com

ଥରୁଟିଏ

କ'ଣ ଏତେ ଭାବୁଛୁ ?

ପ୍ରାୟ ଦୁଇମିନିଟ୍ ଚୁପ୍ ହୋଇ ରହି ଯାଇଥିଲା ବିନୋଦ । ନିରୋକା ସଂଜର ଅସଂଖ୍ୟ ମୁଖର ମୂହୁର୍ତ୍ତ ପରେ ସେଇ ଦୁଇମିନିଟ୍ ଚୁପ୍ । ବିନୋଦ ଭାବୁଥିଲା । ନୀରଜା ତା' ଆଡ଼କୁ ଅନେଇ ତା' ଭାବନାକୁ କଳୁଥିଲା । ବିନଭାଇଙ୍କର ଏମିତି ହଠାତ୍ ଭାବି ବସିବା କିଛି ଅସଂଗତ ନୁହେଁ । କିନ୍ତୁ ଆଜି ପରା ଦିନରେ ଅଯଥା ସମୟ ନଷ୍ଟ କରି—

ବିନଭାଇ ଉତ୍ତର ଦେଇ ନାହାଁନ୍ତି । ନୀରୁ ଭାବିଲା ରାଗିବ । ତା'ର ରାଗିବା ଉଚିତ । ବିନ ଭାଇଙ୍କର ବୁଝିବା ଦରକାର ଯେ ନୀରୁ ପାଖରେ ଥାଇ ସେ ତାଙ୍କର ମନଇଚ୍ଛା ହସିବେ, ଖେଳିବେ, ଆଉ ଚୁପ୍ ହୋଇ ଯାଇ ପାରିବେ ନାହିଁ । ନୀରୁ କଣ୍ଢେଇ ପିତୁଳା ନୁହେଁ ।

କିନ୍ତୁ ନୀରୁ ରାଗି ପାରିଲା ନାହିଁ । ଇଚ୍ଛା କରି ଅଭିମାନର ଭଙ୍ଗୀ କରିବାର ଥିଲେ ସେ ମହୂର୍ତ୍ତକରେ ତା' ମୁହଁର ଭାବ ବଦଳାଇ ପାରି ଥାଆନ୍ତା । ତା'ର ସେ କ୍ଷମତା ଅଛି । ସତରେ ରାଗିଥିଲେ ସେ ଚଟ୍‌କରି ଉଠି ପଡନ୍ତା । କିନ୍ତୁ ସତ ରାଗିବାର କାରଣ ନ ଥିଲା । ଏବଂ ଅବଶ୍ୟ ସଂଧ୍ୟାର ଅଳସପଣ ଭାଂଗି ଅଭିମାନର ଚେଷ୍ଟା କରିବା ତା'କୁ ବିରାଟ ଅଧ୍ୟବସାୟ ପରି ମନେ ହେଲା । ତେଣୁ ସେ ମଧ୍ୟ ତା'ର ଭାବନାକୁ ଖେଳାଇ ଦେଲା ଆଜି, କାଲି ଓ ଭବିଷ୍ୟତର ଅନନ୍ତ ଆକାଶରେ ।

ବିନଭାଇ ଦୁଃଖୀ । ସ୍ତ୍ରୀପିଲାଙ୍କର ହସିଲା ସଂସାର ଭିତରେ ବି' ତାଙ୍କର ଅଭାବ ଅଛି । ନୀରୁ ଆସିଛି ତାଙ୍କର ସେଇ ଅଭାବ ଘୁଂଚାଇ ଦେବା ଲାଗି । ଦୋଷ କ'ଣ ନୀରୁର ?

ଖାଲି ସାହାଚର୍ଯ୍ୟଟିକ । ସେତିକ ସେ ଦେଇଛି ବିନଭାଇଙ୍କୁ । ପାଖରେ ବସିଛି । ତାଙ୍କ କୋଳରେ ଲୋଟି ପଡିଛି । ବିନଭାଇ ତା' ମୁଣ୍ଡବାଳରେ ଆଙ୍ଗୁଠି ଚଳାଇ କେତେ କଣ' କହି ଯାଇଛନ୍ତି । ସେଥିରୁ ଅଧେ ବୁଝି ହୋଇ ନାହିଁ । କିଂତୁ ସେଇଠୁଁ ଆଗେଇ ନାହାଁନ୍ତି । ବେଳେ ବେଳେ ଇଚ୍ଛା ହୋଇଛି ଏଇ ରୋମାଣ୍ଟିକ୍ ଲୋକଟିକୁ ନିଜେ ହାତ ଧରି ଆଗେଇ ନେବାକୁ, ଅଂତତଃ ମଜା ଦେଖିବା ପାଇଁ । ବେଳେବେଳେ ଅଭିମାନ ଆସିଛି ଯେ ତା' ଦେହର ମୂଲ୍ୟ ତାଙ୍କ ପାଖରେ କିଛି ନୁହେଁ, — ଖାଲି କବିତା ଓ କଳ୍ପନା ଛଡା । କିନ୍ତୁ ଆଜି ମନେ ହେଉଛି ଯେ ଏମିତି ଭଲ ହୋଇଛି । ଏଇ ଦାର୍ଶନିକ ରୋମାନ୍‌ସ୍‌ହିଁ ଭଲ,

Digitized by srujanika@gmail.com

ସମୟର ହାଉଆରେ ଉଡି ଚାଲି ଯିବ, ଦେହମନରେ ଲାଖି ରହିବ ନାହିଁ । ଦେହର ବନ୍ଧନ ସହଜରେ ତୁଟନ୍ତା ନାହିଁ , ଶୋଷ ବଢ଼ି ଚାଲନ୍ତା, ଓ ଶେଷରେ ନୀରୁ ରହନ୍ତା କେଉଁଠି ? ଏଇ ଭଲ । ନିଜକୁ ଭଲ ଲାଗୁଛି କହିବାକୁ ଯେ ଏ 'ପବିତ୍ର' । ଏହାପରେ ସତ ଦରକାରୀ ପ୍ରେମ, ବାହାଘର, ଘରକରଣା । ସେଥିରେ ଟିକିଏ ବୋଲି ଆଞ୍ଚ ଲାଗିବ ନାହିଁ ।

ଆଉ କେତେଦିନ ଗଲେ ବାହାଘର । ସବୁ ଠିକ୍ ହୋଇ ସାରିଲାଣି । ବାଜା ବାଜିବ । ଗୋଡ଼ରେ ଅଳତା, ଦେହରେ ଗହଣା ସାଜ, କପାଳରେ ଚନ୍ଦନ । ନୀରୁ ମୁଣ୍ଡରେ ଓଢ଼ଣା ଦେବ, କାନ୍ଦିବ, ହାତରେ ହାତ ରଖି ମଂତ୍ର ଶୁଣିବ, ଓ ତା'ପରେ ଫୁଲଶେଯରେ ଲାଜ କରିବ । ଆଖି ବୁଜି ଦେଇ ମୁହଁକୁ, ଓଠ ଦୁଇଟିକୁ, ସଁପିଦେବ ଆଉ ଜଣକୁ ।

ନୀରୁ ନିଜ ଭାବନାରେ ହସି ଉଠିଲା । ସେ ହସରେ କୁମାରୀର ଉଲ୍ଲାସ ନାହିଁ, ଆଶଙ୍କା ନାହିଁ । ସେଭଳି ଭାବ ଆସୁ ନାହିଁ ତା' ମନରେ । ନ ଆସୁ, କ୍ଷତି କଅଣ ? ତା'ର କାରଣ ସେ ପିଲା ନୁହେଁ । କେଉଁ ଲେଖକ ଜଣେ କହିଥିଲେ ପରା — ସତଠାରୁ ସୁନ୍ଦର ଛଳନା, ଜୀବନ ଠାରୁ ସୁନ୍ଦର ଆର୍ଟ୍ !

ଦିନେ ସ୍ୱାମୀଙ୍କ ସାଙ୍ଗରେ ହୁଏତ ଏଇଠିକୁ ବୁଲି ଆସିବ । ସେଥିରେ ଲୁଚାଚୋରା ନଥିବ । ଗୀର୍ଜାର ମୁନିଆ ଶିଖ ଅନେଇ ଥିବ ସେମିତି । ଏଇ ବୁଢ଼ା ଚନାବୁର୍ ବାଲା ତାଙ୍କରି ବାଟ ଦେଇ ଚାଲି ଯିବ । ପବ୍ଲିକ୍ ପାଣିକଳର ପାଣି ଉତୁରି ଆସି ଘାସ କାଦୁଅ କରୁଥିବ । ପବନରେ ଗୀତ ଶୁଭୁଥିବ । ଘୋଡ଼ାଗାଡ଼ିର ଠକ୍ ଠକ୍ ହଜି ହଜି ଯାଇ ପୁଣି ଖିଅ ଧରୁଥିବ । ଅଂଧାର ଘନେଇ ଆସୁଥିବ । 'ସେ' କଣ ଧୀରେ ଧୀରେ କହୁଥିବେ । ହୁଏତ ଏକା ଭଳି ଦରଦଭରା କଥା । ପୁରୁଣା ସୁର, ନୂଆ ଗୀତ । ନୀରୁ ତାଙ୍କ କୋଳରେ ଆଉଜି ଯିବ । ଆଜିର ସୁଖ ଓ କାଲିର ସ୍ମୃତିରେ ସେଇ ମୂହୁର୍ତ୍ତଗୁଡ଼ିକ ଆହୁରି ସୁନ୍ଦର ହୋଇ ଉଠିବ ।

କଳ୍ପନାର ଶିଖରିରୁ ଓହ୍ଲେଇ ଆସି ନୀରୁ ଅନେଇଲା ବିନଭାଇଙ୍କୁ । ସେ ସେମିତି ଅନେଇ ରହିଛନ୍ତି ଶୂନ୍ୟକୁ ।

କିଏ ଲୋ ସେ ସ୍ୱାମୀ ? ଯାହାକୁ ମୁଁ ଦେଖି ନାହିଁ, ଜାଣିନାହିଁ ଆଜି ଯାଏଁ ! ଆଜି ତାଙ୍କ କଥା ଭାବୁଛି କାହିଁକି ? ଆଜି ମୋ ବିନଭାଇ ଅଛନ୍ତି । ହୁଏତ ଏଇ ଶେଷଥର ପାଇଁ । କଅଣ ଏତେ ଭାବୁଛନ୍ତି ସେ ? ତାଙ୍କୁ ଭାବିବାକୁ ଦେବି ନାହିଁ ।

ଆବେଗର ତୀବ୍ରତା ନେଇ ନୀରୁ ଘୁଞ୍ଚିଗଲା ବିନଭାଇଙ୍କ ପାଖକୁ ଓ ତାଙ୍କ କୋଳରେ ଲୋଟି ପଡ଼ିଲା । ଅଧାଶୁଣା ସ୍ୱରରେ ଅଳି କଲା ପରି ରହି ରହି ପଚାରିଲା— ''ବିନଭାଇ, କଣ ଭାବୁଛ ଏତେ ? ମୋ ଆଡ଼କୁ ଚାହିଁବ ନାହିଁ ?''

ବିନୋଦ ସ୍ୱପ୍ନରୁ ଉଠିଲା ପରି ଅନେଇଲା ନୀରୁ ଆଡ଼କୁ । କହିଲା, ''କ'ଣ ଭାବୁଥିଲି କହିବି ? ଭାବୁଥିଲି ଆସନ୍ତା ଦିନର କଥା ।'' ତା'ପରେ କଥାରେ ଉଛାପ ଓ ଦୃଢ଼ତା ଆଣି କହିଲା, ''ନୀରୁ, ଆଜି ହୁଏତ ଆମ ଏକାଠି ହେବାର ଶେଷ ଦିନ । ଗୋଟିଏ ଜିନିଷ ମାଗିବି ଦେଇ ପାରିବୁ ?''

Digitized by srujanika@gmail.com

ନୀରୁ ହସିଲା । କିଛି କହିଲା ନାହିଁ । ଦବିଲା ହର୍ଷ, ଆଶଂକାକୁ ଘୋଡ଼େଇବା ପାଇଁ ।

ବିନୋଦ ତା'ମନର ଭାବ ଜାଣିପାରି ହସି ଉଠିଲା । କହିଲା, ''ଡରି ଯାଉଛୁ କି ? ମୁଁ ଏମିତି କିଛି ମାଗିବି ନାହିଁ ମ, ଯେଉଁଥିରେ ତୋ ସୁନାର ସଂସାରରେ ଆଂଚ ଲାଗିବ ! ତଥାପି, ତୋର ଅଭୟ ନ ପାଇଲେ ମାଗିବି ନାହିଁ । କ'ଣ କହୁଛୁ ?''

ନୀରୁ ହସିଲା ସେମିତି । କିନ୍ତୁ ତା'ର ଚାହାଣୀ ତରଳ ହୋଇ ଆସିଥିଲା, ଓଠ କୋହଳ ହୋଇ ଆସିଥିଲା । ବିନଭାଇ ରୋମାଣ୍ଟିକ୍ ଲୋକ । ତାଙ୍କ ମାଗିବାରେ ବିପଦ ନାହିଁ । ସେ ଆଘାତ ଦେଇ ପାରିବେ ନାହିଁ । ସେ କିଛି ନ କହି ବିନଭାଇଙ୍କ ଗଳାରେ ତା'ର ଦୁଇ ବାହୁ ଛନ୍ଦି ଆଣି ଅନେଇଲା ତାଙ୍କ ଆଖିକୁ । ସତେ ଯେପରି ତାଙ୍କୁ ମନ୍ତ୍ରମୁଗ୍ଧ କରି ଦେବ ତା' ଚାହାଣୀରେ । ବିନଭାଇ କିଛି ମାଗି ପାରିବେ ନାହିଁ, ମାନି ନେବେ ।

କିନ୍ତୁ ତାଙ୍କ ଚାହାଣୀରେ ସେଇ ଅସ୍ଥିର ଉଦ୍‌ବେଗ । ନୀରୁକୁ ମଜ୍ଜା ଲାଗିଲା । ବିନଭାଇଙ୍କର ସେଇ ନରମ କରୁଣ ଆଖି ହଠାତ୍ ଅବୁଝା ହୋଇ ଉଠିଛି, ଜିଦି କରି ବସିଛି ପିଲାଙ୍କ ପରି । ତା'କୁ ଡର ବି ଲାଗିଲା ଟିକିଏ । ଶେଷକୁ ଆଶଙ୍କା ଆଶ୍ୱାସନା ଭିତରେ ବ୍ୟସ୍ତ ହୋଇ ଯାଇ ରାଗିଲା ପରି ହୋଇ ସେ କହିଲା, ''କୁହ, କ'ଣ କହୁଛ । ମାନି ଗଲି ।''

''ଯାହା ମାଗିବି ଦେବୁ ''

''ହୁଁ ।''

''ମୁଁ—କହିବି ?'' ତା'ପରେ ଟିକିଏ ରହିଯାଇ, ''ନୀରୁ, ତୁ ଚାଲିଯିବୁ । ତୋ ଜୀବନରେ କିଛି ଅଭାବ ରହିବ ନାହିଁ । ତୁ ଯେଉଁଠିକୁ ଯିବୁ ଖୁସି ହେବୁ, ଅନ୍ୟକୁ ଖୁସି କରି ପାରିବୁ । କିନ୍ତୁ ମୋ ପାଇଁ କ'ଣ ବାକୀ ରହିଲା ଏଥିରୁ ? ନୂଆ ବସନ୍ତ ଆସିଥିଲା, ନୂଆ ଅନୁଭୂତି ଆସିଥିଲା । ତା'ପରେ ଯୋଉ କଥାକୁ ସେଇ କଥା । ଫେରିଯିବି ମୋର ପୁରୁଣା ଖୋଳକୁ । ସେଇଲାଗି ମୁଁ ଚାହେଁ, ମାଗୁଛି ତୋର ଲମ୍ବା ସୁଖମୟ ଜୀବନର ମୂହୁର୍ତ୍ତଟିଏ, ଥରୁଟିଏ ଖାଲି । ଯାହା ଥାଜିଯାଏ ମାଗି ପାରି ନାହିଁ, କାହିଁକି ଜାଣେ ନାହିଁ । ହୁଏତ ତୋର କୁମାରୀତ୍ୱକୁ ବାଧା ହେବ, ହୁଏତ ଆଉ କ'ଣ, ମୁଁ କହି ପାରିବି ନାହିଁ । କିଂତୁ ଜୀବନ ଲମ୍ବା । ସେଇ ସଂପୂର୍ଣ୍ଣ ଆନନ୍ଦର ମୂହୁର୍ତ୍ତଟିକୁ ମୁଁ ନିଜେ ବାଛି ନେବି ଦିନେ । ଦେଇ ପାରିବୁ ?''

ବିନଭାଇ କହି ଚାଲିଛନ୍ତି । କ'ଣ କହୁଛନ୍ତି ? ସହଜ କଥା, ମଳିଧୂଳି ନାହିଁ । ତଥାପି ନୀରୁ ଭାବିଲା ବୁଝି ହେଉ ନାହିଁ ସେ କଥା, ସେ ବୁଝିବାକୁ ଚାହେଁ ନାହିଁ ।

ଅସଙ୍ଗତ କଥା । ଅସୁନ୍ଦର କଥା । ନା, ଖାଲି ତା' ନୁହେଁ । ଏଇ ଛୋଟିଆ କଥାଟିରେ ଝଡ, ନିଆଁ, ଛପି କରି ଅଛି । ସବୁ କିଛି ଚହଲେଇ ଦେବ, ଭାଙ୍ଗି ଟିକିଟିକି କରିଦେବ । ଏ ଖାଲି ଗୋଟିଏ ମୂହୁର୍ତ୍ତ ନୁହେଁ । ପୂରା ଜୀବନର ଦାବୀ । ବିନଭାଇ

Digitized by srujanika@gmail.com

ସ୍ୱାର୍ଥପର । ନୀରୁର ଇଚ୍ଛା ହେଲା ସେ କାନ୍ଦି ପକେଇବ, ପକେଇଯିବ ସେଠୁଁ ।

ହେଲେ ନୀରୁ ପକେଇଗଲା ନାହିଁ । କାନ୍ଦି ପାରିଲା ନାହିଁ । ବିନଭାଇଙ୍କ ଆଡକୁ ଅନେଇଲା । ତାଙ୍କ କଥା ଥମି ଯାଇଛି । କିନ୍ତୁ ତାଙ୍କ ଆଖିରେ ନିବିଡ କରୁଣତା । କାନ୍ଦି ପକେଇବେ ପରା ! ସେ ଚାହାଣୀ କହୁଛି, — ନୀରୁ, ତୁ ଏତେ ସ୍ୱାର୍ଥପର ? ଏତିକି ଦେଇ ପାରିବୁ ନାହିଁ ? ମୋ ସଂସାରର ସୁହାଗଟିକ ନେଇ ଯାଇଛୁ । ଆଉ ତୁ ତୋ'ର ସୁଲକ୍ଷଣୀ, ସୁମଂଗଳୀ, ସ୍ୱାମୀସୁହାଗିନୀ ଜୀବନର ଗୋଟିଏ ମୂହୁର୍ତ୍ତ ଦେଇ ପାରିବୁ ନାହିଁ ?

ନୀରୁ କିଛି ନ କହି ବିନଭାଇଙ୍କ ଛାତିରେ ମୁହଁ ଗୁଞ୍ଜି ଦେଲା । ଗୋଟିଏ ମୂହୁର୍ତ୍ତ । ଖାଲି ଗୋଟିଏ ମୂହୁର୍ତ୍ତ । ନିଅନ୍ତୁ ବିନଭାଇ ତା'କୁ । ନିଅନ୍ତୁ — । ସେତିକିରେ ଆସୁ ଦେଇ ଦେବାର ଆନନ୍ଦ, ଗୌରବ । ଆଉ ତ କିଛି ଚାହିଁବେ ନାହିଁ ସେ । ଅଜାଣତରେ ତା' ଆଖିରେ ଲୁହ ଆସିଗଲା ।

''ନୀରୁ, କାନ୍ଦୁଛୁ ? ଆଚ୍ଛା ହେଉ, ମୋର ଭୁଲ୍ ହୋଇଗଲା ।''

''ନାଇଁ, ନାଇଁ, ବିନଭାଇ ! ମୋତେ ଭୁଲ୍ ବୁଝ ନାହିଁ । ମୁଁ ତୁମକୁ କେବେ କିଛି ମନା କରି ନାହିଁ, ମନା କରି ପାରିବି ନାହିଁ । ମନା କଲେ ଶାନ୍ତି ପାଇବି ନାହିଁ।'' ନୀରୁ ଅସ୍ଥିର ହୋଇ କହି ଉଠିଲା । ବିନୋଦ ତା' ଓଠରେ ହାତ ଦେଇ ଆଉ କିଛି କହିବାକୁ ଦେଲା ନାହିଁ । ଲୁହ ପୋଛି, ତା' ମୁହଁରେ ହାତ ବୁଲେଇ ଆଣିଲା ।

... ଘରକୁ ଫେରିବା ବାଟରେ ଦୁହେଁ କିଛି କଥାବାର୍ତ୍ତା ହୋଇ ନାହିଁନ୍ତି, ପ୍ରାୟ ।

ନୀରୁ ଭାବିବାକୁ ଚାହୁଁ ନାହିଁ । ଭାବନାକୁ ଆଡେଇ ଦେଇ ମନକୁ ଫାଙ୍କା ରଖିବାକୁ ଚାହୁଁଛି । ବିନଭାଇଙ୍କ କଥା ଭାବୁ ନାହିଁ । ନିଜ କଥା ଭାବୁ ନାହିଁ । ପାଖ ଦେଇ ଲୋକବାକ, ଘୋଡାଗାଡି, ଚାଲି ଯାଉଛନ୍ତି । ଅନ୍ଧାର ଭିତରେ ଆଲୁଅ ଚମକୁଛି, ପାଣି ଚବଚବ ହେଉଛି, କଥାର ଖଣ୍ଡେ ଖଣ୍ଡେ ଶୁଭି ଯାଉଛି । ଜୀବନ ଚଞ୍ଚଳ ହେଉଛି ଅନ୍ଧାର ଭିତରେ । କିନ୍ତୁ ବିନଭାଇ ରିକ୍‌ସାରେ ବସିଛନ୍ତି ଥୁଣ୍ଟା ହୋଇ । ସ୍ପନ୍ଦନ ନାହିଁ । ମଣିଷ ନୁହଁନ୍ତି, ମହାଶୂନ୍ୟ । ସତେ ଯେପରି ସେ ତିଆଡି ହୋଇଛନ୍ତି ବାନ୍ଧି ରଖିବା ପାଇଁ, ବାଟ ଓଗାଳିବା ପାଇଁ, ଜୀବନ ଉପରେ ବଡ ଅନ୍ଧାରିଆ ଛାଇ ପକେଇବା ପାଇଁ ।

ଗାଡି ଚାଲି ଯାଉଛି, ଅବାଟକୁ ଚାଲିଯିବ, — ଯାଉ । ତା'କୁ ରୋକି ହେଉ ନାହିଁ । ଡର ଲାଗୁଛି, କିନ୍ତୁ ତା'ସାଙ୍ଗରେ 'ଦେଖାଯାଉ' ଭାବ । ଆଡଭେଞ୍ଚର୍ । ନୂଆ କିଛି, ସମସ୍ତଙ୍କ ଜୀବନରୁ ଭିନ୍ନ । ନୀରୁ ଭାବିଲା ନିଜକୁ ବାହାବା ଦେବ ଯେ ସେ ଏ ଘଟଣାଟିକୁ ସହଜ ଭାବରେ ନେଇ ପାରିଛି ।

ବିନଭାଇ ବସି ରହିଛନ୍ତି ସେମିତି । ନିର୍ବିକାର । କେମିତି କାହିଁକି ଏ ଲୋକଟି ତା' ଜୀବନରେ ଆସିଲା ?

Digitized by srujanika@gmail.com

(୨)

ମନଟା ଭାରୀ ଚଗଲା । ଜାମା ଖଣ୍ଡେ ପିନ୍ଧେଇବି ବୋଲି ସେତେବେଳୁ ଲାଗିଛି ତା' ସାଙ୍ଗରେ, କିନ୍ତୁ ସେ ଶୁଣୁ ନାହିଁ । ନୀରୁ ଛୋଟ ଜାମା ଖଣ୍ଡିକ ଧରି ରହିଗଲା ଟିକିଏ । କିନ୍ତୁ ସବୁଦିନେ ହୁଏତ ଜାମା ପିନ୍ଧେଇବାକୁ ପାଞ୍ଚମିନିଟ୍ ଲାଗେ । ଆଜି ପନ୍ଦର ମିନଟ୍ ଲାଗିଲାଣି କାହିଁକି ?

ଘର ଭିତରକୁ ଖରା ପଶି ଆସୁଛି । ପବନ ରହି ରହି ଘୁରି ଯାଉଛି କାଗଜ ପତର, ଶାଢ଼ୀଲୁଗା ଭିତରେ । ବଗିଚାର ମଂଦାରଫୁଲ ଖରାରେ ଚହଟି ଜଳଜଳ ହୋଇ ଅନେଇଛି, ଅଲାଜୁକ ପରି । ପାଖଘର ଫୁଲଲତାରେ ଘୋଡେଇ ହୋଇ ଯାଇଛି । ଗୃହିଣୀ ବାରଣ୍ଡାରେ ଛିଡା ହୋଇ ଅନେଇ ରହିଛନ୍ତି, ଛବିଟିଏ ପରି । ଚିନ୍ତା ନାହିଁ, ଦକ ନାହିଁ ।

ଏଠି ଏବେ କୋଉ ଚିନ୍ତାଦକ ମାଡି ବସିଛି ? ନୀରୁ ନିଜକୁ ଆଖି ଦେଖେଇଲା । ଏଠିକା ଖରାରେ କ'ଣ ବେଶି ତାତି ? ପବନ ବେଶି ଅଶାନ୍ତିଆ ।

ଚିକ୍‌କଣ ଶୀତଳ ଚଟାଣ । ପୁଅର ଢ଼ଳଢ଼ଳ ସରଳ ଚାହାଣୀ । ବାପ ପରି । କାନ୍ଥରେ ବାହାଘର ପରର ଫଟୋ । ନୀରୁ ଓ ସେ । ଘରଣୀହାତଛୁଆଁ ଏଇ ବହିଥାକ, ଖେଳଣା ଆଲମାରୀ, ଲୁଗା ଅଲଗୁଣି, ଫୁଲଦାନୀର ସଜଫୁଲ, ତକିଆ ଖୋଳର ଛୁଞ୍ଚିକାମ । ମଉଳା ମଲ୍ଲୀଫୁଲ ପୂଜାଏ ତକିଆକୁ ଲାଗି କରି । ଆଉ ତା' ସାଂଗକୁ ତା' ମଣିଷଟିର ହାତଛୁଆଁ ଏଇ ତକିଆ ଖୋଳର ତେଲଚିକିଟା, ପାଇପ୍‌ର ଦରଜଳା ତମାଖୁ ବାସ୍ନା, ଓ ବିଛଣାରେ ବିସ୍ତୃତ ଖବର କାଗଜର ଖଣ୍ଡ ଖଣ୍ଡ । ସବୁ ତ ଠିକ୍ ଅଛି । ଖରା-ଛାଇ, ସଜଡା ଅସଜଡା, ବାସ୍ନାତେଲ ଓ ତମାଖୁ ବାସ୍ନା ମିଶାମିଶି ଏଇ ଆମ ଘର । ସେ ଓ ମୁଁ । ଶାନ୍ତିର ସଂସାର ।

ହେଲେ ସେ ଚିଠି ଖଣ୍ଡକ ପଡ଼ିଛି ସେମିତି ଟେବୁଲ୍ ଉପରେ । ପବନ ସବୁଥିରେ ଲାଗୁଛି, କିନ୍ତୁ ତା'କୁ ଉଡ଼େଇ ଦେଉ ନାହିଁ, ଉଡ଼େଇ ଦେଇ ପାରୁ ନାହିଁ ।

ସେ ଚିଠିରେ ଅଛି, ବିନଭାଇ ଆସିବେ ଆଜି । ବାହାଘରର ପ୍ରାୟ ଦି'ବର୍ଷ ପରେ ।

ସେ ବାହାଘରକୁ ଆସିନାହାଁନ୍ତି । ଖାଲି ମାମୁଲି ଆଶୀର୍ବାଦର ଚିଠି ଖଣ୍ଡିଏ ପଠାଇ ଦେଇଥିଲେ, ଶାଶୁ ଘରକୁ । ସେ ଆମ ଦୁଇଜଣଙ୍କୁ ଦେଖି ନାହାନ୍ତି ବାହା ବେଦୀ ଉପରେ । ଆମକୁ ଏକାଠି ଘର କରିବାର ଦେଖି ନାହାଁନ୍ତି । ଆମ ଛୋଟ ଘରକରଣାର ବଡ଼ପଣ ତାଙ୍କ ଆଖିରେ ପଡ଼ି ନାହିଁ । କେମିତି ଗୋଟିଏ ହସର ଛାଇ ପଡ଼େ ଅନ୍ୟ ଜଣକ ଓଠରେ । ଜଣକ ଆଖିର ଚାହାଣୀରେ ଆଉ ଗୋଟିଏ ଚାହାଣୀ ଚଞ୍ଚଳ ହୋଇ ଉଠେ । କେମିତି —— । ଧ୍ୟାତ୍, ବିନଭାଇ ନିହାତି ଖରାପ ଲୋକ । ଆସିବାର ଥିଲା ଯଦି ମୂଳରୁ ଆସି ଦେଖି ପାରିଲେ ନାହିଁ ?

Digitized by srujanika@gmail.com

ନୀରୁ ମନୁକୁ ପାଖକୁ ଟାଣି ଆଣିଲା । ମୋ ପୁଅ । ଥରକୁ ଥର ତା'କୁ ଛାତିରେ ଲଗେଇ ନୀରୁ ସେଇକଥା କହି ଚାଲି ଥାଏ । କେହି ଯେମିତି ଭୁଲ୍ ନ କରୁ—ଇଏ ମୋର, ସବୁଠାରୁ ଗେହ୍ଲା, ସବୁଠାରୁ 'ମୋର'। ଏ ଦୁର୍ଗ ଭିତରେ ପଶିବ କିଏ ?

ମନୁ, ମୋର ଅଭୟ କବଚ । ନୀରୁକୁ ହାଲୁକା ଲାଗିଲା । ସେ ପୋଷ୍ଟକାର୍ଡ଼ ଖଣ୍ଡିକ ସେମିତି ପଡ଼ି ରହିଛି । ଥାଉ ସେଠି । ବିନଭାଇ ଆସିବେ । ଖୁସିର କଥା । ବିନଭାଇ ଭାରୀ ଭଲ, ନିଜର ଲୋକ । ସ୍ୱାମୀ-ସ୍ତ୍ରୀଙ୍କୁ ଦେଖି ଖୁସି ହେବେ, ମାଆପୁଅଙ୍କୁ ଦେଖି ଖୁସି ହେବେ । ଏଥିରେ ଭାବିବାର କିଛି ନାହିଁ ।

ଏଇ ସୂକ୍ଷ୍ମସୁନ୍ଦର ଛବି । କାହାର ସତ ବଳିବ ସେଥିରେ ହାତ ଲଗେଇ ମଇଳା କରି ଦେବାକୁ, ନଷ୍ଟ କରି ଦେବାକୁ ?

ପୁଅକୁ ଛାଡ଼ି ଦେଇ ନୀରୁ ଗଲା ଆଇନା ଟେବୁଲ୍ ପାଖକୁ । ଟେବୁଲ୍ ଉପରେ ଚିଠି ଥୁଆ ହୋଇଛି । ନୀରୁ ଚିଠିରୁ ଦର୍ପଣକୁ ଅନେଇଲା ।

ହସିଲା ମୁହଁ । କଥାକୁହା ଆଖି । କପାଳ ଉପରକୁ ଛୋଟ ହୋଇ କେରିଏ ବାଳ, ଗୋଲେଇ ହୋଇ । ଚୂର୍ଣ୍ଣକୁନ୍ତଳ,— ନା, ବିନଭାଇ କହୁଥିଲେ ଯା'କୁ କୁହନ୍ତି ଚୁମ୍ବନ-କୁନ୍ତଳ । 'କିସ୍-କର୍ଲ୍' । ଏଇଡକ ପାଇବା ପାଇଁ ଆଧୁନିକା ମାନେ, ଫିଲ୍ମଷ୍ଟାର୍ ମାନେ କେତେ କଷ୍ଟ କରନ୍ତି, କେତେ ସାଧନା କରନ୍ତି । ମୁହଁ ଯତ୍‌ସାମାନ୍ୟ ଗୋରା ହୋଇଥିଲେ ବୋଧହୁଏ— ବାହାଘର ପରେ ବୋଧହୁଏ ରଂଗ ଫିଟି ଯାଇଛି ଟିକିଏ । ହେଲେ ବିନଭାଇ କହୁଥିଲେ ଏମିତି ଭଲ ହୋଇଛି । ଗୋରା ହୋଇଥିଲେ ମୁହଁର ଜ୍ୟୋତି ତା' ସୁନ୍ଦରପଣକୁ ଘୋଡ଼େଇ ଦେଇ ଥାଆନ୍ତା । ଉତ୍ତାପ ଆଣନ୍ତା, ଶାନ୍ତି ଆଣ୍‌ନ୍ତା ନାହିଁ ।

ବିନଭାଇ କହୁଥିଲେ, ବିନଭାଇ କହୁଥିଲେ ! ସତେ ଯେମିତି ସେ ବିନଭାଇଙ୍କ ସାର୍ଟିଫିକେଟ୍‌କୁ ଅନେଇ ବସିଛି !

ସେ ଯାହାହେଉ, ବିନଭାଇଙ୍କ ଆଖିରେ ତ ସେଇ ଦି'ବର୍ଷ ତଳର ନୀରୁ । ସେ ଘରଣୀ ନୀରୁକୁ ଦେଖି ନାହାଁନ୍ତି, ମାଆ ନୀରୁକୁ ଦେଖି ନାହାଁନ୍ତି । ହୁଏତ ଦେଖି ପାରିବେ ନାହିଁ । ତାଙ୍କ ଆଖିରେ ସେ ସେଇ ନୀରୁ । ସବୁ ଦେଇଛି ତାଙ୍କୁ, ଯାହା ସେ ଚାହିଁଛନ୍ତି । ସେଇ ଚାହାଣୀ, ସେଇ ହସ, ସେଇ କଥା ।

ଦୁଇବର୍ଷ ତଳର କଥାଦିଆ । ଗୋଟିଏ ମୁହୂର୍ତ୍ତର ଦାବୀ । ନୀରୁ ମାନି ନେଇଛି, କଥା ଦେଇଛି ।

ନା-ନା- ସେ ମିଛ କଥାଦିଆ । ମିଛ ଭଲ ପାଇବା । ପିଲାଳିଆ, ବିକୃତ । ସେତେବେଳେ ସେ ଭାବୁଥିଲା ସେ ଗୋଟାଏ ବଡ଼ କାମ କରୁଛି । ପିଲାଦିନେ ତା'ର ସାଙ୍ଗ ସଲିଳା ସାଙ୍ଗରେ ହାତରୁ ରକ୍ତ କାଢ଼ି 'ମରିବାଯାଏଁ ବନ୍ଧୁ' ହେଲା ପରି । କାହିଁ ସେ ସଲିଳା ଆଜି ? ବାହାସାହା ହୋଇ କେଉଁଠି ଘର କରିଥିବ, ତା'ର ସ୍ୱାମୀକୁ କହୁଥିବ ପିଲାଦିନର ଗୋଟାଏ ମଜାଗପ । ଆଉ ବିନଭାଇଙ୍କ କଥା । ସ୍ତ୍ରୀପିଲାଙ୍କୁ ଛାଡ଼ି ଆଉ ଜଣକୁ

Digitized by srujanika@gmail.com

ଭଲପାଇବାକୁ ବିକୃତି ଛଡ଼ା ଆଉ କ'ଣ କୁହା ଯାଇ ପାରେ ? ସେଇ ଭଲ ଗାଇବାର ଦ୍ୱାହି ଦେଇ ଦିନେ କେଉଁ ଅନ୍ଧାରିଆ କୋଣରେ କ'ଣ ଗୋଟାଏ କଥା ଦିଆନିଆ ହୋଇଥିଲା । ଆଜି ତା'ର ମୂଲ୍ୟ କଅଣ ?

କିନ୍ତୁ ହୁଏତ ବିନଭାଇ ବୁଝିବେ ନାହିଁ । ଅଖାଡୁଆ ଲୋକ । ରୋମାଣ୍ଟିକ୍ । ତାଙ୍କ ପାଇଁ କିଛି ବିଶେଷ ଉପାୟ ଦରକାର ।

ନୀରୁ ଭାବିଲା । ଦୁଇ ମିନିଟ୍ ଭାବିଲା ପରେ ତା' ମୁହଁରେ ଆସିଲା 'ପାଇଛି'ର ଭାବ । ନୀରୁ ହସିଲା ।

ମନୁ ଖେଳୁଛି କାଠ ଘୋଡାଟାକୁ ଧରି । ନୀରୁର ଇଚ୍ଛା ହେଲା ତା'କୁ ଟାଣି ଆଣି ଗେଲ୍ଲା କରି ଦିଅନ୍ତା ।

ସେଇ ଦିନ ରାତି ।

ସେମାନେ ଖାଇ ବସିଛନ୍ତି । ବିନଭାଇ ଓ ସେ । ନୀରୁ ସାମନାରେ ବସିଛି ଖାଇବା ଖବର ବୁଝିବା ପାଇଁ । କହିଲା ମୁଁ ପରେ ଖାଇବି, ମନୁକୁ ଖୋଇଲା ପରେ । ଗାଲରେ ହାତ ଭରା ଦେଇ ଶୁଣୁଛି ସେମାନଙ୍କ ଗପ । ଖ୍ରୁଟ୍‌ନିକ୍ କଥା, ରାଜନୀତି କଥା, ତୃତୀୟ ପଞ୍ଚବର୍ଷୀୟ ଯୋଜନା, ଆଉ କେତେ କ'ଣ । ନୀରୁ ମଝିରେ ମଝିରେ ହସି ଦେଉଛି ଖାଲି ।

ନୀରୁ ଢଙ୍ଗ କରି ବସିଛି ? ଢଙ୍ଗ କରି ହସୁଛି ? ଷ୍ଟାଇଲ୍ ! ହୋଇଥିବ । ନୀରୁ ମନେ ମନେ ହସିଲା । ହଁ, ତା'ର କାରଣ ସେ ଭାରୀ ଖୁସି ଅଛି ଏଇକ୍ଷଣି । ସବୁ କେମିତି ମଜାର ଲାଗୁଛି । ଦୃଶ୍ୟ ଦେଖିଲା ପରି । ଦେଖଣାହାରୀ ଜଣେ — ନୀରୁ ।

ପାଖାପାଖି ବସିଛନ୍ତି ଦୁଇଜଣ — ସେ ଓ ବିନଭାଇ । ଅଗଣିତ ଲୋକଙ୍କ ଭିତରୁ ଦୁଇ ଜଣ । ଅଲଗା ରୂପ । ଅଲଗା ଭାବ । କିନ୍ତୁ ନୀରୁ ଦୁଇଜଣଙ୍କୁ ଜାଣିଛି, ଭଲ ଭାବରେ ଜାଣିଛି । ହୁଏତ ଆଉ କେହି ସେମିତି ଜାଣି ନ ଥିବେ ।

ବିନଭାଇ ଅଛନ୍ତି ସେମିତି । ନରମ ଚାହାଣୀ । ଧୀର କଥା — କେଉଁ ଭିତରୁ ଉଠି ଆସୁଛି ପରା । ତରତର ହେଲେ କଥା ଅସ୍ପଷ୍ଟ ହୋଇ ଯାଉଛି, ପାଟି ଖନି ଲାଗିଲା ପରି ମନେ ହେଉଛି । ହସ ନିବେଦନ କଲା ପରି, କ୍ଷୀଣ ଓ ମୃଦୁ । ସତେ ଯେପରି ନିଜ ପାଇଁ ହସୁ ନାହାନ୍ତି, ଅନ୍ୟକୁ ଭେଟି ଦେଉଛନ୍ତି । ଗାଲରେ ସେ କଟା ଦାଗଟା ସେମିତି ଅଛି । ହାତରେ ସେଇ ଡେଉଁରିଆ ବନ୍ଧା ହୋଇଛି । ଓଲଟା ଓ ଅସାଧାରଣ ମଣିଷଟିଏ, ବିନଭାଇ । ନରମ ଚେହେରା, ହେଲେ ବଜ୍ରମୁଷ୍ଟି ପରି ହାତ । ଧୀର କଥା, କିନ୍ତୁ ସେଇ ପୁଣି ଟାଣୁଆ ହୋଇଯାଏ ପଥରରେ ଦାଗ ପକେଇଲା ଭଳି ।

ବିନଭାଇ ସେମିତି କାହିଁକି ଅନେଇଲେ ତା' ଆଡକୁ ? କ'ଣ ଜାଣି ପାରିଲେ ସେ କ'ଣ ଭାବୁଛି ? ନା-ନା — ବିନଭାଇ ଭାବୁକ ହୋଇପାରନ୍ତି, କିନ୍ତୁ ଅନ୍ୟର ଭାବନା ଜାଣି ନେଲା ପରି କ୍ଷମତା ପାଇ ନାହାନ୍ତି । ତା'ହେଲେ ତ — ।

କିନ୍ତୁ ସେ କିଛି ନ କହି ଏମିତି ବସି ରହିଁଛି । ଗପୁଡି ନୀରୁ ଚୁପ୍ ହୋଇ ବସିଛି

Digitized by srujanika@gmail.com

କାହିଁକି ? କାଳେ କ'ଣ ଭାବୁଥିବେ ବିନଭାଇ — ।

ଦୁହିଁଙ୍କର ଗପ ମଝିରେ ନୀରୁ ହଠାତ୍ ପଚାରି ବସିଲା, ''ବିନଭାଇ ଖାଉ ନାହଁ କାହିଁକି ? ଆଉ କ'ଣ ଆଣିବି, ଭଜା, ଖଟା ?''

ବିନଭାଇ କେବଳ ହାତଟାକୁ ଆଡେଇ ଆଣିଲେ ମନା କରିବା ପାଇଁ । ତା'ପରେ ପୁଣି ଗପର ଖିଅ ଧରିଲେ — ତୃତୀୟ ପ୍ଲାନ୍‌ରେ ଗୋଟାଏ ନୂଆ କଥା ଅଛି ।

ନୀରୁ ଚୁପ୍ ହୋଇଗଲା । ଧନ୍ୟ ବିନଭାଇ । ଜଣେ ଭାବିବ ଯେ ନୀରୁ ଖାଲି ତାଙ୍କର ବନ୍ଧୁପତ୍ନୀ କିମ୍ବା ଦୂରସମ୍ପର୍କୀୟ କେହିଜଣେ । ତା'କଥାକୁ ତାଙ୍କର ନଜର ନାହିଁ, ସ୍ପୃହା ନାହିଁ । ମାଇପି କଥା । ନିଜକୁ କେତେ ଘୋଡେଇ ପାରନ୍ତି ସେ ଅନ୍ୟ ଆଗରେ !

ବାହାରେ ପବନ ବନ୍ଦ ହୋଇ ଯାଇଛି । କିନ୍ତୁ ଜହ୍ନ ଲହଡା ମାରୁଛି । ଝରକାବାଟେ ଦେଖା ଯାଉଛି ପାଖ ବଣିଆଘରର ଚାଳଛାତ । ସାରି ସାରି ନଡା ଉପରେ ଢେଉଢେଉକା ଜହ୍ନ ଆଲୁଅ । ଜହ୍ନ ମତାଉଛି ସମସ୍ତଙ୍କୁ, କିନ୍ତୁ ପବନ ନାହିଁ । ସବୁ ଗୁମ୍‌ସୁମ୍ । ଝଡ ବାହାରେ ଖେଳି ପାରୁ ନାହିଁ, ଭିତରେ ଭିତରେ ରହି ଯାଉଛି ।

ଘର ଭିତରେ ଦୁଇଜଣ ପୁରୁଷ ଗପ କରୁଛନ୍ତି । ଆଲୁଅ ତୋପା ନୁହେଁ, ନାଲିଚିଆ । ମୋଟା ମୋଟା କଥା, ସଂଗୀତ ନାହିଁ ସେଥିରେ । ପବନ ବନ୍ଦ ହୋଇ ଯାଇଛି । ଜହ୍ନ ଆଲୁଅକୁ ଏଡାଇ ଦେଇ ଦୁଇଜଣ ପୁରୁଷଙ୍କ ଗପ । ପାଖରେ ସେ, ନାରୀ ।

ଦୁଇଜଣ ପୁରୁଷଙ୍କ କଥା । କନ୍ଦନ ହୋଇଯାଏ ଗୋଟିଏ ନାରୀକୁ ନେଇ । ପୃଥିବୀର ପୁରୁଣା ଇତିହାସ । ସବୁ ଛାରଖାର ହୋଇଯାଏ ସେଥିରେ — ଘରକରଣା ସୁଖ, ଶାନ୍ତି, ସୁନାର ସଂସାର ।

ଯେଉଁ ଦୃଶ୍ୟ ତା'କୁ ମଜା ଲାଗୁଥିଲା, ତାହା ବର୍ତ୍ତମାନ ଅସହ୍ୟ ମନେ ହେଲା । କଳ୍ପନାରେ ଆଶଙ୍କାର ଲମ୍ବା ଦଉଡି ବୁଲେଇ ବୁଲେଇ ଆଣି ନିଜ ଗଳାରେ ବାନ୍ଧି ଦେଇ ସେ ସ୍ଥିର ଦୃଷ୍ଟିରେ ରହିଗଲା କିଛି ସମୟ । ତା'ର ଖିଆଲ ନାହିଁ ସେମାନେ ଉଠି ଯାଇ ମୁହଁ ଧୋଉଛନ୍ତି । ସେ କହୁଛନ୍ତି, ''ମୁଁ ଟିକିଏ ଯାଉଛି ବିନୋଦବାବୁ, ଷ୍ଟେସନ୍ ଆଡେ କାମ ଅଛି । ଆପଣ ନୀରୁ ସାଙ୍ଗରେ ଗପ କରୁ ଥାଆନ୍ତୁ । ଆପଣ ତ ଅଛନ୍ତି ଏଇକ୍ଷଣି — ।'' ବିନଭାଇ ମୁଣ୍ଡ ଟୁଙ୍ଗାରୁଛନ୍ତି ।

ନୀରୁର ଚେତା ପଶିଲା । ସେ ଚାଲି ଯାଉଛନ୍ତି । ଘରେ ରହିବେ ବିନଭାଇ ଓ ସେ ।

ଭାବିବାକୁ ବେଳ ନାହିଁ । ମୁହାଁ ମୁହିଁ ହେବାକୁ ପଡିବ ଏଇ ମୁହୂର୍ତ୍ତଗୁଡିକ ସାଙ୍ଗରେ । ଉପାୟ ନାହିଁ ।

ସେ ଚାଲି ଗଲେଣି । ବିନଭାଇଙ୍କୁ କଥା ଆରମ୍ଭ କରିବାକୁ ସୁବିଧା ନ ଦେଇ ନୀରୁ ପଚାରି ବସିଲା କେତେ କଥା — ବାପା କେମିତି ଅଛନ୍ତି ? ପିଲାମାନେ କେମିତି ଅଛନ୍ତି ? ନିମି ଅପାଙ୍କ ଖବର କଅଣ ? ପୁଣି କେବେ ଏଠିକି ଆସିବେ ? ଆଉ କେଉଁଠିକି ବଦଳି ହେବାର ନାହିଁ ତ — ଇତ୍ୟାଦି, ଇତ୍ୟାଦି ।

Digitized by srujanika@gmail.com

ବିନଭାଇ ପ୍ରଶ୍ନର ଉତ୍ତର ଦେଉଛନ୍ତି । କିନ୍ତୁ ଅନ୍ତକିଆ କଥା, ଖାଲି ପ୍ରଶ୍ନର ମୂନକୁ ଛୁଇଁଲା ପରି ।

ବିନଭାଇ କଅଣ ଟିକିଏ ହସୁଛନ୍ତି ନା ତାଙ୍କ ଓଠ ହସିଲା ଭଳିଆ ଦେଖାଯାଉଛି ? ନା-ନା — ଭୁଲ୍ ଧାରଣା । ହସିବେ କାହିଁକି ? ହସିବାର କ'ଣ ଅଛି ?

ହେଲେ ତା'ର ପ୍ରଶ୍ନର ପେଡି ଖାଲି ହୋଇଗଲାଣି । ଆଉ କ'ଣ କହିବ ? ଏଥର ବିନଭାଇଙ୍କ ପାଳି, ସେ କ'ଣ ପଚାରିବେ । ନୀରୁ ଅଣନିଃଶ୍ୱାସ ହୋଇ ଅନେଇ ରହିଲା ତାଙ୍କର ପ୍ରଥମ ପ୍ରଶ୍ନକୁ ।

''ପୁଅ କାହିଁ ? — ଦେଖୁନାହିଁ ତାକୁ'', ବିନଭାଇ ପଚାରିଲେ ।

''ପୁଅ ? ପୁଅକୁ ଦେଖିନାହଁ ? ପୁଅ ଶୋଇଛି ପରା —'', ନୀରୁ ଧଡପଡ ହୋଇ ଚାଲିଗଲା ଶୋଇବାଘର ଭିତରକୁ ।

ବିନଭାଇ ବୋଧେ ଆସିବେ ପଛେ ପଛେ । ନୀରୁ ଶୋଇଥିବା ମନୁ ଦେହରେ ହାତ ଦେଇ ଅନେଇଲା ପଛକୁ । ଆଶ୍ୱସ୍ତ ହେଲା, ସେ ଆସୁ ନାହାନ୍ତି ।

ମିନିଟିଏ ପରେ ସେ ଫେରିଗଲା ଦାଣ୍ଡ ଘରକୁ । ଦୁଆର ବନ୍ଧରେ ଛିଡା ହୋଇ ତ୍ରସ୍ତ ଚାହାଣୀରେ ଅନେଇଲା ବିନଭାଇଙ୍କୁ । ତା'ପରେ କଥାଟା ବାହାରି ଆସିଲା ତା' ମୂହଁରୁ, ''ମନୁକୁ ଜର ହୋଇଛି ।''

ବିନଭାଇ ମୁଣ୍ଡ ଟେକିଲେ । କହିଲେ, ''ସତେ ? କେତେ ଜର ଅଛି ? କ'ଣ ଥଣ୍ଡା ଲାଗି ଯାଇଛି ନା କ'ଣ ?''

ଉଚିତ ମାତ୍ରାରେ ସହାନୁଭୂତି ଓ ଆଶ୍ଚର୍ଯ୍ୟ । କହିଲେ, ''ଆଚ୍ଛା, ତା'ହେଲେ ତୁ ଯାଆ ପୁଅ ପାଖକୁ । ମୁଁ ଏଠି ବସି ରହିଛି ସତ୍ୟାନନ୍ଦ ଆସିବା ଯାଏଁ ।''

ନୀରୁ ଫେରି ଆସି ତା' ଖଟରେ ଲୋଟି ପଡି ହସିବାକୁ ଚାହିଁଲା । ବିନଭାଇ ବୋକା । ନୀରୁ ଜିଣି ଯାଇଛି । ଆଟ୍‌ମସ୍‌ଫିଅର୍ ବଦଳେଇ ଦେଇଛି । ବିନଭାଇ ବୁଝି ପାରି ନାହାନ୍ତି ।

ନା, ବିନଭାଇ ଭଦ୍ରଲୋକ । ଆଉ କିଏ ହୋଇଥିଲେ ବୋଧହୁଏ ତଥାପି ତା'ର ପାଉଣା ଆଦାୟ କରି ନିଅନ୍ତା । ସୁଯୋଗ ଓ ସୁବିଧା ତ ସବୁବେଳେ ଆସେ ନାହିଁ !

କିନ୍ତୁ ବିନଭାଇ ଯଦି ସତରେ ବୁଝି ପାରିଥିବେ, ତା'ହେଲେ ?

ବୃଥା ଆଶଂକାକୁ ଘଉଡେଇ ଦେଇ ନୀରୁ ପୁଅ ପାଖକୁ ଲାଗି ଆସିଲା । ବିଚରା ମନୁ । ସେ ନ ଥିଲେ ସେ କେତେ ଅସୁବିଧାରେ ପଡି ନ ଥାଆନ୍ତା !

ବିନା କାରଣରେ ନୀରୁ ତା'ହାତ ମନୁ ଦେହରେ ବୁଲେଇ ଆଣୁଥିଲା । ପିଲାଟାକୁ ସତକୁ ସତ ଜର ହେବ ନାହିଁ ତ ?

Digitized by srujanika@gmail.com

(୩)

ଦଶବର୍ଷ ପରେ ।

ଅଶାନ୍ତ ନିଦରୁ ଉଠି ନୀରୁ ବଲବଲ ହୋଇ ଅନେଇଲା ଚାରିଆଡେ । କ'ଣ ସପନ ଦେଖୁଥିଲା ସେ ?

ଚାକରାଣୀ ବସିଛି ସେମିତି ତଳେ, ଗୋଡକୁ ଜାକି । ଜଗି ରହିଛି ଯମ ପରି ।

ଝରକାର ଟକ୍‌ଟକ୍ ଶାଗୁଆ ପରଦାଟା ଡେଢ଼ା ହୋଇ ଟଣା ହୋଇଛି ।

କାନ୍ଥର ସେ ପାଖ କଣରେ ଅଳନ୍ଥୁ ରହି ଯାଇଛି । ଝିଟିପିଟିଟାଏ ଅନେଇଛି ଡେଇଁବ ବୋଲି ।

ଓଃ, — କେହି କିଛି ଦେଖିବେ ନାହିଁ ଏଘରେ । ବଡଲୋକ ଘର ବୋଲି ନାଁ ପଡୁଛି । ହେଲେ ଆଖି ଥିଲେ ହେବ ତ ? ରୁଚି ଥିଲେ ହେବ ତ ? ପିଲାମାନେ ବାପା ପରି । ସବୁ ଅଡୁଆ କରିଦେବେ, ଅସନା କରିଦେବେ ।

ନରମ ରଙ୍ଗ, ନରମ ଫୁଲ । ନରମ ହସ, ଧୀର କଥା । ଏ ଘରେ ସେସବୁ ନାହିଁ । ସୂକ୍ଷ୍ମ ବୋଲି କିଛି ନାହିଁ । ସମସ୍ତେ ବଣମଣିଷ ।

ନରମ ହସ । ଧୀର କଥା । କ'ଣ ସପନ ଦେଖୁଥିଲା ସେ ?

ରୋଗଶେଯରେ ଦୁର୍ବଳ ମନକୁ ଚାବୁକ୍ ମାରି ନୀରୁ ମନେ ପକାଇଲା ସପନ କଥା । ନରମ ହସ, ଧୀର କଥା । ମୁଣ୍ଡରେ ହାତ ବୁଲେଇ ଆଣି କହୁଛନ୍ତି, 'ନୀରୁ, ତୁ ଭଲ ହୋଇଯିବୁ ।' ଆପଣାର କେହି ।

କିଏ ? ସେ ? ନା, ସେ ତ ସେମିତି କୁହନ୍ତି ନାହିଁ ? ସିଏ ତାଙ୍କ ହସ ନୁହେଁ । ତାଙ୍କ କଥା ନୁହେଁ ।

କିଏ, ବିନଭାଇ ? ବିନଭାଇ ! ସତରେ ସେ ତାଙ୍କୁ ସ୍ୱପ୍ନ ଦେଖୁଥିଲା ? ନା ସେ ନିଜକୁ ଭଣ୍ଡଉଛି ?

ବିଚିତ୍ର କଥା । ବିନଭାଇ ଆଜି ମନେ ପଡିଲେ କହିଁକି ? କାହିଁ କେତେ ବର୍ଷ ହେଲା ଦେଖିନାହିଁ ତାଙ୍କୁ । ଖୁସିରେ ଥିବେ, ସ୍ତ୍ରୀପିଲା ଘରସଂସାର ନେଇ । ବାଳ ପାଚି ଆସିବଣି । ଚୁପ୍‌ଚାପିଆ ବିନଭାଇ ଆହୁରି ଗମ୍ଭୀର ହୋଇ ଯିବେଣି । ପୁରୁଖା, ପ୍ରୌଢ଼, ଗମ୍ଭୀର ବିନୋଦ ବାବୁ ।

ନୀରୁ ମନେ ମନେ ବିନଭାଇଙ୍କର ସେଇ ରୂପଟିକୁ ଡିଆରି କରି ହସିବାକୁ ଲାଗିଲା । ତା'ର ମନେ ହେଲା ସେ ନୂଆ କରି ହସୁଛି — ତା' ହସ କିଏ ଦେଖନ୍ତା କି ! ହେଲେ ତା'ଶେତା ମୁହଁର ହସ କେହି ଦେଖିବାକୁ ନାହାନ୍ତି । ମନୁ ତନୁ ସ୍କୁଲ ଯାଇଛନ୍ତି । ସେ ଘରେ ଅଛନ୍ତି, ପାଖରେ ନାହାନ୍ତି ।

Digitized by srujanika@gmail.com

ହସ ନୂଆ ଲାଗୁଛି । କାହିଁକି ? ନୀରୁ ରୋଗିଣୀ ବୋଲି ସବୁବେଳେ ବସି କାନ୍ଦୁଥିବ ନା କଅଣ ? ସେ ବି' ହସିବ । ନିଜ ପାଇଁ ହସିବ । ସ୍ୱପ୍ନକଥା ମନେ ପକେଇ, ବିନଭାଇଙ୍କ କଥା ମନେ ପକେଇ ହସିବ । କିଏ ମନା କରିବ ତା'କୁ ?

ସ୍ୱପ୍ନର ବିନଭାଇ ପ୍ରୌଢ଼ ନ ଥିଲେ । ସେ ଥିଲେ ଦଶବର୍ଷ ତଳର ବିନଭାଇ । ଅଳ୍ପ ହସନ୍ତି, କିନ୍ତୁ ସେ ହସଟିକ ଭାରୀ ମିଠା । ଅଳ୍ପକଥା କୁହନ୍ତି, କିନ୍ତୁ ସେ କଥା ଭାରୀ ଧୀର, ନରମ ।

କାହିଁକି ସେ ସ୍ୱପ୍ନ ଦେଖିଲା ତାଙ୍କୁ ? ସେ ବି'କଣ ଭାବୁଥିବେ ନୀରୁ କଥା ?

ନୀରୁକୁ କ୍ଲାନ୍ତ ଲାଗିଲା । ସତେ ଯେପରି ବଡ ଲମ୍ବା ପ୍ରଶ୍ନଟିଏ ପଚାରି ଦେଇଛି । ଉତ୍ତର ଭାବି ଠିକ୍ କରିବାକୁ ସମୟ ଲାଗିବ ।

ହେଉ । ରୋଗ ବିଛଣାରେ ସମୟ ସରୁନାହିଁ । ସେ ଆଜି ଭାବିବ ବସି ତାଙ୍କ କଥା । ରୋଗ ପରି ତା' ଭାବନା, ତା' ନିଜର । କେହି ସେଥିରେ ଭାଗୀ ନୁହଁନ୍ତି — ତା'ର ସ୍ୱାମୀ, ତା'ର ପିଲା ମାନେ । ସେ ଭାବିବ ବସି । ଭାବନରେ ଦୋଷ କଅଣ ?

ଭାବିବ ବିନଭାଇଙ୍କ କଥା । କ'ଣ ଭାବିବ ? ବିନଭାଇ ଗୋଟିଏ ପାଗଳ ଲୋକ । କ'ଣ କହିଥିଲେ ଦଶବର୍ଷ ତଳେ ? ହସକଥା, ମଜାର କଥା ।

କିନ୍ତୁ ହସ ଲାଗୁ ନାହିଁ । ବିନଭାଇଙ୍କର ପାଗଳାମିକୁ ଭାବିଲା ବେଳକୁ ମନେ ପଡୁଛି ତାଙ୍କର ଓଜନିଆ କଥା, ଆକାଶକୁ ସାକ୍ଷୀ ରଖି ଶପଥ କଲା ପରି, ଓ ତା' ସାଙ୍ଗକୁ ତାଙ୍କର ସେଇ ଅତି ଆତୁରତା । ବିନଭାଇ ମାଗିଥିଲେ, ନୀରୁ କଥା ଦେଇଛି । ଏଥିରେ ହସିବାର କ'ଣ ଅଛି ?

ନୀରୁ ଆଖି ବୁଜି ଆଣିଲା । ମନେ ପକାଇଲା । ସେଇ କେଉଁ ପୁରୁଣା ସଞ୍ଜବେଳରେ ବିନଭାଇଙ୍କର ମୁହଁ । ନିଜକୁ କହିଲା ଜାଣିଶୁଣି ସେଇ ମୂହୁର୍ତ୍ତ, ସେଇ ମୁହଁର ଛବି ମନେ ପକାଇବାକୁ । ନିଜକୁ ଚେତାଇ ଦେଲା ଯେ ସେଇଟି ଗୋଟିଏ ବଡ କଥା, ଅସାଧାରଣ କଥା, ବର୍ଷ ବର୍ଷ ଧରି ଭାବିବା ପାଇଁ ।

ଏମାନେ କେହି ବୁଝିବେ ନାହିଁ । ବୁଝିପାରିବେ ନାହିଁ । ଏମାନେ ଖାଲି ଜଣାଶୁଣା ସବୁଦିନିଆ ସଂସାର କଥା ଜାଣନ୍ତି । କିନ୍ତୁ ଏଇ ସଂସାର ବାହାରେ କ'ଣ ଆଉ କିଛି ନାହିଁ ? ଆଉ କିଛି ସତ, ଆଉ କିଛି ଭଲ ପାଇବା ?

'ଭଲପାଇବା' କଥାଟି ମନକୁ ଆଣିଲା ପରେ ପରେ ନୀରୁର ଆଖି ଖୋଲି ହୋଇଗଲା । ସେ ସାଦା କାନ୍ଥକୁ ଜଳଜଳ ହୋଇ ଅନେଇଲା । କ'ଣ ଭାବୁଛି ସେ ? କେତେ ସାହସରେ !

ସେ ଭଲ ପାଆନ୍ତି । ଚିକ୍‌କଣ, ମୋଟାଳିଆ, ଜଣାଶୁଣା ମୁହଁ । ହସହସ ମୁହଁ । ଆଖିର ଚାହାଣୀ ସବୁବେଳେ ଆଖିମିଟିକା ମାରିଲା ପରି । ଜଣାଶୁଣା ମୁହଁ, ଜଣାଶୁଣା ଚାହାଣୀ, ଜଣାଶୁଣା ବାସ୍ନା ।

Digitized by srujanika@gmail.com

ମନୁ ଭଲ ପାଏ । ବାପ ପରି ବଡ ମୁହଁ । ମାଆ ପରି ଆଖି । ମୁହଁରେ ମରଦପଣିଆ । ଆଖି ଟିକରେ ଛଳଛଳ । ଅଭିମାନିଆ ବଡ ପୁଅ । ଆସି ଏଗାର ବର୍ଷ ହେଲାଣି, ହେଲେ ମାଆର ପଣତକାନିକୁ ମୁଠେଇ ଧରିଛି । ସେ ବି' ଭଲପାଏ ।

ଆଉ ତନୁ । କାନ୍ଦୁରୀ ତନୁ । କଥା ନ ମାନି ଆସିଛି । ସେଇଲାଗି ବେଶି ଗେହ୍ଲା । ରୋଗ ବଇରାଗ ଆଣିଛି ସେଇ । ସେଇଲାଗି ବେଶି ଜାକି ଧରିଛି ବୋଉକୁ । ବୋଉ କାନ୍ଦିଲେ କାନ୍ଦିବ । ହସିଲେ ହସିବ । ବୋଉ ବିନା ବଞ୍ଚି ପାରିବ ନାହିଁ । ସେ ମଧ୍ୟ ଭଲପାଏ ।

ତେବେ ବିନଭାଇଙ୍କ ସ୍ଥାନ କେଉଁଠି ? ତାଙ୍କର ସେଇ ଭଲପାଇବାକୁ କେଉଁଠି ଖଞ୍ଜି ଦେବ ?

ବିନଭାଇ ନୀରୁକୁ ଭଲ ପାଉଥିଲେ, ତାଙ୍କର ନରମ ରୋମାଣ୍ଟିକ୍ କବିପଣିଆ ଦେଇ । ଏଥିରେ ଡରି ଯିବାର ଲାଜ କରିବାର କ'ଣ ଅଛି ?

ତଥାପି ବାହାହେବା ପରେ ଜୀବନଯାକ ସେ ସେଇଆକୁ ଡରି ଆସିଛି । ବିନଭାଇଙ୍କୁ ଆଡେଇ ହୋଇ ଆସିଛି ।

ବାହାଘର ପୂର୍ବର ପ୍ରତିଶ୍ରୁତି — ଥରୁଟିଏ । ସେଇ ହୋଇଛି ତା'ର କୋକୁଆ ଭୟ । ସେଇଥିପାଇଁ ପୁଅକୁ ଜର ଆଣିଛି, ଶୁଖିଲାଟାରେ । ହଠାତ୍ କେଉଁ ସାଂଗର ନିମନ୍ତ୍ରଣ ମନେ ପଡିଛି । କିମ୍ବା 'ତାଙ୍କ' ପାଖେ ପାଖେ ଲାଖି ରହିଛି । କାଳେ ବିନଭାଇ ଆସିବେ ତାଙ୍କର ପାଉଣା ଆଦାୟ କରି ନେବାକୁ । ହାୟ, ଏତେ ଡର ବିନଭାଇଙ୍କୁ ? ବିନଭାଇ କ'ଣ ଗୁଣ୍ଡା ନା ତସ୍କର ? ନୀରୁକୁ ହସ ଲାଗିଲା । ସତରେ କେତେ ବୋକା ଥିଲା ସେ, କେତେ ପିଲାଳିଆ ।

ବାହାଘର ପରେ ସେଇ କେଇଟା ବର୍ଷ । ଯେତେବେଳେ ସେ ମଝିରେ ମଝିରେ ଆସୁଥିଲେ ଏଠିକି । ତା'ପରେ ସେ ଚାଲି ଯାଇଛନ୍ତି ଅନେକ ଦୂରକୁ, ଏବଂ ତାଙ୍କ ସାଙ୍ଗରେ ଆଉ ଦେଖା ହୋଇନାହିଁ । କେବେ ଖଣ୍ଡେ ଚିଠି ଆସେ 'ତାଙ୍କ' ପାଖକୁ । ସେ ଚିଠି କଥା ଶୁଣିଲେ କ୍ଷଣକ ପାଇଁ ତା'ର କାନ ଠିଆ ହୋଇଯାଏ, ଶିର ଟାଙ୍କି ଉଠେ । ଡର ନୁହେଁ, ଆଉ କଅଣ । ହଠାତ୍ ଚେଇଁ ଉଠିଲା ପରି । କିନ୍ତୁ ଖାଲି ସେଇ ମୁହୂର୍ତ୍ତଟିକ । ତା'ପରେ ସିଏ ହୋଇଯାଏ ସାଧାରଣ ଘରକରଣା ଭିତରେ ଖଣ୍ଡେ ସାଧାରଣ ଚିଠି ।

ଏଥର ଏମିତି ଦେହ ଖରାପ ହେଲା । ଏବେ ଭଲ ହୋଇ ଆସିଲାଣି । ଯଦି ଜର ବଢ଼ି ଯାଇ ଆଉ କିଛି ହୋଇଥାଆନ୍ତା ? ବିନଭାଇ ଆସିଥାଆନ୍ତେ ମରିବା ଆଗରୁ ?

ହଁ, ନିଶ୍ଚୟ ଆସିଥାଆନ୍ତେ । ନୀରୁ ଜୋର୍ କରି ସେଇ ପଦଟି କହିବାକୁ ଲାଗିଲା ନିଜକୁ ।

ନୀରୁ ବିଛଣାରୁ ଉଠି ବସିଲା, ନିଜ ଭାବନାରେ ବିଶ୍ୱାସ ଆଣିବା ପାଇଁ ।

ପୁରୁଣା କଥା । ହେଲେ ସେଇ କଥାର ଛାଇ ତ ଲମ୍ବିଛି ଜୀବନ ପରିବା ଯାଏଁ ।

Digitized by srujanika@gmail.com

କେମିତି ଆଡେଇ ଦେବ ତା'କୁ ? ବିନଭାଇଙ୍କର ସେଇ 'ଥରୁଟିଏ' ଖାଲି ତରୁଣୀ ନୀରୁ ପାଇଁ ନ ଥିଲା । ଥିଲା ନୀରୁର ଶେଷ ନିଃଶ୍ୱାସ ଯାଏଁ ।

ଛିଃ, କେଡ଼େ ଭୁଲ୍ କରିଛି ସେ ! ସେ କ'ଣ ଭାବିଥିଲା ବିନ ଭାଇ ଚୋର ପରି ଥରେ ଆସି ତା' ଯୌବନର ଟିକିଏ ସ୍ୱାଦ ପାଇ ପଳେଇଯିବେ ? ଛିଃ କ'ଣ ଭାବିଥିଲା ସେ ବିନ ଭାଇକୁ !

ବିନ ଭାଇ ମହାନ୍ ଲୋକ । ସେ ତାଙ୍କ ନୀରୁକୁ ପ୍ରକୃତରେ ଭଲ ପାଆନ୍ତି । ସେ ତା'କୁ ଏମିତି ଅପମାନ ଦେବାକୁ ଚାହିଁବେ ନାହିଁ , ନିଜକୁ ଅପମାନ ଦେବେ ନାହିଁ ।

ଜୀବନ ଭିତରେ ସେଇ 'ଥରୁଟିଏ' । ବିନଭାଇ ଚାହିଁ ନାହାନ୍ତି ତାକୁ ନଷ୍ଟ କରିଦେବାକୁ, କ୍ଷଣିକ ଉତ୍ତେଜନାରେ । ସେ ତାର ମୂଲ୍ୟ ଜାଣନ୍ତି । ସେ ତାକୁ ମାଗିବେ, ଆଣିଦେବେ, ଠିକ୍ ସମୟରେ ।

ଠିକଣା ସମୟରେ । ସବୁଦିନ ପାଇଁ ମନେ ରଖିଲା ପରି ଜୀବନର ଅମୂଲ୍ୟ ଧନ ହୋଇ ରହିବା ଲାଗି । ସେ ମୂହୂର୍ତ୍ତଟି ଆସିବ ସବୁଦିନର 'ଗୋଟିଏ' ହୋଇ । ଶିଶୁର ପହିଲି ହସ ପରି, ପ୍ରଣୟର ପହିଲି ଗୋଲାପ ଫୁଲ ପରି, ଆଷାଢ଼ର ପହିଲି ମେଘ ପରି ।

ଏଁ— କବି କିଏ ? ବିନଭାଇ ନା ନୀରୁ ? ନୀରୁର ଇଚ୍ଛା ହେଲା ବିନଭାଇଙ୍କ ଆଗରେ କହିଦିଅନ୍ତା ତା'ର ନୂଆ ପାଇଥିବା କବି-ଭାଷା । ସବୁବେଳେ ତ ଏମିତି ଭାଷା ମନକୁ ଆସେନାହିଁ ? ବିନ ଭାଇ ଖୁସି ହେବେ ।

କିଂତୁ ସେ ମୂହୂର୍ତ୍ତଟି ଆସିବ କେବେ ? କେଉଁ ନୂଆ ଅଧ୍ୟାୟର ପହିଲି ପୃଷ୍ଠା ହୋଇ ? ଏଇକ୍ଷଣି ତ ଦିନ ମଉଜି ଆସିଲାଣି । କେଉଁ 'ପହିଲି'ର ଉପଭୋଗ ଆସିବ ତା' ପାଇଁ ?

ନୀରୁ ଝରକାରୁ ଅନେଇଲା ବାହାରକୁ । ଖରା ମଉଜି ଗଲାଣି । ସୂର୍ଯ୍ୟ ବୁଡ଼ିଯିବ ଆଉଟିକିଏ ପରେ । ସିଏ ବି ସୁଂଦର, ଲାଲ୍ ଟୁକୁଟୁକୁ ଶେଷ ସୂର୍ଯ୍ୟର ଗୌରବ । ପହିଲି ସୂର୍ଯ୍ୟ ପରି ସେ ବି ସ୍ମରଣୀୟ । ନୀରୁର ମୁହଁରେ ହସ ଆସିଲା ।

ଦେହ ଭଲ ହୋଇ ଆସିଲାଣି । କିଂତୁ ସେ ସତରେ ଶେଷ ଶଯ୍ୟାରେ ଥାଆନ୍ତାକି ! ଶେଷ ସଂଜରେ ଶେଷଥରପାଇଁ ଆଖି ବୁଜିଲା ବେଳକୁ ବିନୁଭାଇ ଆସି ଥାଆନ୍ତେ । ଜୀବନରେ ସବୁକିଛି ଭୁଲିଗଲା ବେଳକୁ କପୋଳରେ ତାଙ୍କର ସେଇ 'ଥରୁଟିଏ'... ଆଃ ! ତା'ଠୁଁ ବଡ଼ ମୂହୂର୍ତ୍ତ କ'ଣ ଆସିପରେ ? ସେଇ ହେଉଛି ବିନଭାଇଙ୍କର କାମନା, ଅଙ୍ଗୀକାର, ପ୍ରତିଜ୍ଞାର ଶେଷକଥା ।

ନୀରୁର ଆଖି ବୁଜି ହୋଇ ଆସିଲା । ତା'ର ଖିଆଲ ନାହିଁ 'ସେ' ଘର ଭିତରକୁ ପଶିଆସି ଅନେଇଛି ତା' ଆଡ଼କୁ ।

ନୀରୁ ଆଖି ଖୋଲି ଅନେଇଲା । ସେ ଚିଡ଼ା ହୋଇଛନ୍ତି । ହାତରେ କ'ଣ ଧରିଛନ୍ତି - ଚିଠି ହେବ ପରା ।

Digitized by srujanika@gmail.com

ସତ୍ୟାନଂଦ ବାବୁ ନୀରୁର ଧ୍ୟାନରେ ଆଶ୍ଚର୍ଯ୍ୟ ହେଲେ ନାହିଁ । ନୀରୁର ମନକୁ ସେ ଜାଣିଛନ୍ତି ବୋଲି ତାଙ୍କର ବିଶ୍ୱାସ । ସେ ମନ ବିଚିତ୍ର । ଗୋଟିଏ ମୁହୂର୍ତ୍ତରୁ ଆଉ ଗୋଟିଏ ମୁହୂର୍ତ୍ତକୁ ଗଡ଼ି ଚାଲେ ନାହିଁ, ବୁନ୍ଦି ଚାଲେ । ହଠାତ୍ ଖରା, ହଠାତ୍ ବର୍ଷା । ପୁଣି ସହଜେ ଏଇକ୍ଷଣି ରୋଗ, ବେମାର ।

ସତ୍ୟାନଂଦ ବାବୁ ଆରମ୍ଭ କଲେ ସହଜ କଂଠରେ, - ''ଶୁଣିଛ ? ବିନୋଦବାକୁ ଚିଠି ଦେଇଛନ୍ତି, ତୁମ କଥା ପଚାରିଛନ୍ତି ।'' ସେଇଠୁଁ ଆମୋଦର ସ୍ମିତ ହସ ଦେଇ କହିଲେ,'' ତା' ଛଡ଼ା ଗୋଟିଏ ସୁଖବର ଦେଇଛନ୍ତି । ତାଙ୍କର ପୁଅଟିଏ ହୋଇଛି,- ଏତେ ଦିନକରେ ।''

''ଏଁ ?'' ନୀରୁ ନ ବୁଝିଲା ପରି ପଚାରିଲା । ହେଲେ ନ ବୁଝିବାର କିଛି ନାହିଁ । ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ନୀରୁ ଖୁସି ହେବାକୁ ଚାହିଁଲା ଓ କହିଲା, '' ଯାହା ହେଉ ଏତେ ଦିନକରେ । କେବେ ହୋଇଛି ? ଯାହାହେଉ - । '' ଓଠ ସେମିତି ଲମ୍ବି କରି ଅଛି ତା ହସକୁ ନେଇ । ଆଉ କ'ଣ କରିବ ? ଆଉ କ'ଣ କହିବ ?

ସତ୍ୟାନଂଦ ବାବୁ ଦେଖିଲେ ନୀରୁର ମଳିନ ହସ । ବିଚାରୀର ହସିବାରେ ବି ସରାଗ ନାହିଁ । ଦେହମନକୁ ଉପରକୁ ଓଟାରିବାକୁ ପଡୁଛି । ଘରର ଆଲୁଅ ଜଳେଇ ଦେଇ ଟିକିଏ ଏପାଖ ସେପାଖ ହୋଇ ସେ ଫେରି ଆସିଲେ ସେଘରୁ । ନୀରୁ ବିଶ୍ରାମ ନେଉ ।

ଆଲୁଅ ନୀରୁର ମୁହଁ ଉପରେ ପଡ଼ିଛି । ସେ ଏବେବି ହସୁଛି । ଓଠଚିପା ହସ, ତିକ୍ତ ଚାହାଣୀ ସମେତ । ଜ୍ଞାନୋଦୟର ହସ ।

ବିନଭାଇଙ୍କର ପୁଅ ହୋଇଛି । ଯାହାହେଉ- । ମନୁ ତନୁ ସ୍କୁଲରୁ ଫେରିବେ ଏଇକ୍ଷଣି । ମନୁ କିଛି ନା କିଛି ଦାବୀ କରି ବସିବ, ଆଉ ତନୁ ଆସିବ ବୋଉ ପାଖରେ ଗେହ୍ଲେଇ ହେବାକୁ । ଝରକା ଭିତରୁ ଦେଖା ଯାଉଛି କେତେ ଘର । କେତେ ପିଲା ଫେରିବେ ମାଆ କୋଳକୁ । କେତେ ଆଲୁଅ ଜଳିବ । କେତେ ସ୍ତ୍ରୀ, କେତେ ମାଆ ।

ବିନ ଭାଇଙ୍କର ପୁଅ ହୋଇଛି । ଆଶ୍ଚର୍ଯ୍ୟ କଅଣ ? ଅସୁଂଦର କଅଣ ?

ବିନଭାଇ ବୁଢ଼ା ହୋଇନାହାନ୍ତି । ନୀରୁ ବୁଢ଼ୀ ହୋଇଯାଇ ନାହିଁ । ଶେଷ ସୂର୍ଯ୍ୟ କଥା ମିଛ । ନୀରୁର ରୋଗ ଛାଡ଼ି ଗଲାଣି, ମରିଯିବାର ପ୍ରଶ୍ନ ନାହିଁ ଏଇକ୍ଷଣି । ନୀରୁ ଆଗରେ ବହୁତ ବାଟ ।

ବିନଭାଇ ବଦଳିଛନ୍ତି । କୁମାରୀ ନୀରୁ ତାଙ୍କ ପାଇଁ ଥିଲା କଳ୍ପନାର ରାଣୀ । ଆକାଶର ନେଳି, ବଉଦର କଳା, ଫୁଲର ରଂଗ ସବୁଥିଲା ତା'ରି ଠାରେ । କିଂତୁ ଘରଣୀ ନୀରୁ ଠୁଁ ରୋମାନସ୍ ଟୁଟି ଯାଇଛି । ବିନଭାଇ ଫେରି ଯାଇଛନ୍ତି ।

ବିନଭାଇ ଫେରିଯାଇଛନ୍ତି । କିଂତୁ ନୀରୁ ଫେରାଇ ଦେଇନାହିଁ । ଦୋଷ ନୀରୁର ନୁହେଁ । ନୀରୁର ଇଚ୍ଛା ହେଲା ସେ ବିନୁ ଭାଇଙ୍କୁ କହି ଦିଅନ୍ତା, ଯେ ଦୋଷ ତା'ର ନୁହେଁ । ବିନଭାଇ ବଦଳିଛନ୍ତି, ନୀରୁ କଥା ଭୁଲି ନାହିଁ ।

Digitized by srujanika@gmail.com

ଅସ୍ଥିର ରାଗ ଓ ଅଭିମାନରେ ନୀରୁ ଖୋଜି କୁଲିଲା ବିନଭାଇଙ୍କ ରୂପ । ପାଖରେ ପାଇଲେ ବୁଝାମଣା କରିନିଅନ୍ତା, ମୀମାଂସା କରିଦିଅନ୍ତା । କିଏ ସତ, କିଏ ମିଛ । କିଏ ଜିତିଛି, କିଏ ହାରିଛି ।

ଉଦ୍‌ବେଗକୁ ରୋକିବା ପାଇଁ ନୀରୁ ଖଟରୁ ଉଠି ଠିଆହେଲା । କ'ଣ ମିଳିବ ସେଥିରୁ । ବିନଭାଇ ଠିକ୍ ବାଟରେ ଚାଲିଛନ୍ତି । ଭୁଲ୍ ସୁଧାରି ନେଇଛନ୍ତି, ନୀରୁ ବାଟରୁ ଆଡ଼େଇ ହୋଇ ଯାଇଛନ୍ତି । ସେ ତା'ହେଲେ କାହିଁକି ପୁରୁଣା କଥାରେ ରଙ୍ଗ ଦେଇ ନୂଆ ଅନୁଭୂତି କୁ ଚାହିଁ ବସିଛି ? ନୀରୁ ଭୋକିଲା ନୁହେଁ । ତାର ଅଛି ସୁଖର ସଂସାର, ସୁନାର ସଂସାର ।

ଥରୁଟିଏ ! ବାଜେ କଥା । ଅଭିଲା ଅସୁଂଦର କଥା । ନୀରୁକୁ ହାଲୁକା ଲାଗିଲା । ଇଚ୍ଛା ହେଲା ସେ କ'ଣ ଗୁଡ଼ାଏ କରିଦିଅନ୍ତା ଏଇକ୍ଷଣି, ଘରକରଣା ଜିନିଷ । ଡନୁର ଡ଼ଲିକଣ୍ଢେଇକୁ ଆଉ ଗୋଟାଏ ଚଢ଼ି ପିଂଧେଇ ଦିଅନ୍ତା , ମନୁର ଜାମାରେ ବୋତାମ ସିଲେଇ କରି ଦିଅନ୍ତା , ତାଙ୍କର ପାଇପ୍ ସଜାଡ଼ି ଦିଅନ୍ତା ।

କିଂତୁ ତା'କୁ ଲାଗିଲା ଯେ ସେ ପୂରାପୂରି ମୁକ୍ତ ହୋଇ ପାରୁ ନାହିଁ । କେଉଁଠି କ'ଣ ରହିଯାଉଛି ଅଧା, ଅକୂହା । ସେ ମୁକୁଳିବାକୁ ଚାହିଁଲେ ବି' ମୁକୁଳି ପାରୁ ନାହିଁ । ମୁକୁଳି ପାରିବ ନାହିଁ । ସେଇକଥାର ଭୂତ ଲାଗି ରହିଥିବ ଶେଷଯାଏଁ ।

ଓଃ, କେହି ଭଲା କହିଦିଅନ୍ତା ଯେ ଏ କଥାଟା ଛିଣ୍ଡିଯାଇଛି ?

... ମନୁ ଯୋଡା ମର୍‌ମର୍ କରି ଘର ଭିତରକୁ ପଶି ଆସି ଦେଖିଲା ଯେ ବୋଉ ଖଟରୁ ଓହ୍ଲାଇ ଆସି କାଠ ପରି ଛିଡ଼ାହୋଇଛି । ହସୁଛି, କିନ୍ତୁ ହସିଲା ପରି ଲାଗୁ ନାହିଁ ।

Digitized by srujanika@gmail.com

ପୁରୁଣା କବିତା

ରମାବୋଉ ଶାଗ ତୋଳୁଛନ୍ତି । ଖରାଦିନିଆ ସକାଳ । ପବନରେ ତେଜ ଓ ସରାଗ ଅଛି । ରମାବୋଉ ଚାଦରକୁ କାଢ଼ି ଥୋଇଦେଲେ ଗୋଟିଏ ପଥର ଉପରେ । ହାତ ସହଜରେ ଚାଲିବ ଓ ମନର ଭାବନା ଅଟକି ଯିବନାହିଁ ।

ଘଣ୍ଟାକର କାମ । ସେ ଶାଗ ଭଲ ପାଆନ୍ତି, କିଂତୁ କଅଁଳିଆ ଶାଗ । ବେଶୀ ଶିଝିବ ନାହିଁ, ବେଶୀ କଟାହେବ ନାହିଁ । ପୁଅମାନେ ଶାଗ ଭଲ ପାଆନ୍ତି ନାହିଁ । ବୋହୂମାନେ ସଜନା ଶାଗକୁ ଖୁସି । ଏମିତିକା ଶାଗକୁ ଚିଡ଼ିଚିଡ଼ି ହୁଅନ୍ତି, ଏକା ବଡ଼ ବୋହୂ ଛଡ଼ା । ସୋରିଷ ବଡ଼ିଦିଆ ଶାଗ ହୋଇଥିଲେ ତା'ର ଆଉ କୁଢ଼ି ଲୋଡା ନାହିଁ ।

ଶାଗ ତୋଳୁ ତୋଳୁ ରମାବୋଉ ହଠାତ୍ ରହିଗଲେ । କାହିଁକି ନେଉଛି ? ନିଜେ ତ ରାନ୍ଧି ପାରିବି ନାହିଁ । ଚୂଲି ପାଖକୁ ଗଲେ ମୁଣ୍ଡ କଅଣ ହେବ । ଆଉ ସେଇ ପୂଝାରୀଟା ଭୂତ, ଯାହା ରାନ୍ଧିବ ଜଣାଅଛି । କାଲିଠୁଁ ସେ କହିଛନ୍ତି ପଖାଳ ଶାଗଖରଡ଼ା ଖାଇବେ ବୋଲି । ପୂଝାରୀ ଖରାପ କରିଦେଲେ କିଛି କହିବେ ନାହିଁ । ଥାଳୀ ଫୋପାଡ଼ିବେ ନାହିଁ । ଅଧା ଖାଇ ଉଠିଯିବେ ।

ମଝିଆଁକୁ କହିବି ? ସେ ଭଲରାନ୍ଧେ । କିଂତୁ ଦିନୁଟା କ'ଣ ରାନ୍ଧିଥିଲା ଯେ ତାକୁ ଭଲ ଲାଗିଲା ନାହିଁ । ସେଇଦିନୁ ଅଭିମାନିଆ ହୋଇ କହିବ 'ମୋ ଦେଇ ସେ ହବ ନାହିଁ ବୋଉ । ବାବାକୁ ଭଲ ଲାଗିବ ନାହିଁ ।' ବଡ଼ ଶୁଣିବ ନାହିଁ । ପିଲା ବାହାନାରେ ତା ଘରେ ଯାଇ ବସିବ । ସାନ ହମହମ ହେବ କରିବାପାଇଁ, କିଂତୁ ସେଟାକୁ କ'ଣ ଆସେ ? ଖାଲି ସେଇ କେକ୍ ଫେକ୍‌ରୁ ଗୁଡ଼ାଏ କ'ଣ ଶିଖିଛି ।

... ପୋଖରି କୂଳ ପାଖରେ ଆମ୍ବ ଗଛ । ଗୋଟାଏ ନୁହେଁ, ଶହେଟା କଷି କଷି ଆମ୍ବ ଲଦି ହୋଇଛି। ଟେକା ଉଠୁଛି । ଆମ୍ବ ଖସି ପଡୁଛି-ଏକ୍,ଦୁଇ,ତିନ୍ । ମଣିଟା ପାରୁ ନାହିଁ । ବିଜି ଅଙ୍ଧାରେ ଲୁଗା ଭିଡି ଗଛରେ ଚଢିବାକୁ ଡିଅର୍ । ପୋଖରିରେ ବିଲାଡି ଦଳ । ପବନରେ ଆମ୍ବୁଳିଆ ବାସ୍ନା । ତଳେ ଘାସ, ପଚା ପତର । ଉପରେ ସଫା ନେଳିଆ ଆକାଶ,ଏ ମୁଣ୍ଡରୁ ସେ ମୁଣ୍ଡ । ସମୟ ସରୁ ନାହିଁ ।

--- କିଏ ଗୋଟାଏ କହିଲା,-ବିଜି ନା ମଣି - 'ଆଲୋ କୁନ୍ତି ଅପା, ତୋ ଘରକୁ କୁଣିଆ ଆସିଛି ଲୋ ! '

ଆରଟି କହିଲା 'କେଉଁଠିରେ ଆସିଛନ୍ତି ବା ? ସବାରି ଶଗଡ କାହିଁ ?'

Digitized by srujanika@gmail.com

ଘରକୁ ଗଲାବେଳକୁ ସତରେ କିଏ ଆସିଛନ୍ତି । ସବାରି ଶଗଡ଼ ନୁହେଁ, ସାଇକେଲରେ ଆସିଛନ୍ତି । ନାଇକ ପଡ଼ାର କୋଉ ଜଗୁ ମାମୁଁଙ୍କର ପୁଅ । କାହିଁକି ଆସିଛନ୍ତି ?

ବାପାଙ୍କ ବରାଦ, କୁନ୍ତୀ ରାଂଧିକରି ଦେବ । ପୋଖରୀରୁ ମାଛ ଆସିବ । ବାରି ଶାଗ । ଡୋଟା ଆମ୍ବ ।

ଏତେ ଆଦର କେଉଁଥି ପାଇଁ ? ଦେଖେ ସେ ଲୋକଟି ଏମିତିକା । କବାଟ ଫାଙ୍କରୁ ଦେଖିବା କଥା । ଛୋଟିଆ ସାବନା ଲୋକଟିଏ । ଗୋଲ୍ ଗାଲ୍ ଚେହେରା । ଓଠ ଦି'ଟା ଚିପି ହେଲାପରି । ଗହୀରିଆ ଚାହାଣୀ । ସବୁ ଦେଖିନେବ, ପିଇଦେବ ଯେମିତି ।

'ଆଗୋ କୁନ୍ତି, ଏ ଲୋକଟି କଥା କହିପାରେ, ହସି ଜାଣେ ତ ?'

'ଦେଖିନା ତା ଆଖିକୁ । ସବୁ କଥା ଛାଣି ନେବ ପରା ! ଆଉ ନିଜେ ଚୁପ୍ ହୋଇ ବସିଥିବ । ନୁହେଁ ?

ସେଇ ପହିଲା ଦେଖା । ସେତେବେଳକୁ ବାହାଘର ଲାଗିନ ଥାଏ ..

... ବଡ଼ ନିଶ୍ୱାସଟାଏ । ତା'ପରେ ରମାବୋଉଙ୍କ ହାତ ପୁଣି ଚାଲିଲା ତରତର ହୋଇ । ଖରା ଆସିଲାଣି । ସହଳ ଫେରିବାକୁ ହେବ ।

ନାଇଁ, ଆଜି ମୁଇଁ ରାନ୍ଧିବି । ଏମିତି ବୁଢ଼ୀ ହୋଇ ଯାଇନାହିଁ ମ ! ଯେତେହେଲେ ବୋହୂମାନେ କ'ଣ ତାଙ୍କ ରଂଧା ଜାଣିବେ ? କିଛି କହନ୍ତି ନାହିଁ ସିନା - ସେ ସେଇ ଜଗୁମାମୁଁ ପୁଅ ଶ୍ୟାମ । ଶ୍ୟାମ ବାବୁ । ଶ୍ୟାମବଂଧୁ ପଟ୍ଟନାୟକ । ଡହସିଲ୍‌ଦାର୍ । ଡିପୋଟି । ସବୁ ଜାଣନ୍ତି, ସବୁ ବୁଝନ୍ତି । ସବୁ ଢଂଗ, ସବୁ କାରବାର ଜାଣି ନିଅନ୍ତି । ସବୁ କଥା, ସବୁ ହସ ଛାଣି ନିଅନ୍ତି । ଆଉ ନିଜେ ରହନ୍ତି ଚୁପ୍ ହୋଇ ।

... କିଛି ସବୟପରେ । ରମାବୋଉ ଗାଧୋଇ ସାରି ରୋଷେଇ ଘର ବାରଣ୍ଡାରେ ଶାଗ ବାନ୍ଧୁଛନ୍ତି ।

ବଡ଼ ନାତୁଣୀ ରତି ଆଂଗୁଳି ଦେଖାଇ କହୁଛି ତା' ବୋଉକୁ - ''ଜେଜେମା ରାଂଧୁଛନ୍ତି ଆଜି ।''

ବଡ଼ବୋହୂ ହସିକରି ମୁହଁ ବୁଲାଇ ଦେଇଛି, ରତିର ଜାମାରେ ବୋତାମ ଲଗେଇ ଦେଉଛି ପରା । ମଝିଆଁ ଅନଉଛି ଉପରୁ । ବଡ଼ ଅନଉଛି ତା' ଆଡକୁ । ହସୁଛନ୍ତି ? ଥଟ୍ଟା କରୁଛନ୍ତି ? ମୋ ବଅସ ବେଳେ ମୁଁ ଯାହା ରାଂଧୁଥିଲି, ଏମାନେ ତାର କୋଉ କୋଣକୁ ସରି ହେବେ ?

ସାନ ଅଣ୍ଡାରେ ପିନ୍‌ପିନ୍ ପଡଜା ସିଲ୍‌କ୍ ଲୁଗା ଗୁଡ଼େଇ ଦେଇ ଧାଇଁ ଆସୁଛି । ''ବୋଉ, ଉଠମ, ମୁଁ କରି ଦେଉଛି । ତମର ନିଆଁରେ ମୁଣ୍ଡ କ'ଣ ହେବ ।''

''ନାଇଁ, ମୁଁ ରାଂଧୁଛି ତୁ ଯା' । ସେ ନିଆଁଇଗା ପୁଟାରୀଟା କୁଆଡ଼େ ଗଲା ? ଟିକିଏ ମସଲା ବାଟି ଦିଅନ୍ତା ନାହିଁ ?''

Digitized by srujanika@gmail.com

ସାନ ରାଗି କରି ପଳେଇ ଗଲାଣି । ପୂଝାରୀର ଦେଖାନାହିଁ । ଆସୁ ଆଜି ସେ । ସିଧା ବିଦା କରିଦେବି ।

ବିଦାକରିଦେବି ? ବିଦା କରିବି ମୁଁ ?? ବିଦା କରିଦେଲେ କେତେ ମୁହଁଝଡା, ସାକୁଲା ଆପଷ୍ମରା କଥା ଶୁଣିବାକୁ ମିଳିବ । 'ବୋଉ ତ ନିଜେ କିଛି କରିବ ନାହିଁ, ଆଉ ଯିଏ କରୁଥିବ ତାକୁ ଉଖେଇ ଦେବ ନହିଁ ।' 'ବୋଉଙ୍କର ତ ମୁଣ୍ଡ ଠିକ୍ ରହୁନାହିଁ, ତାକୁ କହିଲେ କ'ଣ ହେବ ?' ଏମିତିକା କେତେ କଥା । ବୋଉ ପାରେ ନାହିଁ । ବୋଉର କିଛି କହିବାର ନାହିଁ । ବେଶ୍, ମୋର କ'ଣ ଅଛି ? ମୁଁ କାହିଁକି ଦୋଷୀ ହେବି ? ସେ ରହୁ ବା ଯାଉ ।

ଖରା ବଢ଼ିଲାଣି । ସେ ବୁଲିକରି ଫେରିବେ, ଖାଇବାକୁ ମାଗିବେ । କିଛି ହୋଇନାହିଁ । ଅଳେପେଇଷା କୁଡୀଟା ପଶି ଆସିଲାଣି । ସବୁ ମାରା କରିଦେବ । କୁଆଡ଼େ ଗଲା କାଠ ଫାଳିଆ ? ନିଆଁଲଗା ଟଂକୁ ନାହିଁ । ଲାଂଗୁଡ଼ ହଲାଉଛି । ହ୍ୟାଉ-

କୁଣା, ମଝିଆଁର ପୁଅ ହୋ' ହୋ' ହେଇ ହସୁଛି । ଅବାଗିଆ ଟୋକା । ଛାଡ଼, ମୋର କ'ଣ ଯାଉଛି । ମୋର ଅବିକା ଆରାମ୍ କରିବା କଥା । ମୁଁ କାହିଁକି ନିଆଁରେ ବସି ରହିବି ? କୁକୁର ଖାଉ, ପୂଝାରୀ ମରୁ ।

ଦିନ ଦି'ପହର ହେଲାଣି । ଚୁଲି ନିଆଁ ପ୍ରବଳ । ନିଆଁ ସାଂଗକୁ ଧୂଆଁ । ରମାବୋଉଙ୍କର ଆଖି ଓ ମୁହଁରେ ଯଂତ୍ରଣାର ଛାପ ।

ଥାଉ, ଥାଉ, ପାରିବି ନାହିଁ । ସେ ଆସି ଯିବେ ଏଇକ୍ଷଣି । ଏତେ ଡ଼େରି ହେଲାଣି, ଆସି ନାହାନ୍ତି କେମିତି କେଜାଣି । ଆସିଗଲେ ଚୁଲି ପାଖରେ ରଖେଇ ଦେବେ ନାହିଁ । ଭାରୀ ଦୟା ତାଙ୍କର । ପୂଝାରୀ ଆସିଗଲାଣି । କ'ଣ ବସି ଠୁକୁର ଠୁକୁର କରୁଛି । ତାକୁ ବଢେଇ ଦେଇ ଚାଲି ଆସିବି । ଯାହା ହେଉ ଶାଗ ଖରଡ଼ାଟା ସରି ଯାଇଛି ।

ଶୋଇବା ଘରେ ପହଞ୍ଚି ରମାବୋଉ ଟେବୁଲ୍ ଅଣ୍ଡାଳିଲା ପରି ହେଲେ ।

ସରବଡର ଥଣ୍ଡା ଭାଙ୍ଗି ଗଲାଣି । ମୁଣ୍ଡ କ'ଣ ହେଉଛି, ଭାବୁଛି ଶୋଇ ପଡ଼ିବି ଟିକିଏ । ଖରା ପଶି ଆସୁଛି । ନବୀନା ମାଆ ତା' ବୋହୂ ସାଂଗରେ ଝଟାପଟା କଚ୍ଚିଆ ଲଗେଇଛି । କାନ କ'ଣ ହୋଇଯାଉଛି । ହାଟୁଆ ବାଟୁଆ ଘର । ଅସଷ୍ଣା, ଅବାଗିଆ ।

ଏଠି ସେସବୁ କଥା ନାହିଁ । ଏ କ'ଣ ହାଟୁଆ ବଟୁଆ ଘର ହୋଇଛି ? ବୋହୂ ମାନେ ଦିଛି କହନ୍ତି ନାହିଁ । ମୁଁ ତାଙ୍କର କୋଉ କଥାରେ କିଛି କୁହେ ନା କଅଣ ?

ସାନ ସରବଡ ରଖିଯାଇଛି । ପାଖକୁ ଆସି ନ ଦେଲା ତ ସେଥିରେ ଅଛି କ'ଣ ? ମଝିଆଁ ପାନ ଭାଂଗି ପଠେଇଦିଏ କୁଣା ହାତରେ । ବେଳେବେଳେ କୁଣା ଭୁଲିଯାଏ, ନହେଲେ ପାଂନ ଚିଣ୍ଡାଇଦିଏ । ତା'ବୋଲି କ'ଣ ସେ ଆହୁରି ଥରେ ଭାଂଗି ଦିଅନ୍ତା ? ତା'ର ଆଉ କାମ ଅଛି ତ ! ବଡ ସଂଜବେଳେ ରତିକୁ ପଠେଇ ଦିଏ ଗପ ଶୁଣିବାକୁ । ନଈକୂଳକୁ ନ ହେଲେ ବାହାରକୁ ବୁଲି ଚାଲିଯାଏ । ଫେରି ଆସି ରତିକୁ ନେଇଯାଏ, କୁହେ ରତିର

Digitized by srujanika@gmail.com

ପଡ଼ା ଅଛି । ସତକଥା, ଆଉ କେତେ ସମୟ ରଖନ୍ତା ? ସମସ୍ତେ ଖବର ବୁଝନ୍ତି, ପଚାରନ୍ତି । ଇଏ କ'ଣ ନବୀନା ମାଆ ଘର ହୋଇଛି ?

ଥଣ୍ଡା ସରବତ ଟିକେ ଖାଇଲେ ଭଲ ହୁଅନ୍ତା । ମାଗିବି ଯାଉଛି । କାହାକୁ ମାଗିବି ? କିଏ ଦେବ ? ଥାଉ - । ବିଜୁଳି ପଙ୍ଖା ଘୁରୁଛି । ଭାରୀ ଜୋରରେ ଘୁରୁଛି । ମୋରି ପାଇଁ ବିଜୁଳି ପଙ୍ଖା ଆସିଲା ଘରକୁ । ସେ ଜବରଦସ୍ତି କରି ଅଣେଇଲେ, ଶ୍ୱଶୁର ବଂଚି ଥିଲା ବେଳେ । ଖରାରେ ମୋ ମୁଁଣ୍ଡ କ'ଣ ହୋଇଯାଏ ବୋଲି । ଭାରୀ ଦେଖି ପାରନ୍ତି ସେ । କିଛି କୁହନ୍ତି ନାହିଁ ସିନା -।

ନବୀନା ମାଆ ବାଡିରେ ଖଟା କମଳା ହୋଇଛି । ଗଛ ଭାଂଗି ପଡୁଛି । ପିଣ୍ଡାରେ ପଖାଳ କଂସାଏ ଧରି ଶାଶୁ ବୋହୂ ବସି ଯାଇଛନ୍ତି । ପୁଅ ବସିଛି ପାଖରେ । କଜିଆ ସରିଗଲା ?

ସେମାନେ ଗପନ୍ତି । ଏକାଠି ପଖାଳ ଖାଆନ୍ତି, ବସନ୍ତି , କଜିଆ କରନ୍ତି । ମୋ ସାଂଗରେ କେହି ଗପେ ନାହିଁ, କଜିଆ କରେ ନାହିଁ । ହଁ, ମୁ ଗପେ ରତି ସାଂଗରେ, ସଂଜବେଳେ ଘଣ୍ଟାଟିଏ । ମଝିଆ ଦିନାକେତେ ପାଖରେ ପଶୁଥିଲା ନୂଆ ବାହା ହୋଇ ସାରିଲା ପରେ । ଗପେ ନାହିଁ, କିନ୍ତୁ ଗପ ଶୁଣେ । ଦିନେ ଦିନେ ଶୋଇପଡ଼େ ସେଇଠି, କାମରେ ଖିଆଲ ରହେନାହିଁ । ତା'ପରେ କ'ଣ ହେଲା କେଜାଣି, ଥପ୍ କରି ବନ୍ଦ ହୋଇଗଲା ତା' ଗପ । ବଡ଼ ତା' ପିଲାକୁ ନେଇ ବ୍ୟସ୍ତ । ଗପିବାକୁ ସୁଖ ପାଏ ନାହିଁ । ସାନଟା ହସୁକୁରୀ, ଖାଲି ଡ଼େଇଁବ କୁଦିବ ପିଲାଙ୍କ ସାଙ୍ଗରେ, ସେ ଇଆଡ଼େ ଆସେ ନାହିଁ । ପୁଅମାନେ ବଡ଼ ହେଲେଣି, ଚାକିରୀବାକିରୀ କରିଛନ୍ତି, ବଡ଼ ବଡ଼ କଥା କୁହନ୍ତି । ସେମାନେ କ'ଣଟା ଗପିବେ ମୋ ସାଂଗରେ । ଆଉ ଆମ ନୂଆବୋଉ କିଛି ମିଛ କହି ନ ଥିଲେ । ସେ ଲୋକଟି କଥା କହି ଜାଣେ ନାହିଁ, ହସି ଜାଣେ ନାହିଁ । ହେଲେ ତାଙ କଥା ନିଆରା । କିଛି କହନ୍ତି ନାହିଁ ସିନା - ।

ନବୀନାମାଆ ବୋହୂଟା ଗପୁଡ଼ି । ଦେଖିବାକୁ ବି' ସୁଂଦର । ଗୋରା ହୋଇ ଡ଼ଉଲ ଡ଼ାଉଲ । ପାନଖିଆ ନାଲିଆ ଓଠରେ ହସି ପକାଏ ଟିକିଏ କଥାରେ । ଆସିଥିଲା କେଇଦିନ ତଳେ, କେତେ କଥା ଗପିଲା ।

ସୁଂଦରିଆ ନାଆଁଟିଏ । ମାଣିକ । କହିଛି ଆସିବ ମଝିରେ ମଝିରେ । ଦିନେ ଉପର ବେକିଆ ଛାଇ ନେଉଟିଲା ବେଳକୁ ଆସିବ ଯେ ତାସ ଖେଳ ହେବ । ଉପବେଉ ଅପାକୁ ଡ଼କେଇ ପଠେଇବି । ତାଙ ସାଂଗରେ ତାଙ ନଣଂଦ ବି' ଆସିବ । ଚାରି ଜଣ ହୋଇଯିବେ ଖେଳିବା ପାଇଁ । ଉପବୋଉ ଆଜିକାଲି ଆସୁନାହାଁନ୍ତି ମୋଟେ । ତାସ୍ ଖେଳିବାକୁ ଡ଼ାକିଲେ ଆସିବେ ।

ମାଣିକ ତାସ୍ ଖେଳିବ ଆସି ? ବୋହୂ ମାନେ କ'ଣ କହିବେ ? ସେଦିନ ମାଣିକ ସାଂଗରେ ଏତେ ଗପିବସିଲା ବେଳକୁ ବଡ଼ ଥରକୁ ଥର ପଚାରି ଯାଉଥାଏ, 'ବୋଉ ସଂଜ

Digitized by srujanika@gmail.com

ହେଲାଣି ପରା, ଗାଧୋଇବ ନାହିଁ ?' 'ବୋଉ, ରତି କହୁଛି ଗପ ଶୁଣିବ ।' ବୋଉ ଅମ୍ବକଟା ହେଲା ନାହିଁ ସମ୍ବକଟା ହେଲା' । ସାନ ପଶିଆସି କଟମଟ କରି ଅନେଇ ଯାଉଥାଏ, ଭୂତ ଦେଖିଲା ପରି । ମଝିଆଁ ଉମାର କାନରେ କ'ଣ ଫୁସ୍‌ଫୁସ୍ ହୋଇ କହୁଥାଏ ।

କ'ଣ ହୋଇଗଲା ମୁଁ ମାଣିକ ସାଂଗରେ ଗପିଲି ।

କେତେବେଳ ହେଲାଣି କେଜାଣି । ଏଇକ୍ଷଣି ପୂଝାରୀ ଆସିବ ଖାଇବାକୁ ଡ଼ାକିବା ପାଇଁ । ଆଜି ମୁଁ ଖାଇବି ନାହିଁ ଯା'- କିଏ କ'ଣ କହିବ ? ମନା କଲେ ସାନ ଆସି ତିଆରିବ । 'ବୋଉ ଟାଇମ୍ ହୋଇଯାଉଛି ପରା, ଢ଼େରି କଲେ ଦେହ ଖରାପ ହେବ ।'

ସବୁ ଟାଇମିରେ ହେବା ଦରକାର । ଟାଇମିରେ ଉଠିବି, ଟାଇମିରେ ଖାଇବି, ଟାଇମିରେ ଶୋଇବି । ତା'ପରେ, ଆଉ କିଛି ନାହିଁ ?

ହଁ, ମ- ସବୁ ମୋର ଟାଇମ୍‌ରେ ହୋଇଛି । ଟାଇମ୍‌ରେ ବାହା ହୋଇଛି, ପିଲା ଜନ୍ମ କରିଛି, ପୁଅଝିଅଙ୍କୁ ବାହା ଦେଇଛି, ନାତିନାତୁଣୀ ଦେଖିଛି । ଆଉ ଟାଇମି ଜଗିକରି କ'ଣ ହେବ ? ଦେହ ବେମାରୀ ବଢ଼ିବ, ମୁଣ୍ଡ କ'ଣ ହେବ, ସହଜ ଚାଲିଯିବି । କୋଉଠୁ କ'ଣ ଅଟକି ଯିବ ? ରତି ଆଉ ସଂଜ ବେଳେ ଗପ ଶୁଣିବ ନାହିଁ । ବେଶ୍, ଆଉ କ'ଣ ?

ନିଆଁ ଲଗା ପଙ୍ଖାଟା ଘୁରୁଛି ଖାଲି । ବଂଦ ହେଉନାହିଁ । ଟାଇମି ସରୁ ନାହିଁ ।

ଆଜି ମୁଁ ଖାଇବି ନାହିଁ ଯା'- । କିଏ କ'ଣ କହିବ କହୁ । କହିବି ମୋ ମୁଣ୍ଡ କ'ଣ ହେଇଛି । ସାନ ବୋହୂ ପଚାରି ଦେଇ ଚାଲି ଯିବ, କିଛି କହି ପାରିବ ନାହିଁ । ସେ ଆସିବେ ଡ଼ାକିବାକୁ ? କେଜାଣି ।

ନାଇଁ ସେ କାହିଁକି ଆସିବେ ? କିଏ କାହିଁକି ଆସିବ ? ମୋର ମୁଁ ଭଲ ଅଛି । ଖାଉଛି, ପିଉଛି, ଶୋଉଛି ।

.. ଦୁଆରବଂଧ ପାଖରେ ପୂଝାରୀ ଆସି ଛିଡ଼ା ହେଲାଣି, ଯମ ପରି । ଖାଇବାକୁ ଡ଼ାକିବା ପାଇଁ ଆସିଛି । ମନା କରିଦେବି ।

''ମୁଁ ଖାଇବି ନାହିଁ ଆଜି । ମୋର ଦେହ ଭଲ ନାହିଁ ।''

''ବୋହୂ ମା କହିଲେ ଢ଼େରି ହୋଇଯିବ ।''

''ମନା ତ କଲି ଖାଇବି ନାହିଁ, ତମର କାହିଁକି ମୁଣ୍ଡ ବଥାଉଛି ?

ପୂଝାରୀ ଚାଲି ଯାଉଛି । ପଛରୁ ଡ଼ାକିଲେ, ''ପୂଝାରୀ ଶୁଣିଲ, ବାବୁ ଖାଇ ସାରିଲେଣି ?''

''ଆଜ୍ଞା, ହଁ ।''

''ଭଲକରି ଖାଇଛନ୍ତି ତ ? ସବୁ ତରକାରୀ, ଶାଗ ଖରଡ଼ା-''

''ହଁ ହେଲେ ତରତରରେ ଉଠିଗଲେ, ଶାଗ ହେରିକା ଖାଇଲେ ଟିକିଏ, ପୂର୍ଣ୍ଣବାବୁଙ୍କ ଘରେ କ'ଣ କାମ ଅଛି ବୋଲି କହିଲେ ।''

Digitized by srujanika@gmail.com

ନ ଖାଆନ୍ତୁ । କାହାର କ'ଣ ଯାଉଛି ? ସେଇ ପୃଷ୍ଠାରୀ ରାଂଧିକରି ଦେଉ । ଖାଆନ୍ତୁ, ନ ଖାଆନ୍ତୁ, ମୋର ଗରଜ ପଡ଼ିଛି ।

ପୂର୍ଣ୍ଣବାବୁଙ୍କ ଘରେ ବସିଥିବେ ଯାଇଁ ଏଇକ୍ଷଣି । କବରକାଗଜ ମେଲା ହୋଇଥିବ । ପାନ ଖିଆ ଚାଲିଥିବ । କାମ ନା ଛେନା !

ବୋହୂମାନେ ଖାଇବସିବେଣି । ହସ ଗପ ଚାଲିଥିବ କେତେ । ବୋଉ ପାଖରେ ନାହାନ୍ତି । ବୋଉଙ୍କର ମୁଣ୍ଡ କ'ଣ ହେଇଛି ।

ନିଦ ହେବନାହିଁ । ମୁଣ୍ଡ ଉପରେ ଟାଇମି ଚାଲୁଛି । ରମା ବୋଉଙ୍କର ଟାଇମି ପରିବ ନାହିଁ ।

ଆଜି ମାଣିକକୁ ଡ଼ାକିବି । ଯିଏ ଯାହା ଭାବୁ । ଦାଣ୍ଡ ଅଗଣାରେ ବସି ଗପିବି ତା ସାଙ୍ଗରେ । ତାସ୍ ଖେଳିବି ।

ହେଲେ ମାଣିକ ଟୋକିଟା । ବୁଢ଼ୀ ନୁହେଁ । ସେ କ'ଣ ବସି ରହିବ ମୋ ପାଖରେ ? ନା ବାହାନା କରି ଖସି ପଳେଇ ଯିବ ? କିଂତୁ ମୁଁ କ'ଣ ଏତେ ବୁଢ଼ୀ ହୋଇଗଲିଣି ତା ଶାଶୁ ଭଳିଆ ? ସେଦିନ ମାଣିକ କହୁଥିଲା, '' ଆଇମା, ବୟସ ବେଳେ ତୁମ ରଂଗ ଚହଟୁ ଥିବ ଏକା । ଆଉ ତୁମ ମୁଣ୍ଡରେ ବାଳ ଥିବ କେଜାଣି କେତେ, ତଳେ ଲୋଟୁଥିବ - ନୁହେଁ ?

ମାଣିକଟା ଖୋସାମତିଆ । ନାଇଁ - ସତରେ ମୋ ମୁଣ୍ଡରେ କେତେ ବାଳ ଥିଲା ମ ! ନୂଆବୋଉ ଥଟ୍ଟା କରନ୍ତି । ଆଉ ସିଏ । ତାଙ୍କ କଥା ନିଆରା । ବାହାଘର ପରେ ପରେ ମୁଣ୍ଡରେ ହାତ ବୁଲେଇ ଆଣନ୍ତି ଥରକୁ ଥର । କିଛି କହନ୍ତି ନାହିଁ ସିନା- ।

ଛିଃ, କି ଅଲାଜୁକ କଥା ! ଏ ବୁଢ଼ୀଦିନେ ପୁଣି ! ନାଇଁ, ଶୋଇ ପଡ଼ିବି । ସଂଜବେଳକୁ ମାଣିକକୁ ଡ଼କେଇ ପଠେଇବି । ନବୀନାମାଆର ଗୋରୀ ବୋହୂ । କଥା କହିବ, ହସିବ । ବୋହୂମାନେ ରାଗିବେ, ରାଗନ୍ତୁ । କାହିଁକି ରାଗିବେ, ମୁଁ ତାଙ୍କର କ'ଣ କ୍ଷତି କରୁଛି ?

ନାଲିପାନ ତାସ୍, ମାଣିକର ରଂଗ ଓଠ । ହସ, କଥା , ଟାଇମି ନାହିଁ । ଖାଇବା ଟାଇମ୍ ନାହିଁ, ଔଷଦ ଖିଆ ଟାଇମ୍ ନାହିଁ ।

ମାଣିକ ମୋ ବୋହୂ ହୋଇଛି । ଦିନରାତି ପାଖ ଛାଡ଼ୁନାହିଁ । ବୋଉ, ଆସ ତାସ୍ ଖେଳିବା । ବୋଉ, ଆସ ଏକାଠି ଖାଇବା । ବୋଉ, ଖଣ୍ଡେ ଭଲ ଶାଢ଼ୀ ପିନ୍ଧମ, ଆସ ତୁମ ମୁଣ୍ଡ ବାନ୍ଧିଦେବି ।

ରତି ଚିତ୍କାର କରିଛି, ରତିଟା ପିଲା ।

ସେ କିଛି କହୁନାହାନ୍ତି । କିଛି କହିବେ ନାହିଁ । ତାଙ୍କ କଥା ନିଆରା ।

ରମାବୋଉକୁ ନିଦ ଲାଗି ଆସିଲା ।

Digitized by srujanika@gmail.com

(୨)

ରମାବୋଉ ଶୋଇକରି ଉଠିଲା ବେଳକୁ ଦିନ ଢଳିଗଲାଣି । ଟେବୁଲ୍ ଉପରେ ସରବତ ଗିଲାସ ଥୁଆ ହୋଇଛି ସେମିତି । ଘରଚଟିଆଟିଏ ଗିଲାସ ଦାଢ ଉପରେ ବସି ପାଣି ଖୁଂପୁଛି ।

ପଙ୍ଖା ଚାଲିଛି ସେମିତି ।

ଗୋଳମାଳିଆ ସପନର ଛାଇ ରହିଯାଇଛି ମନରେ । ନାଲି ଶାଢୀ ପିଂଧି ନାଚୁଥିଲା କିଏ ? ମାଣିକ ନା ସାନବେହୂ ? ନା ଫଟୁଘର ଯାତରା ରାଣୀ ?

ରମାବୋଉ ସଜଖ ହୋଇ ଅନେଇଲେ ନରମି ଯାଇଥିବା ଦିନକୁ । ନିଜକୁ ସଂସାର ସାଂଗରେ ଯୋଡିବା ପାଇଁ । ପବନ ଆଉଁସି ଦେଉଛି । ରମାବୋଉ ବଂଚିଛି ।

ପାଟି ଶୁଭୁଛି । ତଳଘରୁ ହବ ବୋଧହୁଏ । କିଏ ସବୁ କଜିଆ କଲାପରି ଲାଗୁଛି ।

କଜିଆ ହେଉଛି । ହେଲେ ଏଘରେ କାହିଁକି ? ରମାବୋଉ କାନ ଡ଼େରିଲା ନିଜକୁ ପ୍ରବର୍ତ୍ତାଇଲେ ରାଗିବା ପାଇଁ । ମୂରବୀ ପଣ ଦେଖାଇବା ପାଇଁ ।

ମୁଁ ଥାଉ ଥାଉ ଏ ଘରେ ପାଟିତୁଣ୍ଡ ହେବ ନାହିଁ । ଇଏ କ'ଣ ନବୀନାମାଆ ଘର ହୋଇଛି ? ରମାବୋଉ ଘରୁ ଗୋଡକାଢ଼ି ଆଗେଇଲେ ସିଡି ମୁଣ୍ଡଆଡ଼କୁ । ସିଆଡୁ କିଏ ଧଇଁସଇଁ ହୋଇ ଉପରକୁ ଉଠୁଛି । ମଝିଆଁପୁଅ ଉମା ହେବ ପରା ।

ରମାବୋଉ ଟିକିଏ ରହିରହି ପଚାରିଲେ, ''ହେଇ ଉମା, ଶୁଣ୍ ମ । ଏ କ'ଣ ପାଟି ଚାଲିଛି କିରେ ?

ଉମା ଫଣଫଣ ହେଉଛି । ରମାବୋଉ ଶଙ୍କିଗଲେ । ଉମା ରାଗିଲେ ପୃଥିବୀ ଓନଟାଇ ଦେବ ।

ଉମାକାନ୍ତ ହଠାତ୍ ରମାବୋଉଙ୍କ ହାତ ଧରି ଟାଣି ଟାଣି ପଛକୁ ନେଇଗଲା ଖଣ୍ଡେ ଦୂର, ତଳମହଲା ଆଡ଼କୁ । କହିଲା, ''ଶୁଣିବୁ କ'ଣ ହେଉଛି ? ଆ' ଶୁଣିବୁ ଆ' । ଦାଣ୍ଡଘରେ ଗୋଟିଏ ମଦଖଟି ଆଖଡ଼ା ବସିଛି । ଭାଇଙ୍କର କଲେଜ ମାଷ୍ଟର ଦଳ । ତା' ଭିତରେ ଅଛନ୍ତି କୃଷ୍ଣମିଶ୍ରେ ପଣ୍ଡିତେ, ଆପୁ ଦାସେ, ଧରଣୀ ବାବୁ ରିଟାୟର୍ଡ୍ ହାକିମ, ଆଉ ଆମର କବି ଶରତ ମହାପାତ୍ରେ । ଯେତେକ ବୁଢାହଡା । ଭାଇ ସବୁ ପିଇ ଯାଉଛନ୍ତି ଆଁକରି । ମୋ ସାଂଗରେ କୁଆଡ଼େ ଯାଇଥାଆନ୍ତେ ବଜାରକୁ- ଅମୁକ ଆଡ଼େ ସମୁକ ଆଡ଼େ । ହୁଁ- ଯେତେକ ଭାଣ୍ଡାମି !

ରମାବୋଉ ଅଳ୍ପବହୁତ ଆଶ୍ୱସ୍ତ ହେଲେ । ଇଏ ତାହେଲେ କଜିଆ ନୁହେଁ । ପଚାରିଲେ, '' କ'ଣ ସବୁ ଗପୁଛନ୍ତି ?''

ଉମାକାନ୍ତ ହାତ ହଲାଇ ରାଗିଲାପରି ହୋଇ କହିଲା,- ''ଗପିବେ କଅଣ ? ମିଟିଂଗ୍ ହେଉଛି, ମିଟିଂଗ୍ । କାଲି ଟାଉନ୍ ହଲ୍‌ରେ ହେଉଥିଲା । ଆଜି ଆମ ଘରେ

Digitized by srujanika@gmail.com

ହେଉଛି । ଗୋଟାଏ କୋଉ ନୂଆ କବିକୁ ଆବିଷ୍କାର କରାଯାଇଛି ଯେ ତାରି କଥା । ସେ କୁଆଡ଼େ ମରି ହଜି ଗଲାଣି କେବେଠୁଁ । ହେଲେ କ'ଣ ଗାରେଇଯାଇଥିଲା ସେଇ ବହି ବାହାରିଛି ଏବେ । କିଏ ଗୋଟାଏ ଅଣଓଡ଼ିଆ ବାହାବା କଲା, ଆଉ ଏମାନେ ମାତିଛନ୍ତି ସେଥିରେ । ସମସ୍ତେ କହୁଛନ୍ତି ଆମେ ଜାଣିଛୁ ତାଙ୍କୁ, ଆମେ ଜାଣିଛୁ ତାଙ୍କୁ । ସେ ଅମୁକ ନୁହନ୍ତି, ସମୁକ । ତାଙ୍କ କବିତାରେ ଏକଥା ଅଛି, ସେକଥା ଅଛି । ରବିସ୍ - ।'' ଉମାକାନ୍ତ ଧପ୍ ଧପ୍ ହୋଇ ଚାଲିଗଲା ତା' ରୁମ୍‌କୁ, ପିଂଧାପିଂଧ୍ କରି ବାହାରକୁ କୁଆଡ଼େ ଯିବ ବୋଲି ।

ରମାବୋଉ କଥାଟା ଠିକ୍ ବୁଝିପାରିଲେ ନାହିଁ । କିଂତୁ କେମିତି ନୂଆ ରକମର ଲାଗଲା । ଭାବିଲେ କାନରେ ପଡ଼ିଲେ ମନ୍ଦ ହେବନାହିଁ ।

ରମାବୋଉ ଉପରକୁ ଫେରି ନ ଆସି ତଳକୁ ଗଡ଼ିଲେ । ତଳ ଶୋଇବା ଘରକୁ ଗଲା ବେଳକୁ ଦାଣ୍ଡଘର ପାଖ ଦେଇ ଯିବାକୁ ହୁଏ । ତାରି ପାଖରେ ପହୁଞ୍ଚିଲା ବେଳକୁ ରମାବୋଉ ଅଟକି ଗଲେ ଟିକିଏ । ଆପୁ ଦାସଙ୍କର ଗର୍ଦ୍ଦଭ ଗଳା ଶୁଭୁଛି । ଟେବୁଲ୍ ବାଡ଼ଉଛନ୍ତି ଓ କହିଚାଲିଛନ୍ତି, 'ଆରେ, ପ୍ରାଣକୁ ମୁଁ ଜାଣେ ନାହିଁ ? ଏକାଠି ସ୍କୁଲ୍‌ରେ ପଢିଛୁ ପରା ! ସେତିକି ବେଳଠୁ ତା'ର ପ୍ରତିଭା, ମାନେ ଜିନିୟସ୍ ବାରିହୋଇ ଯାଉଥିଲା । ସୁଂଦର ଫୁଲଟିଏ ଦେଖିଲେ ରହିଯିବ ଦି'ମିନିଟ୍ । ବର୍ଷାକୁ ଦେଖି ତନ୍ମୟ ହୋଇଯିବ । ବିଚରା ବହୁତ କଷ୍ଟ ପାଇଲା । କିଂତୁ ସାହିତ୍ୟକୁ ଏଇ ଯେଉଁ ଦାନ ଦେଇଯାଇଛି -'

ରମାବୋଉ ଆଗେଇଲେ । ଅଭିଲା କଥା । କୋଉ ପ୍ରାଣ ମ ସିଏ ? ତା'ର କ'ଣ ହେଲା ନହେଲା ,ସେଥିରେ ଏମାନେ ମାତିଛନ୍ତି କାହିଁକି ? ରମାଟା ସେମିତି ସବୁଦିନେ । ଖାଲି ଏଇ ବହି ପାଠ ନେଇ ପାଗଳ । ଭୋକ ଶୋଷ ଭୁଲିଯିବ । ଛାଡ଼, କ'ଣ ମିଳୁଛି ସେଥିରୁ ।

ବଡ଼ବୋହୂ ରତିର ମୁଣ୍ଡ କୁଣ୍ଡେଇ ଦେଉଛି । ମୋତେ ଦେଖି ଓଢ଼ଣାଟା ମୁଣ୍ଡ ଉପରକୁ ଉଠାଇଦେଲା । ବୋଧହୁଏ ପଚାରିବ ଏଇକ୍ଷଣି- ବୋଉ ଖାଇଲେ ନାହିଁ କାହିଁକି ? ଦେହ କ'ଣ ହେଉଛି ?

କିଛି ପଚାରିଲା ନାହିଁତ ? ନାଇଁ, ତା'ର ପଚାରିବା କଥା ନୁହେଁ । ସାନ ଖାଇବା ଖବର ବୁଝେ । ପଚାରିଲେ ସେଇ ପଚାରିବ । ପଚାରିବ, କେଜାଣି ?

ବଡବୋହୂ ସରୋଜିନୀ କେତେ ଡ଼ଉଲ ଡ଼ାଉଲ ଦିଶୁଥିଲା ବାହା ହେଲାବେଳକୁ । ଏଇକ୍ଷଣି ଆଖି ପଶିଗଲାଣି । ଆଖି ତଳେ କଳା ଗାର । କ'ଣ ହୋଇଛି ତା'ର ? ଯାହାହେଉ ସବୁବେଳେ ଏମିତି ମୁହଁ ଭୁରୁଂଗା କରୁଛି କାହିଁକି ?

ବଡବୋହୂ ରତିର ମୁଣ୍ଡ ବାନ୍ଧି ବସିଲାଣି । ରତିକୁ ଦୁଇଟିକିଆ ବେଶୀ ସୁଂଦର ଦିଶେ । କହିଲେ, ''ରତିର ଦି'ଟିକିଆ ବେଣୀ କରିଦେ' ମା, ଭଲ ଦେଖାଯିବ । ଦେଖୁନୁ ପଟନାଏକ ଘର ଝିଅ କେମିତି ବେଣୀକରି ଆସୁଛି । ସେତ ରତି ସାଂଗର- ନୁହେଁ ?''

Digitized by srujanika@gmail.com

କେତେ ସମୟପରେ କୁଣ୍ଢେଇ କରି ବଡ଼ ବୋହୂ କହିଲା, ''ନାଇଁ, ଥାଉ ସେମିତି ।'' ଜୋର୍‌କରି କହିନାହିଁ । ନରମେଇ ମୁହଁ ତଳକୁ କରି କହିଛି । କଥା ଶୁଣିଲାନାହିଁ ବୋଲି କିଏ କହିବ ?

ସେ ସବୁଦିନେ ସେମିତି । ଅତି ଧୀର, ଅତି ନରମ । ହେଲେ ତା' ନିଜ କଥାରେ ଥାଏ । ଆଗେ ଯାହା ଟିକେ ହସୁଥିଲା, ଆଜିକାଲି ସେତିକ ବି' ନାହିଁ ।

ରମାବୋଉ ଫେରି ଆସିଲେ । ସବୁଦିନେ ଏଇ ଛାଇ ଲେଉଟିଲା ବେଳକୁ ସେ ଉପରଘର ପିଣ୍ଡାରେ ଗଡୁଥାନ୍ତି । ଆଜି ତଳକୁ ଆସି ବୁଲିବାରୁ ଠିକ୍ କରି ହେଉ ନାହିଁ କ'ଣ କରିବାକୁ ହେବ, କୁଆଡ଼େ ଯିବାକୁ ହେବ । ଟାଇମିର ବ୍ୟତିକ୍ରମ ।

ମଝିଆଁ ପଛ ଅଗଣାରେ ଠିଆ ହୋଇ ଅନେଇଛି ଉପରକୁ, ଅମୃତଭଣ୍ଡା ଗଛ ଆଡ଼େ । ଅଳସେଇ ହୋଇଗଲାଣି, ମୋଟେଇ ଗଲାଣି । ବୁଲିପଡ଼ି କାବା ହୋଇ ଅନଉଛି । ବୋଉ କେମିତି ଆସିଲେ ଇୟାଡ଼େ ଅବେଳରେ ? ସତେ ଯେମିତି ବୋଉଙ୍କର ଖାଲି ଉପର ଘରେ ପଡିରହିବା କଥା ।

ବୋଧହୁଏ ପଚାରିବ- ବୋଉ, ଭାତ ଖାଇଲେ ନାହିଁ କାହିଁକି ? କେଜାଣି । ଇଚ୍ଛେ ମୋ ଖାଇବା ଖବର ବୁଝେନାହିଁ । ତା'ବୋଲି କ'ଣ ସେ ଜାଣେ ନାହିଁ, ଘରେ କିଏ ଖାଇଲା ନଖାଇଲା ?

ମଝିଆଁ ମୁଣ୍ଡରେ ଓଢଣା ଟାଣିଆଣି ପଛ ଅଗଣାରେ ଠିଆ ହେଲା । ଏଇ ହେଇଛି ତା'ର ଲାଜସରମର ଠାଣି । କିଂତୁ ତା' ମୋଟା ଦେହକୁ ମାନୁନାହିଁ ମୋଟେ । ସେମିତି ଅନେଇ ରହିଛି ଦୋଷୀଙ୍କ ଭଳିଆ । ବୋଉଙ୍କୁ ଡ଼ର ? ନାଇଁ-ନାଇଁ । ରମାବୋଉ ହସିଲେ । ଛଟପଟ ହେଉଛି ବିଚାରୀ । ବୋଉ ଚାଲିଗଲେ ଗୋଡ଼ହାତ କୋହଳ କରି ଆରାମ କରନ୍ତା ପରା !

''ଆଲୋ ଯାଉନୁ ମୁଣ୍ଡକୁଣ୍ଢେଇ ସଫାସୁତୁରା ହେବୁ ? ମୁଣ୍ଡଟା ନୁଖୁରା ହୋଇ ପଡ଼ିଛି କେଉଁଦିନୁ ।''

''ଯା-ଉ-ଛି ।''

କେଶ୍ ସେତିକି । ଜବାବସୁଆଲ୍‌ର କ୍ରମ ସରିଗଲା । ଏଥର ଫେରିବା କଥା । ରମାବୋଉ ମୁହଁ ବୁଲାଇଲେ ।

ରୋଷେଇ ଘରେ ପାଣି ଫୁଟୁଛି । ପୃଥାରୀ ଗୋଡ଼ ଲମ୍ବେଇ ବସିଛି ବାରଣ୍ଡାରେ । ମା'ଙ୍କୁ ଦେଖିଲାଣି କେତେବେଳୁ । କିନ୍ତୁ ସେମିତି ବସିଛି । ମାଆ ଉପରଘରର ଲୋକ । ପୃଥାରୀ ସାଂଗରେ ତାଙ୍କର କ'ଣ ସମନ୍ଧ ଅଛି ।

ମଝିଘର ଆଡୁ କୁଆଡୁ ବିଜୁଳି ପରି ବାହାରି ଆସିଲା ସାନବୋହୂ । ଅଣ୍ଟାରେ ଲୁଗା ଭିଡା ହୋଇଛି । କହିଲା 'ବୋଉ, ଆପଣ ସରବତ୍ ପିଇ ନାହାନ୍ତି ଏତେ ବେଳ ଯାଏଁ । ମୁଁ

Digitized by srujanika@gmail.com

ଉପରକୁ ଯାଇଥିଲି । ଆଜି ଖରାବେଳେ ତ କିଛି ଖାଇଲେ ନାହିଁ । ମୁଣ୍ଡ କ'ଣ ହେଉଥିଲା ବୋଧହୁଏ । ମୁଁ ପୂଝାରୀକୁ ପଚାରିଲି -'

କଥା ଚାଲିଛି ପୁଅ ପରି, ଉତ୍ତରକୁ ଅପେକ୍ଷା ନ କରି । ରମାବୋଉ ହସିଲେ । ସାନ ଖବର ବୁଝେ ।

କ'ଣ ପଚାରିବେ ବୋଲି ରମାବୋଉ ପଚାରି ବସିଲେ 'ଏ କ'ଣ ଏମିତି ମିଟିଙ୍ଗ ଚାଲିଛି କିଲୋ, ଦାଣ୍ଡଘରେ ? ଉମା ତ ରାଗିକରି ପଳେଇଲାଣି ।'

ସାନ ହସିଲା । ପିଲାଙ୍କ ପରି ହସ । ଦାନ୍ତ ଦି'ଧାଡି ଭାରି ସୁନ୍ଦର । ଏମିତି ସେ ହସେ ସବୁବେଳେ । ମୋ କଥା ନାପସନ୍ଦ କରେ ? ନାଇଁ, ତା' ସ୍ୱଭାବ ସେମିତିକା । ପିଲାଳିଆ ।

'ବୋଉ, ସେସବୁ ସାହିତ୍ୟ କଥା । ଭାଇଙ୍କର ସାଂଗମାନେ, ଆଉ ସବୁ ବଡ ବଡ ପ୍ରଫେସର.. ।'

'ହଁ,ହଁ, ଉମା କହୁଥିଲା', କହି ମୁଣ୍ଡ ହଲେଇ ରମାବୋଉ ଫେରିବାକୁ ବସିଲେ । ହେଲେ ଉପରକୁ ଉଠିବାର ଉଦ୍ୟମ କଲେ ନାହିଁ । ବାରିପଟକୁ ମୁଁହେଇଲେ । ଭୋକ କରୁଛି, କରୁ । ବାରିଦୁଆର ମୁଁହରେ ଛିଡା ହୋଇ ଅନେଇଲେ ଉତୁରି ଉଠୁଥିବା ଫଳଫୁଲର ସଂପତିକୁ ।

କାକୁଡି ମାଡିଛି । କଲରା ଗଛ କାନିଡଳେ ତା'ର ପିଲାମାନଙ୍କୁ ଘୋଡେଇ ରଖିଛି । ଶାଗ କେତେ ଜାତିକା । କଳା ମୁଟୁମୁଟୁ ବାଇଗଣ । କଦଳୀପତର ଝୁଲୁଛି ପବନରେ । ଛିଣ୍ଡାପତର ଫୁରୁଫୁରୁ ହୋଇ ଉଡୁଛି,ନିଜକୁ ପତାକା ବୋଲାଇ ହେଉଛି ।

ସେ ପାଖରେ ସୁରୁଯ ବୁଡି ଯାଉଛି । ଗଛପତରରେ ନରମ କଅଁଳିଆ ସରାଗ । ରମାବୋଉ, ଆମେ ତୁମର ।

ଏ ଘରଦ୍ୱାର ବାରିବଗିଚା ସବୁ ମୋର । ମନେ ମନେ ସବୁ ମୋର । ସତକଥା ଏକା ! ରମା ବୋଉ ଲମ୍ବା ନିଶ୍ୱାସ ଛାଡିଲେ ।

ଆଜି ସକାଳେ ଶାଗ ତୋଳି ବସିଥିଲି । କାହା ପାଇଁ ? ନ ଖାଇ ଶାଗସବଜି ରାଂଧି ବସିଥିଲି । କାହା ପାଇଁ ? ପୂଝାରି କହିଲା ସେ ତରତର ହୋଇ ଖାଇ ଚାଲିଗଲେ, ଅମୁକଙ୍କ ଘରେ କାମ ଅଛି । ଶାଗରେ କିଛି ଅଧିକା ପାଇଲେ ନାହିଁ ? ତରକାରୀ ଅନ୍ୟ ରକମର ଲାଗିଲା ନାହିଁ ? ପଚାରିଲେ ନାହିଁ କିଏ କରିଛି ବୋଲି ?

ଶ୍ୟାମ ବାବୁ ବୁଢା ହୋଇ ଗଲେଣି । ଘରେ ପୁଅ ବୋହୂ ନାତିନାତୁଣି । ଲକ୍ଷ୍ମୀ ଭଣ୍ଡାର ପୂରି ରହିଛି । ରମାବୋଉ ବି ଅଛି, ବଂଚିଛି । ସେ ମାଇପଖିଆ ହୋଇ ନାହାନ୍ତି । ସଂସାର ନିଖୁଣ ଅଛି । ଆଉ କଣ ଦରକାର ?

କିନ୍ତୁ ରମାବୋଉର ବଞ୍ଚି ରହିବା ଦରକାର । ନହେଲେ ସଂସାର ଖଣ୍ଡିଆ ହୋଇଯିବ । ସେ ଟାଇମିରେ ଖାଇବ, ପିଇବ, ଶୋଇବ, ଔଷଧ ଖାଇବ ।

Digitized by srujanika@gmail.com

ସବୁ ଆଡୁ ପବନ ଯେମିତି ରୁଣ୍ଡେଇ ପୁଣ୍ଡେଇ ହୋଇ ଆସୁଛି ରମାବୋଉଙ୍କ ପାଖକୁ । ତାଙ୍କ ଦେହରେ ପିଟି ହେଉଛି । ତାଙ୍କୁ ଉସ୍‌କେଉଛି ଆହୁରି ଭାବିବାକୁ ।

ନୂଆ ବୋଉଙ୍କ କଥା — 'ଆଗୋ କୁନ୍ତୀ, ଏ ଲୋକଟି କ'ଣ କଥା କହିପାରେ, ହସିପାରେ ?' ଭାଇ ନୂଆବୋଉ ବୁଢାବୁଢୀ ହେଲେଣି । କିନ୍ତୁ ଏବେ ସୁଦ୍ଧା ତାଙ୍କର ସେମିତି ହସଖୁସି ଥଟ୍ଟାଟାପରା । ସତେ ଯେମିତି କାଲି ବାହା ହୋଇଛନ୍ତି ।

ଯାଙ୍କ କଥା ନିଆରା । କିଛି କୁହନ୍ତି ନାହିଁ ସିନା — ।

ବୁଡି ଯାଉଥିବା ସୂର୍ଯ୍ୟର ଶେଷ ନାଲି ଟିକକରେ କ'ଣ ଥିଲା କେଜାଣି, ନା ପବନର ଉତଳା ସୁଅରେ କ'ଣ ମିଶି ରହିଥିଲା, ରମାବୋଉ ଡେଇଁ ଉଠିଲା ପରି ସେଇ କଥାଟିକୁ ଓଲଟେଇ ଧରିଲେ, ଯାହାକୁ ସେ ସବୁଦିନେ ମାନି ଆସିଛନ୍ତି । ତାଙ୍କ କଥା ନିଆରା । କ'ଣ ନିଆରା ? କାହିଁକି ନିଆରା ? କଥା କହିବାକୁ କ'ଣ ପଇସା ପଡେ ? ହସିଲେ କ'ଣ ସରିଯାଏ ତାଙ୍କର ?

ମୁଁ ବୁଢ଼ୀ ହୋଇଗଲିଣି । ଆଉ ସେ କ'ଣ ଟୋକା ଅଛନ୍ତି ? ସେ କେବେହେଲେ ଟୋକା ନଥିଲେ, କି କେବେହେଲେ ବୁଢ଼ା ହେବେ ନାହିଁ । ସବୁଦିନେ ସେମିତି, ଅଧା ବୟସିଆ । ମୁହଁରେ ଛନଛନ ନାହିଁ କି ଗାର ପଡିବ ନାହିଁ । ସବୁଦିନେ ସେମିତି, କାଠପଥର, ନିଦାବିଷ୍ଣୁ ।

ରମାବୋଉ ହସିଲେ । ହେଲେ ସେଇ କାଠପଥରରୁ ଯଦି କେହି କିଛି ପାଇଥାଏ ସେ ହେଉଛି ମୁଁ । କେହି ମନା କରି ପାରିବ ?

ସୂର୍ଯ୍ୟ ବୁଡିଗଲାଣି । ସାନବୋହୂ ଗଳା ଫଟେଇ ଡାକୁଛି କାହାକୁ — ପୁଝାରୀକୁ, ନ ହେଲେ ବୁଢ଼ୀ ଚାକରାଣୀକୁ । ଘରକୁ ଫେରିବାକୁ ପଡିବ । ଉପର ବାରଣ୍ଡାରେ ସପଟିଏ ପାରି ଶୋଇବା କଥା । ସାନର ସରବତ୍ ଥୁଆ ହୋଇଥିବ । ରତି ଆସିବ ଗପ ଶୁଣିବା ଲାଗି । ସେଇଡକ ବଡ ଦୟା ସମସ୍ତଙ୍କର । ରମାବୋଉଙ୍କର ମନ ପୁଣି ଦବି ଆସିଲା । ମାଣିକକୁ ଡାକୁଥିଲି ପରା — ଛାଡ ମ, କାହିଁକି କାହାକୁ ଡାକିବି । ଗୁଡିଆଣୀ ଝିଅ । ବଡଲୋକଙ୍କ ଆଶ୍ରାରେ ବଞ୍ଚିଛି । କଥା ଏଡି ଦେବ ନାହିଁ, ଧାଇଁ ଆସିବ । ହେଲେ ସେ ବି' ତ ବଅସଥିଲା ଝିଅ, ମୋ ବୋହୂମାନଙ୍କ ପରି । ସେ ତା' ସଂଙ୍ଗସୁଖ ଲୋଡିବ । ତା'କୁ ମୋ ପାଖକୁ ଡାକି ହନ୍ତସନ୍ତ କରିବି କହିଁକି ?

ରମାବୋଉ ଫେରିଲେ । ପାଦ ଚକୁନାହିଁ ଯେମିତି । ଗୋଟିଏ ଗୋଟିଏ ହୋଇ ପାହାଚ ଚଢ଼ିବେ, ଅସଂଖ୍ୟ ପାହାଚ । ପାହାଚ ସରିବ ନାହିଁ ।

ଘର ଭିତରକୁ ଯାଇ ଉପରକୁ ଉଠିବା ଆଗରୁ ଦାଣ୍ଡଘରେ ବାରଣ୍ଡା ପାଖ ଦେଇ ଯିବାକୁ ପଡେ । ସେହେତୁ ରମାବୋଉ ଦେଖିବାକୁ ପାଇଲେ ଯେ ସଭା ଭାଙ୍ଗୁଛି । ସେମାନେ ଜଣଜଣ କରି ବାହାରୁଛନ୍ତି ପଦାକୁ । ରମାବୋଉ ଠିଆ ହୋଇଗଲେ କବାଟ ଆଡୁଆଳରେ ।

Digitized by srujanika@gmail.com

ଆଗେ ବାହାରିଲେ ଆପୁ ଦାସେ ଓ ଧରଣୀବାବୁ, ନାସ ଦିଆନିଆ ହୋଇ । ପ୍ରଚଣ୍ଡ ଛିଙ୍କଟାଏ ସାରିଦେଇ ଦାସେ କହିଲେ, ''ହାୟ, ହାୟ ! କେଡେବଡ ପ୍ରତିଭା ! ବଞ୍ଚି ରହିଥିଲେ ହୁଏତ — ।'' କଥାଟା ଶେଷ କରିଦେଲେ ଧରଣୀବାବୁ । ପାକୁଆ ପାଟିରେ ଫୁସ୍‌ଫୁସ୍ ହୋଇ କହିଲେ, ''ତା'ହେଲେ ଆମ ଶରତ ମହାପାତ୍ରେ ଆଜି ଏତେ ଫୁକୁରୁ ଫୁକୁରୁ ହେଉ ନ ଥାଆନ୍ତେ ।''

ଶରତ ମହାପାତ୍ରେ ବାହାରିଲେ ଘରୁ । ସାଙ୍ଗରେ ରମା ଓ ତା'ର ସାଙ୍ଗ ପ୍ରଫେସର ମାନେ । ରମା ମୁଣ୍ଡ ହଲଉଛି ଓ ଶରତବାବୁ କହି ଚାଲିଛନ୍ତି, ''ଯେତେ ଯାହା କୁହ, କବି ପ୍ରାଣନାଥକୁ ଆଧୁନିକ ଯୁଗର କବି ବୋଲି କୁହା ଯାଇ ନ ପାରେ । ଯଦିଓ ସେ ଆଧୁନିକ ଯୁଗରେ ଜନ୍ମ ହୋଇଥିଲେ । ଶୃଙ୍ଗାରରସର ଅତିଶୟତା, ଉପମାଚାତୁରୀ, ଅଳଙ୍କାରବିନ୍ୟାସ, ଇଏ ସବୁ ସୂଚାଇ ଦିଏ ଯେ ସେ ମଧ୍ୟଯୁଗର ଆଦର୍ଶରେ ଗଢ଼ା । ହୁଏତ ଉପେନ୍ଦ୍ର ଭଞ୍ଜଙ୍କର ପ୍ରିୟ ଛାତ୍ର ହୋଇ ପାରି ଥାଆନ୍ତେ ।''

ପଣ୍ଡିତେ କୃଷ୍ଣ ମିଶ୍ରେ କେଉଁଠି ଥିଲେ ବାହାରି ଆସି ହୋ'ହୋ' ହୋଇ ହସି ଉଠିଲେ, — ''ହଇହୋ, ଆଉ କ'ଣ ସେ ତମରିମାନଙ୍କ ପରି ଲେଖିଥାଆନ୍ତେ ? ସାବୁନ୍‌ଫେଣ ପରି ଜହ୍ନ ଆଲୁଅ, ପୋକଖିଆ କନ୍ଥଳ ପରି ରାତିର ଆକାଶ —''

କୃଷ୍ଣମିଶ୍ରେ କହି ଚାଲିଛନ୍ତି, ''ବୁଝିଲ, ମୁଁ ତା'କୁ ଜାଣିଛି ପିଲାଦିନୁ । ତାଙ୍କ ବାପାକୁ ଜାଣିଛି । ଘର ପାଖେ ଘର ପରା, ସରସ୍ୱତୀ ପୂଜାରେ ଏକାଠି କଇଁଫୁଲ ତୋଳି ଯାଉଥିଲୁ, ଏକାଠି ପୁଷ୍ପାଞ୍ଜଳି ଦେଉଥିଲୁ...।'' ପଣ୍ଡିତେ ସ୍ମୃତିର ଆଲୋଡନରେ ଗଦ୍‌ଗଦ ହୋଇଗଲେ ।

ଧରଣୀବାବୁ ଛାଡିବା ଲୋକ ନୁହଁନ୍ତି । କହିଲେ, ''ମୁଁ କିନ୍ତୁ ତାକୁ ଜାଣିଛି, ଯେତେବେଳେ ସେ କାବ୍ୟରଚନା କରୁଥିଲେ, ଯେତେବେଳେ ତାଙ୍କ ପ୍ରତିଭା ଗଢ଼ି ଉଠୁଥିଲା । ତୁମେ ସବୁ ଜାଣିଛ ପ୍ରାଣନାଥକୁ, ମୁଁ କିନ୍ତୁ ଜାଣିଛି 'ଅୟି କୁନ୍ତଳିକା'ର କବିକୁ । କହିଲେ ବିଶ୍ୱାସ କରିବ ନାହିଁ, ସେ କାବ୍ୟର ପ୍ରଥମ ପରିଚ୍ଛେଦଟିକୁ ମୋ ହାତକୁ ବଢ଼େଇ ଦେଇ ଅନୁରୋଧ କରିଥିଲେ ତା ଉପରେ ମନ୍ତବ୍ୟ ଦେବାପାଇଁ । କହିଲେ — 'ଧରଣୀବାବୁ, ସତ କହିବେ, କୁନ୍ତଳିକାର ଛବିଟି ପୂରାପୂରି ଫୁଟି ଉଠୁଛି କି ନାହିଁ ଆପଣଙ୍କ ଆଖି ଆଗରେ । ସତ କହିବେ ଯେ, କବିର ମାନସୀ ହିସାବରେ ତା'ର ମୂଲ୍ୟ କଅଣ ।' ଏମିତି ଆତୁରିଆ ହେଉଥିଲେ ଯେ ମୁଁ ଆଉ କ'ଣ କହିବି !''

ଶରତବାବୁ ମୁରୁକି ମୁରୁକି ହସୁଥିଲେ । ରସଭଙ୍ଗ କରି କେହି ଜଣେ, ରମାକାନ୍ତର ସାଙ୍ଗ ପ୍ରଫେସର ହେବ ପରା, ପଚାରିଲା, ''ଆଜ୍ଞା, କବିଙ୍କ ଜନ୍ମସ୍ଥାନ କେଉଁଠି କହିପାରିବେ କି ? ମୁଁ ଜାଣି ପାରିଲି ନାହିଁ ଏତେବେଳ ଯାଏଁ ।''

ଆଗଭର ହୋଇ କୃଷ୍ଣ ମିଶ୍ରେ କହି ଉଠିଲେ, — ''ମୁଁ କହୁଛି — ଜନ୍ମସ୍ଥାନ ଏବଂ ଆଦିନିବାସ କଦମ୍ବପୁର । ପୋଷ୍ଟ ରାମନଗର । ଜିଲ୍ଲା —''

Digitized by srujanika@gmail.com

ସେମାନେ ଆଗେଇ ଗଲେଣି । କିନ୍ତୁ ରମାବୋଉ ଆଗେଇ ଯାଇ ପାରୁ ନାହିନ୍ତି ଆପଣା ବାଟରେ । ବାରଣ୍ଡା ଅବଖୁରାରେ ଥିବା ପୁରୁଣା ମଇଳା ଦର୍ପଣ ଆଡକୁ ଅନେଇଛନ୍ତି । ମୁହଁ ନିଶୁ ନାହିଁ ।

ଗ୍ରାମ କଦମ୍ବପୁର । ପୋଷ୍ଟ, ରାମନଗର ।

ମନେ ପଡିଲା କୋଉ ପୁରୁଣା କଥା । ''ହଇ ହେ, ଜେନାଏ, ତମ ଗାଆଁରେ କଦମ୍ବ ଫୁଟେ ? ଆମକୁ ଦି'ଟା ଆଣି ଦିଅନ୍ତ ନାହିଁ ?'' ଜେନାପୁଅ ହସିଲେ । ପାନଖିଆ କଳା-କସରା ଦାନ୍ତ । ''ଆଜ୍ଞା - ହେଁ, ହେଁ ।''

ଜେନାପୁଅଙ୍କ ନାଆଁ ପ୍ରାଣନାଥ ଜେନା । ଲମ୍ବରେ ପାଞ୍ଚଫୁଟ ଧରିବେ କି ନାହିଁ । ମୁଣ୍ଡବାଳ ପାତିଆ ହୋଇ କୁଣ୍ଡା ହୋଇଛି । ମନେ ହୁଏ ପକେଟ୍‌ରେ ଛୋଟ ପାନିଆଁ ଆଉ ବାସ୍ନାତେଲର ଶିଶି ପଶିଥିବ । କିନ୍ତୁ ଛାତି ପକେଟରେ ଖାଲି ଦେଖାଯାଏ ମୋଟାଏ କାଗଜ । ମୋଟା କରିଆ ଲୁଗା ଆଣ୍ଠୁ ତଳକୁ । ବିନୟୀ, କଥାକୁ ଛଳ କରନ୍ତି ନାହିଁ । ସେଇଲାଗି ବାପା ପଚାରୁଥିଲେ ସେମିତି, କଦମ୍ବଫୁଲ ନେଇ । ପୁଣି ପଚାରନ୍ତି, ''ହାତକୁ ଦି'ହାତ କେବେ ହେଉଛ ପ୍ରାଣନାଥ ବାବୁ ? ତମ ଲାଖି କନିଆଁଟିଏ ମିଳିଲେ ତ — ନା କଅଣ ?'' ସବୁଥିରେ ସେଇ ଉତ୍ତର - ''ଆଜ୍ଞା, ହେଁ ହେଁ ।''

ପ୍ରାଣନାଥବାବୁ । ବାପାଙ୍କର ଜଣେ ଗୁମାସ୍ତା । ମାତ୍ର ବର୍ଷେ ଦି'ବର୍ଷ ରହିଛନ୍ତି । ତା'ପରେ ଦିନେ ହଠାତ୍ ମୋ ବାହାଘର ମାସକ ଆଗରୁ କହିଲେ, ''ଆଜ୍ଞା, ମୁଁ ଯାଉଛି, ମୋତେ ବିଦାୟ ଦିଅନ୍ତୁ । ମୋତେ ଯିବାକୁ ପଡିବ, ଆଉ ଚାକିରୀ କରି ପାରିବି ନାହିଁ ।'' ବାପା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''କିଓ କଥା କଅଣ ? ଏତେ ତରବର କାହିଁକି ? ଅନ୍ତତଃ କୁନ୍ତୀ ବହାଘରକୁ ରହିବ ନାହିଁ ?'' ଉତ୍ତରରେ ''ନାଇଁ, ଆଜ୍ଞା ।'' ପାଟିରୁ କଥା ବାହାରୁ ନାହିଁ ଯେମିତି । ବାପା ହସିଲେ । ଆଉ ଟିକିଏ ବିରକ୍ତ ମଧ୍ୟ ହେଲେ । ପ୍ରାଣନାଥବାବୁ ବିଦା ହୋଇଗଲେ ସେଇଦିନ ।

ପ୍ରାଣନାଥ ବାବୁ । ଗୁମାସ୍ତା ପ୍ରାଣନାଥ । ସେଇ ହେଉଛନ୍ତି ନୂଆ କବି ! ତାଙ୍କରି ଉପରେ ଏତେ ସଭା, ଆଲୋଚନା !!

ରମାବୋଉ ମୁହାଁଉଥାଆନ୍ତି ସିଡିମୁଣ୍ଡକୁ ଓ ହସୁଥାଆନ୍ତି ମନକୁ ମନ — ମୁଁ ବି କବିଙ୍କୁ ଜାଣିଛି । ଏମାନଙ୍କଠାରୁ ବେଶି ଜାଣିଛି ।

ସିଡିମଝିରେ ଥିବା ବିଜୁଳି ଆଲୁଅର ଝଲକ ପଡିଲା ରମାବୋଉଙ୍କ ମୁହଁରେ । ବଡ ବୋହୂର ଆଖିରେ ପଡିଲା । ବୋଉ ହସୁଛନ୍ତି । ନିଜକୁ ନିଜେ ହସୁଛନ୍ତି । ତାର ଶୁଖିଲା ମୁହଁରେ ହସ ଫୁଟି ଉଠିଲା । ମଝିଆଁକୁ କହିବ ।

ରମାବୋଉ ଭାବି ଚାଲିଛନ୍ତି । ସେଦିନ ପ୍ରାଣବାବୁ ଗଲେ ନାହିଁ କେତେବେଳ ଯାଏଁ । ଚୁପ୍‌କିନି ଛିଡା ହୋଇଥାଆନ୍ତି ବାରଣ୍ଡାରେ ଖୁଣ୍ଟକୁ ଆଉଜି, ଅନାଇ ଥାଆନ୍ତି ଡୋଟା

Digitized by srujanika@gmail.com

ଆଡେ । ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥାଏ । ଆମେ ସବୁ ଦୌଡି ଆସୁଥାଉ ଘରକୁ, — ମଣି, ବିଜି, ଆଉସବୁ କେତେ ସାଙ୍ଗ । ପ୍ରାଣବାବୁ ଅନେଇଲେ ଆମ ଆଡକୁ । ଆମ ସମସ୍ତଙ୍କ ଆଡକୁ ଅନେଇଥିଲେ ? ନାଇଁତ, ବୋଧହୁଏ ମୋଅରି ଆଡକୁ ଅନେଇଥିଲେ । ମନେ ହେଉଥିଲା ଯେମିତି ସେ ମୋତେ ଦେଖୁନାହାନ୍ତି, ମୋରି ଭିତର ଦେଇ ଆଉ କ'ଣ ଭାବୁଛନ୍ତି । ବୋଧହୁଏ ଆମ ଘର ଛାଡି ଯାଉଛନ୍ତି ବୋଲି ଦୁଃଖ କରୁଛନ୍ତି ।

ତାଙ୍କର ଆଖିଦିଟା ସତରେ ମଜାର । ମୁହଁ ସାଙ୍ଗକୁ ଖାପ୍ ଖାଏ ନାହିଁ । ତୋପା ଆଖି, ଆଉ ଟର୍ଚ ପକେଇଲା ପରି ଚାହାଣୀ । କିନ୍ତୁ ଚଞ୍ଚଳ ନୁହେଁ, ଥିରପିଲାଙ୍କ ପରି । ସେତିକି ଯାହା, ବାକୀସବୁ ନୁହେଁ । ବସିଗଲା ଭଳି ନାକ, ଆଉ ବଡମୁଣ୍ଡ, ସରକସ୍ ଜୋକରଙ୍କ ପରି । ରମାବୋଉ ପୁଣି ହସି ଉଠିଲେ । ସେଇଲୋକ ପୁଣି କବି ହୋଇଛି ! ଏତେ ବଡ କବି !!

ପ୍ରାଣବାବୁ ଅନେଇଥିଲେ । କାହାକୁ ଅନେଇଥିଲେ — ମୋତେ ? କାହିଁକି ?

ସେଇ ଥରକ ନୁହେଁ । ମନେ ହେଉଛି ଆହୁରି କେତେଥର ଅନେଇଥିଲେ ସେମିତି । କୁଆଁର ପୂନେଇଁ ହେବ ପରା । ଜହ୍ନରାତିରେ ସମସ୍ତେ ବାହାରେ ଖେଳୁଛୁ । ସାଇପଡିଶା ଘରୁ ହୁଳହୁଳି ଶୁଭୁଛି । ବିଜି ବାହା ହୋଇ ଆସିଥିଲା ସେଥର । ତା'କୁ ଚିଡଉଛି । ହଠାତ୍ ଦେଖିଲାବେଳକୁ ବରଗଛ ଚଉତରା ଉପରେ ଜଣେ ବସିରହିଛି । ମଣିଟା ଡରକୁଳୀ, ଭୂତ ବୋଲି ପାଟି କରିବାକୁ ଯାଉଥିଲା । ମୁଁ ଭଲ କରି ଅନେଇ ଦେଖିଲି, ଆମ ଗୁମାସ୍ତା ବାବୁ । କାହିଁକି ବସି ରହିଛନ୍ତି ସେମିତି ? ଆମେ ସବୁ ଗୋଲେଇ ହୋଇ ବସିଥିଲୁ । ମୁଁ ଥିଲି ତାଙ୍କ ଆଖି ସାମ୍ନାରେ । ତା'ହେଲେ ସେ କ'ଣ ମୋତେହିଁ ଅନେଇଥିଲେ ? ଅବଶ୍ୟ ପାଖରେ ଅଭୟା ବସି ଥିଲା । କିନ୍ତୁ — ।

ନା, ସେଦିନ ସେ ମୋତେହିଁ ଅନେଇ ରହିଥିଲେ । ସେଦିନ କଥା ନ ହେଲା । ଆଉ ଦିନେ, ମଗୁଶିର କି ପୁଷମାସ ହେବ, ମୁଁ ପକାକୁ ପକାକୁ ଉଠି ବାହାରକୁ ଆସିଥାଏ । ଆକାଶର ସେ ମୁଣ୍ଡକୁ ଅନେଇଥାଏ । ଉଇଁଲା ସୂର୍ଯ୍ୟ ଆଡକୁ । ବାଜ ମୁକୁନା ହୋଇ ପଡିଥାଏ ପଛକୁ । ଦେଖେ ଗୁମାସ୍ତାବାବୁ ହାତକୁ ଛନ୍ଦି ଟ୍‌କ୍‌ଟକ୍ କରି ଅନେଇଛନ୍ତି ମୋ ଆଡକୁ ।

କାହିଁକି ଅନେଇଥିଲେ ସେମିତି ? କବିମାନେ ସେମିତି ଅନାନ୍ତି ପରା ! ରମାବୋଉ ହସିଲେ । ପ୍ରାଣବାବୁ ଗୁମାସ୍ତା କବି ! ସମସ୍ତଙ୍କ ଆଗରେ କହିଦେବି ଯାଉଛି । ତମେସବୁ କ'ଣ ଜାଣିଛ ତାଙ୍କ କଥା ? ମୋତେ ପଚାର ।

ରମାବୋଉ ସିଡିରେ ଉଠୁଥାଆନ୍ତି । ଭାବନା ସରୁ ନ ଥାଏ । ସତରେ ସେ ମୋତେ ଅନଉଥିଲେ ସେମିତି ଥରକୁ ଥର ? ସତ ନା ମିଛ ?

କାହା କଥା ନେଇ ଗୀତ ଲେଖିଛନ୍ତି ସେ ? କୁନ୍ତଳିକା, କୁନ୍ତଳିକାଟି କିଏ ?

Digitized by srujanika@gmail.com

ରମାବୋଉଙ୍କର ଆଖି ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା । ମଲା, ଏତେ ଭାବୁଛି କ'ଣ ମ ? କୁନ୍ତୀରୁ କୁନ୍ତଳିକା । କୁନ୍ତୀ — କୁନ୍ତଳିକା । ସେ ମୋରି କଥା ଲେଖିଛନ୍ତି ! ମୋରି ପାଇଁ —।

ରମାବୋଉ ହସି ଉଠିଲେ । କିନ୍ତୁ ଏ ହସରେ ଅବଜ୍ଞା ନ ଥିଲା । ନିଧି ପାଇଲା ପରି ହସ । ବଡକବି ମୋ ପାଇଁ ଗୀତ ଲେଖିଛି । ସେ ପ୍ରାଣନାଥ ଜେନା ହେଉ, ଗୁମାସ୍ତା ବାବୁ ହେଉ, ଯେ ହେଉ । ସେ ଲୋକଟି କଥା କହିପାରେ, ହସିପାରେ, ଗାଇପାରେ — ସବୁ ମୋରି ପାଇଁ ।

ରମାବୋଉ ହସି ହସି ଚାଲୁଛନ୍ତି ଉପର ବାରଣ୍ଡାରେ । ମିଛ ନୁହେଁ, ସତ । ଏମାନେ ବୁଝିବେ ନାହିଁ କେହି । ଯାଙ୍କ କଥା ନିଆରା । ବୋହୂଗୁଡା ଅଗୁଆଁର । ରତିଟା ପିଲା । କାହାକୁ କହିବି ?

କାହିଁକି କହିବି ? ମୋ କଥା ମୋ ପାଖରେ । ମୋ ନାଆଁ ରହିଛି ବହିରେ, କବିଙ୍କ କଥାରେ । କେହି ନ ଜାଣନ୍ତୁ, ହେଲା କ'ଣ ? ଜାଣିବେ କେବେ ହେଲେ —।

ତରୁ କେତେ ଯୋଡା ଆଖି ଜଳଜଳ କରି ଚାହିଁଛି ତାଙ୍କ ଆଡେ, ସେ ଆଡକୁ ଖିଆଲ୍ ନାହିଁ ରମାବୋଉଙ୍କର । କେତେ ଫୁସ୍‌ଫାସ୍ ଟୁପ୍‌ଟାପ୍ ପରେ ସାନ ଜଳଖିଆ ଥାଳିଆ ଧରି ଦଉଡିଛି ଉପରକୁ । ତା'ପଛେ ପଛେ ଖୋଦ୍ ଘରର ମାଲିକ ଶ୍ୟାମ ବାବୁ । ମନକୁ ମନ କହୁଛନ୍ତି — ମୁଁ ନିଜେ ଏଥରେ ବୁଝିବି ରମାବୋଉ ଖବର, ଔଷଧ ଠିକ୍ ଟାଇମ୍‌ରେ ଦେବି, ଠିକ୍ ଟାଇମ୍‌ରେ ଖାଇବାକୁ କହିବି । ବୁଢୀ ହେଲେଣି ଯେତେହେଲେ —।

ସାନବୋହୂ ଓ ତା' ହାତରେ ଜଳଖିଆ ଥାଳିଆ । ପଛରେ ଶ୍ୟାମବାବୁ । ଦୁହିଁଙ୍କୁ ସିଡି ମୁଣ୍ଡରେ ଦେଖି ରମାବୋଉ, ହସି ପକେଇଲେ - ଏକ ବିରାଟ ଚମକପ୍ରଦ ହସ । ବିଚରା !!!

Digitized by srujanika@gmail.com

ଅରବିନ୍ଦ ବାବୁଙ୍କର ଦୁଃଖ

ସେଦିନ ସଂଧ୍ୟାରେ ଆଲୁଅ-ଛାଇକୁ ଟିକିଏ ଦେଖି ରହିଗଲେ ଅରବିନ୍ଦବାବୁ । ସବୁଦିନ ପରି ହେଲେ ମଧ୍ୟ କେମିତି ନୂଆ ଲାଗୁଛି, ଅନ୍ୟ ରକମର । ମନେ ହେଉଛି ସେ ଅରବିନ୍ଦବାବୁଙ୍କଠାରୁ ବଡ । ତାଙ୍କ ପାଖରେ ଯାହା ନାହିଁ, ସେ ଯାହା ଚାହୁଁନ୍ତି ହେଲେ ପାଇ ନାହାଁନ୍ତି, ସବୁ ତା' ପାଖରେ ଅଛି । ସେ ସ୍ଥିର ହୋଇ ବସି ରହିଛି, ଅଥଚ କଥା କହୁଛି — ଅନେକ କଥା । ସେ ସବୁ କଥା ଗୋଟିଏ କଥା ହୋଇ ଗଛ ପବନ ପାଣି ପଡରରେ ଛାଇ ହୋଇ ସମସ୍ତଙ୍କୁ ଏକାଠି କରି ଦେଇଛି । ଏହା ପରେ ଆଉ କିଛି କଥା ନାହିଁ, ଆଉ କିଛି ଜାଣିବାର ନାହିଁ, ପାଇବାର ନାହିଁ । ଅରବିନ୍ଦବାବୁ ମଧ୍ୟ ତାରି ସାଙ୍ଗରେ ମିଶି ଯାଇଛନ୍ତି । ସେଇ ଶେଷ କଥାର ଚିରୁଡାଏ ହୋଇ, ସେଇ ସମଗ୍ର ଅନୁଭୂତିର ଅଂଶ ବିଶେଷ ।

ଅରବିନ୍ଦବାବୁ ଅଫିସ୍ ଫେରନ୍ତା ବେଶ ବଦଳେଇ ନାହାନ୍ତି । ଖାଲି ଟାଇଟାକୁ ଟିକିଏ ହୁଗୁଳେଇ ଦେଇଛନ୍ତି, ଓ କୋଟ୍‌କୁ ଅଧା ଖୋଲି କାନ୍ଧରେ ଇଟକେଇ ଦେଇଛନ୍ତି ।

ଛାଇ ଘେରି ଆସୁଛି, ଅନ୍ଧାର ବ୍ୟାପି ଯାଉଛି । କିନ୍ତୁ ଅରବିନ୍ଦବାବୁ ଚିଡା ହେବା ଜାଗାରୁ ଘୁଣ୍ଟି ପାରୁ ନାହାଁନ୍ତି, ସଞ୍ଜର ଛାଇରୁ ନିଜକୁ ଅଲଗେଇ ପାରୁ ନାହାଁନ୍ତି । ରାସ୍ତାକଡରେ ଥିବା ଇଟାଗଦା ପାଖରେ ବିଲେଇଟିଏ ଲାଞ୍ଜୁଡ ଟେକି ଦେହକୁ ଘଷି ଘଷି ଯାଉଛି । ସେ ମଧ୍ୟ ଏଇ ସଞ୍ଜର । ଅରବିନ୍ଦବାବୁଙ୍କର ମନେ ହେଲା ସେ ମଧ୍ୟ ଛାଇ ଆଣୁଛି, ଅନ୍ଧାର ଆଣୁଛି, ଶାନ୍ତି ଆଣୁଛି ।

କିନ୍ତୁ ବିଲେଇକୁ ଦେଖୁ ଦେଖୁ ତାଙ୍କ ମନରେ ଆସିଲା ବିଲେଇ ମାନଙ୍କ କଥା; ଅଫିସ୍‌ମଣିଷ, ଘରମଣିଷ, ପୁରୁଷ ସ୍ତ୍ରୀ, ପିଲାଛୁଆ, ଦଳ, କୋଳାହଳର ଗଣ୍ଡଗୋଳ । ଶାନ୍ତିର ଛବି ଅସ୍ଥିର ହୋଇ ଉଠୁଛି । କହୁଛି ଅପର ଦୃଶ୍ୟ ବି' ସତ, ଯାହା ମୋତେ ବନ୍ଦୀ କରି ରଖିଛି । ସେଠି ସଂଘର୍ଷ ଅଛି, ଘାତ ପ୍ରତିଘାତ । ସେଠି ଜୀବନ ରାଗିକରି ଡେଇଁ ଉଠୁଛି ପ୍ରତି ମୁହୂର୍ତ୍ତରେ, ଅଧିକାର କରୁଛି, ହାରିଯାଉଛି, ହେଲେ ପୁଣି ଉଠି ବସୁଛି । ତିଆରି କରା ଲାଜରା ହସ, ଅଭିମାନୀ କାନ୍ଦଣା, ଉହୁଳା ହସ, ବିଜୁଳି ଅସନା କାନ୍ଦଣା, କଥା କୁହାକୁହି, କଥା କଟାକଟି, କଜିଆ, କୋଳାକୋଳି — ସବୁଠି ସେଇ ଜୀବନର ଉଗ୍ରତା, ଜୀବନର କ୍ରୋଧ, ରଙ୍ଗ ଉପରେ ରଙ୍ଗ, ଦୂରୀର ବିରାମ ନାହିଁ ।

Digitized by srujanika@gmail.com

ଅରବିନ୍ଦବାବୁଙ୍କର ଇଚ୍ଛା ହେଲା ଆଖି ବୁଜି ଦେବେ । ଆଖି ବୁଜି ଦେଲେ ଆଉ କିଛି ଦେଖା ଯିବ ନାହିଁ, ଆଉ କିଛି ମନେ ପଡିବ ନାହିଁ । ସଞ୍ଜର ଛାଇ ସାଙ୍ଗରେ ପୂରାପୂରି ମିଶି ଯାଇ ହେବ ।

ତେବେ ଆଖି ବୁଜିବାର ପ୍ରଲୋଭନରୁ ସେ ଠିକ୍ ସମୟରେ ନିଜକୁ ବଞ୍ଚେଇ ରଖି ପାରିଲେ । ସେଥିପାଇଁ ଦାୟୀ କଅଣ ବୋଲି ନିର୍ଦ୍ଦିଷ୍ଟ ଭାବରେ କହି ହେବ ନାହିଁ — ହୁଏତ ତାଙ୍କ ଡ୍ରଇଁ ରୁମ୍‌ରେ ହଠାତ୍ ଜଳି ଉଠିବା ଆଲୁଅରେ ପଞ୍ଚବର୍ଷୀୟ ଯୋଜନାର କ୍ୟାଲେଣ୍ଡର୍ ଆଖିରେ ପଡିଲା, କିମ୍ବା ପୁନ୍‌ପୁନ୍‌ର ସରୁ କଣ୍ଠ ଓ ଚଢ଼ାସ୍ୱରର ଇଂରେଜି ଗୀତ କାନରେ ବାଜିଲା, କିମ୍ବା କାଲି ପାଇଁ ସ୍ଥିର ହୋଇଥିବା ଅଫିସ୍‌ର ଗୋଟିଏ ଷ୍ଟାପ୍ ମିଟିଙ୍ଗ୍ କଥା ମନେ ପଡିଲା, ଯେଉଁ ମିଟିଙ୍ଗ୍‌ରେ ତାଙ୍କର ଗୋଟିଏ ସୁଚିନ୍ତିତ ଭାଷଣ ଦେବାର କଥା ଅଛି ।

ମୋଟ ଉପରେ ଅରବିନ୍ଦବାବୁଙ୍କର ନିଦୁଆ ଭାବ ଚାଲିଗଲା, ସେ ଚେଇଁ ଉଠିଲେ ଓ ନିଜକୁ କହିଲେ ଯେ ଏ ତନ୍ମୟଭାବ ତାଙ୍କୁ ଶୋଭା ପାଏ ନାହିଁ । ଏଥିରେ କଳାତ୍ମକ କିମ୍ବା ବୁଦ୍ଧିଗତ ଆନନ୍ଦ ନାହିଁ । ଏ ଭାବ ମରଣର ପାଖାପାଖି, ତେଣୁ ବର୍ଜନୀୟ । ହଁ, ସନ୍ଧ୍ୟା ସୁନ୍ଦର, କିଛି ସମୟ ପାଇଁ ଶାନ୍ତି ଆଣୁଛି, ହେଲେ ସେତିକି ତା'ର କାମ । ସେଇଠୁଁ ଆଗକୁ ନୁହେଁ । ସଫଳ କର୍ମକୁଶଳ ମଣିଷର ଗତିବିଧିରେ ତା'ର ସ୍ଥାନ ନିର୍ଦ୍ଦିଷ୍ଟ, ଚିତ୍ରପଟରେ ଆକାଶର ଚେନାଏ ନେଳି ରଙ୍ଗ ପରି, — ସମତା, ସମନ୍ୱୟ ଆଣିବା ପାଇଁ ।

ଅରବିନ୍ଦବାବୁ ଆତ୍ମଗୌରବର ଭାବରେ ଉଜ୍ଜୀବିତ ହୋଇ ଡ୍ରଇଂରୁମ୍‌କୁ ପଶିଲେ । ଭାବିଲେ ଯେ ତାଙ୍କ ପରି ଅନେକ ଅଫିସର୍ ଅଛନ୍ତି, ବଡ ବଡ ଅଫିସର୍, ଯେଉଁମାନେ ଖାଲି କଲମପେଷା ଜୀବ । ସଞ୍ଜ-ସକାଳ, ଶରତ-ବସନ୍ତ ତାଙ୍କରି ବାଟରେ ଚାଲିଯାଏ, କିନ୍ତୁ ତାଙ୍କ ମନକୁ କେଉଁ ନୂଆ ଭାବ ଛୁଏଁ ନାହିଁ । କିନ୍ତୁ ସେ ସେମିତି ନୁହଁନ୍ତି । ସେ ସୂକ୍ଷ୍ମଭାବର ସ୍ପର୍ଶ ପାଇ ପାରନ୍ତି, ତା'କୁ ବୁଦ୍ଧିରେ ଖେଳେଇ ପାରନ୍ତି, ପୁଣି ଜୀବନର ଗତି ସାଂଗରେ ମିଶେଇ ଦେଇ ପାରନ୍ତି । ଯଥା ସ୍ଥାନରେ ଯାହା; ସବୁ ଭାବର ସମନ୍ୱୟରେ ପ୍ରକୃତ ମଣିଷ ଗଢ଼ି ଉଠେ । ସଭ୍ୟ ମଣିଷ ।

ଅରବିନ୍ଦବାବୁ ସୋଫାର ଆରାମ ଟାଣିଲେ । ମୁଣ୍ଡରେ ହାତ ଚଳାଇ କର୍ମକ୍ଲାନ୍ତିର ଗୁରୁତ୍ୱ ଅନୁଭବ କଲେ । ବହୁତ କାମ । ବହୁତ କାମ । ତଥାପି ବିଶ୍ରାମ ମୂହୁର୍ତ୍ତ ଗୁଡିକର ସଦୁପୋଯୋଗ ଦରକାର । 'ମହେଞ୍ଜୋଦାରର କଳା' ପ୍ରବନ୍ଧଟା ଅଧା ରହିଛି । 'ଆଧୁନିକ ସାହିତ୍ୟର ଶେଷ କଥାକୁ ବଦଳେଇବାକୁ ପଡିବ, ପୂରାପୂରି ବଦଳେଇବାକୁ ପଡିବ । ମନେ ହେଉଛି ଆଧୁନିକ ଦୁର୍ବୋଧ ସାହିତ୍ୟକୁ ଗାଳି ଦେବାର ଫେସନ୍ ବଦଳିଗଲାଣି । ଲୋକେ ତା'କୁ ନ ବୁଝିଲେ ବି' ଭଲ ବୋଲି କହୁଛନ୍ତି, ଅନୁମାନ କରୁଛନ୍ତି ଯେ ସେଥିରେ କିଛି ଆଧ୍ୟାତ୍ମିକ ଭାବ ରହିଛି । ପ୍ରଫେସର୍ ରାଙ୍ଗନେକାରଙ୍କ ଘରକୁ ଯିବାକୁ ହେବ ଦିନେ । ଏଣୁ ତେଣୁ କଥା ସାଙ୍ଗରେ ଆଧୁନିକ ସାହିତ୍ୟ ବିଷୟ ପକେଇବାକୁ ପଡିବ । ସେଇଠୁଁ ସେ ବହୁତ କିଛି କହିବେ ନିଶ୍ଚୟ — ଗପୁଡା ଲୋକ ।

Digitized by srujanika@gmail.com

ଅରବିନ୍ଦ ବାବୁଙ୍କର ବୟସ ବୟାଳିଶ ପାଖାପାଖି । ମୁଣ୍ଡବାଳ ଦୁଇ ବଡ଼ରୁ ବେଶ୍ ଧଳା ହୋଇଆସିଲାଣି, ଓ ମୁଣ୍ଡର ପଛପାଖରେ ଅରାଏ ଚନ୍ଦା ଦେଖିବାକୁ ମିଳେ । ପ୍ରଶସ୍ତ କପାଳ, ଲମ୍ବା ନାକ, ହେଲେ ଚିବୁକରେ ଦୃଢ଼ତା ନାହିଁ, ଚାହାଣୀରେ ଜ୍ୟୋତି ଥିଲେ ଥିବ କିଂତୁ ତେଜ ନାହିଁ, ଏବଂ ଓଠ ଦୁଇଟା ପିଲାଙ୍କପରି— ସବୁବେଳେ ହସିବାକୁ, ପଚାରିବାକୁ ଉଦ୍ୟତ, ଚିପି ହୋଇ ରହିବାକୁ ଚାହେଁନାହିଁ । ତାଙ୍କ ମୁହଁର ଚେହେରାରେ ଥିବା ଏହି ଦୋଷଗୁଣ ଜଣାଅଛି ତାଙ୍କୁ । ସେଥିଲାଗି ସେ ତାଙ୍କ ମୁହଁର ଉପର ଅଂଶର ଥିବା ବୁଦ୍ଧି ଓ ବିଜ୍ଞତାର ସୂଚନାକୁ ବଳିଷ୍ଠ କରିବାକୁ ଚେଷ୍ଟା କରନ୍ତି । ବୟସ ମଧ୍ୟ ସେ ଦିଗରେ ସାହାଯ୍ୟ କରୁଛି ତାଙ୍କୁ । କପୋଳର କ୍ଷେତ୍ର ବଢ଼ି ବଢ଼ି ଚାଲିଛି । ଆଖି ସବୁବେଳେ ଭାବିଲାପରି ହୋଇ ତା' ଜ୍ୟୋତିକୁ ହରାଇନାହିଁ ଯେ, ସେଥିରେ ଏକ କ୍ଲିଷ୍ଟ କରୁଣତାର ଭାବ ଆଣି ଦେଉଛି । ଏବଂ ଓଠ ଚିପି ହୋଇ ନ ପାରିଲେ ମଧ୍ୟ ଅନ୍ତକରେ ଗୋଜ ହୋଇଯାଉଛି, ଭାବନାର ଉଦ୍ୟମ ସାଂଗରେ ତାଳ ଦେଲା ପରି । ମୋଟ ଉପରେ ଅବସ୍ଥା ଭେଦରେ ତାଙ୍କ ମୁହଁର ଚେହେରା ଜଣେ ବିଶିଷ୍ଟ କଳାପ୍ରେମୀ, ବୁଦ୍ଧିବାଦୀ, ତଥା ଉଚ୍ଚାଧିକାରୀର ହାବଭାବ ଆଣି ଦିଏ । ଶୋଇବା ବିଛଣାର ସାନ୍ନିଧ୍ୟରେ ପତ୍ନୀ ଶୋଭାଦେବୀ ବେକେବେକେ ଦୁଃଖ କରି କୁହନ୍ତି — ''କୁଆଡ଼େ ଗଲା ତୁମର ସେଇ ଆଗ ଚେହେରା, ସବୁ କେମିତିକା ରୁକ୍ଷ ହୋଇଗଲାଣି । ହେଲେ ତୁମର ସେଇ କବି ଭାବଟିକ ପୂରାପୂରି ଯାଇନାହିଁ । ଏବେ ମଧ୍ୟ ଦେଖିଲେ ମନେହୁଏ ଯେ ତୁମେ କବିତା ଲେଖିପାରିବ, ପ୍ରେମ କରିପାରିବ । ଅରବିଂଦ ବାବୁ ଟିକିଏ ହସି ଦେଲେ ମଧ୍ୟ ଅପ୍ରତିଭ ହୋଇଯାଆନ୍ତି । କିଂତୁ ପରେ ପରେ ତାଙ୍କ ମନକୁ ଆସେ ଯେ ଶୋଭା କିଛି ଭୁଲ୍ କହୁନାହିଁ । ରୋମାନ୍‌ସର କଳା ଏବେ ମଧ୍ୟ ଅଛି, କିନ୍ତୁ ରୋମାନ୍‌ସର ପାଗଳାମୀ ଗଲାଣି କେବେଠୁଁ । ରୋମାନ୍‌ସ୍ ସ୍ମୃତିରେ ଅଛି, ଅଭିଜ୍ଞତାରେ ମିଶିଯାଇଛି, ମନକୁ ଟିକିଏ ସଜେଇ ଦେଇଛି କଳ୍ପନାର ଆନଂଦ ପାଇବା ପାଇଁ । ବାସ୍ ସେତିକି ଦରକାର ।

ସୋଫାରେ କିଛି ସମୟ ବସିଛନ୍ତି, ପୁଣି କାନରେ ବାଜିଲା ପୁନ୍‌ପୁନ୍‌ର ଗୀତ । ଇଂରେଜି ଗୀତ । ଅରବିଂଦ ବାବୁ କାନ ଡ଼େରିଲେ । ପୁନ୍‌ପୁନ୍ ଆସୁଛି ଏଆଡେ, ଉଚ୍ଚ ସିତ କଂଠରେ ଗୀତ ଛାଡି ଦେଇଛି । ଅରବିଂଦବାବୁ ଶୁଣିଲେ, -

''ୱାନ୍ ଆଣ୍ଡ ଟୁ
ଆଣ୍ଡ୍ ଆଇ ଲଭ୍ ୟୁ, ଆଇ ଲଭ୍ ୟୁ..''

ଏଁ- ଏ ଗୀତ ସେ କେଉଁଠୁ ଶିଖିଲା ? ଏତ ନାଇଟ୍ କ୍ଲବର ଗୀତ, ବିଦେଶୀୟ ଉଚ୍ଛୃଙ୍ଖଳ ଉପଭୋଗର ସଂଗୀତ ! ଅବଶ୍ୟ ଏ ମାଟିରେ ମଧ୍ୟ ଶୁଣିବାକୁ ମିଳେ, କିନ୍ତୁ ତାର ସ୍ଥାନ ଅଛି, ସମୟ ଅଛି । ପୁଣି ପୁନ୍‌ପୁନ୍ କଂଠରେ ! ଅରବିଂଦ ବାବୁ କାନ ଡ଼େରିଲେ ଆହୁରୀ ଶୁଣିବାକୁ-

''ଥ୍ରୀ ଆଣ୍ଡ ଫୋର୍,

Digitized by srujanika@gmail.com

କିସ୍ ମି ମୋର୍

ୟୁ କିସ୍ ମି ମୋର୍,

ଆଣ୍ଡ୍ ଲେଟ୍ସ୍ ପ୍ଲେ ଦି ଗେମ୍ ଅପ୍ ଲଭ୍ ..''

ଅରବିନ୍ଦ ବାବୁ ସିଧାହୋଇ ବସି ପଡ଼ିଲେ, ପାଟିକଲେ, ''ଏ ପୁନ୍‌ପୁନ୍ ! ବଂଦ କର । କିଏ ଶିଖେଇଲା ଏ ଗୀତ ?

ପୁନ୍‌ପୁନ୍ ହସିକରି ତା ପୁଟୁକାଗାଲରେ ଟିପଚିହ୍ନର ଭ୍ରମ ଆଣିଦେଇ କହିଲା, ''କାହିଁକି ବାବା, କଣ ହେଲା ? ମୁଁ ମୋ ସ୍କୁଲ୍‌ରୁ ଶିଖିଛି । ଇରା, ଏ ଗୀତ ବୋଲେ, ଜାସ୍ମିନ୍ ବୋଲେ, ମଂଜୁ ବୋଲେ, ସମସ୍ତେ ବୋଲନ୍ତି । ତମେ ଜାଣିନାହଁ ଏ ଗୀତ ?

ଅରବିଂଦବାବୁ ପ୍ରଶ୍ନର ଉତ୍ତର ଦେବାକୁ ଉଚିତ ମନେ କଲେନାହିଁ । କହିଲେ, '' ନା-ନା, ସେ ଗୀତ ବୋଲ୍‌ନା । ଆମେସବୁ ପିଲାଦିନେ ସ୍ତବ ବୋଲୁଥିଲୁ ସଂଜବେଳେ । ସ୍ତବ କ'ଣ ଜାଣିଛୁ ? ପ୍ରେୟାର୍-''

ପୁନ୍‌ପୁନ୍ ମଝିରୁ କହି ଉଠିଲା, ''ହଁ, ହଁ, ମୁଁ ପ୍ରେୟାର୍ ଜାଣେ, ଆମ ସ୍କୁଲରେ ବୋଲାହୁଏ ।''

ଅରବିଂଦବାବୁ ତାକୁ ଦବେଇଦେଇ କହିଲେ, ''ଶୁଣ୍, ଆମେ ପିଲାଦିନେ ବୋଲୁଥିଲୁ-''ଅଖିଳ ବ୍ରହ୍ମାଣ୍ଡପତି ମୋଜୀବନ ସ୍ୱାମୀ..।'' ଅରବିନ୍ଦ ବାବୁ ସ୍ୱର ଧରିଲେ । ପୁନ୍‌ପୁନ୍ ବାପାଙ୍କ ସାଂଗରେ ସ୍ୱର ମିଳେଇବାକୁ ଚେଷ୍ଟାକଲା, କିଂତୁ ପାରିଲାନାହିଁ । କଷ୍ଟ ଓଡ଼ିଆ ଶବ୍ଦ ପାଟିରେ ଧରିବାର ଅଭ୍ୟସ ନାହିଁ । କନ୍‌ଭେଣ୍ଟ୍ ସ୍କୁଲ୍‌ରେ ପାଠ ପଢୁଛି ।

ଅରବିଂଦବାବୁ ତାର ଦୂରବସ୍ଥା ଦେଖି କହିଲେ, ''ଆଚ୍ଛା, ତା'ହେଲେ ଥାଉ ସେ ଗୀତ । ବୋଲ୍, ରଘୁପତି ରାଘବ ରାଜା ରାମ୍..।''

ପୁନ୍‌ପୁନ୍ ତାଳିଟାଏ ମାରି କହିଲା, ''ହଁ, ସେ ଗୀତ ମୁଁ ଜାଣିଛି ।'' ତା'ପରେ ଡ଼ାଳ ଛାଡ଼ିଲା, ''ରନୁ ଅପା, ପପୁ । ବାପା କହୁଛନ୍ତି ଚାଲ ପ୍ରେୟାର୍ ବୋଲିବା - ରଘୁପତି ରାଘବ ରାଜା ରାମ୍ ।''

ପୁନ୍‌ପୁନ୍ ଚାଲିଗଲା ଓ କିଛି ସମୟ ପରେ ସମବେତ କଣ୍ଠର ସଂଗୀତ ଶୁଣାଗଲା, ''ରଘୁପତି ରାଘବ ରାଜା ରାମ୍''

ଅରବିଂଦବାବୁ ପିଲାଙ୍କ ଆନନ୍ଦରେ ଆନନ୍ଦିତ ହେଲେ । ଏବଂ ତାଙ୍କ ଗୀତ ଶୁଣି ମଧ୍ୟ ଖୁସି ହେଲେ । ପ୍ରେୟାର ହେଲେ ମଧ୍ୟ ସଂଗୀତ ଅଛି ସେଥିରେ, ପିଲାମାନଙ୍କୁ ଭଲ ଲାଗୁଛି ବୋଲିବାକୁ । ଶୁଣିବାକୁ ଭଲ ଲାଗୁଛି । ବେଶ୍ ଏହାହିଁ ସଂଜର ଉପଯୁକ୍ତ ବାତାବରଣ । ପିଲାମାନଙ୍କୁ କହିବାକୁ ହେବ ସବୁଦିନେ ବୋଲିବେ ଏ ଗୀତ ।

ହେଲେ ଏମିତି ଭାବିଲା ବେଳେ ଅରବିଂଦବାବୁଙ୍କର ମନେପଡ଼ିଲା ପୁନ୍‌ପୁନ୍‌ର ଗୀତରୁ ପଦେ - 'କିସ୍ ମି ମୋର୍, ୟୁ କିସ୍ ମି ମୋର୍..' । ଭାରୀ ମଜାରେ ବୋଲୁଥାଏ ।

Digitized by srujanika@gmail.com

ତା' ଓଠ ଦୁଇଟି ଯେମିତି ଅଳି କରୁଛି ଗେହ୍ଲା ହେବା ପାଇଁ । ମିନତିର ଭାବ ନେଇ ନୁହେଁ, ଲୋଭ ଦେଖାଇ ।

ଅରବିଂଦବାବୁ କଳ୍ପନାରେ ସାନଝିଅ ପୁନ୍‌ପୁନ୍‌କୁ ଗେହ୍ଲା କରିବାକୁ ଗଲେ । ପୁନ୍‌ପୁନ୍‌ର ଚଂଚଳ ପଣ, ତା'ର ହସିଲା ମୁହଁ, ଛୋଟ ଆଖି ଓ ପୁଟୁକା ଗାଲର ଆମୋଦ ତାଙ୍କୁ ଉତ୍‌କେଇଲା । ବଡ଼ହେଲେ ଭାରୀ ଭଲ ଝିଅଟାଏ ହେବ, ଘରେ ବାହାରେ ସମସ୍ତଙ୍କ ମନନେଇ ପାରିବ ।

ହଠାତ୍ ମନଭିତରେ ବିଜୁଳି ପରି ଆସି ଚାଲିଗଲା ପ୍ରିୟଂବଦା । ତା'ର ହସିଲା ମୁହଁ, ଗେହ୍ଲେଇ ହେବାର ଭଂଗୀ, ଆମଂତ୍ରଣର ଚାହାଣୀ । ଆଶ୍ଚର୍ଯ୍ୟ, କ'ଣ କେତେବେଳେ ମନକୁ ଆସେ । ପୁନ୍‌ପୁନ୍ ସାଂଗରେ, ତାର ଗୀତ ସାଂଗରେ ପ୍ରିୟଂବଦାର ସମ୍ପର୍କ କ'ଣ ? ଅରବିଂଦବାବୁ ନିଜକୁ କହିଲେ ଅନ୍ୟକଥା ଭାବିବାକୁ ।

ଶୋଭା ଏପର୍ଯ୍ୟନ୍ତ ଆସିନାହିଁ । ଏଠିକି ଆସିନାହିଁ କେମିତି, ବୋଧହୁଏ ରଂଧାରେ ବ୍ୟସ୍ତ ଅଛି - ଏହି ମର୍ମରେ କିଛି ଭାବି ବସିଲା ବେଳକୁ ଶୋଭାଦେବୀଙ୍କର ଆବିର୍ଭାବ ହେଲା । ମୁହଁରେ ହସ, ହାତରେ ଜଳଖିଆ ଥାକୀ । ହେଲେ ହସ ଉଡୁରି ଆସୁ ନାହିଁ, ଓଠରେ ଲାଖି ରହିଛି ରୂପେଲି ଗାରଟିଏ ପରି । ଅରବିଂଦବାବୁ ଆପ୍ୟାୟିତ ହେଲେ । ଭାବିଲେ ସେ ସବୁଦିନେ ଏମିତିକା । ଏବଂ ଏହି ରୂପରେ ହିଁ ସେ ଶୋଭା ପାଏ । ସେ ଅନ୍ୟ କାହା ପରି ହୋଇଥିଲେ ତାଙ୍କ ଘରକରଣାର ଚାରୁଚିତ୍ର ବିଗିଡ଼ି ଯାଇଥାଆନ୍ତା । ନା, ଏଇ ଠିକ୍ ଅଛି । ଘରତିଆରି ମିଠାର ସ୍ୱାଦୁ ଉପଭୋଗ କରିବା ସଂଗେ ସଂଗେ ସେ ଶୋଭା ଦେବୀଙ୍କ ରୂପଗୁଣର ଅନୁଧ୍ୟାନ କଲେ, ଏବଂ ନିଜକୁ ଭାଗ୍ୟବାନ ମନେକଲେ ।

କିନ୍ତୁ ଶୋଭାଦେବୀ ଦି'ପଦ କଥା କହି ଚାଲିଗଲାପରେ ଅରବିଂଦ ବାବୁଙ୍କ ମନରେ ଗୋଟିଏ ଅବାନ୍ତର ପ୍ରଶ୍ନ ଉଠିଲା- ଶୋଭା କଅଣ ଭାବେ ?

ଅରବିଂଦ ବାବୁ ନିଜର ନିର୍ବୋଧ ଭାବନାକୁ ନିଂଦା କଲେ । କିଂତୁ ତା'ପରେ ନିଜକୁ ବୁଝାଇଲେ ଯେ ତା'ର ଅର୍ଥକୁ କଦର୍ଥ କରିବାର ନୁହେଁ । ଯେ ଶୋଭାର ମନ ସଂଗରେ ତାଙ୍କର ପରିଚୟ ନାହିଁ । ଏବଂ ଏହି ଅଠର ବର୍ଷର ଘରକରଣା ଖାଲି ଉପରେ ଉପରେ ଉଡ଼ି ଯାଇଛି । ନା, ଏ ହେଉଛି ବୁଦ୍ଧିବାଦୀର ଜିଜ୍ଞାସା, ଯାହାକୁ କାରଣ-ଅକାରଣର ଲଜିକ୍ ଭିତରେ ବାନ୍ଧି ରଖିବା ଅନ୍ୟାୟ । ଯାହାହେଉ ଶୋଭା ଠିକ୍ ଅଛି । ତା'ର ସହଜ ସାଧାରଣ ମନଟି ଆରାମରେ ଅଛି । ମୋଟ ଉପରେ ଶୋଭା ପରି ମଣିଷ ବିଶେଷ କିଛି ଭାବନ୍ତି ନାହିଁ, ଭାବିପାରନ୍ତି ନାହିଁ । ଭଲ ।

ସଂଦେଶର ଶେଷ ଖଣ୍ଡକ ପାଟିରେ ପୁରାଇ ଚା' କପ୍‌ରେ ଓଠ ଲଗାଇଲା ବେଳକୁ ଅରବିନ୍ଦବାବୁ ସନ୍ତୋଷର ଚରମରେ ପହୁଞ୍ଚିଲେଣି । ଦୈହିକ ଓ ମାନସିକ ସନ୍ତୋଷର ସମ୍ପୂର୍ଣ୍ଣ ସହଯୋଗ ହୋଇଗଲାଣି । ଅରବିନ୍ଦବାବୁ ରହିରହି ପକେଟ୍‌ରୁ ସିଗାରେଟ୍ କେସ୍ କାଢ଼ିଲେ ଓ ସିଗାରେଟ୍‌ଟିଏ ବାହାରକରି ମୁଣ୍ଡି ସଜାଡ଼ି ପାଟିପାଖକୁ ନେଲେ ।

Digitized by srujanika@gmail.com

ଏଇ ସମୟରେ କିଛି ଦୂରରୁ ଚିତ୍‌କାର ଶୁଣାଗଲା, ଭ୍ୟାଁ.. ଓ ତା ସାଂଗକୁ ଘନ ଘନ ଠାପ୍ ଠାପ୍ ପ୍ରହାରଘାତର ଶବ୍ଦ ।

ସେଇ ଲଛମୀ ତା'ର ଚାରିବର୍ଷର ଲଙ୍ଗଳା ପିଲା ଜଗ୍‌ଗୁକୁ ପିଟୁଥିବ । ଅରବିନ୍ଦବାବୁଙ୍କ ସିଗାରେଟ୍‌ରେ ଧୂଆଁ ଆସିବାକୁ ଢ଼େରି ହେଲାନାହିଁ , କିନ୍ତୁ ସେ ଟିକିଏ ବିରକ୍ତ ହେଲେ । ତା'ର ସେଇ ଭଙ୍ଗା ନୁଆଁଣିଆ ଚାଳଘର ବଖୁରାଏ । ଘର ଆଗରେ ମୋଟା କଳା - ନେଳିଆ ନର୍ଦମା ପାଣିର ଧାର । ଜଗ୍‌ଗୁ ତାରି ପାଖରେ ବସି- ଉଁଃ ! ପୁଣି ମୁଡ଼ି ସେଇଠି ତଳେ ବିଛିହୋଇଗଲେ ତାକୁ ଗୋଟେଇ କରି ଖାଉଥିବ । କୁହିତରେ କୁହିତ । କଳା ଲଙ୍ଗଳା ଦେହ, ଭୋକ, ମାଡ଼, କାନ୍ଦ, ଦାନ୍ତଦେଖା ହସ, ମାଗିଖିଆପଣ । ରାତିର ଅନ୍ଧାରରେ କୁହିତର ପ୍ରକ୍ରିୟା, ପ୍ରଜନନ । ଜଗ୍‌ଗୁ ଆଗକୁ ଚାରିଜଣ, ପଛରେ ଜଣେ, ପୁଣି ଆସିବେ କେଜାଣି କେତେ ।

ମାଡ଼ କମିଗଲାଣି, କାନ୍ଦ ବଢ଼ି ଚାଲିଛି । ଅରବିନ୍ଦବାବୁ କୁହିତର କଳ୍ପନାରୁ ଫେରି ଆସି ଦୃଶ୍ୟଟିର ତର୍ଜ ମାକରି ପାଟି ଖୋଲି କହିଲେ ଡ୍ରଇଂରୁମ୍‌କୁ- ଦରିଦ୍ରତା ! ଦରିଦ୍ରତା ! କହି ସାରିଲା ପରେ ଟିକିଏ ଭଲ ଲାଗିଲା । ଅନ୍ୟମାନଙ୍କ ପରି ଅରବିନ୍ଦବାବୁ କୁହନ୍ତି ନାହିଁ 'ଭଗବାନଙ୍କ ଇଚ୍ଛା', 'ସଂସାରଟା ଏଇଯା', ଇତ୍ୟାଦି । ସେସବୁ ନିର୍ବୋଧ ଉକ୍ତି, ଗୋଟିଏ ଅନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଦାୟିତ୍ୱ ଲଦି ଦେବାର ପ୍ରବୃତ୍ତି । ନା, ଏ ଦରିଦ୍ରତା ଗୋଟାଏ ସମସ୍ୟା, ଏହାର ସମାଧାନ ଆବଶ୍ୟକ ଓ ସେଥିପାଇଁ ଚେଷ୍ଟା ଚାଲିଛି । ଅବଶ୍ୟ ସମାଧାନ ଦିଗରେ ସହାନୁଭୂତି ଲୋଡା । ଆଉ କେହି ହୋଇଥିଲେ ଲଛମୀକୁ କେବେଠୁଁ ଏହି ହଡା ଭିତରେ ଥିବା କୁଡିଆ ଘରୁ ନିକାଲି ସାରନ୍ତାଣି । ସେଥିରେ ମାଳୀ କି ଚଉକିଦାର ରଖନ୍ତା । କିନ୍ତୁ ସେ ତା'କୁ ଆଶ୍ରୟଚ୍ୟୁତ କରିନାହାନ୍ତି । ଅପରନ୍ତୁ ବେଳେବେଳେ ଶୋଭାକୁ କହି ବାସି ରୁଟି ଦି'ଖଣ୍ଡ କି ମୁଡ଼ି ଗଣ୍ଡାଏ ଦେଇଚନ୍ତି ତା'କୁ ।

ମନେ ପଡ଼ିଲା ଦିନେ ଲଛମୀ ଦାନ୍ତ ନିକୁଟି ମାଗିଥିଲା ଗରମ ଚଦର ଖଣ୍ଡେ । ଶୋଭାଦେବୀ ହସି ଦେଇଥିଲେ । ସେ ମଧ୍ୟ ହସିଥିଲେ । ସେତିକିବେଳେ ଅବଶ୍ୟ ମନକୁ ଆସିଥିଲା ଯେ, ତାଙ୍କର ଲୁଗା ବାକ୍ସରେ ଗୋଟିଏ ରଙ୍ଗଚଙ୍ଗଡ଼ା ପୁରୁଣା ଶାଲ ପଡି ରହିଛି କେବେଠୁଁ, ବୋଧହୁଏ ଗତ ପାଂଚ ବର୍ଷହେଲା ପିନ୍ଧାହୋଇନାହିଁ । ହେଲେ ଶୋଭା ଦେବୀଙ୍କ ମୁହଁକୁ ଟିକିଏ ଅନେଇ ଦେଇ ସେ ନିଜକୁ ସଂଜତ କରିନେଇଥିଲେ । ନିରାଟ ଭାବପ୍ରବଣତା । ସହାନୁଭୂତି ଭଲ ଜିନିଷ, କିଂତୁ ସେଥିରେ ରୋମାଣ୍ଟିକ୍ ଭାବପ୍ରବଣତାର ସ୍ଥାନ ନାହିଁ । କାଶ୍ମିରୀ ଶାଲ୍ ଆଉ ଲଛମୀ !

ଦିଆଲି ଆସୁଛି, ଲଛମୀକୁ ଟଂକାଟାଏ ଦେଲେ ହେବ, ଆରବର୍ଷ ଆଠଣା ଦିଆ ହୋଇଥିଲା- ଏତିକି ଠିକ୍‌କରି ନେଇ ଅରବିନ୍ଦବାବୁ ଚା'କପ୍‌ଟିକୁ ସାରିଦେଇ ସୋଫାରେ ନିଜକୁ ଆଉଜେଇ ନେଲେ ଓ ଭାବହୀନ ଭାବରେ ଧୂଆଁ ଛାଡ଼ିଲେ । ଟିକିଏ ଆରାମ୍ ଓ ତା'ପରେ କାଲିକାର ଭାଷଣ ପାଇଁ ଚିଠା ପ୍ରସ୍ତୁତ କରିବାକୁ ପଡ଼ିବ । କର୍ମନିଷ୍ଠା, ପାରସ୍ପରିକ

Digitized by srujanika@gmail.com

ସହଯୋଗ, ଗଣତନ୍ତ୍ରର ଆଦର୍ଶ, ଇତ୍ୟାଦି କେତୋଟି ଉଚିତ ତଥା ଉପଯୋଗୀ ମନୋବୃତ୍ତିକୁ ମିଶାଇ ଗୋଟିଏ କିଛି ଚିନ୍ତାଶୀଳ ଲେଖା । ହଁ, ସେଥିରେ ଟିକିଏ ଅନୁରାଗର ରଙ୍ଗ ଥିବା ଆବଶ୍ୟକ । ମନକୁ ଛୁଇଁଲା ପରି, ଯାହା ହେଉଛି ଅରବିନ୍ଦବାବୁଙ୍କର ନିଜସ୍ୱ, ଅନ୍ୟମାନଙ୍କ ଭାଷଣଠାରୁ ଭିନ୍ନ । ଚିନ୍ତା ସହିତ ଶ୍ରଦ୍ଧା ଓ ସ୍ନେହର ସଂଯୋଗ । ମାନେ- ମୁଁ ତୁମର, ତୁମେମାନେ ମୋର, ଏବଂ ଏକାଠି ହୋଇ କିଛି ଗୋଟାଏ ସୁନ୍ଦର ଓ କଲ୍ୟାଣକର ଜିନିଷ ଗଢ଼ିବାକୁ ଯାଉଛୁ ଏହି ପ୍ରକାର ଭାବ, ସେଣ୍ଟିମେଣ୍ଟ୍... ଯେତିକି ଦରକାର ।

ଅରବିନ୍ଦବାବୁ ଲେଖିଚାଲିଛନ୍ତି । ଗଭୀର ଅଭିନିବେଶ । ଓଠ କୁଂଚେଇ ହୋଇଯାଇ ବେଳେବେଳେ ଚାହିଁ ରହୁଛି ସୁଦୂରରୁ କିଛି ଗୋଟାଏ ଟାଣି ଆଣିବାପାଇଁ, ତା ପରେ ପୁଣି ମାଡ଼ିଯାଅ । ପିଲାମାନେ କେତେବେଳୁ ପରଦାପଛରୁ ଉଙ୍କିମାରି ଫେରିଗଲେଣି । ଶୋଭା ଦେବୀ ରନ୍ଧୁପାଇଁ ମାଷ୍ଟର ରଖିବା ବିଷୟରେ ଆଲୋଚନା କରିବାକୁ ଯାଉଥିଲେ, କିନ୍ତୁ ତାଙ୍କ ବିଚାରକୁ ସ୍ଥଗିତ ରଖିଲେ । ଏଇକ୍ଷଣି କିଛି କହିବେ ନାହିଁ ସେ । ହଁ ହାଁ କହିବେ, ନହେଲେ ଚିଡ଼ି ଉଠିବେ । ତାଙ୍କ କାମ ତାଙ୍କୁ ସବୁଠୁଁ ବଡ଼, ଅଫିସ୍ କାମ ହେଉ, ବା ଲେଖାଲେଖି ହେଉ । ନିରାଶା ସହିତ ଗୋପନ ଗର୍ବକୁ ଗୋଟେଇ ନେଇ ସେ ଫେରିଗଲେ ଅନ୍ଦର ମହଲକୁ ।

ବେଶ୍ ତିନିପୁଷା ହୋଇଗଲାଣି । ପ୍ରାୟ ସବୁ ଦିଗରୁ ଯାହାକିଛି କହିବା କଥା ଖଞ୍ଜି ହୋଇଗଲାଣି । ଅର୍ଥନୈତିକ ସ୍ୱାର୍ଥ ସହିତ କର୍ମନିଷ୍ଠାର ଆଦର୍ଶ ମିଶିଯାଇଛି ଚମତ୍କାର ଭାବରେ । କେଉଁଠି କିଛି ବେଖାପା ଲାଗୁନାହିଁ । ଲାଗୁଛି କି ? ନା । ଅରବିନ୍ଦ ବାବୁ ବାରମ୍ବାର ନିଜର କୃତିକୁ ସମର୍ଥନ କଲେ । କିଂତୁ ମନେ ହେଲା ସେ ଏମିତି ଦୋହରେଇ ହେଉଛନ୍ତି, କାରଣ କିଛି ଗୋଟାଏ ଅଭାବ ରହିଗଲା ପରି ମନେ ହେଉଛି । ଅରବିନ୍ଦବାବୁ ମୁଣ୍ଡବାଳରେ ହାତ ଚଳାଇ ଆଣିଲେ । ଭାଷଣଟି ଭଲ ହୋଇଛି ନିଶ୍ଚୟ, କିନ୍ତୁ..କିନ୍ତୁ ଟିକିଏ ବେଶୀ ସିରିୟସ୍, ଭାରୀ ହୋଇଗଲା ପରି ଲାଗୁଛି । ବୋଧହୁଏ ଟିକିଏ ହ୍ୟୁମର, ଈଷତ୍ ଲଘୁଭାବର ଆବଶ୍ୟକତା ରହିଛି । ଅରବିନ୍ଦ ବାବୁ ଭାବିବାକୁ ଲାଗିଲେ । ଆଖି ଘୁରିଆସିଲା ଡ୍ରଇଁରୁମ୍‌ରେ ଥିବା ଆର୍ଟ ବସ୍ତୁମାନଙ୍କ ଉପରେ, ସେଥିରୁ କୌଣସି ଉପାଦାନ ମିଳିବ ପରା, କିନ୍ତୁ କିଛି ମିଳିଲା ନାହିଁ । ଅରବିନ୍ଦ ବାବୁ ଝରକା ବାଟେ ବାହାରକୁ ଅନାଇଲେ । ନେଳି ଆକାଶରୁ ତାରାଟିଏ ଅନେଇଛି ଜୁଲୁଜୁଲୁ ହୋଇ । ଧ୍ୟାତ୍ - ।

ନିରାଶାକୁ ପ୍ରତ୍ୟାଖ୍ୟାନ କରି ଅରବିନ୍ଦବାବୁ ନିଜକୁ ଦମ୍ଭ ଦେଲେ । କହିଲେ ରୁଚି ହୀନ ରସ ଜଣାନାହିଁ ତାଙ୍କୁ, କିନ୍ତୁ ବୁଦ୍ଧିର ରସିକତା ଜଣା । ଯେଉଁଥିରେ ଶ୍ଳେଷ ଥିବ, ଶବ୍ଦ ଯୋଜନାର ବୈଚିତ୍ର୍ୟ, ତଥା କେଉଁ ଗୋପନ ତଥ୍ୟର ଇଙ୍ଗିତ । କଳ୍ପନା ଓ ବୁଦ୍ଧିର କରାମତି ଦ୍ୱାରା ସତକୁ ଅଧା-ସତ ଅଥବା ଅଧା-ସତକୁ ସତ ବୋଲି ଦେଖାଇଲା ପରି । ଥୋକେ ଭାବିବେ ଇଏ ଗେଟାଏ କଥାକୁହାର ଢଙ୍ଗ । ହେଲେ ଆଉ କେତେକ ଭାବିବେ କଥାର ଗୋଟାଏ ଗୂଢ଼ ଅର୍ଥ ରହିଛି, ଯାହାକୁ ସମସ୍ତେ ବୁଝିପାରିବେନାହିଁ । ସେମିତିକା

Digitized by srujanika@gmail.com

ଗୋଳମାଳିଆ ବୁଦ୍ଧିଆ କଥା ତାଙ୍କୁ କହିଥାସେ, ଯାହାକୁ କହନ୍ତି ଉଚ୍ଚାଙ୍ଗ ଆମୋଦ । ହାସ୍ୟରସ ନୁହେଁ । ଅରବିନ୍ଦ ବାବୁ ନିଜ ଉପରେ ବିଶ୍ୱାସ ରଖି ଭାବିଲେ । ପୁଣି ଭାବିଲେ ।

ହଠାତ୍ ମନେ ପଡ଼ିଲା ଇତିହାସରୁ ଧାଡ଼ିଏ । ବ୍ରିଟିଶ ପାର୍ଲିଆମେଣ୍ଟରେ ଡ଼ିସ୍‌ରାଏଲି କହିଥିଲେ ଗ୍ଲାଡଷ୍ଟୋନ୍‌କୁ । ନା ଗ୍ଲାଡଷ୍ଟୋନ୍ କହିଥିଲେ ଡ଼ିସ୍‌ରାଏଲିକୁ ? ଯାହାହେଉ କଥାଟା ଅଳ୍ପ ବଦଳେଇ ଯୋଖିହେବ ଏଠି । ଟିକିଏ ପଣ୍ଡିତିଆମି ହୋଇଯିବ,- ହଉ କ୍ଷତି କ'ଣ ? ଅରବିନ୍ଦ ବାବୁ ପୂରାପୂରି ସନ୍ତୁଷ୍ଟ ହୋଇ ନ ପାରିଲେ ମଧ୍ୟ ଭାବିଲେ ଯେ ମନ୍ଦ ହେବ ନାହିଁ । ନିଜସ୍ୱ ନହେଲେ ନାହିଁ, ଠିକଣା ଜାଗାରେ ଉଦ୍ଧୃତ କରିବାରେ ମଧ୍ୟ ବାହାଦୂରୀ ଅଛି ।

ହେଲେ କଥାଟା ଠିକ୍ କ'ଣ ? କିଏ କାହାକୁ କହିଥିଲା ? କେଉଁଠି ଭୁଲ୍ ହୋଇଯିବ ନାହିଁ ତ ? ଅରବିନ୍ଦବାବୁ ମନେ ପକାଇବାକୁ ଚେଷ୍ଟାକଲେ, କିନ୍ତୁ ପାରିଲେ ନାହିଁ । ଯାହା ମନରେ ଆସୁଛି, ସେଇଥିରେ ଲେଖା ଆରମ୍ଭ କରିବେ କି ନାହିଁ ଭାବୁଛନ୍ତି, ଏହି ସମୟରେ ମନେ ପଡ଼ିଲା ଯେ ସିନ୍ଥିର ଇତିହାସ ବହି ଦେଖି ନେଇ ହେବ । ଅରବିନ୍ଦ ବାବୁ ସାଙ୍ଗେ ସାଙ୍ଗେ ଉଠିପଡ଼ି ଆଗେଇଲେ ପିଲାଙ୍କ ପଢ଼ା ଘର ଆଡ଼କୁ ।

ମଝି ହଲ୍ ଦେଇ ପଢ଼ା ଘରକୁ ଯିବାକୁ ହୁଏ । ଗଲାବେଳକୁ ରୋଷେଇ ଘରୁ ଭଜା ମସଲା ଓ ଘିଅର ବାସ୍ନା ଆସିଲା । -ପାଖଘରୁ ପୂପୁ ଓ ପୁନ୍‌ପୁନ୍‌ଙ୍କ ସବୁଦିନିଆ କଜିଆ ଶୁଣାଗଲା,– 'ତୁ ମୋର ନେଇଯାଇଛୁ– ଚୋର, ପାଜି, ଇଡ଼ିଅଟ୍...' ସୁଖୀ ସଂସାରର ନେପଥ୍ୟ ସଂଗୀତ । ଘରପରିବାରର ନିର୍ଭୁଲ ଆଶ୍ୱାସନା । ଅରବିନ୍ଦ ବାବୁ ଅଟକି ଗଲେ ନାହିଁ । ପୃଷ୍ଠଭୂମି ସଙ୍ଗୀତର ହାଉଆରେ ଭାସି ଭାସି ଯାଇ ପହଞ୍ଚିଲେ ସିନିର ଇତିହାସ ବହି ପାଖରେ ।

ମୋଟା ନାଲିଆ ଇତିହାସ ବହି । ଅରବିନ୍ଦବାବୁ ତରବରରେ ପୃଷ୍ଠା ଓଲଟାଇ ଚାଲିଲେ । ନାଲି ନେଳି ଜରିର ଦୁଇଫର୍ଦ୍ଦ ତଳେ ପଡ଼ିଗଲା । ସିନିର ପିଲାଲିଆମି ଯାଇନାହିଁ, ଆସି କଲେଜ୍‌ରେ ପାଠ ପଢ଼ିଲାଣି, ତଥାପି– । ଅରବିନ୍ଦ ବାବୁ ସସ୍ନେହ ଆମୋଦରେ ଜରି କାଗଜକୁ ଉଠେଇ ନେଲେ, କିନ୍ତୁ ପୁଣି ଟିକେ ଆଗେଇବାରୁ ଆଉ ଦୁଇ ତିନି ଖଣ୍ଡ କାଗଜ ତଳେ ପଡ଼ିଗଲା । ଅରବିନ୍ଦ ବାବା ତାକୁ ଗୋଟାଇବାକୁ ଗଲା ବେଳକୁ ଦେଖିଲେ ଯେ ଜରି କାଗଜ ସାଙ୍ଗରେ ଆଉ ଖଣ୍ଡେ କ'ଣ ନେଳିଆ କାଗଜ ଅଛି । କାହାର ଚିଠି ହେବ ପରା ।

ମୁହୂର୍ତ୍ତର ଦୃଷ୍ଟି ଆଉ ଗୋଟାଏ ମୁହୂର୍ତ୍ତକୁ ଡ଼ାକି ଆଣିଲା । ଅରବିନ୍ଦ ବାବୁ ଚିଠିଟିକୁ ଅନେଇଲେ, ଆଡ଼େଇ ଦେବାକୁ ଯାଇ ପୁଣି ଅନେଇଲେ । ଗୋଟିଏ ଧାଡ଼ିରୁ ଆଉ ଗୋଟିଏ ଧାଡ଼ି ପଢ଼ିଲେ, ତା'ପରେ ଆଉ ଗୋଟିଏ ଧାଡ଼ି । ସାତ ଆଠ ଧାଡ଼ି ପଢି ସାରିଲା ପରେ ଅରବିନ୍ଦବାବୁ ଅନୁଚ୍ଚ ସ୍ୱରରେ କହିଲେ 'ଡ୍ୟାମ୍' ଓ ହସି ଉଠିଲେ । ଚିଠିଟିକୁ ହାତରେ ଧରି ମୁଣ୍ଡ ହଲାଇ ହସିବାକୁ ଲାଗିଲେ । ଇଚ୍ଛା ହେଲା ଶୋଭାକୁ ଡ଼ାକ ପକାଇବେ, ତା'ପରେ କ'ଣ ଭାବି ରହିଗଲେ । ଆଉ ହସିବାକୁ ମଧ୍ୟ ଉଚିତ ମନେକଲେ ନାହିଁ । ଅରବିନ୍ଦ ବାବୁ

Digitized by srujanika@gmail.com

ଗମ୍ଭୀରହୋଇ ପୁଣି ଥରେ ଚିଠିକୁ ଅନେଇଲେ ଓ ବାକି ଧାଡ଼ି ସବୁ ପଢ଼ି ଚାଲିଲେ ।

ପୂରା ପଢି ସାରିଲା ପରେ ଅରବିନ୍ଦ ବାବୁ ଆହୁରି ଗମ୍ଭୀର ହେଲେ । ଗୁରୁତର କଥା । ପିଲାଖେଳ ନୁହେଁ । ହେଲେ ତାରି ସାଙ୍ଗରେ ହସିବାକୁ ଇଚ୍ଛା ହେଉଥାଏ— ଶେଷକୁ ମେଞ୍ଚଡ଼ ଟୋକୀ ସିନି ବି ! କାଲିକା ପରି ଲାଗୁଛି, ନାଲିସରସର ଚାଖଣ୍ଡେକର ପିଲାକୁ ହାତକୁ ଟେକିଦେଇ ଶୋଭା କହୁଥାଏ — ଦେଖିଲ, ଠିକ୍ ତୁମ ପରି ହୋଇନାହିଁ ? ସେହି ସିନି ପୁଣି... । କାହିଁକି କେଜାଣି ଅରବିନ୍ଦ ବାବୁଙ୍କୁ ଟିକିଏ ଭଲ ଲାଗିଲା ପରି ମନେହେଲା । ଟିକିଏ ଆନନ୍ଦ, ଟିକିଏ ଗର୍ବ । କିନ୍ତୁ ସେ ଶୀଘ୍ର ସେହି ଅନୁଚିତ ଅସୁନ୍ଦର ଭାବକୁ ଏଡାଇ ଦେଇ ଚିଠିଟାକୁ ମୁଠେଇ ଧରିଲେ ଓ ଡ୍ରଇଁରୁମ୍ ଆଡ଼କୁ ଚାଲିଲେ ଭାବନାକୁ ସଜାଡ଼ିବା ପାଇଁ ।

ଆରାମଘଣ୍ଟୀ ଓ ସଂଜର କାର୍ଯ୍ୟଭୂମି ଡ୍ରଇଁରୁମ୍‌ର ସୋଫାରେ ପହୁଁଚି ଅରବିନ୍ଦ ବାବୁ ନିର୍ଭରତା ଆଣିଲେ ନିଜ ଉପରେ । ଏଥର ସେ ଚିଠିକୁ ଆକ୍ରମଣ କରିହେବ । ଘଟଣାକୁ ଭାବିଚିନ୍ତି ତାର ସମାଧାନ କରିହେବ । ଟେବୁଲ୍ ଉପରେ ପଡ଼ିଥିବା ଫାଇଲ୍ ବସ୍ତୁତାର ଚିଠା ପରି ଏ ମଧ୍ୟ ଖଣ୍ଡେ କାଗଜ, ଯାହା ଅରବିନ୍ଦବାବୁଙ୍କ ବିଦ୍ୟାବୁଦ୍ଧିର ବର୍ହିଭୂତ ନୁହେଁ । ଅରବିନ୍ଦ ବାବୁ ନିବିଷ୍ଟ ଚିତ୍ତରେ ପ୍ରଥମ କେତୋଟି ଧାଡ଼ିକୁ ପଢ଼ିଲେ ଆଉଥରେ, ଏବଂ ଚିନ୍ତା କଲେ ।

ସିନି ପାଖକୁ ପ୍ରେମପତ୍ର ଆସିଛି । ଏମିତି ଆସିଥାଏ ଏ ବୟସରେ । ଚିଠିରୁ ଜଣା ପଡୁଛିଯେ ସିନି ମଧ୍ୟ ପ୍ରତିଦାନ ଦେଇଛି, ଚିଠି ଲେଖିଛି । ସ୍ୱାଭାବିକ ।

ଖାଲି ଚିଠି ଦେଇଛି ନୁହେଁ । ହୁଏତ ଆହୁରି ଅଧିକ । ଚିଠିରେ ଅଛି । 'ସେଦିନର ସ୍ମୃତି.. ଜହ୍ନ ସାକ୍ଷୀ ଥିଲା .. ପବନ ପତର କ'ଣ କୁହାକୁହି ହେଉଥିଲେ ନିଜ ଭିତରେ ।'

କୁହାକୁହି ହେଉଥିଲେ, ଆଉ ଇଏ ଶୁଣୁଥିଲା ବସି ! ଯେତେକ ରୋମାଣ୍ଟିକ୍ ନନ୍‌ସେନ୍‌ସ । ପାଗଳାମି । ଚିଠିରେ ସେ ତା'ର ଗରିବପଣକୁ ଦୋହୋରେଇ ବିରାଟ ପ୍ରେମର ପ୍ରମାଣ ଦେବାକୁ ଯାଇଛି । ହୁଁଃ ! ଅରବିନ୍ଦ ବାବୁ କଳ୍ପନା ଚକ୍ଷୁରେ ଅନେଇଲେ ସିନିର ପ୍ରେମିକକୁ । ଦିଶିଗଲା ଗୋଟାଏ ଶୀର୍ଣ୍ଣକାୟ ମେରୁଦଣ୍ଡବିହୀନ ତରଜ-ଚାହାଣୀ ଯୁବକ । ମଣିଷ ନୁହେଁ, ଷ୍ଟିତି ନାହିଁ, କଡାକର ଯୋଗ୍ୟ ନୁହେଁ । କେଉଁ ସାହସରେ ସେ ଆସିଛି ସିନି ପାଖକୁ ? ସ୍ମୃତି ? କ'ଣ ସେ ସ୍ମୃତି ?

ଅରବିନ୍ଦବାବୁ ରାଗିଲେ । ନିଜକୁ କହିଲେ ଯେ ଏମିତିକା କଥାରେ ରାଗିବା ଦରକାର । ପ୍ରେମ କିଛି ଖରାପ କଥା ନୁହେଁ । ହେଲେ ସବୁ ସତର ମିଛ ଅଛି, ସବୁ ଭଲର ବିକୃତି । ଏ ପ୍ରେମ ନୁହେଁ, ଭୋକିଲା ପଣ । ନା, ନିରାଟ ଶଠତା । ସିନିର ପ୍ରେମିକ ପୁଣି ଆସି ଛିଡ଼ାହେଲା ତାଙ୍କ ଆଗରେ । ମନେହେଲା ସେ ଖାଲି ଦୁର୍ବଳ ନୁହେଁ, ତା' ଆଖିରେ ଚତୁରପଣ ଅଛି । ନୀଚର ଚତୁରପଣ । ରାଗର ଢେଉରେ ଅରବିନ୍ଦ ବାବୁ ପାଟିକରି ଉଠିଲେ, ''ଶୋଭା, ସିନି ଫେରିନାହିଁ କାହିଁକି ଏତେବେଳ ଯାଏଁ ? କ'ଣ ରାତି ଅଧ ଯାଏଁ

Digitized by srujanika@gmail.com

ନାଚ ଶିଖିଥିବ ? ଡ୍ରାଇଭର୍ କୁଆଡ଼େ ଗଲା ?''

ଶୋଭାଦେବୀ ସ୍ୱାମୀଙ୍କର ପାଟି ଶୁଣି ଆଶ୍ଚର୍ଯ୍ୟ ହେଲେ । ମୋଟେ ସାଢ଼େ ସାତଟା ବାଜିଛି କି ନାହିଁ, ଯାଙ୍କର ହଠାତ୍ ଏମିତି ରାଗ ଉଠିଲା କାହିଁକି ? ବୋଧହୁଏ କାମ କରି କରି ସମୟ ଜଣା ପଡୁନାହିଁ, ବାଉଳା ହୋଇଯାଉଛନ୍ତି । ସେ କୃତ୍ରିମ ବିରକ୍ତିରେ ଉତ୍ତର ଦେଲେ ରୋଷେଇ ଘରୁ, ''ଏତେ ପାଟି କରୁଛ କାହିଁକି ମ ? ସେ ଆଠଟା ବାଜିଲେ ଫେରିବ, ନା ତୁମ ପାଟି ଶୁଣି ଦୌଡ଼ି ଆସିବ ?''

ଅରବିନ୍ଦ ବାବୁଙ୍କର ଅହେତୁକ ରାଗ ଆସିଲା ଶୋଭାଦେବୀଙ୍କ ଉପରେ । କ'ଣ ବୁଝନ୍ତି ଏମାନେ ? କିଛି ବୁଝି ପାରନ୍ତି ନାହିଁ । ଧର ଏଇ ସମସ୍ୟା ଶୋଭାକୁ ଛାଡ଼ି ଦିଆଯାଆନ୍ତା । ସେ ରାଗିମାଗି କାନ୍ଦିକାଟି ତା'କୁ ଆହୁରି ଜଟିଳ କରି ଥୁଅନ୍ତା । ଅତଏବ ଏହି ଘରୋଇ ସମସ୍ୟା ମଧ୍ୟ ତାଙ୍କୁ ନିଜେ ସମାଧାନ କରିବାକୁ ହେବ । ବାହାର ସଂସାରର ସବୁ କାମ ସବୁ ଦାୟିତ୍ୱ ପଡ଼ି ଥାଉଁ ଥାଉଁ ଏଥିରେ ମୁଣ୍ଡ ପୁରେଇବାକୁ ହେବ । ହେଲେ ଉପାୟ ନାହିଁ ।

ନେଳିଆ ଚିଠିଟା ସେମିତି ପଡ଼ିଛି ଟେବୁଲ୍ ଉପରେ । ମନେ ହେଲା ସମସ୍ତେ, ଘରର ପ୍ରତ୍ୟେକ ବସ୍ତୁ ଜଳଜଳ ହୋଇ ଚାହିଁଛନ୍ତି ତା'ରି ଆଡ଼େ, ତା'ର ବୈଷମ୍ୟ ଲକ୍ଷ୍ୟକରି । ସତେକି ଏ ଗୋଟାଏ କି ଅଦ୍ଭୁତ ଜିନିଷ, କାହା ସାଙ୍ଗରେ ମିଶୁନାହିଁ, ଖାପ୍ ଖାଉନାହିଁ । ଅରବିନ୍ଦ ବାବୁ ତିକ୍ତ ଭାବ ନେଇ ନିଜକୁ ଥଟ୍ଟାକଲେ — ଶେଷକୁ ଆମୋଦ ଏମିତି ଆସିବାକୁ ଥିଲା !

ଯାହାହେଉ ଅରବିନ୍ଦ ବାବୁ ଭାବିଲେ, ଓ ଭାବି ଭାବି କିମ୍ବା ବିଶେଷ ଭାବି ନ ପାରି ଠିକ୍ କଲେ ଯେ ସବୁଠୁ ସିଧା ସହଜ ଅଥଚ ଉଚିତ ଉପାୟ କରିବାକୁ ହେବ । ସିନିକୁ ବୁଝାଇବାକୁ ହେବ । ରାଗିକରି ନୁହେଁ, ଗାଳି ଦେଇ ନୁହେଁ, ପୁରୁଖା ବାପର ମମତାଭରା ଉପଦେଶ ଦେଇ । ଅପିସ୍‌ର ପାଞ୍ଚଶହ ଲୋକଙ୍କ ମନକୁ ଯିଏ ଛୁଇଁ ପାରୁଛି ତା'କଥାରେ, ସେ ତାର ନିଜ ଝିଅ ମନକୁ ଛୁଇଁ ପାରିବ ନାହିଁ ? ତା'କୁ ବାଟକୁ ଆଣିପରିବ ନାହିଁ ?

ଅରବିନ୍ଦବାବୁଙ୍କର ଆଶାବାଦ ଚେଇଁ ଉଠିଲା । ସବୁ ଠିକ୍ ହୋଇଯିବ । ଆପେ ଆପେ ଠିକ୍ ହୋଇଯିବ । କଥା ବଢ଼ିବ ନାହିଁ, ଅଡୁଆକୁ ଯିବ ନାହିଁ । ସେ ଭାଷଣର ଚିଠା କାଗଜଟିକୁ ଆଣି ହାତରେ ଧରିଲେ ଓ ମନେ ପକାଇଲେ ଗ୍ଲାଡ୍‌ଷ୍ଟୋନ୍-ଡିସ୍‌ରାଏଲିଙ୍କ କଥା, ଛୋଟରୁ ବଡ଼କଥା ଭାବିଲା ପରି ।

କିନ୍ତୁ ଲେଖାର ପୁନରାରମ୍ଭ କରିବା ପୂର୍ବରୁ ତାଙ୍କର ଆଖି ପୁଣି ଥରେ ପଡ଼ିଲା ସେଇ ନେଳିଆ ଚିଠି ଉପରେ । ନେଳିଆ ଚିଠି । ଚିଠିଟା ଧଳା ନ ହୋଇ ନେଳିଆ ହେଲା କାହିଁକି ? ତା'ର ନେଳିଆ ରଙ୍ଗ ଅରବିନ୍ଦବାବୁଙ୍କୁ ଅତି ଉଦ୍ଧତ ବୋଲି ମନେ ହେଲା । ସେ ରଙ୍ଗ ଯେପରି ଅଶାନ୍ତି ଆଣି ଦେଉଛି, କିଛି କାମ କରେଇ ଦେବନାହିଁ ।

ଏତିକି ବେଳେ ଶୁଣାଗଲା ପୁନ୍‌ପୁନ୍‌ର ଗୀତ । ଧୀର ଗଳାରେ ବୋଲୁଛି । ବାପାକୁ

Digitized by srujanika@gmail.com

ନ ଶୁଭିଲା ପରି—ଥ୍ରୀ ଆଣ୍ଡ୍ ଫୋର୍, ୟୁ କିସ୍ ମି ମୋର, କିସ୍ ମି ମୋର.. । ଗୀତ ରହି ରହି ବନ୍ଦ ହୋଇଗଲା । ବୋଧହୁଏ ମନେ ପଡ଼ିଲା ଯେ ବାପା ବେଶୀ ଦୂରରେ ନାହାନ୍ତି, ଶୁଣି ପାରିବେ ।

ଅରବିନ୍ଦବାବୁ ଉତ୍ତେଜିତ ହୋଇ ଉଠି ବସୁଥିଲେ, ହୁଏତ ରାଗି କରି ପୁନ୍‌ପୁନ୍‌କୁ ଆଉ ଦି' ଚାରି ପଦ କହିବେ ବୋଲି । କିନ୍ତୁ ଗୀତ ଡ଼ରି ଡ଼ରି ଲିଭି ଯିବାରେ ସେ ମଧ୍ୟ ରହିଗଲେ । ଲାଭ ନାହିଁ । ସେଇ ଗୀତର ଅସ୍ତିତ୍ୱ ମାନିବାକୁ ପଡ଼ିବ ଏଇ ନେଳିଆ ଚିଠି ପରି । ସେମାନେ ଅନୁମତି ନେଇ ଆସିନାହାନ୍ତି କି ଫେରାଇ ଦେଲେ ଚାଲିଯିବେ ନାହିଁ । କିନ୍ତୁ ସେମାନେ ମୋତେ ହଇରାଣ କରିବାକୁ ଆସିଛନ୍ତି କାହିଁକି ? କାହିଁକି ?

ଅରବିନ୍ଦ ବାବୁ ଆଖି ବୁଜି ଆଣିଲେ । ଶାନ୍ତି ଲଭିବାର ସହଜ ଉପାୟ । ଭଲ ଲାଗିଲା, ଇଚ୍ଛା ହେଲା ସେମିତି ଆଖିବୁଜି ରଖିବାକୁ । କିନ୍ତୁ କଛି ସମୟ ଗଲାପରେ ପୁନ୍‌ପୁନ୍ ଓଠକୁ ଗୋଜିଆ କରି ପୁଣି ସେଇ ଗୀତ ଗାଉଛି କାନ ପାଖରେ— କିସ୍ ମି ମୋ .. । ଅଟକା କଲା ପରି ଗାଉଛି । ଅରବିନ୍ଦବାବୁ ଆଖି ଖୋଲି ପାରିଲେ ନାହିଁ । ଓଠ ଦୁଇଟି ଲାଗି ଲାଗି ଆସୁଛି ତାଙ୍କ ପାଖକୁ । ପୁନ୍‌ପୁନ୍‌ର ଓଠ ନୁହେଁ ଆଉ କାହାର । ନାରୀର ଓଠ । ବଢ଼ିଲା ଦେହର ଓଠ । ତାର ପ୍ରତି ସ୍ପୁରଣରେ ଅସଂଖ୍ୟ ଦାବୀ, ଅସଂଖ୍ୟ କାମନା, ହେଲେ ସେଇ ଗୋଟିଏ ସ୍ୱରରେ ଧ୍ୱନିତ— ମୋତେ ନିଅ । ନ ନେଇ ରହିପାରିବ ନାହିଁ । ଏଇ ହେଉଛି ଆମ ଦୁହିଁଙ୍କର ଚାହିଁବାର ମୁହୂର୍ତ୍ତ । ଏଇ ହେଇଛି ସତକଥା, ଆଉ କିଛି ନୁହେଁ ।

ଆଖି ବୁଜିବାର ଅନ୍ଧାର ଭିତରେ ସେ ନିକଟ ହୋଇ ଦିଶିଗଲା । କେଉଁ ପୁରୁଣା ଛବି, ହେଲେ ଅତି ସ୍ପଷ୍ଟ । ପ୍ରିୟମ୍ବଦା । ଏକୁଟିଆ ଉପର ଘର । ଝରକା ତଳକୁ ଅନାଇଲେ ଦେଖାଯାଉଛି ରାସ୍ତାର ଶୁଖିଲା କାଦୁଅ, ଯେଉଁଥିରେ ଚଲନ୍ତା ମଣିଷର ପାଦ ଚିହ୍ନ ଲାଖି ହୋଇ ଯାଉଛି, ବଙ୍କାତେଢ଼ା ଆବୁଡ଼ା ଖାବୁଡ଼ା । ଦି' ପହରିଆ ଖରା ତା' ବିଷଜ୍ୟୋତି ଉଦ୍‌ଗାରି ଦେଉଛି । ସେଇ ଖରାରୁ ଚେନାଏ ଛୁରୀ ଧାର ପରି ପଡ଼ିଛି କାନ୍ଥ ଉପରେ । ସେଇ ଏକା ଚାହିଁ ରହିଛି, ରାଗିଲା ଚାହାଣୀରେ ଦପ୍ ଦପ୍ ହୋଇ ଚାହିଁଛି । ହେଲେ ଭାବିବାକୁ ଭଲ ଲାଗୁଛି ଯେ ସେଥିରେ ପ୍ରାଣ ନାହିଁ । ମାଟି ଗଢ଼ା ଦୁର୍ଗାମୂର୍ତ୍ତିର ଚାହାଣୀ ପରି, ଶିକାଲିପିର ବାଣୀ ପରି, ସ୍ମୃତିର ଚେତାବନୀ ପରି । ନ ମାନିବାର ଆନନ୍ଦ ଆସୁଛି । ସେମାନେ କ'ଣଟା କରିପାରିବେ ? ଏ ମଣିଷର ସଂଭୋଗ । ପ୍ରିୟମ୍ବଦା ତା'ର ଛୋଟିଆ ଧାରୁଆ ମୁହଁକୁ ତୋଳି ଧରିଛି । ଚାହୁଁଛି ଓ ପାଉଛି— ଥରେ ନୁହେଁ, ଥରକୁ ଥର । ଖରାଟା ଅନେଇ ରହିଛି ତାଙ୍କୁ । ତା' ଦେହରେ କଳା ପିମ୍ପୁଡ଼ିର ଧାର ଚାଲିଛି । ତା' ଆଲୁଅରେ ଦେଖାଯାଉଛି ଘର କୋଣରେ ରଖା ଯାଇଥିବା ଚା' କପ୍‌ଟା । ଚା'ରେ ସର ପଡ଼ିଛି । ତନୁ ଧ୍ୱନି ଉଠୁଛି-ସ୍ୱର ନାହିଁ, ତାଳ ନାହିଁ, ସହାନୁଭୂତି ନାହିଁ । ଖାଲି ଆଘାତ ଦେବାକୁ ଚାହୁଁଛି । ହେଲେ ସେଥିରେ ବଢ଼ି ଉଠୁଛି ଦୁହିଁଙ୍କ ନିଶ୍ୱାସ, ସ୍ପନ୍ଦନର ଶବ୍ଦ, ପ୍ରେମର

Digitized by srujanika@gmail.com

ଅମାନିମା ପଣ । ହେଉ । ଖରା ଜଳି ଜଳି ମରିଯାଉ, ଧ୍ୱନି ବାଡ଼େଇପିଟି ହୋଇ ଥକି ଯାଉ । ଆମର କେହି କିଛି କରି ପାରିବେ ନାହିଁ । ଏ ସମସ୍ତଙ୍କର ରାଗ, ବାଦ, ନାଲି ଆଖିକୁ ପରୁଆ ନ କରି ଆମେ ଓଟାରି ଆଣିଛୁ ଏଇ ମୁହୂର୍ତ୍ତ କେତୋଟି । ଏଡିକି ଆମର, ଖାଲି ଆମର ।

ସେହି ଥିଲା ଶାନ୍ତି ନା ଅଶାନ୍ତି ? ରୋମାନ୍‌ସ, ନା ଆଉ କିଛି ?

ଅରବିନ୍ଦବାବୁ ଆଖି ଖୋଲି କାନ୍ଥକୁ ଅନାଇଲେ, ଜଳଜଳ ହୋଇ । ଇଚ୍ଛା ହେଲା କହିବେ 'ଡ୍ୟାମ୍', ପରମ ଅବହେଳା ଓ ବିରକ୍ତିର ସୂଚନା ଦେବେ । କିନ୍ତୁ ପାରିଲେ ନାହିଁ । ସେ ଛବିଟା ଅତି ସ୍ପଷ୍ଟ ଥିଲା । ତେବେ— ଅରବିନ୍ଦବାବୁ କହିଲେ ନିଜକୁ ସେ ଗୋଟାଏ ପୁରୁଣା ଛବି । ରୋମାନ୍‌ସ ହେଉ କି ଯାହା ହେଉ, ଖାଲି ଗୋଟାଏ ଅନୁଭୂତି । ଏକ୍‌ସ୍‌ପିରିଏନସ୍ । ହେଲେ ତା' ସାଙ୍ଗରେ ସିନିର ଏଇ କାରବାରର କିଛି ସମ୍ପର୍କ ନାହିଁ । ଏ ରୋମାନ୍ସ୍ ନୁହେଁ, ତୁଚ୍ଛା ପିଲାଳିଆମି, ନିରାଟ ବୋକାମି । ଏ ଗୋଟାଏ —।

ଦାଣ୍ଡରେ କାର୍‌ର ହର୍ଣ୍ଣ ଶୁଣାଗଲା । ସିନି ଆସିଗଲାଣି ବୋଧହୁଏ । ଅରବିନ୍ଦ ବାବୁ ସିଧା ହୋଇ ବସି ପଡ଼ିଲେ, ନିଜର ଭାବନା ଝାଡ଼ି ଝୁଡ଼ି ଦେଇ ସୁସ୍ଥ ହେଲା ପରି ।

''ହେଉ ଆସିଲାଣି ତୁମ ସିନି । ତୁମ ପାଟି ଶୁଣି ବୋଧହୁଏ ସହଜ ଚାଲି ଆସିଛି ।'' ଶୋଭାଦେବୀ ହସି କରି କହିଲେ ଘର ଭିତରୁ । ଟିକିଏ ପରେ ଚଞ୍ଚଳ ଗତିରେ ଓ ଚୁଡ଼ିର ରୁଣୁଝୁଣୁ ନେଇ ରୁମ୍ ଭିତରକୁ ପଶି ଆସିଲା ସତର ବର୍ଷର ଝିଅଟିଏ— ସିନି, ଓରଫ ସ୍ନିଗ୍ଧା । ସେତେବେଳକୁ ଅରବିନ୍ଦବାବୁ ସହଜ ଭାବରେ ସୋଫାକୁ ଆଉଜି ଗଲେଣି । ପ୍ରଶାନ୍ତ ମୁଦ୍ରା । ପ୍ରଶସ୍ତ ହସ । କେହି ହେଲେ ବର୍ତ୍ତମାନ ଜାଣି ପାରିବ, ଦେଖି ପାରିବ ସିନିର ପିଲାଭାବ ଓ ଅରବିନ୍ଦବାବୁଙ୍କର ବଡ଼ ଭାବ, ବାପପଣିଆ ।

''ବାପା, ଜାଣିଛ, ଆଜି ଓସ୍ତାଦ୍‌ଜୀ କହିଲେ ଯେ ମୋର କଥକ୍ ପୂରାପୂରି ଠିକ୍ ହୋଇ ଗଲାଣି, ଏଥର କଲେଜ୍ ଶୋ'ରେ ନାଚି ପାରିବି । ଆଉ କହିଲେ— କହିଲେ ଯେ ଏଥର ଭାରତନାଟ୍ୟମ୍ ଶିଖାଇବେ । ହେଲେ ମୋତେ କାହିଁକି ସେ ନାଚ ବିଶେଷ ଭଲ ଲାଗେନାହିଁ । ଆମ ଓଡ଼ିଶୀ ତା'ଠୁଁ କେତେ ଭଲ— ନୁହେଁ ?

ଅରବିନ୍ଦବାବୁ ଉତ୍ତର ଦେଲେ ନାହିଁ, କିନ୍ତୁ ତାଙ୍କର ହସ ସେମିତି ବହଳ ହୋଇ ରହିଥିଲା ମୁହଁରେ । ସେ ସିନିକୁ ଅନେଇ ମନେ ମନେ ଟିପ୍‌ପଣୀ କରୁ ଥିଲେ— ପିଲାଳିଆ, ଅତି ଚଞ୍ଚଳ ମନ, ଆନନ୍ଦ ପଛରେ ବାଇ । ସବୁ ଝିଅ, ସବୁ ମଣିଷ ଏ ବୟସରେ ଏମିତି ହୁଅନ୍ତି, ସିନି ଅଲଗା ନୁହେଁ । ଏ ସମୟରେ ମଣିଷ ସବୁଥିରେ ଭାସିଯାଏ, ଭାଗ ମାପ ଜାଣି ପାରେ ନାହିଁ, ହିତାହିତ ଜ୍ଞାନ ରହେନାହିଁ ।

ସିନି କ'ଣ ସବୁ ଗପି ଯାଉଛି । ଅରବିନ୍ଦବାବୁ ଉଦାର ଭଙ୍ଗୀରେ ଶୁଣିଗଲେ । ଆଉ ଟିକିଏ ଯାଉ, ଆଉ ଟିକିଏ ଯାଉ ବୋଲି ଭାବି କିଛି କହିପାରିଲେ ନାହିଁ, ସିନି ମୁହଁ ଫେରାଇ ଫେରିଯିବା ପର୍ଯ୍ୟନ୍ତ । ସେ ଦୁଆର ବନ୍ଧରେ ହେଲା ବେଳକୁ ଅରବିନ୍ଦବାବୁଙ୍କର

Digitized by srujanika@gmail.com

ଚେତା ପଶିଲା, ଓ ସେ ହଠାତ୍ ଗମ୍ଭୀର ସ୍ୱରରେ ଡ଼ାକିଲେ ପଛରୁ—''ଏ ସିନି, ଶୁଣି ଯା', ତୋ ସାଙ୍ଗରେ କଥା ଅଛି ।''

ଅରବିନ୍ଦ ବାବୁ ଦ୍ରୁତଗତିରେ ପକାଇଲେ କଥାଟାକୁ—''ଶୁଣ୍, ମୁଁ ଆଜି ତୋ ବହି ଭିତରେ ଖଣ୍ଡେ ଚିଠି ପାଇଲି, ଏଇ ହେଉଛି ସେ ଚିଠି ।'' ଅରବିନ୍ଦବାବୁ ଚିଠିକୁ ଟାଣି ଆଣି ହାତରେ ଧରିଲେ, ଏବଂ ଅନିଚ୍ଛା ସତ୍ତ୍ୱେ ସିନିର ମୁହଁକୁ ଅନାଇଲେ ।

ସିନି ଆଶ୍ଚର୍ଯ୍ୟ ହୋଇଯାଇଛି, ଏଥିରେ ସନ୍ଦେହ ନାହିଁ । ତା' ଆଖିରେ ତ୍ରସ୍ତ ଚାହାଣୀ । ମୁହୂର୍ତ୍ତକ ପାଇଁ ସେ ଟିକିଏ ଉହୁଁକି ଆସିଲା, ଚିଠିକୁ ଛଡ଼ାଇ ନେଇ ଲୁଚେଇ ଦେବ ପରା । ପାଟି ଅଳ୍ପ ମେଲା ହୋଇଯାଇଛି । ସତେକି କିଛି କହି ପକାନ୍ତା କିନ୍ତୁ କହି ହେଉ ନାହିଁ । କେତେ ବଡ଼ ଭୁଲ୍ ହୋଇଯାଇଛି, ହେଲେ କିଛି କରି ହେବନାହିଁ ।

ଅରବିନ୍ଦବାବୁଙ୍କର ଦୟା ହେଲା । ବିଚାରୀ ! ସେ ଶାନ୍ତ ମୃଦୁ କଣ୍ଠରେ ଆରମ୍ଭ ଅଭୟ ଦେଲେ, ''ଦେଖ୍, ମୋ ଆଗରେ କିଛି ଡ଼ରିବାର ନାହିଁ । ତୁ ମୋ ଝିଅ । ସଂସାରରେ ତୋର କେହି ବଡ଼ ଶୁଭାକାଂକ୍ଷୀ ନାହାନ୍ତି । ଚିଠି ମୋ ହାତରେ ପଡ଼ିଛି ଭଲ ହୋଇଛି, କାରଣ ଏ ସବୁର ଭଲ ମନ୍ଦ ତୁ ମୋଠାରୁ ଜାଣି ପାରିବୁ ।''

ସିନି କିଛି କଥା କହୁନାହିଁ । ଅରବିନ୍ଦବାବୁଙ୍କର ମନେ ହେଲା ଯେ ତା' ଚାହାଣୀର ଡ଼ରିଲା ଭାବ ଟିକିଏ କମିଯାଇଛି । ସିନିର ବିଶ୍ୱାସ ଆସୁଛି, ଆସିବ । ଅରବିନ୍ଦ ବାବୁଙ୍କର ଆତ୍ମବିଶ୍ୱାସ ବଢ଼ିଲା । ସେ ଆଗେଇଲେ ।

''ଏ କିଛି ନୂଆ କଥା ନୁହେଁ । ଅନେକଙ୍କ ଜୀବନରେ ଘଟିଥାଏ । କିନ୍ତୁ କେତେ ଜଣ ତା'ର ସତ ମିଛ ବୁଝି ଠିକ୍ ବାଟରେ ଯାଆନ୍ତି, ଆଉ ଅନ୍ୟମାନେ ବାଟ ବଣାହୋଇ ନିଜକୁ ଭୁଲିଯାଆନ୍ତି, ନିଜର ଭବିଷ୍ୟତ ନଷ୍ଟ କରି ଦିଅନ୍ତି । ହୁଏତ ଏହି ସମୟରେ ମନକୁ ଆସିବ ଯେ ଏହି ହେଉଛି ସଂସାରର ସବୁଠୁ ବଡ଼ ଜିନିଷ, ଜହ୍ନ ଏଇଥି ପାଇଁ ଆଲୁଅ ଦିଏ, ଫୁଲ ଏଇଥି ପାଇଁ ଫୁଟେ, ବର୍ଷା ଏଇଥି ପାଇଁ..।''

ଅରବିନ୍ଦବାବୁ କହିଚାଲିଲେ ।: ଗୋଟିଏ କଥାରେ ଆଉ ଗୋଟିଏ କଥା ଖଞ୍ଜି ହୋଇଯାଉଛି ଆପେ ଆପେ । ଭାବିବାକୁ ପଡୁନାହିଁ । ସିନିର ମୁହଁକୁ ଅନେଇବାକୁ ବେକ ନାହିଁ । ଏକଥା ଖାଲି ତା'ପାଇଁ ନୁହେଁ, ତା'ରି ପରି ଅନ୍ୟ ସମସ୍ତଙ୍କ ପାଇଁ । ପୃଥିବୀର ଯେତେକ ସିନିମାନଙ୍କ ପାଇଁ ।

କିଛି ସମୟ ପରେ ତାଙ୍କର ମନେ ପଡ଼ିଲା ଯେ କଥାଟା ବେଶ୍ ଗଡ଼ି ହୋଇ ଗଲାଣି । ଅରବିନ୍ଦ ବାବୁ ଚୁପ୍ ହୋଇଗଲେ ଟିକିଏ ବମ୍ ନେବା ପାଇଁ, ଓ ସିନିର ମୁହଁକୁ ଅନେଇଲେ । ସିନି ଚାହିଁ ରହିଛି ତାଙ୍କ ଆଡ଼କୁ । ନିର୍ବାକ୍ ନିଷ୍ପନ୍ଦ ଭାବ । ଗଭୀର ମନୋନିବେଶ । ବାପାଙ୍କ କଥାରେ ମଜ୍ଜି ଯାଇଛି । ଅରବିନ୍ଦବାବୁଙ୍କର ସନ୍ଦେହ ହେଲା । ଆଖି ଆଗରେ ଦିଶିଗଲା ପିଲାଦିନର ସିନି । ଏମିତି ତା' ବଡ଼ ବଡ଼ ଆଖି ସ୍ଥିର କରି ରହେ, ସତ୍ୟାଗ୍ରହୀର ଭାବ ଦେଖାଏ । ସବୁ ଶୁଣେ, କିନ୍ତୁ କିଛି ମାନେ ନାହିଁ ମନ ନ ବୁଝିବା ପର୍ଯ୍ୟନ୍ତ । ନୀରବ ଅମାନିଆ ପଣ ।

Digitized by srujanika@gmail.com

ଅରବିନ୍ଦବାବୁ ସିନିର ଚାହାଣୀକୁ କଳି ବସିଲେ । ବଡ଼ ଗହୀରିଆ ଆଖି, ତା' ମାଆ ପରି । ମନେ ହେଲା ଯେ ସେଥିରେ ଅଛି ଧରି ରଖିବାର ପ୍ରବୃତ୍ତି, ନିବିଡ଼ତା, ଓ ନିର୍ବୋଧ ବିଶ୍ୱାସ । ଶୋଭା ଓ ତା' ସନ୍ତାନର କଳ୍ପିତ ମନୋଭାବ ପ୍ରତି ଆକ୍ଷେପ କରି ଅରବିନ୍ଦବାବୁ ଭାବିଲେ ଯେ ଏହି ଧରଣର ଲୋକମାନେ ସୂକ୍ଷ୍ମଭାବରେ କଥାଟାକୁ ବୁଝିପାରନ୍ତି ନାହିଁ । ଏମାନଙ୍କୁ ସିଧାସଳଖ ରୋକ୍‌ଠୋକ୍ ଭାବରେ ବୁଝାଇବା ଦରକାର । ଅସ୍ତ୍ରପ୍ରୟୋଗ ଆବଶ୍ୟକ । ସେହେତୁ ସେ ପୁଣି ଆରମ୍ଭକଲେ, ଦୃଢ଼ତାର ଭଙ୍ଗୀରେ, ''ରୋମାନ୍ସ୍ ମାନେ ତୁ କ'ଣ ବୁଝୁଛୁ ? ରୋମାନ୍ସ୍ ମାନେ ନୁହେଁ ଯେ– ଦୁଇ ଜଣ ଅଧାଚିହ୍ନା ଯୁବକ ଯୁବତୀ ଏକାଠି ବସି ଜହ୍ନକୁ ଅନେଇବେ, ଏଣୁତେଣୁ ବାଜେ କଥା କହିବେ, ନିଜର ଭବିଷ୍ୟତ ଭାବିବେ ନାହିଁ, ନିଜର ପରମ୍ପରା ଭୁଲିଯିବେ–।''

ନାହିଁ, ହେଲା ନାହିଁ, ପରମ୍ପରା ସାଙ୍ଗରେ ରୋମାନ୍ସର ଅମେଳ ଦେଖାଇବା ଉଚିତ ହେଲା ନାହିଁ । ଅରବିନ୍ଦବାବୁ ସଙ୍ଗେ ସଙ୍ଗେ ତ୍ରୁଟିର ସଂଶୋଧନ କରିନେଲେ ।

''ପରମ୍ପରାର ଅର୍ଥ ନୁହେଁ ବଂଶ ମର୍ଯ୍ୟାଦା ବା ସେହି ଭଳି କିଛି । ତା' ଅର୍ଥ ହେଉଛି ନିଜର ସ୍ୱଗୁଣ, ଯାହା ଗଢ଼ି ଆସିଛି ବାପା ଅଜା ଚଉଦ ପୁରୁଷଙ୍କ ବାଟ ଦେଇ । ମାନେ ନିଜର ଚରିତ୍ର, କ୍ୟାରାକ୍ଟର୍ । ସାଧାରଣ ଲୋକେ ଚରିତ୍ରର ମାନେ ଯାହା ବୁଝନ୍ତି ତା ନୁହେଁ । ତା'ଠୁଁ ଅଧିକ, ତା'ଠୁଁ ସାର । ସେହି ଚରିତ୍ରର ମେଳ ହେବା ଦରକାର ତମ ରୋମାନ୍ସ୍ ସାଙ୍ଗରେ । ନହେଲେ ସେ ତୁମକୁ ବିପଦକୁ ଟାଣିନେବ । ଦି' ଦିନିଆ ଆନନ୍ଦ ପରେ କାନ୍ଦିବାକୁ ପଡ଼ିବ, ହେଲେ ସେତେବେଳକୁ କେହି ନଥିବେ ତୁମର ଲୁହ ପୋଛିବା ପାଇଁ । ବୁଝିଲୁ–।''

ଅରବିନ୍ଦବାବୁ ଜାଣିଲେ ଯେ ତାଙ୍କର ଭାଷା ଟିକିଏ କଠୋର ହୋଇଯାଉଛି, ସ୍ୱର ଚଢ଼ା ହୋଇ ଯାଉଛି । ସେ ସିନି ଆଡ଼କୁ ପୁଣି ସିଧା ହୋଇ ଅନେଇଲେ । ଏ କଅଣ ? ଏତ ଜଣା ଶୁଣା ସିନି ନୁହେଁ, ତରଳମତି ବାଳିକା ନୁହେଁ । ମନେ ହେଉଛି ଏ ଗୋଟାଏ ପ୍ରାପ୍ତବୟସ୍କା ନାରୀ, ମଣିଷ । ସମାନ ଅଧିକାରରେ ବସିଛି ତାଙ୍କ ସାଙ୍ଗରେ । କଷ୍ଟ ପାଉଛି, ସହି ନେଉଛି । ରାଗକୁ ଦବେଇ ରଖି ଚାହିଁଛି ସିଧାହୋଇ– ଯେତେ ଗାଳି ଦେଉଛ ଦିଅ, ଯାହା କହିବ କୁହ ।

ଅରବିନ୍ଦବାବୁଙ୍କର ରାଗ ଆସିଲା । ଏଡ଼ିକି ଟିକିଏ ଝିଅ, ତା'ର ପୁଣି ଗୋଟାଏ ବ୍ୟକ୍ତିତ୍ୱ ହେଲାଣି, ସେ କଥା ନ କହି ତା'ର ବ୍ୟକ୍ତିତ୍ୱକୁ ଓଗାଳି ବସିବ ତାଙ୍କ ଆଗରେ ! ନା, ତା'କୁ ବୁଝେଇ ବସିବା ଭୁଲ୍ ହୋଇଛି । ଅରବିନ୍ଦ ବାବୁ କଥାର କ୍ରମ ଭୁଲି ଯାଇ କହିଲେ, ''ଛିଃ ! ତୁ ଏମିତକା କଥା କରିବୁ ବୋଲି ମୁଁ ଭାବି ନ ଥିଲି–।''

ଏତିକି ବେଳକୁ କାହିଁକି କେଜାଣି ପ୍ରଣୟଦାର ଛବି ଆସି ତାଙ୍କ ପାଖରେ ଛିଡ଼ା ହେଲା । ମନେ ହେଲା ସେ କହୁଛି–''ରାଗୁଛ ? ରାଗ ନାହିଁ । ରାଗିଲେ ତୁମକୁ ମୋଟେ ଭଲ ଦେଖାଯାଏ ନାହିଁ । ଅନ୍ତତଃ ମୋ ପାଖରେ ନୁହେଁ । ତୁମ ସଂସାରରେ ରାଗିବ, ସେଠି ତୁମେ ଆଉ ଜଣେ, ସେଇଠି ତୁମ ରାଗ ଶୋଭା ପାଇବ । ମୋ ପାଖରେ ତୁମେ

Digitized by srujanika@gmail.com

ଅରବିନ୍ଦ ବାବୁ ନୁହଁ, ଖାଲି ତୁମେ । ସେ ଆଉ କିଛି ଭାବେ ନାହିଁ, ଆଉ କିଛି ଭାବି ପାରିବ ନାହିଁ । ଖାଲି ତା'ର ସେଇ ପିଲାଳିଆ ଓଠରେ—।' ଲମ୍ବା କଳା ବାଳରେ ସବୁ ଭାବନା ଢ଼ାଙ୍କି ହୋଇଯାଉଛି.. ସମୟ ହଜି ଯାଉଛି .. ।

ଅରବିନ୍ଦବାବୁଙ୍କୁ ଲାଗିଲା ସେ କୁନ୍ତଳ, ଦେହ, ଶାଢ଼ୀ ଆଉ ଝାଳର ବାସ୍ନା ଉତ୍କଟ ହୋଇ ଉଠୁଛି । ଅସହ୍ୟ । ନା —ସେ ନାହିଁ, ନାହିଁ, ନଥିଲା । ତା'ର ସ୍ନାନ ସ୍ନୃତିର କେଉଁ ଅନ୍ଧାରିଆ କଳା ଗହ୍ୱରରେ । ସେ ଏଠିକି ଆସିବ ନାହିଁ । ସେ ମିଛ, ଭୁଲ୍ । ରୋମାନ୍ସ୍ ନୁହେଁ, ଭୁଲ୍ । ଭୁଲ୍ । ଅରବିନ୍ଦବାବୁଙ୍କର ଇଚ୍ଛାହେଲା ପାଟି କରି ସେଇ ଶବ୍ଦଟା କହି ପକାଇବେ । ସମସ୍ତଙ୍କ ଶୁଣିବା ପାଇଁ, ସିନି ଶୁଣିବା ପାଇଁ । ସଜାଗ ହୋଇ ସେ କହି ଚଲିଲେ,—

''ରୋମାନ୍ସ ଗୋଟାଏ ରୋଗ, ଏଇ ବୟସରେ ଆସିଥାଏ । ସେଥିରେ ସତ ଭଲ ପାଇବା ନଥାଏ । ଭଲ ପାଇବାର ଚକମକି ନାହିଁ, ଲୁଚାଚୋରା ନାହିଁ, ଲୁଚେଇ କରି ଚିଠି ଦିଆ ନିଆ ଦରକାର ହୁଏ ନାହିଁ—।''

ଆଘାତ । ଆହୁରି ଆଘାତ । କ୍ଷତି ନାହିଁ । ସିନି କାନ୍ଦ କାନ୍ଦ ହୋଇଆସୁଛି । କିଛି ଯାଏଆସେ ନାହିଁ ।

''ବେଳ ଥାଉଁ ଥାଉଁ ନିଜକୁ ଠିକ୍ କରିନେ' । କାଲି ସେ ଚିଠିକୁ ଟିକି ଟିକି କରି ପୋଡ଼ି ଦେ'— ବୁଝିଲୁ ? ଭଲପାଇବା ଅତି ମହାନ୍ ଜିନିଷ, ତା'ର ମୂଲ୍ୟ ନିଆରା । ସେଥିରେ ଅଛି ମନର ସାଥୀଭାବ, ସାରା ଜୀବନର ବନ୍ଧନ, ଘରକରଣା । ସେଥିପାଇଁ ତୋର ବୟସ ହୋଇନାହିଁ, ବୁଦ୍ଧି ହୋଇନାହିଁ ।

ଇଚ୍ଛା ହେଉଛି ଖାଲି କହି ଯବାକୁ । କଥା ରହିଗଲେ ଅସୁବିଧା, ଏଣୁତେଣୁ ଅଯଥା ଭାବନା ଆସିଯିବ ।

''ସତ ଭଲପାଇବା ଆରମ୍ଭ ହୁଏ ବାହାବେଦୀରେ । ସେଠି ଖାଲି ଦୁଇଜଣ ନଥାନ୍ତି, ସମାଜ ସଂସାର ଥାଏ, ଅଗ୍ନି ସାକ୍ଷୀ ରହେ, ଦେବଦେବୀ ସାକ୍ଷୀ ରହନ୍ତି,—ମାନେ ନିଜର ଭଗବାନ୍, ଯାହାକୁ ଯେଉଁ ଶକ୍ତିକୁ ତୁମେ ଭଗବାନ ବୋଲି ମାନିଛ । ତା'ପରେ ସାରା ଜୀବନର ବନ୍ଧନ, ସହଯୋଗ, ହସରେ କାନ୍ଦରେ, ସୁଖରେ, ଦୁଃଖରେ..''

ଶୋଭା ଏତିକି ବେଳକୁ ଆସି ପହଞ୍ଚନ୍ତା ନାହିଁ ? ସିନି ଦୁଇଜଣଙ୍କୁ ଏକାଠି ଦେଖନ୍ତା ।

ଶୋଭା, ସିନି ପରି ଆଖି । ପ୍ରଥମ ରାତିର ଆଲିଙ୍ଗନ, ହସଲୁହ ମିଶାମିଶି । ସକାଳ ସଞ୍ଜରେ ଶୋଭା । ହାତରେ ଜଳଖିଆ ଥାଳୀ, ଭାଙ୍ଗକରା ପାର୍ଟ୍ । କଥା— ମୋ ଲୁଗା ସବୁ ଛିଣ୍ଡି ଗଲାଣି.. ପୁନ୍‌ପୁନ୍‌ର ପଢ଼ା ତୁମେ ଦେଖୁନାହଁ ମୋଟେ.. ଆଜି ଶୀଘ୍ର ଆସିବ, ବୀଣା ଷ୍ଟୋର୍‌କୁ ଯିବା । ସେଠି ଜିନିଷପତ୍ର ଶସ୍ତାରେ ମିଳେ, ସବୁବେଳେ ସେହି ବହି କାଗଜ ଧରି ବସିଥିବ, ଆଉ ମୋ କଥା ଶୁଣିବ କେମିତି ? ରାତିରେ ଅନ୍ଧାରିଦରେ

Digitized by srujanika@gmail.com

ପାଖକୁ ଲାଗିଆସିବା, ଦୈନଂଦିନତାର ପ୍ରେମର, ଶେଷ କଥାର ମୋହର ମାରିବା ପାଇଁ । ଅଳସ ଉଦାସ ମୁହୂର୍ତ୍ତରେ ପଛୁଆଣି ସ୍ମୃତିର କଥା, — ମନେ ପଡ଼େ ଉନୁ ଜନ୍ମ ହେଲା ଯେଉଁଦିନ, ସେଦିନ ତମେ କ'ଣ କରିବାକୁ ବସିଲ ସମସ୍ତଙ୍କ ଆଗରେ ? ମନେପଡେ ତୁମେ ଯେବେ ସାଇକଲ୍ ଚଲଉଥିଲ, ଆଉ ଅଠିସ୍‌ରୁ କେମିତି ଝାଳନାଳ ହୋଇ ଭୋକ ଭୋକ ବୋଲି ପାଟି କରୁଥିଲ ? ମନେ ପଡେ ? .. ସବୁଦିନିଆ ସାଧାରଣ ଶୋଭା । ଭଲ ଲାଗିବା - ଭଲ ପାଇବାର ସଂସାର । ଛବିର ମଧୁରିଆ ନରମ ରଙ୍ଗ, ତା'ରି ଉପରେ ଆଉ ଯେତେକ ସୁନେଲି ରଂଗ, ଯେତେସବୁ ଦ୍ୟୋତକ ସେନ୍‌ସେସନ୍ । ପିୟନ୍ଦା । କେଉଁ ନୂଆ ଛବିର ଅନୁପ୍ରବେଶ ।

ସିନି କ'ଣ କିଛି ବୁଝୁଛି ? ବୁଝିପାରିବ ବାପାମାଆଙ୍କର ଏହି ସୁନ୍ଦର ସଂସାର ?

ସିନି ବୁଝୁନାହିଁ । ହେଲେ ସେ ସେମିତି ଚୁପ୍ ହୋଇ ରହିଛି କାହିଁକି ? ଅମଥମ ଭାବ । ମନେ ହେଉଛି କାନ୍ଦିପକେଇବ ଏଇକ୍ଷଣି । ଦମ୍ଭିଲା ଭାବ ଚାଲି ଯାଇଛି, ପ୍ରତିରୋଧ କରିବାର ସାହସ ନାହିଁ । ସେ ନଈଁ ଯାଇ ନାହିଁ, ବାପାଙ୍କ କଥାକୁ ମାନି ନେଇ ପାରିନାହିଁ । ତା'ର ଚାହାଣୀ ସତେ ଯେପରି ତା'ର ଦୁଃଖ-ଅଭିଯୋଗ ଜଣାଉଛି ଯେ ବାପା ତା'କୁ ବୁଝିପାରିଲେ ନାହିଁ । ତା'ର ଭଲ ପାଇବାକୁ ବୁଝିପାରିଲେ ନାହିଁ । ତାଙ୍କର ସେ ଶକ୍ତି ନାହିଁ ।

ଅରବିନ୍ଦ ବାବୁଙ୍କର ରାଗ ଆସିଲା ନିଜ ଉପରେ ତଥା ତା'ର ସେଇ ଚାହାଣୀ ଉପରେ । କଣ କହିବେ ବୋଲି ସେ ପ୍ରଶ୍ନ କଲେ ଅସ୍ୱାଭାବିକ ରୁକ୍ଷ ଗଳାରେ — ''କ'ଣ ବୁଝୁଛୁ ମୁଁ ଯାହା କହୁଛି ? କ'ଣ ସେ ଟୋକା ନାଁ ? ତୁ ତାକୁ ବାହା ହବାକୁ ଚାହୁଁ ? କହ ଶୀଘ୍ର ଉତ୍ତର ଦେ ।''

ଉତ୍ତର ପରିବର୍ତ୍ତେ ସିନି ହଠାତ୍ ହାତରେ ମୁହଁ ଲୁଚାଇ ଗୋଟାଏ କୋହଦିଆ କାନ୍ଦଣା ଆରମ୍ଭ କରିଦେଲା ।

ଅରବିନ୍ଦବାବୁ ନିହାତି ବିରକ୍ତ ହୋଇ ଉଠି କହିଲେ, ''ଚୁପ୍ ହୋ', ମୋତେ ସେ କାନ୍ଦପାନ୍ଦ ଭଲ ଲାଗେନାହିଁ ।'' ଘର ଭିତରୁ ଶୋଭାଦେବୀ ତା କାନ୍ଦ ଶୁଣିଲେ । କାହିଁକି କାନ୍ଦୁଛି ଝିଅଟା ? ସେ ଏଇକ୍ଷଣି ବ୍ୟସ୍ତ ହୋଇ ଉଠିବେ । କେହି କାନ୍ଦିଲେ ସେ ବ୍ୟସ୍ତ ହୋଇ ଉଠନ୍ତି । ସହି ପାରନ୍ତି ନାହିଁ । ଶୋଭାଦେବୀ ଦାଣ୍ଡଘରକୁ ପଶିଯାଇ ଦି' ଜଣଙ୍କୁ ଅନାଇଲେ ଓ ଝିଅକୁ ତିଆରିଲେ, ''କାହିଁକି କାନ୍ଦୁଛୁ ସେମିତି ? କ'ଣ ହେଲା ?

ସିନିଠାରୁ ଉତ୍ତର ନାହିଁ । କିନ୍ତୁ ଅରବିନ୍ଦବାବୁ ଗୁରୁଗମ୍ଭୀର ଭାବରେ କହିଲେ ଶୋଭାଦେବୀଙ୍କ ଆଡ଼କୁ ନ ଅନେଇ, ''କିଛି ନାହିଁ, ତୁମେ ବୁଝି ପାରିବ ନାହିଁ ।''

ଶୋଭାଦେବୀ ଭାବିଲେ ଆଉ କଥା ବଢ଼ାଇବା ଉଚିତ ହେବନାହିଁ । କ'ଣ ପଢ଼ାପଢ଼ି ବିଷୟରେ କହିଥିବେ ଦି'ପଦ । ନାକକାନ୍ଦୁରୀ ଝିଅ ତ ଟିକିଏ କଥାରେ କାନ୍ଦି ପକେଇବ । ସେ ସିନି ପାଖକୁ ଯାଇ ତା ହାତ ଧରି ଉଠାଇଲେ । କହିଲେ, ''ଉଠିଆ ସେଠୁ, ଘର ଭିତରକୁ ଯାଆ କାନ୍ଦିବୁ ଯଦି । ଉଠ୍, ଉଠୁଛୁନା ନାହିଁ ?''

Digitized by srujanika@gmail.com

ସିନି କଥା ମାନିଲା । ଉଠିପଡ଼ି ଅମୁହାଁ ହୋଇ ପଳେଇଗଲା ସେଠୁଁ, ପଛେ ପଛେ ଶୋଭାଦେବୀ ।

ସେମାନେ ଚାଲିଗଲା ପରେ ଅରବିନ୍ଦ ବାବୁ ଥଣ୍ଡା ହେଲାପରି ବସି ରହିଲେ । କଥା ଛିଣ୍ଡିଗଲା । ସିନିର ଦମ୍ଭ ଭାଙ୍ଗି ଯାଇଛି, ସେ ଆଉ ଆଗେଇବ ନାହିଁ । କିନ୍ତୁ ସେ କ'ଣ ଖାଲି ସେତିକି ଚାହିଁଥିଲେ ? ସିନି କିଛି ବୁଝିନାହିଁ, କିଛି ମାନି ନେଇ ନାହିଁ । ବାପାଙ୍କ କଥାକୁ ଗାଳି ବୋଲି ଭାବିଛି, ଅଥବା ଲେକ୍‌ଚର । ତା'ପାଇଁ ଏହି ହେଉଛି ସମାଜର ଗତାନୁଗତିକ ବାଧା । ଏହାପରେ ସେ ବିଫଳ ପ୍ରେମର ଗାଥା ଶୁଣେଇବ ତା'ର ପ୍ରେମିକକୁ, ନିରାଶ ଓ ଅଭିମାନରେ ଆଢ଼େଇ ହୋଇଯିବ ଭାଗ୍ୟକୁ ଦୋଷୀ କରି, ଏବଂ ରେଡ଼ିଓରୁ ପ୍ରେମର ଦୁଃଖ ଗୀତ ଶୁଣି ଆଖି ଛଳଛଳ କରିବ, ଆକାଶକୁ ଅନେଇବ । ପୁଣି କେତୁଟା ବର୍ଷ ଗଲେ, ବାହାସାହା ହୋଇ ଘର କରିବ ସମସ୍ତଙ୍କ ପରି, ପଛ କଥା ଭାବିବ କେବେ କେମିତି—ସେ ବି' ଗୋଟାଏ ସମୟ ଥିଲା । ସ୍ୱାଭାବିକ ସମସ୍ୟାର ଉଚିତ ସମାଧାନ ।

ନା, ହେଲା ନାହିଁ । ଅରବିନ୍ଦବାବୁଙ୍କୁ ନିଜ ଭିତରେ ଫଂପା ଲାଗିଲା । ଇଚ୍ଛା ହେଲା ସେ ବି' କାନ୍ଦନ୍ତେ ଟିକିଏ । ସିନିର କାନ୍ଦଣାରେ ସାଧାରଣ ଦୁଃଖ ଓ ଅପମାନ ଅଛି, ସହଜରେ ଘୁଞ୍ଚିଯିବ । କିନ୍ତୁ ତାଙ୍କ କାନ୍ଦଣାର ଦୁଃଖ ଘୁଞ୍ଚେଇବ କିଏ ? କ'ଣ ସେ ଦୁଃଖ ? ସେ ଦୁଃଖର ରୂପରେଖା ନାହିଁ, ବସ୍ତୁ ନାହିଁ କି ବିଷୟ, ବିଷାଦର ସୁନ୍ଦରତା ନାହିଁ, କିଛି ନାହିଁ ସେଥିରେ । 'କିଛି ନାହିଁ'ର ଦୁଃଖ, ତା'କୁ ଦୁଃଖ ବୋଲି କହିବେ କେଉଁ ସାହସରେ ?

ସିନି ଖାଲି ଲେକ୍‌ଚର୍ ଶୁଣିଛି, ସତକଥା । ଆଉ କିଛି ପାଇ ନାହିଁ ବାପାଠୁଁ, କିଛି ସୁନ୍ଦର ଭାବରେ ସ୍ୱର୍ଗ, ଜ୍ୟୋତି । ଅରବିନ୍ଦବାବୁ ଶୂନ୍ୟ ଚାହାଣୀରେ ଅନେଇଲେ ଉପରକୁ । ଆଉ କିଛି ପାଇ ନାହିଁ, ତା'ର କାରଣ ତାଙ୍କ ପାଖରେ ଆଉ କିଛି ନାହିଁ । ବାପା ଓ ବୋଉ, ଅରବିନ୍ଦବାବୁ ଓ ଶୋଭା ଦେବୀଙ୍କର ଭଲପାଇବା ? ସେହି ଭଲ ପାଇବା ତାଙ୍କ ଜୀବନରେ ଅଛି ନିଶ୍ଚୟ, କିନ୍ତୁ ଯଥା ସ୍ଥାନରେ । ଅନେକ ଦୀପରୁ ଗୋଟିଏ ଦୀପ, ଅନେକ ରଂଗରୁ ଗୋଟିଏ ରଂଗ । ଶୋଭାକୁ ନେଇ କେବେହେଲେ ସତ ଭାବ ଆସି ନାହିଁ ଯେ ଆମେ ଦୁହେଁ ଏବଂ ଏଇ ସଂସାର । ଜଣକ ପାଇଁ ଜଣେ, ଓ ଦୁହିଁଙ୍କ ପାଇଁ ସଂସାର । ଶୋଭା ଜୀବନର ଆଧାର ନୁହେଁ, ପ୍ରେରଣା ନୁହେଁ । କେବଳ କେତେ ଗୁଡ଼ିଏ ସୁନ୍ଦର ସ୍ମୃତିର ପେଡ଼ି । ତା'କୁ ଖୋଲି ଦେଲେ ଭଲ ଲାଗେ, ଆମ ଘରକରଣାର ସୁଖ ଆଉ କାହାଠାରୁ ଉଣା ନୁହେଁ ବୋଲି ମନେ ହୁଏ । ତା' କପାଳରେ ଛାପ ମରା ହୋଇଛି 'ଜୀବନସଂଗିନୀ' । ମାତ୍ର ସେତିକି ।

ଆଉ ପ୍ରିୟମ୍ବଦା । ତା' ସାଙ୍ଗରେ ସେହି କେତୋଟି କାମନାଭରା ମୁହୂର୍ତ୍ତ, ଜଳନ୍ତା ଖରା ଓ ଅଶାନ୍ତ ଧ୍ୱନି ନେଇ ଗଢ଼ା ଗୋପନ ରୋମାନସ୍ - ସେହି ହେଉଛି ଭଲ ପାଇବା ? ନା, ସେ ମଧ୍ୟ ଗୋଟିଏ ରଙ୍ଗ, ଗୋଟାଏ ସ୍ମୃତି, ଅନୁଭୂତି । ସ୍ମୃତିରୁ କାଢ଼ି ଦେବାକୁ ଇଚ୍ଛା ହେଉ ନାହିଁ, କିନ୍ତୁ ତା'କୁ ବଡ ବୋଲି ଭାବିବାର ଦୁଃସାହସ ନାହିଁ ।

Digitized by srujanika@gmail.com

ଅରବିନ୍ଦ ବାବୁ ! କାହାକୁ ଭଲପାଇଛ ତୁମେ, ଭଲ ପାଇ ପାରିବ ? ଅଫିସ୍‌ର ପାଞ୍ଚଶହ ଲୋକ ତୁମକୁ ଭଲ ପାଆନ୍ତି ବୋଲି କହୁଛ, କିନ୍ତୁ ତୁମେ ତାଙ୍କୁ ସତରେ ଭଲ ପାଅ ? କେଉଁ ଗୋଟିଏ ଲୋକ ପାଖକୁ ଯାଇ ତା'ର ଦୁଃଖକୁ ନିଜର କରି ପାରିଛ ? ତୁମର ଦୟାଭାବ ଅଛି । ହେଲେ ଲଛମୀକୁ ତୁମର ଦାମିକା ଅଦରକାରୀ ଜିନିଷଟିଏ ଦେବାର ସାହସ ହେଲା ନାହିଁ । ସନ୍ଧ୍ୟାକୁ ଦେଖି ଥମକି ରହି ଯାଇଛ ଟିକିଏ, ହେଲେ ତନ୍ମୟ ହୋଇ ପାରିଲ ନାହିଁ । ସବୁ ଭାବରେ ଧନୀ ହୋଇଛ ତୁମେ, ସବୁ ରଙ୍ଗରେ ସଜେଇ ଦେଇଛ ମନକୁ । ବେଶ୍ - ଆଉ କଣ' ଦରକାର ?

ସବୁ ଅଛି, କିଛି ନାହିଁ ! ସିନି କେଉଁଥିରୁ କ'ଣ ଟା ପାଇବ ? କେଉଁ ପୂର୍ଣ୍ଣତାର ସ୍ପର୍ଶରେ ପୂର୍ଣ୍ଣ ହୋଇ ଉଠିବ ?

ଅଦବିନ୍ଦବାବୁଙ୍କୁ ଥଣ୍ଡା ପବନ ଧୀରେ ଧୀରେ ଛୁଇଁ ଯାଉଥିଲା । ପୁପୁ ସାହସ ବାନ୍ଧି ଟେବୁଲ୍ ପାଖକୁ ଆସି ନେଳିଆ କାଗଜଟାକୁ ହାତରେ ଓଲଟାଉ ଥିଲା । ସିନିର ଲୁହ ଶୁଖି ଯିବଣି । ଅରବିନ୍ଦବାବୁ ନିଜକୁ ଆଉଁସି ଦେଲେ - ସବୁ ଠିକ୍ ଅଛି, ଭଲ ଅଛି ।

ଶୋଭାଦେବୀ ଘରଭିତରକୁ ପଶି ଆସି ଦେଖିଲେ ସ୍ୱାମୀଙ୍କର ଘାଣ୍ଟୁ ଭାବ । କହିଲେ, ''କଣ' ବସି ରହିଛ ସେମିତି ମ ? କଫି କପେ କରି ଆଣିବି ?'' ଉତ୍ତର ନ ପାଇ ପୁଣି କହିଲେ, ''ସିନି କାନ୍ଦି କାନ୍ଦି ଶୋଇଗଲାଣି, କ'ଣ କହିଲ କି ତା'କୁ ?''

ଏଥର ଅରବିନ୍ଦବାବୁ ଉତ୍ତର ଦେଲେ । ଦୁର୍ବଳ କଣ୍ଠରେ କହିଲେ, ''ଆସ, ବସ ଏଠି ।''

ପାଖରେ ସୋଫାରେ ବସିବାର ନିମନ୍ତ୍ରଣ ପାଇବା କିଛି ନୂଆ କଥା ନୁହେଁ । ଶୋଭାଦେବୀ ଆଶ୍ଚର୍ଯ୍ୟ ହେଲେ ନାହିଁ । କିନ୍ତୁ ତାଙ୍କୁ ଦିଶିଗଲା ଅରବିନ୍ଦବାବୁଙ୍କ ମନର ବ୍ୟଥା, ଅଶାନ୍ତି । କ'ଣ ହୋଇଛି ଯାଙ୍କର ?

ଶୋଭାଦେବୀ ପାଖରେ ବସିଲେ । ସହାନୁଭୂତିର ଚାହାଣୀଟିଏ ଢାଳି ଦେଲେ ସ୍ୱାମୀଙ୍କ ଆଡ଼କୁ । କିନ୍ତୁ ଅରବିନ୍ଦବାବୁ କିଛି କହି ପାରିଲେ ନାହିଁ । ତାଙ୍କର ଇଚ୍ଛା ହେଲା ଖାଲି ଶୋଭାଦେବୀଙ୍କ ହାତକୁ ଧରିବେ, ହାତରେ ହାତ ରଖିବେ ।

କିନ୍ତୁ ଶୋଭା ଦେବୀଙ୍କର ହାତ ଅପେକ୍ଷା କରି ରହିଲା । ଅରବିନ୍ଦବାବୁ ତା'କୁ ଛୁଇଁବେ ଛୁଇଁବେ ହୋଇ ଛୁଇଁ ପାରିଲେ ନାହିଁ । ସହଜ ନିତିଦିନିଆ କଥା, ହେଲେ ଏଇକ୍ଷଣି ତାଙ୍କର ମନେ ହେଲା ଯେ ସେତିକିରେ ହାର୍ ମାନିଗଲା ପରି ଲାଗିବ । ସେ ଦୋହରେଇ ନିଜକୁ କହିଲେ ଘୋଷଣା କଲା ପରି, ଯେ ମୁଁ ଶୋଭାକୁ ଭଲ ପାଏ । ସ୍ମୃତିକୁ ଭଲ ପାଏ, ସେଣ୍ଟିମେଣ୍ଟକୁ ଭଲ ପାଏ — ଯେମିତି ଭଲ ପାଇବା କଥା ।

ଶୋଭାଦେବୀ କେବଳ ବସି ରହି ସ୍ୱାମୀଙ୍କୁ ଦେଖୁଥିଲେ — ମୋର ଏ ଭାବୁକ ସ୍ୱାମୀ, ସାଧାରଣ ନୁହଁନ୍ତି ।

Digitized by srujanika@gmail.com

ଜିଜ୍ଞାସୁ ଜିତେନ୍

ସେମାନେ ମୋ ଆଡ଼କୁ ଅନାଉ ନାହାଁନ୍ତି । ପାଖରେ ଥିବା ଚଉକିରେ ବସି ପଡ଼ି କୌଣସି ନୂଆ ଖବର ବିଷୟରେ ପଚରାଉଚରା କରିବା ଦୂରର କଥା । ଭଲ, ସେଇଆ ତ ମୁଁ ଚାହେଁ । କିନ୍ତୁ ମୁହାଁମୁହିଁ ହେଲା କ୍ଷଣି ଲମ୍ବା ଲମ୍ବା ନମସ୍କାର ପକାଉଛ କାହିଁକି ? ସତେକି କେବଳ ମୋର ପ୍ରବୀଣତାକୁହିଁ ସମ୍ମାନ ଦେବା କଥା, ଅନ୍ୟ କେଉଁ ସଂପର୍କର ପ୍ରଶ୍ନ ଉଠୁନାହିଁ ଆମ ଭିତରେ । ଠିକ୍ ଅଛି, ଆଇ ଡ଼ୋଣ୍ଟ୍ ମାଇଣ୍ଡ । ଆଇ ଡ଼ୋଣ୍ଟ୍ କେୟାର୍ ।

ଜିତେନ୍ ମହାପାତ୍ର ଫେରିଆସିଲେ ତାଙ୍କ କାଗଜକଲମ ଏବଂ କ୍ଷଣକ ପାଇଁ ତୁଟିଯାଇଥିବା ଚିନ୍ତାଧାରାକୁ । ଟିକିଏ ଭାବୁଥାନ୍ତି, ସେଇଠୁଁ ରାଂପି ଚାଲିଥାଆନ୍ତି । ଏଣେ ପ୍ରେସ୍‌କ୍ଲବ୍‌ର ଅନ୍ୟାନ୍ୟ ଟେବୁଲ ପାଖରେ ନାନା କିସମର ସାଂବାଦିକ ଓ ତାଙ୍କର ବନ୍ଧୁମାନେ ଗହଳ ଜମାଇ ଥାଆନ୍ତି । ହୋ-ହଲ୍ଲା ତଥା ହାତ ଗୋଡ଼ ହଲାଇ ଉତ୍‌ସାହକୁ ତେଜିଦାରେ ଲାଗି ଥାଆନ୍ତି, ତଦ୍ୱାରା ଗରମ ଚା' ଇଡ଼ି ହୋଇଯାଉ କାହାଉପରେ, ଜଳିଜଳି ଯାଉଥିବା ସିଗାରେଟ୍‌ର ଟୁକୁଡ଼ା କିଛି ଗୋଟିଏ କାଣ୍ଡ କରି ବସୁ କି ଆଉ ଯାହା ହେଉ । ଏଇ ତ ହେଉଛି ଠିକଣା ଆଟମସ୍‌ଫିଅର୍ ପ୍ରେସ୍ କ୍ଲବ୍ ପାଇଁ ! କିଂତୁ ଜିତେନ୍ ବାବୁ ଏହି ପ୍ରକାର ପାଣିପାଗରେ ବିଚଳିତ ନ ହୋଇ (ଅଂତତଃ ସେ ଭାବୁଥାଆନ୍ତି ସେ ବିଚଳିତ ନୁହନ୍ତି) ଲେଖି ଚାଲିଥାଆନ୍ତି । କିନ୍ତୁ ବେଳେବେଳେ ସେମାନଙ୍କ ଉପରେ ଆଖି ପଡ଼ିଲା ପରେ ଏବଂ ଜଣେ ଅଧେଙ୍କ ଠାରୁ ବିନୟାବନତ ନମସ୍କାରଟିଏ ପାଇଲା ପରେ ସେ ତାକୁ ଶୁଣି ଛେକେ ତିରସ୍କାର କରିବାକୁ ବାଧ ହୁଅନ୍ତି ।

...ଥରେ ହେଲେ କ'ଣ ତୁମର ଜାଣିବାକୁ ଇଚ୍ଛା ହେଉନାହିଁ ମୁଁ କ'ଣ ଲେଖୁଛି ? କାହିଁକି ଲେଖୁଛି ? ନା । ତଥାପି ତମେ ସାଂବାଦିକ ବୋଲାଉଛ । ଯେମିତିକି ତମର ଧର୍ମ ହେଉଛି ଖାଲି ଯା' ପଛରେ ତା' ପଛରେ ଲାଗି ମିଛ-ସତ ସ୍କାଣ୍ଡାଲ୍ ସୃଷ୍ଟି କରିବା । ଆଉ ଏଠି ବି ଯେଉଁ ଗୁଡ଼ିଉଡ଼ା ଚାଲିଛି, ବେପରୁଆ ରସରସିଆ ଚର୍ଚ୍ଚା, ତା'ର ଉଦ୍ଦେଶ୍ୟ ବି ସେଇଯା । କାହା ମୁହଁରୁ କେଉଁ ଖିଅଟିଏ ବାହାରିବ ପରା, କେଉଁ ନୂଆ ସ୍କାଣ୍ଡାଲ୍‌ର ବାଟ ଦେଖାଇବା ପାଇଁ । ସେଇ ହେଉଛି ଏଇ ହୋ-ହାଲ୍ଲା ଉଠା-ପକା ଅଭିନୟର ମତଲବ । ଆଉ କିଛି ନୁହେଁ । ତମ ପାଖରେ ତ ସେଭଳି କିଛି ମାଲ୍ ମସଲା ନାହିଁ କି ଥିବାର ଆଶଂକା ନାହିଁ । ତେଣୁ ଆସିବ କାହିଁକି ମୋ ପାଖକୁ ? ଭଲ, ଭଲ, ମୁଁ ସେଇଯା ଚାହେଁ । କିଂତୁ ଟିକେ ଦୁଃଖ ଲଗୁଛି ଯେ ନିଜକୁ ସାଂବାଦିକ ବୋଲାଉଛ, ଅଥଚ ସାଂବାଦିକତାର ମୌଳିକ ଗୁଣ ନାହିଁ ତମମାନଙ୍କ ପାଖରେ । ଜିଜ୍ଞାସା । ଉଦ୍ଦେଶ୍ୟବିହୀନ

Digitized by srujanika@gmail.com

ନିରୋଳା ଜିଜ୍ଞାସା । ଯେ ଏଇ ଯେଉଁ ଜିନିଷଟି ନୂଆ ପରି ଲାଗୁଛି କି ଅସ୍ୱାଭାବିକ ମନେ ହେଉଛି ତା'ର ଅର୍ଥ କଅଣ, କାରଣ କଅଣ ।

ଉଦ୍ଦେଶ୍ୟ ପର କଥା । କେଉଁ ସଂଧାନରେ ମାଡିବ ଆଉ କାହାକୁ ଛାଡ଼ି ଦେବ ତା' ନିର୍ଭର କରେ ତମ ଉଦ୍ଦେଶ୍ୟର ଭଲମନ୍ଦ ସାଙ୍ଗରେ । ମୁଁ ବି ଦିନେ ରାଜନୈତିକ ଉଦ୍ଦେଶ୍ୟକୁ ବଡ଼ ମନେକରୁଥିଲି । ଏବଂ ମୋର ସଂଧାନକୁ ଛାଡ଼ି ଦେଉଥିଲି ସେଇ ବାଟରେ । କିଂତୁ ସେନ୍‌ସେସନ୍ ପାଇଁ, ନୀଚପବୃତ୍ତିର ଖୋରାକ ଯୋଗାଇବା ପାଇଁ ନୁହେଁ । ଦେଶ ଓ ଦଶର ମଙ୍ଗଳ ପାଇଁ । ଯେମିତିକି ମୁଁ ଲାଗି ପଡ଼ି ପ୍ରମାଣ କରିଦେଇଥିଲି ଯେ ମଂତ୍ରୀ ନରୋତ୍ତମ କଂଟ୍ରାକ୍ଟର ରମଣୀ ଶୋଭାଂଗିନୀଙ୍କ ସଂଗରେ ଶୋଇଥିଲେ, ଏବଂ ସେଇ ଶୋଇବା ଦ୍ୱାରା ସେ ଏତେ ବଡ଼ ଭୁଲ କଲେ, ଅପାଡ୍ରରେ କଂଟ୍ରାକଟ୍ ଦେଲେ, ଯଦ୍ୱାରା ଇଂଦିରାଆବାସ ଯୋଜନା ମାଡ଼ ଖାଇଗଲା ଆମ ଅଂଚଳରେ... ଇତ୍ୟାଦି । କିନ୍ତୁ ତମର ଉଦ୍ଦେଶ୍ୟ ହେଉଛି ଖାଲି ଏଇ ଶୋଇବା କଥାଟାକୁ ବଡ଼ କରି ଦେଖାଇବା । ସତେକି ମଂତ୍ରୀ କି ରାଜାଙ୍କର ନଗ୍ନତାହିଁ ଆମ ଜିଜ୍ଞାସାର ମୂଳକଥା ।

ଏମିତି କେତେ ରହସ୍ୟର ସୂଚନା ଦେଇଛି ଓ ତା'ର ଉନ୍ମୋଚନ କରିଛି ମୋର ବୟସ ଥିଲା ବେଳେ । ଯେଉଁଥିପାଇଁ ମୋର ନାଁ ଥିଲା ଜିଜ୍ଞାସୁ ଜିତେନ୍ । ବାବୁ ତମର କ'ଣ କାହାରି ମନେ ନାହିଁ ସେକଥା ? ମୁଁ କ'ଣ ସତରେ ଏତେ ବୁଢ଼ା !

ଇଜ୍ ନଟ ମ୍ୟାଟର୍ । ଆଜିକୁ ଦଶବର୍ଶ କି ତାଠାରୁ ବେଶୀ ହେବ ମୁଁ ଦୂରେଇ ଦେଲିଣି ନିଜକୁ ଜଳନ୍ତି ରାଜନୀତିରୁ, ତା'ର କାଦୁଅଚକଟାରୁ । ତାଠୁଁ ବେଶି ଦରକାରୀ ନାନା ସାଂସୃତିକ ରହସ୍ୟର ଗଣ୍ଠି ଫିଟାଇବା । ଯଥା, ମୁଁ ଯୋଉ ଲାଗିଛି ଏଇକ୍ଷଣି ଗୋଟାଏ ତାସର ରହସ୍ୟ ନେଇ । ଯେ ଓଡ଼ିଶାର ପୁରୀ ଜିଲ୍ଲାରେ ଯେଉଁ ଛବି ଅଂକା ଗୋଲ ଗୋଲ୍ ତାସ୍‌ର ଖେଳ ଖେଳା ହେଉଥିଲା, ଯାହାର ନାଆଁ ଗଂଜପା, ସେହି ଧରଣର ତାସଖେଳ କର୍ଣ୍ଣାଟକରେ ଆସିଲା କେମିତି ? ଏବଂ ତା' ନାଆଁ ବି ଗଂଜପ୍‌ପା ।

ପାଖ ଟେବୁଲ୍‌ରୁ କିଏ ଜଣେ ଉତିଡରୁ ଅଧିକ କ୍ରୁଦ୍ଧ କି ଉତ୍ତେଜିତ ହେଲା ପରି ମନେ ହେଲା । ସ୍ୱର ଉଂଚେଇ କହୁଛି ନିଜର ସପେଇ ଦେଲା ପରି—

''ଆର୍ ୟୁ ମ୍ୟାଡ୍ ? ବୁଢ଼ୀ ଆର ଘରେ ମରି କରି ପଡ଼ିଛି ଆଉ ମୁଁ ବୁଢ଼ାର ଇଣ୍ଟରଭିଉ ନେଇଥାଆନ୍ତି ? ମୋର କ'ଣ କାଣ୍ଡଜ୍ଞାନ ନାହିଁ ?''

ଜିତେନ୍ ବାବୁ ଆଖି ଉଠେଇ ଟିକିଏ ହସି ଦେବାକୁ ବାଧ୍ୟ ହେଲେ । ଧନ୍ୟ ତମ ଇଣ୍ଟରଭ୍ୟୁ-ମାନିଆ ! କଥା କଥାକେ ସାକ୍ଷାତ୍‌କାର । ଯେତେକ ଅବାନ୍ତର ପ୍ରଶ୍ନ ଓ ତା'ର ଚୋପାଛଡ଼ା ଉତ୍ତର । କିଂତୁ ବୁଢ଼ୀ କ'ଣ ଠକ୍‌କିନି ମରିଗଲା ଖାସ୍ ତମକୁ ଦଗା ଦେବା ପାଇଁ ? ତମେ କ'ଣ ଜାଣି ପାରି ନଥିଲ ଯେ ତା' ଅବସ୍ଥା ଭଲ ନୁହେଁ, ତେଣୁ ସମୟ ଅନୁକୂଳ ନୁହେଁ ତା' ସ୍ୱାମୀ ସାଙ୍ଗରେ ଇଣ୍ଟରଭିଉ କରିବା ପାଇଁ ? ଖାଲି ଜିଜ୍ଞାସାର ଅଭାବ ନୁହେଁ, ମଧ୍ୟ କମନ୍‌ସେନ୍‌ସ୍, ସାଧାରଣଜ୍ଞାନର ।

Digitized by srujanika@gmail.com

କିଂତୁ କିଏ ଏଇ ବେରସିକ ବୁଢ଼ୀ, ଆଉ ତା'ର ବିଶିଷ୍ଟ ବୁଢ଼ା, ଯେ ଯାଙ୍କୁ ଏମିତି ଅସୁବିଧାରେ ପକାଇଲେ ? ଛାଡ଼, ମୋର କ'ଣ ଯାଉଛି, ମୋର ଜିଜ୍ଞାସା ଏତେ ଶସ୍ତା ନୁହେଁ ଯେ ତା'କୁ ଏଇଥିରେ ଖର୍ଚ୍ଚ କରିବି ...

କିନ୍ତୁ ସେ ଉତ୍‌କର୍ଣ୍ଣ ନ ହୋଇ ରହିପାରିଲେ ନାହିଁ, ଯେତେବେଳ ତାଙ୍କ କାନରେ ବାଜିଲା,— ବିଗ୍ରେଡ଼ିଅର୍ ବଳ କ'ଣ ସାମାନ୍ୟ ସ୍ତ୍ରୀବିୟୋଗରେ ଦବି ଯିବା ଲୋକ ? ସେ କ'ଣ ତଥାପି ଫାଇଦା ଉଠାଇବାକୁ ଚାହିଁ ନ ଥାଆନ୍ତେ ଇଣ୍ଟରଭିଉର, ଓଡ଼ିଆ ପୁଅର ବୀରତ୍ୱ ଶୁଣାଇବା ପାଇଁ ? (ହୋ-ହୋ) ତାଙ୍କ ଅତିବିଶିଷ୍ଟ ସେବା ପଦକ ପଛରେ ଯେଉଁ ପୁରାଣ ରହିଛି, ତା'କୁ ପୁଣି ଥରେ ଗାଇବା ପାଇଁ ? ହ୍ୟାପ ସବୁ ଫଉଜି ସମାନ, ସେ ଓଡ଼ିଆ ହୁଅନ୍ତୁ କି ବଂଗାଳୀ, ପଂଜାବି, ମାଦ୍ରାସି,...

ବ୍ରିଗେଡ଼ିଅର ବଳର ସ୍ତ୍ରୀ ମରିଗଲା ? ବଂଦନା ମରିଗଲା ? ମଲା, ବୁଢ଼ୀ ହେଲାଣି ଆସି ମରନ୍ତା ନାହିଁ ନା କଅଣ ମ ? ନା, ତା' ନୁହେଁ ଯେ.. ତେବେ ମୁଁ ଜାଣି ପାରିଲି ନାହିଁ କେମିତି, ମାନେ ତା'ର ଅବସ୍ଥା ଏତେ ସାଂଘାତିକ ହେଲାଣି..

ଜିତେନ୍ ବାବୁ ନିଜକୁ ଛିଗୁଲେଇଲେ । ତମେ ତାଙ୍କର କ'ଣ କି ତମର ଜାଣିବା ଦରକାର ? କିଂତୁ ପରମୂହୁର୍ତ୍ତରେ ସେ ତା'ର ମୁକାବିଲା କରି କହିଲେ -ଡ୍ୟାମ୍ ଇଟ୍ ! ମୁଁ କ'ଣ ଜାଣେ ନାହିଁ ଯେ କ୍ୟାପ୍ଟେନ୍, ଆଇ ମିନ୍ ବ୍ରିଗେଡ଼ିଅର ଅମରେଶ ବଳ, ଆର୍ମିରୁ ରିଟାୟାର୍ କରି ଓଡ଼ିଶାକୁ ଆସିଲାଣି, ଆଉ ରହିଛି ଏଠି ଛଅମାସ କି ବର୍ଷେ ହେଲା ? କିଂତୁ ମୁଁ ଥରେ ହେଲେ ତାଂକ ପାଖକୁ ଯାଇ ନାହିଁ କି ଯିବାକୁ ଚାହିଁ ନାହିଁ । ଫୋନ୍ ବି' କରି ନାହିଁ । କିଓ, ମୋର କଅଣ କାରବାର ଅଛି ତା' ସାଂଗରେ, ତା'ର ଫଉଜି ବୋକାମି କି ବାହାଦୂରୀ ସାଂଗରେ ? କି ତା' ସ୍ତ୍ରୀ ସାଂଗରେ ?

ଶେଷ ପଦଟିରୁ 'ସତେ ??' ବୋଲି ଗୋଟିଏ ଦାନ୍ତଗିଜିଡ଼ା ପ୍ରଶ୍ନ ମାଡ଼ି ଆସୁଥିଲା ତାଙ୍କ ଆଡ଼କୁ, କିନ୍ତୁ ଜିତେନ୍ ବାବୁ ତା'କୁ ଦୃଢ଼ତାର ସହ ଅଟକେଇ ଦେଲେ । କହିଲେ— ଥାଉ । ମୁଁ ଜାଣିଛି ତମେ ସବୁ କ'ଣ କହିବାକୁ ଚାହଁ । ନିହାତି ମାମୁଲି, ସ୍ୱାଭାବିକ, ଷ୍ଟକ୍ ରିଆକ୍‌ସନ୍ । କିଂତୁ ତମେ ଅବଶ୍ୟ ଜାଣିଥିବ ଯେ ମୁଁ ସେଇ ଅପରଛନିଆ ଅଧ୍ୟାୟ, ଅଧ୍ୟାୟ ନୁହେଁ ପାରାଗ୍ରାଫ୍‌ଟାକୁ କେବେଠୁଁ ଭୁଲିଗଲିଣି । କେଉଁ ଭୁଲ୍, ଦୋଷ, କି ପାପରୁ ପଳେଇ ଯିବା ପାଇଁ ନୁହେଁ । ଜିତେନ୍ ମହାପାତ୍ର ପଳାତକ ନୁହେଁ । କିଂତୁ କଥା ହେଉଛି ଯେ ଜିନିଷଟା ଏତେ ଅଶ୍ଳୀଳ, ହାସ୍ୟାଷ୍ପଦ, ଏବଂ ଭିନ୍ନ ମୋ ସ୍ୱଭାବଚରିତ୍ରରୁ ଯେ ସେ ତ ସହଜେ ଭାସି ବୋହିଯିବ ସ୍ମୃତିର ନର୍ଦ୍ଦମାରେ— ମୁଁ ତା'କୁ ବଞ୍ଚାଇ ରଖିଥାଆନ୍ତି କେମିତି ?

ଏବେ ମାତ୍ର ଥରୁଟାଏ ଦେଖିଥିଲି ତାକୁ । ଗୋପବଂଧୁ ସ୍ମୃତି ସଭା ଆଗ ଧାଡ଼ିରେ ବସିଥିଲେ ଭି. ଆଇ. ପି. ଙ୍କ ପରି । କିଏ ଭି. ଆଇ. ପି. ନୁହେଁ କି ଆମର ଏଇ ହତଭାଗା ଦେଶରେ ! ବଂଦନାକୁ ଚିହ୍ନି ହୋଇ ନ ଥାଆନ୍ତା, ତା'ର ନିଶୁଆ ଫାପୁଲା ମୁହାଁ ସ୍ୱାମୀ

Digitized by srujanika@gmail.com

ପାଖରେ ବସି ନଥିଲେ । ଇସ୍, ଏଡ଼ିକି ମୋଟା, ଏଡ଼ିକି କାଳା ହୋଇଗଲାଣି ସେ !

ମୋତେ ଆଶ୍ଚର୍ଯ୍ୟ ଲଗିଲା ନାହିଁ । ନାଁ, ଆଶ୍ଚର୍ଯ୍ୟ ଲାଗିଲା ହୁଏତ, କିଂତୁ ତା'ପରେ ମନେ ହେଲା ଯେ ଏହାହିଁ ହେବାର ଥିଲା । ଗୋଟାଏ ଅସୁଂଦର ଘଟଣାର ନାୟିକା ଏମିତି ଦିଶିବ ନାହିଁତ ଆଉ କେମିତି ଦେଖାଯିବ ? ସେତେବେଳ କଥା ଭିନ୍ନ ଥିଲା । ଯୌବନେ ମର୍କଟୀ ରମ୍ୟା..

ମୋତେ ତା'କୁ ଦେଖି ଦୁଃଖ ଲାଗି ନ ଥିଲା । ମୋଟ ଉପରେ ମୁଁ ଆଡ଼େଇ ହୋଇ ପଛକୁ ଚାଲିଗଲି । ସେମାନଙ୍କୁ ଚିହ୍ନା ଦେବାର କୌଣସି କାରଣ ନ ଥିଲା ।

''ବଡ଼ ପୁଅ କୁୱେଟ୍‌ରେ ଅଛି । ଆଜି ଆସି ପହୁଂଚିବ ଦିଲ୍ଲୀ ବାଟ ଦେଇ ଏଇ ଆଫ୍‌ଟର୍‌ନୁନ୍ ଫ୍ଲାଇଟ୍‌ରେ, ସେଇଲାଗି ଶବକୁ ବରଫ ଦେଇ ରଖା ହୋଇଛି । ପୁଅ ଆସିଲେ ଯାଇଁ—''

ତା'ହେଲେ କ'ଣ ଆଜି ଦାହ ହେବ ? ଶ୍ମଶାନରେ ନା କ୍ରିମାଟୋରିଅମ୍‌ରେ ? ଏଇଠି ନା ଆଉ କେଉଁଠି ? ଜିତେନ୍ ବାବୁଙ୍କ ପାଟି ଖଜବଜ ହେଉଥିଲା ବତ୍ତାକୁ ପଚାରିବା ପାଇଁ । ଏବଂ ଇଏ ଏକ ସାମାନ୍ୟ ଏବଂ ସ୍ୱାଭାବିକ କୌତୂହଳ ବୋଲି ସେ ନିଜକୁ ଜଣାଇ ଦେଉଥିଲେ ।

କିଂତୁ ସାମାନ୍ୟ କୌତୂହଳ କ୍ରମଶଃ ବଳବତ୍ତା ଉଚ୍ଚାରେ ପାଲଟିଗଲା ।

..ଧର ମୁଁ ଯଦି ଆଜି ବ୍ରିଗେଡ଼ିୟର ବଳର ଘରକୁ ଯିବି । କ୍ଷତି କଅଣ ? ମୁଁ ମଧ୍ୟ ମିଶିଯିବି ତାଙ୍କ ଜ୍ଞାତିକୁଟୁମ୍ବ ବଂଧୁ ପରିଜନଙ୍କ ସାଂଗରେ । ଯେଉଁମାନେ ଶୋକ ମନେଇବାକୁ ଆସିଥିବେ । ହୁଏତ ଶ୍ମଶାନକୁ ବି' ଯିବି, ଦେଖିବି ସେଇ ଦେହଟା କେମିତି ଜଳି ପୋଡ଼ି ପାଉଁଶ ହୋଇଯାଉଛି । କୋଉ ହାଡ଼ ଖଣ୍ଡକ ଠୋ' କରି ଫୁଟୁଛି !

ଯେଉଁ ଶିହରଣଟିକ ଖେଳିଗଲା ଜିତେନ୍ ବାବୁଙ୍କ ଦେହରେ, ସତେକି ତାଙ୍କରି ଗଣ୍ଡିହାଡ଼ ଠୋ' କରି ହେଲା, ତା'କୁ ପାଖ ଲୋକେ ବୋଧହୁଏ ଅନୁମାନ କରିପାରି ନ ଥିବେ । କିଂତୁ ଜିତେନ୍ ବାବୁ ତାଙ୍କ ଅନୁଭବକୁ ଅସ୍ୱୀକାର କରିପାରିଲେ ନାହିଁ । ଅପରଂତୁ କହିଲେ, ହଁ, ଇଏ ମୋରି ଯଂତ୍ରଣା । ମୁଁ ନିଜକୁ କଷ୍ଟ ଦେଉଛି । କାହିଁକିନା ମୋ ଦୋଷ ଥାଉ ନ ଥାଉ ମୁଁ ସଂଲଗ୍ନ ଥିଲି ସେଥିରେ, ସେଇ କୁତ୍ସିତ ଆପେୟାର୍‌ରେ, ସେଇ ଦେହରେ । ଯାହା ଆଜି ଜଳିଯିବ ଚଡ଼ଚଡ଼ ହୋଇ । ତେଣୁ ମୋ ଦେହରେ ମଧ୍ୟ ଏକ ଶୀତ୍‌କାର । କିଂତୁ ତା'ର ଅର୍ଥ ନୁହେଁ ଯେ ମୁଁ ବି' ଶୋକସଂତପ୍ତ କିଂବା ସେହି ଭଳି କିଛି ।

ଅବଶ୍ୟ ଗଲେ ମୁଁ ବି' ଗୋଟାଏ ରୀତିମତ ନମସ୍କାର ପକାଇବି ଅନ୍ୟମାନଙ୍କର ପରି, ତା' ନିର୍ଜୀବ ମୁହଁକୁ ଚାହିଁ । କେଉଁ ଅନିର୍ଦ୍ଦିଷ୍ଟ ଆତ୍ମାର ସଦ୍‌ଗତି ପାଇଁ । କିନ୍ତୁ ତା'ର ଅର୍ଥ ନୁହେଁ ଯେ—।

ସେଠିକି ଗଲେ ମୁଁ ଅବଶ୍ୟ ଚିହ୍ନା ଦେବି ନିଜକୁ । ବ୍ରିଗେଡ଼ିଅର୍ ସାହେବଙ୍କୁ ମନେ ପକାଇଦେବି ଯେ ଆମର ପରିଚୟ ହୋଇଥିଲା ଆଜକୁ ପ୍ରାୟ ୩୦ ବର୍ଷ ତଳେ ।

Digitized by srujanika@gmail.com

ଦିଲ୍ଲୀରେ । ତରୁଣ ସାଂବାଦିକ ଜିତେନ୍ ମହାପାତ୍ରର ଭେଟ ହୋଇଥିଲା କ୍ୟାପ୍ଟେନ ଅମରେଶ ବାଲ୍‌ଙ୍କ ସାଂଗରେ, ତାଙ୍କ ଆର୍ମି ମେସ୍‌ରେ, ଯେଉଁଠିକି ମୁଁ ଯାଇଥିଲି କ୍ୟାପ୍ଟେନ୍ କ୍ରିଷ୍ଣାୟାର ଗେଷ୍ଟ୍ ହୋଇ । ମୋର ଅସଲ ଉଦ୍ଦେଶ୍ୟ ଥିଲା ଏମାନଙ୍କ ସାଂଗରେ ହେଳମେଳ ହୋଇ ବୁଝିବାକୁ ଚେଷ୍ଟା କରିବି ଯେ ଜେନେରାଲ୍ ଶିବ୍‌ନାଥ୍ କେମିତି ଓ କାହିଁକି ଏପରି ଲୋକପ୍ରିୟ ହୋଇ ପାରିଲେ ଯେ ସେ ଇସ୍ତଫା ଦେବାରୁ ତମାମ୍ ସେନାବାହିନୀ ଏତେ ଉତ୍ତ୍ୟକ୍ତ ହୋଇ ଇଠିଲେ ଯେ ଛୋଟକାଟିଆ ବିଦ୍ରୋହ ଦେଖା ଦେଲା କେତେକ ଛାଉଣୀରେ । ବୁଝିବି ଓ ବିଚାର କରିବି ଯେ ପ୍ରକୃତରେ କାହାର ଦୋଷ, ମଂତ୍ରୀଙ୍କର କି ସେନାପତିଙ୍କର । ଜଣେ ତରୁଣ ଓଡ଼ିଆ ଅଫିସରଙ୍କର ସହିତ ଦେଖା ହେଲାରୁ କଥାଟା ଆହୁରି ସୁବିଧା ହୋଇଗଲା ବୋଲି ଭାବିଲି । ତା'ଛଡ଼ା କ୍ୟାପ୍ଟେନ ବାଲ୍ (ହଁ, ବାଲ୍ ଯାହା ବଳ ସେଇଆ.. ହୋ-ହୋ-ହୋ)ର ଉଂଚ ହସ ଓ ପିଠିଥାପୁଡ଼ା ନିମଂତ୍ରଣକୁ ମୁଁ କେମିତି ଭଲା ଉପେକ୍ଷା କରିଥାଆନ୍ତି ? ଅତଏବ ମୁଁ ସେଇଠି, ସେଇ ମେସ୍‌ରେହିଁ ହଁ ଭରିଲି ତା' ଘରେ ରହିବା ପାଇଁ, ଦିଲ୍ଲୀରେ ଥିବା ଯାଏଁ ।

କହିଲି, ମୁଁ ଏଠି ଅଂତତଃ ସାତ ଆଠଦିନ ରହିବି । ''ଯାଁ ! ଏତେଗୁଡ଼ାଏ ଦିନ ରହିବେ ? ତା'ହେଲେ ତ ମୋତେ ହାଇକମାଣ୍ଡକୁ ଲେଖିବାକୁ ପଡ଼ିବ ଆମ ରେସନ୍ ବଢ଼ାଇବା ପାଇଁ ! ହୋ-ହୋ-ହୋ..''ଯା ପରେ ତାଙ୍କ ଆତିଥ୍ୟରୁ ମୁକୁଳିଯିବାର ପ୍ରଶ୍ନ ଉଠିଲା ନାହିଁ । ମୋଟ ଉପରେ ମୋର ସମ୍ମତିରେ ବଂଦନାର ହାତ ନ ଥିଲା, କାରଣ ସେ ନ ଥିଲା ସେଠି । ତାଙ୍କ ଘରକୁ ଗଲା ପରେ ଯାଇଁ ଦେଖା ହେଲା ତା' ସାଂଗରେ । ତନ୍ୱୀ ଶ୍ୟାମା ଫୁଲେଇ ରାଧୀ ମୋତେ ପ୍ରଶସ୍ତ ହସ ଓ ପ୍ରଳଂବିତ ନମସ୍କାରର ଅଭିବାଦନ ଜଣାଇ ମୁଁ ତାଙ୍କ ଘରେ ସାତ ଦିନ ରହିବା କଥା ଶୁଣି 'ଗୁଡ୍' ବୋଲି କହିଲା । ଠିକ୍ ଅଛି । ଉଦ୍ର ମହିଳା ଅତିଥି ସତ୍‌କାରୀଣୀର ପାର୍ଟ୍ କରୁଛନ୍ତି, ହେଲା ଏବେ ଟିକିଏ ଓଭର୍-ଆକ୍ଟିଂଗ ହୋଇ ଯାଉଛି । କିଂତୁ ଯେତେବେଳେ ଶୁଣିଲା ଯେ ମୁଁ ଜଣାଲିଷ୍ଟ, ଓ ମୁଁ ଗୋଟାଏ ଅନୁସଂଧାନରେ ଆସିଛି ଏଠିକି, ସେଇଠୁଁ ସେ କହିଲା ମୋର ଖୋଦ୍ ଶାଳୀ, ଭାଉଜ କି ଗାର୍ଲ୍‌ଫ୍ରେଣ୍ଡ ପରି,— ''ମାନେ କୋଉ ନେତାଙ୍କ ଗୋଇ ଖୋଳିବାକୁ ଆସିଛନ୍ତି ? ନା କୋଉ ବଡ଼ ହାକିମଙ୍କର'' ?

ସେତେବେଳେ ଆହୁରି ପ୍ରଚଣ୍ଡ ଥିଲା ମୋର ପ୍ରିନ୍‌ସ୍‌ପଲ୍ । ତେଣୁ ମୋ ମୁହଁ ରାଗରେ ପାଚି ଲାଲ୍ ପଡ଼ି ଯାଇଥିବ । ଏଥିରେ ସଂଦେହ ନାହିଁ । ଏବଂ ବିଶାଳାକ୍ଷୀର ଚାହାଣୀ ଯେତେ ଚଂଚଳ ହେଉ ପଛେ ସେ ତା'କୁ ଠଉରେଇ ପାରି ନଥିବ ଏଭଳି ଭାବିବାର କୌଣସି କାରଣ ନାହିଁ । ହେଲେ ମୁଁ ଯେତେବେଳେ ଗଂଭୀର ହୋଇ ମୋର ପ୍ରତିବାଦ ଜଣାଇଲି, କହିଲି, ''ନା, ମୁଁ ଗୋଇ ଖୋଳିବାକୁ ଆସି ନାହିଁ । ମୋର ଗୁରୁ ହେଉଛି ଜିଜ୍ଞାସା ।'' ସେ 'ସରି' କହିବ କଅଣ ଅନେଇଲା ମୋ ମୁହଁକୁ ନିର୍ଲଜ୍ଜାଙ୍କ ପରି, ହସି ଉଠିଲା, ଓ କହିଲା— ''ନନ୍‌ସେନସ୍'' ! ତା' ସାଂଗକୁ ଗୋଟାଏ ଅନବଦ୍ୟ, ମାନେ ବିଚିତ୍ର ମୂରକିହସା ଓ ଲାଜକୁଲା ।

Digitized by srujanika@gmail.com

ଏହାପରେ ମୁଁ ଯଥାଶୀଘ୍ର ସେଠୁ ବିଦାୟ ନେଇ ଚାଲି ଯାଇ ପାରି ଥାଆନ୍ତି । କିଂତୁ ଗଲି ନାହିଁ, ଯେତେବେଳେ ଦେଖିଲି ଯେ ବାଲ୍ ସାହେବଙ୍କର 'ହୋ-ହୋ' ପରି ଯାର 'ନନ୍‌ସେନ୍‌ସ୍' କୁହା ମଧ୍ୟ ସେମିତି ଗୋଟାଏ ଆଳୁଦୋଷ ଓ ସେତିକି ନିର୍ବୋଧ । ରହିଗଲି, ସାତଦିନ ନୁହେଁ, ପ୍ରାୟ ସତର ଦିନ । କିଂତୁ ତା'ର ମାନେ ନୁହେଁ ଯେ ତା'ର ସେଇ ଚତୁର-ଇତର ହସ କି ନାକପୁଲା ମୋତେ ସୁଂଦର ଦିଶିଲା ।

ଅବଶ୍ୟ ଗଲେ ମୁଁ କେବଳ ଗୋଟିଏ କାରଣରୁ ଯିବି । କହିବି କେଉଁଥିପାଇଁ ? ଏଇଥିପାଇଁ ଯେ ମିସେସ୍ ବାଲ୍ ଓରଫ ବଂଦନା ଓରଫ ମୋ ଜୀବନର ଗୋଟିଏ କରିତ୍ୟକ୍ତ ଅଳିଆ, ଯେ ଆଜି ହଠାତ୍ ଆବିର୍ଭୂତ ମୋ ସାମ୍ନାରେ ମହନୀୟ ମୃତ୍ୟୁର ପୋଷାକଟାଏ ପିନ୍ଧି, ତା'ର ସ୍ମୃତି-ସ୍ୱରୂପ କଅଣ ବଦକି ଯାଇପାରେ ମୋ ପାଇଁ ? ଅର୍ଥାତ୍ ଯେଉଁ ଅସନାଟାକୁ ମୁଁ ବସ୍ମୃତିର ନଳାରେ ଭସେଇଦେଇଛି ଏଭଳି ଘୃଣାର ସହ ଯେ ଘଟଣାଟା ଘଟିନାହିଁ ଜାଣ, ସେଇ ଜିନିଷଟାର ରୂପଗୁଣ କଅଣ ଆଜି ବଦକି ଯାଇ ଥାଇ ପାରେ, କାହିଁକିନା ଅସନାରାଣୀ ଆଖିବୁଜି ଦେଇଛି ସବୁଦିନ ପାଇଁ ?

ଯଦି ଯାଏ... କିଂତୁ ଯିବି କି ? କାହିଁକି ଯିବି ? ଗଂଜପାର ରହସ୍ୟ ଯେଉଁଠି ଥିଲା ସେଇଠି ଅଛି । ଅନେକଗୁଡ଼ାଏ ଥିଓରୀ ମୁଣ୍ଡରେ ପଶୁଥିଲା ଓ ତା'କୁ ରାଂପି ଚାଲିଥିଲି, ଆଉ ହଠାତ୍ ଏଇ ଗୋଟାଏ ଅନାବଶ୍ୟକ ଅପ୍ରାସଂଗିକ ଖବର..

ଜିତେନ୍ ବାବୁ, ତମେ ଯିବ । ତମ ବ୍ୟକ୍ତିଗତ ବିସ୍ୱାଦ ବଡ଼ ନା ତମର ବୃତ୍ତିଗତ ସଚ୍ଚୋଟପଣିଆ, ପ୍ରଫେସନାଲ୍ ଇଣ୍ଟେଗ୍ରିଟି ? କାହିଁ ଗଂଜପା ରହସ୍ୟ, ଆଉ କାହିଁ ଏଇ ମହାରହସ୍ୟ ବଂଦନାକୁ ନେଇ ? କହିବାକୁ ଗଲେ ଜୀବନ-ମୃତ୍ୟୁକୁ ନେଇ ?. ତମେ ଯିବ । ଯିବା ଉଚିତ ।

ଜିତେନ୍ ବାବୁ କାଗଜପତ୍ର ଗୋଟେଇ ଉଠି ପଡ଼ିଲେ । ଏବଂ ପ୍ରସ୍ଥାନ କଲେ । ଏବଂ ସୁଖର ବିଷୟ ତାଙ୍କୁ ବ୍ରିଗେଡ଼ିଅରଙ୍କ ଠିକଣା ବୁଝିବାକୁ ପଡ଼ଲା ନାହିଁ, ପାଖ ଟେବୁଲ୍‌ର ଅର୍ବାଚୀନ ଅଣ-ଜର୍ଣ୍ଣାଲିଷ୍ଟମାନଙ୍କ ଠାରୁ । ସେମାନଙ୍କ କଥାବାର୍ତ୍ତାରୁ ଧରି ହେଲା ସେ ଘରଟା ସର୍ପେଶ୍ୱର ଶିବ ମନ୍ଦିର ପଛପଟେ । ସେଇଠି କୋଉଠି ଦେଖି ନେଇ ହେବ । ଅଂତତଃ ଘରସାମ୍ନାର କାର୍‌ଗହକି ଲୋକଗହକିରୁ ବୁଝାପଡ଼ିବ ।

...ଅବିଳଂବେ ସେ ପହୁଂଚିଲେ ସେଠି । ତାଙ୍କ ଜୀର୍ଣ୍ଣ ଧୂସର ଚଟି ହଳକ ମଧ୍ୟ ଥିଆ ହେଲା ଶତାଧିକ ଧନୀ-ଦରିଦ୍ର ଚଟି ଜୋତା ସାଂଗରେ, ଖାଲି ପାଦରେ ସେଠିକି ଯିବା ପାଇଁ । ଯେଉଁଠି ବନ୍ଦନା ଶୋଇଛି । ବରଫ ଶେଯରେ । ପାହାଡ଼ ପ୍ରମାଣ ଫୁଲରେ ପୋତି ହୋଇ । କିଂତୁ.. କିଂତୁ.. ଜିତେନ୍‌ବାବୁଙ୍କ ମନରେ ଅହେତୁକ ରାଗ ଆସିଲା ଯେତେବେଳେ ସେ ଦେଖିଲେ ଯେ ତୁନା ଗେଂଜା ହୋଇଛି ତା'ର ଦୁଇ ନାକପୁଡ଼ା ଭିତରେ । ସତେକି ସେ ତଥାପି ଆଶା କରୁଥିଲେ ସିଏ ଟିକିଏ ଫୁଲି ଉଠିଥାଆନ୍ତା ତାଙ୍କୁ ଦେଖିଲାକ୍ଷଣି, କିଛି ଗୋଟାଏ ଅକୁହା ନନ୍‌ସେନ୍ସର ବାର୍ତ୍ତା ଦେବାପାଇଁ ।

Digitized by srujanika@gmail.com

ଜିତେନ୍ ବାବୁ ଚୁପ୍‌ଚାପ୍ ଗୋଟିଏ କୋଣରେ ଯାଇଁ ବସିଲେ, ଯେଉଁଠି ଟିକେ ଜାଗା ଖାଲି ଥିଲା । ..କେହି ମୋତେ ଚିହ୍ନିଲା ପରି ମନେ ହେଉନାହିଁ । ଭଲ, ମୁଁ ସେଇଆ ଚାହେଁ । ସେଇ କ'ଣ ବାଲ୍ ସାହେବ ? ଧଳା ଧଳା ଲାଂବା ନିଶ ବେଶ୍ ଜଣାଇ ଦେଉଛି ଯେ ବୁଢ଼ାହେଲେ ମଧ ଫୌଜି । ଦେଶୀ କର୍ଣ୍ଣେଲ୍ ବ୍ଲିଂପ୍ । ଓଠ ଦି'ଟା ଏଇକ୍ଷଣି ଚିପି ହୋଇ ରହୁଛି ସିନା, କିନ୍ତୁ ଅନେଇଥାଅ, ସେ ଯେ କୌଣସି ମୁହୂର୍ତ୍ତରେ 'କୋଇ ହାଏ ?' ବୋଲି ପାଟି କରିଉଠିବ । ଜିତେନ୍ ବାବୁଙ୍କୁ ହସ ଲାଗିଲା । କେଡ଼େ ମୂର୍ଖ ଏଇ ଲୋକ ଗୁଡ଼ାକ ! ନିଜକୁ ଜାଣି ଶୁଣି ଗୋଟାଏ କାର୍ଟୁନ୍ ଛାଞ୍ଚରେ ପକାଇ ଦିଅନ୍ତି କାହିଁକି ? କଳାକାର ଦାଢ଼ି ଛାଡ଼େ, ବାଳ ନୁଖୁରା କରି ରଖେ, ବ୍ୟୁରୋକ୍ରାଟ୍‌ର ସବୁକିଛି, ମୁଣ୍ଡବାଳର ଟେରି ଠାରୁ ଆରଂଭ କରି ତା'ର କଥାକୁହା ସୌଜନ୍ୟ, ପଲଷ୍ତରା ହେଲା ପରି ଦିଶେ, ଏବଂ ଫୌଜି ତା' ନିଶକୁ ବଢ଼ାଏ, ଆଉ ଅକାରଣରେ ହସେ ଠୋ ଠୋ ହୋଇ । ଅବଶ୍ୟ ସେ ପ୍ରଚଣ୍ଡ ବୀରତ୍ୱ ଦେଖାଇ ଥିବ ମୁଁ ମନା କରୁନାହିଁ । (ନାଥୁଲା ପାସ୍ ? ନା ସିଆଚେନ୍ ଗ୍ଲେସିୟର୍ ?) ନ ହେଲେ ଅତି-ବିଶିଷ୍ଟ ସେବା ମେଡ଼ାଲ୍ ହାସଲ କରି ନ ଥାନ୍ତା । କିନ୍ତୁ କଥା ହେଉଛି ସେ ରକ୍ତମାଂସର ମଣିଷ ହୋଇ ସେ କିଛି ଗୋଟାଏ କୌତୂହଳ, ଜିଜ୍ଞାସାର ଖୋରାକ୍ ତିଆରି କରି ପାରି ନ ଥାଆନ୍ତା ତା'ର ଜାତି ଭାଇଙ୍କ ପାଇଁ ? ପୁଅର ଡ଼ିଅର୍ ।

ବ୍ରିଗେଡ଼ିଅର୍‌ଙ୍କ ମାର୍କାମରା ବ୍ୟକ୍ତିତ୍ୱକୁ ଦୟା ଦେଖାଇବା ଦ୍ୱାରା ସେ କହିବାକୁ ଚାହୁଁଛନ୍ତି ଯେ ବଂଦନାର ବ୍ୟକ୍ତିତ୍ୱରେ ଗୋଟାଏ ରହସ୍ୟ ଅଛି, ସେ ଯାହାର ସଂଧାନରେ ଆସିଛନ୍ତି ଏଠିକି ଶେଷଥର ପାଇଁ, ଏଭଳି ଧାରଣା ତାଙ୍କ ମନକୁ ଆସିଲା ବୋଲି କହିଲେ ଭୁଲ୍ ହେବ । ତେବେ ସେ ନିଜକୁ ଚେତାଇ ଦେଲେ ଯେ ସେ ଏଠିକି ଆସିଛନ୍ତି ବିଗତା, ବୃଦ୍ଧା ଓ ମୃତା ବଂଦନାକୁ ଦେଖିବା ପାଇଁ, ତା'ର ସ୍ୱାମୀର ନିର୍ବୋଧତାକୁ ନୂଆ ଭାବରେ ହେଜିବା ପାଇଁ ନୁହେଁ । ଅର୍ଥାତ୍ ସେ ଯେଉଁଠି ବସିଛନ୍ତି, ସେଠି ବଂଦନାର ପାଦ ଦି'ଟା ଛଡ଼ା ଆଉ କିଛି ଦେଖା ଯାଉ ନାହିଁ । .. ତା' ପାଦ ସାଂଗରେ ମୋର କ'ଣ ସଂପର୍କ ଥିଲା ଯେ —?

ନ ଥିଲା ? ସତ କହୁଛ ? ବରଂ ତା' ଦେହର କୌଣସି ଗୋଟା ଅଂଶକୁ ବୁଝି ବିଚାରି ବାଦ୍ ଦେଇଛ, ତା'ର ଅବହେଳା କରିଛ ବୋଲି କହି ପାରିବ ?

ଓଃ । ସେ କଥା ପଡ଼ିନାହିଁ । କଳୁଷକାଳିମା ସର୍ବାଙ୍ଗରେ ଜରିଯାଏ । ଜରିଯିବାକୁ ବାଧ ଯେତେବେଳେ ତମେ ତା'କୁ କୁଣ୍ଢେଇ ଧର ପିଲାଙ୍କ ପରି, ପାଗଳଙ୍କ ପରି । କିନ୍ତୁ ମୋ ଜିଜ୍ଞାସାର ଭୋକ ମେଣ୍ଟିବ ନାହିଁ ଏଇ ସିଠା ଫାଗୁଲା ପାଦ' ଦି'ଟାକୁ ଦେଖିଲେ । ମୋତେ ତା' ମୁହଁ ଦେଖିବାକୁ ପଡ଼ିବ । ଚଟ୍‌କିନି ନୁହେଁ, ନିଠେଇ କରି, ଚୁଷାଦିଆ ନାକପୁଡ଼ା ସବୁ । ମୁହଁ ଦେଖାରୁ ଆଡ଼େଇ ହୋଇଯିବା କୌଣସି କାରଣ ନାହିଁ, କହିବାକୁ ଗଲେ ମୁଁ ଖାସ୍ ସେଇଥିପାଇଁ ଆସିଛି । ନିର୍ଜୀବ ହେଲେ ବି' ତା'ରି ଭାବ ମୋତେ କହି ଦେବ ଯେ ମରିଗଲାରୁ ସେ କିଛି ବଦଳିଛି କି ନାହିଁ ମୋ ପାଇଁ, ତା'ର ସ୍ଥୂଡିସ୍ୱରୂପ, ସେଥିର ଅସଯପଣ..

Digitized by srujanika@gmail.com

ସେହେତୁ ଜିତେନ୍‌ବାବୁ ସୁବିଧା ଦେଖି ଆଉ ଗୋଟିଏ ଖାଲି ଜାଗାକୁ ଘୁଂଚି ଆସିଲେ, ଯେଉଁଠି ଶାୟିତା ମୃତାଙ୍କ ମୁହଁ ଦେଖାଯିବ ଭଲ ଭାବରେ । ଏବଂ ତା'କୁ ଦେଖିଲେ । ଆହୁରି ଦେଖିଲେ । ଏବଂ ସେଇଠୁଁ ଗୋଟାଏ ଲଂବା ଆଂଗୁଳି ନିର୍ଦେଶ କରି କହିଲେ ନିଜକୁ, ଖେଳଟାକୁ ଜିତିଗଲା ପରି—

ମୁଁ କହୁ ନ ଥିଲି ? ଆହୁରି ଅସୁଂଦର । ଅର୍ଥାତ୍ ମୁଁ ତା'ର ଅସଲ ରୂପ ଦେଖିପାରୁଛି, ଏଇକ୍ଷଣି, ଯାହା ଦେଖି ପାରି ନ ଥିଲି ସେବେ । ଏବଂ ତାହା ଖାପ୍ ଖାଇଯାଉଛି ମୋର ପରବର୍ତ୍ତୀ ଅନୁଭୂତି ସାଙ୍ଗରେ । ଯେଉଁଥିପାଇଁ ତାକୁ ଫିଙ୍ଗି ଦେଇଥିଲି ନର୍ଦମାରେ, କଳା ଚିକିଚିକି ଗଂଧିଆ ପାଣିର ପ୍ରବାହରେ, ଏବଂ ଯେତେକ ବର୍ଜିତ ବସ୍ତୁର ଗହଣରେ । ଆଜି ଆସି ତିରିଶ ବର୍ଷ ହେଲାଣି ।

ବେଶ୍, ଜିଜ୍ଞାସା ପୂରା ହୋଇଗଲା ! ବାଂଛିତ ପୂର୍ତ୍ତି, ସମାପ୍ତି । ଉଠ, ଏଥର ଜିତେନ୍ ବାବୁ, ଆଉ ଡ଼େରି କାହିଁକି ?

ଜିତେନ୍‌ବାବୁ ଉଠି ଠିଆ ହେଲେ । ଏବଂ ସେହି ସମୟରେ ସେ ମୁହାଁମୁହିଁ ହେଲେ ବ୍ରିଗେଡ଼ିଅରଙ୍କ ସାଂଗରେ । ବାଲ୍‌ସାହେବ୍ ଅନେଇଛନ୍ତି ତାଙ୍କ ଆଡ଼କୁ, ଦୋ' ଦୋ' ଚିହ୍ନା ହୋଇ । ଜିତେନ୍ ବାବୁ ଅଳ୍ପବହୁତ ହସହସ ହେବାକୁ ବାଧ ହେଲେ, ଶୋକର ବାତାବରଣ ସତ୍ତ୍ୱେ । ହେଲେ ତାକୁ ଚିହ୍ନା ଦେବାକୁ ପଡ଼ିଲା ନାହିଁ । ବାଲ୍ ସାହେବଙ୍କ ଚିଲା ଆଖି ହଠାତ୍ ଝଟକି ଉଠିଲା, ଏବଂ ସେ ହାତ ବଢ଼େଇଲେ କରମର୍ଦନ ପାଇଁ -

''ୟୁ ଆର୍.. ଆପଣ.. ଆପଣ ମହାପାତ୍ର.. ଦିଲ୍ଲୀରେ ଦେଖା ହୋଇଥିଲା । ଅନେକ ଦିନ ତଳେ । ରାଇଟ୍ ?''

''ରାଇଟ୍''

ବିଗ୍ରେଡ଼ିଅରଙ୍କ ମୁଖମଣ୍ଡଳ ଉଦ୍‌ଭାସିତ ହେଲା ଶହେରୁ ଶହେ ମାର୍କ ରଖିଲା ପରି । ସେଇଠୁଁ କରମର୍ଦନରୁ ହୁଗୁଳି ଆସିଥିବା ହାତ ପୁଣି ଚାପି ଧରିଲା ତା'ର ସାଥିକୁ ଏବଂ ତା'କୁ ଛାଡ଼ିବାକୁ ନାରାଜ୍ ।

ଆରେ, କଥା କଅଣ ? ମୁଁ କ'ଣ ତମ ପିଲାଦିନର ଦୋସ୍ତ ? କେବେ କେଉଁ ସୁଦୂର ଅତୀତରେ ତମ ସାଂଗରେ ହେକମେଳ ହୋଇଥିଲି କେଇଟା ଦିନ, ଏବଂ (ଦୁଃଖର ବିଷୟ) ଉଚିତରୁ ଅଧିକ ହେଳମେଳ ହୋଇଥିଲି ତମ ସ୍ତ୍ରୀଙ୍କ ସାଙ୍ଗରେ, ତା' ବୋଲି ମୋ ହାତକୁ ଏମିତି ମୁଠେଇ ଧରିଛି କାହିଁକି ଘଣ୍ଟାଏ ହେଲା ? କେଉଁ ଅଧିକାରରେ ?

କିଂତୁ ଜିତେନ୍‌ବାବୁ ତିଳେ ହେଲେ ପ୍ରଯତ୍ନ କରିପାରିଲେ ନାହିଁ ତାଙ୍କ ହାତକୁ କାଢ଼ି ନେବା ପାଇଁ । ଅଧିକନ୍ତୁ କ୍ଷମା ମାଗିଲା ପରି କହିଲେ, —''ମୁଁ ଜାଣିଛି ଆପଣ ଏଇଠି ଆସି ଅଛନ୍ତି ଡିଟାୟାର୍ କଲା ପରେ । କିନ୍ତୁ ମୁଁ ଆସିବି ଆସିବି ହୋଇ ଆସି ପାରିଲି ନାହିଁ । ଆଜି ଯୋଉଠୁ ଶୁଣିଲି ଯେ...

Digitized by srujanika@gmail.com

ହାତ କୋହଳ ହୋଇଗଲା । ଝୁଲିଆସିଲା ଯଥା ସ୍ଥାନକୁ । ଏବଂ ବ୍ରିଗେଡ଼ିଅର ଗୋଟାଏ ଲମ୍ବା ଦୀର୍ଘନିଃଶ୍ୱାସ ପକେଇ କହିଲେ, ''ଓ୍ୱେଲ୍ ... ଓ୍ୱେଲ.. ଦ୍ୟାଟ୍ସ୍ ଲାଇଫ୍ ।''

ଠିକ୍ । ଫୌଜି ସ୍ୱାମୀମାନଙ୍କର ଠିକ୍ ଏମିତି କହିବା କଥା ତାଙ୍କ ପତ୍ନୀକୁ ହରାଇଲେ । କିଂତୁ ମୁଁ ମଧ୍ୟ କ'ଣ କହି ନାହିଁ ମୋର ଯାହା କହିବା କଥା, ଯେମିତି କହିବା କଥା ? ସେତିକି ମିଛ କ'ଣ ଯଥେଷ୍ଟ ନୁହେଁ ଲୌକିକତା ରକ୍ଷା କରିବା ପାଇଁ ? ବେଗ୍, ଏଥର ଫେରି ଚାଲ ଘରକୁ । ଗଂଜପା, ସ୍ୱପତ୍ନୀ ସୁନୀତା, ମୁଖ୍ୟମନ୍ତ୍ରୀଙ୍କର ପ୍ରେସ୍ କନଫରେନସ୍ ପାଇଁ ପ୍ରଶ୍ନାବଳୀର ଚିଠା, ସଦ୍ୟଜାତ ଅପରଛନିଆ ବିଲେଇଛୁଆ ଗୁଡ଼ାକୁ କୌଣସି ମତେ ଡଡ଼ିଦେବାର ଦାୟିତ୍ୱ..ଇତ୍ୟାଦି ଇତ୍ୟାଦିର ବର୍ତ୍ତମାନ ଓ ବାସ୍ତବ ସଂସାରକୁ । ଆଉ କାହିଁକି ?

ବ୍ରିଗେଡ଼ିଅର୍ ତାଙ୍କୁ ବଳେଇ ନ ଥିଲେ ରହିଯିବା ପାଇଁ । ବିଦାୟୀ ନମସ୍କାର ବି' ପକାଇ ନ ଥିଲେ ଆଗଉର ହୋଇ । ଖାଲି ଏତିକି କହିଲେ, ''ରବି ଆସି ପହଂଚିଯିବ ଏଇକ୍ଷଣି । ପ୍ଲେନ୍ ଲ୍ୟାଣ୍ଡ୍ କଲାଣି ବୋଲି ଶୁଣିଲି । ଆଉ କେତେ ସମୟ ଲାଗିବ କି ଟ୍ୟାକ୍ସିରେ ? ସେ ଆସିଲା ମାତ୍ରେହିଁ ନେଇଯିବା ବଡ଼ିକୁ ।''

ଅକାରଣରେ ଜିତେନ୍ ବାବୁ ପଚାରିଲେ, ''କୋଉଠିକି ?

''କ୍ରିମାଟୋରିଅମ୍'', ବ୍ରିଗେଡ଼ିଅର୍ କହିଲେ, '' ମୋତେ କହି ଯାଇଛି ଯେ ଦେହଟାକୁ ଅଯଥାରେ କଷ୍ଟ ଦେବା ଦରକାର ନାହିଁ ।''

ସେଇଠୁଁ ଜିତେନ୍ ବାବୁ କ'ଣ ଭାବିଲେ ଯେ ତା'ହେଲେ ବିଶେଷ କିଛି ଡ଼େରି ହେବ ନାହିଁ, ତେଣୁ ଆଉ ଘଣ୍ଟାଏ ଖଣ୍ଡେ ରହିଗଲେ ଯାଏ ? କିଂତୁ ସହଜ ହେଉ କି ଡ଼େରି ହେଉ ତମର ଆଉ ଦରକାର କ'ଣ ଥିଲା ରହିବା ପାଇଁ ? କେହି ତୁମକୁ ବାଧ କରୁ ନ ଥିଲା । ବ୍ରିଗେଡ଼ିଅର୍ଙ୍କ ଯାଚନା, ଲୌକିକତାର ତାଡ଼ନା ବା ଆଉ କିଛି । ତଥାପି ତମେ ଗୋଟାଏ ଅନିର୍ଦିଷ୍ଟ 'ଓ-କେ' ବୋଲି କହି ଘେରାଏ ବୁଲି ଆସି ପୁଣି ବସି ପଡ଼ିଲ କାହିଁକି ତୁମର ପୂର୍ବ ସ୍ଥାନରେ, ହୁଏତ ମୃତାଙ୍କ ନିକଟରେ ? ଜିତେନ୍ବାବୁଙ୍କୁ ଏହି ପ୍ରକାର ପ୍ରଶ୍ନ ପଚରା ହୋଇଥିଲେ ସେ ବୋଧହୁଏ ପାଲଟା ଆକ୍ରମଣ କରି କହିଥାଆନ୍ତେ —କ'ଣ କ୍ଷତି ହୋଇଗଲା ଟିକେ ରହିଗଲାରୁ ? ସୌଜନ୍ୟ ହେଉ କି ସଂବେଦନା, ସେଥିରେ ହଜାରେ ମିଛ ଥାଉ କି ଲୋକଦେଖାଣିଆ ପଣ, ତା'କୁ ଟିକେ ବଢ଼ାଇଦେଲେ କ୍ଷତି କ'ଣ ? ଅଧିକଂତୁ ନ ଦୋଷାୟ ବୋଲି ଗୋଟାଏ କଥା ଅଛି ନା ନାହିଁ ?

ଯାହାହେଉ ଜିତେନ୍ ବାବୁ ପୁଣି ବସି ରହିଲେ । ସଂଭବତଃ କ୍ରିମାଟୋରିଅମ୍ ଯାଇ ମୃତାଙ୍କ 'ବଡ଼ି', ଦେହ, ତଥା ଆପଣା ଜିଜ୍ଞାସାର ଉତ୍ସାବଶେଷ ଦେଖି ଆସିବା ପାଇଁ । ଆଉ ଟିକେ କଷ୍ଟ ହେଲେ ହେଉ ପଛେ ।

ମୁଁହଟାରେ ଆଉ ଅଧିକା କ'ଣ ଅଛି ଦେଖିବା ପାଇଁ ? ଗାଲ ଚହଲି କେଉଁଠୁ କେଉଁଯାଏଁ ଧସି ଯାଇଛି, ନେସେଡ଼ି ହୋଇ ମଡ଼ିଛି ତା'ର ଚିହ୍ନଟ କରିବା ପାଇଁ ? ନା

Digitized by srujanika@gmail.com

ତା'କୁ ଛୁଇଁଲେ କେତେ ଥଣ୍ଡା ଲାଗୁଥିବ ଏଇକ୍ଷଣି, ତା'ର ଅନୁମାନ କରିବା ପାଇଁ ? ଜିତେନ୍‌ବାବୁ ବାରଂବାର ତାଙ୍କ ଦୃଷ୍ଟି ଫେରାଇ ଆଣି ଅନାଉଥାଆନ୍ତି ସମବେତ ପରିବାର ଓ ବଂଧୁ ପରିଜନଙ୍କ ଆଡ଼କୁ । କହିଲେ ମୋ କାମ ସରିଗଲାଣି, ମୁଁ ଏଥର ଖାଲି ତମମାନଙ୍କୁ ଦେଖିବାକୁ ଚାହେଁ, ତମମାନଙ୍କ ମୁହଁକୁ ଓ ଚାହାଣୀକୁ । ଏବଂ ଭାବିବାକୁ । ତମମାନଙ୍କ ଶୋକକୁ କଳିବା ପାଇଁ । ସେଥିରେ କେତେ ଖାଲି, କେତେ ଭେଜାଲ୍ । ଦେଖିଲେ ଜଣେ କିଏ ସୁଁସୁଁ ହେଉଛି, ଆଉ ଜଣେ ପୁରାପୁରି ବୋକା ପାଲଟି ଗଲା ପରି ଦିଶୁଛି, ଆଉ ଜଣେ ଥାଇ ଥାଇ ରୁମାଲ୍‌ରେ ମୁହଁ ପୋଛୁଛି ....

କିନ୍ତୁ କୋଉ ମାପକାଠି ଅଛି ତମ ପାଖରେ ଜାଣିବା ପାଇଁ ଯେ ଇଏ ସତ, ସିଏ ମିଛ ? ଅଥବା ମୃତା ନାରୀ ଯାହାକୁ ଯେତେ ଦେଇଥିଲେ ତାଙ୍କ ଜୀବଦଶାରେ, ସେହି ପରିମାଣରେ ତା'ର ପ୍ରତିଦାନ, ଲୁହ, ଓହଲା ମୁହଁ, କି ଅନ୍ୟ କେଉଁ ଅଭିବ୍ୟକ୍ତିର ଅର୍ଘ୍ୟ ପାଉଛନ୍ତି ନା ନାହିଁ ? ତା'ଛଡ଼ା ତମର ସେଥିରେ ମୁଣ୍ଡ ବଥଉଛି କାହିଁକି ? ତମକୁ ତ ସେ ଯାହା ଦେଇଛି ସେତ ପୂରାପୂରି ଅସନା, ତୁଚ୍ଛା କାମୁକତା । ଯାହାର କୌଣସି କାରଣ ନ ଥିଲା ତା' ଆଡୁ କି ତମ ଆଡୁ, ତା'ର ଅଭାବ କି ତମର ଅଭାବ । ସେ ତ ପ୍ରମାଣ ଦେଇଛି ଯେ ସେ ତା' କ୍ୟାପ୍ଟେନ୍ ସ୍ୱାମୀକୁ ଭାରୀ ଭଲ ପାଉଥିଲା । ତମ କଥା ଛାଡ଼, ତମେ ତ ସୁନୀତାକୁ ଏତେ ଭଲ ପାଇଥିଲ ସେତେବେଳେ, ଯେ ତା'ପାଖକୁ ଦିନେ ଛଡ଼ା ଦିନେ ଖଣ୍ଡେ ଚିଠି ନ ଦେଲେ ତମ ପେଟ ପୁରୁ ନ ଥିଲା । ସେଇ ଏକାନ୍ତ ଅକାରଣ, ଅନାବଶ୍ୟକ, ଏବଂ ସେହେତୁ ଅସନା ଆଫେୟାର୍‌ଟାକୁ ତ ତମେ କେବେଠୁଁ ଫିଙ୍ଗି ଦେଇଛ ନର୍ଦ୍ଦମାରେ, ଆଜି ଖାଲି ଆସିଛ ଏଠିକି ଗୋଟାଏ ମଜା ଚାଖିବା ପାଇଁ, ଆଉ ତା ବି ପୂରା ହୋଇଗଲାଣି ଏଇକ୍ଷଣି, ତମେ ଅପର ବ୍ୟକ୍ତି, ରୀତିମତ ଅପର, ଲୋଷ୍ଟବର୍, ତମର କ'ଣ ଦରକାର ଜାଣିବା ପାଇଁ ଅଦ୍ୟ ଶୋକକୁଦ୍ଧ ବିଷୟରେ ?

ତମେ ତା'ଠାରୁ କିଛି ପାଇଲ ନାହିଁ (କି ପାଇ ପାରିଲ ନାହିଁ), ତା' ବୋଲି ଅନ୍ୟମାନେ କ'ଣ ନାନାଦି ସୁଖ ପାଇ ନଥିବେ ତା'ଠୁଁ, ଯାହାକୁ ସେମାନେ ଝୁରି ହେଉଛନ୍ତି ? ସ୍ୱାମୀ କଥା ଛାଡ଼, ବାକୀ ଅନ୍ୟମାନେ, ପୁଅପୁତୁରା, ଝିଅ ଝିଆରି, ଭାଇଭଉଣୀ ଦିଅର ନଣନ୍ଦ, ସଂଗସାଥୀ... ସେଥିର ଭଲମଂଦ ସୁନ୍ଦର ଅସୁଂଦର ବିଷୟରେ କ'ଣଟା ଜଣା ଅଛି ତମକୁ ?

ଏହି ସମୟରେ ଲୋକଗହଳିର ଶବ୍ଦ ଶୁଣାଗଲା, ଏବଂ ଚାହୁଁ ଚାହୁଁ ପଶି ଆସିଲା ଘର ଭିତରକୁ । ଆଗୁଆ ହୋଇ ଅଛି ଯେଉଁ ଜଣକ, ତା' ଆଖିରେ ଲୁହ ଧରୁ ନାହିଁ, ଏକ୍‌ଦମ୍ ବଂଦନା ଭଳି ଦେଖିବାକୁ, ଠିକ୍ ସେମିତିକା ତଳ ଓଠ, କୋମଳ-ମାଂସଳ (ମାନେ ସେତେବେଳେ ଯେମିତି ଦିଶୁଥିଲା), ସେଇ ନିଶ୍ଚୟ ରବି, କୁଓ୍ୱେଟରୁ ଆସି ପହଞ୍ଚିଲା ଏଇକ୍ଷଣି । କିଂତୁ ତା' ତା ପଛକୁ ଆର ଜଣକ କିଏ ? ଫୌଜି ପୋଷାକ ପିନ୍ଧିଛି । ରବି ଠାରୁ ଯଥେଷ୍ଟ ବଡ଼ ହେବ ନିଶ୍ଚୟ, କିଂତୁ ବୁଢ଼ା ତଳେ ଯିବ ନାହିଁ, ମୋ ପରି କି

Digitized by srujanika@gmail.com

ବ୍ରିଗେଡ଼ିଅର୍ ପରି । ସିଏ ବି' କୋଉ ଦୂରରୁ ଆସି ପହଂଚିଲା ପରି ଦିଶୁଛି । ଆଉ ସିଏ କାଂଦୁଛି ନା କଅଣ ?

ଏଡ଼େ ବଡ଼ ପୁଅଟା ଏମିତି କ'ଣ ହେଉଛି ମ ? ରବି ଆଣ୍ଠେଇ ପଡ଼ିଲା ମାଆର ଶବ ପାଖରେ, ଓ କଇଁ କଇଁ ହୋଇ କାଂଦିଲା ସେଥିର ଫୁଲରେ ଓ ବରଫରେ ଲେପ୍‌ଟି ଯାଇ । ବୋହୂ ପାଦ ଛୁଇଁ ପ୍ରଣାମ କଲା, ଓ ପଣତରେ ଲୁହ ପୋଛିଲା । କିଂତୁ ସବୁଠାରୁ ବିଚିତ୍ର ଦୃଶ୍ୟ ଦେଖାଇଲା ତାଙ୍କ ଚାରିପାଞ୍ଚ ବର୍ଷର ପୁଅ ଖଣ୍ଡକ । ତା'କୁ ଯେତେ ମନା କଲେ ବି ସେ ମାନୁ ନ ଥାଏ । 'ନହୀଁ ! ନହୀଁ ! ଛୋଡ଼ୋ ମୁଝେ !' କହି ପାଟି କରୁଥାଏ, କ'ଣ ନା ସେ ଜେଜେମାକୁ ମୁହଁ ଲଗେଇ ଗେଲ କରିବ । ଜଣେ କିଏ ବୟସ୍କା ସଫେଇ ଦେଲା ପରି କହିଲେ,— କ'ଣ କରିବ ବିଚରା ? ଜେଜେମା ତାକୁ ଶିଖେଇଛି ଯେ ଯୁଆଡ଼ୁ ଆସିଲେ ଆଗେ ମୋତେ ଗେଲ କରିବୁ, ସେଇଠୁଁ ମୁଁ ଡ଼ୋଡେ ଗେଲ କରିବି, ତା'ପରେ ଯୋଉ କଥା । ଗୋଟିଏ ଗାଲରେ ନୁହେଁ ଦି' ଗାଲରେ । ଆଜି ଏତେ ଦିନ ପରେ ଫେରିଛି ବିଦେଶରୁ, ଅଥଚ ତା'କୁ ମନା କରା ହେଉଛି ? କାହିଁକି ? କାହିଁକି ? ଜେଜେମା ମରି ଯାଇଛି ତ କ'ଣ ହେଲା ସେଇଠୁଁ ? ଖାଲି ଦୂରରୁ ଚୁମା ଦେବ, ମୁହଁରେ ମୁହଁ ଲଗାଇବ ନାହିଁ ?

ସହଜେ ଯେଉଁ ଅନ୍ତରଂଗ ଶୋକ ସ୍ତିମିତ ହୋଇ ରହିଥିଲା ଏତେବେଳେ ଯାଏଁ ତାହା ପୁଣି ଫୁଟି ଫାଟି ପଡ଼ିଲା । ଶୋକ ସଶବ୍ଦ ହେଲା । ଯେଉଁମାନେ ପରିବାରର ନିଜ ଲୋକ ନୁହଁନ୍ତି ସେମାନେ ମଧ୍ୟ ଆହା-ଚୁ ଚୁ କଲେ, ପରସ୍ପରଙ୍କ ମଧ୍ୟରେ କୁହାକୁହି ହେଲେ ମୃତା ନାରୀଙ୍କର ସ୍ନେହଶ୍ରଦ୍ଧା, ଅତିଥିସତ୍‌କାର, ଇତ୍ୟାଦି ବିଷୟରେ । କେତେଜଣ ନୀରବରେ ମୁଣ୍ଡ ହଲାଇଲେ । ଏଇଆକୁ କୁହନ୍ତି ନିୟତିର ବିଡ଼ମ୍ବନା, ଏଇ ଭାବରେ ।

ଜିତେନ୍‌ବାବୁଙ୍କର ମନେ ହେଲା ଯେ କେବଳ ସେ ଭିନ୍ନ ଏମାନଙ୍କ ଠାରୁ । ସେ ଏହି ସବୁ କ୍ରିୟାକଳାପର ଧାର ଧାରନ୍ତି ନାହିଁ । ସ୍ୱାଭାବିକ । କାହିଁକିନା ସେ ଏଠିକି ଶୋକ ମନେଇବାକୁ ଆସି ନାହିଁନ୍ତି । ସେ ଆସିଛନ୍ତି ଗୋଟାଏ ବହିଷ୍କୃତ ବିତାଡ଼ିତ ବସ୍ତୁକୁ ଦେଖିବା ପାଇଁ । ପରଖିବା ପାଇଁ ତା'ର ନୂଆ ରୂପରେ ।

କିନ୍ତୁ କେଜାଣି କାହିଁକି ତାଙ୍କୁ ଟିକେ ବିରକ୍ତ ଲାଗିଲା ।.. ହଁ ମୁଁ ଜାଣେ ମୋର ଦୃଷ୍ଟି କୋଣ ଭିନ୍ନ ତମମାନଙ୍କ ଠାରୁ, ମୋର ଅନୁଭୂତି ମଧ୍ୟ ଭିନ୍ନ । କିଂତୁ ତମେ ଯେଉଁ ଢଂଗ ଦେଖାଉଛ, ତା'କୁ ବାହୁଲ୍ୟ ବୋଲି କୁହାଯାଏ । ଓଭର-ଡୁଇଙ୍ଗ୍ । ଅବଶ୍ୟ ମୋର ଜାଣିବା ଉଚିତ୍ ଯେ ହସିବା ପରି କାନ୍ଦିବା ମଧ୍ୟ ଗୋଟାଏ ସଂକ୍ରାମକ ରୋଗ । ତା' ସାଙ୍ଗରେ ବାସ୍ତବ ଦୁଃଖର କୌଣସି ସଂପର୍କ ନାହିଁ । ତଥାପି ... ସବୁ କଥାର ଗୋଟାଏ ସୀମା ଅଛି !

ଡ୍ୟାମ୍ ଇଟ୍ । ଜିତେନ୍ ବାବୁ ରାଗିଲେ ।..ହଁ, ମୁଁ ମୋ ମୂଲ୍ୟାୟନରେ ଅଟକ ରହିଛି । ଯେ ଜିନିଷଟା ଗଂଧୁଆ ଥିଲା । କିନ୍ତୁ, କହିବାକୁ ଗଲେ ମୁଁ ତୁମମାନଙ୍କ ଠାରୁ ଅଧିକ ଅଂତରଂଗ ଥିଲି, ତା'ର ସ୍ୱାମୀ ଓ ପିଲାଛୁଆକୁ ଛାଡ଼ିଦେଲେ । ଖାଲି ଦୈହିକ

Digitized by srujanika@gmail.com

ସଂପର୍କର ଘନିଷ୍ଠତା ଯୋଗୁଁ ନୁହେଁ । ବରଂ ସେହି ଘନିଷ୍ଠତାହିଁ କାଳ ହେଲା । କିଂତୁ.. କିଂତୁ ମୁଁ ଯେତେବେଳେ ତା' କୋଳରେ ଶୋଇ ରହିଥିଲି ଓ ସେ ମୋତେ ଆଉଁସି ଦେଉଥିଲା, ପୁଣି ସେ ଯେତେବେଳେ ମୋ ମୁଣ୍ଡବାଳରେ ହାତ ଚଲେଇ ମୋତେ ଚିଡ଼ଉଥିଲା, ଏବଂ ମୋ ଜିଜ୍ଞାସାର ପେଟ ପୂରିଲା କି ନାହିଁ ବୋଲି ପଚାରୁଥିଲା, ସତେକି ସେଇଥିଲା ମୋ ଜିଜ୍ଞାସାର ବସ୍ତୁ, ଏହିସବୁ ନାନା କ୍ରିୟାକଳାପରେ ସେ କ'ଣ ମୋତେ ସତସତିକା ସୁଖ ଦେଉ ନ ଥିଲା ? ମୋର ଦୁଃଖ କଳ୍ପିତ ହେଇ କି ଯାହା ହେଉ ତା'କୁ ଘୁଂଚେଇ ଦେଉ ନ ଥିଲା ? ଏବଂ ମୋର ଅହମିକାର ଭାରୀପଣକୁ ହାଲୁକା କରିଦେଉ ନ ଥିଲା ? ତେଣୁ ମୁଁ ଯଥାର୍ଥରେ 'ଆହା' କହି ପାରିଥାନ୍ତି , ଦି' ଟୋପା ଲୁହ ବି' ଗଡ଼େଇ ପାରିଥାଆନ୍ତି । କିନ୍ତୁ ମୁଁ ଭାବତରଜ ନୁହେଁ ତୁମମାନଙ୍କ ପରି । ତା'ଛଡ଼ା ମୋର ନୀତିବଦ୍ଧତାକୁ ସହଜେ ମୋଡ଼ି ଦେଇ ହେବ ନାହିଁ । ସାମଗ୍ରିକ ଦୃଷ୍ଟିରୁ ବିଚାର କରି ଦେଖିଲି, ଖୋଲା ଆଖିରେ ବିଚାର କରି ଦେଖିଲି ସେ ଜିନିଷଟା ଗନ୍ଧିଆ ଥିଲା । ଏକେ ବିଶ୍ୱାସଘାତକତା, ଦୁଜେ କାମୁକତା, ତୁଚ୍ଛା କାମୁକତା ।

ଇଚ୍ଛା କରିଥିଲେ ମୁଁ ନିଜକୁ ଠକେଇ ପାରିଥାଆନ୍ତି ଯେ ଆମ ସମ୍ପର୍କରେ ଅଳ୍ପବହୁତ ଭଲପାଇବା ଥିଲା । କିଂତୁ ମୁଁ ସେମିତିକା ଲୋକ ନୁହେଁ । କଲ୍ ଏ ସ୍ୱେଡ୍ ଏ ସ୍ୱେଡ୍ । ତା' ବୋଲି ମୁଁ ଯେ ବଂଦନା ପାଇଁ ଶୋକ କରିବାର ଅଯୋଗ୍ୟ, କିଂବା ସେ ଅଧିକାର ମୋର ନାହିଁ, ତା' ନୁହେଁ । ଅଛି, ତମମାନଙ୍କ ଠାରୁ ବେଶୀ, ଅଧିକାଂଶ ତମମାନଙ୍କ ଠାରୁ ।

ଏଇ ସମୟରେ ତାଙ୍କ ଆଖିରେ ପଡ଼ିଲା ସେ ରବିର ପଛେ ପଛେ ଆସିଥିବା ଫୌଜି ଲୋକଟି ଉତ୍ତେଜିତ ହୋଇ କ'ଣ ହିଂଦୀରେ କହି ଚାଲିଛି ବ୍ରିଗେଡ଼ିଅର୍‌ଙ୍କୁ, ଓ ସେ ତା'କୁ ବୋଧ ଦେଉଛନ୍ତି, ତା'କୁ ପାଖକୁ ଟାଣି ଆଣି । ଜିତେନ୍ ବାବୁ କାନ ଡ଼େରିଲେ । ଏବଂ ଯାହା ଶୁଣିଲେ ତା'ର ସାରାଂଶ ହେଲା ଏଇ ଯେ ତା' ପ୍ରତି କୁଆଡ଼େ ଘୋର ଅନ୍ୟାୟ କରାଯାଇଛି । ସେ କାଶ୍ମୀରରେ ଥାଉ କି ଜାହନ୍ନମ୍‌ରେ, ତା'କୁ କାହିଁକି ଆଗରୁ ଖବର ଦିଆଗଲା ନାହିଁ, ଯେମିତିକି ସେ ତା' ଭାବୀଜୀଙ୍କ ପାଖରେ ରହିପାରିଥାଆନ୍ତା ତାଙ୍କ ଶେଷ ମୁହୂର୍ତ୍ତରେ । ତା'କୁ କାହିଁକି ତାର ଏଇ ଭାଗ୍ୟରୁ ବଂଚିତ କରାଗଲା ।

ଭାବୀଜୀ ! ଅବଶ୍ୟ ତୁ ବାଲ୍ ସାହେବଙ୍କ ନିଜ ଭାଇ ନୁହେଁ, କୋଉ ପଂଜାବୀ, ମହାରାଷ୍ଟ୍ରୀ, କି ହିଂଦୁସ୍ତାନୀ, ତଥାପି ତୁ ଆଶା କରୁଥିଲୁ ଯେ— ?

ଭାବୀଜୀ ?? ତା'ହେଲେ ତୁ କଣ ସେବେକାର.. ସେଇ ଫୌଜି ଟୋକା ଖଣ୍ଡକ ଯେ ବାରଂବାର ଆସୁଥିଲା ତାଙ୍କ ଘରକୁ, ମୁଁ ଦିଲ୍ଲୀରେ ଥିଲା ବେଳେ ? ଗୋରା ପତଳା ଟୋକା, ଛଇଛଟକର ସୀମା ନାହିଁ, ଲେଫ୍‌ଟ୍‌ନାଣ୍ଟ୍, କ'ଣ ତା' ନାଆଁଟି, କୌଶଲ୍, ସମ୍ କୌଶଲ୍ ।

ହଁ, ସେଇ ହେବ ବୋଧହୁଏ । ଦରବୁଢ଼ା ହେଲାଣି, କିନ୍ତୁ ସେଇ ସୁନ୍ଦରିଆ (କହିବାକୁ ଗଲେ ମାଇଚିଆ) ଚେହେରା, ସେଇ ଠାଣି । ପୋଷାକରେ ଆଉ କେତେଟା

Digitized by srujanika@gmail.com

ବ୍ୟାଙ୍ଗ ଜଗେଇଲାଣି, ଏଇକ୍ଷଣି ଲେଫଟ୍‌ନାଣ୍ଟ୍- କର୍ଣ୍ଣେଲ୍ କି କର୍ଣ୍ଣେଲ୍ ହୋଇ ଯିବଣି । ତା ନାଆଁ ମନେ ପଡୁ ନାହିଁ ସିନା, ଆଉ ସବୁ ମନେ ଅଛି । ମନେ ପଡୁଛି ...

ସେଇ ସୋଗ ଡ଼ାକ । ପିଲାଳିଆପଣ । —ଭାବୀଜୀ, ଆଜି ମୋ ପାଇଁ କ'ଣ ରଖିଛ କହିଲ ? ଚାଲ ମୁଁ କିଚେନ୍‌କୁ ଯିବି, ପିଆଜ କାଟିବି ତମ ସାଂଗରେ । ଭାବୀଜୀ କହିଲେ, 'ନନ୍‌ସେନସ୍', କିଂତୁ ଇଏ ଅଳି କଲାରୁ ରାଜି ହୋଇଗଲେ, ଆଉ କହିଲେ ଯେ ହାତ କଟିଗଲେ ତାଙ୍କ ଦୋଷ ନାହିଁ । ସେଇଠୁ ଇଏ କହିଲେ'ନୋ ଫିଅର୍ସ୍', ହାତ କଟି ଗଲେ ଭାବୀଜୀଙ୍କୁ ଜଣା ଅଛି କ'ଣ କରାଯିବ — କ'ଣ ମିନ୍ଥୁଟାରେ ମୋ ଭାବୀଜୀ ହୋଇଛନ୍ତି ? ଇତ୍ୟାଦି ଯେତେ ସବୁ ଛୋପରା କଥା । ମନେ ଅଛି ..

ଆଉ ମନେ ଅଛି ସେଦିନର ଉପରବେଳା । କାମରୁ ସହଜ ସହଜ ଫେରି, ଆସିଥିଲି । ବେଲ୍ ବଜାଇଲାରୁ ବନ୍ଦନା କବାଟ ଖୋଲିଲା ମୋ ପାଇଁ । ଭଦ୍ର ମହିଳାଙ୍କ ସ୍ଖଳିତ ବସନ, ଅବିନ୍ୟସ୍ତ କେଶ, ଲେସି ହୋଇ ଯାଇଥିବା ସିନ୍ଦୁର ଇତ୍ୟାଦି କହି ଦେଉଥିଲା ଯେ ସେ ଶୋଇବା ଶେଯରୁ ଉଠି ଆସିଛନ୍ତି ତରତର ହୋଇ । ତାଙ୍କୁ ମଦାଳସା, ମଂଦାକ୍ରାନ୍ତା, ସ୍ୱପ୍ନବାସବଦତ୍ତା, ଇତ୍ୟାଦି ବିଭିନ୍ନ ବିଶେଷଣରେ ବିଭୂଷିତ କରି ଆଗେଇ ଯିବାକୁ ମନ ହେଉଥିଲା । କିଂତୁ ତାଙ୍କ ପଛେ ପଛେ ହଠାତ୍ ଦେଖାଦେଲେ ଏଇ ଭଦ୍ରଲୋକ, ଭାବୀଜୀଙ୍କ ଦିଅର । ମୋର ସବୁ ସରାଗ ପାଣି ଫାଟିଗଲା । ବିଶେଷଣ ଗୁଡ଼ାକ ଅକାମି ହୋଇଗଲା । ବୁଝିଲି ବ୍ୟାପାରଟା କଅଣ । ମୁଁ କ'ଣ ଏଡ଼େ ବୋକା ହୋଇଛି ?

ମୁଁ ତୋତେ ଦୋଷ ଦେଉନାହିଁ । କାରଣ ମୁଁ ବି' ଜଣେ ଗରାଖ ଥିଲି, ସେଇ ଗଂଧିଆ ମିଠେଇ ଦୋକାନର । ତେଣୁ ତୁ ବି' ଏଇ ପାଲାରୁ ଅଲଗା ରହିଥାଆନ୍ତୁ ମୋ ପରି । ଅଥଚ ତୁ କାଂଦି କାଂଦି ଧାଇଁ ଆସିଛୁ ତା'କୁ ଦେଖିବା ପାଇଁ, ଆଉ ରାଗୁଛୁ ଯେ ତୋତେ କାହିଁକି ଆଗରୁ ଖବର ଦିଆଗଲା ନାହିଁ ?

ପ୍ରେମ ? ହେଲା ଏବେ ସାଦା-ସୁନ୍ଦର ଭାଉଜ ପ୍ରେମ, ଆଉ କିଛି ନୁହେଁ, ..ନା, ନା, ମିଛ ! ପୂରାପୂରି ମିଛ ! ତୁ ପୃଥ୍ୱୀଟାକୁ ଠକଉଛୁ, ଆଉ ନିଜକୁ ବି'.. ଅବଶ୍ୟ ତୁ ଯଦି ପ୍ରକୃତରେ ସେଇ ଲୋକ ହୋଇଥାଉ ।

ହେଲେ ସେ ବିଷୟରେ କୌଣସି ସଂଦେହ ରହିଲା ନାହିଁ ଯେତେବେଳେ ଜଣେ କିଏ ତାଙ୍କୁ କର୍ଣ୍ଣେଲ୍ କୌଶଲ୍ ବୋଲି ସଂବୋଧନ କଲା । ଏବଂ ଜଣାପଡ଼ିଲା ସେ କର୍ଣ୍ଣେଲ୍ ପ୍ରେମନାଥ କୌଶଲ୍ ପାଖଆଖରୁ କୋଇଠୁ ଆସି ନାହାନ୍ତି, ପ୍ରକୃତରେ କାଶ୍ମୀର ଘାଟିରୁ ଆସିଛନ୍ତି । ବିଶେଷ ଚେଷ୍ଟାଚରିତ୍ର କରି ଛୁଟି ନେଇ ଆସିଛନ୍ତି, ତାଙ୍କ ଭାଉଜଙ୍କୁ ଦେଖିବେ ବୋଲି ସେ ପୋଡ଼ା ହେବା ପୂର୍ବରୁ ।

ମିଛ, ମିଛ ! ପୂରାପୂରି ମିଛ ।

..'ରାମ୍‌ନାମ୍ ସତ୍ୟ ହୈ' । ରାମ୍ ନାମ୍ ସତ୍ୟ ହୈ ! ଶବ ସାଂଗରେ ଗଲା ବେଳେ

Digitized by srujanika@gmail.com

ଏଇ ଧ୍ୱନିର ଘନଘନ ପ୍ରହାର ତାଙ୍କ ମଂତ୍ରପାଠରେ ବାଧାଦେଇପାରିଲା ନାହିଁ । ସେ ତଥାପି କହି ଚାଲିଥିଲେ ମନକୁ ମନ, ତା' ସାଂଗରେ ପାଳି ଦେଲାପରି ମିଛ, ମିଛ, ପୂରାପୂରି ମିଛ । ଦେଖେଇ ହେଉଛି ତା' ଭଲ ପାଇବା । ହେଲେ ମୁଁ ଜାଣେ କ'ଣ ଅଛି ତା' ଭିତରେ । ମୁଁ ବି' ଏଇ ଢଙ୍ଗ କରି ପାରିଥାଆନ୍ତି ଇଚ୍ଛା କରିଥିଲେ । ଅଂତତଃ ଟୋପାଏ ଲୁହ ଗଡ଼େଇ ପାରିଥାଆନ୍ତି ତା' ପାଇଁ । କିଂତୁ ମୁଁ ଭିନ୍ନ ଧାତୁରେ ଗଢ଼ା । ମୁଁ ସଚ୍ଚା । ଭେଜାଲ୍ ନୁହେଁ ତା' ପରି । ପୂର୍ଣ୍ଣଚ୍ଛେଦ ।

କିନ୍ତୁ ପୂର୍ଣ୍ଣଚ୍ଛେଦ ତିଷ୍ଠି ରହି ପାରିଲା ନାହିଁ ଯେତେବେଳେ ଶବଟୀ ବାହାରି ଆସିଲା କ୍ରିମାଟୋରିଅମ୍‌ର ମେସିନ୍ ଭିତରୁ, ଗୋଟିପଣେ ପାଉଁଶ ହୋଇ । ଦେହଛାଁଟ ଦିଆ ପାଉଁଶ । ତା'କୁ ଦେଖି ତାଙ୍କର ହଠାତ୍ ମନେ ହେଲା ଯେ ଲୁହ ଟୋପାକ କୋଉଠି ଅଟକି ଯାଇଛି ଆଖି ଭିତରେ । ମୁକୁଳି ଆସି ପାରୁନାହିଁ, ଆଉ ତାଙ୍କୁ ପୀଡ଼ା ଦେଉଛି । କାହିଁକିନା ସେଇ ଅଦେହୀଟା କହୁଛି —

ଆଉ ଚିନ୍ତା ନାହିଁ ତମର । ତମର କି ତା'ର । କିଂବା ଆଉ କାହାର । କାରଣ ବଂଦନାବି' ମିଛ ହୋଇଗଲା । ତା'ର ଦେହ, ତା'ର ପ୍ରୀତି, ତା'ର ପୁଣ୍ୟ, ତା'ର ପାପ, ତା'ର ଅମୁକ ଆଉ ସମୁକ । ଏଣିକି ତମେ ସବୁ ଖଲାସ୍ !

ଖୁଂଚା ଦେଉଥିବା ଲୁହ ଟୋପାକ କେଉଁ ବାଟେ କେମିତି ଖଲାସ ହୋଇଗଲା କହି ହେବ ନାହିଁ, କିଂତୁ ଗୋଟାଏ ଅସଂଭାଳ ଧ୍ୱନି ଉଠି ଆସିଲା ତାଙ୍କ ମନ ଗହନରୁ — ନାଇଁ ! ନାଇଁ ତମେ ମିଛ ନୁହେଁ । ମରିଯାଇଛ ବୋଲି କୁହ ନାହିଁ, ପାରି ହୋଇଯାଇଛ ଆଉ ଗୋଟିଏ ଜୀବନକୁ, ବୃହତ୍ତର ଜୀବନକୁ,ଯେଉଁଠି ଦେହ ନାହିଁ ସିନା, ଆଉ ସବୁ ଅଛି । ଆଲୁଅର ଡେଇଁ, ପାଣିର ଛଳ ଛଳ, ପବନର ସିରିସିରି... ଯେତେକ ଆନଂଦ ଏଇ ଅଭିଲା ସୃଷ୍ଟିକୁ ନେଇ । ଏବଂ ଦୟା କରି ଯା'କୁ ନନ୍‌ସେନ୍‌ସ୍ ବୋଲି କୁହନାହିଁ । ଏଇ ହେଉଛି ଏକ ମାତ୍ର ସେତ୍ୱ, ଏକମାତ୍ର ଉତ୍ତର ଆମ ଶେଷ ପ୍ରଶ୍ନର । ଆମ ସଭିଙ୍କର । ତମକୁ ମାନିବାକୁ ପଡ଼ିବ ମୁଁ ଯାହା କହୁଛି । ତମେ ସିନା ଇତର ସାଧାରଣ ନାରୀଟିଏ, ମୁଁ ପରା ଜ୍ଞାନୀ, ଜ୍ଞାନକୁ ଖୋଜି ଖୋଜି ବାହାର କରିବା ମୋର ବେଉସା ?

****

ବାରଦିନ ପରେ ଯେଉଁ ପାର୍ଥନା ସଭା ଅନୁଷ୍ଠିତ ହେଲା ବ୍ରିଗେଡ଼ିଅରଙ୍କ ଘରେ, ତାଙ୍କ ଘର ଛାତ ଉପରେ, ସେଠିକି ବି ସେ ଯାଇଥିଲେ ।

ମନେ ହେଉଥିଲା ଛାତଭରା ଲୋକ ଓ ଆକାଶଭରା ତାରା । ଆଉ ଏଠିକା ଭଜନ କୀର୍ତ୍ତନର ଧ୍ୱନି ପହଂଚୁଛି ସେଠି, ସେମାନଙ୍କ ପାଖରେ । ଏବଂ ସେଇମାନେହିଁ ଆମେ । କିନ୍ତୁ କୋଉ ତାରାଟା ଭଲ ଓ କୋଉ ତାରାଟା ଖରାପ, କିଏ ଦୋଷୀ, କିଏ ନିର୍ଦୋଷ, କହିଲ ଦେଖି ? ବାବୁ, ଖାଲି ଗୋଟାଏ କାମ କରିବାର ଅଛି ଆମର ସେଠିକି ଯିବା ଆଗରୁ । କେଉଁ ସମଦୁଃଖୀର ହାତକୁ ଟିକିଏ ଚାପି ଧରିବା । ଅଂତତଃ ସେତିକି ।

Digitized by srujanika@gmail.com

ଜିତେନ୍‌ବାବୁ ନିରାଶ ହେଲେ ଜାଣି ଯେ କର୍ଣ୍ଣେଲ୍ କୌଶଲ୍ ଆସି ନାହାନ୍ତି ଏଠିକି । ଛୁଟି ପୁରିଲାରୁ କାଶ୍ମୀରକୁ ଫେରି ଯାଇଛନ୍ତି ତିନି ଚାରିଦିନ ହେଲା । ତେଣୁ ସେ କେବଳ ବ୍ରିଗେଡ଼ିଅରଙ୍କ ହାତକୁ ଚାପି ଧରିବାର ସୁଯୋଗ ପାଇଲେ । କହିଲେ ତମେ ଯାହା କରିଥିଲ ସେଦିନ, ମୁଁ ତା'କୁଇ ଫେରେଇ ଦେଉଛି ବୋଲି ଭାବନାହିଁ । ଏହାର ମୂଲ୍ୟ ନିଆରା । ଏବଂ ଆଉ ଜଣକ ହାଜିର୍ ହୋଇଥିଲେ ମୁଁ ତା' ହାତକୁ ବି' ଚାପି ଧରି ଥାଆନ୍ତି ଉତ୍ତମ ରୂପେ, ସର୍ବାନ୍ତଃକରଣରେ, ମୁଁ ସତ କହୁଛି .. ।

Digitized by srujanika@gmail.com

ପାର୍ଟି

''ମୁଁ କହୁନାହିଁ ଯେ ସେମାନଙ୍କ କଥାରେ ପଡ଼ି ଆମର ଗୋଟାଏ ପାର୍ଟି ଦେବା ଦରକାର । ନହେଲେ ବି ଆମର କୋଉଥିରେ କିଛି ଉଣା ହୋଇଯିବ, ତା' ନୁହେଁ । ତେବେ ଜିନିଷଟା ଭଲ ଦେଖାଯାଉନାହିଁ । ଦେଖ, ଏଇ ତିନିମାସ ଆଗରୁ ମିଷ୍ଟର ଆଲୁୱାଲିଆ ଗୋଟିଏ ବଡ଼ ପାର୍ଟି ଦେଇଥିଲେ ବାହାହୋଇ ଆସିଲା ପରେ । ତା' ପୂର୍ବରୁ ଭାସ୍କର ରାଓ ପାର୍ଟି ଦେଇଥିଲେ ଯେତେବେଳେ ସେ ଦିଲ୍ଲୀକୁ ଗଲେ ଡ଼େପୁଟି ସେକ୍ରେଟେରୀ ହୋଇ । ଅଥଚ ଆମେ.....''

''ହୁଁ ।''

''ତୁମକୁ କେହି କିଛି କହିବେ ନାହିଁ । କହିଲେ ବି ତୁମେ ତା'କୁ 'ୟେସ୍', 'ଅଫ୍‌କୋର୍ସ' କହି ଅଟାରେ ଉଡ଼େଇ ଦେବ । କିନ୍ତୁ ମୁଁ ଆଉ ପାରୁ ନାହିଁ । କାହିଁକିନା ଯୋଉଁ ଛିଗୁଲିଆ କଥା କୁହନ୍ତି ନା ସେମାନେ ! ବିଶେଷତଃ ତମର ସେଇ ମିସେସ୍ ଶର୍ମା ଯଜ୍ଞଣକ । ମିସେସ୍ ଚଂଦ ରହସ୍ୟରେ କହିଲେ ସେଦିନ, 'କଅଣ ପ୍ରମିଳା, ବାହାଘରତ ବର୍ଷକରୁ ଉପରେ ହେଲାଣି ପ୍ରମୋର୍ସନ୍ ବାସି ହୋଇଗଲାଣି, ଏଥର କ'ଣ ପିଲାଟିଏ କୋଳକୁ ଆସିଲେ ସେଲିବ୍ରେଟ୍ କରିବ ?' କିନ୍ତୁ ସେଇଠୁଁ ଏଇ ଆରତି ଶର୍ମା, ନଅଁକିଆ ଚେହେରା, ହେଲେ ଗଳାରେ ତିନିସେରିଆ ମୁକ୍ତା ହାର, କ'ଣ କହିଲା ଜାଣିଛ ?''

''ହୁଁ ।''

''କହିଲା ମୋ ମତରେ ମିସେସ୍ ଚଂଦ, କାହାକୁ କିଛି ବାଧ କରିବା ଉଚିତ ନୁହେଁ ଏସବୁ ବିଷୟରେ । ପାର୍ଟି ଦେବା ହେଉଛି ଗୋଟିଏ ସଭ୍ୟତାର ସଂସ୍କାର । କିନ୍ତୁ ବିଦେଶୀ । ଆମେ ସିନା ତା'କୁ ଗ୍ରହଣ କରିନେଇଛୁ ନର୍ଥ୍ ଇଣ୍ଡିଆରେ; କିନ୍ତୁ ଯେଉଁମାନେ ଭିନ୍ନ ଅଞ୍ଚଳରୁ ଆସିଛନ୍ତି, ସେମାନେ ଯେ ତା'କୁ ଗ୍ରହଣ କରିନେଇଥିବେ, ଏଭଳି ଭାବିବା ଉଚିତ ହେବ କି ? ମଲ୍ଲିକ୍ ସାହେବ କ'ଣ ଭୋଜିଭାତ ଦେଇ ନଥିବେ ଜ୍ଞାତି କୁଟୁମ୍ବଙ୍କୁ ତାଙ୍କ ବାହାଘର ବେଳେ ? ନା ତାଙ୍କ ଖାସ୍ ବଂଧୁମାନଙ୍କୁ ଲଡ୍ଡୁ ଖୋଇ ନଥିବେ, ସେତେବେଳେ ସେ ଡ଼ିଷ୍ଟ୍ରିକ୍ ମାଜିଷ୍ଟ୍ରେଟ୍ ହେଲେ ? ସେଇଠୁଁ ଯେଉଁ ଆଖି ଠରା ଠରି ଚାଲିଲା ନା ।''

''ହୁଁ ।''

''ହୁଁ କଅଣ ମ ? ତମ ମୁଣ୍ଡରେ କିଛି ପଶୁଛି ନା ନାହିଁ ? ଠିକ୍ ଅଛି । ତମେ ହେଉଛ ନର୍ଡ଼ା, ତମକୁ ଯଦି ଭଲ ଲାଗୁଛି ଏମିତିକା କଥା ଶୁଣିବା ପାଇଁ ତା'ହେଲେ

Digitized by srujanika@gmail.com

ମୋର ଆଉ କିଛି କହିବାର ନାହିଁ ।

କେ. ମଲ୍ଲିକ୍ ବୁଝିଲେ ଯେ ପ୍ରମିଳା ରାଗିଲାଣି । ହେଲେ ଯେଉଁ ମଂଦମଧୁର ହସ ଲାଖି ରହିଥିଲା ତାଂକ ଓଠରେ, 'ହୁଁ' ପରେ 'ହୁଁ' କହିଲା ବେଳେ ତାହା ଆହୁରି ପ୍ରସାରିତ ହେଲା , ଏବଂ ସେ କହିଲେ,

''ଶୁଣ, 'ହୁଁ' ମାନେ 'ହଁ' ।''

''ଧନ୍ୟବାଦ ।''

''ଆରେ ମୁଁ ସତ କହୁଛି ! ପାର୍ଟି ଦିଆଯିବ । ବିରାଟ ପାର୍ଟି । ଅଫିସର୍ସ୍ କ୍ଲବରେ ନୁହେଁ, ସାର୍ ସତ୍ୟାନନ୍ଦ ଗାର୍ଡ଼ନ୍ସ୍‌ରେ । କେବଳ ଅଫିସର୍ ମାନେ ଆସିବେ ନାହିଁ ଆମ ଗେଷ୍ଟ୍ ହୋଇ, ଆସିବେ ସହରର କେତେକ ବଛାବଛା ଗୁଣିଜ୍ଞାନୀ, ଶିଳ୍ପପତି, ଖେଳୁଆଡ଼, ଓଗେର । ଜଣେ ଅଧେ ଫିଲ୍ମଷ୍ଟାର୍ ମିଳିଗଲେ ଆହୁରି ଭଲ ।''

କ'ଣ ମୋତେ ପିଲା ବୋଲି ଭାବିଛ ? ବାଇସ୍କୋପ ଦେଖାଉଛ ?''

ଉତ୍ତରରେ ମଲ୍ଲିକ୍ ଉଚ୍ଚ ସ୍ୱରରେ ହସି ଉଠିଲେ । ମନେ ମନେ କହିଲେ ମୋ ବାଇସ୍କୋପ୍ ସତ ହେବ ନିଶ୍ଚୟ, କିନ୍ତୁ ତମେ ପ୍ରକୃତରେ ପିଲା ନୁହେଁ ତ ଆଉ କଅଣ ? ତେବେ ପିଲାମାନଙ୍କୁ ସବୁ କ୍ଷେତ୍ରରେ ସରଳ କୁହାଯିବ କି ନିର୍ବୋଧ ତାହା ଭାବିବାର ବିଷୟ । ବିଶେଷତଃ ପିଲାଟିକୁ ଯଦି ଚବିଶପଚିଶ ବର୍ଷ ହୋଇଥାଏ, ଏବଂ ସେ ଯଦି ସ୍ୱନାମଧନ୍ୟ ରଦ୍ଦିମାଲ ବ୍ୟବସାୟୀ ନକୁଳ ସ୍ୱାଇଁଙ୍କ ଗେହ୍ଲାଝିଅ ହେବାର ସୌଭାଗ୍ୟ ପାଇଥାଏ । ପୁଣି ସେ ଯଦି ଏମିତି ମହମହ ବାସୁଥାଏ ଦିନ ଦି'ପହରେ । ଯେଉଁଥିପାଇଁ ମୁଁ ତା'କୁ ଚଟ୍ କିନି ଜଣେଇଲି ନାହିଁ ଯେ ଏଥର ମୁଁ ରାଜି ପାର୍ଟି ଦେବା ପାଇଁ । କାରଣ ମୁଁ ଠଉରେଇବାକୁ ଚେଷ୍ଟା କରୁଥିଲି ଯେ- ଏ ବାସ୍ନା କ'ଣ ସତରେ କେଉଁ ଇଂପୋଟେଡ୍ ଅତରର ବାସ୍ନା ନା ତା ଥଲଥଲିଆ ମେଦର ବାସ୍ନା ? କେଉଁ ସାଧାରଣ ନାରୀ-ମେଦର ନୁହେଁ, ଏକ ଧନିକ ଦୁଲାରୀର, ଯେ ତା' ସାଙ୍ଗରେ ଆଣିଛି ଦି' ଦି'ଟା କାର୍, ଇଂପୋଟେଡ୍ କଲର୍ ଟି.ଭି., ଭି.ସି.ଆର୍, ମାଇକ୍ରୋ- ଓଭେନ୍ ଇତ୍ୟାଦି ନାନା ପ୍ରତିଷ୍ଠାର ପ୍ରତୀକ, ଷ୍ଟେଟସ୍ ସିଂବଲ, ତା' ଆଇ. ଏ. ଏସ୍ ସ୍ୱାମୀ ପାଇଁ । ମୁଁ ପାର୍ଟି ଦିଏ କି ନ ଦିଏ, ଯଥାଯୋଗ୍ୟ ସମ୍ମାନ ଦେବି ନାହିଁ କେମିତି ଏଇ ମେଦର, ବାସ୍ନାର ? ତେଣୁ ସେ କହିଯାଉ ସେଇ ପୁରୁଣା କଥା, ଯଦିଓ ସେ ତାକୁ ପଚାଶ ଥର କହିବଣି ଗତ ବର୍ଷକ ଭିତରେ, ଆଉ ମୁଁ ପୁଣିଥାଏ ମାନିନୀର ବିଶିଷ୍ଟ ବାସ୍ନା ଏବଂ ହେଜୁଥାଏ ତାକୁ । କିନ୍ତୁ ମୁଁ ସତରେ ଠିକ୍ କରିନେଇଛି ପାର୍ଟି ଦେବି ବୋଲି । ହଠାତ୍ ଗୋଟିଏ ଆଲୁଅ ଦିଶିଗଲା ମୋତେ ଏଇ ଦି' ଦିନ ତଳେ । ଯେଉଁଥିରେ ମୁଁ କୁରୁଳି ଉଠିଲି । ମଜା ହେବ । ଏକ ମହତ୍ ଉଦ୍ଦେଶ୍ୟର ମଜା । ଦୂରନ୍ତ ଇଣ୍ଟେଲେକ୍‌ଚୁଆଲ୍ ତଥା ଭାବଜଗତର ବ୍ୟକ୍ତିର ମଜା । ଏବଂ ମଲିକ ପୁଅର ।.... ହାୟ ! ତମେ ତା'ର ଭେଦ କେଉଁଠୁ ପାଇବ ଡାର୍ଲିଂଗ୍ ?

Digitized by srujanika@gmail.com

ଏମିତି ଭାବିଲାରୁ ସେ ଏତେ ଉଲ୍ଲସିତ ହୋଇ ଉଠିଲେ ଯେ ତତ୍‌କ୍ଷଣାତ୍ ଲେପ୍‌ଟିଗଲେ ପ୍ରମିଳାଙ୍କ ଖୋଲା କଟିଦେଶର ଶେଯରେ, ସତେକି ତା'ରି ଜରିଆରେ ହୁଏତ ତାଙ୍କ ଅଭିନବ ଆତ୍ମାନନ୍ଦକୁ ରୂପାୟିତ କରିହେବ । ଏବଂ କହିଲେ-

''ମୋତେ ବିଶ୍ୱାସ କର । ମୁଁ ପ୍ରକୃତରେ ଗୋଟାଏ ଫାଷ୍ଟକ୍ଲାସ୍ ପାର୍ଟି ଦେବାକୁ ଚାହେଁ । ଯଥା ଶୀଘ୍ର । ତମ ପାଇଁ, ମୋ ପାଇଁ, ଓ ଦେଶଦଶର ମଙ୍ଗଳ ପୋଇଁ...।

ଛୁଟିଦିନ ଉପର ବେକା । ପ୍ରମିଳା ତାଙ୍କ ପେଟ ଉପରେ ଲେପ୍‌ଟି ଯାଇଥିବା ସ୍ୱାମୀଙ୍କ କେଶରେ ହାତ ଚଳାଇଲେ । ଏବଂ ମଲ୍ଲିକ୍ (ଲୁପ୍ତ ହୋଇଯାଇ ଥିବା ପ୍ରଥମ ନାଆଁ କାଙ୍ଗାଳିକୁ ଛାଡ଼, ତାକୁ କେହି ଜାଣନ୍ତି ନାହିଁ ଏଠି ।) ତାଙ୍କ ସୁଆଗକୁ ସ୍ୱୀକାର କଲେ । ମନପ୍ରାଣ ସହ ।ଏବଂ ଝରକାବାଟେ ଅନେଇଲେ ତାଙ୍କ ନିବାସର ପରିପାର୍ଶ୍ୱକୁ, ତା'ର ମହତ୍ତ୍ୱକୁ ମଧ୍ୟ ସ୍ୱୀକାର କଲା ପରି । ବଂଗଳାର ଚାରି ପାଖରେ ଥିବା ଲନ୍, ଲନ୍‌ରେ ମୁହଁ ମାଡ଼ି କାମ କରୁଥିବା ମାଳୀ, ଦାଣ୍ଡଫାଟକ ଖୋଲି ପଶି ଆସୁଥିବା ଡ଼ାକ ପିଅନ, ଓ ତା'ର ପ୍ରଦେଶ ବିରୁଦ୍ଧରେ ଔପଚାରିକ ପ୍ରତିବାଦ ଜଣାଉଥିବା ପୋମେରନିଆନ୍ କୁକୁର 'ରୋଜି', କାର୍‌ର ଚିକ୍‌ଚିକ୍ ଦେହରେ ନିଜକୁ ଆବିଷ୍କାର କରୁଥିବା ଦରଲଙ୍ଗଳା ପିଲା, ହୁଏତ ମାଳୀର ପିଲା, କିମ୍ବା ଘରେ କାମ କରୁଥିବା ଅନ୍ୟ କୋଉ କ୍ଲାସ୍ - ଫୋର୍‌ର, ଏପରିକି ନାଚି ନାଚି ଝଡ଼ି ପଡୁଥିବା ଯେତେକ ଶୁଖିଲା ଫୁଲ ପତର.. ଇଏ କୋଉ ସ୍ୱପ୍ନ ନୁହେଁ, ବାଇସ୍କୋପ୍ ନୁହେଁ, ନିରାଟ ସତ୍ୟ । ମୋରି... ମୋରି... ମୋରି... ପିଲାଟି ଦିନୁ । ହଁ, ପିଲାଟି ଦିନୁ, କାହିଁକିନା ମୁଁ ଜନ୍ମିଛି ଏଇଥିପାଇଁ । ଏହାହିଁ ଲେଖାଥିଲା ମୋ ଜେନେଟିକ୍ କୋଡ୍‌ରେ । କାଂଗାଳି ମଳିକ ଥିଲା ଗୋଟାଏ ଅସଭ୍ୟ, ଅପରିଣତ, ହେଲେ ଅନିବାର୍ଯ୍ୟ ଭ୍ରୂଣଜାତୀୟ ବସ୍ତୁ, ଯାହାକୁ ଚିରିଦେଇ ବାହାରି ଆସିଛି ଆଜିକାର କେ. ମଲ୍ଲିକ୍, ଆଇ. ଏ. ଏସ୍, ଶାଦୀପୁରର ଜିଲ୍ଲା ମାଜିଷ୍ଟ୍ରେଟ୍ । ଏବଂ ବର୍ତ୍ତମାନ ସେ ପ୍ରେମ କରୁଛି ତା'ର ସୁବାପିତା ପଦ୍ମା ସାଂଗରେ, କାଲିକାର ରାଜଦୁଲାରୀ ତଥା ଆଜିକାର ରାଣୀ ସାଙ୍ଗରେ । କେହି ହେଲେ କହିବ ନାହିଁ ଯେ ନୂଆ ଡାହାଣୀ ଘୁଅ ଖାଇ ଶିଖୁଛି, ଜଣା ପଡି ଯାଉଛି ଯେ ବିଚରା ଅର୍ବାଚୀନ କି ଅନଭ୍ୟସ୍ତ ।

କ୍ଷଣକ ପାଇଁ ପ୍ରମିଳା ତାଙ୍କ ହସ୍ତ ଚାଳନା ବଂଦ କରି ଝୁଙ୍କି ଆସିଲେ ସ୍ୱାମୀଙ୍କ ମୁହଁ ପାଖକୁ । ସତେକି ତାଙ୍କର କିଛି ଖୋରାକ୍ ଦରକାର ଏଇ ସମୟରେ ତାଙ୍କ କାମଟାକୁ ଜାରୀ ରଖିବା ପାଇଁ । କିନ୍ତୁ ମଲ୍ଲିକ୍ ତାଙ୍କର ଅତି-ନିକଟ ମୁହଁକୁ ନୂଆ ଦେଖିଲା ପରି ହେଲେ । ଯେମିତିକି ସେ ତା'ର ବିଶ୍ଲାଳତାକୁ ବିଶ୍ୱାସ କରି ପାରୁ ନାହାଁନ୍ତି । ଫଳରେ ସେ କିଛି ଦେଇପାରିଲେ ନାହିଁ ତାକୁ, ଓଠ ଦି'ଟାକୁ ଈଷତ୍ ଗୋଜ କରିବା ଛଡ଼ା । ତା'ଛଡ଼ା ତାଙ୍କ ସ୍ଥିତିର ଅବବୋଧ ପୂରା ହୋଇ ନଥିଲା । କାରଣ ସେହି ସଂକ୍ରାନ୍ତରେ ସେ ଗୋଟାଏ ସ୍ୱୀକରଣ ଦେବାକୁ ଚାହୁଁଥିଲେ ନିଜକୁ । ଯାହାକି ସରଳମତି ପ୍ରମିଳା, କି ଲେଡିଜ୍ କ୍ଲବର କୁଟିଳ ମତି ଆରତି ଶର୍ମା, କାହାରି ମଗଜରେ ପଶିବ ନାହିଁ । କହିବାକୁ ଗଲେ ଏହି

Digitized by srujanika@gmail.com

ବ୍ୟୁରୋକ୍ରାଟ୍ ମହଲର ସ୍ତ୍ରୀ ପୁରୁଷ, ବଡଛୋଟ, କାହାରି ବୋଧଗମ୍ୟ ନୁହେଁ ।

ମୁଁ ପାର୍ଟି ଦେବାକୁ ଚାହୁଁନଥିଲି, ତା'ର ଅର୍ଥ ନୁହେଁଯେ ପାର୍ଟିଗତ ସଭ୍ୟତାର ମହତ୍ତ୍ୱ ଜଣାନାହିଁ ମୋତେ । ଯେ ସେଇ ଶୁଖବୋଧର ସ୍ୱାକ୍ଷର ନାହିଁ ମୋ ରକ୍ତରେ କି ସଂସ୍କାରରେ । ନା । ତା'ର କାରଣ ହେଉଛି .. ହେଉଛି ଏଇ ଯେ ମୁଁ କେବଳ ବ୍ୟୁରୋକ୍ରାଟ୍ ନୁହେଁ, ମୁଁ ମଧ୍ୟ ଜଣେ ଇଣ୍ଟେଲେକ୍ଚୁଆଲ । ସତ୍ୟଦର୍ଶୀ, ଯାହାକୁ ସତର ମିଛ ଓ ମିଛର ସତ ଦିଶିଯାଏ ଜଳଜଳ ହୋଇ । ତେଣୁ ମୋତେ ଅସ୍ୱସ୍ତି ଲାଗେ ବେଳେବେଳେ, - ବେଳେବେଳେ କାହିଁକି, ଅନେକ ସମୟରେ- ତା'ର ମୁଖାପିନ୍ଧା ଶଠତା । ଅଦମ୍ୟ ଖୁସିବାସିପଣର ସଭ୍ୟତା ଓରଫ୍ ଶଠତା । ଯେମିତିକି କେହି ଜାଣିବ ନାହିଁ ଆମ ବ୍ୟକ୍ତିତ୍ୱର ବିଭିନ୍ନ ସତକଥା, ସେଥିର ଅପରିହାର୍ଯ୍ୟ ଲିପ୍ସା, କାମନା, ଘୃଣା, ନୀତିବୋଧ, ଗୋଷ୍ଠୀପ୍ରାଣତା, ଇତ୍ୟାଦି ଇତ୍ୟାଦି । ଯଦିଓ ତା'ର ସ୍ୱରୂପ ବେଶ୍ ଫୁଟି ଉଠେ ଭିନ୍ନ ପରିବେଶରେ । ପ୍ରକୃତ ବଂଧୁ ମହଲରେ, ବୈଠକଖାନା, ନଇକୂଳ ଅଥବା ଶୋଇବା ଶେଯର ଅନ୍ତରଙ୍ଗତାରେ ।

କିନ୍ତୁ ଆଜି ଭାବୁଛି ମୁଁ ପାର୍ଟି ଦେବି, ଅବଶ୍ୟ ଦେବି, କାରଣ ମୁଁ ଗୋଟାଏ ମଜା ଦେଖିବାକୁ ଚାହେଁ । ଜଣେଇ ଦେବି ମୁଁ ଗୋଠଖଣ୍ଡିଆ ନ ହେଲେ ମଧ୍ୟ ଭିନ୍ନ ଧାତୁରେ ଗଢ଼ା । ମୋତେ ଏକ ଭିନ୍ନ ଧରଣର ସମ୍ମାନ ଦେବାକୁ ପଡ଼ିବ । ଯେଉଁଥିରେ ଅଳ୍ପବହୁତ ଭୟ ମଧ୍ୟ ଥିବ । ମଜା ହେବ ! ..

ମଲ୍ଲିକ୍ ପୁଣି କୁରୁଳି ଖାଇଲେ, ଏବଂ ତା'ର ଉଦ୍‌ଗମକୁ ଘୋଡ଼େଇଲା ପରି ମୁହଁଟାକୁ ଘସିବାକୁ ଲାଗିଲେ ପ୍ରମିଳାଙ୍କ ପେଟରେ । ଯାହା ଫଳରେ ପ୍ରମିଳା ସଚେତନ ହେଲେ ଯେ ଏଥର ଝରକା କବାଟ ବନ୍ଦ କରିଦେବା ଦରକାର । ଏବଂ ମଲ୍ଲିକ୍ ତାଙ୍କୁ ବାଧା ଦେଲେ ନାହିଁ । ଭାବିଲେ ହଉ, ସେଇଆ ହେଉ । ଦିନ ଆଳୁଅଟା ଲୁଚି ଯାଉ ପୂରାପୂରି । କୁହାଯାଏ ଯେ ଗୁଡ଼କୁ ଆଳୁଅରେ ଖାଇଲେ ଯାହା, ଅନ୍ଧାରରେ ଖାଇଲେ ସେଇଆ । କିନ୍ତୁ ଅନ୍ଧାରରେ ବିଶେଷ ଉପକାରିତା ଅଛି । ନିର୍ବାଧ କଳ୍ପନାରୁ ଉଦ୍‌ଭୂତ ଉପଭୋଗର ଅନେକ ପ୍ଲସ୍-ପଏଣ୍ଟ । ... ଯାହା ମୁଁ ବି' ତ ଭଲ କରି ବୁଝି ନାହିଁ ଡାର୍ଲିଂଗ୍, ତମକୁ କ'ଣ ବୁଝାଇବି ?

ଶେଷ ଝରକାଟିକୁ ବନ୍ଦ କରି ଖଟକୁ ଲେଉଟି ଆସିଲା ପରେ ପ୍ରମିଳା ଭାବୁ ଥିଲେ ଯେ ମୋ ସ୍ୱାମୀ ଜଣକ ଅବାଗିଆ ସିନା, କିନ୍ତୁ ସେ ବେଳେବେଳେ ଏମିତି ଚମକେଇ ଦିଅନ୍ତି ମଣିଷକୁ ଯେ ମନେ ହୁଏ ଇଏ ଭଲ, ଏଇ ଚମକ, ଏଇ ସୃଷ୍ଟିଛଡା ସ୍ୱାଦୁ । ବର୍ଷସାରା 'ନାହିଁ' 'ନାହିଁ' କହି ଯେମିତି ସେ ହଠାତ୍ 'ହଁ' କଲେ ଆଜି ପାର୍ଟି ଦେବା ପାଇଁ । ପୁଣି କ'ଣ ନା, ଗୋଟାଏ ଫାଷ୍ଟକ୍ଲାସ୍ ପାର୍ଟି । ଆଉ ଯେମିତି ହଠାତ୍ ମାତି ଉଠିଛନ୍ତି ଏଇକ୍ଷଣି ତୁନ୍ଦା ଖରା ବେକୁଟାରେ ।

କିନ୍ତୁ ମଲ୍ଲିକ୍ ଭାବି ନ ଥିଲେ ଯେ ଏତେ ମୁଣ୍ଡ ଖେଳାଇବାକୁ ପଡ଼ିବ ଗେଷ୍ଟମାନଙ୍କ

Digitized by srujanika@gmail.com

ତାଲିକା ପ୍ରସ୍ତୁତ କରିବା ପାଇଁ । ତା' ପର ଦିନ ସକାଳେ ସେ ହାମୁଡେଇ ପଡ଼ିଥିଲେ ତାଙ୍କ ଅଫିସ୍ ଘର ଟେବୁଲ୍ ଉପରେ ଏବଂ ଲାଗି ପଡ଼ିଥିଲେ ଏଇ ସାମାନ୍ୟ କାମଟାକୁ ଛିଣ୍ଡେଇ ଦେବା ଲାଗି । ହେଲେ ପାରୁ ନ ଥିଲେ । ଆମ ସର୍ଭିସ୍‌ର ଯେତେକ ସ୍ଥାନୀୟ ଓ ପାଖଆଖରେ ଥିବା ଅଧିକାରୀ, ତାଙ୍କୁ ତ ସହଜେ ଡକାଯିବ, ସେଇଠୁଁ ଅଲ୍‌ଇଣ୍ଡିଆ ସର୍ଭିସ୍‌ର ଯେତେକ ସମାସ୍ଥଂଧ ଅଧିକାରୀ ଅଛନ୍ତି ଏଇ ସହରରେ, ସେଇଠୁଁ କେତେଜଣ ଚିହ୍ନା ଏବଂ ଉପଯୋଗୀ ଷ୍ଟେଟ୍ ସର୍ଭିସ୍ ଅଫିସର, ତା'ପରେ ଏଇ ଜିଲ୍ଲାରୁ ନିର୍ବାଚିତ ହୋଇଥିବା ସମସ୍ତ ଲୋକ ପ୍ରତିନିଧି, ତଦୁତ୍ତାରୁ କେତେଜଣ ବଛା ବଛା ସାଂବାଦିକ, ସମାଜସେବୀ, ଲେଖକ, ଶିଳ୍ପୀ, ଓଗେର । ଯେକୌଣସି ବୁଦ୍ଧିମାନ୍ ପି.ଏ. ଏହି ପ୍ରକାର ତାଲିକା ତିଆରି କରି ନେଇ ପାରିବ ଅଧ ଘଣ୍ଟା ଭିତରେ । କିନ୍ତୁ କଥାଟା ଠିକ୍ ତା' ନୁହେଁ ।

ପ୍ରଶ୍ନ ହେଉଛି ଯେ ମୁଁ ଚାହେଁ କେତେ ହଳ କର୍ଣ୍ଣାର୍ଜୁନଙ୍କୁ ମୁଁ ଏକାଠି କରି ପାରିବି, ଏବଂ ମୁହାଁମୁହିଁ କରି ତତେଇ ପାରିବି, ଯେଉଁଥିରେ ସେମାନେ ବାଧ ହେବେ ତାଙ୍କ ମୁଖା ଉତ୍ତାରି ଦେବା ପାଇଁ । ଯେମିତିକି ପାର୍ଟିର ସଭ୍ୟ-ସୌଖୀନ ଆତ୍ମା ତ୍ରାହି ତ୍ରାହି ଡାକିବ ଓ ମୋ କଲିଜା ଶାନ୍ତ ହେବ । ନାଆଁକୁ ନାଆଁ ଯୋଡି ଦେଇ ହେବ । କିନ୍ତୁ ପହିଲା ନମ୍ବର ଅସୁବିଧା ହେଉଛି ଏଇ ଯେ କର୍ଣ୍ଣ ଓ ଅର୍ଜୁନ ଉଭୟଙ୍କୁ ଡ଼ାକିଲେ ସେଇ ସ୍ତରର କି ସେଇ ଗୋଷ୍ଠିର ଅନ୍ୟମାନଙ୍କୁ ବାଦ୍ ଦେଇ ପାରିବି ନାହିଁ । ଏବଂ ତା' ହେଲେ ମୋ ତାଲିକା କେଉଁଠୁ କେଉଁଯାଏ ଲମ୍ବିଯିବ ତାହା ଭଗବାନଙ୍କୁ ଜଣା !

ଧର ପ୍ରୋବେସନସ୍ ପାହ୍ୟାରୁ ସଦ୍ୟ ଉପରକୁ ଉଠିଥିବା ଇନ୍‌କମ୍‌ଟ୍ୟାକସ୍ ଅଫିସର୍ ତରୁଣ ରାଏ । ଗଜା ଟୋକା । ଚାହୁଁ ଚାହୁଁ ମଜ୍ଜିଯାଇପାରେ ଚଳନ୍ତି ଧର୍ମ, ଧାରଣା ଓ ସମାଜ ଦର୍ଶନର ଯୁକ୍ତିତର୍କ ଭିତରେ । ଏବଂ ତାର କ୍ରୋଧକୁ ସହଜେ ଧରା ପକାଇଦେବ ତା' ଗୋରା ତକ୍ ତକ୍ ମୁହଁର ରକ୍ତିମା । ତା'କୁ ମୁଁ ଜୁଟେଇ ଦେଇପାରିବି ରେଳବାଇର ପୁରୁଖା ରାମ ବିକାସ ଚୌହାନ୍‌ଙ୍କ ସାଙ୍ଗରେ ଯାହାଙ୍କର ଦୃଢ଼ ବିଶ୍ୱାସ ଯେ ଗୌରୀମାନଙ୍କୁ ଯଥା ଶୀଘ୍ର ବାହା ନ ଦେଇ ବସେଇ ରଖିବା ଦ୍ୱାରା ଆଜି ଏଇ ଅବସ୍ଥା ଆମ ଦେଶର.. ।

ପୁଣି ଧର 'ଯୁଗବାଣୀ' ନାମକ ଭର୍ଣ୍ଣାକୁଲାର୍ ଦୈନିକର ସଂପାଦକ ରାଜେଶ୍ୱର ନିଗମ୍ । କାଗଜର ସର୍କୁଲେସନ୍ ବିଶେଷ ନ ହୋଇପାରେ, କିନ୍ତୁ ତା' ସଂପାଦକୀୟର ପ୍ରଚଣ୍ଡ ହିନ୍ଦୁତ୍ୱ, ଯେଉଁଥିରେ ସାପକୁ ସମୂଳେ ମାରି ଦେବା ସଂଗେ ସଂଗେ ବାଡିକୁ ମଧ୍ୟ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଇ ହୁଏ, ତା'ର ବୈଶିଷ୍ଟ୍ୟକୁ ଅସ୍ୱୀକାର କରି ହେବ ନାହିଁ । ତାକୁ ଜୁଟେଇ ଦେଇ ହେବ ବିଶ୍ୱସଦ୍‌ଭାବନାର ବାର୍ତ୍ତାବହ ଓ ନିକଟରେ କାଜାକିସ୍ତାନ୍‌ରେ ଅନୁଷ୍ଠିତ ହେଉଥିବା କେଉଁ ଏକ ଆନ୍ତର୍ଜାତିକ ସମ୍ମିଳନୀରୁ ଫେରିଥିବା ସକ୍ରିୟ ସାଂବାଦିକ ମୋହନ ମିଶ୍ରଙ୍କ ସାଂଗରେ, ଯେ 'ଅଯୋଧ୍ୟା' ନାଁ ଶୁଣିଲେ ଚିହିଁକି ଉଠନ୍ତି..

କଥା ଫିଟିଯିବ, ସତ ଫୁଟି ଉଠିବ, ମୁଁ ଜାଣିଛି ତା'ର ବାଗ । ଶଠତା ଲାଙ୍ଗୁଡ଼ ଜାକି ପଳେଇ ଯିବ । ଏବଂ ମୋ ପାର୍ଟି ଖାଲି ଚମକିବ ନାହିଁ, ସାର୍ ସତ୍ୟାନନ୍ଦ ଗାର୍ଡ୍‌ନ୍‌ସ୍‌ର

Digitized by srujanika@gmail.com

ମୂଳଦୁଆ କଂପି ଉଠିବ ତା'ର କ୍ରମିକ ବିସ୍ଫୋରଣରେ । କିନ୍ତୁ ତରୁଣ ରାଏକୁ ଡାକିଲେ ମୁଁ କେମିତି ଛାଡ଼ିଦେବି ସେହି ବିଭାଗର ଅନ୍ୟାନ୍ୟ ତରୁଣ ଅଧିକାରୀମାନଙ୍କୁ ? ରାଜେଶ୍ୱର ନିଗମ୍ କୁ ଡ଼ାକିଲେ ମୁଁ କେମିତି ଭୁଲିଯିବି ଏକାଧିକ ଉର୍ଦ୍ଧାକୁଲାର୍ ପେପର୍ର ସଂପାଦକମାନଙ୍କୁ ? .. ଓଃ ! ଇଡ଼ିଅଟ୍ସ୍ ! ତମେ ଯେତେକ ଖାସ୍ ଜନ୍ତୁ ସବୁ ଏକା ଗାଡ଼ିଆରେ ରହି ପାରିଲ ନାହିଁ, ଯେମିତିକି ମୁଁ ତୁମକୁ ଏକା ସାଙ୍ଗରେ ଓ ଗୋଟାଏ ଖେପାରେ ଉଠେଇ ଆଣି ଥାଆନ୍ତି ଉପରକୁ, ଏବଂ କାହାରି କିଛି କହିବାକୁ ନଥାନ୍ତା ?

ତାଙ୍କ ତାଲିକା ପ୍ରସ୍ତୁତିର କ୍ଲେଶ, ଯାହାର ସୂଚନା ଦେଉଥାଏ ତାଂକ କପାଳର ଅବିରତ କୁଂଚନ ଓ କାଗଜରେ ଇଜିରି ବିଜିରି ଓ କଟାକଟି ହୋଇଥିବା ଅଗଣିତ ଶବ୍ଦ, ତଥା ବୃତ୍ତ ତ୍ରିଭୂଜର ମେଳା, ତାହା କେମିତି ଭଲା ପଡ଼ି ନଥାନ୍ତା ପ୍ରମିଳାଙ୍କ ଆଖିରେ ? ତେଣୁ ସେ ସହାନୁଭୂତିରେ ଦ୍ରବିଭୂତ ହୋଇ ଆଉଜିଗଲେ ସ୍ୱାମୀଙ୍କ ଉପରକୁ ଏବଂ କହିଲେ- ''ଆଇ ଆମ୍ ସରି । ମୋ ଯୋଗୁଁ ଏତେ କଷ୍ଟ ପାଉଛ ତୁମେ !''

ସେଇଠୁ ମଲ୍ଲିକ୍ ଯେପରି ଭାବରେ ଅନେଇଲେ ତାଙ୍କ ଆଡ଼କୁ, ତା'ର ଶ୍ଳେଷ ଓ ତୀକ୍ଷ୍ଣତାକୁ ଠଉରେଇବାର କ୍ଷମତା ନ ଥିଲା ପ୍ରମିଳାଙ୍କର । ଯଦିଓ ତାଙ୍କ ଚାହାଣୀ କହୁଥିଲା ପତ୍ନୀଙ୍କୁ ଚାଲେଂଜ୍ କଲା ପରି, ଓଠର ସ୍ମିତହସ ସତ୍ତ୍ୱେ— ନା, ତୁମର ସରି ହେବାର କାରଣ ନାହିଁ କି ମୋର ହାରିଯିବାର । ଆମ ଦୁଇଜଣଙ୍କ ସଂଯୋଗ ଯଦି କେବଳ ସଂଭବ ନୁହେଁ, ସଫଳ ହୋଇଛି ମୋର ସୁଚିନ୍ତିତ ବିଚାର ଅନୁଯାୟୀ, ତା'ହେଲେ ଏଇ ଛାର ପାର୍ଟିଟା ମୋ ବୋଲ ମାନିବ ନାହିଁ ? ସକାଳୁଟାରୁ ହଇରାଣ କରିବ ଏମିତି, ନାଆଁଲେଖା ବେକୁଁ ?

ଶେଷକୁ ଯେଉଁ ତାଲିକାକୁ ଚୂଡ଼ାନ୍ତ ବୋଲି ଧରାଗଲା, ତାହା କେତେଦୂର ସୁସଂଯତ ସବୁ ଦିଗରୁ, ଏବଂ ସେଥିରେ ତାଙ୍କ ମନ ମାନିଲା କି ନାହିଁ କହି ହେବ ନାହିଁ । ତେବେ ମଲ୍ଲିକ୍ ନିଜକୁ ଦମ୍ଭ ଦେଉଥିଲେ ଯେ ଆଉ ଯିଏ ଆସନ୍ତୁ କି ନ ଆସନ୍ତୁ, ଏବଂ ଇପ୍ସିତ ସଂଳାପର ଚମତ୍କାର ଦେଖାନ୍ତୁ କି ନାହିଁ, ତାଙ୍କ ମନସ୍କାମନା ପୂର୍ଣ୍ଣ ହେବ ଯଦି କେବଳ ଦୁଇଜଣ ଆସନ୍ତି, ମଲ୍ଲିକ୍ ବଚନକୁ ଶୁଣନ୍ତି, ଚେଇଁ ଉଠନ୍ତି ଓ ଠିକଣା କଥା କୁହନ୍ତି । ଯାହା ତାଙ୍କଠାରୁ ଆଶା କରାଯାଏ ।

ଜଣେ ହେଉଛନ୍ତି ଅଡ଼ିଟ୍-ଆକାଉଣ୍ଟସ ସର୍ଭିସ୍ର ଗେନ୍ଦାରାମ୍ । ଡ଼େପୁଟି ଆକାଉଣ୍ଟାଣ୍ଟ୍ ଜେନେରାଲ୍ । ଏଠିକା ବ୍ରାଂଚ୍ ଅଫିସ୍ର ମୁଖ୍ୟ । ମୁଁ ତା'କୁ ହୁଏତ ଜାଣି ନାହିଁ ଭଲଭାବରେ, ଥରେ ଦୁଇଥର କେଉଁଠି ଦେଖା ହୋଇଚି କି ନାହିଁ ମିଟିଂଗ୍ ପିଟିଂଗ୍ରେ । କିନ୍ତୁ ମୁଁ ତା'କୁ ଜାଣିଛି ମୋର ରକ୍ତରେ । 'ବ୍ଲୁ ବ୍ଲଡ୍'ର ପାଣିଚିଆ ସୌଖୀନ ରକ୍ତ ନୁହେଁ, ଫୁଟନ୍ତା ନାଲି ରକ୍ତ ଯାହା କେବେ ହେଲେ ଥଣ୍ଡା ହେବ ନାହିଁ ବଂଚିଥିଲା ଯାଏଁ । ସମ୍ଭବତଃ ତା' ରକ୍ତ ବେଶି ଡେଜୀୟାନ୍ ହୋଇଥିବ ମୋଠୁଁ । ଶୋଇ ପଡ଼ିବନି କେଉଁ ଏୟାର୍-କଣ୍ଡିସନ୍ଡ୍ ରୁମ୍ରେ ; କାହିଁକିନା ମୁଁ ଓ.ବି.ସି. ହେଲେ ସେ ହେଉଛି ସିଡ଼ୁଲ୍ କାଷ୍ଟ ।

Digitized by srujanika@gmail.com

ନିର୍ଘାତ୍ ଚମାର । ଅହୁଆଁ !

କେହି ହେଲେ କ'ଣ କହି ନ ଥିବ ତା'କୁ ହ୍ୟାପ ଛୋଟ ଜାତି ବୋଲି ?

କହିଥିବ । ଅବଶ୍ୟ କହିଥିବ । ଏବଂ ସେ ତା'କୁ ନୀରବରେ ଶୁଣିଥିବ ଓ ସହି ନେଇଥିବ । ନିରୁପାୟ ହୋଇ । ହେଲେ ତା'ର ବିଂଧାଛିଟିକା ଓ ସେଥିର କ୍ରୋଧ, ହିଂସା, ହିଂସା ନୁହେଁ ପ୍ରତିହିଂସାର କାମନା, ସେଇ ନିଷ୍ଫଳ ରୁଗୁରୁଗୁ ନିଆଁ, ତା' କ'ଣ କେବେହେଲେ ଲିଭି ଯାଇ ପାରିବ ? ଭୁସ୍‌କିନି ଜଳି ଉଠିବ ନାହିଁ, ହେଲା ଏବେ ନିଷ୍ପର୍ମା ଶବ୍ଦରେ ଓ ବାକ୍ୟରେ, ଯଦି ତା'କୁ ଠିକଣା ଇଂଧନ ଯୋଗାଇ ଦିଆ ଯାଏ ? ପାର୍ଟିର ସଂସ୍କାର, ସଭ୍ୟତାର ମୁଖା, ତା'କୁ କେତେଦୂର ଅଟକେଇ ରଖି ପାରିବ ? ପାରିବ ନାହିଁ । ଏବଂ କେ.ମଲ୍ଲିକ୍ ଖାଲି ସେତିକି ଚାହେଁ, ସେଇ ପ୍ରଜ୍ଜ୍ୱଳନର ଧାପେ । ସେତିକି ସେ ମାଗୁଛି ଏଇ ପାର୍ଟି ପାଖରୁ । ସେହି ସତ୍ୟସୁନ୍ଦରର ଅନୁଭବ । ଯଦିଓ ମୁଁ ଜାଣିଛି ଯେ ନିଆଁଟା ଧପ୍‌କିନି ଲିଭିଯିବ, ଲିଭିଯିବାକୁ ବାଧ୍ୟ, ଦ୍ୱିତୀୟରୁ ତୃତୀୟ କି ତୃତୀୟରୁ ଚତୁର୍ଥ ଘେଗ୍ ଭିତରେ । ହେଲେ କ୍ଷଣପ୍ରଭାର ହାଲୋଳ, ହାଲୋଳରୁ ବଳି ଗର୍ଜ୍ଜନ ହିଁ ମୋର କାମ୍ୟ, ତାହା ଯେତେ କ୍ଷଣସ୍ଥାୟୀ ହେଉ ପଛକେ । ନିଜର ତଥା ଜାତିଭାଇଙ୍କ ସ୍ମୃତି— ଅନୁଭୂତିର ସମ୍ମାନ ପାଇଁ ।

'ଆଃ ! କାହିଁକି ଲାଗିଛ ଛୋଟଲୋକଟା ପାଙ୍ଗରେ ?' 'ଯେତେହେଲେ ଛୋଟଜାତି, ଗାଁଠୁ ଆଉ କଣ ଆଶା କରୁଥିଲ ?' 'ଛାଡ଼ିଦିଅ, ଛାଡ଼ିଦିନ ତା'ଠୁ, ଚୁଟୁଂଦ୍ରାକୁ ମାଇଲେ ହାତ ଗଂଧେଇବ'.. ଏବେ ମଧ୍ୟ ଶୁଭିଯାଉଛି ସେଇ ସବୁ ଉଦାର ଉଚ୍ଚମନା ସଦ୍‌ଭାବନା, ବଡ଼ଘର ବଡ଼କର୍ତ୍ତାମାନଙ୍କ ମହାନୁଭବତା ଯାହା ମୋ ହାଟୁଆବାଟୁଆ ବାପଭାଇକୁ ବଂଚେଇ ଦେଉଥିଲା ଦୁଷ୍ଟପିଲା ଓ ପୋଲିସଙ୍କ ଦୌରାତ୍ମରୁ । ଏବଂ ତାହାହିଁ ଉଖୁରେଉଛି ମୋ ପିଲାଦିନର କ୍ଷତଗୁଡ଼ାକୁ । ଅଥଚ କୋଉ ଖେଳସାଥି ବାବୁଘର ପିଲା ଥରେ ମୋତେ ଦଉଡ଼ିରେ ବାନ୍ଧି ପିଟିଥିଲା,ଶଳା କାଂଗାଳିଆକୁ ମାରିଦେବି ବୋଲି ଧମକଉ ଥିଲା, ସେକଥା ମନେ ପଡ଼ିଲେ ହସ ମାଡୁଛି । ସେତେବେଳେ ବି' ହସୁଥିଲି । କାହିଁକିନା ସେ ସମ୍ମୁଖ ଯୁଦ୍ଧ କରୁଥିଲା ମୋ ସାଙ୍ଗରେ, ହେଲେ ପାରୁ ନ ଥିଲା । ଏମିତି ମଡ଼ିଆଟାଏ ଯେ ପିଟିବାକୁ ଜୋର ନ ଥିଲା ତା' ହାତରେ । ଆଉ ସେ ମୋତେ ନାଆଁକୁ ବାନ୍ଧିଥିଲା, ମୁଁ ଇଚ୍ଛା କରିଥିଲେ''ଛାଡ଼ .. ହ୍ୟାପ ମୂର୍ଖଟାଏ ଫେଲ୍ ଫାଲ୍ ହୋଇ କେଉଁ ଅଫିସ୍‌ରେ କିରାଣୀଗିରି କରୁଛି ଏଇକ୍ଷଣି ।

ଠିକ୍ ଅଛି । ଆମେ ଛୋଟ ଲୋକ । ଆମକୁ ବିଶ୍ୱାସ ନାହିଁ । ଆମେ ଆଇ.ଏ.ଏସ୍ ହେଉ କି ଆଇ.ଏ.ଏସ୍, ବ୍ୟୁରୋକ୍ରାଟ୍, ଇଣ୍ଟେଲେକ୍‌ଚୁଆଲ୍ କି ଆଉ ଯାହା । ଆମେ ତମ ପାର୍ଟି ମୁହଁରେ କାଳି ଲଗେଇ ଦେଇ ପାରିବୁ, ଇଚ୍ଛା କଲେ । ମୁଁ ଏମିତି ଚେହିଁବି ନା ଗୋଂଦାରାମ୍‌କୁ .. ମଜା ହେବ !

ଏବଂ ଆସିବ ବ୍ରିଜ୍‌ଲାଲ୍ ସାକ୍‌ସେନା, ମୋରି ବ୍ୟାଚ୍‌ମେଟ୍, ଏବଂ ଯାହାକୁ ମୁଁ

Digitized by srujanika@gmail.com

ଉଲଭାବରେ ଜାଣେ । ତା'କୁ ମୁଁ ଦିନେ ହିଂସା କରୁଥିଲି, ଏଣେ ନିନ୍ଦା କରୁଥିଲି । ଅନ୍ୟମାନଙ୍କ କଥାରେ ଯୋଗ ଦେଇ । କାହିଁକିନା ସେ ତା'ର ସହପାଠିନୀ ଓ ବହୁଦିନର ବାଗଦତ୍ତାକୁ ଛାଡି ଦେଇ ବାହା ହୋଇ ପଡିଲା ଆଇ.ସି.ଏସ୍ ଚିପ୍ ସେକ୍ରେଟେରୀ ଜଗନ୍ନାଥନ୍‌ର ଝିଅକୁ । କିନ୍ତୁ ଆଉ ମୁଁ ତା'କୁ ହିଂସା କରୁନାହିଁ କି ନିନ୍ଦା କରୁନାହିଁ । ସେ ତା'ର ବାହା ହେଲା, ଆପଣା ଉଦ୍ଦେଶ୍ୟ ଅନୁଯାୟୀ, ସେଥିରେ କାହାର କ'ଣ ଯାଉଛି ? ତା' ଛଡ଼ା ଜଗନ୍ନାଥନ୍ କ'ଣ ସତରେ କୋଉ ସୁନା କଳସ ଢ଼ାଳି ଦେବେ ତା'ଉପରେ, ଯାହା ବଳେଇଯିବ ଆମ ଶ୍ୱଶୁରଙ୍କୁ, ସେଭଳି କିଛି ମଉକା ଆସିଲେ ? ଧନ ହିଁ ସବୁ କ୍ଷମତାର ପାୱାର୍-ହାଉସ୍, ଯିଏ ଯାହା କହୁ ପଛେ । ଯାହାହେଉ ମୁଁ ତା'କୁ ଚେହିବି । କହିବି ଯେ ପ୍ରେମ ଜିନିଷଟା ବେକାର । ଖାଲି ପିଲାଳିଆମି ନୁହେଁ, କି ପାଗଳାମି,ଯାହାକୁ କ୍ଷମା କରି ହେବ । ଘୋର ମିଥ୍ୟା ! ଶଠତା ! କହୁ ସେ ଯାହା କହିବ । ମୁଁ ତା'କୁ ଆହୁରି ଚେହିବି । କୁଆଡେ ସେ ଦି'ଆଡୁ ଲାଭ କରିଛି, ଯାହା କୁହନ୍ତି ତାର କେତେ ଜଣ ଚାମ୍‌ଚା । କୁଆଡେ ତା' ସ୍ତ୍ରୀ ରାଧିକା ଦେଖିବାକୁ ସୁନ୍ଦର । ସୁନ୍ଦର ମାଇଁ ଫୁଟ୍ ! ଖାଲି ପଡଳା ହୋଇଥିଲେ କି ମୁହଁଟା ଛୋଟିଆ ହୋଇଥିଲେ କ'ଣ କାହାକୁ ସୁନ୍ଦର କହିବ ? ଆମ ପ୍ରମିଳା କେଉଁ ହିସାବରେ ଉଣା ତା'ଠୁ ? ବରଂ ପ୍ରମିଳାର ହସଖଣ୍ଡକ ଭାରି ବଢ଼ିଆ, ମୁଁ ସତ କହୁଛି ..

ମୁଇଁ ହେବି କର୍ଣ୍ଣ, ମୁଁ ହେବି ଅର୍ଜୁନ । ଆଉ କାହାର ଦରକାର ନାହିଁ । ମୁଇଁ ହେବି ସତ୍ୟପାଠର କାଟାଲିଷ୍ଟ୍ । ହେଲେ କେହି ମୋତେ ଦୋଷ ଦେଇ ପାରିବେ ନାହିଁ । ମୋର ବିଚକ୍ଷଣ ବୁଦ୍ଧିକୁ ଚିହ୍ନି ନାହାନ୍ତି ସେମାନେ ।

ଥ୍ୟାଙ୍କ ଗଡ୍, ମୁଁ ଓଡିଶା କ୍ୟାଡର୍‌ରେ ନାହିଁ କି ସେଠି ପାର୍ଟି ଦେବାକୁ ପଡି ନାହିଁ । ନ ହେଲେ ଜଣେ ଅଧେ ହୁଏତ ଭାବନ୍ତେ ଯେ କାଲିକା କାଂଗାନିଆ ଜାଣି ଶୁଣି କହୁଛି ଏମିତିକା କଥା ।

**

ଧିରେ ଧିରେ ପ୍ରାୟ ସମସ୍ତେ ଆସିଗଲେ । ପ୍ରମିଳା ଓ ତାଙ୍କ ସ୍ୱାମୀ, ଦୁହିଁଙ୍କ ମୁହଁ ଉଦ୍‌ଭାସିତ ହୋଇ ଉଠିଲା । ଏବଂ ସେମାନେ ମୁହଁ ଚାହାଁଚୁହିଁ ହେଲେ, ଯାହାର ଅର୍ଥ- ଦେଖିଲ ତ ? ଦେଖୁଛ ତ ଆମେ କେତେ ପପୁଲାର୍ ?

ସାର୍ ସତ୍ୟାନନ୍ଦ ଗାର୍ଡ଼ନ୍‌ସ୍‌ର ପ୍ରଶସ୍ତ ଲନ୍‌ରେ ପାର୍ଟିର ଆୟୋଜନ ହୋଇଥିଲା । କେତେଜଣ ବିଦେଶୀ ଟୁରିଷ୍ଟ୍ ତଥା ବିଦେଶୀ ଉଦ୍ୟୋଗର ପ୍ରତିନିଧିମାନଙ୍କୁ ମଧ୍ୟ ଡ଼କା ହୋଇଥିଲା, ଯେଉଁମାନେ ଏଇ ଅଂଗନରେ ତାଙ୍କ ପୁଂଜି ଖଟାଇବେ, ଏଥିର ଯଥେଷ୍ଟ ସଂଭାବନା ଅଛି । ଅନ୍ତତଃ ସେଇ ଆଳରେ ମଲ୍ଲିକ୍ ବିଶେଷ ଅନୁମତି ଆଣିଥିଲେ କର୍ତ୍ତୃପକ୍ଷଙ୍କ ଠାରୁ ହୁଇସ୍କି ଜିନ୍ ଆଦି ପାନୀୟ ପରଷିବା ପାଇଁ । ଏବଂ ସେହେତୁ ସମସ୍ତ ପ୍ରକାର ପାନୀୟର ଧାର୍ ଛୁଟିଥିଲା ।

Digitized by srujanika@gmail.com

କକ୍‌ଟେଲ୍ ପାର୍ଟିରେ କିଭଳି ଖାଦ୍ୟପେୟର ବ୍ୟବସ୍ଥା କରିବା କଥା, ସେ ଦିଗରେ ପୁରୁଖା ପାର୍ଟିଦାତା ଓ ବିଶେଷଜ୍ଞମାନଙ୍କ ଅଭାବ ନ ଥିଲେ ମଧ୍ୟ ମଲ୍ଲିକ୍ ପ୍ରମିଳାଙ୍କ ମତ ଲୋଡ଼ି ଥିଲେ, ଏବଂ ପ୍ରମିଳା ଆନନ୍ଦରେ ଆପଣା ମତ ବ୍ୟକ୍ତ କରିଥିଲେ, ତାଙ୍କ ଶିକ୍ଷପତି ବୋଲାଉଥିବା ବାପାଙ୍କ ପାର୍ଟିକୁ ମନେ ପକାଇ । ଅଲିଭ୍ ଅଣେଇବ, ବୁଝିଲ ? ଆଉ ଛୋଟ ଛୋଟ ଚିଜ୍‌ର ଟୁକୁଡା । ଚିଜ୍ ଓ ଅଲିଭ୍ ଯୋଖା ହୋଇଥିବ ଗୋଟିଏ ସରୁ କାଠିରେ । ଗେଷ୍ଟମାନେ ତା'କୁ ଟାଣି ନେବେ ପାଟିକୁ, ଓ କାଠିଟାକୁ ଫିଙ୍ଗିଦେବେ ଯଥା ସ୍ଥାନରେ । ହଁ, ମନେ ରଖିଥିବ ଯେ ପାତଳା ପାତଳା କଟା ହୋଇଥିବା କାଗଜିଲେମ୍ବୁ ଦରକାର, ଜିନ୍ ପାଇଁ । ଇତ୍ୟାଦି । ଅନ୍ୟଦିନ ହୋଇଥିଲେ ହୁଏତ ମଲ୍ଲିକ୍ ମନେ ମନେ ବିରକ୍ତ ହୋଇ ଉଠିଥାଆନ୍ତେ, ଯେ ପ୍ରମିଳା ମୋତେ ପାଠ ପଢ଼ାଉଛି । ସତେକି ମୁଁ ଯୋଉ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଛି ମୋତେ ଜଣା ନଥିବ ଏଇ ସବୁ ବିଲାତି ଆଜବ୍ କାଇଦା । କିନ୍ତୁ ସେ ଭୁଲି ଯାଉଛି ଯେ ସେ ଜଣେ ଆଇ. ଏ. ଏସ୍. କୁ ବାହା ହୋଇଛି, ଯେ ସ୍ୱଭାବତଃ ଅନେକ ପାର୍ଟି ଦେଖିଛି, ଏବଂ ସଭ୍ୟ ସମାଜର ଯେତେକ ଚାରୁକଳା ହାସଲ କରି ନେଇଛି ଏଇ କେଇଟା ବର୍ଷ ଭିତରେ । କିନ୍ତୁ ଆଜି ସେ ଉଦାର ଭାବ ଦେଖାଇ କେବଳ ମୁଣ୍ଡ ଟୁଙ୍ଗାରୁଥିଲେ, ପତ୍ନିଙ୍କ ମୂଲ୍ୟବାନ ପରାମର୍ଶ ଗ୍ରହଣ କରିନେଲା ପରି । ହୃଷ୍ଟି ତା'ର କ୍ରେଡିଟ୍ ନେଉ, ଖୁସି ହେଉ, ସେଥରେ କିଛି ଯାଏ ଆସେ ନାହିଁ ମୋ ପାର୍ଟିର ।

ଗେନ୍ଦାରାମ୍ ଇଜ୍ ହିଅର୍ ! ଥ୍ୟାଙ୍କ୍‌ସ୍ , ମାଇଁ ଡିଅର ଫ୍ରେଣ୍ଡ୍ ! ଏଇ ଭାବରେ ମଲ୍ଲିକ୍ ଆଗେଇଲେ ତାଙ୍କୁ ପାଛୋଟି ନେବା ପାଇଁ, ଏବଂ ଉଚ୍ଛୁଳା ହସର ସ୍ୱାଗତ ଜଣାଇଲେ । ପୁଣି ଯେତେ ସମୟ ଯାଏଁ ଓ ଯେତେ ଜୋର୍‌ରେ ତାଙ୍କ କରମର୍ଦ୍ଦନ କଲେ, ସେଥିରୁ ମନେ ହେବ ସେ ତାଙ୍କ ପିଲାଦିନର ଦୋସ୍ତ । ଏବଂ ତାଙ୍କ ସାଙ୍ଗରେ ଥିବା ଗେଡୀ କାଳୀ ସ୍ତ୍ରୀକୁ ମଧ୍ୟ ବିନମ୍ର ନମସ୍କାର କଲେ । କିନ୍ତୁ ଏଇ ପ୍ରଥମ ଦେଖାରେ ହିଁ ତାଙ୍କ ଛାତି ଦବି ଗଲା । ତାଙ୍କର ଭୟ ହେଲା । ସତେକି ତା' ଭିତରେ ଥିବା ନିଆଁଟା କେବେଠୁଁ ପାଉଁଶ ହୋଇଗଲାଣି ! ଆଉ ସେ ସତପତିକା ଗୋଟାଏ ଲର୍ଡ଼, ଯେ ତା'ର ଲେଡ଼ିକୁ ସାଙ୍ଗରେ ନେଇ ଆସିଛି କେନ୍‌ସିଂଗ୍‌ଟନ୍ ଗାର୍ଡ଼ନ୍‌ସ୍‌କୁ ! ହଉ, ଦେଖିବି, ଦେଖିବି ଯେ ତୁ କେତେ ସମୟ ଯାଏଁ ବଜାୟ ରଖି ପାରିବୁ ତୋର ଦାନ୍ତଚିପା ହସ ଓ ଆମୋଦ ବିସ୍ମୟର ଚାହାଣୀ । ଦେଖାଶିଖା ଉଚ୍ଚମନ୍ୟ ଠାଣି । ଆଉ ଇଏ କ'ଣ ଜାତୀୟ ଦିବସ ହୋଇଛି ଯେ ଗୋଟାଏ ଗଳାବନ୍ଦ କୋଟ୍ ପିନ୍ଧି ଆସିଛୁ ମୋ ପାର୍ଟିକୁ ? ତୋ ମୁହଁକୁ ଟିକିଏ ଲାଜ ନାହିଁ ?

ବ୍ରିଜ୍‌ଲାଲ୍ ପତ୍ନୀଙ୍କ ସମେତ ଟିକିଏ ଡେରିରେ ଆସିଲେ ସିନା, କିନ୍ତୁ ଆସିଲା କ୍ଷଣି ତାଙ୍କ ଅଦମ୍ୟ ଆନନ୍ଦର ଫୁଆରା ଛୁଟେଇ ଦେଲେ । ପ୍ରଥମେ ତ ହୋଷ୍ଟ-ହୋଷ୍ଟେସ୍‌ଙ୍କ ଉପରେ ଅଜାଡି ହୋଇ ପଡିଲେ । ତମେ କେମିତି ଅଛ, ଆପଣ କେମିତି ଅଛନ୍ତି, ରୋଜି କେମିତି ଅଛି, ଇତ୍ୟାଦି ଯେତେ କୁଶଳ ପ୍ରଶ୍ନ ପଚାରି 'ଗୁଡ୍' 'ଗୁଡ୍' ବୋଲି କହିଚାଲିଲେ, ପ୍ରଶ୍ନର ଉତ୍ତର ଶୁଣିବା ଆଗରୁ । ତା'ପରେ ଦି'ଜଣ ଯାକ ଘୁରି ବୁଲିଲେ ପାର୍ଟିର

Digitized by srujanika@gmail.com

ପ୍ରାଙ୍ଗଣରେ । ଯା' ପାଖରୁ ତା ପାଖକୁ, ହସରସର ପସରା ବାଣ୍ଟିଲା ପରି । ସତେକି ସେମାନେ କୋଉ ସ୍ୱର୍ଗରୁ ଆସିଛନ୍ତି, ଦେବଦୂତ ହୋଇ । ତାଙ୍କ କାମ ହେଉଛି ମରଦେହୀ ମାନଙ୍କୁ ଖୁସି ରଖିବା , ଦମ୍ଭ ଦେବା, ବଂଚି ରହିବା ପାଇଁ ।

ସେ ଦିହେଁ ଥିଲେ ପ୍ରସନ୍ନତାର ପ୍ରତିମୂର୍ତ୍ତି, ଆଉ ଏମାନେ ହେଲେ ମହାନନ୍ଦର ମେସେଂଜର୍ । ଶଠତାର ଗୋଟିଏ ସୀମା ଅଛି ! ହଉ, ମୁଁ ଦେଖିବି, ଦେଖିବି କିନ୍ତୁ ମଲ୍ଲିକ୍ ଠିକ୍ କଲେ ଯେ ଇଏ ଉପଯୁକ୍ତ ସମୟ ନୁହେଁ ଆକ୍ରମଣ ପାଇଁ । ଭାବିଲେ ଯେ ପାର୍ଟିଟା ଆଉ ଟିକିଏ ଜମୁ । ତା' ଛଡା ଖାଲି ଏଇମାନେ ଯେ ମୋ ଉଦ୍ଦେଶ୍ୟରେ ସାରଥି, ତା ନୁହେଁ । ଅନ୍ୟମାନେ ବି' ଅଛନ୍ତି । ତରୁଣ ରାଏ ଆସିଛି, ଚୌହାନ୍ ସାହେବ ବି' ଆସିଛନ୍ତି । ରାଜେଶ୍ୱର ନିଗମ୍‌କୁ ରଖି ହେଲା ନାହିଁ ତାଲିକାରେ, କିନ୍ତୁ ମୋହନ ମିଶ୍ର ଆସିଛି, ପ୍ରଗତିବାଦର ବଡ଼ପଣ୍ଡା ।

ଅବଶ୍ୟ ମୁଁ ଛାଡ଼ିବି ନାହିଁ ମୋର ବିଶିଷ୍ଟ 'ବଂଧୁ' ଦି'ଜଣଙ୍କୁ । କିନ୍ତୁ ବେଳ ଦେଖି । ଏବଂ ସେଇ ହେବ ମୋ ପାର୍ଟିର କ୍ଲାଇମାକ୍ସ । ପ୍ରାପ୍ତି ।

**

ପାର୍ଟି ସରିଯିବା ପରର ଗୋଟିଏ ଦୃଶ୍ୟ । ଏବଂ ମନେ ହେଉଛି ଯେ ଏହାହିଁ ଶେଷ ଦୃଶ୍ୟ, କାରଣ ଅବିଳମ୍ବେ ପାର୍ଟିର ପ୍ରଯୋଜକ ଦ୍ୱୟଙ୍କ ମଧ୍ୟରୁ ଜଣେ ବୋଧହୁଏ ଶୋଇ ପଡିଥିବ, ଏବଂ ଅନ୍ୟଜଣକର ହୋସ୍ ନ ଥିବ ଭିନ୍ନ କାରଣରୁ । ହେଲେ ବର୍ତ୍ତମାନ ଦୁହେଁ ମୋଟାମୋଟି ଜାଗ୍ରତ ଥିଲେ । ପ୍ରମିଳା ଆଖି ବୁଜି ଶୋଇଥିଲେ ମଧ୍ୟ ଚେତା ଥିଲେ । ଏପରିକି ବେଳେ ବେଳେ ହସୁଥିଲେ ମନକୁ ମନ, ଯଦିଓ ତାହା ମଲ୍ଲିକ୍‌ଙ୍କ ନଜରରେ ଗଡୁ ନ ଥିଲା । ଯେ ତା'ଙ୍କ ମୁଣ୍ଡ ପାଖେ ବସି ରହିଥିଲେ ବେତ ଚଉକିଟିଏ ପକାଇ । ଯେହେତୁ ମଲ୍ଲିକ୍ ପେଗ୍ ପରେ ପେଗ୍ ପିଇ ଚାଲିଥିଲେ, ଏବଂ ଏଣୁ ତେଣୁ ଭାବୁଥିଲେ । ଏଣୁ ତେଣୁ ବୋଲି କହିବା ବୋଧ ହୁଏ ଠିକ୍ ହେବ ନାହିଁ, କାରଣ ଭାବନା କେବଳ ଗୋଟିଏ ମୌଳିକ ପ୍ରଶ୍ନକୁ ଆବୁରି ଥିଲା- କାହିଁକି ଏମିତି ହେଲା ? ଏବଂ ତା' ସାଙ୍ଗକୁ ଗୋଟାଏ ଅନାବଶ୍ୟକ ଉତ୍ତରର ଘୋଷା- କିନ୍ତୁ ମୁଁ ନୁହେଁ, ମୋ ଦୋଷ ନୁହେଁ ।

..ମୋର କେଉଁଠି ଭୁଲ୍ ହୋଇ ନାହିଁ । ହୋଷ୍ଟପଣିଆରେ ଉଣା କରିନାହିଁ, ଏବଂ ସଦା ସର୍ବଦା ଦାନ୍ତ ଦେଖାଇଛି ସତ, କିନ୍ତୁ ମୁଁ କହିଛି ଯାହା କହିବା କଥା, ଯେଉଁଥିରେ ତାଙ୍କ ମର୍ମକୁ ବିନ୍ଧିବା ଉଚିତ୍ । ଅର୍ଥାତ୍ ଯେଉଁଥିରେ ସତ ମଣିଷ, ରକ୍ତମାଂସରେ ଗଢ଼ା ତଥା କିଛି ଗୋଟାଏ ତତ୍ତ୍ୱ, ନୀତି ଆଦର୍ଶ ଇତ୍ୟଦିର ଆସ୍ଥା ରଖିଥିବା ମଣିଷ, ଅବଶ୍ୟ ତାତି ଉଠିଥାଆନ୍ତା, ଏବଂ ତା'ର ଅନ୍ତରର ଭାଷା, ହୁଏତ ଅସଂଯତ ଭାଷାର ଚେନାଏ ଥୋଇ ଦେଇ ଥାଆନ୍ତା ମୋ ସାମ୍ନାରେ । ହୁଏତ କ୍ଷଣକ ପାଇଁ । ଯେଉଁଥିରେ ମୋ ମନମୟୂର ନାଚି ଉଠିଥାଆନ୍ତା । କିନ୍ତୁ କିଛି ହେଲା ନାହିଁ । ଶଳା ସବୁ ପସର ପାଟିଗଲା ।

ଠିକଣା ସମୟ ଖୋଜୁ ଖୋଜୁ ପ୍ରଥମେ ପହଂଚିଥିଲି ମୋହନ ମିଶ୍ରଙ୍କ ପାଖରେ ।

Digitized by srujanika@gmail.com

ଦେଖିଲି ସେ ବେଶ୍ ଉପଭୋଗ କରୁଛନ୍ତି ନିଜକୁ । କାଜାକିସ୍ତାନ୍‌ରେ ସେ ଯେଉଁ ବାର୍ତ୍ତା ଶୁଣାଇଥିଲେ, ଏବଂ ତାହା ଯେପରି ଭାବରେ ଆଦୃତ ହେଲା, ବୋଧହୁଏ ତାରି ବିବରଣୀ । ଶ୍ରୋତାମାନେ ଘେରି ଯାଇଥାଆନ୍ତି ତାଙ୍କୁ, ତାଙ୍କ କଥାମୃତକୁ ପିଇଗଲା ପରି । କିନ୍ତୁ ମୁଁ ଜାଣିଛି ସେମାନେ ବୋର୍ ହେଉଥିବେ । ସମ୍ଭବତଃ ତାଙ୍କ ପାଖ ମାଡନ୍ତେ ନାହିଁ, ଆଉ କେଉଁ ଜାଗା ହୋଇଥିଲେ । ସେଇଠୁଁ ମୋ ପାଟିରୁ ବାହାରିଲା,- 'ଏକ୍‌ସିଉଜ୍ ମି ମିଶ୍ରଜୀ, ଅଯୋଧ୍ୟା କଥା ପଡିଥିଲା କି ସେଠି ?' ଶିଖଣ୍ଡିର ଏଇ ଆକସ୍ମିକ ଆବିର୍ଭାବରେ ତାଙ୍କ ପାନପାତ୍ର ଟିକିଏ ହେଲେ ଚହଲି ଯାଇ ନ ଥାଆନ୍ତା ? ତାଙ୍କ ସାବନା ମୁହଁର ଚେହେରା ରଂଗା ନ ପଡ଼ିଲା ନାହିଁ, ତାଙ୍କ ଓଠରେ କି ଚାହାଣୀରେ କିଛି ହେଲେ ବ୍ୟତିକ୍ରମ ଦେଖା ଯାଇ ନ ଥାଆନ୍ତା ? କିନ୍ତୁ କିଛି ହେଲା ନାହିଁ ! ଅପରନ୍ତୁ ସେ ଅକାରଣରେ ହସି ଉଠିଲେ ଓ କହିଲେ - 'ଦ୍ୟାଟ୍ସ୍ ଏ ଗୁଡ୍ ୱାନ୍ !' ସତେକି ମୁଁ ଗୋଟିଏ ଜୋକ୍ କରୁଥିଲି । ଅଭିନ୍ନ ଅବାନ୍ତର ଜୋକ୍ । ହେଲେ ତାର ଅଜସ୍ରବହୁତ ପ୍ରଶଂସା କରିବାକୁ ହେବ, କାରଣ ମୁଁ ହେଉଛି ପାର୍ଟିର ହୋଷ୍ଟ ।

(ଗିଲାସ ଖାଲି ହୋଇ ନଥିଲା, ହେଲେ ମଲ୍ଲିକ୍ ସେ ଯାଏଁ ଅପେକ୍ଷା ନ କରି ତା'କୁ ପୂରା କରି ଦେଲେ । ଯେମିତିକି ତାହାହିଁ ତାର ନ୍ୟାଯ୍ୟ ଓ ସ୍ୱାଭାବିକ ରୂପ, ଏବଂ ଅନ୍ତତଃ ସେ ଦିଗରେ ସେ ତାଙ୍କ କର୍ତ୍ତବ୍ୟ ପାଳନ କରିବେ । ତାଙ୍କୁ କେହି ଦୋଷ ଦେଇ ପାରିବ ନାହିଁ ।)

ଚୌହାନ୍ ସାହେବ ମଧ୍ୟ ଗୋଟାଏ ଦଳର ନେତା ହେଲା ପରି ଦିଶୁଥିଲେ । ଏବଂ ମନେ ହେଲା ଯେ ସେ ଖାଦ୍ୟ ଓ ପେୟ, ଦୁଇଟିକୁ ସମାନ ମର୍ଯ୍ୟାଦା ଦେବା ପାଇଁ ବଦ୍ଧ ପରିକର । ପାଖକୁ ଯାଇ ଶୁଣିଲି, ଏବଂ ଶୁଣି ଖୁସି ଲାଗିଲା ଯେ ସେ କାହାକୁ ଗୋଟାଏ ଗାଳି ଦେଉଛନ୍ତି । କିନ୍ତୁ କାନ ପାତି ଶୁଣିଲାରୁ ନିରାଶ ହେଲି ଯେ ଇଏ ବ୍ୟୁରୋକ୍ରାଟ୍‌ର ସ୍ୱାଭାବିକ ଗାଳି, ଯେ ଦେଶଟା ରସାତଳକୁ ଯାଉଛି, କାରଣ କେହି କାମ କରୁ ନାହାନ୍ତି, କଥା ମାନୁ ନାହିଁନ୍ତି । କିନ୍ତୁ ସେଥିରେ ମୁନ ନାହିଁ, କାରଣ କେଉଁ ନିର୍ଦ୍ଦିଷ୍ଟ ଲୋକ, ଗୋଷ୍ଠୀ, କି ଶ୍ରେଣୀକୁ ଆକ୍ଷେପ କରି କିଛି କୁହାଯାଉନାହିଁ । ମଧ୍ୟ ସେ କିଛି ପ୍ରତିକାରର ସୂଚନା ଦେଉନାହାନ୍ତି । ସେଇଠୁଁ ମୁଁ ଭାବିଲି ଯେ ଏଇ ହେଉଛି ଉପଯୁକ୍ତ ସମୟ ମୋର ବକ୍ତବ୍ୟ ବାଢ଼ିବା ପାଇଁ । କହିଲି, ''ଆଜ୍ଞା, ମୂଳଦୁଆ ହେଲା ସାମଜିକ ନିୟମ । ପିତା-ସନ୍ତାନ ଭିତରେ ଥିବା ନିୟମ । ସ୍ୱାମୀ-ସ୍ତ୍ରୀ ଭିତରେ ଥିବା ନିୟମ । ବେଳେବେଳେ ମୁଁ ଭାବେ ଯେ ଯଦି ନିୟମଟାକୁ ମୂଳରୁ ଅଭ୍ୟାସ କରାଯାଏ, ଧର ରାଜସ୍ଥାନରେ ଯେମିତି ପିଲାକନ୍ୟା ବାହା ହୁଏ ତା' ପିଲାବରକୁ ...।'' ସେ କହିପାରିଥାଆନ୍ତେ 'ଏକ୍‌ଜାକ୍‌ଟଲି !', ଆଉ ଗୋଟାଏ ମିଟ୍‌ବଲ୍‌କୁ ପାଟିରେ ପକାଇ । ସେଇଠୁଁ ଦଳରେ ଥିବା ତରୁଣ ରାଏ, ତା'କୁ ଦେଖି ମୋର ଉତ୍ସାହ ବଢ଼ି ଯାଇଥିଲା, ସେ ତା'ର ପ୍ରତିବାଦ କରିଥାଆନ୍ତା । ସେଥିରୁ ଗୋଟାଏ ଆବେଗଜର୍ଜରିତ ତତ୍ତ୍ୱଘର୍ଘରିତ ଯୁଦ୍ଧର ସୂତ୍ରପାତ ହୋଇଥାଆନ୍ତା । କିନ୍ତୁ ବୁଢ଼ା

Digitized by srujanika@gmail.com

ବିଜ୍ଞତାର ପରାକାଷ୍ଠା ଦେଖାଇ ଯତ୍‌ସାମାନ୍ୟ ମୁଣ୍ଡ ହଲାଇଲା, ଯାହାର ଅର୍ଥ ବୁଝି ହେଲା ନାହିଁ । ସତେକି ମୁଁ ଗୋଟାଏ ଇଣ୍ଟରେଷ୍ଟିଙ୍ଗ୍ ଉପାୟ ବତାଇଲି ସେ ବି' ଗୋଟାଏ ପ୍ରକାରେ ! ସେଇଠୁ ଆକାଶରୁ ଡୋଳି ଆଣିଲା ପରି କହିଲା, ''ଆପଣଙ୍କ ଦେଶରେ ଗୋଟାଏ ଆଦିମ ଜାତି ଅଛନ୍ତି ପରା, ଯାହାଙ୍କ ସମାଜରେ କନିଆଁ ବରଠାରୁ ଯଥେଷ୍ଟ ବଡ଼ ହେବା ଉଚିତ, ଯେମିତିକି ସେ ତା'କୁ ମଣିଷ କରି ପାରିବ ମାଆ ପରି । ଏବଂ ସେ ନିଜେ ବୁଢ଼ୀ ହେଲେ ବର ତା'ର ଯତ୍ନ ନେଇ ପାରିବ ? ବଢ଼ିଆ ! କ'ଣ କହୁଛନ୍ତି ମିଷ୍ଟର୍ ରାଏ ?'' ଏବଂ (ହେ ଭଗବାନ୍!) ତରୁଣ ରାଏ ଦାନ୍ତ ଦେଖାଇ କେବଳ 'ସାର୍' ବୋଲି କହିଲା । ମାନେ ସାର୍ ଯାହା କହୁଛନ୍ତି, ତାହା ପୁଣି ଭୁଲ୍ ହେବ କେମିତି ? କିନ୍ତୁ ମୋର କ'ଣ ହେଲା ? ମୁଁ କାହିଁକି ତାଙ୍କୁ 'ହଁ' ଭରି ଗପି ବସିଲି ଆମ ଅଂଚଳର ବଣ୍ଡାମାନଙ୍କ କଥା ? ଏବଂ ମୋ ଉଦ୍ଦେଶ୍ୟଟା ବାଏଁ ବାଏଁ ଉଡ଼ିଗଲା ଏମିତି, ମୋ ଅଜାଣତରେ ?

(ଏଇଠି ତାଙ୍କର ଖିଆଲ୍ ହେଲା ଯେ ପ୍ରମିକା ଟିକିଏ ହସିଲା ଭଳି ଲାଗୁଛି । କିନ୍ତୁ ତାକୁ ସେ ସୁନ୍ଦର ତଳେ ନେଲେ ନାହିଁ, ରାଧିକା କି ଆଉ କାହା ସହିତ ତୁଳନା କରି । ଅପରନ୍ତୁ ତାଙ୍କୁ ପଚାରିଥିଲେ ସେ ବୋଧହୁଏ କହି ଥାଆନ୍ତେ ଯେ ହ୍ୟାପ ପାର୍ଟିରମଣୀ ସମସ୍ତେ ସମାନ, ଓ ତାଙ୍କ ହସ ବି' ସେମିତିକା । ତା'କୁ ସୁନ୍ଦର କୁହ କି ଅସୁନ୍ଦର ।)

ଯାହା ତ ହେଲା ହେଲା, ହ୍ୟାପ ସିଡ୍ୟୁଲ୍‌କାଷ୍ଟ ଶିରୋମଣି କବିଭକ୍ତ ହେଲା କେବେଠୁଁ ? ଘୁରି ଘୁରି ମୁଁ ଯେତେବେଳେ ତା ପାଖରେ ପହଞ୍ଚିଲି ଓ ଶୁଣିଲି ଯେ ସେଠି ରୁଷିଆ ଓ ୟେଲ୍‌ଟ୍‌ସିନ୍‌ଙ୍କ ଭବିଷ୍ୟତ କଥା ପଡିଛି, ମୋର ମନେ ହେଲା ଯେ ଏଇଠି ମୋର ଦୁଃଖିନୀ ଭାରତମାତାଙ୍କୁ ଅଣେଇବା ଉଚିତ । କହିଲି, ''ରୁଷିଆ କଥା ଛାଡ଼, ସେମାନେ ଅନ୍ତତଃ ଗୋଟାଏ ଜାତି ହୋଇ ରହିଛନ୍ତି ଓ ରହିବେ, କିନ୍ତୁ ଆମ ଅବସ୍ଥା କ'ଣ ହେବ ଭାବି ଦେଖୁଛ ? ଆମେ କେବେ ଏକାଠି ହେବୁ ଓ ଗୋଟିଏ ଜାତି ବୋଲାଇବୁ ? ଆମର ବିପ୍ଳବୀ ସଂଘର୍ଷ କ'ଣ ଖାଲି ସଂଘର୍ଷ ହୋଇ ରହିଥିବ, ଏବଂ କେବଳ ସଭା ସମିତିରେ, ସେମିନାର୍‌ରେ, ଖୁବ୍ ବେଶୀ ହେଲେ ପ୍ରୋସେସନ୍‌ର ସ୍ଲୋଗାନ୍‌ରେ ? କେବେ ଆମେ ସତସତିକା ଯୁଦ୍ଧ କରିବାକୁ ଶିଖିବୁ, ଯାହାର ମୂଳକଥା ହେଲା ହିଂସା ଆଉ କ୍ରୋଧ ? ତା'ହେଲେ ସିନା କଥାଟା ଛିଡ଼ି ଯିବ, ପୁରୁଣା ନୂଆ ହେବ, ଓ ଦେଶଟା ଏକାଠି ହେବ !'' କହିଲି ନା ଛାଡ଼ିଲି ? କିନ୍ତୁ ଗୋବିନ୍ଦାରାମ୍‌ଜୀଙ୍କୁ କବିତା ମଡେଇଲା ତାର ଉତ୍ତରରେ । ସେ ତା'ର ବହଳିଆ ଓଠକୁ ଲମ୍ବେଇ କରି କହିଲା- ''ମୋର ମନେ ପଡୁଛି ଆପଣଙ୍କ ରବି ଠାକୁରଙ୍କ କବିତା, ''ହେ ମୋର ଦୁର୍ଭାଗା ଦେଶ୍ ଯାଦେର କରେଛୋ ଅପମାନ, ଅପମାନେ ହତେ ହବେ ତାହାଦେର ସବାର ସମାନ ?'' ମୋତେ କ'ଣ ଦୁର୍ବୁଦ୍ଧି ଯୁଟିଲା କେଜାଣି, କହିଲି, ''ରବି ଠାକୁର ଓଡ଼ିଆ ନୁହନ୍ତି ବଂଗାଳୀ ।'' ସେଇଠୁଁ ସେ ହସି ହସି ଗଡ଼ିଗଲା, କହିଲା, ''ମୁଁ ଜାଣିଛି, ଜାଣିଛି । ତୁମର ମାନେ ଆମର, ଆମ ସମସ୍ତଙ୍କର । ଆମର ଅଭ୍ୟାସ ହେଉଛି ଏକାଠି ହେବା, ବେଯୋଡ଼କୁ ଯୋଡ଼ି ଦେଇ କେଡ଼େ ସୁନ୍ଦର

Digitized by srujanika@gmail.com

ବୋଲି କହିବା । ଗଉଡ କୃଷ୍ଣ ଓ କ୍ଷତ୍ରିୟ ରାମଙ୍କୁ ଏକାଠି କରି ରାମକୃଷ୍ଣ ଗଢ଼ିବା, ନାସ୍ତିକ ବୁଦ୍ଧଙ୍କୁ ଅବତାର ବନାଇବା.. ସବୁ ଖାପିଯିବ, ସବୁ ମିଶିଯିବ ଆମର ଏଇ ଦେଶରେ, ଏଇ ଭାରତରେ ମହାମାନବର ସାଗରତୀରେ..'' ଯା'ପରେ ମୁଁ କ'ଣ ଭଲା କହିଥାନ୍ତି ତାକୁ ? ମୋଟ ଉପରେ ସେ ମୋ କଥାକୁ କାଟି ଦେଲା, ଉଡେଇ ଦେଲା, ନା ସମର୍ଥନ କଲା, ତା' ବି ଜାଣି ପରିଲି ନାହିଁ । ଯାହଦେଇ ମୋର ଅନ୍ୟ ଉପାୟ ନ ଥିଲା ମାନେ ମାନେ ସେଠୁଁ ଖସି ଆସିବା ଛଡ଼ା । କିନ୍ତୁ ବିଶ୍ୱାସ କର ମୁଁ ସେତେବେଳେ କହୁନଥିଲି ରାଗରେ ଏଥିରେ ଆଦୌ ସଂଦେହ ନାହିଁ ।

କାହାରି ସଂଦେହ ରହିବା ଉଚିତ ନୁହେଁ ଯେ ମୁଁ ପ୍ରକୃତରେ କୁହୁଳୁ ଥିଲି ରାଗରେ ଯେତେବେଳେ ମୁଁ ପହଂଚିଲି ବ୍ରିଜ୍‌ଲାଲ୍ ଓ ରାଧିକାଙ୍କ ପାଖରେ, ଯେଉଁମାନେ ହସରସରେ ଉଛୁଳୁ ଥିଲେ । ସତେକି ସେମାନେ ପୃଥିବୀର ସର୍ବ ଶ୍ରେଷ୍ଠ ପ୍ରଣୟୀ ! ପ୍ରମିଳା ଥିଲା ମୋ ସାଙ୍ଗରେ । ମୁଁ ତା'କୁ ଜାଣିଶୁଣି ଡ଼ାକିଥିଲି ମୋ ପାଖକୁ ମଜାଟାକୁ ଆହୁରି ପାକେଇବା ପାଇଁ । ଏବଂ ମୁ ସିଧା ସଳଖ ଆକ୍ରମଣ କଲି ବ୍ରିଜ୍‌ଲାଲ୍‌କୁ- ''ଆଚ୍ଛା ମୋତେ ଗୋଟାଏ ଉତ୍ତର ଦେଇ ପାରିବ ? ମୋର ବାଜି ପଡିଛି ମୋ ସ୍ତ୍ରୀଙ୍କ ସାଙ୍ଗରେ । ପ୍ରେମ ଭଳିଆ ଗୋଟାଏ ମିଛ ଓ ବେକାର ଜିନିଷଟାକୁ ବାଦ୍ ଦେଇ ହେବ ନାହିଁ ଆମ ସିଷ୍ଟମ୍‌ରୁ ?'' ଉତ୍ତରରେ ସେ ଗମ୍ଭୀରତାର ଛଳନା କରି ମୁଣ୍ଡ ହଲେଇଲା । କହିଲା, ''ହେବନାହିଁ । କାହିଁକିନା ଏଇ ମୁହୂର୍ତ୍ତରେ ମୁଁ ଭଲ ପାଉଛି ତମର ଏଇ କଥାଟିକୁ, ନିହାତି ଭଲ ପାଉଛି ତୁମର ଏଇ ପାର୍ଟିକୁ, ଏବଂ (କ୍ଷମା କରିବେ) ବିଶେଷ ଭାବରେ ଭଲ ପାଉଛି ପ୍ରମିଳା ମଲ୍ଲିକ୍‌ଙ୍କର ଏଇ କୁତ୍ସପକା ଓଡ଼ିଶୀ ଶାଢ଼ୀଟିକୁ । .. ଭଲା କୋଉ ମୂର୍ଖର ସାହସ ଅଛି ଭଲ ପାଇବାରୁ ବର୍ତ୍ତି ଯାଇ ପାରିବ ? .. ହୋ .. ହୋ- ହୋ..''

ହାସ୍ୟରୋଳ । ମୁଁ ବି' ସେଥିରେ ଯୋଗ ଦେଲି । ତା'ଛଡ଼ା ଆଉ କ'ଣ ଚାରା ଥିଲା ମୋର ? ଏବଂ ସେଇଠି ହେଲା ମୋର ଏକ୍‌ସପିରିମେଣ୍ଟର ଯବନିକା ପତନ । ଖାଲି ଗୋଟିଏ କଥା ବୁଝି ହେଉ ନାହିଁ । ପ୍ରମିଳା କିଛି ସମୟ ପରେ ସେଠୁଁ ପଳେଇ ଆସିଲା କାହିଁକି ? ପାର୍ଟିର ଅଧାରୁ ପଳେଇଆସି ସିଧା ସଳଖ ବେଡ଼ରୁମ୍ ? ମନେ ହେଉଥିଲା ଯେ ବ୍ରିଜ୍‌ଲାଲ୍‌ର ରସିକତାରେ ତା'ରି ପେଟ ହିଁ ପରାସ ହୋଇଯିବ ହସରେ । କିନ୍ତୁ ତା'ପରେ କ'ଣ ହେଲା ?

(ମଲ୍ଲିକ ପୁଣି ଭରି ଦେଲେ ତାଙ୍କ ପାନୀୟର ପାତ୍ର)

ସେ ଚମକି ଉଠିଲେ ଯେତେବେଳେ ପ୍ରମିଳାଙ୍କର ବଳିଷ୍ଠ ହାତଟିଏ ପଡ଼ିଲା ତାଙ୍କ ହାତ ଉପରେ । ଏବଂ ଶୁଣିଲେ ସେ କହୁଛି,-

''କ'ଣ ଖାଲି ପିଇ ଚାଲିଥିବ ? ପାର୍ଟିରେ ଏତେ ପିଇ ସାରିଲା ପରେ ବି' ସାଧ ମେଣ୍ଟି ନାହିଁ ତମର ?

Digitized by srujanika@gmail.com

''ସାଧ ? ଦ୍ୟାଟ୍‌ଜ୍ ଏ ଗୁଡ୍ ୱାନ୍ ! ମୋହନ ମିଶ୍ର କହିଲା ପରି । ଶୁଣ ଡାର୍ଲିଙ୍ଗ୍, ଯଦି ଶୁଣିବାକୁ ଚାହଁ, ମୁଁ ଟୋପାଏ ମଦ ପିଇ ନଥିଲି ପାର୍ଟିରେ । ଜାଣିଶୁଣି । ହେଲେ ପାର୍ଟିପରେ ଏଇଠି ବସି ପିଉଛି । ମଧ୍ୟ ଜାଣିଶୁଣି । କିନ୍ତୁ ତା'ର କାରଣ କ'ଣ ବୁଝେଇ ପାରିବି ତୁମକୁ ?''

ବୁଝେଇଲେବି ତମେ ବୁଝିବ ନାହିଁ । ହେଲେ ମୁଁ ଏମିତି ପିଇ ଚାଲି ଥିବି, ବୁଝିଲ ? ଯେତେବେଳ ଯାଏଁ ମୋର ମନ ନ ବୁଝିଛି । ଯେ ଦୋଷ ଆମର ସେଇ ନିରଭ୍ରିଆ, ନିର୍ବୁଧିଆ, ମେରୁଦଣ୍ଡବିହୀନ ଗେଷ୍ଟ୍‌ମାନଙ୍କର, ମୋର ନୁହେଁ ।

କିନ୍ତୁ ପ୍ରମିଳାଙ୍କ ହାତ ତଥାପି ଧରି ରଖିଥାଏ ମଲ୍ଲିକ୍‌କୁ । ବଳପୂର୍ବକ ତାଙ୍କୁ ମଦ୍ୟପାନରୁ ଛଡ଼େଇ ଆଣିବା ପାଇଁ ନୁହେଁ । ତାଙ୍କର ଆଉ କିଛି କହିବାର ଥିଲା । ମାତ୍ର ଦି'ପଦ କଥା-

ଥ୍ୟାଙ୍କସ୍ । ଅନେକ ଧନ୍ୟବାଦ । ଆମ ପାର୍ଟିଟା ଏତେ ବଢ଼ିଆ ହେବ ବୋଲି ମୁଁ ଭାବି ନଥିଲି ।''

ବଢ଼ିଆ ? ମଲ୍ଲିକ୍ ବିସ୍ଫାରିତ ଚକ୍ଷୁରେ ଅନେଇଲେ ପତ୍ନୀଙ୍କୁ । ବଢ଼ିଆ ?? ହୁଣ୍ଡି କଅଣ କହୁଛି ? ତା'ର କ'ଣ ମୁଣ୍ଡ ଖରାପ ?

କିନ୍ତୁ କ୍ଷଣିକ ପରେ ସେ ବୁଝିଲେ । ଯେ ତାଙ୍କରି ମୁଣ୍ଡ ବିଗିଡ଼ି ଯାଇଛି, ପତ୍ନୀଙ୍କର ନୁହେଁ । ପାର୍ଟିକୁ ବଢ଼ିଆ ବୋଲି କହିବାକୁ ହେବ, କାହିଁକି ନା ତା'ର କେଉଁଥିରେ କିଛି ଉଣା ହୋଇନାହିଁ । ଖାଦ୍ୟରେ କି ପେୟରେ, ଅଥବା ତା' ଆଟ୍‌ମସ୍‌ଫିଅରରେ । ସୁଖବୋଧର ପ୍ରତିଶ୍ରୁତିରେ । ରସଭଂଗ ହୋଇନାହିଁ, ହୋଷ୍ଟଙ୍କର ଶତ ଚେଷ୍ଟା ସତ୍ତ୍ୱେ ।

କଥା ହେଉଛି, ସେମାନେ କେହି ମୋତେ ବିଶ୍ୱାସ କଲେ ନାହିଁ । ଯେ ପ୍ରକୃତରେ ମୋର ଆସ୍ଥା ଅଛି କେଉଁଥିରେ । ଏବଂ ସେଥିରୁ ଉପୁଜିରବା ଆବେଗ, ତାଡିଲା କି ତତେଇଲା ପରି । କାହିଁକିନା ମୁଁ ହେଉଛି ଜଣେ ସାଲିସ୍‌କରା ପାଲିସ୍‌କରା ସଫଳ ମଣିଷ- କେ. ମଲ୍ଲିକ୍ ଆଇ. ଏ. ଏସ୍. । ସ୍ୱାର୍ଥୀ ନୁହେଁ ମ, ପ୍ରାକ୍‌ଟିକାଲ୍ । ଏବଂ ଆଜିକା ପାର୍ଟି ମୋରି ପରିଚାୟକ । କୋଉ ମୋହନ ମିଶ୍ର, ଚୌହାନ୍ କି ଗୋଦାରାମ୍ ଏତେ ବୁଡ଼ବକ୍ ହୋଇଛି ଯେ କେ. ମଲ୍ଲିକ୍‌କୁ ଭିନ୍ନ ରୂପରେ ଦେଖିବ ? ଏବଂ ତା'ର ତଥାକଥିତ ମତବାଦକୁ ସତ ମିଶିବ ?

କିନ୍ତୁ... କିନ୍ତୁ... ମଲିକ୍‌ଙ୍କର ହଠାତ୍ ମନେ ପଡ଼ିଗଲା । ଏବଂ ସେ ପଚାରିଲେ ତାଙ୍କ ସ୍ତ୍ରୀକୁ- ''କିନ୍ତୁ ତମେ ଏମିତି ଭୁସ୍‌କିନି ପଳେଇ ଆସିଲ କାହିଁକି ପାର୍ଟିରୁ ? ବ୍ରିଜ୍‌ଲାଲ୍‌ଟା ନିହାତି ଫାଜିଲ୍, ଫମ୍ପା, ତା' କଥାକୁ ଧରିବାର ନୁହେଁ-''

''ନା, ତା' ନୁହେଁ ।'' ସେଇଠୁଁ ପ୍ରମିଳା ଥମକି ଗଲେ ଏବଂ ଲାଜେଇ ଗଲା ପରି ଦିଶିଲେ, ଏବଂ କହିଲେ,

Digitized by srujanika@gmail.com

'' ମୋ ମୁଣ୍ଡଟା ହଠାତ୍ ଘୁରେଇଗଲା । ଆଉ ତା'ର କାରଣ୍ ହେଉଛି ଯେତେଦୂର ସମ୍ଭବ.. ଯେ ମୋର ମାସ ଗଡ଼ିଗଲାଣି । ଅବଶ୍ୟ ଡ଼ାକ୍ତର କିଛି ନ କହିବା ଯାଏଁ-''

'' ୟେ-ଏ !'' ମଲ୍ଲିକ୍ ଗ୍ଲାସ୍‌ଟାକୁ ଧଡ଼ାସ୍‌କିନି ରଖିଦେଲେ ଟି ପୟ ଉପରେ, ''ଡ଼ୋଣ୍ଟ୍ ଟେଲ୍ ମି ଦ୍ୟାଟ୍ !'' ଶେଷକୁ ଏଇ ବୋନସ୍‌ର ଉପହାର ମିଳିବାକୁ ଥିଲା ମୋତେ ?

ତାଙ୍କ ବିସ୍ମୟରେ ଧାପେ ହେଲେ ନିରାନନ୍ଦ ଥିଲା ବୋଲି କିଏ ଭାବିଥାଆନ୍ତା ? ଏବଂ ସେଇ ନିରାନନ୍ଦଟିକ ମଧ୍ୟ ଅଚିରେ ମିଳେଇ ଗଲା ଏକ ବିରାଟ ଆମୋଦର ଅବରୋଧରେ । ଯାହାକୁ ସ୍ୱୀକୃତି ବୋଲି କୁହାଯାଇପାରେ । କାରଣ ମଲ୍ଲିକ୍‌ଙ୍କ ଓଠରେ ହସ ଖେଳୁଥାଏ, ଏବଂ କହୁଥାଆନ୍ତି ମନକୁ ମନ, -

ହ୍ୟାପ ଉଦ୍ଧାର ନାହିଁ ଭଲ ପାଇବାରୁ ! ମୋର ଏଇ ସାଲିସ୍‌କରା ପାଲିସ୍‌କରା ଜୀବନକୁ ନେଇ, ପାର୍ଟିଠାରୁ ଆରମ୍ଭ କରି ପରିଣୀତା ଯାଏଁ । ତା'ର ଜିକିଜିକିରେ ମେଂଟାଏ ଖାଦ ଥାଉ କି ମଇଳା, ଏବଂ ତା'କୁ ତମେ ପ୍ରେମ ବୋଲି ନ କହିଲେ ନାହିଁ । ଆମ ବ୍ରିଜ୍‌ଲାଲ୍ ଖାଲି ଆଇ. ଏ. ଏସ୍. ନୁହେଁ, ଗୋଟିଏ ମସ୍ତ ଫିଲୋସଫର । ଏବଂ ସେ ପ୍ରକାଶ୍ୟରେ କହିଲେ ତାଙ୍କ ସ୍ତ୍ରୀକୁ-

''ଦେଖ ଏଇଠି ଖତମ୍ ମୋ ମଦପିଆ । ପୂରାପୂରି ଖତମ୍ ।''

''ସ୍ୱନା ପିଲା !''

Digitized by srujanika@gmail.com

ବାଇନାରୀ

ତାଲିକା ବାହାରିବା ପୂର୍ବରୁ ତାମରାକାଉ ଆସି ଜଣାଇଦେଲା ଯେ ନାଆଁ କଟିଯାଇଚି ।

ନାଆଁ କଟିଯାଇଚି । ତୁମ ନାଆଁରେ ଗଲତି ନାଇଁ । ମହିଷମର୍ଦିନୀ ପ୍ରସାଦ ରାଉତ । ସଂକ୍ଷେପରେ ଏମ୍. ପି. ରାଉତ । ଥରେ ପଢିଲେ ଆଉଥରେ ପଢ଼ିବାକୁ ଇଚ୍ଛା ହେବ । ମନେହେବ ଯେ ତୁମେ କେବଳ ପାର୍ଲିଆମେଂଟ ମେଂବର ନୁହଁ, ଜନଗଣମନ ଅଧିନାୟକ ହେବାକୁ ଜନ୍ମ ହୋଇଛ । କିନ୍ତୁ ପ୍ରଶ୍ନ ହୋଇଚି ଯେ ତୁମେ କାଲି ସକାଳେ ଆମ ଦଳକୁ ଆସିଛ । ଆସିଛ ଭଲ କରିଛ । କିନ୍ତୁ ଆମେ ଆମର ରଥିମାନଙ୍କୁ ଛାଡ଼ି ତୁମକୁ ବାଛିବୁଁ କେମିତି ? ମନୋନୟନ କମିଟିରେ ଜଣେ ଦୁଇଜଣ କ୍ଷୀଣ ପ୍ରତିବାଦ କରିଥିଲେ— ରାଉତଂକ ପରି ନିରଳସ କର୍ମୀ ଖଂଡମଂଡଳରେ ନାହାନ୍ତି ..... । କିନ୍ତୁ କମିଟିର ବଡ଼ପଂଡା ହୁଂକାର ଛାଡ଼ିଥିଲେ – କୁକର୍ମୀ ! କିଓ ଏତେଦିନଯାଏ କେଉଁଠି ଥିଲ ? ଚତୁରଂଗୀମାନଂକ ସାଂଗରେ ମିଶିଥିଲ କାହିଁକି ? ପ୍ରାୟଶ୍ଚିତ କର । ସବୁର କର । ଲଭୁଡୁ ମିଳିବ । ବଡ଼ପଂଡା ବଡ଼ନେତା ପ୍ରବଳ ହସି ହସିଥିଲେ । ଅନ୍ୟମାନେ ସେହିପରି ହସିବାକୁ ଚେଷ୍ଟାକରିଥିଲେ, ମୁଂଡଟୁଂଗାରି ଥିଲେ । ଶେଷରେ ଉଜଳା କନଷ୍ଟିଚୁଏନସି ପାଇଁ ବଛା ହେଲା କିଏ ନା ଆବୁ ଜେନା ! ଆବୁ ଜେନା ବିଦ୍ୟାବୁଦ୍ଧି ହୀନ, ଲଫଂଗା, ଯିଏ ବିନା ମେଘରେ ଗର୍ଜିପାରେ, ଜନତାକୁ ମତେଇ ପାରେ, ଚେତେଇପାରେ, ତତେଇପାରେ, ପୈତୃକ କଳାବଜାରି ଧନରୁ ପୁଳିଏ ପୁଳିଏ ପାର୍ଟିକୁ ଦାନ କରିପାରେ । ସେମାନେ ସ୍ଥିର କଲେ ଯେ ତା'ରି କ୍ଷମତା ଅଛି, ସେଇ ଏକା ଚତୁରଂଗୀ ପ୍ରାର୍ଥୀକୁ ହରାଇ ପାରିବ । ରାଉତପୁଅ କାମ କରିଯାଆଂତୁ । କର୍ମଣ୍ୟେବାଧିକାରସ୍ତେ ।

ମନେ ପଡୁଛି । ପାଂଚବର୍ଷ ତଳର ଭୋଟ ବଜାର । ସେତେବେଳେ ଚତୁରଂଗ ପାର୍ଟିର ବାନା ଫରଫର ହୋଇ ଉଡୁଥିଲା । ସାମ୍ୟବାଦୀ ଶୃଗୁଂକ ଗୌତମଜୀ ଆମର ଏଇ ଅଭାଗା ବନ୍ୟା ପ୍ରପୀଡ଼ିତ ଅଂଚଳକୁ ବୁଲି ଆସିଥିଲେ । ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମହାନ୍ତି ମୋତେ ତାଂକ ସହ ପରିଚୟ କରାଇଦେଲେ । କହିଲେ, ଇଏ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ତରୁଣ ସଂତାନ । ଏଣେ ଉଜଳା ଅଂଚଳର ଗରିବ ଚାଷୀ ମାନଙ୍କ ପାଇଁ ଯାହାକରିଛଂତି, ତାର ତୁଳନା ନାହିଁ । ଯାଂକରି ଚେଷ୍ଟାରେ କେତେ କୂଅ ଖୋଳା ହୋଇଚି, କେତେ ରାସ୍ତା ତିଆରି ହୋଇଚି, କେତେ ବିଲରେ ପାଣି ମଡ଼ା ହୋଇଚି, ବନ୍ୟା ବିପତ୍ତି ପରେ ଭଦ୍ରଲୋକ ନ ଖାଇ ନ ପିଇ ଗାଆଁ ଗାଆଁ ବୁଲି ଚୂଡ଼ା ଚାଉଳ ବାଂଟିଛଂତି, ସରକାର

Digitized by srujanika@gmail.com

ଘରୁ ପଇସାଟିଏ ମାଗିନାହିଁତି... । ପ୍ରଶଂସାର ସୁଅ ବହିଚାଲିଥିଲା । ଗୌତମଜୀ ରୋକିଦେଲେ । ଶ୍ରୀକୃଷ୍ଣଙ୍କ ପରି ମୋହନ ହସଟିଏ ଛାଡ଼ିଦେଇ କହିଲେ–କର୍ମୀ ! ଅମୂଲ୍ୟ ରତ୍ନ ! ମହାଂତିବାବୁ ମାଡ଼ିଗଲେ, କହିଲେ, –ମୁଁ ଭାବୁଛି–ଆସଂତା ଲୋକସଭା ନିର୍ବାଚନ ପାଇଁ ୟାଂକୁହିଁ ଛିଡ଼ା କରାଇଲେ ଭଲ ହେବ । ଗୌତମଜୀଂକ ମୋହନ ହସ ମହନୀୟ ରହସ୍ୟମୟ ହୋଇଉଠିଲା । ସେ ମୋ' ଆଖିରେ ଆଖି ରଖି କହିଲେ – କର୍ମଣ୍ୟେ-ବାଧିକାରସ୍ତେ । ତାଂକର ସେଇ କଥା ପଦକ ଦେବତାଂକ ଆଶୀବାଦ ପରି ମନେହେଲା । ସେଇଦିନଠାରୁ ଦାଂଡ଼ଘରେ ତାଂକ ଫଟୋକୁ ଦେଖିଲାବେଳେ ମନପ୍ରାଣ ସେବାନ୍ୱିତ ରୋମାଂଚିତ ହୁଏ, ଗ୍ଲାନି ତୁଟିଯାଏ ।

(ସେଇ ଫଟୋ ଆଜି ଆଉ ନାଇଁ । କିଂତୁ ଶେଷ ମୁହୂର୍ତ୍ତ ଯାଏଁ ଥିଲା । ସେଇ ତ ହେଲା କାଳ ....)

ଉଭୟ ଲୋକସଭା ବିଧାନସଭା ପାଇଁ ନାଆଁ ପଠାହେଲା । କିଂତୁ ଚତୁରଂଗ ପାର୍ଟିର ବଡ଼ ପଂଡ଼ାମାନେ ମୋତେ ବାଛିଲେ ନାଇଁ । ସାମାନ୍ୟ ଦୁଃଖ ଲାଗିଲା ନିଶ୍ଚୟ । ଯେଉଁମାନଂକୁ ବଛାହେଲା ସେମାନେ କେଉଁ ହିସାବରେ ମୋ'ଠାରୁ ଯୋଗ୍ୟ ? ବିଧାନ ସଭା ପାଇଁ ରଘୁମଣି ଚୌଧୂରୀ, ଯେ ମୂଳରୁ ସାମ୍ୟବାଦୀ ନୁହେଁ, ଆପଣା ଉଇତମାନଂକୁ ଯାବତୀୟ କଷ୍ଟ ଦେଇଛି, ପଛରେ ଗୌତମଜୀଂକର ଅତୀତ ପ୍ରେମ ଜୀବନକୁ ନେଇ ବାର କଥା କୁହେ । ଲୋକସଭା ପାଇଁ ଅବସରପ୍ରାପ୍ତ ପ୍ରଫେସର ଶାଂତିସ୍ୱରୂପ ଦାସ ଯେ ଭଲ ବକୃତା ଦେଇ ପାରଂତି, କିଂତୁ କେବେହେଲେ ଡଳକୁ ଓହ୍ଲେଇ ଡକିଆ ଲୋକମାନଙ୍କୁ ଭଲମନ୍ଦ ପଚାରିବାର ଶୁଣାଯାଇ ନାଇଁ । ଦୁଃଖ ଲାଗିଲା । ତେବେ ଗୌତମଜୀଂକ ଫଟୋକୁ ଅନେଇ ମନେହେଲା ସେ ସବୁ ଜାଣଂତି, ବୁଝଂତି । ସେ ଚାହାଂତି ଯେ ମୁଁ ନୂଆଖାଲି ବାଉଁଶ ପୋଲରେ ପାଦ ଚିପି ଚିପି ନଇ ପାର ହେବି, କୁଡ଼ିଆ ଘରେ ଦରିଦ୍ରନାରୟଣଂକର ସେବା କରିବି, ଲାଟ ସାହେବଂକ କାମରାରେ ବସି ଚା' ଖାଇବା ମୋର ଧାତୁରେ ଯିବନାଇଁ । ତଥାସ୍ତୁ ।

ଲୋକମାନେ ମୋତେ ଭଲ ପାଆଂତି । ପଡ଼ୋଶୀ ହିଡ଼ କାଟି ଦେଇଛି, ମାଲିକ ଅଦଉତ କରି ଧାନମାଣକ ଛାଡୁନାଇଁ, ଝିଅ ଶାଶୁଘରେ କଷ୍ଟ ପାଉଛି, ନାତିକୁ ନିଉମୋନିଆ ହୋଇଛି, ସବୁଥିରେ ରାଉତ ବାବୁଂକୁ ଡାକ । ବେଳେବେଳେ ବିରକ୍ତ ହେବାକୁ ଇଚ୍ଛା ହୁଏ – ମୋର ଦେଶବାସୀ କଅଣ ଏତେ ପରପରାୟଣ ମେରୁଦଂଡ଼ ବିହୀନ.. ଇତ୍ୟାଦି । କିଂତୁ ହପ୍ତାଏ ଦି'ହପ୍ତାଏ କେହି ନ ଆସିଲେ ଛଟପଟ ଲାଗେ । ହଠାତ୍ ପତର ମୋରି ପାଇଁ ଦୋହଲି ଉଠୁଛି, ଦୋହଲି ଉଠିବା ଉଚିତ, ପଂକପୋଖରୀ ମୋ'ରି ପାଇଁ ଭୁଟୁଭୁଟୁ ହେଉଛି, ମଳିକ ସାହୀର ଚୂଲି ଧୂଆଁ ମୋ'ରି ଆଡ଼କୁ ଆସୁଛି, ଭଇପାଇବା ମୋତେ ଡ଼ାକୁଛି, କୁହ ଡ଼ାକୁଛି ଡ଼ାକୁଛି, ନ ହେଲେ ମୁଁ ସରିଯିବି, ହାରିଯିବି ଏମିତି ମନେ ହୁଏ ।

Digitized by srujanika@gmail.com

ଏତିକିବେଳେ କେହି ନା କେହି ଜୁଟି ଯାଏ । ମୋତେ ଡ଼ାକେ । ମୁଁ ତା ମୁହଁକୁ ଚାହେଁ, ଭଲପାଇବାର ଚାନ୍ଦ ଛେନାବମ୍ ପରି ଗୋଲ ହୋଇ ମଧୁରିଆ ହୋଇ ମୋତେ ଗିଳିଦିଏ । ମୋର ସତ୍ତା ହଜିଯାଏ । ମୁଁ ଭୋକ ଶୋଷ ଭୁଲିଯାଇ ତାର ପଛେ ପଛେ ଯାଏ । ସେବାକାମ ସଂପୂର୍ଣ କରି ଫେରିଆସେ । ଫେରି ଆସି ଗୌତମଜୀଂକ ଫଟକୁ ଚାହିଁ କୁହେ—ହେଲା ?

ମିଛ କହିବି କାହିଁକି, ଥରେ ଥରେ କେହି ଜୁଟଂତି ନାଇଁ । ମୁଁ ରାତିଯାଏ ଅପେକ୍ଷା କରେ । ତା' ପରେ ତା' ପାଖକୁ ଯାଏ । ସେ ମୋତେ ଗାଳିଦଏ ।

ପାର୍ଟିର ସଭ୍ୟମାନେ ମୋ କଥା ଶୁଣଂତି, ମୋତେ ସମ୍ମାନ ଦିଅଂତି । ଉଜଳା ଅଂଚଳର ପ୍ରକୃତ ପ୍ରତିନିଧି ହିସାବରେ ଜନମତ ଜାଣିବା ପାଇଁ ମୋ କଥାକୁ ପିଇ ଯାଆଂତି । ଜିଲ୍ଲା ଚତୁରଂଗ କମିଟି ସବୁଥିରେ ମୋତେ ରହିବାକୁ କହିଲେ । ଆସଂତା ବର୍ଷରୁ ସର୍ବଭାରତୀୟ ଚତୁରଂଗ କମିଟିରେ ରହିଥାନ୍ତି, ଯଦି ପୃଥିବୀ ଓଲଟି ଯାଇ ନ ଥାଂତା । ଶୁଣଂତି କିଂତୁ ମାନଂତି କେଉଁଠି ? ପ୍ରଥମେ ସଫେଇ ଦେବାକୁ ଚେଷ୍ଟାକରୁଥିଲେ,—

—ଆପଣ ଯାହା କହୁଛଂତି ସତ, ସେଠି ରାସ୍ତା ହେଲେ ବଂଧୁଆ ଗାଆଁ ଲୋକମାନଂକର ଅନେକ ସୁବିଧା ହେବ, ବିଚରା ଅତି ଗରିବ । କିଂତୁ ଆଂଚଳିକ ଯୋଜନାକୁ ପ୍ରାଦେଶିକ ଯୋଜନା ସାଂଗରେ ଯୋଡ଼ିବାକୁ ପଡ଼ିବ ଓ ପ୍ରାଦେଶିକ ଯୋଜନାକୁ ଜାତୀୟ ଯୋଜନା ସଂଗରେ ଯୋଡ଼ିବାକୁ ପଡ଼ିବ । ସାମୂହିକ କଲ୍ୟାଣର ଦାୟିତ୍ୱ ମୁଂଡ଼ାଇବାକୁ ହେବ—ବୁଝୁ ନାହାଂତି ? ଶେଷକୁ ସଫେଇ ଦେବାର ଆବଶ୍ୟକତା ମନେ କଲେ ନାଇଁ । କହିଲେ ଉପରୁ ନିର୍ଦେଶ ଆସିଚି, ଏମିତି ହେବ । ଏଇଠି ରାସ୍ତା ହେବ, ଏଇ ଲୋକମାନଂକୁ ସାରବିହନ ଯୋଗା ହେବ, ପାଣିକଳ ଦିଆହେବ ଇତ୍ୟାଦି । ଉପରବାଲା କିଏ ? ମନ୍ତ୍ରୀ ? ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମହାଂତି ? ପୂଜ୍ୟ ନେତା ପ୍ରଧାନମଂତ୍ରୀ ଗୌତମ୍‌ଜୀ ? ମୁଁ ସେମାନଂକ ପାଖକୁ ଯିବି, ବୁଝେଇଦେବି, କହିବି ଯେ ଉଜଳା ଅଂଚଳର ଦୁଃଖୀ ଦରିଦ୍ରମାନଂକୁ ମୁଁ ଜାଣିଛି, ସେମାନେ ସାମୂହିକ ଲୁହଲହୁ ବେଦନାରୁ ଭିନ୍ନ ନୁହଂତି..। ଥରେ ମୁଖ୍ୟମନ୍ତ୍ରୀଙ୍କ ଯାଏଁ ଯାଇଥିଲି । ସେ ସହାନୁଭୂତି ଦେଖାଇଲେ । କହିଲେ ରଘୁମଣି ଚୌଧୂରୀକୁ କହିବେ । ରଘୁମଣି ଚୌଧୂରୀ ପିଠି ଥାପୁଡ଼େଇଲେ, ପିଲାଂକୁ ଫୁସୁଲେଇଲା ପରି କହିଲେ, ଚିଂତା ନାଇଁ, ଆଗାମୀ ଯୋଜନାରେ ତାର ବ୍ୟବସ୍ଥା କରାଯିବ । ତା'ପରେ ଅତି ବିଶ୍ୱସ୍ତ ବଂଧୁ ପରି କାନରେ ଫୁସ୍ ଫୁସ୍ ହୋଇ କହିଲେ—ଆପଣଂକ ପ୍ରଜାମାନଂକୁ ମୁଂଡ଼ ଥଂଡ଼ା କରିବାକୁ କୁହଂତୁ, ଏଇ ଯେଉଁ ନନ୍ଦୀଘୋଷ ପାର୍ଟି, ଶଳାଂକୁ ବିଶ୍ୱାସ ନାଇଁ । ସେମାନେ ସୁବିଧା ପାଇଲେ, ଦେଶରେ ନିଆଁ ଲଗାଇଦେବେ, ଗୌତମଜୀ ମୋତେ ନିଜେ କହୁଥିଲେ.... ।

ମୁଁ ନିଜକୁ କହିଲି ଯେ ମୁଁ ରାଜା ନୁହେଁ, ମୋର ପ୍ରଜା ନାହାଂତି । ହେଲେ ମୋର ହଜାରେ ଭାଇ ଭଉଣୀ ଅଛଂତି ଯେଉଁମାନେ ମୋତେ ଭଲ ପାଆଂତି । ମୁଁ ସେମାନଂକୁ

Digitized by srujanika@gmail.com

ବୁଝେଇବାକୁ ଚେଷ୍ଟା କଲି । ଲୋକେ ବୁଝିଲା ପରି ମୁଣ୍ଡ ଟୁଂଗାରିଲେ । କିନ୍ତୁ ଅଧିକାଂଶ ମୋତେ ବଲ ବଲ କରି ଚାହିଁଲେ, ସତେକି ସେମାନେ ଶୁଣିପାରୁ ନାହାଁନ୍ତି, ବୁଝି ପାରୁ ନାହାଁନ୍ତି, କେବଳ ଭଲ ପାଉଛନ୍ତି । ସେଇଥର ଜଣେ ଟୋକା—ମୁଁ ତା'କୁ ଚିହ୍ନି ନାଇଁ—ବାଳ ଝାଡ଼ି ମୋତେ ସମର୍ଥନ କରିବା ଛଳରେ କହିଲା—ଆରେ ରାଉତ ବାବୁଂକୁ କାହିଁକି ହଇରାଣ କରୁଛ କହିଲ ? ଇଏ କଣ କହିବେ ? ଇଏ କଅଣ ମେବଂର ନା ମନ୍ତ୍ରୀ ? ସେମାନେ ହସି ଉଠିଲେ । ନା ସମସ୍ତେ ନୁହଁନ୍ତି, କେତେଜଣ ହସିଉଠିଲେ ।

ମୋତେ ବାଧିଲା । ମୁଁ ସହିନେଲି । ଘରକୁ ଫେରିଆସି ଗୌତମଜୀଂକ ଫଟୋ ସାମନାରେ ଛିଡ଼ା ହେଲି । ଉପରବେଳିଆ ଖରା କେବଳ ତାଂକ ଦାଢ଼ି ଉପରେ ପଡ଼ିଥିଲା । ଯେପରିକି ସେଇ ହେଉଛି ସତ କିମ୍ବା ଉଜଳ ମିଛ । ମୋତେ ଅସ୍ୱସ୍ତି ଲାଗିଲା । ମୁଁ ପୂରା ଫଟୋକୁ ପାଖରେ ଆଣି ଦେଖିଲି । ମୋର ମନେ ହେଲା ସେ ମୋ ପ୍ରଶ୍ନର ଉତ୍ତର ଦେବାକୁ ଚାହାଁନ୍ତି ନାଇଁ । କାହିଁକି ନା ସେ ମୋର ବାପା..... ସେ ମୋର ନେତା ।

ହଁ, ସେଇ ପ୍ରଥମେ ମୁଁ ବିଦ୍ରୋହ କରିଉଠିଲି । ତାଂକର ବିରାଟ ମୁଣ୍ଡକୁ ଦୁଇ ହାତରେ ଧରି ପ୍ରଶ୍ନ ପଚାରିବାକୁ ଇଚ୍ଛା ହେଲା—ଗୌତମଜୀ, ତୁମେ କ'ଣ ଦିନେ କର୍ମୀ ନଥିଲ ? ସବୁଦିନେ ନେତା ହୋଇଥିଲ ଆଉ ନେତା ହୋଇ ବସିଥିବ ?

ତା'ପରଦିନ ଖବର କାଗଜରେ ବାହାରିଲା ଯେ ଜଣେ ନଂଦୀଘୋଷୀ ଅକାଟ୍ୟ ପ୍ରମାଣ ପାଇଛନ୍ତି ଯେ ଗୌତମଜୀ ଗୋଟିଏ ରପ୍ତାନୀ-ଆମଦାନୀ କଂପାନୀ ଠାରୁ ଲକ୍ଷାଧିକ ଟଂକା ହାତ ପଇଠ କରିଛନ୍ତି । ଉଦ୍ଦେଶ୍ୟ ??

ଛିଃ ! ମୋ' ମୁଣ୍ଡ ତଳକୁ ହୋଇଗଲା । ବିରୋଧୀ ପାର୍ଟିର ପ୍ରଚାର ଏତେ ନିଚ ସ୍ତରକୁ ଯାଇପାରେ ? ଶେଷକୁ ଗୌତମଜୀଂକ ପରି ଲୋକଂକ ଉପରେ କାଦୁଅ ବୋଳିଲେ ? ଗୌତମଜୀ କେବଳ ଦେଶର ପ୍ରଧାନମନ୍ତ୍ରୀ ଏବଂ ଚତୁରଂଗୀ ପାର୍ଟିର ପ୍ରେସିଡ଼େଂଟ୍ ନୁହଁନ୍ତି, ସେ ହେଉଛଂନ୍ତି ଏସିଆର ଜାଜ୍ୱଲ୍ୟମାନ, ସୂର୍ଯ୍ୟ, ପୃଥିବୀର.... ସେଇଠୁ ମୋର ମୁଣ୍ଡ ଆହୁରି ତଳକୁ ହୋଇଗଲା । ମୁଁଇ ତ ନିଜେ କାଲି ତାଂକ ପ୍ରତିକୃତିର ଅବମାନନା କରିଥିଲି ! ମୁଁ ମନେ ମନେ ତାଂକୁ କ୍ଷମା ମାଗିଲି । ଥାଉ ଏତିକି ଥାଉ, ମୋତେ ମୋର ଦେଶକୁ ଆଉ ଦଂଡ଼ ଦିଅନାହିଁ ।

କିଛି ଦିନ ପରେ ଆଉ ଗୋଟିଏ ଖବର । ଗୌତମଜୀଂକର ଜ୍ୱାଇଁ, ଜଣେ ଛୋଟିଆ ବ୍ୟବସାୟୀ, ସେ କୁଆଡ଼େ ଲକ୍ଷ ଲକ୍ଷ ଟଂକା ବିଦେଶୀ ବ୍ୟାଂକରେ ରଖିଛଂନ୍ତି । କେଉଁଠୁ ପାଇଲେ ?

ଆହୁରି । ଗୌତମଜୀଂକ ସେକ୍ରେଟେରୀଂକର ନିର୍ଦେଶରେ କର୍ତ୍ତୃପକ୍ଷ ଜଣେ ନିର୍ଦୋଷ କର୍ମଚାରୀଂକ ଘର ଖାନତଲାସ କରି ତାଂକୁ ହଇରାଣ କରି ମିଛ ମାମଲା ଚଲେଇଥିଲେ, କିଂତୁ ନ ପାରିବାରୁ ତାଂକୁ ରାଷ୍ଟ୍ରରକ୍ଷା ଆଇନୀ ଦେଖାଇ ଜେଲ୍‌ରେ ଠୂଂକି ଦେଇଛଂନ୍ତି । ସ୍ତ୍ରୀ କାଂଦି କାଂଦି ଗୌତମଜୀଙ୍କ ପାଖକୁ ଚିଠି ଲେଖିଛି, ଉତ୍ତର ନାଇଁ ।

Digitized by srujanika@gmail.com

ଜଣେ ନୁହେଁ ଦୁଇ ଜଣ ନୁହେଁ, ଜଣାପଡୁଛି ଯେ ବିଭିନ୍ନ ପ୍ରାନ୍ତରେ ଶହ ଶହ ଲୋକ ଏମିତି ବିନା ବିଚାରରେ ଜେଲ୍‌ରେ ସଡୁଛନ୍ତି । ସେମାନଂକର ଦୋଷ ଭିତରେ ସେମାନେ ଗୌତମଜୀ କିଂବା ତାଂକ ଜ୍ୱାଇଁ କିଂବା ତାଂକର ଶଳା କିଂବା ସେକ୍ରେଟେରୀଂକ ବିରାଗଭାଜନ ହୋଇଛନ୍ତି ।

ଶେଷକୁ ଅଭିଯୋଗ ହେଲା ଯେ କେତେ ଜଣ ଛାତ୍ରମାନଂକୁ ଜେଲ୍‌ରେ ମରା ହୋଇଛି ।

ଏଭଳି କୁସାରଟନା କିଏ ସହିବ ? ଗୌତମଜୀ ନୂଆ ଆଇନ୍ ଜାରୀ କରି ପ୍ରେସ୍‌ର ମୁହଁ ବନ୍ଦ କରିଦେଲେ । ଦେଶର ମଂଗଳ ପାଇଁ ସଭା ଶୋଭାଯାତ୍ରା ଇତ୍ୟାଦି ଉପରେ କଟକଣା ଲଗାଇଦେଲେ । କିଂତୁ ନଂଦୀଘୋଷୀମାନେ ଭିତରିଆ ପ୍ରଚାର ଚଳାଇଲେ । ଚିତ୍ତଚଂଦ୍ର ମୋହନ ନାମକ ଜଣେ ବୟସ୍କ ଲେଖକ ସାହିତ୍ୟ ଛାଡ଼ି ରାଜନୀତିରେ ପଶିଲେ, ନଂଦୀଘୋଷ ପାର୍ଟିର ବଶିଷ୍ଠ ରୂପେ ଗଣା ହେଲେ । ତାଂକର ଦାଢ଼ି ନାହିଁ ସିନା, ପ୍ରଶସ୍ତ କପାଳ ଅସହିଷ୍ଣୁ ଚାହାଣୀ..... ସତେ କି ସେ ଗୌତମଜୀଂକର ନକଲି ସାମ୍ୟବାଦକୁ ଉପ୍ଟା କରି ଅକଳଂକ ସାମ୍ୟବାଦର ଷଠିଘର ଦେଖି ତା'ପରେ ଯାଇଁ ବିଛଣା ଧରିବେ । ସେ କଥା କହୁ କହୁ କାଦଂତି । ସେଥିରେ ତାଂକର ମୂଲ୍ୟ ଆହୁରି ବଢ଼ିଯାଏ ।

ମୋତେ ଭୟ ଲାଗିଲା । ଇଏ କ'ଣ ହେଇଛି ? କ'ଣ ହେବାକୁ ଯାଉଛି ! ମୁଁ ବାରମ୍ବାର ଗୌତମ୍‌ଜୀଙ୍କ ଫଟକୁ ଚାହିଁ ହାତ ଯୋଡ଼ିଲି । ଗୌତମ୍‌ଜୀ ରକ୍ଷାକର । ଶାନ୍ତି ଦିଅ, ଶାଂତି ଦିଅ । ଏମ୍. ପି. ରାଉତକୁ ଶାଂତି ଦିଅ ।

ଶାଂତି ମିଳିଲା ନାହିଁ । ଯେତେକ ଉପନିର୍ବାଚନ ହେଲା ନଂଦୀଘୋଷୀମାନେ ଜିତିଲେ । କାଂଥବାଡ଼ରେ ପୋଷ୍ଟର ମରାଗଲା— ଗୌତମ୍‌ଜୀ ଗାଦି ଛାଡ଼ । ଗାଲୁଆ ଗୌତମ ଗଂଧିଆ ଗୌତମ୍ ଗାଦି ଛାଡ଼ । ଚିତ୍ତ ଚଂଦ୍ରମୋହନଂକୁ ଜେଲ ଦିଆଗଲା । କିଂତୁ ବଜାର ହାଟରେ ତାଂକ ଫଟୋ ବିକ୍ରି ହେଲା । ଦେଖିଲି ଯେ ମୋରି ଗାଁ ଗୋବିଂଦପୁର, ମୋରି ଉଚ୍ଚଜାର ବିଭିନ୍ନ ନଂଦୀଘୋଷୀ ନାରଂଗୀ ପତକା ଉଡ଼ିବାକୁ ଲାଗିଲା, 'ଚିତ୍ତଗୁରୁ'ଂକର ଫଟୋ ଶୋଭା ପାଇଲା । ମୋର ମନେହେଲା ହୁଏତ ମୋରି ଲୋକମାନଂକ ଭିତରୁ କେହି ମୋ ଘରକୁ ପଶି ଆସି ଗୌତ୍‌ମଜୀଂକ ଫଟୋକୁ ଫିଂଗି ଦେବେ ଆଉ ସେଇ ଦାଢ଼ିବିହୀନ ବଶିଷ୍ଠକୁ ବସେଇ ଦେଇଯିବେ ।

ନା !! ମୁଁ ଛାଡ଼ିବି ନାହିଁ । ରାତି ଅଧରେ ନିଦ ଭାଙ୍ଗିଗଲାରୁ ମୁଁ ଗୌତମଜୀଂକୁ (ତାଂକର ଫଟୋକୁ) କୁଢ଼ାଇ ଧରିଲି । ମୁଁ ତୁମକୁ ଛାଡ଼ିବି ନାହିଁ । ମୋର ଗୋଟିଏ ବାପା ! ବାପା ଠାରୁ ବଡ଼ ମହାନ୍ ବାପା !

ଆଉ କେତେ ଦିନ ? ଜୀବନ କେତେ ଦିନ ? ଥରେ ମଲେ ପୁଣି ଥରେ ବଂଚିବି । ବଂଚି ରହିବି କେତେ ଦିନ ?

Digitized by srujanika@gmail.com

ତିନୋଟି ପ୍ରଦେଶରେ ବିଧାନ ସଭାର ମିଆଦ ପୂରିଗଲାରୁ ନିର୍ବାଚନ ହେଲା । ନଂଦୀଘୋଷୀମାନେ ପ୍ରଚାର କଲେ ଯେ ଦେଶ ତାତି ଉଠି ନ ଥିଲେ ଗୌତମଜୀ ନିର୍ବାଚନ କରାଇ ଦେଇ ନଥାଂତେ । ନିର୍ବାଚନରେ ନଂଦୀଘୋଷୀମାନେ ପ୍ରାୟ ଶତକଡ଼ା ନବେ ଆସନ ଦଖଲ କରିନେଲେ । ହେଉ । ମୁଁ ତଥାପି ଦମ୍ଭଧରି ରହିଲି । ଏଇ ହାଉଆ ମହାଦ୍ରୁମ ମାନଂକୁ ଉପାଡ଼ି ଦେଇ ପାରେ, କିନ୍ତୁ ମାଟିର ଘାସ, ଆଜୀବନ କର୍ମୀର ନିଷ୍ଠାକୁ ଲିଭାଇ ଦେଇ ପାରିବ ନାହିଁ ।

ତାପରେ ଗୋଟାଏ ଦିନର କଥା । ଜ୍ୟେଷ୍ଠମାସର ଗୁଳୁଗୁଳି । ମୁଁ ବାହାରେ ଖଟିଆଟିଏ ପକେଇ ଏଣୁତେଣୁ ଭାବୁଥାଏ । ଭାବୁ ଭାବୁ ମୋର ମନକୁ ଆସିଲା ଯେ ଅନେକ ଦିନ ହେଲା କେହି ମୋ ଠାରୁ କିଛି ଲୋଡ଼ିବାକୁ ଆସି ନାହାଂତି । ନ ଆସିଲେ ନାହିଁ । ନଂଦୀଘୋଷୀ ଝଡ଼ ସାଂଗରେ ତା'ର କିଛି ସଂପର୍କ ନାହିଁ । ଭଲପାଇବା ପ୍ରତ୍ୟେହ ନିଜକୁ ପ୍ରମାଣିତ କରିବାକୁ ବସିଲେ । ଘସରା ହୋଇଯିବ । ମୁଁ ପଂଖାରେ ନିଜକୁ ବିଂଚିବାକୁ ଲାଗିଲି । ସାମ୍ନା ରାସ୍ତାରେ ଗୋଟାଏ ବସ୍ ଚାଲିଗଲା । ଖିଆଲ ହେଲା ଯେ ବସ୍ ଦୁଇଘଂଟା ଭିତରେ ତପନ ସହରକୁ ଯିବ । ମୁଁ ତପନକୁ ଯିବି । ତା' ପାଖକୁ ଯିବି, ପ୍ରାୟ ବର୍ଷେ ହେଲା ଯାଇନାହିଁ । ଯିବି ଡୁବ ଦେଇ ଫେରି ଆସିବି । କ'ଣ କହୁଛ ଭୀଷ୍ମଦେବ ?

ସାମାନ୍ୟ କ୍ଷତିପୂରଣ ପାଇଁ ସେଠିକି ଯିବା କଥା ନୁହେଁ । ମୋତେ ଚେତେଇ ଦେଲା ପରି ଜଣେ ମୋ ଆଡ଼କୁ ଆସିବାର ଦିଶିଲା । ପାଖରେ ପହଂଚିଲାରୁ ଚିହ୍ନିଲି, ଖୁସିଟାଏ ହେଲି । ମୋର ଅତି ନିଜ ଲୋକ ସୋଦରପ୍ରତିମ ବୀରୁ ଜେନା, ବୀରୁଭାଇ । ନିରକ୍ଷର କହିଲେ ଚଳେ, ଅଳ୍ପ ଜମି ବାଡ଼ି ନେଇ ଆପଣା ସୁଖ ଦୁଃଖରେ ଥାଏ, କଷ୍ଟକରି ପୁଅକୁ କଲେଜ୍‌ରେ ପାଠ ପଢ଼ଉଛି । ମୁଁ ଯେତେବେଳେ ଯେଉଁ କାମରେ ହାତ ଦେଇଛି ସେ ମୋ ସାଂଗରେ ଅଂଟା ଭିଡ଼ି ବାହାରି ଆସିଛି । ବୀରୁଭାଇ ମୋ ପାଖେ ରହି ଗୀତ ଗାଉ ନଥିଲେ, ମୁଁ ହାଲିଆ ହୋଇଗଲେ ଲେଂବୁରସ ଚା ପାଣି ଯୋଗାଉ ନଥିଲେ ଗୋଟିଏ ନୁହେଁ କେତେ ଗଦେଇ ଘାଇ ଭାଂଗି ଯାଇଥାଆଂତା । ସେ ମୋତେ ଅତି ଭଲ ପାଏ, କିଂତୁ ନିଜ ପାଇଁ କେବେହେଲେ କିଛି ମାଗି ନାହିଁ । ସେ ଚଡୁରଂଗୀ ନୁହେଁ, ନଂଦୀଘୋଷୀ ନୁହେଁ, ସେ ମୋର ଭାଇ । ନିଧି ମିଳିଲା ପରି ମୁଁ ଉଠିଯାଇ ଦୁଇ ହାତ ବଢ଼ାଇ ଦେଖିଲି ଯେ ତା ମୁଁହରେ ହସ ନାହିଁ । ସେ ଦୁଃଖରେ ମୋ ପାଖକୁ ଆସିଛି ।

''କ'ଣ ହେଲା ବୀରୁଭାଇ ?''

''କିଛି ନାହିଁ । ମୋ ପୁଅ । ମୋ ପୁଅକୁ ପୁଲିସ୍ ଧରି ନେଇଛଂତି ।''

ତା'ପରେ ସେ କାଂଦିବି ନାହିଁ, ହାରିବି ନାହିଁ, ଭଗବାନ ଅଛଂତି ଇତ୍ୟାଦି ଅବାଂତର ବୀରତ୍ୱ ସହକାରେ ଯାହା କହିଲା ସେଥିରୁ ବୁଝିଲି ଯେ ଚିତ୍ତ ଗୁରୁଂକୁ ଜେଲ୍‌ରୁ ଖଲାସ କର ବୋଲି ରାଜଧାନୀରେ ଯେଉଁ ଛାତ୍ର ଆଂଦୋଳନ ହୋଇଥିଲା, ବୀରୁ ଭାଇର ପୁଅ ସେଥିରେ ମିଶିଥିଲା, ତେଣୁ ଜେଲ୍ ଯିବା ସ୍ୱାଭାବିକ । କିଂତୁ ଅନ୍ୟମାନେ ଜେଲ୍‌ରୁ

Digitized by srujanika@gmail.com

ମୁକୁଳି ଆସିଛଂତି । ପ୍ରିୟ ଜେନା ଫେରି ନାହିଁ । ପୁଲିସ୍ ବାଲା କହଂତି ସେମାନେ ଜାଣଂତି ନାହିଁ । ବୀରୁଭାଇର ଭୟ ଯେ ଅମୁକ ପ୍ରଦେଶରେ ଯାହା ହେଲା ବୋଲି ନଂଦୀଘୋଷୀମାନେ କହୁଛଂତି, ହୁଏତ ତା'ପୁଅକୁ.....

ମୁଁ ତତ୍କ୍ଷଣାତ୍ ରାଜଧାନୀକୁ ଯିବି ବୋଲି ବାହାରିଲି । ମୁହୂର୍ତ୍ତେ ବିଳଂବ କରିବା ଉଚିତ ନୁହେଁ । ଯେମିତି ହେଲେ ପ୍ରିୟ ଜେନାକୁ ଫେରାଇ ଆଣିବି । ଦରକାର ପଡ଼ିଲେ ଗୌତମଜୀଂକ ପର୍ଯ୍ୟଂତ—ସେଇଠୁଁ ମୁଁ ବୀରୁଭାଇକୁ ରାଗିଲା ପରି ଚାହିଁଲି ? କାହିଁକି ସେ ମୋତେ ବାଧ୍ୟ କରୁଛି । ମୁଁ ପାରିବି ନାହିଁ ବୋଲି କ'ଣ ସେ ଜାଣି ନାହିଁ ? ମୁଁ ମେଂବର ନୁହେଁ, ମନ୍ତ୍ରୀ ନୁହେଁ, ଏଇ ରାଜନୈତିକ ମାମଲାରେ ସେମାନେ ମୋତେ ପାଖରେ ପୁରାଇବେ ନାହିଁ । ଗୌତମଜୀ ହସିବେ । ନା ହସିବେ କେଉଁଠୁ ? ଡାକ ମୁଁହ କେବେଠୁ କଳା ହୋଇଗଲାଣି । କେବଳ ସେଇ ଦାଢ଼ି ଭେକ ଚକମକ ହେଉଛି, ମୋତେ ଦେଖ ମୋତେ ମନେରଖ ବୋଲି ବାଢ଼େଇପିଟି ହେଉଛି ।

ବୀରୁଭାଇର ଅସହାୟ ମୁଁହକୁ ଦେଖି ଦୀର୍ଘ ଦିନର ଗୁଳୁଗୁଳିକୁ କାଟି ଦେଇ ମୁଁ ଭିତରେ ପାଟି କରି ଉଠିଲି— ମୁଁ ମେଂବର ହେବି; ମନ୍ତ୍ରୀ ହେବି । ନେତା ହେବି । ଗୌତମଜୀ ମୋତେ ସାହାଯ୍ୟ କରିବ ତ କର ନହେଲେ ଜାଣିଥା ।

କିଛି ହେଲା ନାହିଁ । ପ୍ରଦେଶର ରାଜଧାନୀରେ ମୋ କଥା କେହି ଶୁଣିଲେ ନାହିଁ । ଦିଲ୍ଲୀରେ ଦେଶର ରାଜଧାନୀରେ ମୁଁ ଗୌତମଜୀଂକ ସେକ୍ରେଟେରୀ, ପିଏଂକର ଛାଇ ପର୍ଯ୍ୟଂତ ବି ଦେଖି ପାରିଲି ନାହିଁ । ଯିଏ ଉତ୍ତର ଦେଲା ସେଇ ଗୋଟିଏ କଥା—ଆମେ ଜାଣିନାହୁଁ, ଆଇନ୍ ତାର କାମ କରିବ । ଓକିଲଂକ ପାଖକୁ ଗଲି, ଓକିଲ କହିଲେ ଧୈର୍ଯ୍ୟ ଧର, ବେକ କାଳ ସୁବିଧା ନୁହେଁ । ମୁଁ ମାନିଲି ନାହିଁ । ଗାଆଁକୁ ଫେରି ବୀରୁଭାଇଙ୍କ କାଂଦୁରା ମୁହଁ ଦେଖିବା ପୂର୍ବରୁ ମୁଁ ଯୋଡ଼ିଏ କାମ କଲି । ହାଇକୋର୍ଟରେ ରିଟ୍ ପିଟିସନ୍ ଦାଖଲ କଲି ଏବଂ ଚତୁରଂଗ ଦଳ ତ୍ୟାଗ କରି ନଂଦୀଘୋଷ ଦଳରେ ମିଶିବା ପାଇଁ ଦରଖାସ୍ତ ଦେଇ ଆସିଲି । ସେତେବେଳକୁ ଜାତୀୟ ନିର୍ବାଚନ ମାତ୍ର ମାସଟାଏ ବାକୀ ।

ହାୟ ! ମୁଁ ଏଇୟା ଆଗରୁ କଲିନାହିଁ କାହିଁକି ? ସେଇ ଅଶାନ୍ତ ସଂଜରେ ଯେଉଁ ଦିନ ମୋତେ ବୁଦ୍ଧି ଦିଶିଲା, ତା'ପର ଦିନ ସେକାଳେ ମୁଁ ମୋର ଦେଖିଲା କାମ କଲି ନାହିଁ କାହିଁକି ? ଗାଲୁଆ ଗୌତମ, ଗଂଧିଆ ଗୌତମଂକର ମୋହ ତଥାପି ଛାଡ଼ି ପାରିଲି ନାହିଁ ? ରାଂଡ଼ି ସେଇ ଘଇତା କଲି .....

ମହିଷମର୍ଦିନୀ ପ୍ରସାଦ ରାଉତ ଦୁଇ ହାତରେ ମୁହଁ ଘୋଡ଼ାଇ ବସି ପଡ଼ିଲେ । ଡ଼ାମରାକାଉ ଖବର ଜଣାଇ ଯଥେଷ୍ଟ ସହାନୁଭୂତି ଦେଇ ଚାଲିଗଲାଣି, କାହିଁକିନା ତା'ର ସ୍ତ୍ରୀଂକର ଦାଂତ ବିଂଧୁଛି । ଡ଼ାକ୍ତରଂକ ସଂଗରେ ଆପଏଂଟ୍‌ମେଂଟ୍ ଅଛି । କମରା ଶୂନ୍ୟ । କିଂତୁ ଅଳ୍ପ ସମୟ ପରେ ଅନ୍ୟମାନେ ଆସି ପହଂଚି ଯିବେ, ଭେଳା ଭେଳା କାଉ, କଜଳପାତି, କେତେକିସମର ଚଢ଼େଇ, ନୂଆ ପୁରୁଣା ନଂଦୀଘୋଷୀ । ତପନ ସହରର ଏଇ

Digitized by srujanika@gmail.com

ହୋଟେଲ୍ କମରାରେ ଜମିଯିବେ । ଆଶା ଆଶ୍ୱାସନା ଓ ଟନିକ୍ ପିଆଇବାକୁ ଆସିବେ । ପ୍ରାର୍ଥୀ ଏମ୍. ପି. ରାଉତ ପଳାଇଯାଇ ପାରିବ ନାହିଁ । ରାଉତବାବୁଂକ ମୁହଁଲୁଚା ନିରାଶା ଅଂଧାରକୁ ତପନର ସଂଜ ସତେ ପଣତରେ ଢାଂକି ଦେଲା । ଆହୁରି ଅଂଧାର । ଆଃ । ରାଉତ ପୁଅକୁ କେହି ଦେଖିନାହିଁ, କେହି ଦେଖିବ ନାହିଁ । ପୁଅ ଜନ୍ମି ନାହିଁ । ନାହିଁ ।

ଅଂଧାର ଭିତରେ ତପନ ସହରର ଶବ୍ଦ ଶୁଭିଲା । ଧଡ଼ ଧଡ଼ ହୋଇ ମାଡ଼ି ଚାଲିଥିବା ଟ୍ରକ୍ । କୋକାହଳ । ପେଁ ପାଁ କେଁ କାଁ କଟର କଟର । ତଳୁ କଳା ତେଲରେ ଛଣା ହେଉଥିବା ପକୋଡ଼ାର ବାସ୍ନା ଆସିଲା । ପୁଝାରୀଂକର ଅଂତଲା ପେଟରେ ଓହଳିଥିବା ସନାତନ ପଇତା ମଧ୍ୟ ଆଖିଆଗରେ ଦିଶିଗଲା । କିଛି ଲୁଚିବ ନାହିଁ । ଅଲାଜୁକ ତପନ ସହର ମୋତେ ଖୋଜି ଆଣିବ । ଅଧାଂରକୁ ମାର ଗୋଲି । ଠିକଣା ଜାଗାରେ ଆଲୁଅ ଜଳିବ । ଅସନା ମହକିଆ ପାପ ଉଜଳା ହୋଇ ନାଚିଉଠିବ । ନାଚ ମଝିରେ ଫୋନ୍ ଆସିବ—ମୁଁ ହେଉଛି ଭୀଷ୍ମଦେବ । ...ଆସିଛ ? ଆସ ମୋ ଗେହ୍ଲା ଆସ । ସେଇ ଆମର ନଈକୂଳିଆ ଗୋପନ ଥାନ, ଭଂଗା କାଂଥ ଭିତରେ ଆକାଶର ପବନ ମିଶି ଆସୁଥିବ । କେବଳ ଭଲପାଇବା ଅଜସ୍ର ଭଲପାଇବା ନେଇ ମୁଁ ତୁମକୁ ଗୋଟିପଣେ ନେଇଯିବି ।

ସମସ୍ତେ କହୁଥିଲେ ରାଜଧାନୀକୁ ଚାଲୁନ୍ତୁ । ସେଇଠି ଧରାଧରି କୁହାବୋଲା ନ କଲେ ଚଳିବ ନାହିଁ । କିନ୍ତୁ ମୁଁ ଗଲି ନାହିଁ, ତପନକୁ ଆସି ଅପେକ୍ଷା କଲି । କାହିଁକିନା ମୁଁ ଜାଣିଥିଲି ଏଇଠି ମୋର ବିପଳତାକୁ ଜଣେ କେହି ଶୋଷିନେବ । ମୁଁ ଲୁଚିବାକୁ ହଜିବାକୁ ବସିଲାବେଳେ ସେଇ ମୋତେ ଡାକିବ, କହିବ ଯେ ମୋଠି ଠେଇଁ ଲୁଚିଯାଅ, ହଜିଯାଅ ତା'ପରେ ସଂପୂର୍ଣ ସୁଂଦର ହୋ ତୁମର କର୍ମଜୀବନକୁ ଫେରିଯିବ । ସ୍ୱନାମଧନ୍ୟ କର୍ମବୀର ଏମ. ପି. ରାଉତ । ନିବାସ ଗୋବିଂଦପୁର ।

ଏଥର ପାରିବୁ ନାହିଁ ଲୋ ପାରିବୁ ନାହିଁ । ରାଉତ ବାବୁ ତିକ୍ତ ହସ ହସିଲେ । ଏଥର ମୁଁ ସତସତିକା ବିପଳତାର ବିଷ ନେଇ ଆସିବି । ଏସନ ବିଷକୁ ତୋର ଉଲ ପାଇବା କୁକେଇବ ନାହିଁ । ମୋର ବାପ ମରିଗଲା । ଆଉ ଗୋଟିଏ ବାପକୁ ଧରିବା ପାଇଁ ହାତ ବଢ଼େଇଥିଲି । ସେ ମୋତେ ଚିହ୍ନିଲା ନାହିଁ । ମୋର ଭାଇମାନଂକ ପାଇଁ ମୁଁ କିଛି କରିପାରିବି ନାହିଁ । ସେମାନେ ଆଉ ମୋତେ ପାଖରେ ପୂରେଇବେ ନାହିଁ । ରାଉତପୁଅକୁ ଲୁଚେଇଲେ କେତେ ଦେଖେଇଲେ କେତେ । ତପନ ହାତରେ ତଳେ ଗଡ଼ି ପଡ଼ିଥିବା ପଚା ବାଇଗଣ, ଟୋକେଇରେ ଥାନ ନାହିଁ କି ଷଂଢ଼ ଛୁଇଁବ ନାହିଁ । ପାରିବୁ ନାହିଁ ଲୋ ପାରିବୁ ନାହିଁ । ତଥାପି ମୁଁ ଯିବି ତୋ ପାଖକୁ । ତା ଛଡ଼ା ମୋର ଗତି କଅଣ ଅଛି ?

କବାଟରେ ଖଟ୍ ଖଟ୍ ଶବ୍ଦ ଶୁଭିଲା । ନିରାକାର ମିଶ୍ର । ସଂଗରେ ଆଉ ଦୁଇ ତିନି ଜଣ । ସେମାନଂକ ଓହଳା ମୁହଁରୁ ଜଣାପଡୁଛି ସେମାନେ ମଧ୍ୟ ରାଜଧାନୀରୁ ଖବର ପାଇ ସାରିଲେଣି । ପହିଲେ ଖୋକାଣ୍ଟୁ ଢାଳିବା ପାଇଁ ଆସିଛଂତି । ନିରାକାର ମିଶ୍ର ଜଣେ ପ୍ରଧାନ ନଂଦୀଘୋଷୀ । ସେଇ ମୋତେ ସବୁଠାରୁ ବେଶୀ ଉସ୍କେଇଥିଲେ । ନେତା ବନିବାର ସ୍ୱପ୍ନ

Digitized by srujanika@gmail.com

ଦେଖାଇଥିଲେ । କହିଥିଲେ ଚିତ୍ତଗୁରୁଂକୁ ମୋର ଗୁଣଗ୍ରାମ ଅଛପା ନାହିଁ । ସେ ଚାହାଂତି ଯେ ସଚ୍ଚୋଟ କର୍ମୀମାନେ ଲୋକ ପ୍ରତିନିଧି ହେବେ, ଯେପରିକି ଚତୁରଂଗୀମାନଂକ ପରି ସେମାନେ କ୍ଷମତାକୁ ଧରି ବସିବେ ନାହିଁ, ଲୋକମାନଂକର ସୁଖ ଦୁଃଖ ଚିହ୍ନିବେ, ସେମାନଂକର ସେବା କରିବେ କରିଯିବେ....ହୁଁ ! କହିବି ନିରାକାରବାବୁ ? କେଉଁଥିପାଇଁ ମୋ ନା କାଟିଦେଲେ, ଡ଼ାମରାକାଉ ମୋତେ ଯାହା କହିଗଲା କହିବି ? ନା, କହି କିଛି ଲାଭ ନାହିଁ । ସବୁ ସମାନ । ରାଜନୀତି ।

''ବାରନାରୀ ! ବେଶ୍ୟା !!'' ହଠାତ୍ ନିରାକାରବାବୁ ଚିତ୍କାରକରିଉଠିଲେ । ରାଉତବାବୁ ଚମକି ପଡ଼ିଲେ । ସାଂଗରେ ଆସିଥିବା ଲୋକମାନେ ମୁହଁ ଚାହାଁଚୁହିଁ ହେଲେ । ନିଆଁଗିଳା ନିରାକାର ମିଶ୍ରଂକୁ କିଏ ନ ଜାଣେ ?

ରାଜନୀତି ହେଉଛି ଗୋଟାଏ ବେଶ୍ୟା ! ଯିଏ ବେଶି ଧନ ଆଣିଦେବ, ନିଶ ମୋଡ଼ିବ, ଅଂଡ଼ିରାପଣର ଧମକ ଦେଖେଇବ ସେ ତାରି ମୁଂଡ଼ରେ କଳସ ଢ଼ାଳିବ ତାକୁଇ ଶାଳୀ.....ନିରାକାରବାବୁ ଅକଥ୍ୟ ଭାଷାରେ କଣ କହିଗଲେ ତାର ବାଗବାଇଶ ନାହିଁ ।

ତାଂକର ବାକ୍ୟବାଣ ସରୁ ନସରୁଣୁ ରାଉତବାବୁ ହସିଉଠିଲେ । ଏମିତି ଠୋ ଠୋ ହୋଇ ଝୁଲି ଦୋହଲି ହସିଲେ ଯେ ଅନ୍ୟମାନେ ଦୃଶ୍ୟ ଦେଖିଲା ପରି ଚାହିଁ ରହିଲେ । ଜଣେ ନୀରବକର୍ମୀ ଆମ ନିରାକାରବାବୁଂକ ସାଂଗରେ ତାଳ ଦେଇ ପାରିବାର ଦୃଶ୍ୟ । ହେଲେ ରାଉତବାବୁ ସେମାନଂକୁ ଘେନା କଲେ ନାହିଁ । ପ୍ରତ୍ୟହ ଜୀବନରେ ଥରେ କେଉଁ କବିତାର ପଦୁଟିଏ ପଢ଼ିଲେ ସହସା ଜୀବନରହସ୍ୟ ଖୋଲିଗଲା ପରି ମନେହୁଏନାହିଁ ? ଇଉରେକାର ଉଲଗ୍ନ ଇଚ୍ଛାସରେ କ'ଣ ବୋଲି କ'ଣ କରି ପକେଇବାକୁ ଇଚ୍ଛା ହୁଏନାହିଁ ? ତାଂକୁ ସେମିତି ଲାଗିଲା.....କିଂତୁ ମୁଁ ହସୁଛି ଏଇଥିପାଇଁ ଯେ କାଂଦିବା ମନା । ବାରନାରୀ ଉପରେ ମାନକରି କେହି କାଂଦେ ନାହିଁ ।

ହସୁଛି ଏଇଥିପାଇଁ ଯେ ବାରନାରୀକୁ ମୁଁ ଜାଣିନାହିଁ ତ ଆଉ ଜାଣିବ କିଏ ? ମୁଁ ବେଶ୍ୟାବରେଣ୍ୟାକୁ ଜାଣିଛି । କିଂତୁ ସଂସାରସମସ୍ତ ତାରି ଇଲାକା ବୋଲି ଧାରଣା ନ ଥିଲା । ତା'ଛଡ଼ା ମୁଁ ରମଣର କାଇଦା ବୁଝିପାରି ନଥିଲି ।

ହସ ଥମିଗଲା ପରେ ରାଉତବାବୁ ଗଂଭୀର ହୋଇଗଲେ । ତାଂକ ପାଟିରୁ କଥା ବାହାରିଲା ନାହିଁ । ଆଉ କେତେଜଣ ନଂଦୀଘୋଷୀ ଆସି ପହୁଂଚିଗଲେ । ନିରାକରବାବୁଂକ ସମେତ ଦୁଇଜଣ ପ୍ରସ୍ତାବ କଲେ ଯେ ରାଉତବାବୁ ସ୍ୱାଧୀନପାର୍ଥୀ ହିସାବରେ ଛିଡ଼ା ହୁଅଂତୁ । ରାଉତବାବୁ ଚୁପ୍ ରହିଲେ । ଆଉ କେତେଜଣ କହିଲେ ଯେ ଗୋଟିଏ ନୂଆଦଳ ଗଢ଼ାହେଉ, ତା ନାଆଁ ଦିଆଯାଉ ନବନଂଦୀଘୋଷ, ଯେହେତୁ ରାଉତବାବୁଂକ ପରି ଆହୁରିଅନେକ ଉପଯୁକ୍ତ ପ୍ରାର୍ଥୀଂକ ନାଁ କଟିଯାଇଛି । ମୁଷ୍ଟିମେୟ ଉପରବାଲା ପ୍ରିୟାପ୍ରୀତି ହାତଗୁଂଜାରେ ବଶ ହୋଇ ଯେତେକ ଅନାଡ଼ିକୁ ବାଛିଛଂତି, ଚିତ୍ତଗୁରୁଂକ ନାଆ ଡୁବେଇବାକୁ ବସିଛଂତି । ସେଇଠୁଁ ଜଣେ ପ୍ରସ୍ତାବ କଲେ ଯେ ନୂଆ ଦଳର ନାଆଁ ଦିଆଯାଉ

Digitized by srujanika@gmail.com

ସତ୍ୟ ଚିଉଗୁରୁ ସମିତି । ରାଉତ ବାବୁ ଇଷତ୍ ସ୍ମିତହାସ ଦେଇ ନୀରବ ରହିଲେ । ଜଣେ ତାଂକ ଆଡ଼କୁ ଆଖିମିଟିକା ମାରିବାର ଦେଖାଗଲା, ଯାହାର ଅର୍ଥ ହେଉଛି ସାବଧାନ, ଆରକର କଥା ଶୁଣନାହିଁ, ସେ ହେଉଛି ଉପରବାଲାଂକର କିଂବା ଆବୁ ଜେନାର ଗୁପ୍ତଚର । ରାଉତବାବୁ ବୁଦ୍ଧଂକ ପରି ଶାଂତି ମୁଦ୍ରାରେ ବସିରହିଲେ । କେତେବେଳେକେ କହିଲେ— ଧନ୍ୟବାଦ । ଅନେକ ଧନ୍ୟବାଦ । ଦୟାକରି ମୋତେ ଏକୁଟିଆ ଛାଡ଼ିଦିଅଂତୁ ।

ଜଣକ ପରେ ଜଣେ ବିଦାୟ ନେଲେ । ଯିବା ପୂର୍ବରୁ ନିରାକାରବାବୁ ହାତ ମିଳେଇ କହିଲେ—ଭାଂଗି ପଡ଼ଂତୁ ନାହିଁ । କିଛି କରିବାକୁ ହେବ ।

ରାଉତବାବୁ ତାଂକୁ କଟମଟ କରି ଚାହିଁଲେ । ଆହୁରି ପାଠ ପଢ଼ାଂତୁ ନାହିଁ । ମୋର କେବଳ ନାଆଁ କଟି ନାହିଁ । ନାବାଳିକି କଟିଯାଇଛି ।

ଫୋନ୍ କରିବି ନାହିଁ । ମୁଁ ତୋର ଭୀଷ୍ମଦେବ, ଗୋପନ ପ୍ରେମିକ, ସ୍ୱେଶାଲ ବୋଲି ଜଣାଇବା ଅନାବଶ୍ୟକ । ନିରୋଳା ନଈକୂଳ ଘରେ ଶେଯବିହୀନ ଦଉଡ଼ିଆ ଖଟରେ ପ୍ରେମ କରିବା । ନିତାଂତ ରୋମାଂଟିକ୍‌ପଣ, ମୂର୍ଖତା । ମୁଁ ସିଧାସକଖ ବିପଣୀରେ ପହୁଂଚିବି । ଆଉ ଜଣେ ଗରାଖ, ମହିଷମର୍ଦିନୀ ପ୍ରସାଦ ରାଉତ । ସେଇଠୁଁ ତାର ସର୍ବସାଧାରଣ ନରମ ଶେଯରେ, ମଇଳା ଶେଯରେ.....

ଯିବି । ବେକ ପଡ଼ିଛି । ପ୍ରଥମେ ନିଜକୁ ଆଉ ଟିକିଏ ଦେଖିନିଏ । ରାଉତପୁଅର ଏ ଦଶା କାହିଁକି ହେଲା, କେମିତି ହେଲା । ଆସି ଚାଳିଶ ଟପିଲାଣି, ଏତେଦିନଯାଏଁ ମୋର ଆଖି ଖୋଲି ନଥିଲା କାହିଁକି ? ଏତେଦିନଯାଏଁ କେମିତି ବୁଝିପାରି ନଥିଲି ଯେ ମୁଁ ହେଉଛି ପୁରୁଷ, ଆଉ ଏଇ ଚଳମାନ ପ୍ରକୃତି ମଣିଷ ସଂସାର ହେଉଛି ନେବାପାଇଁ, ବାରନାରୀକୁ ଚୁପୁଡ଼ି ଚକଟି ଯେତିକି ନେଇପାରିବ ସେତିକି ବଡ଼ ହେବ, ମେଂବର ମଂତ୍ରୀ, ନେତା, ଗୌତମଜୀ, ଚିଉଗୁରୁ.....

ଏମିତି କାହିଁକି ହେଲା ? ତିନି ଭଉଣୀରେ ଗୋଟିଏ ଭାଇ, ବାପମାଆଂକର ନୟନଧନ, ଆଶାର ଆକାଶକୁସୁମ—ସେଇଥିପାଇଁ ? ନା ବାପା ଚାହିଁଥିଲେ ମୁଁ ମଧ୍ୟବିତ୍ତ ଆକାଶର ମଧ୍ୟମବର୍ଗ ତାରାଟିଏ ହୋଇ ବସିବି, ଡ଼େପୁଟି ଓକିଲ, ଇଂଜିନିୟର, ଏମିତି କିଛି । ମୁଁ ଫାଷ୍ଟକ୍ଲାସ୍‌ରେ ଏମ୍.ଏ. ବି.ଏଲ୍. ପାସ୍ କଲାପରେ ତାଂକର ଆଖି ଆଉ ଟିକିଏ ଉପରକୁ ହେଲା । ଅଲ୍ ଇଂଡ଼ିଆ ସର୍ଭିସ୍, ବାରିଷ୍ଟରି ଇତ୍ୟାଦି । କିଂତୁ ମୁଁ ଭାବିଲି ସେଥିରେ ମୋର ଆତ୍ମା ଶାଂତି ହେବ ନାହିଁ । ମୁଁ କିଛି ହେବାକୁ ଚାହେଁ ନାହିଁ । ମୁଁ ତୁମମାନଂକୁ ଚାହେଁ । ଅତି ଉତ୍ତମ ଭଲପାଇବା ଚାହେଁ.....ସେତିକି ପାଇଲେ ମୁଁ ନିଜକୁ ସଁପି ଦେବି । ମୁଁ ତୁମର, ମୋତେ ନିଅ, ଗେହ୍ଲାକର, ଗିକି ଦିଅ ।

ଠାକୁରେ ମୋତେ ନିଅ, ମୁଁ ନିଜକୁ ଭୋଗ ଦେବି ।

ସାଧାରଣ ବାପା ଠାକୁର ହୋଇପାରିବେ ନାହିଁ, ମୁଁ ଗୌତମଜୀଂକୁ ଧରିଲି । ସାଧାରଣ ଭାଇ ବଂଧୁ କୁଟୁଂବ ଠାକୁର ହୋଇପାରିବେ ନାହିଁ, ଦରିଦ୍ରନାରାୟଣଂକୁ ଧରିଲି ।

Digitized by srujanika@gmail.com

ସାଧାରଣ ସ୍ତ୍ରୀ ମୋତେ ବାଂଧି ରଖିବ, ମୁଁ ବାହା ହେଲି ନାହିଁ । ବାହା ହେଲି ନାହିଁ, ଅବଂଧନାକୁ ଧରିଲି.....ସର୍ବଥା ସେଇ ଆର୍ତନାଦ, ମୋତେ ନିଅ, ମୋତେ ତୁମଠି ମିଶାଇ ଦିଅ ନହେଲେ ମୋତେ ଡ଼ର ମାଡ଼ିବ । ନିଦଉଂଗା ଦୁଃସ୍ୱପ୍ନରେ ହାତ ଗୋଡ଼ କଂପିଉଠିବ । ବାଳୁତ ଶିଶୁ, ସାନ ଦେହମନକୁ ନେଇ ପୃଥିବୀକୁ କଳି ପାରୁନାହିଁ, ନଜକୁ ଦଜରେ ନ ମିଶେଇଲେ ଦଳ ହୋଇପାରିବନାହିଁ । ମଣିଷରେ ଗଣା ହେବି ନାହିଁ..... । ବୁଝିଲୁ ରାଉତ ପୁଅ, ଏଇ ହେଲା ତୋର ମହାନ ସେବାଧର୍ମର ଫିଲସଫି ।

ମୁଁ ଯିବି ତା' ପାଖକୁ ଯିବି । ଆରେ ଏତେ ଅସ୍ଥିର କାହିଁକି ? ପୁଣି ସେଇ ପିଲାଳିଆମି ? ଆତୁରପଣ ?

ଭୋକ କରୁଛି । ହଁ ସକାଳପହରୁ ଖାଇନାହିଁ । ଆଗ ପେଟପୂଜା, ତା'ପରେ ଯେଉଁ କଥା । ରାଉତବାବୁ ହୋଟେଲ ବଏ ନରିଆକୁ ଡ଼ାକ ଛାଡ଼ିଲେ, ସାଂଗେ ସାଂଗେ ମଟନ୍‌ଚପ୍, ସାଲାଡ୍ ଆଣି ପହଂଚେଇବାକୁ ଆଦେଶ ଦେଲେ ।

ଆହାର କ୍ରୟା ସରିଲାପରେ ଆଉ ଗୋଟିଏ ଭୋକ ଆସିବ । ସେକ୍‌ସ । ସେଇଠୁଁ ପାହାଚ ଓହ୍ଲେଇ ତଳକୁ ଯିବୁ । ତା'ପାଖକୁ ଯିବୁ । ତୋର ସେଇ ସେଶାଲ ବାରନାରୀ ଅନିଂଦିତା ଅବଂଧନାକୁ ଭକ୍ଷଣ କରିବୁ । ବୁଝିଲୁ ?

(ଆଃ ତା'ଉପରେ ରାଗିବି କାହିଁକି ? ସେ କ'ଣ ମୋତେ କେଉଁଥିପାଇଁ ମନା କରିଛି ? ଦେଲେ ନେଲେ ଯାହା କଲେ ତାର କେଉଁଥିରେ ଆପତ୍ତିଅଛି ? ସେ କଣ ମୂଳରୁ କହିନାହିଁ ଯେ.....ରାଉତବାବୁ ବଢ଼ିଆସୁଥିବା ବିପଜ୍ଜନକ କୋମଳଭାବକୁ ଦବେଇଦେଲେ । ମଟନ୍‌ଚପ୍, ସାଲାଡ୍‌କୁ ଅପେକ୍ଷା କଲେ ।)

ଖାଇଲାବେଳେ ଅନ୍ୟ କୌଣସି ଭାବ ମନକୁ ଆସିବା ଉଚିତ୍ ନୁହେଁ ବୋଲି ନିଜକୁ ତିଆରିଲେ ମଧ୍ୟ ସେ କଣ କହିଥିଲା ମନେପଡ଼ିଲା । କହିଥିଲା—ମୁଁ ତୁମଠୁଁ କିଛି ନେବାକୁ ଚାହେଁ ନାହିଁ । ଟଂକା ନୁହେଁ, ସୁନା ନୁହେଁ, ଫୁଲଫକଟିଏ ନୁହେଁ । କିଂତୁ ମୁଁ ତୁମର ଆସିବା ବାଟକୁ ଚାହିଁ ବସିଥିବି । ଯେବେ ଆସିବ ଯେତେବେଳେ ଆସିବ ! ଭୀଷ୍ମଦେବଂକୁ ପାଇବା କଅଣ ସହଜ କଥା ।

ଭୀଷ୍ମଦେବ ! ଏମ୍ ଏ ପାସ କରିବା ପରେ ମୁଁ ତପନ ସହରକୁ ଭଲଭାବରେ ଚିହ୍ନିବାର ସୁଯୋଗ ପାଇଲି । ସେତେବେଳେ ତ୍ୟାଗ ଆଦର୍ଶର ଭୂତ ମୋ ମୁଂଡ଼କୁ ପୂରାପୂରି ଚଢ଼ିନଥାଏ, କିଂତୁ ଗୋବିଂଦପୁରରେ ବସିରହି ବାପାଂକର ଉପଦେଶ, ବୋଉର ଅଳି ଶୁଣିବାକୁ ଇଚ୍ଛା ହେଉ ନ ଥାଏ । ନୂଆ ନୂଆ ଗୌତମଜୀଙ୍କ ବାଣୀ— ଆସ ଭାରତର ନବ ଯୁବକ, ସାମାନ୍ୟ ସ୍ୱାର୍ଥ ଛାଡ଼ି ଦେଶମାତୃକାର ଓଠରେ ହସ ଆଣି ଦିଅ ଇତ୍ୟାଦି ଗୁଂଜରୁ ଥାଏ । ତେଣୁ ବଂଧୁମାନଙ୍କ ସଂଗେ ତପନର ଗଳି କଂଦି ଖୋଜି ବୁଲିବା, ରେସ୍ତୋରାଁ ସିନେମା ବଜାର ଘାଟରେ ତର୍କ ଫାଜିଲାମି କରିବା ଗୋଟିଏ ଆବଶ୍ୟକ ସମୟର ବ୍ୟବଧାନ ହୋଇ ରହିଥିଲା । ମୁଁ ସବୁଥିରେ ଥିଲି କିଂତୁ କେଉଁଥିରେ ମଜ୍ଜି ଯାଇ

Digitized by srujanika@gmail.com

ପାରୁ ନ ଥିଲି । ବ୍ୟବଧାନର ଶୂନ୍ୟତାକୁ ହେଜୁ ଥିଲି । ଏଇ ମାସକ ପରେ, ତିନି ମାସ ପରେ ଶୂନ୍ୟତା କୁ କାଟି ଦେବି, ବାପାଂକୁ ସିଧା ସିଧା କହିଦେବି, ଗୌତମଜୀଂକ ଦଳରେ ମିଶିଯାଇ ଦେଶ୍ର କାମ କରିବି ବୋଲି ବିଚାରୁଥିଲି । ବିଚାରିଥିଲି, ଆଲୁଅ ଦେଖିବା ପାଇଁ ଅପେକ୍ଷା କରିଥିଲି ।

ଏଇ ସମୟରେ ଯଥାକ୍ରମେ ବେଶ୍ୟାଳୟରେ ପହୁଂଚିବା ବିଚିତ୍ର ନୁହେଁ । କିଂତୁ ମୁଁ କେବଳ ସେଠିକି ଯିବି ଦେଖଣାହାରୀ ହୋଇ ବସିରହିବି ବୋଲି ସ୍ଥିର କରିଥିଲି । ସେଇଆ କଲି । ମୋ ''ଭାଗ''ରେ ଯେଉଁ ଝିଅ ପଡ଼ିଲା, ମୁଁ ତା'ର କୋଠରୀକୁ ଗଲି କିନ୍ତୁ ଚୁପ୍ ହୋଇ ବସିରହିଲି । କହିଲି କେତେ ଦେବି କୁହ, ମୁଁ ଆଉ କେଉଁଥିକି ପାରିବି ନାହିଁ । ସେ ଅବାକ୍ ହୋଇ ମୋ ଆଡ଼କୁ ଚାହିଁଲା । କହିଲା— କଣ ହୋଇଛି ତୁମର ? ବେମାର ହୋଇଛ ? ବାପା ମନା କରିଛନ୍ତି ? ନା ?? ମୋତେ ରାଗ ଲାଗିଲା । ତାର ମୁହଁ ବଂଦ କରିଦେବା ପାଇଁ କହିଲି— ମୁଁ ସାଧାରଣ ପୁରୁଷ ନୁହେଁ । ମୁଁ ଭୀଷ୍ମଦେବ । ଏପଦକରେ ତାର କ'ଣ ହେଲା କେଜାଣି ସେ ହସି ହସି ଗଡିଗଲା । ମୋ କୋଳରେ ଲୋଟିପଡ଼ିଲା । ମୋର ମୁଁହକୁ ଦୁଇ ହାତରେ ଟୋକି ଧରି କହିଲା ହେଉ ହେଉ, ମୁଁ ତୁମ କଥା ମାନୁଛି । ନାଲିରଂଗ ପାଉଁଶିଆ ପାଉଡର ବୋଳା ଅଳ୍ପବୟସୀ ମୋତେ ଅଥୟ କରିଦେଲା, ସେଇ କେତୋଟି ମୁହୂର୍ତ୍ତରେ ଚେତାଇ ଦେଲା ଯେ ସେ ନାରୀ.... ଗୋଟଏ ନାରୀ ଯେ ମୋତେ ଛାଡ଼ିବ ନାହିଁ, ମୋତେ ଛାଡ଼ିବ ନାହିଁ, କିନ୍ତୁ ବାଂଧି ରଖି ପାରିବ ନାହିଁ, କାହିଁକି ନା ସେ ବାରନାରୀ । ସେଇଠୁ ସେ କହିଲା (ସେତେବେଳେ ତା'ର ଚେପେଟା ନାକ ବଡ଼ କପାଳ ସତ୍ତ୍ୱେ ବି ସେ ସୁନ୍ଦର ଦେଖାଗଲା ।) କହିଲା— ମୁଁ ତୁମ ଠାରୁ କିଛି ନେବାକୁ ଚାହେଁ ନାହିଁ....ଉତ୍ୟାଦି ।

ସେବା ଦୀକ୍ଷା ନେଇ ସାରିଲା ପରେ ମୁଁ ତା ପାଖକୁ ଆଉଥରେ ଗଲି । ସେଦିନ ମୁଁ ତାକୁ ଭଲ ବାଟରେ ଆଣିବାକୁ ଚେଷ୍ଟା କରିବାକୁ ଭାବିଥିଲି । ମୁଁ କିଛି କହିବା ଆଗରୁ ସେ ମୋତେ ଆଉ ସେଠିକି ଆସିବାକୁ ବାରଣ କଲା । କହିଲା ମୁଁ ତା'ପାଇଁ ଭିନ୍ନ, ଅନନ୍ୟ ଭୀଷ୍ମଦେବ । ଉପାୟ ବତାଇ ଦେଲା, ନଈ କୂଳରେ ଗୋଟିଏ ଅଲୋଡ଼ା ଗୋଦାମ ଘର..... । ମୁଁ ତା' କଥା ମାନିଲି ।

ମାନିଲି ଏଇଥି ପାଇଁ ଯେ ସେ ହେଉଛି ଅନନ୍ୟା, ସେ ମୋର ସେବା ଧର୍ମକୁ ତାର ଭଲ ପାଇବାରେ ମାଖିଦେବ, ମୁଁ ଥକିଗଲାବେଳେ..... ମିଛ.....ମାନିଲୁ ଏଇଥିପାଇଁ ଯେ ତୋର ସେକ୍ସ ଯୌନପ୍ରବୃତି ସେବାଧର୍ମରେ ଜର୍ଜରିତ ହୋଇଗଲା । ଭାବିଲୁ ସେଠି ମଧ୍ୟ ତୁ ନିଜକୁ ଭୋଗ ଲଗେଇ ଦେଇ ପାରିବୁ । ସିଏ ମଧ୍ୟ ତୋର ଗୋଟାଏ ଠାକୁର !

ବଂଦ କର !! ମୋର ନାଆଁ କଟିଯାଇଛି, ନାଆଁ ଫେରି ଆସିଛି, ମହିଷାମର୍ଦିନୀ ପ୍ରସାଦ ରାଉତ ଆଜି ଅବଶ୍ୟ ସେଠିକି ଯିବ, ଯିବ ଆଉ ଦେଖେଇଦେବ । ମାଡ଼ିବସି ଦେଖାଇଦେବ ଯେ..... ସେଇଠୁ ନେତାଗିରି ଆରଂଭ ହେବ । ନଂଦୀଘୋଷୀ ଚରୁରଂଗୀ

Digitized by srujanika@gmail.com

ଜଳକା ହୋଇ ଚାହିଁ ରହିଥିବେ । ରାଉତବାବୁ କଣ କରିପାରେ, କେଉଁଠୁ କେଉଁଯାଏ ଦେଖିନେବେ ।

(ବାପା ଚାଲିଗଲେଣି । କିଂତୁ ମୋର ବୋଉ ମରିବା ପୂର୍ବରୁ ଦେଖିବ ତା'ର ପୃଥ୍ୱୀ ବାରବୁଲା ଫକୀର ନୁହେଁ, ନେତା', ମାନ୍ୟବର, ଦେଶଭୂଷଣ..... ।

ରାଉତ ବାବୁ ଖାଇପିଇ ସାରି ତଳକୁ ଓହ୍ଲାଇଲେ, ରାସ୍ତାକୁ ଗଡିଲେ, ଲୋକ ଗହଳିରେ ପଶିଗଲେ । ତାଂକର ସଂଦେହ ହେଲା ଯେ ହୋଟେଲ ଫାଟକ ପାଖରେ ଗୋଟାଏ ଲୋକ ତାଂକୁ ଲକ୍ଷ୍ୟ କରୁଛି, ବୋଧହୁଏ ପିଛା ଧରିବ । ଗୁପ୍ତଚର । କୋଇ ପରୂଆ ନେହିଁ । ରାଉତବାବୁ ଦଂଭରେ ବାଟ ଚାଲିଲେ । ମୁଁ ଉଠିଲିଣି, ଜାଗି ଉଠିଲିଣି, ନିରୋଧିବାର ପ୍ରଶ୍ନ ନାହିଁ ।

ବଜାର ରାସ୍ତାରେ ଠେଲିପେଲି ହୋଇ ଧୂଳି ଧୂଆଁକୁ ନିଃଶ୍ୱାସରେ ଟାଣି ତାଂକୁ ଭଲ ଲାଗିଲା । ମନେହେଲା ଯେ ତପନ ସହର ନ ହୋଇ ଗୋବିଂଦପୁର ଗାଆଁ ହୋଇଥିଲେ ଏଇ ନବ ଜାଗରଣ ଜମି ଥାଆଂତା । କାହିଁକିନା ଏଠି ମଣିଷ ପରେ ମଣିଷ, ପ୍ରବୃତ୍ତ, ପ୍ରମତ୍ତ, ଭାବିବାକୁ ବେଳ ନାହିଁ । କିଏ କାହାକୁ ପେଲି ଦେଇ ଟପି ଯାଇ ଖୁସ୍କୁ ଛୁଇଁବ ସେଇହେଲା ପହିଲି ଆଉ ଶେଷ କଥା । ସେଇଥି ପାଇଁ ରାଜ ପଥ ଏମିତି ଦୁଲୁକି ଉଠୁଛି, ଖାଲ ଡ଼ିପ ସରୁ ନାହିଁ । ମଇଳା ଆବର୍ଜନା ବିଛୁଡ଼ି ହୋଇ ପଡ଼ିଛି, କୁଡ଼ିଆ କୋଠା ଅଶ୍ଳୀଳ ଯୋଡ଼ି ଛଡାଛଡି ହୋଇ ପାରୁନାହାଂତି ।

(ଏତେ ଅଶ୍ଳୀଳତା ନ ଥିଲେ କଣ ଚଂଚଳତା ନାହିଁ ? ଗୌତମଜୀ ଚିତ୍ତଗୁରୁ କଣ ଏଇ ବାଟ ଦେଇ ଯାଇଥିଲେ ?)

ଚାଲେ ଚାଲେ ଅଯଥା ପ୍ରଶ୍ନ ପଚାରିବା ଦରକାର ନାହିଁ ? ତୁ କ'ଣ ତପନ ସହରକୁ ଆଗରୁ ଦେଖିନାହୁଁ ? ସୂଂଗିନାହୁଁ, ଚାଟିନାହୁଁ ?

(ଓଃ, ପୁଣି ସେଇ ଅଶ୍ଳୀଳତା !) ନିଜକୁ ଅପରକୁ ଶଜା କହିଲେ କିଛି ଅଧିକା ଶକ୍ତି ଆସିବ ନାହିଁ । ମୁଁ ନିରାକର ମିଶ୍ର ନୁହେଁ, ମୁଁ ଅଦ୍ୱିତୀୟ ।)

ହଉ, ହଉ, ଚାଲେ । ବାବୁଲି ବଜାର ସରିବାକୁ ବସିଲାଣି, ଆଗରେ ତିନି ମୁହାଣି ଛକ, ସେଇଠୁଁ ବାଆଁକୁ ଯିବୁ । ତା'ପରେ ଚତୁର୍ଥ କି ପଂଚମ ଗଳି ଦେଖିଯିବୁ । ଭୁଲି ଯାଇଥିବାର ବାହାନା କରିବୁ ନାହିଁ । ସାବଧାନ ।

ରାଉତବାବୁ ଚାଲିବାକୁ ଲାଗିଲେ । ତିନି ମୁହାଣି ଛକରୁ ବାଆଁକୁ ଗଲେ, ଗୋଟିକ ପରେ ଗୋଟିଏ ଗଳି ମୁଂଡ଼ରେ ଠିଆ ହୋଇ ମନେ ପକାଇଲେ । ମନେ ପଡୁନାହିଁ । ସତରେ ମନେ ପଡୁନାହିଁ, ସବରେ ମନେ ପଡୁନାହିଁ । ବିଶ୍ୱାସ କର । ରାଉତବାବୁ ଝାଳେଇବାକୁ ଲାଗିଲେ । ସତେ କି ମାଷ୍ଟ୍ରେ ବିଶ୍ୱାସ କରିବାକୁ ନାରାଜ ।

ହେଲା ଏବେ ମନେ ପଡୁଛି । ଯେଉଁଠି ସେଇବଡ଼ ରଂଗୀନ୍ ସିନେମା ପୋଷ୍ଟର

Digitized by srujanika@gmail.com

ସଂବାଦ ଶୁଣାଯାଇଛି । ଗୌଡମାଳୀ କହିଲେ ଚିତ୍ତ ଚଂଦ୍ରମୋହନ ଦେଖିବୁ ଛାରଖାର ଇତିବେବାକୁ ବସିଛଂତି । ଚିତ୍ତ ଚଂଦ୍ରମୋହନ କହିଲେ.....

ମଟଂତୁ ସେମାନେ । ମୁଁ ମୋର ବାଟ ଚିହ୍ନିଚି । ରାଉତବାବୁ ଉଚିତ ଗଢି ଭିତରେ ପଶିବେ : ଏଇ ଗଢିରେ ସିଧା ସିଧା ଯିବ । ଗଢିର ଆରମ୍ଭଂତରେ ତାରିଣୀ ମଂଦିର । ମଂଦିରକୁ ଦି' ଖୋଜ ବାଟୀଥିବ, ଡ଼ାହାଣକୁ ମୋଡିବ । ନାଲି ଜୋଠା । ସେ ମୋତେ ଦେଖିଲା ମାତ୍ରେ.....

(ମୋତେ ଦେଖିଲା ମାତ୍ରେ ତା' ମୁହଁରେ ହସ ଉକୁଟି ଉଠିବ । ଭଲ ପାଇବାର ହସ । ମୁଁ ତାକୁ ପୋଛି ଦେବି କେମିତି ?

ରାଉତପୁଅ, ତଥାପି ଭଲ ପାଇବାର ଭେଳିକି ଦେଖିଛୁ ? ବୁଝି ପାରୁନାହିଁ ଯେ ସେ ହେଉଛି ବେଶ୍ୟାର ହସ ? ତୋତେ ଭଲପାଏ ମାନେ ତୁ ହେଉଛୁ ତା' ପାଇଁ ଗୋଟେ ବିଚିତ୍ର ଗରାଖ, ବ୍ୟତିକ୍ରମ । ସେ ହସିଲେ ତୁ ମଧ୍ୟ ହସିବୁ । ଦାଂତ କିରିଡି ହସିବୁ । ତା'ପରେ ତାକୁ ଭିଡ଼ି ଆଣି....

(ମୁଁ ଜାଣେ, ଜିଂତୁ ସେ ଡ଼ାକିବ ଭୀଷ୍ମଦେବ)

ରାଉତବବୁ ଅଟକି ଗଲେ । ବିଜୁଳି ବେଗରେ ପଇପଲା କଲେ ଯେ ଏ ନିର୍ଜୀବ ନିଷ୍ପ୍ରିୟ ନିଜକୁ ହତ୍ୟା କରିବାକୁ ହେବ ।

କିଛି ସମୟ ପରେ ଦେଖାଗଲା ଯେ ଶ୍ରୀଯୁତ ଏମ୍. ପି. ରାଉତ ଖଡ୍‌ଗଧାରିଣୀ ତାରିଣୀଂକ ସମ୍ମୁଖରେ ଭୂଲୁଂଠିତ ହୋଇ ପଡ଼ିଛନ୍ତି । ଉଠିବାକୁ ନାରାଜ ।

ତାଂକର ଏଇ ଅବସ୍ଥା ଦେଖି ଚରିତ୍ର ବିଶେଷଜ୍ଞ କହିଥାଂତା : ଆହା ସେଇଯା ହେଲା ବଦଳି ପାରିଲୁ ନାହିଁ । ବାରନାରୀକୁ ଛାଡ଼ି ବରନାରୀକୁ ଧରିଲୁ । ଆପଣାକୁ ସଁପି ଦେଲୁ । ଆଜି ଜେନାଂକର ଗୁପ୍ତଚର ପଛରେ ଥାଇ ଦେଖିଲା, ଆଶ୍ଚର୍ଯ୍ୟ ହେଲା, ଆଉ ଆନଂଦରେ କୁରୁଳି ଖାଇ ଭାବିଲା ଯେ ଲୋକଟା ସରିଗଲା, ଯାର ବାପ ଅଜା ଚଉଦ ପୁରୁଷ ଜେନାବାବୁଂକର ସାମନାରେ ଛିଡ଼ା ହୋଇ ପାରିବେ ନାହିଁ । ହେଲେ ରାଉତ ବାବୁ ନିଜକୁ ବଳି ଦେଇ ବର ମାଗୁଥିଲେ, ମାଗି ଚାଲିଥିଲେ । ମାଆଲୋ ମାଆ, ମୁଁ ଇଂଜାଗଡ଼ ଜିଣିପାରିବି ନାହିଁ ଜିଂତୁ ମୋତେ ମୋ ରାବଣକୁ ଚିହ୍ନାଇ ଦେ ।

Digitized by srujanika@gmail.com

ପାଣ୍ଡୁଲିପି

ପାଣ୍ଡୁଲିପିଟି ଏଉଚି ମଳିନ, ଧୂଳିଧୂସର ଏବଂ ଅବହେଳିତ ମନେହେଲା ମୋର ନାନା ପୁରସ୍କାରପ୍ରାପ୍ତ ଏବଂ ପୁରସ୍କାରରୁ ବଞ୍ଚି ଯାଇଥିବା ଚଳଚଞ୍ଚଳିଆ ବହି ସଂଗ୍ରହରେ, ଯେ ମୋତେ ଭାରି ଖରାପ ଲାଗିଲା । ଖରାପ ଲାଗିବାର ଅର୍ଥ ନୁହେଁ ଯେ କେବଳ ମୋର ଜଜାମ୍ବଳ ଆତ୍ମାକୁ ବାଧା ହେଲା । ମଧ୍ୟ ମୋର ଅନ୍ୟ ଏକ 'ଆତ୍ମା'କୁ, ତା'କୁ ନୈତିକ କୁହ ବା ଆଉ ଯାହା । ଅଗତ୍ୟା ମୁଁ ତା'କୁ ପୁଣି ରଖି ଦେଇ ଯଥା ସ୍ଥାନରେ । ଅର୍ଥାତ୍ ମୋ ବହି ଅଲମାରୀର ତୃତୀୟ ଥାକର ପଛ ଧାଡିରେ । ଯେମିତିକି ସିଏ ପୁଣି ପଡି ରହିବ ତା' ଅନ୍ଧାରି ଗୁହାରେ ଏବଂ ଶୀତଳ ଶାନ୍ତିର ଆରାମ କରୁଥିବ । ଅନ୍ତତଃ ମୋ ମଲା ଯାଏଁ । ତା'ପରେ ତା ଭବିଷ୍ୟତ ନିର୍ଭର କରେ ମୋର ଦାୟାଦମାନଙ୍କ ଉପରେ, ଯେଉଁମାନେ ମୋ ବହି ଆଲମାରୀକୁ ମନଇଚ୍ଛା ଘାଣ୍ଟିବେ, ତାଙ୍କେ ମୋର କେଉଁ ଭୁଲି ହୋଇ ଯାଇଥିବା ଜିନ୍ସ ଲୁଚେର ରଖିଥିବା ଲେଖାକୁ ଛପେଇବା ଉଚିତ ହେବ ପରା ।

ଆପଣମାନେ ଭାବୁଥିବେ ଯେ ବୋଧହୁଏ ଏଏ ଲେଖକଙ୍କର ଏକ ଘୋର ଅଶ୍ଳୀଳ ପାଣ୍ଡୁଲିପି, ଯାହାକୁ ସେ ଲେଖି ପକେଇଥିଲେ ତାଙ୍କ ଗଭୀର ସତ୍ୟନିଷ୍ଠାର ପରାକାଷ୍ଠା ଦେଖାଇ । ହେଲେ ତା'କୁ ଛପେଇବାକୁ ସାହସ ହେଲା ନାହିଁ । ଏଣେ ବଞ୍ଚି ଥାଉ ଥାଉ ତା'କୁ ପୋତି ଦାଢି ନିଶ୍ଚିହ୍ନ କରି ଦେବାକୁ ମଧ୍ୟ ସତ ବଳୁ ନାହିଁ । ବିଚରା ! ଏଇ ଦଶା ହୁଏ ପ୍ରତିଷ୍ଠିତ, ତେଣୁ ଇମେଜ୍ - ଜାତର ଲେଖକମାନଙ୍କର, ଯେଉଁମାନେ ସତିଆ ହେଲେ ମଧ୍ୟ ଛେରୁଆ ।

କ୍ଷମା କରିବେ, ଆପଣଙ୍କୁ ନିରାଶ ହେବାକୁ ପଡିବ । ଯେହେତୁ ପାଣ୍ଡୁଲିପିଟି ମୋର ନୁହେଁ । ଗୁଣନିଧି ଓରଫ୍ ଗନୁ ପଟ୍ଟନାଏକର, ଯେ ତା'ର ପାଞ୍ଚଶହ ଚଉବନ ପୃଷ୍ଠା ସଂବଳିତ 'ପ୍ରେମକଥା' ନାମକ ଏକ ବିରାଟ କବିତା ସମାହାର (ଯାହାକୁ ସେ କାବ୍ୟ ବୋଲି କୁହେ) ମୋତେ ଦେଇଥିଲା, ଛପେଇବା ପାଇଁ । କିନ୍ତୁ ମୁଁ ତା'କୁ ଛପେଇ ପାରିନାହିଁ । ଲେଖକ ହିସାବରେ ମୋର ଯେଉଁ ପ୍ରତିଷ୍ଠା ରହିଛି, ତା'ରି ବଳରେ ମୁଁ ପ୍ରକାଶକମାନଙ୍କ ଉପରେ ଚାପ ଦେଇ ପାରିଥାଆନ୍ତି । ଅଥଚ ମୁଁ ତା'କୁ ଛପେଇବା ଦିଗରେ କୌଣସି ଉଦ୍ୟମ କରିପାରିଲି ନାହିଁ । ପାଣ୍ଡୁଲିପିକୁ ମଧ୍ୟ ଫେରାଇ ଦେଇପାରିଲି ନାହିଁ, ଯେ ଆଉ ଆମ୍ ସରି, ମୋ ଦେଇ ହେବ ନାହିଁ । ଏବଂ ତାକୁ ସାଇତି ରଖିଲି ମୋ ବହି ଥାକର ଅନ୍ଧାରି ଗୁହା ଭିତରେ ।

Digitized by srujanika@gmail.com

ଅବଶ୍ୟ ମୋର ଏଇ ବିଚିତ୍ର ଆଚରଣରେ ଯତ୍‌କିଞ୍ଚିତ୍ ସତ୍ୟନିଷ୍ଠା ତଥା ଭୀରୁତା ରହିଛି ବୋଲି କୁହା ଯାଇପାରେ । କାରଣ ଗନୁ ମୋର ବନ୍ଧୁ । ସେହି ଧରଣର ବନ୍ଧୁ ଯାହାଙ୍କୁ ତୁମେ ବୌଦ୍ଧିକ ସ୍ତରରେ ପାଖ ଆସନରେ ନ ବସେଇଲେ ମଧ୍ୟ ତୁମର କାରୁଣ୍ୟ ରସ ଉଛୁଳି ଉଠେ ତାଙ୍କ ପାଇଁ । ତେଣୁ ତୁମେ ତାଙ୍କ ମନରେ କଷ୍ଟ ଦେବାକୁ ଚାହିଁବ ନାହିଁ । ହେଲେ ମୋର ତ ଗୋଟାଏ କର୍ତ୍ତବ୍ୟ ରହିଛି 'ସାହିତ୍ୟ' ପାଇଁ ? ମୁଁ ତା'ର ଅବମାନନା କରିବି କେମିତି ? ଏହି ଦ୍ୱିଧାର ବଶବର୍ତ୍ତୀ ହୋଇ ମୁଁ ତା'କୁ ହଁ ହାଁ ମାରି ବସେଇ ରଖିଥିଲି ଏତେଦିନ ଯାଏଁ । ଏବଂ ତା'ର ଆଶା ଥିଲା ଯେ ମୁଁ ତା'ର ଅନୁରୋଧ ରକ୍ଷା କରିବି ଯେମିତି ହେଲେ ଏବଂ ତା' ଲେଖାଟି ଛପା ହେବ, ମୋର ସସ୍ନେହ ଓ ସାରଗର୍ଭକ ମୁଖବନ୍ଧ ସହ ।

କିନ୍ତୁ ବିଧିବିଧାନକୁ କିଏ ଏଡାଇ ଦେଇପାରିବ ? ମୋର ଦ୍ୱିଧା କଟିଯିବା ପୂର୍ବରୁ ସେ ତା'ର ବାଟ କାଟି ଚାଲିଗଲା । ମରିଗଲା ହଠାତ୍ । ଆଜି ତା' ପାଣ୍ଡୁଲିପି ମୋ ଆଖିରେ ପଡୁଛି, ମୋ ବହିଆକ ସଜାଡିଲା ବେଳେ । ହୁଏତ ମୁଁ ମୋ ଭିତିରି ମନରେ ଚାହୁଁଥିଲି ତା'କୁ ପୁଣି ଥରେ ଦେଖିବା ପାଇଁ, ହାତରେ ଧରିବା ପାଇଁ ଏକ ବନ୍ଧୁସୁଲଭ ଦୁଃଖର ତାଡନାରେ ।

ତା'ବୋଲି ମୁଁ କ'ଣ ତା' ପାଣ୍ଡୁଲିପିକୁ ଛପେଇବାକୁ ଯିବି ଏଇକ୍ଷଣି, ତା' ଅତୃପ୍ତ ଆତ୍ମାକୁ ଶାନ୍ତି ଦେଲା ପରି ? ଏଇ ପ୍ରଶ୍ନଟା ମୋତେ ଛଟପଟ କରୁଛି 'ପ୍ରେମକଥା'କୁ ଧୂଳି ଝାଡି ଯଥା ସ୍ଥାନରେ ରଖିସାରିଲା ପରେ ।

ବ୍ୟାପକ ଅର୍ଥରେ ଗନୁକୁ ବନ୍ଧୁ ବୋଲି କହିଲି ସିନା, କିନ୍ତୁ ସେ ମୋ'ଠାରୁ ପ୍ରାୟ କୋଡିଏ ବର୍ଷ ସାନ ହେବ । ତେଣୁ ସେ ପୂରାପୂରି କନିଷ୍ଠ, କେବଳ ବୁଦ୍ଧିଜ୍ଞାନରେ ନୁହେଁ, ମଧ୍ୟ ବୟସରେ । ତଥାପି ସେ ମୋର ବିଶେଷ ଆତ୍ମୀୟ ହୋଇ ଉଠିଥିଲା । କାରଣ ସେ ଥିଲା ମୋର ଏଇ ପୁରୁଣା ସହରର ଏକ ନୂଆ ଆବିଷ୍କାର, ଯାହା ମୋ ପଛେ ପଛେ ଚାଲିଥିଲା ମୋ ଛାଇ ପରି ଏବଂ ମୁଁ ତା'ର ଏଇ ଦୁର୍ଗୁଣକୁ ପ୍ରଶ୍ରୟ ଦେଉଥିଲି ବୋଲି କହିଲେ ଭୁଲ ହେବ ନାହିଁ । କାରଣ ସେ କେବଳ ମୋର ଅନ୍ୟତମ ଶ୍ରାବକ, ଅଥବା ମୋ ଜରିଆରେ କୌଣସି ଫାଇଦା ଉଠେଇବାକୁ ଚାହୁଁଥିଲା ଲେଖକ ହିସାବରେ, ତା'ନୁହେଁ । ଅନ୍ତତଃ ମୋର ସେମିତି ମନେ ହେଉ ନ ଥିଲା । ତା'ର ଏଇ ପାଣ୍ଡୁଲିପିକୁ ନେଇ ସେ ମୋତେ ବ୍ୟତିବ୍ୟସ୍ତ କରୁଥିଲା ବୋଲି ମଧ୍ୟ କହିବି ନାହିଁ । ସେ ମୋତେ ଲେଖାଟିକୁ ସଁପି ଦେଇଥିଲା ଜାଣ ଏବଂ କଦବା କୃତିତ୍, ଆକାଶ ଉଦାସ ଥିଲାବେଳେ, ଯେତେବେଳେ ଆମ ବାର୍ତ୍ତାକାପର ବିରାମ ବଢ଼ି ବଢ଼ି ଯାଏ ଉଚିତରୁ ଅଧିକ, ସେ ମୋତେ ମନେ ପକାଇ ଦେଇଥିଲା ସେ ବିଷୟରେ । କହୁଥିଲା, ମୁଁ ନିଶ୍ଚିନ୍ତ ଯେ ଲେଖାଟି ଆପଣଙ୍କ ପାଖରେ ଅଛି । ତା'କୁ କେବେ ଛପେଇବେ ଛପାନ୍ତୁ । କିନ୍ତୁ ମୋର ଏକାନ୍ତ ଅନୁରୋଧ ଯେ ଆପଣ

Digitized by srujanika@gmail.com

ତା'ର ମୁଖବନ୍ଧ ଲେଖିବେ । ଆପଣ ହିଁ ଜାଣିଛନ୍ତି ମୋତେ ଓ ମୋ ଲେଖାର ମର୍ମ, ମୋର ଅନ୍ୟ ଯେକୌଣସି ଜ୍ଞାତିକୁଟୁମ୍ବ ବନ୍ଧୁପରିଜନଙ୍କ ଠାରୁ । କାରଣ ଆପଣ କେବଳ ମୋର ବନ୍ଧୁ କି ବଡଭାଇ ନୁହନ୍ତି । ଆପଣ ଏକ ସାର୍ଥକ ଏବଂ ମହାନ୍ ଲେଖକ । ଆପଣ ବୁଝିଛନ୍ତି ପ୍ରେମ କଅଣ ।

ହେ ଭଗବାନ୍ ! ମୋତେ ହସ ଲାଗେ ତା' କଥାରେ । କିନ୍ତୁ ମୁଁ କେମିତି ଭଲା କହିଥାନ୍ତି ତା'କୁ, ଯେ କ୍ଷମା କର ବନ୍ଧୁ, ମୁଁ ଗଜମୂର୍ଖ ଖାଲି ସେଇ ବିଷୟଟିରେ ? ତେଣୁ ମୁଁ ତା'କୁ କୌତୁକରେ ପଚାରେ, ''ତମେ କେମିତି ଜାଣିଲ ?''

''ମୁଁ ଜାଣିଛି'', ସେ କୁହେ, ଆଖିରେ ଆଖି ରଖି ।

ଯୁଗ୍ମ ନୀରବତା । ସମ୍ବିତ ।

ସେଇଠୁ ସେ କହି ଉଠେ ଗର୍ବର ସହିତ, ''ମୁଁ ଆପଣଙ୍କୁ ଅନୁଭବ କରିଛି ପରା !'' ଏବଂ ମୋର ଛାତିଟା ଫୁଲି ଉଠେ । ମନେ ହୁଏ ଯେ ତାହା ହିଁ ହୋଇ ଥିବ । ମୁଁ ହୁଏତ ପ୍ରକୃତରେ ଜାଣିଛି ଭଲ ପାଇବା ନାମକ ବସ୍ତୁଟିକୁ । ଯାହା ଫୁଟି ଉଠୁଛି ମୋର ଚାହାଣୀରେ, ମୋର ଭାବଭଙ୍ଗୀରେ ମୋର ମନ୍ଦହାସ ଓ ସ୍ୱଳ୍ପକଥନର ଆତ୍ମପ୍ରତ୍ୟୟରେ ଏବଂ ତା'କୁ ସେ ଚମତ୍କାର ଭାବରେ ମିଶେଇ ଦେଇପାରୁଛି ମୋ ଲେଖାର ବିଭିନ୍ନ ଚରିତ୍ରମାନଙ୍କ ସହିତ, ଯେଉଁମାନେ ମୋର ପ୍ରତିନିଧି । ହୁଏତ ତାହା ହିଁ ହୋଇଥିବ .....

ମୁଁ ବାରମ୍ବାର ନିଜକୁ କୁହେ ଯେ ତୁ ଗୋଟାଏ ଖୋସାମତିଆ । ତୁ ଭଲ ଭାବରେ ଜାଣିଛୁ ଯେ ବୁଢା ହେଲୁଣି ଆସି, ଅଥଚ ସେ ଜିନିଷଟି ତଥାପି କୁହୁଡିଆ ହୋଇ ରହିଛି ତୋ ପାଇଁ । ତଥାପି ତୁ ଭଳିଯାଉଛୁ ଏଇ ଅପର ଅର୍ବାଚୀନର କଥାରେ ? ହେଲେ ମୁଁ ତତ୍କ୍ଷଣାତ୍ ମୋର ସନ୍ଦେହୀ ସତ୍ତାକୁ ବୁଝେଇ ଦିଏ ଯେ ମୁଁ ଖୋସାମତିଆ ନୁହେଁ । କହିପାର ଯେ ମୁଁ ଉଦାର । ମୁଁ ତା'ର ବକ୍ତବ୍ୟକୁ ହସି ଉଡେଇ ଦେବାକୁ ନାରାଜ । କାରଣ ଅନୁଭବ ବୋଲି ଗୋଟାଏ ବାସ୍ତବତା ମଧ୍ୟ ରହିଛି, ଯାହା ବୁଦ୍ଧିବିଚାରର ଅଧୀନ ନୁହେଁ ଏବଂ ସେଥିରେ ଯେ ସତ୍ୟର ଦେଖା ମିଳିବ ନାହିଁ, ଏଭଳି ଦାବୀ କରି ହେବନାହିଁ । ବିଶେଷତଃ ଗନୁ ପରି ଗୋଟିଏ ଲୋକ ପକ୍ଷରେ, ଯେ ଛାଇ ପରି ମୋ ପଛରେ ଚାଲିଛି ଆଜିକୁ ପାଞ୍ଚ ବର୍ଷ ହେଲା, ମୁଁ ରିଟାୟାର କରି ମୋ ପୁରୁଣା ସହରକୁ ଫେରି ଆସିଲା ପରେ ।

ମାନୁଛି ଯେ ଇଏ ଅନ୍ୟତମ କାରଣ ହୋଇପାରେ ଯେଉଁଥିପାଇଁ ମୁଁ ତା'ର ଛାଇ ଲଗାପଣକୁ ପ୍ରଶ୍ରୟ ଦେଉଥିଲି । ଯେମିତିକି ସେ ତା'ର ଏଇ 'ଅନୁଭବ'କୁ ଦୋରସ୍ତ କରିନେବ ଏବଂ ଏକ ବଦ୍ଧମୂଳ ଧାରଣାକୁ ରୋପିଦେବ ମୋ ମନରେ, ମୁଁ ମୋ ବହିବସ୍ତାନି ବାନ୍ଧିଲା ପୂର୍ବରୁ, ଯେ ମୁଁ ଭଲପାଇବାକୁ କେବଳ ଅଣ୍ଟାଳି ନାହିଁ, ମୁଁ ତା'ର ସମୁଚିତ ସ୍ୱର୍ଗ ଲାଭ କରିଛି ଯାହାର ଅମୃତ ଜରି ଯାଇଛି ମୋର ଶିରାଧମନୀରେ (ସେ

Digitized by srujanika@gmail.com

ଭଲପାଇବାର ନାୟକ୍ କି ନାୟିକାଙ୍କର ପରିଚୟ ଲୋଡା ନାହିଁ ମୋର) ଏବଂ ପରିସ୍ଫୁଟ ହୋଇଉଠୁଛି ମୋର ଛାଇଲଗା ବନ୍ଧୁଟି ପାଖରେ ।

କିନ୍ତୁ ଅସଲ କାରଣ ହେଉଛି ସେ ଏକାଧାରରେ ଏକ ଅଦ୍‌ଭୁତ ଏବଂ ଆଦରଣୀୟ 'ଚରିତ୍ର' ହୋଇ ପଡିଥିଲା ମୋ ପାଇଁ ଏବଂ କେଉଁ ଲେଖକ ଏଭଳି ଏକ ଚରିତ୍ରକୁ ହାତଛଡା କରିବାକୁ ଚାହିଁବ ? ଅନ୍ୟ ଅର୍ଥରେ ମୁଇଁ ତା'କୁ ଅନୁଭବ କରିବାକୁ ଚାହୁଁଥିଲି । ମୋର ନିଜସ୍ୱ ମନସ୍ତାତ୍ତ୍ୱିକ ଓ ବୌଦ୍ଧିକ ମୂଳଦୁଆ ଉପରେ ଠିଆହୋଇ । ଭାବୁଥିଲି —

ଏଇ ଲୋକଟି ନିଜେ କ'ଣ ଗୋଟିଏ ପ୍ରେମିକ ? ସତସତିକା ପ୍ରେମିକ ? ଏବଂ ମୁକ୍ତକଣ୍ଠରେ ନିର୍ଘୋଶିତ ତା'ର 'ପ୍ରେମକଥା', ସେଇ ବିରାଟ ପାଣ୍ଡୁଲିପି, କ'ଣ ମୋର ଅନୁଭୂତ ସତ୍ୟର ଭାଷା, ତା' ଯେତେ କଂଚା ଦରଖଣ୍ଡିଆ ହେଉ ନା କାହିଁକି ?

ହଁ, ନିହାତି କଞ୍ଚା ଓ ସାଦାସିଧା । ଭାଷାରେ ଚମକ ନାହିଁ, ଭାବରେ ନୂତନତ୍ୱ ନାହିଁ ଏବଂ ଉପମା ସେଇ ଜହ୍ନ-କଇଁଫୁଲ-ଚକୋର ଜଗତରୁ ଉଧୁରି ଆସି ପାରି ନାହିଁ । ବାକି ରହିଲା ଗର୍ଭଗୃହ । କବିତାଗୁଡିକର ଶେଷକଥା, ସାରକଥା । କ'ଣ ଆଉ କହିବି ସେ ବିଷୟରେ !

ଶୁଣନ୍ତୁ, ମଜାକଥା ହେଉଛି ସେ ନିଜେ କହୁଛି ସେ ବିଷୟରେ, ପ୍ରତି କବିତାର ଶେଷ ଧାଡିରେ । ଜିଜ୍ଞାସୁ ପାଠକକୁ ବୁଦ୍ଧି ଦେଲା ପରି । କହୁଛି, 'ବାକି ଅଛି ଶେଷକଥା, ସାରକଥା ମୋର । ମୁଁ ତୁମକୁ ଭଲ ପାଏ ।'' ଏଇ ହେଉଛି ପ୍ରତ୍ୟେକ କବିତାର ତଥାକଥିତ ବକ୍ତବ୍ୟ, ଯଦିଓ ତା'ର ବିଷୟବସ୍ତୁ ହୋଇଥିବ କାଠଯୋଡୀ କୂଳରେ ସନ୍ଧ୍ୟା, ପୋଖରୀ ଉପରେ ବର୍ଷା, ଓଷ୍ଟେଇଡିମାନଙ୍କ ଶୋଷ, କିମ୍ବା ନଡିଆ ଗଛର ନାଚ । ଏଥର କୁହନ୍ତୁ, ଏଭଳି ଗୋଟିଏ 'କାବ୍ୟ'କୁ ମୁଁ କ'ଣ ଛପେଇ ପାରିବି ମୋର ମୁଖବନ୍ଧ ସହ, ଅର୍ଥାତ୍ ମୋର ସୁପ୍ରତିଷ୍ଠିତ ଲେଖକତ୍ୱର ସାର୍ଟିଫିକେଟ୍ ଦେଇ ? ମୋର ଇମେଜ୍‌କୁ ବାଧା ହେବ ନାହିଁ ?

କିନ୍ତୁ ତଥାପି ମୁଁ ସ୍ଥିର କରିଥିଲି - ଏଇଥିରୁ ବୁଝନ୍ତୁ ମୁଁ ମୋ ବନ୍ଧୁତ୍ୱର ଦାୟିତ୍ୱ କେତେଦୂର ଟାଣି ଟାଣି ନେଇଥିଲି - ଯେ ମୁଁ ତା'ର ଅନୁରୋଧ ରକ୍ଷା କରିବି ଯଦି ମୁଁ ଦେଖେ ଯେ ଏହା ହିଁ ତା' ଅନୁଭୂତ ସତ୍ୟର ଭାଷା, ତାହା ଯେତେ ଅପରିପକ୍ୱ ହେଉ ପଛେ ଏବଂ ତା'ର ବକ୍ତବ୍ୟମୂଳକ ସ୍ୱାକ୍ଷର ଅର୍ଥାତ୍ କବିତା ଶେଷର ଓରଫ୍ ପ୍ରେମକଥା ଯେତେ ବେଖାପା ବୋଲି ମନେ ହେଉ ନା କାହିଁକି ।

ଅସଂଗତ ନୁହେଁ ବୋଲି ସେ ନିଜେ ଥରେ ଡରି କରି ବୁଝେଇଥିଲା ମୋତେ, ମୁଁ ଯେତେବେଳେ ତା'କୁ ପଚାରିଲି ଲେଖାର ନାମକରଣ ବିଷୟରେ । ଯେ ତମେ ଏମିତି ଗୋଟାଏ ରୋକ୍‌ଠୋକ୍ ସାଦାସିଧା ନାଆଁ କାହିଁକି ଦେଲ । ପୁଣି ଯେତେବେଳେ ତମେ ବିଶେଷ କିଛି କହୁନାହଁ ସେ ବିଷୟରେ, କୋଉ ଆକାଶରୁ ତୋଳି ଆଣିଲା ପରି ଶେଷଧାଡି ଛଡା ?

Digitized by srujanika@gmail.com

ସେ ଭାବିଲା ମୁଁ ତା'କୁ ପରଖୁଛି । ସେହେତୁ ଡରି ଡରି, ହେଲେ ସାହସ ବାନ୍ଧି କହିଲା, ''ଆଜ୍ଞା ଆପଣ ତ ଜାଣନ୍ତି ମୁଁ ଆଉ ବୁଝେଇବି କଅଣ ..... କିନ୍ତୁ ପ୍ରେମ କ'ଣ ଏତେ ସଙ୍କୁଚିତ ଯେ ତା'ର ଭାଷା ହେଉଛି ଅମୁକ ମଣିଷ ଓ ସମୁକ ମଣିଷ ଭିତରେ ଚାଲିଥିବା ବିଭିନ୍ନ ଦିଆନିଆ ? ପ୍ରକୃତ ପ୍ରେମ କ'ଣ ଗୋଟିଏ ସ୍ୱର ନୁହେଁ, ଯାହା ତମ ହୃଦୟରେ ବସା ବାନ୍ଧିଛି ଏବଂ ଯେଉଁଥି ପାଇଁ ତମର ଏଇ ଆଗ୍ରହ ବଂଚି ରହିବା ପାଇଁ ? ସଞ୍ଜରେ ସକାଳେ ଦିନ ଦି'ପହରେ, ପଡିଆରେ, ଦେଉଳରେ ଏବଂ ଯେତେକ କୋଳାହଳ କଳିକନ୍ଦଳ ଭିତରେ ? ମୁଁ ଖାଲି ସେଇ ଅନୁଭବ, ତାଗି ଉଚ୍ଚାରଣ କରିବାକୁ ଚାହୁଁଥିଲି ମୋର ଶେଷଧାଡିରେ, ଗୋଟାଏ ଘୋଷା ପରି । କ'ଣ ବୁଝି ହେଉନାହିଁ କଥାଟା ?

ଯେଉଁ ସକରୁଣ ଚାହାଣୀରେ ସେ ଅନଉଥିଲା ମୋତେ, ମୋଠାରୁ ଦଶରୁ ଦଶ ମାର୍କ ପାଇବ ବୋଲି, ମୁଁ ତାକୁ କହିବା ପାଇଁ ବଧ୍ୟ ହେଲି ଯେ, ବୁଝି ନ ହେବାର କୌଣସି କାରଣ ନାହିଁ । ପ୍ରତ୍ୟେକ ସୁଖର, ପ୍ରତ୍ୟେକ ସୁନ୍ଦରର ଅନୁଭବ ପ୍ରକୃତରେ ଗୋଟିଏ ପ୍ରେମକଥା । ଅବଶ୍ୟ ପାଠକ ପାଠିକା .....

ସେଇଠୁଁ ସେ ଗଦ୍‌ଗଦ ହୋଇ ମୋ ହାତକୁ ଧରିପକାଇଲା ।

ପରୀକ୍ଷାରେ କୃତିତ୍ୱର ସହ ପାଶ୍ କଲାପରି । ଅବଶ୍ୟ ପାଠକ-ପାଠିକା ....ର ଅସମ୍ପୂର୍ଣ୍ଣ ବାକ୍ୟକୁ ପରୁଆ ନକରି ଏବଂ କହିଲା - ଥ୍ୟାଙ୍କ ୟୁ ସାର୍ । ଥ୍ୟାଙ୍କ ୟୁ ...

କିନ୍ତୁ ଯୋଡିଦେଲା ପଦେ, ଯେଉଁଥିପାଇଁ ମୁଁ ପ୍ରସ୍ତୁତ ନ ଥିଲି । କହିଲା, ତେବେ ଏଇ ପ୍ରେମଚେତନାର ଗୋଟିଏ କେନ୍ଦ୍ରବିନ୍ଦୁ ଦରକାର, ପଏଣ୍ଟ ଅଫ୍ ରେଫରେନ୍ସ, ନ ହେଲେ ତା'ର ଅଭିବ୍ୟକ୍ତି ଅସଜଡା ହୋଇଯିବ, ମାଡିଯିବ କୁଆଡେ ବୋଲି କୁଆଡେ, ଅସନା ଦିଶିବ । ଆଉ ମୋ ପ୍ରେମର କେନ୍ଦ୍ରବିନ୍ଦୁ କଅଣ ତା ତ ଜାଣନ୍ତି ଆପଣ । ସେ ଲାଜେଇଗଲା ଦିବ୍ୟ ପ୍ରେମିକଙ୍କ ପରି ।

ଯାହା ହେଉ ମୁଁ ବୁଝିଲି ସେ କାହା କଥା କହୁଛି । ଖାଲି ମୋତେ ନୁହେଁ ତାର ସମଗ୍ର ପାଠକ ପାଠିକାମାନଙ୍କୁ ଯାହା ନାଆଁରେ ସେ କାବ୍ୟଟିକୁ ଉତ୍ସର୍ଗ କରିଛି । 'ମୋ ପ୍ରେମିକା ଦମୟନ୍ତୀ ପାଇଁ ।'

ପ୍ରେମିକା ଦମୟନ୍ତୀ । ସେଇ ମଧ୍ୟ ତା'ର ପତ୍ନୀ ଦମୟନ୍ତୀ ବୋହେଉ । ତେଣୁ ଗଳ୍ପ ସତସତିକା ଗୋଟିଏ ପ୍ରେମିକ ନା କ'ଣ ବୋଲି ଜାଣିଦାଡୁ ହେଲେ କେବଳ ତାଙ୍କ ଦାମ୍ପତ୍ୟ ଜୀବନର ସାନ କଥାଟିଏ ଜାଣିଲେ ଚଳିବ । ଯେ ସେ ତା' ସ୍ତ୍ରୀକୁ ପ୍ରକୃତରେ ଭଲ ପାଏ କି ନାହିଁ ଏବଂ କିଭଳି କେତେ ଗହନରେ ଭଲପାଏ, ଯାହାର ପ୍ରତିଫଳନ ଏଇ କାବ୍ୟ । ସେତିକି ଯଦି ମୋ ମନକୁ ପାଇଯାଏ, ତାହେଲେ ମୁଁ ଏହି ପାଣ୍ଡୁଲିପିକୁ ଅବଶ୍ୟ ଛପେଇବି । ସମ୍ମାନ ଦେବି ସେଥିରେ ଥିବା ଅନୁଭୂତ ସତ୍ୟକୁ-ମାର ଗୋଲି ତା' ଭାଷାର ଛବି କି ଛନ୍ଦକୁ । କିମ୍ବା ତା'ର ପ୍ରଗଲ୍‌ଭ ଶେଷ ଧାଡ଼ିମାନଙ୍କୁ ।

Digitized by srujanika@gmail.com

ସହଜ ସଂଧାନ । କିନ୍ତୁ ସେଇଠି ମୁଁ ଅଡୁଆରେ ପଡ଼ିଲି ।

କାରଣ ଦେଖିଲି ଯେ, ଅପରପକ୍ଷ ମୋ ସାଙ୍ଗରେ ସହଯୋଗ କରିବାକୁ ନାରାଜ । ଯେତେବେଳେ ମୁଁ ଦମୟନ୍ତୀ ଓରଫ ଦୁଲିକୁ ହାଲୁକାରେ ଚିଡାଏ ଯେ, ସେ ଗୋଟିଏ କବିର ପ୍ରେମିକା, ପଚାରେ ତମେ ତା'ର ଅମୁକ କବିତାକୁ ପଢିଛ କି ନାହିଁ, କିମ୍ବା ପ୍ରଶ୍ନ କରେ ତମେ ବି ଗୋପନରେ କିଛି ଲେଖୁଥିବ ବୋଧହୁଏ ତାଙ୍କ କବିତା ସାଙ୍ଗରେ ହାତ ମିଳେଇବା ପାଇଁ, ସେ ତା'ର ଉତ୍ତର ଦିଏ କେବଳ ଗୋଟାଏ ଓଠଚିପା ସମ୍ମୁଖୀନ ଚାହାଣୀ, ଅଥବା ''ହୁଁ'' କିମ୍ବା ଖୁବ୍ ବେଶି ହେଲେ ''ମୋତେ ଜଣା ନାହିଁ''ର ରୋକଠୋକ୍ ଭାଷାରେ । ଶେଷକୁ ତା'ର ଗୋଟାଏ ସୁସ୍ପଷ୍ଟ ଏବଂ ବଳିଷ୍ଠ ଉଚ୍ଚାରଣ ମୋ ପାଟିକୁ ବଂଦ କରିଦେଲା -

''ହଃ !''

ପ୍ରଥମେ ଭାବୁଥିଲି ଯେ, ଇଏ ହେଉଛି ପତ୍ନୀସୁଲଭ ପରିହାସ । ଯାହାକି ପ୍ରେମର ଅନ୍ୟତମ ପରିଭାଷା ହୋଇପାରେ । ବିନୟର ଛଳରେ । ସତେକି ସ୍ୱାମୀର କୃତିତ୍ୱକୁ ସାମାନ୍ୟ ବୋଲି କହିବା କଥା, କାରଣ ସିଏ ହେଉଛି ମୋର ଅମୂଲ୍ୟ ସମ୍ପଦ ଏବଂ ତା'ର ବଡେଇ କଲେ ତମେ ମୋତେ ଫୁଲେଇ ବୋଲି ଭାବିବ । ଅନ୍ତତଃ ସେହି ସ୍ତ୍ରୀ ଲୋକଙ୍କ ପକ୍ଷରେ ଯେଉଁମାନେ ଆଧୁନିକ ନୁହଁନ୍ତି । କିନ୍ତୁ କ୍ରମଶଃ ମୋର ସନ୍ଦେହ ହେଲା । କାରଣ ପ୍ରତିକ୍ରିୟାର ଶବ୍ଦ-ନିଶବ୍ଦ ସାଙ୍ଗକୁ ସ୍ୱିତହାସର କୌଣସି ଲକ୍ଷଣ ଦେଖିଲି ନାହିଁ ଓଠରେ । ନାକପୁଡା ବି ଟିକିଏ ହେଲେ ଫୁଲି ଉଠୁ ନାହିଁ । ମୋଟ ଉପରେ ଗେହ୍ଲେଇ-ଫୁଲେଇ ଭାବକୁ ଘୋଡେଇ ପକେଇବାର ସାମାନ୍ୟତମ ଆଭାସ ମିକୁ ନାହିଁ ପ୍ରଣୟିନୀର ହାବଭାବରେ । ଶେଷକୁ ଏଇ 'ହଃ!' ପ୍ରଦକ ମୋତେ ଚମକେଇ ଦେଲା । ମୋର ମନେ ହେଲା ଯେ ଇଏ ପରିହାସ ନୁହେଁ । ବିଦ୍ରୁପ । ହୁଏତ ବିଦ୍ରୁପରୁ ବଳି ବିସ୍ୱାଦ । ପୁଂଜୀଭୂତ ବିସ୍ୱାଦ ଅଳ୍ପବହୁତ ଖଲାସ ହୋଇଯାଉଛି ପରା ଏହି ଏକାକ୍ଷରୀ ଶବ୍ଦର ଉଚ୍ଚାରଣରେ । ସେଥିର ବିଷ ନିଶ୍ୱାସରେ ।

ମୁଁ ମର୍ମାହତ ହେଲି । ସତରେ କ'ଣ ସେଇଆ ? ସେ କେବଳ ତୋର ସ୍ୱାମୀ ନୁହେଁ । ମଧ୍ୟ ତୋର ପ୍ରେମିକ ଏବଂ ତୁ ହେଉଛୁ ତା'ର ଅସାଧାରଣ ପ୍ରେମଭାବ ତଥା ପ୍ରେମକାବ୍ୟର କେନ୍ଦ୍ରବିନ୍ଦୁ । କିନ୍ତୁ ଏଇ ହେଉଛି ତୋର ପ୍ରତିଦାନ, କହିବାକୁ ଗଲେ ପ୍ରତ୍ୟୁତ୍ତର, ସୁଯୋଗଟିଏ ପାଇଲା କ୍ଷଣି ?

ଦିନ ଗଡିଗଲା । ମୁଁ ଆଉ କେବେ ସୁଯୋଗ ଦେଲି ନାହିଁ ତାକୁ ଏଭଳି ଏକ ବିଷ ନିଃଶ୍ୱାସ ଛାଡ଼ିବା ପାଇଁ । କିନ୍ତୁ ମୋର ଦୁଃଖ କମିଲା ନାହିଁ । ଅପରନ୍ତୁ ମୁଁ ମୋର ଆହତ ମର୍ମକୁ କହିଲି ଯେ, କେବଳ ଦୁଃଖ କଲେ ଯଥେଷ୍ଟ ନୁହେଁ । ମୋର ରାଗିବା ଉଚିତ । ଏଇ ଇତର ସାଧାରଣ ନାରୀ ଉପରେ ଯେ ତାର ସ୍ୱାମୀ ଓ ପ୍ରେମିକ ତଥା ତା'ର ସାହିତ୍ୟକୁ ସମ୍ମାନ ଦେବା ପାଇଁ ନାରାଜ । ପୁଣି ଯେତେବେଳେ ଗନୁ ମୋର ବନ୍ଧୁ, ବନ୍ଧୁରୁ ବଳି ଶିଷ୍ୟ, ପୁଅ ପରି କହିଲେ ଚଳେ ।

Digitized by srujanika@gmail.com

ହଁ, ଯେତେକ ତରୁଣ ଲେଖକ ଲେଖିକା ମୋତେ ସାର୍ ବୋଲି ଡାକନ୍ତି ମୋତେ ଭକ୍ତି ଓ ଶ୍ରଦ୍ଧା କରନ୍ତି ଏବଂ ମୋର ପରାମର୍ଶ ନିଅନ୍ତି ନାନା ବିଷୟରେ । ସେମାନଙ୍କୁ ପୁତ୍ରକନ୍ୟାବତ୍ ମଣିବା ମୋର କର୍ତ୍ତବ୍ୟ, ଜଣେ ପ୍ରବୀଣ ଲେଖକ ହିସାବରେ । କିନ୍ତୁ ଗନୁ କେବଳ ଅନେକରୁ ଏକ, ଶହେ ପୁଅରୁ ଗୋଟିଏ ନୁହେଁ । ସେ ନିଜକୁ (ସେ ଓ ତା ପ୍ରେମକଥା ଅଭିନ୍ନ, ପିଣ୍ଡ ଓ ପ୍ରାଣ ପରି) ସଁପି ଦେଇଛି ମୋତେ । ତାହା ସାହିତ୍ୟ ପଦବାଚ୍ୟ ହେଉ ବା ନ ହେଉ । ସେଥିରେ କ'ଣ ଅଳ୍ପ ବହୁତ ଆନ୍ତରିକତା ନାହିଁ ? ସେଇ ଆନ୍ତରିକତା, ଯାହା ତା ଚରିତ୍ରର ଏକ ବିଶିଷ୍ଟ ଗୁଣ, ଯେଉଁଥିପାଇଁ ସେ ଏମିତି ଲଦି ହୋଇ ପଡିଛି ମୋ ଉପରେ ଏବଂ ମୁଁ ବି ତାକୁ ଛାଡି ପାରୁନାହିଁ । ସେ ଯେତିକି ଆସୁଛି ମୋ ଘରକୁ ମୁଁ ମଧ୍ୟ ପ୍ରାୟ ସେତିକି ଯାଉଛି ତା'ପାଖକୁ, ନିଜ ଲୋକ ପରି ମିଶିଯାଇଛି ତାଙ୍କ ଦି'ଜଣିଆ ପରିବାରରେ ଏବଂ ଲାଗିପଡିଛି ତା' କାବ୍ୟର ଅନୁଭୂତ ସତ୍ୟକୁ ଆବିଷ୍କାର କରିବି ବୋଲି - କେମିତି କରିବି ଭଗବାନ ଜାଣନ୍ତି - ସେଇ ଦୁର୍ଲଭ ଗୁଣର ସଂପଦକୁ ଉପଭୋଗ କରିବି ଅଥଚ ତାକୁ ଯେ 'ଛିଃ' କରିଦେଲା, ସେ ତା' ସ୍ତ୍ରୀ ହେଉ କି ଯିଏ ହେଉ ତା' ଉପରେ କ'ଣ ରାଗିବା ଉଚିତ ନୁହେଁ ? ତାହେଲେ ମୁଁ ଅଟକି ଯାଉଛି କେଉଁଠି ? କାହିଁକି ? କାହିଁକି ??

ଓଃ କିଏ କହୁଛି ମୁଁ ରାଗୁନାହିଁ ବୋଲି ? କିନ୍ତୁ ଗନୁ ମୋର ପୁଅ ହେଲେ ଦୁଲି କ'ଣ ମୋ ବୋହୂ ନୁହେଁ ?

ଏବଂ ଆଶ୍ଚର୍ଯ୍ୟ କଥା ଯେ, କାଳକ୍ରମେ ମୁଁ ଆହୁରି ଗୋଟାଏ ଟାଣୁଆ ସପେଇ ବାଢି ଦେବାକୁ ଚାହିଁଲି ମୋର ନରମ କ୍ରୋଧ ସପକ୍ଷରେ । ଯେ ଭାବି ଦେଖ - 'ହଃ !' କେବଳ କ'ଣ ତା'ର ବିଦ୍ରୁପର ଭାଷା ? କ୍ରନ୍ଦନର ଆବରଣ ନୁହେଁ ? ମୋର କାରୁଣ୍ୟ ରସ କ'ଣ ତା ପାଇଁ ମଧ୍ୟ ଉହୁଳି ଉଠୁ ନାହିଁ, ଏବଂ ତାହା କ'ଣ ସ୍ୱାଭାବିକ ନୁହେଁ ?

କହୁଛ ଉଚିତରୁ ବେଶି ? କ'ଣ ତା'ର ଅର୍ଥ ? କୋଉଠି କାଟିବ ତମ ଔଚିତ୍ୟର ଲକ୍ଷ୍ମଣରେଖା ?

ଗନୁ ସାଂଗରେ ଦେଖା ହୁଏ ତା' ଘରେ, ମୋ ଘରେ ଏବଂ ରାସ୍ତାଘାଟରେ । ଦୁଲି ସାଂଗରେ ଦି'ପଦ କଥାଭାଷା ହେବାର ସୁଯୋଗ ମିଳେ, ଯେତେବେଳେ ମୁଁ ଯାଏ ସେଠିକି ଏବଂ ସେତେବେଳେ ମଧ୍ୟ କ୍ୱଚିତ୍ ତା ସାଂଗରେ ଦେଖା ହୁଏ ନିରୋଳାରେ, ଗନୁ ପାଖରେ ନ ଥିଲା ବେଳେ । ସେହେତୁ 'ହଃ!'ର ପଛକୁ କ'ଣ ସବୁ ଅଛି, କିଭଳି ଦୁଃଖ, କିଭଳି ଜୀର୍ଣ୍ଣତା, କିଭଳି ମଳିନତା, ତା'ର ବର୍ଣ୍ଣମାଳା ଚିହ୍ନିବା ପାଇଁ ସମୟ ଲାଗିଲା ମୋତେ । କିଂତୁ ତଥାପି ତା'ର କାରଣ ଧରି ହେଉ ନ ଥାଏ ଠିକଣା ଭାବରେ, ସେକଥା ଭିନ୍ନ ।

ମୂଳରୁ ମୋର ଧାରଣା ହୋଇଥିଲା ତାଙ୍କ ନାଆଁର ଭିନ୍ନ ଭିନ୍ନ ସାଂଗିଆ ଦେଖି (ଭାଗ୍ୟକୁ ବୁଲି ତା'ର ଝିଅଦିନର ସାଂଗିଆ ବଦଳେଇ ନ ଥିଲା ବାହାଘର ପରେ), ଯେ

Digitized by srujanika@gmail.com

ଇଏ ପ୍ରେମବିବାହ ହୋଇଥିବ ନିଶ୍ଚୟ । ପରେ ଜାଣିଲି ଯେ କଥାଟା ଠିକ୍ ସେଇଆ । ଦୁଲି ଗଞ୍ଜାମର ଝିଅ । ବରହମ୍‌ପୁରର ଖଲିକୋଟ କଲେଜରେ ପଢୁଥିଲା, ଯେତେବେଳେ ଗନୁ ସେଠିକାର ମେଡିକାଲ କଲେଜରେ ପଢୁଥିଲା ଏବଂ ସେଇଠି ତାଙ୍କର ପ୍ରଥମ ଦେଖାସାକ୍ଷାତ ହୁଏ । ତଥା ପ୍ରେମର ଆବିର୍ଭାବ । ଦୁଲି ବି.ଏ.ପାସ କଲା, କିଂତୁ ଗନୁ ଅଧାରୁ ଛାଡିଦେଲା ତା' ମେଡିକାଲ୍ ପଢା । କହିଲା, ଇଏ ହବ ନାହିଁ ମୋ ଦେଇ, ମୁଁ ଲେଖାଲେଖିରେ ପେଟ ପୋଷିବି । ସେଇଠୁଁ ଦିହେଁ ତାଙ୍କ ବାପାମାଆ ବିରାଦରିର ବଂଧନୀରୁ ଖସି ଆସି ବସା ବାଂଧିଲେ ମୋର ଏଇ ସହରରେ । ତୁଛାଟାକୁ ମୋତେ ଏମିତି ହଟହଟା କରିବା ପାଇଁ ।

ଦମୟନ୍ତୀ ପ୍ରେମ କରି ବାହା ହୋଇଥିଲା ଗୁଣନିଧିକୁ । ସେ ଅବଶ୍ୟ ଜାଣିଥିବ ଯେ ତା'ର ପ୍ରେମିକ ସାହିତ୍ୟ ଲେଖେ ଏବଂ ତା'ର ସାହିତ୍ୟ ଓ ପ୍ରେମ ଗୋଟିଏ ସୂତାରେ ଗୁନ୍ଥା । କିଂତୁ ତା'ପରେ ହେଲା କଅଣ ?

ତୋର କୋଉ ସ୍ୱପ୍ନ ନଷ୍ଟହୋଇଗଲା, କୋଉ ପ୍ରତିଶ୍ରୁତିର ଖୁମ୍ଭ ଭୁସୁଡି ପଡିଲା ଯେ ତୁ ଏମିତି ମଲିନା, ନିପୀଡିତା ଓ ଦୁଃଖିନୀ ପରି ମନେ ହେଉଛୁ ? ଏବଂ ଅନିଚ୍ଛା ସତ୍ତ୍ୱେ ମୁଁ ତୋତେ ଦୟା ନ କରି ରହି ପାରୁନାହିଁ ?

ପଚାରି ହେବ ନାହିଁ । ମଧ୍ୟ ପଚାରି ଲାଭ ନାହିଁ । ଗନୁ ସିନା ପ୍ରେମ ଓ ପ୍ରେମ କଥାକୁ ଅଜାଡି ଦେଲା ମୋ ପାଖରେ, ଦୁଲି କେବେହେଲେ ତା'ର ପ୍ରେମ-ପରାଭବକୁ ବାଢି ଦେବ ନାହିଁ ତା' ସ୍ୱାମୀର ଜରିଆରେ ଆବିର୍ଭୂତ ହୋଇଥିବା ଜଣେ 'ସାର'ଙ୍କ ପାଖରେ । ସେ ହିସାବରେ ସେ ମୋର ବଂଧୁ ନୁହେଁ । ଦୁର୍ଭାଗ୍ୟ !

ଓଃ ! ମୋର ଛଟପଟ ବଢିବାକୁ ଲାଗିଲା । ପାଣ୍ଡୁଲିପି କଥା ଛାଡ । ଏହି ପରିସ୍ଥିତି ହିଁ ଦୁର୍ବିସହ ମୋ ପକ୍ଷରେ । କାରଣ ମୁଁ ସେମିତିକା ଲୋକ, କ୍ରୋଂଚ ମିଥୁନଙ୍କ ଦୁଃଖରେ ଭାଂଗିପଡିଥିବା ବାଲ୍ମୀକିଙ୍କର ସିଧାସଳଖ ବଂଶଧର । ତା'ଛଡା ମୁଁ ଜାଣିଛି ପ୍ରେମ କଅଣ । ଗନୁର ଅନୁଭବକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ ।

ଯଦି ଦି'ଜଣଙ୍କର କଳିକଜିଆ ହେଉଥାନ୍ତା, କି ଜଣେ ଆରକ ନାଆଁରେ ଫେରାଦ୍ ହୁଅନ୍ତା ମୋ ଆଗରେ, କୌତୁକରେ ହେଉ କି ସତସତିକା, ତା'ହେଲେ କାମଟା ସହଜ ହୋଇଯାଆନ୍ତା 'ସାର୍'ଙ୍କ ମଧ୍ୟସ୍ଥି ପାଇଁ । କିଂତୁ ସେଭଳି ସୁଯୋଗ ବି ମିଳିଲା ନାହିଁ ମୋତେ । ଗନୁ ସେମିତି ବୋହି ପଡେ ମୋତେ ଦେଖିଲେ ଏବଂ ଅଧିକାଂଶ ସମୟରେ 'ଦୁଲୁ'କୁ (ଗେହ୍ଲାରେ ଦୁଲି ଦୁଲୁ ହୋଇଯାଏ) କିମ୍ବା ବେଶି ଖୁସୀ ଥିଲେ ଡାର୍ଲିଂକୁ ଡାକ ଛାଡେ । ମୋର ଖାଡିର କରିବା ପାଇଁ । ଏବଂ ମଲିନା ତା'ର ଓଠଚିପା ନୀରବ ପ୍ରତିକ୍ରିୟା ଜଣାଏ, ଚୁପ୍‌ଚାପ୍ ଆସି ଚା' ଜଳଖିଆ ଦେଇଯାଏ, କିଛି ପଚାରିଲେ ପଦେ ଦି'ପଦ ଉତ୍ତର ଦିଏ ଏବଂ ସ୍ୱାମୀସାହିତ୍ୟ ଅଥବା ସ୍ୱାମୀସୁଆଗର ଉଲ୍ଲେଖ କଲେ ଛାଡ ! ମୁଁ ମହା ସାବଧାନ ହୋଇ ରହିଛି ସେ ଦିନଠୁଁ ।

Digitized by srujanika@gmail.com

ଯାହାହେଉ ମୁଁ ଗନୁକୁ ମନେମନେ କୁହେ, ବେଳେ ବେଳେ ପ୍ରକାଶ୍ୟରେ ମଧ୍ୟ ପିତୃସୁଲଭ ଢଂଗୀରେ, ଯେ ସ୍ୱାମୀଟାଏ ହୋଇ ତୁ ତାକୁ ପୋଷି ପାରୁ ନାହୁଁ । ଯେଉଁଥିପାଇଁ ତା'ର ଏଇ ଅବସ୍ଥା ଏବଂ ତା' ଘରକରଣାର । କ'ଣ ଦିଶୁଛି ଏଇ ଦି'ବଖୁରିଆ ଘର ? ଭଂଗାଦଦରା କେଇଟା ଟେବୁଲ୍ ଚଉକି, ଗଦାଗଦା ଆଳିମାଳିକା ତୋର ବହିଖାତା ସମେତ, ପରସ୍ତ ପରସ୍ତ ଧୂଳି କାହିଁକିନା ଲୋକଟିଏ ନାହିଁ ଦୁଲିକୁ ସାହାଯ୍ୟ କରିବା ପାଇଁ, ଯେହେତୁ ସେଥିକୁ ଅର୍ଥ ନାହିଁ ତୋ' ହାତରେ ଏହି ସବୁ କାରଣରୁ ତୋ ପ୍ରେମିକା ଏଭଳି ହତଶ୍ରୀ ହୋଇ ପଡିଛି । ଜିନିଷଟା କ'ଣ ଭଲ ଲାଗୁଛି ତୋତେ ? ନା ତୋର ପ୍ରେମାଂଧ ଆଖିରେ ପଡିବାକୁ ନାହିଁ ? ଶୁଣ୍, ଛାଡେ ତୋର ଏଇ ଲେଖାଲେଖି କରି ପେଟ ପୋଷିବାର ପଣ । କେଉଁ ଅନାମଧେୟ ପତ୍ରିକା ପାଇଁ କ'ଣ ଟିକିଏ ଲେଖି ଦେଇ, କେଉଁ ପ୍ରତିଷ୍ଠାଲୋଭୀ ଲେଖକର ଲେଖାକୁ ଓଡିଆରୁ ଇଂରେଜକୁ ଅନୁବାଦ କରି, କି କେଉଁ ସଂପାଦକ ପାଇଁ ପ୍ରୁଫ୍ ସାଶୋଧନ କରି କ'ଣଟା ମିଳିବ ତୋତେ, ଯେଉଁଥିରେ ତୁ ସୁଖ ଦେଇପାରିବୁ ତୋ ପତ୍ନୀ ତଥା ପ୍ରିୟାକୁ ? ଯାଉନୁ କୋଉ ଦୋକାନ ଦପ୍ତରରେ କିରାଣୀଗିରି କରିବୁ ? କି ଆଉ କୋଉ ଧଂଦା ? ମୁଁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲି, କିଂତୁ ତୁ ମୋତେ ଆଡେଇ ଦେଲୁ । କହିଲୁ ନାଇଁ ସାର୍ ସାହିତ୍ୟକାମ ହିଁ ମୋର ଧର୍ମ, ତା' ଯେକୌଣସି ଧରଣର ହେଉ, ଏବଂ ମୋ ନିଜ ଲେଖା ଦି'ଧାଡି ହେଉଛି ମୋର ଜୀବନ । ଉହ୍ୟ ରହିଗଲା ଯେ ଜୀବନରଂଗର କେନ୍ଦ୍ରବିଂଦୁ ହେଉଛି .....

କିଂତୁ ଦୁଲିକୁ କେବଳ ମନେ ମନେ କୁହେ, ମୁହଁ ଉପରେ କହିବାର ସାହସ ହୁଏ ନାହିଁ — ଦେଖ୍ ଦୁଲି, ତୁ ପ୍ରେମ କରି ବାହା ହୋଇଛୁ । ପ୍ରେମର ମହତ୍ତ୍ୱ କ'ଣ ଜଣା ନାହିଁ ତୋତେ ? ଏବଂ ତୁ ତ ଜାଣିଛୁ କବିମାନେ କେତେ ଅବାଗିଆ, କେତେ ଅଘୋରୀ । କିଂତୁ ତଥାପି ତୁ ଟିକିଏ ସ୍ୱାର୍ଥତ୍ୟାଗ କରିପାରୁ ନାହୁଁ, ପ୍ରେମ ପାଇଁ ? ଏବଂ ପ୍ରେମିକର ସାହିତ୍ୟ ପାଇଁ ? ତୋ ମୁହଁରେ ଟିକିଏ ହସ ଫୁଟେଇ ପାରୁନୁ ? ଗହଣାଗାଣ୍ଠି ନ ହେଲା ନାହିଁ, ଭଲ ଶାଢୀ ଖଣ୍ଡେ ପିଂଧି ଯତ୍‌ସାମାନ୍ୟ ସାଜିଗୁଜି ହୋଇ ଏବଂ ସୁଂଦର ହସଟିଏ ହସି ଜଣେଇ ଦେଇ ପାରନ୍ତୁ ନାହିଁ ପୃଥିବୀକୁ, ଯେ ଗନୁର କାବ୍ୟନାୟିକା ମଳିନା ନୁହେଁ, ଦୁଃସ୍ଥ ନୁହେଁ । ବିଶେଷତଃ ତୋର ନିଜସ୍ୱ ଚେହେରାଟି ବେଶ୍ ଭଲ, ଏଥିରେ ସଂଦେହ ନାହିଁ । ତୁ ଯଦି ଟିକିଏ ଚେଷ୍ଟା କରନ୍ତୁ ନା .... !

ତୋ ଚେହେରାଟି ଖାଲି ଭଲ ନୁହେଁ, ତୁ ସୁଂଦରୀଟିଏ ! ହଠାତ୍ ଏଇ ଭାବ ଦିନେ ଆସିଲା ମୋ ମନରେ, ଏବଂ ତା ଉପରେ, ଗନୁ ଉପରେ ଓ ପୃଥିବୀ ଉପରେ ରାଗିବାକୁ ଇଚ୍ଛା ହେଲା । ଯେତେବେଳେ ମୁଁ ଯାଇଥିଲି ତାଙ୍କ ଘରକୁ ପ୍ରାୟ ରାତି ଦଶଟା ବେଳକୁ, ଏବଂ ସେ ଏକୁଟିଆ ଥିଲା । ମୁଁ ଜଣେ ଶିଳ୍ପୀଙ୍କ ଘରକୁ ଯାଇଥିଲି ମୋର ନୂଆ ବହିର କଭର ଡିଜାଇନ ପାଇଁ । ଫେରନ୍ତା ବାଟରେ ମନ ହେଲା ଯାଙ୍କ ଘରେ ପଶି ଆସିବାକୁ ।

ଆସି ଶୁଣିଲି ଯେ ଗନୁ ଫେରି ନାହିଁ ଏତେବେଳ ଯାଏଁ । କୋଉ ପ୍ରେସ୍ ବାଲା

Digitized by srujanika@gmail.com

ଡାକିଛନ୍ତି ତା'କୁ ନୂଆ କାମ ଦେବେ ବୋଲି । ଫେରିବେ କେତେବେଳେ ? ମଉନମୂହୀଁ ସାନ ଉତ୍ତରଟିଏ ଦେଲା — ''କହିପାରିବି ନାହିଁ ।'' ତେବେ ମୋର ବିମୂଢତାକୁ ଲକ୍ଷ୍ୟ କରି କି ଆଉ କୋଉଥି ପାଇଁ ଭଗବାନ୍ ଜାଣନ୍ତି, ସେ ଏତିକିରେ ରହିଗଲା ନାହିଁ ସବୁଥର ପରି । ଆହୁରି କିଛି କହିବାକୁ ଚାହିଁଲା ।

''ସେ କହିକରି ଯାଆନ୍ତି ନାହିଁ କେତେବେଳେ ଫେରିବେ ବୋଲି ଏବଂ କେତେବେଳେ ଫେରନ୍ତି ତା'ବି' ମୋତେ ଜଣା ନ ଥାଏ ।''

ଅର୍ଥାତ୍ ?

''ତାଙ୍କ ପାଇଁ ଖାଇବା ବଢ଼ା ହୋଇ ରହିଥାଏ । ତା'କୁ ଖାଇଲେ ଖାଆନ୍ତି, ନ ଖାଇଲେ ନାହିଁ । ତା'ପରେ ତାଙ୍କ ପଢ଼ା ଟେବୁଲ୍ ପାଖକୁ ଚାଲିଯାଆନ୍ତି । ସେଇଠି ବସି ଲେଖନ୍ତି । ଦିନ ଯାକ ଆଉ କୋଉଠୁ ସମୟ ଥାଏ ଲେଖିବା ପାଇଁ ?'

ସେଇଠୁଁ ?

''ଶୋଇବା ଘରକୁ କେତେବେଳେ ଫେରନ୍ତି, ତା'ର ଠିକଣା ନ ଥାଏ । କିଂବା ମୋର ଜାଣିବା ଦରକାର ହୁଏ ନାହିଁ । ବେଳେ ବେଳେ ମୋଟେ ଫେରନ୍ତି ନାହିଁ । ସକାଳୁ ଉଠି ଦେଖେ ଯେ ସେ ଆର ଘର ଖଟିଆ ଉପରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି ।''

ଆଇ-ସି !

ଆଇ-ସି ବୋଲି କାହିଁକି କହୁଛ ମିଛୁଟାରେ ? କ'ଣଟା ଦେଖୁଛ, କ'ଣଟା ବୁଝୁଛ ? ମୋର ମନେ ହେଲା ଦୁଲି ଆକ୍ରମକ ଚାହାଣୀରେ ଅନେଇଛି ମୋ ଆଡ଼କୁ । ଟୁଲ୍‌ଟା ଉପରେ ବସିଛି, ପଢ଼ାଟେବୁଲ୍ ପାଖରୁ ଟାଣି ଆଣିଥିବା ଏକମାତ୍ର ଭଲ ଚଉକି ମୋ ପାଇଁ ଛାଡ଼ି ଦେଇଛି । ଚପା କ୍ରୋଧରେ ତା'ମୁହଁଟା ସଜୀବ ଦିଶୁଛି । ବୋଧହୁଏ ଏତେଟା ଦିଶୁ ନ ଥାଆନ୍ତା ଯଦି ଆଜିକାର ଶାରଦୀୟ ଜହ୍ନ ଆଲୁଅ ଏତେ ଡୋପା ହେଇ ନ ଥାଆନ୍ତା । କିଂବା ଠକ ହୋଇ ନ ଥାଆନ୍ତା ତା'ଉପରେ । କିଂତୁ ତା'ସାଂଗକୁ ମୋତେ ଦିଶି ଯାଉଥିଲା ଯେ ଏଇ କ୍ରୋଧ ଜଣେ ତରୁଣୀର । ଏବଂ ସୁଂଦରୀର । ତା'ର ସରଖ ସୁଂଦର ନାକ, ଉପାଣିଆ ଆଖି ଏବଂ ଅଂକା ହେଲା ପରି ଓଠ, ଯାହା ଯତ୍‌ସାମାନ୍ୟ ଥରି ଉଠିଲା ପରି ମନେ ହେଉଥିଲା, ଆଉ କିଛି କହିପାରନ୍ତା ବୋଲି । ଏବଂ ଜହ୍ନଆଲୁଅ କେବଳ ତା' ମୁହଁ ଉପରେ ପଡୁ ନ ଥିଲା, ମଧ୍ୟ ଖସି ଆସିଥିଲା ମୁହଁର ତଳକୁ, ଯେତିକିଟା ଦରକାର ବୃଦ୍ଧ ଲେଖକକୁ ଚିଡ଼େଇବା ପାଇଁ । ଯେ ଦେଖ ତୁମ ତରୁଣ ବଂଧୁର ପତ୍ନୀକୁ । ତା'ପାଇଁ ବି କ'ଣ କିଛି ଦାୟିତ୍ୱ ନାହିଁ ତମର ? କହିବାକୁ ଗଲେ ସେ ଗୋଟିଏ ଅବହେଳିତା ଉମା ପରି ଦେଖା ଯାଉଥିଲା ଯାହାର ଅଧିକାର ଅଛି ଚଣ୍ଡୀ ହେବା ପାଇଁ । ଏବଂ ସେ ମୋଠାରୁ ଦୟା ଚାହୁଁ ନ ଥିଲା, ଗୋଟିଏ ଫଇସଲା ଦାବି କରୁଥିଲା ଗନୁର ସାରଙ୍କଠାରୁ ।

...ଆଲୋ, ମୁଁ କ'ଣ କରବି ? ତୋର କ'ଣ ମୁଣ୍ଡ ଖରାପ ? ଏସବୁ ବିଷୟରେ ମୁଁ କ'ଣଟା କରିପାରିବି ? ସବୁ ନିର୍ଭର କରେ ଗନୁ ଉପରେ ଅଥବା ଭଗବାନଙ୍କ

Digitized by srujanika@gmail.com

ଉପରେ...ସେଇଠୁଁ ଗୋଟାଏ ତୀବ୍ର ଓ ବ୍ୟାକୁଳ ପ୍ରାର୍ଥନା ଉଠି ଆସିଲା ମୋ ଅଂତରରୁ-ହେ ଭଗବାନ୍, କିଛି ଗୋଟାଏ ଘଟନ୍ତା ନାହିଁ ଯେଉଁଥିରେ ଦୃଶ୍ୟଟା ପୂରାପୂରି ବଦଳି ଯାଆନ୍ତା । ଆଉ ଏଇ ମଳିନା ପ୍ରକାଶିତ ପ୍ରତିଭାତ ହୋଇ ଉଠନ୍ତା, ତା'ର ନିଜସ୍ୱ ସୁଂଦରପଣକୁ ନେଇ ଯାହା କି ତା'ର ପାଉଣା ଏଇ ସଂସାରଠାରୁ !

ହେଲେ ଦୃଶ୍ୟଟା ଏମିତି ଭାବରେ ବଦଳିଯିବ ବୋଲି କିଏ ଭାବିଥିଲା ? ଗନୁ କୁଆଡ଼େ ଦି'ଦିନିଆ ଜ୍ୱରରେ ଚାଲିଗଲା ହଠାତ୍ । ତା'ର ମୁଣ୍ଡ ବାଉଳା ଧରିଲା ଓ ସେ କ'ଣ ବୋଲି କ'ଣ କହୁଥାଏ ଦୁଲିକୁ, ଯାହାର ଅର୍ଥ ବୁଝି ହେଉ ନ ଥାଏ । ଜଣେ ପ୍ରକାଶକ ବଂଧୁ ମୋତେ ଜଣାଇଲେ ଏ କଥା, ମୁଁ ଯେତେବେଳେ ଦିଲ୍ଲୀରୁ ଫେରିଆସିଲି ମୋ ପିଲାମାନଙ୍କ ସାଂଗରେ ତିନିଚାରି ମାସ ବିତେଇଲା ପରେ । ମୋ ଛାତିରୁ ଯେଉଁ କୋହ ଉଠିଲା, ତା' ସାଂଗକୁ ମୁଁ ଆତୁର ହେଉଥିଲି ମୋ ବଂଧୁକୁ ପଚାରିବା ପାଇଁ-କ'ଣ କିଛି ବୋଲି କିଛି ବୁଝି ହେଉ ନ ଥିଲା ସେ ଯାହା କହୁଥିଲା ଦୁଲିକୁ, ବାଉଳା ଚାଉଳା ହୋଇ ? କାରଣ ମୋର ଆଶଂକା ହେଉଥିଲା ଯେ ସେ ବଂଚିରହିବାର ଆଗ୍ରହକୁ ବୋଧହୁଏ ହରେଇ ଦେଇଥିଲା ସେତେବେଳକୁ । ଅଜ୍ଞାନର ଅଂଧପୁଟୁକି ଖୋଲିଯାଇଥିଲା, ଏବଂ ସେ ତା'ର ପ୍ରେମ ପୃଥିବୀକୁ ଦେଖିପାରିଲା ନାହିଁ କେଉଁଠି । ଯଦିଓ ପଚାରିଲି ନାହିଁ ଏଭଳି ଏକ ଅବାନ୍ତର ପ୍ରଶ୍ନ ।

ବୁଝିଲି ଯେ ଦୁଲି ମଧ୍ୟ ନାହିଁ ଏଠି । ଦକ୍ଷିଣକୁ ଚାଲିଗଲାଣି, ତା' ବାପ ଘରକୁ । ହେଲେ ତା' ବରହମ୍‌ପୁର ଠିକଣା ଜଣା ନ ଥିଲା କାହାକୁ, ଏବଂ ମୁଁ ସେ ବିଷୟରେ ଖୋଜତାଡ଼ କରିବାକୁ ଚାହିଁଲି ନାହିଁ । ଏମିତି କେତେ ଅଧ୍ୟାୟ ସମାପ୍ତ ହୋଇଯାଇଛି ଆପେ ଆପେ, ମୋ ଦୀର୍ଘଜୀବନର ଅନୁଭୂତି ଭିତରେ । ଇଏ ମଧ୍ୟ ସେଇଥିରୁ ଗୋଟିଏ । ଧନ୍ୟବାଦ । କିଂତୁ ମୋର ବୁଝିବା ଉଚିତ ଥିଲା ଯେ, ଏଇ ଅଧ୍ୟାୟ ସରିବାର ନୁହେଁ ଏତେ ଶୀଘ୍ର । କାରଣ ପାଣ୍ଡୁଲିପିଟି ତଥାପି ରହିଛି ମୋ ପାଖରେ ଏବଂ ତା'ର ଧୂଳିଧୂସରିତ ଚେହେରାକୁ ଦେଖେଇ ହେଉଛି ମୋତେ, ଦୋଷ ଦେଲା ପରି, ଯେତେବେଳେ ମୁଁ ମୋ ସାହିତ୍ୟ ଭଣ୍ଡାରକୁ ସଜାଡ଼ିବାକୁ ଯାଉଛି ।

ତା'ଛଡ଼ା ଆଉ ଗୋଟିଏ ଘଟଣା ଘଟିଗଲା ଏବେ । ଏଇ କେତେଦିନ ତଳେ, ଯେତେବେଳେ ମୁଁ ବରହମ୍‌ପୁର ଯାଇଥିଲି, ଅନ୍ୟତମ କବିତା ଉତ୍ସବରେ ଯୋଗଦେବା ପାଇଁ । ସେଠି ମୁଁ କାହାକୁ ଦେଖିଲି ଜାଣନ୍ତି ? ଆଖି ମଳି ମଳି ଦେଖିଲି , କାରଣ ମୋ ଦୃଷ୍ଟିକୁ ବିଶ୍ୱାସ କରି ହେଲା ନାହିଁ । ହେଲେ ତାକୁ ଦେଖିଲି ଗୋଟାପଣେ । ଖୋଦ୍ ଦମୟନ୍ତୀ ବେହେରା । କିନ୍ତୁ ସେବେକାର ଦୁଲି ନୁହେଁ, ଇଏ ଆଉଜଣେ ।

ଅଂରେଜ୍ ରଂଗର ବରହମପୁରୀ ପାଟ ଖଣ୍ଡେ ପିନ୍ଧିଛି, ଖୋସାରେ ଫୁଲ ଏବଂ ଓଠରେ ଖିଲି ଖିଲି ହସ । ଜୀବନାନଂଦର ଛୁଆରରେ ଧୋଇ ପୋଛି ହୋଇ ଝଟି ଉଠୁଥିବା ତରୁଣୀଟିଏ । ସୁଂଦରୀ ଟିଏ । ପ୍ରକାଶିତ ପ୍ରତିଭାତ ହୋଇଉଠିଛି ତା' ସ୍ୱରୂପର ନିର୍ଭୁଲ ଛାୟା

Digitized by srujanika@gmail.com

ଓ ଚମତ୍କାର ପରିପାଟୀ ସହ । ଇସ୍ ! କ୍ଷଣକ ପାଇଁ ମୁଁ ଉଲ୍ଲସିତ ହୋଉ ଉଠିଲି । ସତେକି ମୋର ପାର୍ଥନା ପୂର୍ଣ୍ଣ ହେଲା ଏତେ ଦିନକେ ।

କିଂତୁ ତା ପରେ ପରେ ମୋର ଚେତା ହେଲାଯେ ମୋର ଆନଂଦ ଦୂଷଣୀୟ । ତା' ପାଖରେ ବସିଥିବା ତରୁଣଟିଏ ମଧ୍ୟ ହସୁଛି ତା' ମୁଁହକୁ ଚାହିଁ, ସେଥିପାଇଁ ନୁହେଁ । ମୋର ମନେ ପଡ଼ିଲା ଯେ ଆଉ ଗୋଟିଏ ପାଣ୍ଡୁଲିପି ଅଛି ଯାହାକି ପ୍ରକାଶିତ ହୋଇ ପାରିନାହିଁ ଆଜିଯାଏ । ଏବଂ ତା'ର ଘନିଷ୍ଠ ସମ୍ପର୍କ ଅଛି ଏଇ ହାସ୍ୟବତୀ ତରୁଣୀ ସାଂଗରେ, ଯେ ମୋର ଜଣେ ଅତି ଆପଣାର ବିଧବା ।

ସେହେତୁ ମୁଁ ରାଗିଲି ତା' ଉପରେ, ରାଗିଲା ପରି । କୋଉ ଦୟାମାୟାରେ ବିଚଳିତ ନହୋଇ । ଏବଂ ମୋର ଇଚ୍ଛାହେଲା ଧାଇଁଯିବି ତା'ପାଖକୁ, ଓ ତାକୁ ପଚାରିବି- ଅଲାଳୁକୀ ! ଗନୁର ସାହିତ୍ୟକୁ 'ହଃ !' କହୁଥିଲୁ ପରା ? ଏଇକ୍ଷଣି କୋଉ ମୁହଁରେ ଆସିଛୁ କବିତା ପାଠ ଶୁଣିବା ପାଇଁ ? ତୋର ହତଭାଗା ସ୍ୱର୍ଗତ ସ୍ୱାମୀ ଛଡ଼ା କାହାଠୁ ଶିଖିଛୁ ଏ ସାହିତ୍ୟପ୍ରେମ ? ହେଲେ ତା' ପରେ ମୋର ଖିଆଲ ହେଲାଯେ ନିଜକୁ ହାସ୍ୟାସ୍ପଦ କରି ଦର୍ଶାଇବାର ଆଉ ଅନେକ ଉପାୟ ଅଛି ଏ ବୁଢ଼ା ବୟସରେ ।

ପାଣ୍ଡୁଲିପିକୁ ମୁଁ ପୁଣି ମୋ ହାତକୁ ଫେରାଇ ଆଣୁଛି, ଦେଖନ୍ତୁ । ଏବଂ ମୁଁ ଆହ୍ୱାନ କରୁଛି ମୋ ଦେଶର ସୁଧୀ ପ୍ରକାଶକମାନଙ୍କୁ- ଦୟା କରି ଛପେଇଦିଅ ଏଇ ବହିଟିକୁ । ସାହିତ୍ୟ ଥାଉ କି ନ ଥାଉ ସେଥିରେ, ମୁଁ ବ୍ୟାକୁଳ ହୋଇ ଉଠିଛି ତା'ର ମୁଦ୍ରିତ, ପ୍ରକାଶିତ ଓ ଗୌରାବାନ୍ୱିତ ମୁହଁକୁ ଦେଖିବା ପାଇଁ । ଗନୁ ମୋର ପୁଅ ଥିଲା ପରା !

ଏତିକି ଉପକାର କରିପାରିବ ନାହିଁ ମୋ ପାଇଁ, ମୁଁ ତୁମମାନଙ୍କୁ ଏତେ ସାଥଁକ ୯ ପୁରସ୍କାରପ୍ରାପ୍ତ ଲେଖା ଯୋଗାଇଲା ପରେ ? ତେବେ ଗୋଟିଏ ଅନୁରୋଧ । ମୋତେ ତା'ର ମୁଖବନ୍ଧ ଲେଖିବା ପାଇଁ କାହିବ ନାହିଁ । ମୁଁ ପାରିବି ନାହିଁ । ନିଜର ଛେନାଗୁଡ଼ ସୁଖ୍ୟାତିକୁ ବଂଚେଇବା ପାଇଁ ନୁହେଁ । କେବଳ ଏଇଥି ପାଇଁ ଯେ ମୁଁ ଅଯୋଗ୍ୟ । ପାଗଳା ଗନୁଟା ମୋତେ ମିଛୁଟାରେ ଗୋଟେ ଆଶା ଦେଇଥିଲା ... ।

ଯୌବନର ପ୍ରେମକୁ ଛାଡ଼ି ଦିଅ, ସେ ତ ସବୁଦିନେ ଗଣ୍ଡଗୋଳିଆ । କିନ୍ତୁ ବୁଢ଼ା ଦିନର ଏ ଅଶ-ଆଇଁଷିଣିଆ ମମତା ବି ବଳେଇ ଗଲା ମୋତେ, ମୁଁ ତା'ର ଅଙ୍କ ମିଳେଇ ପାରିଲି ନାହିଁ, ଆଉ ଏତେ ଘାଣ୍ଟି ହେଲି ତା'ର ପଂକ ଭିତରେ, ଏଥିରେ କହୁଛ କ'ଣ ନା ମୁଁ ମୁଖବଂଧ ଲେଖିବି ଏଭଳି ଏକ ବିଖ୍ୟାତ ପ୍ରେମ ଗ୍ରନ୍ଥର ?

Digitized by srujanika@gmail.com

କୁକୁରଙ୍କ କାନ୍ଦଣା

(୧)

(ପୂର୍ବାହ୍ନ : ବିପିନ ବାବୁ)

ଗୋଟିଏ କୁକୁରର କାନ୍ଦଣା ତୁମକୁ ଏମିତି ଅସ୍ଥିର କରିଦେଲା ଯେ ତୁମେ ସେଠି ଆଉ ଘଣ୍ଟାଏ ରହି ପାରିଲ ନାହିଁ ? କୁକୁରଟା ପାଇଁ ଏତେ ଦରଦ, ହେଲେ ତମ ନାତିର ଭବିଷ୍ୟତ ତମରି ହାତରେ, ଏତିକି ଭାବି ପାରିଲ ନାହିଁ ? ଲାଞ୍ଜୁକ ଜାକି ପଳାଇ ଆସିଲ ସେଠୁଁ, ତମ ବଂଧୁ ଫେରିବା ଆଗରୁ ? ଇତ୍ୟାଦି । କଟୁକ୍ତିର ସୀମା ରହିବ ନାହିଁ ମୋ ପାଇଁ । ମଧ୍ୟ ବିଦ୍ରୁପର । ଛବିଜ 'ଛିଃ ଛିଃ'ରେ ମୁଖର ହୋଇ ଉଠିବେ ସେମାନେ, ଦିଲ୍ଲୀରେ ଥିବା ମୋର ଭାଇବନ୍ଧୁମାନେ । ଏପରିକି ମୋର ଆଦରଣୀୟ ଝିଅ ମଧ୍ୟ ଗଅଁ ଗଅଁ ହେବ ମନେ ମନେ । ଯେ ତା' ଅପାରଗ ବାପା କିଛି କଲେ ନାହିଁ ତା' ପୂଅ ପାଇଁ । ଏମିତିକା ସୁବର୍ଣ୍ଣ ସୁଯୋଗ ଛାଡ଼ିଦେଲେ ହାତରୁ...

ବିପିନି ରାଉତ ଏହି ମର୍ମରେ ଅନୁମାନ କରୁଥିଲେ ସେମାନେ କଣ କହିବେ, ତାଙ୍କ ନିଜ ଲୋକମାନେ, ଯେଉଁମାନେ ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ଶ୍ୟାଳକ ଶ୍ରୀକାନ୍ତ ସାମନ୍ତ ଆଡ୍‌ଭୋକେଟ୍‌ଙ୍କ ଘରେ । ଯଦି ସେ କୁକୁର-ଭିତ୍ତିକ ସତ କଥାଟାକୁ କହିଦିଅନ୍ତି । ସେଇଠୁଁ ସେ ସ୍ଥିର କଲେ—

ନା, ତମେ ନିରାଶ ହୁଅ କି ହତାଶ ହୁଅ, ମୁଁ ଚାହେଁ ନାହିଁ ତମେ ସବୁ ରାଗିବ ମୋ ଉପରେ । ମୋ ମନର ଅତ୍ୟଧିକ ଓ ଅସାଧାରଣ କାରୁଣ୍ୟହିଁ ମୋର ବଡ଼ପଣ । ହେଲେ ଦୁର୍ବୋଧ୍ୟ ତମ ପାଇଁ ।

ସେହେତୁ ମୁଁ କହିବି ନାହିଁ କୁକୁର କଥା । କହିବି ନାହିଁ ଯେ ମୁଁ ତା' କାନ୍ଦଣାରେ ଅତିଷ୍ଠ ହୋଇ ଉଠିଲି । ବୃଥା ଚେଷ୍ଟା କରିବି ନାହିଁ ବୁଝେଇବା ପାଇଁ ଯେ ସିଏ ଗୋଟାଏ ଇତର ସାଧାରଣ କାନ୍ଦଣା ନୁହେଁ କି ଚିତ୍‌କାର ନୁହେଁ, ଉଭୟର ମିଶାମିଶି ଗୋଟାଏ ଅସହ୍ୟ ଯନ୍ତ୍ରଣାର କ୍ୟାଉଁ କ୍ୟାଉଁ, ଦେହଠାରୁ ବଳି ମନର— ମୋତେ କାହିଁକି ବାନ୍ଧି ରଖିଛ ଏମିତି ଏଇ ତାତିଲା ଖୋଲା ଛାତ ଉପରେ ? ପ୍ରଚଣ୍ଡ ସୂର୍ଯ୍ୟର ଖରାବେକୁଟାରେ ? କାହିଁକି ?? ହେଲେ କେହି ଶୁଣିବାକୁ ନାହିଁ ତାର ଅଭିଯୋଗ । କେହି ମଧ୍ୟ ଶୁଣିବେ ନାହିଁ,

Digitized by srujanika@gmail.com

ସାହେବ ଘରକୁ ନ ଫେରିବା ଯାଏଁ । କୁଆଡ଼େ ତାହାହିଁ ଘରର ନିୟମ, ସାହେବଙ୍କ ଇଚ୍ଛା । ସେଇଠୁଁ ମୁଁ ଆଉ ସହି ପାରିଲି ନାହିଁ । କୁକୁର କାନ୍ଦଣା କି ତା' ମାଲିକର ପ୍ରଭୁପଣିଆ । ନିର୍ମମ, ଅଶ୍ଲୀଳ, ପାଶବ.... ନା, ନା, ପାଶବ ନୁହେଁ, କୋଉ ପଶୁ ଏତେ ନିର୍ମମ କି ଅଶ୍ଲୀଳ ହୋଇ ପାରିବ ନାହିଁ । ଖାଲି ହୋଇପାରିବ ସେଇ ଲୋକଟା । ଭାରତର ପ୍ରଥମ ଦଶକ, 'ଟପ୍ ଟେନ୍' ତାଲିକାରେ ଥିବା ଶିଳ୍ପପତି, ସେବେକାର ଚାମ୍ପିଆନ୍ ଟେନିସ୍ ଖେଳାଳି, ସେବେକାର ଦୁଃସାହସୀ ସନ୍ତରଣକାରୀ, ଗଣକଲ୍ୟାଣ ପାର୍ଟିର ନିର୍ମାତା ଓ ପାଣ୍ଡିଦାତା, ନିଜେ ମନ୍ତ୍ରୀ ହେଲାନାହିଁ କିନ୍ତୁ ମନ୍ତ୍ରୀଙ୍କ ମା-ବାପ୍, ସ୍ୱନାମଧନ୍ୟ ଦେବୁ ନାୟକ । ଆଉ ସିଏ କୁଆଡ଼େ ମୋ ବନ୍ଧୁ, ପୁଣି ବଡଭାଇ ସମାନ ! ବଡଭାଇ, ମାଇ ଫୁଟ୍ ! ଆଇ ହେଟ୍ ହିମ୍, ପିଲାଟି ଦିନୁ ।

ହଁ ମୁଁ ମିଛ କହିବି । କହିବି ଯେ ମୁଁ ବସି ବସି ଫେରି ଆସିଲି ତା' ଘରୁ । ଦେଖା ହେଲା ନାହିଁ ତା' ସାଙ୍ଗରେ । ଏବଂ ଦେଖା ବି' ହେବନାହିଁ ଆସନ୍ତା ଦଶବାର ଦିନ ଭିତରେ, ଯାହକି ସତ କଥା । କାହିଁକିନା ଶୁଣିଲି ଯେ ସେ କାଲି ସକାଳେ ଦିଲ୍ଲୀ ଛାଡ଼ି ଜର୍ମାନୀ ଯାଉଛି, କୋଉ ବିଜିନେସ୍ କନ୍‌ଫରେନ୍ସ୍‌ରେ । କିନ୍ତୁ ଆମେ ନ ଥିବୁ ଦିଲ୍ଲୀରେ ସେ ଫେରିଲା ବେଳକୁ । ଝିଅ ଓ ନାତି ଫେରିଯାଇଥିବେ ଜ୍ୱାଇଁଙ୍କ କର୍ମକ୍ଷେତ୍ର ଜାମ୍‌ସଦ୍‌ପୁରକୁ ।

ଏବଂ ମୁଁ ଥିବି ମୋ ଘରେ, କଟକରେ । ଗୁଡ୍ ।

ଅବଶ୍ୟ ମୁଁ ଲୋକଟାକୁ ଘୃଣାକରେ । ତା'ବୋଲି କୁକୁରକାନ୍ଦଣା ନାଆଁରେ ଗୋଟାଏ ବାହାନା ମିଳିଗଲା ମୋତେ ନିଜକୁ ସଫେଇ ଦେବାପାଇଁ, ଏବଂ ମୋର ତଥାକଥିତ ଦାୟିତ୍ୱରୁ ଓହରି ଯିବା ପାଇଁ ତା' ନୁହେଁ । ମୁଁ ତା'କୁ ଡ଼ରିଛି ନା କଅଣ ଯେ ଲୁଚିବି ତା'ଠୁ ? ସେ ଯେତେ ବଡ଼ ଲୋକ ହେଉ, ରାଜା ହେଉ କି ନେତା, ଆଇ ଡୋଣ୍ଟ୍ କେୟାର୍ । ଆଇ ଜଷ୍ଟ ଡୋଣ୍ଟ କେୟାର୍ ! କିନ୍ତୁ ତଥାପି ହୁଏତ ଗୋଟାଏ ଅନୁରୋଧ କରିଥାନ୍ତି ମୋ ନାତିଟୋକା ପାଇଁ, ପିଲାଦିନର ଚିହ୍ନା ହିସାବରେ । କିନ୍ତୁ କ'ଣ କରିବି, ନିରୀହ ଜନ୍ତୁଟାର କାନ୍ଦଣାରେ ମୋ ମୁଣ୍ଡ ବିଗିଡ଼ିଗଲା । ଭାବିଲି ମୁଁ କଦାପି ଦେଖା କରିବି ନାହିଁ ଏଭଳି ଗୋଟାଏ ଅମଣିଷ ସାଂଗରେ, ତା'ଠୁଁ କିଛି ସାହାଯ୍ୟ ଲୋଡ଼ିବା ଦୂରର କଥା । ମୋ ଜୀବନଟା ଏତେ ଅସରଣିଆ ନୁହେଁ ଯେ ତା'କୁ ଅପବିତ୍ର କରିଦେବି ଏଇ ବୁଢ଼ା ବୟସରେ ।

ମାନୁଛି ସେ ଖାଲି ମୋର ଚିହ୍ନା ନ ଥିଲା । ମୋ ବାପାବୋଉ ତା'କୁ ଆମ ବିରାଦରିର ଜଣେ ବୋଲି ଭାବୁଥିଲେ । ଆମ ବଡ଼ ପିଉସୀଙ୍କ କୋଉ ପୁତୁରା ହିସାବରେ । ସେଇଲାଗି ତା'କୁ 'ଦେବ୍‌ଭାଇ' ଡ଼ାକିବୁ, ଆଉ ନମସ୍କାର କରିବୁ ବୋଲି ବାପା ମୋତେ ଚେତାଇ ଦେଇଥିଲେ, ଯେଉଁଦିନ ସେ ଆସିଥିଲା ଆମ ଘରକୁ ମୋ ପିଲାଦିନେ, ଓ ମୁଁ ତା'କୁ ଦେଖିଲି ପ୍ରଥମ ଥର ପାଇଁ । ଗୋଟାଏ ହିରୋ ହୋଇ ଆସିଥିଲା ସେଥର, କାହିଁକି ନା ସେ ବୁଢ଼ିଯାଉଥିବା କେଉଁ ହତଭାଗାଙ୍କୁ ଉଦ୍ଧାର କରିଥିଲା ବଂଗୋପସାଗରରୁ, ଏବଂ

Digitized by srujanika@gmail.com

ତା' ନାଆଁ ବାହାରିଥିଲା ଖବର କାଗଜରେ ।

ମୋର ହିଂସା ନଥିଲା ତା' ଉପରେ । ସେ ମୋଠୁଁ ପ୍ରାୟ ସାତ ବର୍ଷ ବଡ଼ । ବଡ଼ ଭାଇ ମାନ୍ୟରେ ମୁଁ ତା'କୁ ଯଥାବିଧି ସମ୍ମାନ ଦେଇଥାଆନ୍ତି, ଏଥିରେ ସଂଦେହ ନାହିଁ । କିନ୍ତୁ..କିନ୍ତୁ ସେଦିନ ସେ ମୋ ଆଡ଼କୁ ସେମିତି ଅନେଇଲା କାହିଁକି ? ଅନେଇଲା ଆଉ ମୁରୁକି ହସା ଦେଲା । ଆଉ ଯାହା କହିଲା— ସତେକି ମୁଁ ହୋଇପାରେ ତା ସାନଭାଇ ଲେଖା, କିନ୍ତୁ ଯେତେହେଲେ ଗୋଟାଏ ହୀନିମାନିଆ ମଫସଲିଆ ଦୁର୍ବକିଆ ଜୀବ । ମୃଷାଟାଏ !

ମୋର ମନେ ପଡୁଛି ସେଦିନ କଥା । ଝିପି ଝିପି ବର୍ଷା ଲଗି ରହିଥାଏ ସକାଳଠାରୁ । ମୁଁ ଘର ଭିତରେ ଥାଇ ମଜା କରୁଥିଲି ମୋର କେଇଜଣ ସାଙ୍ଗମାନଙ୍କୁ ନେଇ । ଏମିତିକା ପାଣିପାଗ, ପୁଣି ଛୁଟି ଦିନ । ମାଟ୍ରିକ୍ ପରୀକ୍ଷା ଓ କଲେଜ୍ ପଢ଼ା ଭିତରେ ଦୋକାୟିତ ସେଇ କେତୋଟି ଅଳସ ବିକାସର ଦିନ । ଆମର ସେଇ ପୁରୁଣା ତିନିପୁରୁଷିଆ ଘର, ଛୋଟିଆ ଛୋଟିଆ ରୁମ୍, ଓ ବିରାଟ ଅଗଣା । ଗୋଟିଏ କଣ ରୁମ୍‌ରେ ବସି ଆମେ କ୍ୟାରମ୍ ଖେଳୁଥିଲୁ, ଗପୁଥିଲୁ, ଗୀତ ବୋଲୁଥିଲୁ । ଗରମ ଗରମ ବରା ପିଆଜି ବି ପାଟିରେ ପକାଉଥିଲୁ । ଏବଂ ସେଇ ସମୟରେ ଆସି ପହଞ୍ଚିଗଲା ଏଇ କଲିକତିଆ ବୀର । ବାପା ଡ଼ାକ ଛାଡ଼ିଲେ ମୋତେ— 'ବିପିନ୍ ହେ ବିପିନ୍ ! ଶୁଣ୍, ପଦାକୁ ଆ,' ତୋ ଦେବ୍‌ଭାଇ ଆସିଛି...

ବାହାରକୁ ଆସି ଦେଖିଲାରୁ ଗୋଟାଏ ଲମ୍ବାଚଉଡ଼ା ଟୋକା ଠିଆ ହୋଇଛି ବାପାଙ୍କ ପାଖରେ, ଭିତର ପିଣ୍ଡାର ଅନ୍ୟତମ ଖୁମ୍ଭକୁ ଆଉଜି । ତାଙ୍କ ସମାସ୍କନ୍ଧ ପରି । ଆଉ ଅନେଇଛି ମୋ' ଆଡ଼କୁ, ନିହାତି ଲଜ୍ଜନା ଓ ଅଭଦ୍ର ଚାହାଣୀରେ । ମୁଁ ମୋ ଦୃଷ୍ଟି ତଳକୁ କଲି । ଆଉ କଣ' ଉପାୟ ଥିଲା ମୋର ? ସେଇଠୁ ସେ କହୁଛି ମୋତେ, ତା'ର ମୁରୁକିହସାକୁ ବଙ୍କେଇ ଦେଇ—

''କ'ଣ ଇଟିକିଲି ମିଟିକିଲି ଖେଳୁଥିଲୁ ? ନା ହପ୍ ସ୍କଚ୍- କଅଣ କହନ୍ତି ତା'କୁ ଇଆଡ଼େ, ଚଟା ନା କଅଣ ପରା ?'' ସେଇଥୁଁ ଗୋଟାଏ ହେଁ ହେଁ ହସ । ମୋତେ ତ ଯାହା ଛିଗୁଲେଇଲା ଏମିତି, ମୋ ମର୍ମରେ ଗଳିଗଲା ପରି । କିନ୍ତୁ ତା'ର ଛିଡ଼ା ହେବା ଠାଣି, ତା'ର ହସ, ତାର ସମସ୍ତ ଭାବଭଙ୍ଗୀରେ ଯେଉଁ ବେଖାତିରିଆ ଢଙ୍ଗ ଥିଲା, ସେଥିରୁ ମନେ ହେବ ଯେ ସେ ମୋ ବାପାକୁ ମଧ୍ୟ ପାସଙ୍ଗରେ ପକାଉନାହିଁ । ଯେ ତାର ମାମୁଁ ହେବେ । ଗୁରୁଜନ ।

ସେ ଟୋକା ଆଜି ପାକଲା ବୁଢ଼ା ହୋଇଗଲାଣି, ଯଦିଓ ସେ ଦେଖାଯାଏ ନାହିଁ ସେମିତି । କିନ୍ତୁ ତା'ର ଗଉଁ କି ବେଖାତିରିଆପଣ କ'ଣ ଟିକିଏ ହେଲେ କମିଛି ? ମୋତେ ନୁହେଁ । ବରଂ ସେ ଯେତିକି ବୁଢ଼ା ହେଉଛି ଆଉ ମରଣର ପାଖ ହୋଇ ଆସୁଛି, ସେ ସେତିକି ଗର୍ଜୁଛି । ଶଳା ବେଧୁଆ ବୁଢ଼ି ବାଷ୍କାଡ୍ ଠାରୁ ଆରମ୍ଭ କରି ଯେତେକ ଅକଥ୍ୟ

Digitized by srujanika@gmail.com

ଭାଷାରେ । ନକଲି ଦନ୍ତ ଦି'ପାଟିକୁ ମେଲି ଦେଇ । ଏବଂ ଖାଲି ଗର୍ଜୁନାହିଁ, ଶୁଣାଯାଏ ସେ ମଧ୍ୟ ଚାପୁଡ଼ା ମାରିଛି କେତେଜଣକୁ । ଭଦ୍ରଲୋକମାନଙ୍କୁ । ଇସ୍ ! ଏଭଳି ଗୋଟାଏ ଜାନୁୟାର୍ ବଡ଼ଲୋକ ହୋଇପାରେ, ଏବଂ ସମାଜ ଉପରେ କ୍ଷମତା ଖଟେଇ ପାରେ ତାରି କନ୍ଦରେ, କିନ୍ତୁ ଏତେ ଲୋକ ତା'କୁ ମାନୁଛନ୍ତି କେମିତି ? କେବଳ ତା ଛଅଛଅଟା କମ୍ପାନୀର ଅଫିସର୍-କିରାଣୀ-ମଜ୍‌ଦୁରଙ୍କ କଥା କହୁନାହିଁ ଯେଉଁମାନେ ତାଙ୍କୁ ଡ଼ରିବେ ହୁଏତ, କିନ୍ତୁ ବିଭିନ୍ନ ବାହାର ଲୋକ, ଶିଳ୍ପପତି, ଆଇନ୍‌ଜୀବୀ, ଶିକ୍ଷକ, ତଥା ରାଜନୀତି ବାଲା ଯେଉଁମାନେ ନିଜ ଗୋଡ଼ରେ ଠିଆ ହୋଇଛନ୍ତି, ସେମାନେ ବି' କାହିଁକି ତା'କୁ ଫୁଲମାଳା ଦିଅନ୍ତି ? ସେ କଅଣଟା ଏମିତି କରିଛି ଦେଶ ପାଇଁ ଯେ- ?

ବେଳେ ବେଳେ ମନେ ହୁଏ ଯେ ଆମ ଦେଶରେ ଯେତେକ ଲୋକ ସମସ୍ତେ ମାଇଚିଆ ! ମାଇଚିଆ ଆଉ ମାଡୁଆ ! 'ନେତା' 'ନେତା' ବୋଲି ଠେଲା ପେଲା ହୁଅନ୍ତି ତାରି ପାଦ ଚାଟିବା ପାଇଁ, ଯେ ତାଙ୍କୁ ଚାବୁକ ମାରେ ।

କିନ୍ତୁ ମୁଁ ତା' ଠାରୁ ଦୂରେଇ ରହିଛି ସେହି ପ୍ରଥମ ଦିନ ଠାରୁ । ଭୁଲ୍‌ରେ ହେଲେ ତା'ର କୌଣସି କଂପାନୀର ପାଖ ମାଡ଼ି ନାହିଁ । କର୍ମଚାରୀ, ଶେୟାର୍ ହୋଲ୍‌ଡ଼ର୍ ବା ଅନ୍ୟ କୌଣସି ହିସାବରେ । ଏବଂ ତା'ଠୁଁ ଆଡ଼େଇ ହୋଇ ଯାଇଛି ଯେତେବେଳେ ସେ ଅକାଳେ ସକାଳେ ଆସି ପହଞ୍ଚିଯାଏ ଆମ ବିରାଦରିର କେଉଁ ବାହା ନିମିତ୍ତରେ, ଏବଂ ତାକୁ ବେଢ଼ିଯାଆନ୍ତି ଆମ ଲୋକମାନେ । କାଳେ ମୁଁ ତା'ର ମୁହାଁମୁହିଁ ହେବି, ଆଇ ସେ ମୋତେ କଣ କହିଦେବ ପଦେ, ଯାହାକୁ ମୁଁ ବରଦାସ୍ତ କରିପାରିବି ନାହିଁ । ଫଳରେ ଗୋଟାଏ କାଣ୍ଡ ଘଟିବ, ଅଯଥାରେ । ତେବେ ଥରୁଟିଏ ମୋତେ ଗୋଟାଏ ସୁଯୋଗ ମିଳିଥିଲା, ତାର ପ୍ରତାପରୁଦ୍ର ପେପର୍ ମିଲ୍‌ସ୍‌ର ହିସାବ ପତ୍ର ଯାଞ୍ଚ କରିବା ପାଇଁ । କିନ୍ତୁ ମୁଁ ମୋର ପ୍ରଲୋଭନକୁ ଦବେଇ ଦେଲି । ସରକାରୀ ଅଡିଟ୍ ପାର୍ଟିରୁ ଓହରି ଅସିଲି । ମିଛ ସତ କହି ଛୁଟି ନେଲି, ଯେମିତି ମୋ ବଦଳରେ ଆଉ କାହାକୁ ପଠାଯିବ ସେଠିକି । କାଳେ ମୋର ଇଚ୍ଛା ହେବ ମୋ'ର 'ପ୍ରିୟ' ଦେବ୍‌ଭାଇକୁ ନାକରେ କନ୍ଦାଇବା ପାଇଁ ।

କାହିଁକିନା ମୁଁ ସେମିତିକା ଲୋକ ନୁହେଁ । ପ୍ରତିଶୋଧ ନେବା ମୋ ଜାତକରେ ନାହିଁ ।

ମୁଁ କାହାରି ମନରେ କଷ୍ଟ ଦେବାକୁ ଚାହେଁନାହିଁ, ସେ ମିତ୍ର ହେଉ କି ଶତ୍ରୁ, କୁକୁର କି ମଣିଷ । ସେଥିପାଇଁ ଟିକେ ମିଛ କହିଲେ ବି ଯାଏ ଆସେ ନାହିଁ ।

ଅଥଚ ଆମ ଦେବ୍‌ଭାଇ ଓ ନେତାଙ୍କ ନେତା ଦେବୁ ନାଏକର ସ୍ୱଧର୍ମ ହେଲା ଆଉ ଜଣକ ମନରେ କଷ୍ଟ ଦେବା । ସେଇଥିରେ ତାର ସୁଖ । ଅନ୍ୟ ସକଳ ସୁଖର ଉପ ।

ଦେଖୁନା, ସେ ମୋତେ ଯାହା ଯେମିତି କହିଲା ସେଦିନ ସେଇ ବର୍ଷାଭିଜା ପ୍ରଥମ ସାକ୍ଷାତରେ, ତାର କଣ ଆଉ କିଛି ଅର୍ଥ ଥାଇପାରେ ?

Digitized by srujanika@gmail.com

କିନ୍ତୁ ସେ କଅଣ ଭାବି ପାରିଲା ନାହିଁଯେ ମୁଁ ବି' ତାକୁ ପଦେ ଅଧେ କହି ପାରିଥାନ୍ତି, ଯେଉଁଥିରେ ତାର ବଙ୍କା ହସ ଅଟକି ଯାଇଥାନ୍ତା ? ବିଭିନ୍ନ ଠିକଣା ଜବାବ୍ ଦେଇ ପାରିଥାନ୍ତି, ଯାହା ଜୁଟିଥିଲା ମୋ ମନକୁ କେତେ ସମୟ ପରେ । ଯଥା :—

-ହୁଁ । କଣ ହେଲା ସେଇଠୁଁ ? ଆଉ କଣ ଭାବିଥିଲ ଯେ ମୁଁ ଘରେ ବସି ଫୁଟ୍‌ବଲ ଖେଳିଥାଆନ୍ତି ?

-'ତମର କି' କ'ଣ ଉଚ୍ଛା ହେଉଛି ଚଟା ଖେଳିବାକୁ ? ଆସୁନା ଶିଖେଇ ଦେବି ତୁମକୁ ? କିନ୍ତୁ ତମେ ଯୋଉ ପାହୁଣ୍ଡ ପାଇଛ ନା, ହାତୀ ଭଳିଆ ! (ହିଃ, ହିଃ)

ଅଥବା ସିଧାସଳଖ କହିପାରି ଥାଆନ୍ତି, 'ତମେ କିଏ କହିବାକୁ ମୁଁ କ'ଣ ଖେଳିଲି ନ ଖେଳିଲି ? ତମେ ମୋର କଣ କି ?

ଦୁଃଖର ବିଷୟ, ମୁଁ କିଛି ବୋଲି କିଛି କହି ପାରିଲି ନାହିଁ ସେତେବେଳେ । ଏଭଳି ଏକ ଆକସ୍ମିକ ଓ ପ୍ରଚଣ୍ଡ ଆଘାତର ମୁକାବିଲା କରି ପାରିଲି ନାହିଁ । ଚଟ୍‌କିନି ଫେରିଗଲି ଘର ଭିତରକୁ ଓ ରାଗରେ ସଅଁ ସଅଁ ହେଲି । ଠିକ୍ କଲି ବାପାଙ୍କୁ ହିଁ ପଦେ ଶୁଣେଇବି ଯେ ମୋତେ ଏଭଳି ଗୋଟାଏ ଅସଭ୍ୟ ଲୋକକୁ ନମସ୍କାର କରିବା ପାଇଁ କହିଲେ । ଶୁଣେଇଥିଲି ମଧ୍ୟ, ସେଦିନ ରାତିରେ । କିନ୍ତୁ ମୁଁ ସିନା କୋମଳମତି, ଟାଣକଥା ଖରାପକଥା ସହଜେ ମୋ ପାଟିରୁ ବାହାରେ ନାହିଁ, ସେ କେମିତି ଭାବିଲା ନାହିଁ ମୁଁ ବି ତାକୁ ଓଲଟି ଚାପୁଡ଼ାଏ ମାରିପାରେ ? ସେ କେମିତି ଧରି ନେଲା ଯେ ମୁଁ ଉତ୍ତର ନ ଦେଇ ଫେରିଯିବି, ରାଗରେ ତମତମ ହୋଇ ?

ତା'ମାନେ ସେ କେବଳ ସ୍ୟାଡ଼ିଷ୍ଟ୍ ନୁହେଁ, ବେଖାତିରିଆ ନୁହେଁ, ମଧ୍ୟ ଦୁଃସାହସୀ । କିନ୍ତୁ ତମେ କଣ କହିବାକୁ ଚାହିଁ ଯେ ସେଇ ହେଉଛି ତା' ସଫଳତାର ମଂଜି ?

ସଫଳତା, ସଫଳତା ! ସଫଳତାର ରଙ୍ଗ କଣ ଖାଲି ନାଲି ହେବା ଦରକାର ? ରକ୍ତର ନାଲି, କ୍ରୋଧର ନାଲି, ସେହୁର ନାଲି, ତାତିଲା ନାଲିର ହୁଂକାର ଦନ୍ତା ମାଙ୍କଡ଼ଙ୍କ ପରି ? ହେଲା ଏବେ ସେ ଯେତିକି ପଢ଼ିଛି, ହାତଗୋଡ଼ ଭାଙ୍ଗିଛି,ତା'ଠୁଁ ବେଶି ଉପରକୁ ଉଠିଛି, କିନ୍ତୁ ତାର ଓଲଟା ବି ତ ହୋଇପାରିଥାଆନ୍ତା ? ତା'ହେଲେ ଦେଖିଥାଆନ୍ତି ଜେ କେମିତି କାହୁ ଥାଆନ୍ତା ବସି ତାର ସେଇ କୁକୁର ପରି ! ଆପଣା ଜାତିରେ ତଡ଼ଚଡ଼ ହେଉଥାଆନ୍ତା, ଉଂଚ ଛାତରେ ଦାନ୍ତ ନିକୁଟି ପଡ଼ିଥାଆନ୍ତା (କ୍ୟାଁ କ୍ୟାଁ ନ ହେଲା ନାହିଁ), ଆଉ ତାକୁ କେହି ପଚାରୁ ନ ଥାଆନ୍ତେ । କହିଥାଆନ୍ତେ ଆବେ ବସି ଥା' ସେଠି, ବସି ଥା' ସଂଧ୍ୟା ଯାଏଁ । ତୋ ମାଲିକ ଆସିବା ଯାଏଁ ।

ସଫଳତା ! ବାହାଘର ଆଗରୁ ହଜାରେ ଆଫେୟାର୍ କରିଛୁ । ଦି' ଦି' ଥର ବାହା ହୋଇଛୁ, ଡ଼ାଇଭର୍ସ କରିଛୁ, ଏଇକ୍ଷଣି ବି' ତୋ ବୁଢ଼ୀ ମେମ୍‌ସାହେବ ଅଏସ୍ କରୁଛି ବିଲାତରେ କି ଆଉ କେଉଠି, ଏଣେ ତୁ ରହିଛୁ ଦିଲ୍ଲୀରେ, ତୋର ତିନିତାଲା ପ୍ରାସାଦରେ

Digitized by srujanika@gmail.com

କୁକୁର-ଚାଜରଙ୍କୁ ନେଇ...ହଁ, ହଁ, କିଏ କହୁଥିଲା ତୋର ଗୋଟିଏ ନାତୁଣୀ ରହିଛି ତୋ ପାଖରେ, ଦିଲ୍ଲୀରେ ପାଠ ପଢୁଛି.... ସେ ଯାହାହେଉ, ଇଏ ବି' କୋଉ ସଫଳତାର ସୁଖ ? ପ୍ରେମରେ କି ଘରକରଣାରେ ?

(ତୋ ଟୋକାବେଳେ ତୁ ମୋର ସଂପର୍କୀୟା ଅନିମାର ହାତକୁ ବି' ଥରେ ଚିପିଥିଲୁ, ଗୋଟାଏ ପରିବାର ମେଳରେ । ତୋ ବେପରୁଆପଣର ଅନ୍ୟତମ ନମୁନା । ଅନୁ ମୋତେ କହୁଥିଲା ସେକଥା । ଅନେକ ଲୋକ ଅନେକ ଗୋପନ କଥାର ଭେଟି ଦିଅନ୍ତି ମୋତେ, କାହିଁକିନା ମୁଁ ତା'କୁ ମନ ଦେଇ ଶୁଣେ ସହାନୁଭୂତି ସହ । କିନ୍ତୁ ଅନୁ ତା'ହାତକୁ ଛିଂଚାଡ଼ି ଦେଇଥିଲା ସିନା, ସେ ଏମିତି ଉତ୍‌ଫୁଲ୍ଲ ଦିଶୁଥିଲା କାହିଁକି, ଲୋକଟାର ବଜାରିଗିରିକୁ ଦଖାଣିଲା ବେଳେ ? ସତେକି... ଡ୍ୟାମ୍ ଇଟ୍ ! ଆମ ଅନୁଟା ବି ଟିକିଏ ଫୁଲେଇ ନୁହେଁ କି ?)

ବାକି ରହିଲା ଧନ ଓ ମାନ । ଧନକୁ ମାର ଗୋଲି । ମାନ ହିଁ ବଡ଼ କଥା । ମାନୁଛି ତୁ ଗୋଟାଏ ନାମଜାଦା ଖେଳୁଆଡ଼ ହୋଇଥିଲୁ । ପହଁରାଳି ହୋଇଥିଲୁ । ଦେଶ ବିଦେଶରେ କେତେ ହୁନ୍ଦର ଦେଖାଇ ଥିଲୁ । ଆଡ୍‌ଭେଂଚର୍ ସାଂଗକୁ ବୀରତ୍ୱର ବାହାଦୂରି । ସେଇଠୁଁ ବିଜିନେସ୍ କଲୁ । କାଗଜ, ଚମଡ଼ା, ମଦ, ଖଣି, କେଉଁଥିରେ ହାତ ନ ଦେଇଛୁ ନୁହେଁ । ଫେଲ୍ ମାରିଛୁ, ହେଲେ ଏମିତି ଉଡ଼ି ବୁଲିଛୁ ପୃଥିବୀଯାକ, ଏବଂ ଏଭଳି ଆଡ଼ା ଦେଖେଇଛୁ ଦେଶବାସୀଙ୍କୁ ଯେ ମନେ ହୋଇଛି ଇଏ ଗୋଟାଏ ସାମାନ୍ୟ ପତନ ଏବଂ ଏହା ପରେ ଆସିବ ଅସାମାନ୍ୟ ଉତ୍‌ଥାନ । ସେଇଆ ବି ହେଲା ! ଚମଡ଼ା ଛଡ଼ା ବାକି ସବୁ ବ୍ୟବସାୟ ଚେଇଁଉଠିଲା ଏବଂ ଚାହୁଁ ଚାହୁଁ ଆକାଶକୁ ଛୁଇଁଲା । ସେଇଠୁଁ ତୁ ସାହିତ୍ୟକୁ ପୋଷିଲୁ, ରାଜନୀତିକୁ ପୋଷିଲୁ, ଧନକୁ ଖଟେଇଲୁ ପ୍ରତିଷ୍ଠା ଓ କ୍ଷମତା ହାସଲ କରିବା ପାଇଁ ଏବଂ ପରମ ଦେଶଭକ୍ତ ବୋଲାଇଲୁ । କିନ୍ତୁ ପ୍ରକୃତରେ ତୋର ପ୍ରାଣ କଣ କେବେହେଲେ କାନ୍ଦିଛି ନା କାନ୍ଦିପାରେ ଦେଶ ପାଇଁ, ଅର୍ଥାତ୍ ତାର ସର୍ବସାଧାରଣ ମଣିଷଙ୍କ ପାଇଁ ? ନା କୁକୁର ବିଲେଇଙ୍କ ପାଇଁ ? ଅସଂଭବ । କାହିଁକିନା ତୁ ଅନ୍ୟକୁ କଷ୍ଟ ଦେବାକୁ ଭଲ ପାଉ ।

କହିଲି ପରା ଆମ ଦେଶଟା ହେଉଛି ମାଇଚିଆ । ଯାହାଙ୍କଠାରୁ ଚାବୁକ୍ ଖାଇବେ, ତାଙ୍କରି ପଦଲେହନ ହିଁ କାମ୍ୟ ସେମାନଙ୍କର ।

କିନ୍ତୁ ତୋତେ କଣ କେହି ହେଲେ ଭଲ ପାଉଥିବେ ? ଆଉ ସେତିକ ଯଦି ପାଇଲୁ ନାହିଁ, ତା'ହେଲେ କଣ କରିବୁ ଏଇ ଫମ୍ପା ଫାପୁଲା ସଫଳତାକୁ ନେଇ ? ସତରେ ଦୁଃଖ ଲାଗୁଛି ତୋପାଇଁ, ମୋତେ ବିଶ୍ୱାସ କର !

ସମୟ ପାଇଲେ ଦେଖେ ଏଇ ସାନ୍ ବିପିନ ମାନଙ୍କୁ । ଯେଉଁମାନେ ଭୂଇଁରେ ବାଟ ଚାଲୁଛନ୍ତି, ଆକାଶରେ ଉଡୁନାହାନ୍ତି । ଏବଂ ତଣ୍ଟି ଶୁଖିଗଲେ ବି' ତଳକୁ ଓହ୍ଲେଇ ଆସି ପାଣି ମଂଦିଏ ପିଇ ନ ପାରିବାର ଯଂତ୍ରଣା ଭୋଗୁନାହାନ୍ତି । ସେଇମାନେ ହିଁ ପ୍ରକୃତରେ

Digitized by srujanika@gmail.com

ସୁଖୀ--ବୁଝିଲୁ ?

କହିବାକୁ ଗଲେ ଏଇ ରାଜଧାନୀର ରାଜପଥ ସୁହାଉ ନାହିଁ ମୋତେ । ମୋ ବାଟଚଲାର ଆନନ୍ଦ ଆଉ କେଉଁଠି । ମୋ ଘରସହରର ଧୂଳିଆ ରାସ୍ତାରେ, ଯେଉଁଠି ବୁଢ଼ା ଷଣ୍ଢମାନେ ହଡ଼ାଗାଈଙ୍କ ଦେହକୁ ଚାଟୁ ଥାଆନ୍ତି ବସି, ଗାଡ଼ିଘୋଡ଼ା, ରିକ୍‌ସା ସାଇକଲ୍ ଆଦିର ଛୁଟଣକୁ ପରୁଆ ନକରି । ସତେକି ସେମାନେ ଜଣେଇବାକୁ ଚାହାଁନ୍ତି, ଯେ ଏଇ ହେଉଛି ଜୀବଦଶାର ଶେଷ ଓ ସକରୁଣ ଦୃଶ୍ୟ, ପ୍ରେମକୁ ଅକ୍ଷୟ ବୋଲି ମଣିବାର ପଣ । ଯାହାକି ଅନେକ ଅନେକ ସୁନ୍ଦର ତୁମର ଭୀମରଡ଼ିଠାରୁ ।

ମୁଁ ଚାଲିଛି । ଭୂଇଁରେ ପାଦ ଇଗେଇ ଅଳ୍ପବହୁତ ରୋଜଗାର କରିଛି । ବଡ଼ ହାକିମ ନ ହେଲେ ନାହିଁ, ଅଡ଼ିଟ୍ ଅଫିସ୍‌ର ବଡ଼ବାବୁ ହୋଇ ଯଥେଷ୍ଟ ସମ୍ମାନ ପାଇଛି । ଏବଂ ସେଇ ଟଙ୍କାରେ ମୋ ପୁଅଝିଅକୁ ମଣିଷ କରିଛି । ସମସ୍ତେ ପାଠୁଆ, ସମସ୍ତେ ରୋଜଗାରିଆ । ଆଉ ମୁଁ ମୋ ବୁଢ଼ୀର ଝାଲୁଆ ଥଲଥଲିଆ ଦେହରେ ତଥାପି ମୁଣ୍ଡ ଗୁଂଜିଦିଏ ବେଳେବେଳେ । ଅତୀତ ଓ ଭବିଷ୍ୟତ, ପ୍ରସାଦ ଓ ଅବସାଦକୁ ଏକାଧାରରେ ଗ୍ରହଣ କଲା ପରି, ଅନ୍ଧାର ଆସିବା ଆଗରୁ । ତମେ ତାର ମୂଲ୍ୟ କୋଉଠୁ ବୁଝିବ ହେ, ଦୁରନ୍ତ ଦୁର୍ବିନୀତ ଆକାଶଚାରୀ ? ଖାଲି ଜଳିବ ଓ ଜଳେଇବ, ତମେ କୋଉଠୁ ପାଇବ ସେଇ ଗୁଂଜି ହେବାର ସୁଖ ?

ଖାଲି ମୋ ବ୍ରିଲିଆଣ୍ଟ୍ ବଡ଼ନାତି ପାଇଁ ଭୟ ହୁଏ ବେଳେ ବେଳେ । ଗର୍ବ ହୁଏ ସତ, କିନ୍ତୁ ଭୟ ବି ହୁଏ ସେ ଯେତେବେଳେ ତା' ବାପାମାଆଙ୍କୁ ଜଣେଇଦେଲା ଯେ ସେ ଇଷ୍ଟିଆର କୌଣସି ଟପ୍ କଂପାନୀରେ କାମ କରିବାକୁ ଚାହେଁ, ଯଥା ଦେବୁ ନାଏକଙ୍କର ପ୍ରିୟଦର୍ଶୀ ପ୍ଲାଷ୍ଟିକ୍ସ୍, ନହେଲେ ସେ ଯେଉଁ ଡ଼କ୍ଟରେଟ୍ ହାସଲ କରିଛି ପଲିମର୍ ସାଇନ୍ସରେ, ଆମେରିକାର ଅନ୍ୟତମ ଟପ୍ ୟୁନିଭର୍ସିଟୀରୁ, ତାର ମୂଲ୍ୟ ରହିବ ନାହିଁ ଏବଂ ସେଇଠୁଁ ମୋଝିଅ,ଓ ଝିଅ ପଛକୁ ଜ୍ୱାଇଁ ଶରତ ମହାପାତ୍ର ଅଙ୍ଗେଇ ଅଙ୍ଗେଇ ପ୍ରସ୍ତାବ କଲେ ଯେ ଯେତେହେଲେ ଦେବୁ ନାଏକ ହେଉଛନ୍ତି ମୋ ପିଲାଦିନର ଦେବ୍‌ଭାଇ, ମୋଠୁଁ ସେକଥା ଶୁଣିଛନ୍ତି କେବେ, ତେଣୁ...ମୋ ହଲକ ଶୁଖିଗଲା ।

ଭାବିଲି ଏଇଆକୁ କହନ୍ତି ଭାଗ୍ୟର ବିଡ଼ମ୍ବନା । ଯେ ମୁଁ ପୁଣି ଯିବି ତା'ପାଖକୁ । ଯେ ମୋତେ ଅପମାନ ଦେଇଥିଲା ଆଜିକୁ ପ୍ରାୟ ପଚାଶ ବର୍ଷ ତଳେ । ଯିବାକୁ ପଡ଼ିବ, କାହିଁକିନା ମୁଁ ମୋ ନାତିକୁ ଭଲ ପାଏ । କାହିଁକିନା ମୁଁ ମୋ ଝିଅଜ୍ୱାଇଁଙ୍କ ମନରେ କଷ୍ଟ ଦେବାକୁ ଚାହେଁ ନାହିଁ । କିନ୍ତୁ ଏଇ ଦୁଃଖରେ ମିଶି ଯାଇଥିଲା ଆଉ ଗୋଟାଏ ଭୟ । ମୋ ବ୍ରିଲିଆଣ୍ଟ୍ ନାତିଟା କିଭଳି ସଫଳତା ଖୋଜୁଛି ? କଣ ହେବାକୁ ବସିଛି... ଅନ୍ୟତମ ଦେବୁ ନାଏକ ?

ଯାହାହେଉ କୁକୁରଟା ମୋତେ ବଂଚେଇ ଦେଲା । ମୋତେ କେହି ଦୋଷ ଦେଇ ପାରିବ ନାହିଁ (ଅବଶ୍ୟ ମୁଁ କାହାକୁ କହିବି ନାହିଁ କୁକୁର କଥା) ଯେ ମୁଁ ମୋ ନାତି ପ୍ରତି ଅନ୍ୟାୟ କଲି । କିଓ, ମୋର ବି'ତ ଗୋଟାଏ ବ୍ୟକ୍ତିତ୍ୱ ଅଛି, ସେଥିର କାନ୍ତ କୋମଳତା,

Digitized by srujanika@gmail.com

ସଂବେଦନାବୋଧ, ଜୀବେଦୟା... ତା'ଛଡ଼ା ଅମୁକୁ କଣ ଆଉ ଗୋଟାଏ ଭଲ ଚାକିରି ମିଳିଯିବ ନାହିଁ ? ପ୍ରିୟଦର୍ଶୀ ପ୍ଲାଷ୍ଟିକ୍‌ସ୍ ଛଡ଼ା କଣ ଆଉ କୋଉ ଭଲ କଂପାନୀ ବଡ଼ କଂପାନୀ, ନାହିଁ ଯେ ସେ ବାଧ୍ୟ ହୋଇ ଫେରିଯିବ ଆମେରିକାକୁ ? ନନ୍‌ସେନସ୍ !

କିନ୍ତୁ ଦେବୁ ନାଏକ କଣ ବୁଝିବ ଯେ ମୁଁ ତା' ବଡ଼ପଣକୁ ଛିଃ କରି ଚାଲି ଆସିଲି ସେଠୁଁ, ତା'ପାଇଁ ଆଉ ମୁହୂର୍ତ୍ତେ ଅପେକ୍ଷା କଲି ନାହିଁ ? ସେ ଯେଉଁ ପରାଭବ ପାଇଲା ମୋଠୁଁ, ଯେ ମୁଁ ମୋ ସ୍ୱାର୍ଥ, ମାନେ ମୋ ନାତିର ସ୍ୱାର୍ଥକୁ ଜଳାଂଜଳି ଦେଲି, ତା ଆଖିରେ ଆଂଗୁଳି ଗୋଂଜି ଜଣାଇ ଦେବା ପାଇଁ ଯେ ମୁଁ ଘୃଣା କରେ ତାର ଅଶ୍ଳୀଳ ଅତ୍ୟାଚାର ମୂଳ ପ୍ରାଣୀଟା ଉପରେ, ଏଇ ଆଘାତକୁ କଣ ସେ ସତେ ଅନୁଭବ କରି ପାରିବ ? ଆଉ କଷ୍ଟ ପାଇବ ? ପାଇବା ଉଚିତ, ମୁଁ ଯାହା ସବୁ କହିଛି, ତା ଲୋକମାନଙ୍କୁ ଆଉ ଯେମିତି ଭୁସ୍‌କିନି ପଳେଇ ଆସିଲି ସେଠୁଁ...

ନା,ନା, ଭାବ ନାହିଁ ଯେ ମୁଁ ତାକୁ କଷ୍ଟ ଦେବାକୁ ଚାହେଁ । ମୁଁ ସେମିତିକା ଲୋକ ନୁହେଁ । ତା' ହୋଇଥିଲେ ମୁଁ କେବେଠୁଁ...ନା, ସେକଥା ନୁହେଁ । ସେଇ ପହିଲି ସାକ୍ଷାତ ପରେ ପରେ ଅବଶ୍ୟ ଗୋଟାଏ ପିଲାଳିଆ କାମନା ଆସିଥିଲା ମୋ ମନକୁ । ଭାବିଲି— ଟୋକା କଚଡ଼ାଏ ଖାଆନ୍ତା କି ମୋ ଆଖି ସାମ୍ନାରେ, ଆମ ଘର ଛାଡ଼ିବା ପୂର୍ବରୁ ! କିନ୍ତୁ ସେ ଥିଲା କୋଉ ପଚାଶ ବର୍ଷ ତଳର ବିପିନ, ପିଲାଟାଏ, ତାକୁ ନେଇ ମୋତେ ଦୋଷ ଦେବା ହାସ୍ୟାସ୍ପଦ ।

ଭୂଇଁରେ ବେଶି ସମୟ ଚାଲି ହେଲା ନାହିଁ । ଦୂରତ୍ୱ ଛଡ଼ା ସୂର୍ଯ୍ୟତାପ ମଧ୍ୟ କିଛି କମ୍ ନୁହେଁ । ତେଣୁ ବିପିନବାବୁଙ୍କୁ ବସ୍‌ରେ ହିଁ ଆସିବାକୁ ପଡ଼ିଲା ଗନ୍ତବ୍ୟ ସ୍ଥଳକୁ । ସାକେତରେ ତାଙ୍କ ଶ୍ୟାଳକ ଶ୍ରୀକାନ୍ତ ସାମନ୍ତଙ୍କ ଡ଼ି.ଡ଼ି.ଏ.ଫ୍ଲାଟ୍ । ତଳ ମହଲା ।

...ଆରେ, ଏମାନେ ଏତେ ହସହସ ଦିଶୁଛନ୍ତି କାହିଁକି ? ଓଃ ! ମୁଁ ଚାହେଁ ନାହିଁ ହସ ଲିଭିଯିବ ଯାଙ୍କ ମୁହଁରୁ ! ହେଲେ ଉପାୟ ନାହିଁ । କିନ୍ତୁ ମୁଁ କହିବି ନାହିଁ କୁକୁର କଥା, କହିବି ଯେ ମୁଁ ଆଉ ଅପେକ୍ଷା କରି ପାରିଲି ନାହିଁ, ମୋତେ ଖରା ବାଧିଲା,ମୋ ମୁଣ୍ଡ ଘୂରେଇଲା, ଇତ୍ୟାଦି । ଯାହା ମନକୁ ଆସିବ...

''ବାପା, ଥ୍ୟାଂକ୍ ୟୁ, ଥ୍ୟାଂକ୍ ୟୁ ! ଖରାରେ କଳା ପଡ଼ି ଯାଇଛି ତମ ମୁହଁ । ବସ, ସରବତ୍ ଆଣି ଦେଉଛି । ସୁଜନ୍ ସିଂ ! ...କିନ୍ତୁ ଆଗେ ସୁଖବରଟା ଦେଇ ଦିଏ ତମକୁ । ଫୋନ୍ ଆସିଥିଲା ଏଇ କେଇ ମିନିଟ୍ ହେବ, ଦେବୁ ବଡ଼ବାପାଙ୍କ ପାଖରୁ...''

''ବଡ଼ବାପା ?''

''ମଲା, ତମ ଦେବ୍‌ଭାର ହେଲେ ମୋ ବଡ଼ବାପା ହେବେ ନାହିଁ ? ଦୁନିଆଁଯାକର ଦେବୁ ନାଏକ ବୋଲି କଣ ମୋର ବଡ଼ବାପା ନୁହଁନ୍ତି ସେ ? ଫୋନ୍‌ରେ କହିଲେ ଯେ ଶୀଘ୍ର ପଠେଇ ଦିଅ ଅମରେଶକୁ ଏଇ ସଂଧ୍ୟା ଭିତରେ । ସେ ଯାହା କରିବାର କରିବେ ତା' ପାଇଁ-''

Digitized by srujanika@gmail.com

''କିଛି କହୁଥିଲେ ଜି ମୋ ବିଷୟରେ ?''

''ନା । ଖାଲି କହିଲେ ଯେ ତମର ଆସିବା ଦରକାର ନାହିଁ ।''

''କିନ୍ତୁ... କିନ୍ତୁ... ମୋ ସାଙ୍ଗରେ ତ ଦେଖା ହୋଇନାହିଁ ତାଙ୍କର—''

''ନ ହେଲା ନାହିଁ । ତମେ ଯୋଉ ଚିଠି ଛାଡ଼ି ଦେଇ ଆସିଥିଲ ତାଙ୍କ ପାଇଁ, ଯେଉଁଥିରେ ମାମୁଙ୍କ ଫୋନ୍ ନଂବର ଥିଲା...''

ଚିଠି ନୁହେଁ । ବକଟେନାକୁ କାଗଜରେ ଲେଖିଦେଇ ଆସିଥିଲି ମୋ ନାଆଁ । ବିପିନ ରାଉତ, କ୍ୟାରଫ୍ ଶ୍ରୀକାନ୍ତ ସାମନ୍ତ, ଫୋନ୍ ନଂବର ୬୫-୫୦୦୧ । ବିଷୟବସ୍ତୁ-ଡ଼ଃ ଅମେରଶ ମହାପାତ୍ରର ଦରଖାସ୍ତ, ଚାକିରୀ ପାଇଁ । କିଏ ଜାଣିଥିଲା ସେ ତାକୁ ପାସଂଗରେ ପକେଇବ, ପୁଣି କାଲି ସକାଳେ ଦିଲ୍ଲୀ ଛାଡ଼ି ଜର୍ମାନୀକୁ ଯିବା ପୂର୍ବରୁ ?

କିନ୍ତୁ କହିଛି ଯେ ମୋର ଆସିବା ଦରକାର ନାହିଁ । ତାର ଅର୍ଥ କଅଣ ?

ମଲା, ଏତିକି ବୁଝି ପାରୁ ନାହଁ ବିପିନବାବୁ ? ବୁଝୁନାହିଁ ଯେ ତମେ ହେଉଛ ଘର କୋଣରେ ଚଟା ଖେଳିବା ଲୋକ, ତମକୁ ସେ ଆଣିବାକୁ ଚାହେ ନାହିଁ ସଫଳତାର ଜ୍ୟୋତି ଆଉ ଡାଟି ଭିତରକୁ ? ଇଏ ସେଇ ପହିଲି ଡାଇଲ୍ୟର କ୍ରମଶଃ, ଏତିକି ପଶୁନାହିଁ ତମ ମୁଣ୍ଡରେ ? ହେଲେ ସେ ତମ ନାତି ପରା ! ଦେଖ କେମିତି ତା' ଭାଗ୍ୟ ଫିଟି ଯାଇଛି, ଖୋଦ୍ ଦେବୁ ନାଏକ ପ୍ରସନ୍ନ ତା'ଉପରେ... ଏଥର ହସି ଦିଅ ଟିକିଏ । ହସ । ନ ହସିଲେ କଷ୍ଟ ହେବ ନାହିଁ ତମ ଗେହ୍ଲା ଝିଅର ମନରେ ?

(୨)

(ଅପରାହ୍ନ: ଦେବୁ ନାଏକ)

ଅପରାହ୍ନ ୩ଟା । ଦେବୁ ନାଏକ ସଦ୍ୟ ଘରକୁ ଫେରିଛନ୍ତି । ସେହେତୁ କୁକୁରର କ୍ୟାଉଁ କ୍ୟାଉଁ ବେଶ୍ ବଢ଼ି ଯାଇଛି । କିନ୍ତୁ ମାଲିକ କେବଳ ତା ଆଡ଼କୁ ଅନେଇ ରହିଛନ୍ତି । ଅଧିକରୁ ଅଧିକ ନୀରବତା ଛଡ଼ା ଆଉ କିଛି ଦେବା ପାଇଁ ନାରାଜ ବୋଲି ମନେ ହେଉଛି । ସତେକି ସେ ତାକୁ ଗ୍ରହଣ କରିବାକୁ ଚାହାନ୍ତି କେବଳ ଗୋଟିଏ ଆଧାରବସ୍ତୁ ହିସାବରେ । ତାଙ୍କ ଭାବନାକୁ ଗୁଡ଼େଇ ନେବା ପାଇଁ ତା ଚାରିପାଖରେ ।

...ଶଳା, ଟିକିଏ ହେଲେ ଥକି ଯାଉନାହୁଁ ? ଚଲେଇଛୁ ଗୋଟାଏ କ୍ୟାଉଁ କ୍ୟାଉଁ ସକାଳୁ ସଂଜଯାଏଁ ? ଦେଖୁନୁ ତୋ ମାଲିକକୁ, ସେ ତଥାପି କେମିତି ଟାଣ ହୋଇ ରହିଛି ? କାହିଁକିନା ସେ କାଉଁରିଆ କାଠି, ଭାଙ୍ଗିବ ପଛେ ନଇଁବ ନାହିଁ । କାଂଦିବାର ପ୍ରଶ୍ନ ଉଠୁ ନାହିଁ । ଯୋଉ ମାଇଚିଆମି ଯୋଗୁ ଦେଶର ଆଜି ଏଇ ଅବସ୍ଥା । ଏବଂ ଯାହାକୁ ମୁଁ ଘୃଣା କରେ, ଘୃଣା କରି ଆସିଛି ପିଲାଟି ଦିନୁ ।

ବରଂ ମୋର ଦୟା ଦେଖାଇବା କଥା ସେଇ ନେଉଳମୁହାଁ ଲୋକଟା ଉପରେ । ହ୍ୟାପ ସତସତିକା ବାମନଟାଏ ! ଚନ୍ଦ୍ର ଉପରକୁ ହାତ ଉଠେଇଲା । ମାରିଲା ବି ଚାପଡ଼ାଏ,

Digitized by srujanika@gmail.com

ଛାଡ଼ିଲା ନାହିଁ । କିନ୍ତୁ ସେ ଯେମିତି କୁଦା ମାରିଲା ମୋ ଗାଲକୁ ଛୁଇଁବା ପାଇଁ, ଆଉ ତା ରାଗତକ ଜମିଗଲା ତା' ମୁହଁରେ, ଯେମିତିକି ସେ ତା' ସମଗ୍ର ଓ ସଂଚିତ ଶକ୍ତିକୁ ଓଟାରି ଆଣୁଛି, ଏଇ ଗୋଟାଏ ଚମତ୍କାର କାମ କରିବ ବୋଲି, ଯାହା କେହି କେବେ କରି ପାରି ନାହାନ୍ତି ଆଜିଯାଏ... ତାକୁ ଦେଖି କିଏ ଭଲା ନ ହସିବ କହିଲ ?

ଅବଶ୍ୟ ଦୃଶ୍ୟଟିକୁ କେହି ଦେଖି ପାରିଲେ ନାହିଁ, କାରଣ ଦରଜା ବଂନ୍ଦ ଥିଲା । ସେଇଠୁଁ ବୀରବର ଦରଜା ଖୋଲି ବାହାରିଗଲା, କିନ୍ତୁ ମୋ ପୁଲିସ୍ ଜଗୁଆଳି ମାନେ ତା'କୁ ସାଂଗେ ସାଂଗେ ଧରି ପକାଇଲେ । ତା' ତମତମ ମୁହଁର ଚେହେରା ଦେଖି ଯେକୌଣସି ଲୋକ ଅନୁମାନ କରିଥିବ ଯେ ସେ ମୋତେ ଗାଳିଗୁଲଜ ଦେଇଛି । କିନ୍ତୁ ସେ କଣ ନିଜ ଆଡୁ କହିଥିବ ମୋତେ ଚାପୁଡ଼ାଏ ମାରିଛି ବୋଲି ? ଯଦିବା କହିଥାଏ ବାହାଦୂରି ଦେଖେଇବା ପାଇଁ, କେତେଜଣ ତାକୁ ବଶ୍ୱାସ କରିଥିବେ ? ବିଚରା !

କିନ୍ତୁ, ୟୁ ମିଜରେବ୍‌ଲ୍ ରେଟ୍, ତୁଟା ଚଟ୍‌କିନା ପଳେଇଗଲୁ କାହିଁକି, ପିଠି ବୁଲେଇ ? ଡ଼ର ଲାଗିଲା ମୋ ମୁହଁକୁ ଦେଖିବା ପାଇଁ ? -ଡ଼ରପୋକ୍ କହୀକା ! ଟିକିଏ ରହିଯାଇ ଥିଲେ ଦେଖିଥାନ୍ତୁ ଏଇ ବୁଢ଼ା ସିଂହର କରାମତି ।

ଯାହାହେଉ, ତୁ କଣ ଭାବିଛୁ ମୁଁ ଘୋଡ଼େଇଦେବି କଥାଟାକୁ ମୋତେ ଲାଜ ଲାଗିବ ବୋଲି ? ଭୁଲ୍ ! ଦେବୁ ନାଏକ କେବେ ହେଲେ କୋଉ କଥା ଲୁଚେଇ ନାହିଁ କାହାଠାରୁ । ତାର ତିନିତିନିଟା ମାଇପଙ୍କ ଠାରୁ, ଶେୟାର୍ ହୋଲ୍‌ଡ଼ରଙ୍କ ଠାରୁ, କି କୋଉ ନେତାଫେତାଙ୍କ ଠାରୁ । ମିଛ କହିବା ତା ଜାତକରେ ନାହିଁ । ପୁଣି ନିଜକୁ ବଂଚେଇବା ଲାଗି ମିଛ କହିବ ମଣିଷ ? ଶିଟ୍ । କୁତ୍ତୀ ବି— !

ଦେବୁ ନାଏକଙ୍କ ମୁହଁ ଟିକିଏ ହସିଲା ପରି ଦିଶିଲା, କୁତ୍ତୀର ସଂଭାବ୍ୟ କାର୍ଯ୍ୟକଳାପର ଅନୁମାନ କରି । ତା'ଛଡ଼ା ସେ ଦେଖି ଖୁସି ହେଲେ ଯେ ସମ୍ମୁଖରେ ଥିବା କୁତ୍ତୀ ତା' କାଂଦଣା ବଂଦ କରି ଦେଇଛି ମୁହୂର୍ତ୍ତକ ପାଇଁ, ଏବଂ ଅନେଇଛି ତାଙ୍କ ମୁହଁକୁ । ସତେକି ସେ ତାକୁ ସମର୍ଥନ କରୁଛି । ତାର କୁତ୍ତୀପଣର ମହତ୍ତ୍ୱକୁ ଜାହିର୍ କରୁଛି ।

...ଗୁଡ୍ ଗାର୍ଲ ! କିଛି ଲୁଚାଛପା ନାହିଁ ଆମ ଭିତରେ । ତୁ ଜାଣିଛୁ ମୁଁ କାହିଁକି ତୋତେ ବାନ୍ଧି ରଖିଛି ସେଠି । କାହିଁକିନା ଖୋଲିଦେଲେ ତୁ ଗେହ୍ଲାରେ ବୋହି ପଡିବୁ, ମାଡି ଆସିବୁ ମୋ ଆଡକୁ, ଆଡୁରିଆ ହୋଇ ମୁଡି ପକେଇବୁ, ଆଉ ମୋ କାର୍ପେଟ୍ ଖରାପ କରିଦେବୁ । ସେକଥା ହେବ ନାହିଁ । ଲୀନା ଫେରିଆସୁ ସ୍କୁଲ୍‌ରୁ, ସେଇ ତୋ ଚେନ୍ ଫିଟାଇ ଦେବ ଆଉ ନେଇଯିବ ବାହାରକୁ । ଏଡିକ ବେଶ୍ ଜଣା ଅଛି ତୋତେ । କାନ୍ଦଣାଟା ଖାଲି ଗୋଟାଏ ଉପଚାର, ରିଚୁଆଲ୍, ଜୁଲୁସ୍‌ବାଲାଙ୍କ 'ଇନ୍‌କିଲାବ୍ ଜିନ୍ଦାବାଦ' ପରି-ନା କଅଣ ?

ଖରାଟା ନିହାତି ବାଧୁଛି, ନୁହେଁ ? ଠିକ୍ ଅଛି କଷ୍ଟ ପାଇଲେ ସିନା ଶତ୍ରୁ ହେବୁ, ଆଉ ଶତ୍ରୁକୁ ଇଚ୍ଛାକରି କଷ୍ଟ ଦେଇ ପାରିବୁ ? ସେଇ ହେଉଛି ମଣିଷ ପଣିଆ, ଆଇ ମିନ୍ କୁକୁର ପଣିଆ, ବୁଝିଲୁ ?

Digitized by srujanika@gmail.com

ସାହେବଙ୍କ ମୁହଁର ଚେହେରା ଯଥେଷ୍ଟ ବଦଳି ଗଲାଣି ଦେଖି ଅନୁଚରବର୍ଗଙ୍କ ମୁଖିଆ ମସୁଦ୍ ସାହସ ପାଇଲା କିଛି କହିବାକୁ—

''ସାର୍ ଜଣେ ଭଦ୍ରଲୋକ ଆସିଥିଲେ ଆପଣଙ୍କ ସଙ୍ଗେ ଦେଖା କରିବା ପାଇଁ । ସକାଳ ସାଢ଼େ ଏଗାରଟା ବେଳେ । କହିଲେ ଆପଏଣ୍ଟମେଣ୍ଟ ଥିଲା ଆପଣଙ୍କ ସାଙ୍ଗରେ । କିନ୍ତୁ ମାତ୍ର ପନ୍ଦର ମିନିଟ୍ ଅପେକ୍ଷା କରି ଚାଲିଗଲେ ।''

''ଓ- ଲେଟ୍ ହିମ୍ ଗୋ ଟୁ ହେଲ୍ !''

''ଖଣ୍ଡେ ଚିଠା ଦେଇ ଯାଇଛନ୍ତି ମୋତେ—''

''ଷ୍ଟପ୍ ଇଟ୍''

ହଁ, ଗୋଟାଏ ଆପଏଣ୍ଟମେଣ୍ଟ ଥିଲା, ମୁଁ ଜାଣିଛି । ବିପିନ ରାଉତ, ବିରାଦରିର କୋଉ ମାମୁଁପୁଅ ଭାଇ । ହ୍ୟପ ନିଜେ ବି' ଫୋନ୍ କରି ନଥିଲା । କରେଇଥିଲା ତା' ଶଳା ଓକିଲ ଶ୍ରୀକାନ୍ତ ସାମନ୍ତ ହାତରେ । କଣ ନା ତା ନାତି ପଲିମର୍ ସାଇନ୍ସରେ ଡକ୍ଟରେଟ୍ କରିଛି କୋଉ ୟୁନିଭର୍ସିଟିରୁ, ଆଉ ସେ ମୋ କଂପାନୀରେ କାମ କରିବାକୁ ଚହେଁ । ସୋ ହ୍ୱାଟ୍ ? ସେଇ କଣ ଏକା ହାଇଁ ପାଇଁ ହେଉଛି ମୋ ତଳେ ଚାକିରି କରିବ ବୋଲି ? ଯାହାହେଉ, ଆସିଲୁ ଯଦି ଘଣ୍ଟାଏ ଦି'ଘଣ୍ଟା ଅପେକ୍ଷା କରି ପାରିଲୁ ନାହିଁ ମୋ ପାଇଁ ? ଯାହା ଘରେ କେତେ ମହା ମହା ଲୋକ ଅଧିଆ ପଡ଼ନ୍ତି ଯାବତୀୟ ଅନୁଗ୍ରହ ପାଇଁ, ମନ୍ତ୍ରୀ ହେବା ଠାରୁ ଆରମ୍ଭକରି ଫରେନ୍ ଏକ୍ସଚେଞ୍ଜର ପରିମିଟ୍ ପାଇବା ପାଇଁ, ତୁ ସେଠି ପନ୍ଦର ମିନିଟ୍‌ରୁ ବେଶୀ ଅପେକ୍ଷା କରିପାରିଲୁ ନାହିଁ ? ତୁ ଏମିତି କୋଉ ଲାଟ୍‌ସାହେବ କି ?

ମୁଁ ଅବଶ୍ୟ ମୋ ଟାଇମ୍‌କୁ ଏପାଖ ସେପାଖ ହେବାକୁ ଦିଏ ନାହିଁ । କାନ ମୋଡ଼ି ଶିଖେଇଛି ଆମ ଲୋକମାନଙ୍କୁ, ଯେ ଟାଇମ୍-ମାଲିକ ହେଉଛି ନମ୍ବର ୱାନ୍ ମାଲିକ । ବିଶେଷତଃ ବିଜିନେସ୍‌ରେ । ମୁଁ ଯଥାସମୟରେ ହାଜିର୍ ହୋଇଥାଆନ୍ତି ଏଠି । କିନ୍ତୁ ଆଜିକା କଥା ଅଲଗା । କିଏ ଜାଣିଥିଲା ଏଭଳି ଗୋଟାଏ ଅଘଟଣ ଘଟିବ ବୋଲି ? ମୁଁ କାହାକୁ କଅଣ ପ୍ରମିଜ୍ କରିଥିଲି ଗତ ଇଲେକ୍‌ସନ୍ ବେଳେ, ଗଣକଲ୍ୟାଣ ପାର୍ଟିକୁ ଜିତାଇବା ଲାଗି, ଇଡ଼ିଅଟ୍ ସେଇଆକୁ ନେଇ ଗୋଟାଏ ତର୍କ ଚଲାଇଲା ମୋ ସାଙ୍ଗରେ, ଆଉ ମୁଁ ଯେଉଠୁ ପାଟି କଲି ତା ଉପରେ.....

ଅଜାଣତରେ ଦେବୁ ନାୟକଙ୍କ ହାତ ଉଠିଗଲା ତାଙ୍କ ବାଆଁ ଗାଲ ଉପରକୁ । ହେଲେ ମସୁଦ୍ ତାର ତାତ୍ପର୍ଯ୍ୟ ବୁଝିପାରିଲା ନାହିଁ । କହିପକାଇଲା ଯାହା ସେ କହିବ କହିବ ବେଲି ହେଉଥିଲା ଏତେବେଳ ଯାଏଁ । ଗୋଟିଏ ମଜା କଥା । ସାହେବଙ୍କର ଶୁଣିବା ଉଚିତ ।

''ସାର୍ ସେ ଶେଲିର କ୍ୟାଉଁ କ୍ୟାଉଁକୁ ବରଦାସ୍ତ କରିପାରିଲେ ନାହିଁ । କହିଲେ ତାକୁ କାହିଁକି ଏମିତି କଷ୍ଟ ଦେଉଛ, ପିଟେଇ ଦିଅ । ମୁଁ କହିଲି, ନାହିଁ । ସାହେବ ମନା

Digitized by srujanika@gmail.com

କରିଛନ୍ତି । ସଂଜବେଳକୁ ଖୋଲା ହେବ, ଲୀନାଦିଦି ସ୍କୁଲରୁ ଫେରିଲେ । ସେଇଠୁ କାହିଁକି ବୋଲି ଫଟରେଇ ହେଲେ ମୋ ସାଙ୍ଗରେ, କିନ୍ତୁ ମୁଁ ଶୁଣିଲି ନାହିଁ । ତା'ପରେ ଥିଲେ ଥିଲେ ଭୁଷ୍‌କିନି ଉଠିପଡ଼ିଲେ । କହିଲେ ମୁଁ ଯାଉଛି, ଆଉ ଏ ଚିଠି ଖଣ୍ଡିକ ଧରେଇ ଦେଲେ ମୋ ହାତରେ ।''

''ରିଏଲି ?''

ସେଇ ଶବ୍ଦଟିକୁ ଦୁଇ ତିନିଥର ଉଚ୍ଚାରଣ କଲା ପରେ ଦେବୁ ନାୟକ ହସି ଉଠିଲେ । ଏତେ ଜୋର୍‌ରେ, ଏବଂ ଏତେ ସମୟ ଯାଏ ଁ ଯେ ତାଙ୍କ ଆଖିକୁ ପାଣି ଆସିଗଲା । ମସୁଡ଼ ଡ଼ରିଗଲା । କଅଣ ହେଲା ସାହେବଙ୍କର ? ସେଇଠୁ ସେ ଶୁଣିବାକୁ ପାଇଲା ସାହେବଙ୍କର ଦୁର୍ବୋଧ ବିଡି ବିଡି, ନିରୋଳା ହସ ଓ ନିରୋଳା ଭାବନାର ମଝିରେ ।

—ଶକା... (ଅକଥ୍ୟ ବୀଭତ୍ସ ରୂପକଳ୍ପ) !

ବ୍ଲଡି... (ଅକଥ୍ୟ ବିକଟ ଆମେରିକାନିଜ୍) !

ମନେ ପଡୁଛି, ମନେ ପଡୁଛି ତୋର ଚେହେରା । ଦେଖିଥିଲି କୋଉ ପିଲାଦିନେ, ଜୟି ମାମୁଙ୍କ ଘରେ । ବଙ୍କି ପଡ଼ିଲା ପରି ଡିକିଣିଆ ମାଇଚିଆ ଚେହେରା । ପୋତାମୁହାଁ । ଟୋକାକୁ କଅଣ ଚିଡ଼େଇ କରି କହିଲି ଯେ କାନ୍ଦ କାନ୍ଦ ହୋଇ ପଳେଇଗଲା ଘର ଭିତରକୁ । ଜୟି ମାମୁଁ ଯେତେ ଡ଼ାକିଲେ ବି ଆଉ ନ ଆସେ । ଟୋକା ମାଇଚିଆ ଏଇକ୍ଷଣି ଗୋଟାଏ ବୃଦ୍ଧ ମାଇଚିଆ ହେବଣି । ଆଉ କଣଟା ବଦଳିଥିବ ତାର ? ନହେଲେ କ'ଣ ଏମିତି ଡରଳି ଯାଇଥାଆନ୍ତା କୁକୁରର କାନ୍ଦଣାରେ ? ଗ-ଡ୍ !..

କିନ୍ତୁ ଆମୋଦକୁ ପୂରାପୂରି ଚାକୁଜେଇ ସାରିଲା ପରେ ସେ ଗୋଟିଏ ବିଚିତ୍ର ନିର୍ଣ୍ଣୟରେ ପହଞ୍ଚିଲେ । ଜୋକର୍‌କୁ ମେଡାଲ୍ ପିନ୍ଧେଇଲା ପରି । ବିପିନ ବାବୁ ଛାଡ଼ି ଯାଇଥିବା ଚିଠି ଖଣ୍ଡକ ନେଇ ଆସିଲେ ମସୁଡ଼ ହାତରୁ । ଏବଂ ତତ୍‌କ୍ଷଣାତ୍ ଚିଠାରେ ଦିଆ ହୋଇଥିବା ନମ୍ବରକୁ ଡଏଲ୍ କଲେ ।

''ମୁଁ ତା' ନାତିକୁ ଚାକିରୀ ଦେବି ମୋ କମ୍ପାନୀରେ । ବାଦ୍‌ସାର ଦିଲ୍‌କୁ କଣ ବୋଲି ପାଇଛିକି ସେ ? କିନ୍ତୁ, କିନ୍ତୁ, ସେ ବି'କଣ ମାଇଚିଆ ହୋଇଥିବ ତା' ଅଜା ପରି ? ଆଇ ହୋପ୍ ନଟ୍..

ଫୋନ୍‌ର ସେ ପାଖରୁ କିଏ କଣ ପଚାରୁଥିଲା, ଯେ ତାର ଉତ୍ତରରେ ସେ କହୁଥିଲେ ବାରମ୍ବାର—

''ନା. ନା, ତାଙ୍କର ଆସିବା ଦରକାର ନାହିଁ । ମୋଟେ ଦରକାର ନାହିଁ । ଖାଲି ସେଇ ଟୋକାଖଣ୍ଡକ ଆସୁ ମୋ ପାଖକୁ । ସଂଜ ବୁଡ଼ିବା ଆଗରୁ । ଓ-କେ । ବାଏ. ।''

..ସଂଜ ବୁଡ଼ିବାକୁ ବେଶୀ ଡେରି ନାହିଁ ଆଉ । ଅମରେଶ ମହାପାତ୍ର ଆସି କରି ଫେରିଗଲାଣି । ଚେୟାରମ୍ୟାନ୍ ଦେବୁ ନାଏକଙ୍କ ସୁପାରିଶ୍ ତଥା ନିର୍ଦ୍ଦେଶ ପତ୍ରକୁ ହାତରେ

Digitized by srujanika@gmail.com

ଧରି । ଗଲାବେଳକୁ ସେ 'ଥ୍ୟାଙ୍କ୍ ୟୁ ସାର୍' ବୋଲି କହିଥିଲା । ହାତ ବଢ଼ାଇଲାରୁ ମଧ୍ୟ ତାକୁ ଗ୍ରହଣ କରିଥଲା କରମର୍ଦ୍ଦନ ପାଇଁ । ଏବଂ ଯେତିକି ଝୁଂକିବା କଥା, ଠିକ୍ ସେତିକି ଝୁଂକିଥିଲା ।

...''ଖାସା ପିଲାଟାଏ । ଏଇମାନେହିଁ ମୋ ଦେଶର ଭବିଷ୍ୟତ । ଏବଂ ତାଙ୍କର ମଡେଲ୍ ହେଉଛି, ହେବା ଉଚିତ, ଦେବୁ ନାଏକ । ଆଉ ହୁଏତ ତାରି ପରି ଆଉ ଦି' ତିନି ଜଣ । ଯେଉଁମାନେ ଶିଖେଇଛନ୍ତି କେମିତି ମୋଁ ମୋଁ ନ ହୋଇ ଚଢ଼ଉ କରିବାକୁ ହୁଏ ଶତ୍ରୁ ଉପରେ । ସିଏ ବିଦେଶୀ ବେପାରୀ ହେଉ, କି ସେଣ୍ଟିମେଣ୍ଟର ମାଇଚିଆଗଣ । ତା'ହେଲେ ଯାଇଁ ଜିତିବ । ତମେ ଆଉ ତମ ଦେଶ । ଆଉ ସେତେବେଳେ ମନେ ପକାଇବ ମୋତେ । ...

ସଂଜର ଅନ୍ଧାର ଆହୁରି ଘନେଇ ଅସିଲାଣି । ମଧ୍ୟ ନୀରବତା । କାହିଁକିନା କୁକୁରର କ୍ୟାଉଁ କ୍ୟାଉଁ ମଧ୍ୟ ବନ୍ଦ ହୋଇଗଲାଣି । ଶେଲିକୁ ଚେନ୍‌ରୁ ଫିଟାଇ ଦେଇ ବୁଲାଇବାକୁ ନେଇ ଗଲେଣି ସେମାନେ । ଦେବୁ ନାଏକଙ୍କର ଖିଆଲ୍ ହେଲା ଯେ ଏଇକ୍ଷଣି ତାଙ୍କର ପାର୍କରେ ୱାକିଙ୍ଗ୍ କରିବା କଥା ଲମ୍ବା ଲମ୍ବା ପାହୁଣ୍ଡ ପକାଇ । ଜଣେ ଅଧେ ନମସ୍କାର ପକାଇବେ, ଜଣେ ଅଧେ ପାଖେଇ ଆସି ଖୋସାମତ କରିବାକୁ ଚେଷ୍ଟା କରିବେ, କିନ୍ତୁ ଦେବୁ ନାଏକ ବାଟ ଚାଲୁଥିବ ତାଙ୍କୁ ଆଡେଇ ଦେଇ । ଏକମୁହାଁ । କିନ୍ତୁ ଆଜି ଶଳା କିଛି କରିବାକୁ ଇଚ୍ଛା ହେଇନାହିଁ !

ଏଇ ସମୟରେ ହଠାତ୍ ଧାଇଁ ଆସିଲା ଲୀନା 'ଅଜା, ଅଜା, ଦେଖ !' ବୋଲି ପାଟି କରି । ଗୁଡାଏ କୁକୁରଛୁଆଙ୍କୁ କୁଣ୍ଢେଇ ଧରି । ଏବଂ ତାଙ୍କୁ ସେ ତତ୍‌କ୍ଷଣାତ୍ ଛାଡ଼ି ଦେଲା ଅଜାଙ୍କ ପାଖରେ । ତହୁଁ ସଂଜଟା ଅସ୍ଥିର ହୋଇ ଉଠିଲା ତାଙ୍କ କୁଁ-କୁଁ ଶବ୍ଦରେ । ଏବଂ ଦେବୁ ନାୟକ 'ଇଏ କଅଣ ? ନେଇ ଯା' ତାଙ୍କୁ, ନଉଛୁ ନା ନାହିଁ ବୋଲି ଗୋଡ଼ ଟେକିଲେ ସୋଫା ଉପରକୁ ।

ତଥାପି ଲୀନା ହସୁଥାଏ । ଆଉ କୁକୁର ଛୁଆମାନେ ତାଙ୍କୁ ଆକ୍ରମଣ କରୁଥାଆନ୍ତି । ଚଢିବାକୁ ଚେଷ୍ଟା କରୁଥାଆନ୍ତି ସୋଫାର ଖୁରା ବାଟ ଦେଇ ।

''ଡ୍ୟାମ୍ ଇଟ୍ ! ତୋ ଶେଲି କୁଆଡ଼େ ଗଲା ? ତୁ ଗଲୁନାହିଁ ତା ସାଙ୍ଗରେ ?''

''ସେଇଟା ବଡ଼ ହୋଇ ଗଲାଣି । ଖାଲି କ୍ୟାଉଁ କ୍ୟାଉଁ ହୁଏ । ମୁଁ ଯାକୁ ଗୋଟେଇ ଆଣିଛି ରାସ୍ତା ଉପରୁ । ଏଇଥିରୁ ଗୋଟାକୁ ରଖିବି ମୋ ପାଖରେ । ଆଉ ସେ କୁଁ କୁଁ ହେବ ମୋ କୋଳରେ । କାନ୍ଦିବ ଆଉ ଗେହ୍ଲେଇ ହେବ ।''

ଇତିମଧ୍ୟରେ ସେଥିରୁ ଗୋଟାଏ ଆସି ପହୁଞ୍ଚି ଗଲାଣି ସୋଫା ଉପରେ, ଓ ତାଙ୍କ ପାଦକୁ ଚାଟିବାକୁ ବସିଛି । ଦେବୁ ନାୟକ ଆଉ ସମ୍ଭାଳି ପାରିଲେ ନାହିଁ । ତା'କୁ ବେକରୁ ଧରି ଛାଟି ଦେଲେ ତଳକୁ । ଆଉ କହିଲେ, ''ନେଇ ଯା'', ନେଇ ଯା' ଏଗୁଡ଼ାକୁ । ଗେଟ୍ ଆଉଟ୍ ।''

Digitized by srujanika@gmail.com

ୟୁ ଆର୍ ସୋ ମିଇନ୍ ଅଜା, ମିଇନ୍—'' କହି ଲୀନା ପଳେଇଗଲା ତାଙ୍କ ପାଖରୁ, କୁକୁର ଛୁଆମାନଙ୍କୁ ଗୋଟାଇ ନେଇ ।

ନୀରବତା ଓ ଅନ୍ଧାର ପୁଣି ଏକାଠି ହୋଇଗଲେ । ଏବଂ ଦେବୁ ନାଏକଙ୍କୁ ଉସ୍‌କାଇଲେ ମନଇଚ୍ଛା ଭାବିବା ପାଇଁ । ହେଲେ ତାଙ୍କ ଭାବନା ଭିତରେ କେବଳ ଗୋଟାଏ ସ୍ୱର ଥିଲା, ଯାହାକୁ କେତେକେ କ୍ରୋଧ ନୁହେଁ, ଗ୍ଲାନି ବୋଲି କହି ପାରନ୍ତି । ଯେ ସେ ଏଥି ପୂର୍ବରୁ କେବେହେଲେ ଲୀନାକୁ 'ଗେଟ୍ ଆଉଟ୍' ବୋଲି କହି ନଥିଲେ କି ତାଠୁଁ ଶୁଣି ନଥିଲେ ଏମିତିକା କଥା ।

..ହଁ, ମୁଁ ମିଇନ୍ । ଜାଣି ନଥିଲୁ ତୋ ଅଜାକୁ ଆଜି ଯାଏଁ ? ଦୁନିଆଁ ଯାକ ଜାଣନ୍ତି ଆଉ ତୁ ଜାଣି ପାରିଲୁ ନାହିଁ, ଯେ କୋଳପଶା କୁଁ କୁଁ ମୋ ଦେହରେ ଯାଏ ନାହିଁ ? ହେଲେ ତମେ ସମସ୍ତେ ବୁଝିବ । କେବେ ହେଲେ ବୁଝିବ । ଦେବୁ ନାଏକ ଯାହା କରି ଯାଇଛି ଦେଶ ପାଇଁ, ଆଉ ତମକୁ ମଣିଷ କରିବା ପାଇଁ ।

ହ୍ୟାପ ଲଭ୍ ଫଭ୍ ମୁଁ ଜାଣେ ନାହିଁ । କି ଚାହେଁ ନାହିଁ କାହାଠୁଁ । ବିପିନ୍‌ର ସ୍କାର୍ଟ୍ ନାତି ଟୋକା ହେଉ କି ମୋ ଗେହ୍ଲେଇ ନାତୁଣୀ ହେଉ, କି ଆଉ ଯିଏ । ମୁଁ ଜାଣେ ତମ ସମସ୍ତଙ୍କ ହାତ ଖୁଜୁବୁଜୁ ହେଉଛି, କେବେ ତମ ଜୀବନର ଅରମାନ ମେଣ୍ଟେଇବ, ଆଉ ଚାପୁଡାଏ କଷି ଦେବ ମୋ ଗାଲରେ । ବଟ୍ ଆଇ ଡୋଣ୍ଟ୍ କେୟାର୍ । ଆଇ ଯଷ୍ଟ୍ ଡୋଣ୍ଟ୍ କେୟାର !...

ନା, ଏହି ଅବସ୍ଥାରେ ଦେବୁ ନାଏକଙ୍କ ମନେ ପଡି ନ ଥିଲା ଯେ ସେ ଅନ୍ତତଃ ଥରଟାଏ ଲୋଡ଼ିଥିଲେ ଜଣଙ୍କର ଦରଦ, ତା'କୁ ଭଲ ପାଇବା କୁହ କି ଆଉ ଯାହା ଯେତେବେଳେ ତାଙ୍କର ଚମଡ଼ାବ୍ୟବସାୟ ବରବାଦ୍ ହୋଇଗଲା, କଲିକତାରେ ଥିବା ତାଙ୍କ ବିରାଟ ଲେଦର ଏମ୍ପୋରିୟମ୍ ଶତ୍ରୁ ହାତକୁ ଚାଲିଗଲା, ଏବଂ ସ୍କଚ୍ ପିଇବା ପାଇଁ ମଧ୍ୟ ପଇସା ନଥିଲା ପାଖରେ । ସେତେବେଳେ ସେ ତାଙ୍କ ଦ୍ୱିତୀୟା ସ୍ତ୍ରୀ ଦାମିନୀ ଦତ୍ତର କୋଳରେ ପଶି କୁଁ କୁଁ ହେବାକୁ ଚାହୁଁଥିଲେ । ଏବଂ ସେ ତାଙ୍କର ମତିଭ୍ରମ ଦେଖି କହିଥିଲା, ଛିଗୁଲେଇଲା ପରି,- ହେ ! ହ୍ୱାଟ୍ ଇଜ୍ ରଂଗ୍ ଉଇଥ୍ ୟୁ ? କଣ ହୋଇଛି ତୁମର ?

ଏବଂ ଯଦି କେହି ଭାବୁଥାଏ ଯେ ଅନ୍ଧାର ଭିତରେ ହଜି ଯାଇଥିବ ଗୋଟାଏ ବୁଢ଼ାର ଲୁହ, ଏବଂ ସେ ତାକୁ ନିର୍ବାଧରେ ଛାଡ଼ି ଦେଇଥିବ, 'ଶଳା ବୋହି ଯା' କେତେ ବୋହିବାକୁ ଚାହୁଁ' ଏହି ପ୍ରକାର ଅବେଗରେ, କାହିଁକିନା ଆଜି କେହି ନାହାନ୍ତି ତା'କୁ ଦେଖିବା ପାଇଁ କି କଅଣ ହୋଇଛି ତମର ବୋଲି କହିବା ପାଇଁ, ସେଭଳି ଭାବନାକୁ ତୁଚ୍ଛା ରୋମାଣ୍ଟିକ୍ କଳ୍ପନା ଛଡ଼ା ଆଉ କିଛି କହିବା ଉଚିତ ହେବ ନାହିଁ ।

Digitized by srujanika@gmail.com

ଯଂତ୍ରଣା

''କାହିଁକି ଫେରିଯିବି ସେଠିକି ? କଅଣ ସେଠି ମୁଁ ଜନ୍ମ ହୋଇଛି ବୋଲି । ଏବଂ ସେଇଥିପାଇଁ ମୁଁ ତାକୁ ଘର ବୋଲି କହିବି ଓ ଘରକୁ ଫେରିଯିବା ପ୍ରତ୍ୟେକ ପ୍ରାଣୀର ଧର୍ମ ?''

ମଞ୍ଜରୀଦେବୀ ତାଙ୍କ ପଲଙ୍କରେ ପେଟେଇ ପଡ଼ି ପଢୁଥିଲେ ଚିଠିଟିକୁ । ନିଶ୍ଚଳ ମଧ୍ୟାହ୍ନରେ, ମନ ଦେଇ । ଏଇଠି ସେ କଡ଼ ଲେଉଟେଇଲେ ଏବଂ ଛାତ ଆଡ଼କୁ ଅନେଇ ହସି ପକେଇଲେ । କାରଣ ତାଙ୍କର ମନେ ହେଲା ଯେ, ଚନ୍ଦନ ଟୋକା ନିଜେ ହସିଥିବ ଏଇ ଧାଡ଼ିଟି ଲେଖିଲା ପରେ । ସତେକି ସେ ଗୋଟାଏ ଖାସା କଥା କହି ଦେଇଛି, ମାଇଁକୁ ଚିଡ଼େଇବା ପାଇଁ ! ....ଏବେ ମଧ୍ୟ ପଢୁ ପଢୁ କିମ୍ବା ଲେଖୁ ଲେଖୁ ହସିବା, ନାକ ଫୁଲେଇବା, ଓଠ କୁଞ୍ଚେଇବା ଇତ୍ୟାଦିରେ ଆମ ଚନ୍ଦନକୁ କେହି ବଢେଇଯିବ ନାହିଁ । ଯେତେହେଲେ ପିଲାଟାଏ କି ନା ! କିନ୍ତୁ ଯେ' ସେକଥା ବୁଝନ୍ତି ନାହିଁ, ତା'ର ବୟସକୁ ଗଣି ବସନ୍ତି । କୁହନ୍ତି ଅପା ବାହା ହେଲା ବେଳକୁ ମୋତେ ଏତେ ବର୍ଷ ହୋଇଥିଲା, ତାକୁ ନିଶ୍ଚିତ ପଚିଶ ଛବିଶରୁ କମ୍ ହେବ ନାହିଁ । ସେଇଠୁଁ ତାକୁ ଦୋଷ ଦିଅନ୍ତି, କୁହନ୍ତି ଏଡ଼େ ବଡ଼ଟିଏ ହୋଇ ମଧ୍ୟ ତା'ର ବୁଦ୍ଧି ହେଉ ନାହିଁ, ଦାୟିତ୍ୱଜ୍ଞାନ ଆସିବାକୁ ନାହିଁ । ଅପା-ଦେବଭାଇ ତାକୁ ଅତି ଗେହ୍ଲା କରି ବିଗାଡ଼ି ଦେଇଛନ୍ତି, ଇତ୍ୟାଦି । ଏମିତି ଭାବରେ କୁହନ୍ତି ଯେ ମନେ ହେବ ସେ ଚନ୍ଦନକୁ ଦି'ଆଖିରେ ଦେଖି ପାରନ୍ତି ନାହିଁ । ଅଥବା ଗୋଟିଏ ବୋଲି ଭଣଜା ପ୍ରତି ତାଙ୍କର ଏକ ବିଶେଷ କର୍ତ୍ତବ୍ୟ ଅଛି, ଯାହାକୁ ସ୍ନେହଶ୍ରଦ୍ଧାରେ ଗୋନେଇ ପୋନେଇ ନରମେଇ ଦେବା ଉଚିତ ନୁହେଁ ।

ସ୍ୱାମୀଙ୍କ ଅସାଧାରଣ କର୍ତ୍ତବ୍ୟବୋଧକୁ ବଧେଇ ଦେବା ସଙ୍ଗେ ସଙ୍ଗେ ମଞ୍ଜରୀଦେବୀଙ୍କ ଛାତି ଅଳ୍ପ ବହୁତ ଥରି ଉଠିଲା । କାହିଁକିନା ତାକୁ ଦିଶିଗଲା ସ୍ୱାମୀ କେମିତି ତାତି ଉଠିବେ, କଅଣ ସବୁ ବକିଯିବେ, ଯେତେବେଳେ ଏଇ ଚିଠି ତାଙ୍କ ହାତରେ ପଡ଼ିବ । ଅବଶ୍ୟ ସେ ମୋ ପାଖକୁ ଚିଠି ଦେଇଛି, ତା'ର ମଞ୍ଜୁ ମାଇଁଙ୍କ ପାଖକୁ, ମୁଁ ଇଚ୍ଛା କଲେ ତାକୁ ନ ଦେଖେଇ ପାରେ । ତମେ ତା'ର ନିଜ ମାମୁଁ ହୋଇପାର; କିନ୍ତୁ ମୁଁ ବି ତା'ର ନିଜ ମାଇଁ । ତା' ଛଡ଼ା ସେ ମୋତେ ଭାରି ଭଲ ପାଏ, ଆଉ ମୋର ମଧ୍ୟ ତା' ପ୍ରତି ଗୋଟାଏ ମାୟା ଅଛି, ନିଜ ପୁଅପରି (କହିବାକୁ ଗଲେ ପୁଅ-ଦିଅର ମିଶାମିଶି), ଏକଥା କ'ଣ ସେ ଜାଣନ୍ତି ନାହିଁ ? ତେଣ୍ ସେ ଯଦି ତା' ମନକଥା ଅଜାଡ଼ି ଦେବାକୁ

Digitized by srujanika@gmail.com

ଚାହିଁଲା ମୋ ଆଗରେ, ନିଜକୁ ହାଲୁକା କରିବା ପାଇଁ, ମୋର କ'ଣ ଉଚିତ ନୁହେଁ ତା'କୁ ଗୋପନ ରଖିବା ? ...ମଞ୍ଜରୀଦେବୀ ଚିଠିକୁ ତତ୍‌କ୍ଷଣାତ୍ ପୂରାଇ ଦେଲେ ଲଫାପାରେ, ସେଇଠୁଁ ତାଙ୍କ ବ୍ଲାଉସ୍ ଭିତରେ, ସେତେକି ଏଥର ପିଲାଟାର ବାଚାଳତା ସୁରକ୍ଷିତ ହୋଇ ରହିଗଲା ତାଙ୍କ ପାଖରେ । ଯଦିଓ ସେ ଜାଣିଥିଲେ ଯେ ତାକୁ କୌଣସି ମତେ ରକ୍ଷା କରି ହେବ ନାହିଁ ସର୍ବଜ୍ଞ ସ୍ୱାମୀ ରାଘବବାବୁଙ୍କ ଠାରୁ । ସେମିତି ହୋଇ ନାହିଁ କେବେ । ହୋଇପାରିବ ନାହିଁ (ମୁଁ ପାରିବି ନାହିଁ) । ଅସମ୍ଭବ ।

...ଆରେ, ସେ ସେମିତି ଲେଖିଛି ବୋଲି କ'ଣ ସତରେ ରହିଯିବ ସେଠି, ଆମେରିକାରେ ? ମୁଁ କ'ଣ ତାକୁ ଚିହ୍ନି ନାହିଁ ? ଯେ ଟୋକାର ଗୋଟାଏ ଢଙ୍ଗ, ବାହାଦୂରୀ । ଯେ ଦେଖ ମୁଁ ବି କରିପାରିବି ଯାହା ସେମାନେ କରିଛନ୍ତି । ଦୁଃସାହସୀ ହିରୋ କେଇଜଣ । ମୁଁ ବି ଆକାଶକୁ ଲମ୍ଫ ଦେଇ ପାରିବି । ବୋକାଛୁଆ !

ମଞ୍ଜରୀଦେବୀଙ୍କ ନରମ ଚାହାଣୀ ଆହୁରି ନରମିଗଲା । କାରଣ ବାର ତେର ବର୍ଷ ତଳର 'ବୋକାଛୁଆ' ତାକୁ ଦିଶିଗଲା ଜଳ ଜଳ ହୋଇ । ଯିଏ ଡ଼ଉଲ୍‌ଡ଼ାଉଲ୍ ମୋଟା ଛୁଆଟିଏ ହୋଇ ଆସିଥିଲା ତାଙ୍କ ପାଖକୁ, ତାଙ୍କ ବାହାଘର ପରେ ପରେ । ସବୁବେଳେ ଦାନ୍ତ ଦେଖେଇଥାଏ, କଥା କଥାକେ ହସିଉଠେ; କିନ୍ତୁ ବିଚରା ବେଶୀ ଦଉଡ଼ ଧାପଡ଼ ହୋଇପାରେ ନାହିଁ ତା' ସାଙ୍ଗସାଥୀଙ୍କ ସାଙ୍ଗରେ ଏବଂ ବେଳେ ବେଳେ ମନେ ହୁଏ ଯେ ଏଇକ୍ଷଣି ତା' ହସ ବନ୍ଦ ହୋଇଯାଇଛି, ମୁହଁ ଓହଳି ଯାଇଛି, କାହିଁକିନା ସେମାନେ ତାକୁ ଦୂରେଇ ଦେଇଛନ୍ତି । ସେଇଠୁଁ ମୁଁ ତା' ପାଖକୁ ଯାଏ । ତାକୁ ଡ଼ାକିନିଏ ମୋ ବିଛଣାକୁ । କୁହେ, ଚାଲ ତାସ୍ ଖେଳିବା; କିନ୍ତୁ ଟୋକାଟା ଖୁସି ହୁଏ ସିନା, ତାକୁ ଅଖାଡୁଆ ଲାଗେ । ସନ୍ତର୍ପଣରେ ବସେ, ଆଡ଼େଇ ହୋଇ, ସତେକି ତାକୁ କୋଉ ଦେବୀଙ୍କ ଆସ୍ଥାନରେ ବସିବାକୁ କୁହାଯାଉଛି । ଥରେ ମୋ ପାଟିରୁ ବାହାରିଗଲା,—'କ'ଣ ଲାଜ ଲାଗୁଛି ତମକୁ ମାଇଁକ ପାଖରେ ବସିବାକୁ ? ବୋକା ଛୁଆ !'

ସେ ରାଗିଗଲା । ଏମିତିକି ମୋର ମନେ ହେଲା ଯେ ଖାଲି ତା'ର ଓଠ ନୁହେଁ, ତା' ଗାଲ ଚହଲି ବି' କମ୍ପି ଉଠୁଛି; କିନ୍ତୁ ଯେଉଁଠୁ ମୁଁ ଏକ ଦିବ୍ୟ ମାଇଁପଣିଆ କି ନୂଆବୋହୂପଣିଆର ସରାଗ ଚାହାଣୀରେ ଅନେଇ ରହିଲି ତା' ଆଡ଼କୁ, ଜଣେଇ ଦେଲି ଯେ ମୁଁ ତାକୁ ଥଟ୍ଟା କରିବା ଲୋକ ନୁହେଁ, ମୁଁ ତାକୁ ବେଶୀ ସ୍ନେହ କରେ, ସେଇଥିପାଇଁ କହିଲି ଏଇ ପଦକ, ସେତିକିରେ ସେ ତରଳି ଗଲା । ଆଉ ତା' ସହଜ ହସକୁ ପୁଣି ଢ଼ାଳି ଦେଲା ମୋ ପାଇଁ । ସେଇଠୁଁ ମୋ ହାତ ଆପେ ଆପେ ବେଢ଼େଇ ହେଇଗଲା ତା' ଦେହରେ ଓ ମୁଁ ତାକୁ ଟାଣି ଆଣିଲି ମୋ ପାଖକୁ (ହୁଏତ ସେ ନିଜେ ଟାଣି ହୋଇଆସିଲା), ଆଉ ତା' ମୁହଁକୁ ଥାପିଲି, ଥାପୁଡ଼େଇ ଦେଲି ମୋ କୋଳରେ । କୋଳରେ ନୁହେଁ, ମୋ ଛାତିର ଉଷୁମରେ । କ'ଣ ହେଲା ସେଠୁଁ ? ଯେତେହେଲେ ପିଲାଟିଏ । ସେ ବି କେତେବେଳ ଯାଏଁ ଲେପ୍‌ଟେଇ ରହିଲା ସେଠି, ସତେକି ତା'ର

Digitized by srujanika@gmail.com

ଯେତେକ ଦୁଃଖ, ଯେତେକ ପରାଭବ ପୋଛି ହୋଇଯାଉଛି ।

କିନ୍ତୁ ମୁଁ ଭୁଲ୍ କଲି । ଫଳ ଓଲଟା ହେଲା । କାରଣ ସେଇଦିନଠୁଁ ସେ ମୋ ପାଖକୁ ଅସୁଥାଏ ସିନା, ମୋ ଦେହଠାରୁ ଦୂରେଇ ରହୁଥାଏ । ମୁଁ ଖଟର ଏ ମୁଣ୍ଡରେ ତ, ସେ ସେମୁଣ୍ଡରେ ଯାଇ ବସୁଥାଏ । ବେଳେ ବେଳେ ମନ ହେଉଥାଏ ପଚାରିବି—କିଓ ଚନ୍ଦୁବାବୁ, ମୋତେ ଅଛୁଆଁ ବୋଲି ଭାବିଛ ନା ଅଣ ? ନା ମୋତେ ଡ଼ରୁଛ ? କିନ୍ତୁ ପଚାରିଲି ନାହିଁ । କାଳେ ବିଚରା ହାରିଯିବ । ରାଗିବାକୁ ବି ବଳ ପାଇବ ନାହିଁ ଏବଂ ଆଉ ମୋ ପାଖ ମାଡ଼ିବ ନାହିଁ । ସୁବିଧା ପାଇଲାକ୍ଷଣି ପଳେଇ ଆସିବନି ଲକ୍ଷ୍ମୀପୁରକୁ । ପ୍ରତି ଖରାଛୁଟି ଛଡ଼ା ଚାରି ପାଞ୍ଚ ଦିନିଆ ଛୁଟି ପାଇଲାରୁ । ଯେତେହେଲେ ମାମୁଁଘର । କୋଉ ନିଜ ଘର ହୋଇଛି ? ପୁଣି ଧୂଳିମାଟିର ମଫସଲ ।

ଘର ! କହିଲା କ'ଣ ନା ମୁଁ ଜନ୍ମ ହୋଇଛି ବୋଲି ଅଣ....ବୋକା ଛୁଆ ! ଦେଖେଇ ହେଉଛି ଯେ ସେ ବଡ଼ ହୋଇଗଲାଣି, କୋଉ ଘର ତାକୁ ବାନ୍ଧି ରଖି ପାରିବ ନାହିଁ ।

ପୂରା ମିଛ । ମାଇଁ ପାଖକୁ ଚିଠି ଲେଖିଛି ଏମିତିକା, ହେଲେ ତା'ର ମନେ ଥିବ ସେ ମାଇଁକୁ କ'ଣ କହିଥିଲା ସେଦିନ । ଏଇ କେଇଟା ବର୍ଷ ତଳେ । ଯେତେବେଳେ ତା'ର ପ୍ରଥମେ ଯିବାର ହେଲା ଆମେରିକା, ପାଠରେ ମୁଣ୍ଡି ମାରିବା ପାଇଁ । ସ୍କଲାରସିପ୍ ମିଳିଗଲା । ଭିସା ମିଳିଗଲା । ଦେଶ ଛାଡ଼ିବା ଆଗରୁ ଆସିଥିଲା ମାମୁଁ ମାଇଁଙ୍କ ଠାରୁ ବିଦାୟ ନେବ ବୋଲି । ହସଖୁସି ଉତୁରି ପଡୁଥାଏ ତା' ମୁହଁରୁ । କିନ୍ତୁ ସେତେବେଳକୁ ସେ ଆଉ ମୋଟାଛୁଆ ହୋଇ ନାହିଁ । ସୁକୁଟା ନ ହେଲେ ବି କେତେ ପାତଳା ହୋଇଗଲାଣି । ଖାଲି ଗାଲଚହଳିତଟା ଭାଙ୍ଗି ନାହିଁ ଯାହା । ଏଣେ ମୁଣ୍ଡବାଳକୁ କେଡ଼େ ଖଞ୍ଜରେ କୁଣ୍ଢେଇଥାଏ, ଯେମିତିକି କେରାଏ ଫୁରୁଫୁରୁ ହେଉଥିବ । ଭାବିଲି, ଟୋକା ରୋମାଣ୍ଟିକ୍ ହେବାକୁ ବସିଛି ! ଯାହାହେଉ ମୁଁ ତାକୁ ଟିକିଏ ଚିଡ଼େଇବା ପାଇଁ କହିଲି—''କ'ଣ ବାବୁ, ଯାଉଛ ତ କୋଉ ଦୂର ବିଦେଶକୁ । ପୃଥିବୀର ସ୍ୱର୍ଗକୁ । ଆମକୁ ମନେରଖିବ ତ ? ଘରକୁ ଫେରି ଆସିବ ତ ?''

ମୋର ଧାରଣା ନଥିଲା ସେ କଥାଟାକୁ ଏତେ ସିରିୟସ୍ ଭାବରେ ନେବ । ହଠାତ୍ ମୋ ହାତକୁ ମୁଠେଇ ଧରିଲା, ଯାହାକି ମୋତେ ଆଶା କରି ନ ଥିଲି ତା'ଠୁଁ, ପିଲାଦିନର ସେଇ ଘଟଣାଦିନୁ । ଆଉ କହିଲା, ''ମାଇଁ, ମୁଁ ଯୋଉ ସ୍ୱର୍ଗକୁ ଯାଏ ପଛେ, ମୋ ଘରକୁ କ'ଣ କେବେହେଲେ ଭୁଲି ପାରିବି ?'' ଏମିତି ଭାବରେ କହିଲା ଯେ ମୋର ମନେ ହେଲା ମୁଁ ଅଛି ତା' ଘର ଭିତରେ । କୋଉ କଣରେ ନୁହେଁ, ମଝିରେକିନି ଅଛି । ଆସନ ଜମେଇ କରି ।

ଅଥଚ ସେ ଏଥର ମୋ ସାଙ୍ଗରେ ଦେଖା ବି କଲା ନହିଁ ! ତା' ସଫେଇରୁ କ'ଣ ମିଳିବ ମୋତେ ? ଏମିତି ସମୟର ଅଭାବ ଯେ ଭୁବନେଶ୍ୱରରୁ ଲକ୍ଷ୍ମୀପୁର, ବସ୍‌ରେ ଚାରି

Digitized by srujanika@gmail.com

ପାଞ୍ଚ ଘଣ୍ଟାର ବାଟ, ସେତିକ ବି ସୁବିଧା କରି ପାରିଲା ନାହିଁ ? ଚୋରଙ୍କ ପରି ଖସି ପଳେଇଗଲା, ଆଉ ସେଠୁଁ ଏମିତିକା ଲମ୍ବା ଲମ୍ବା କଥା !

ମୋ ପାଖକୁ ଲେଖିଲା ବା କାହିଁକି ? ନ ଲେଖିଲେ କାହାର କ'ଣ ଭାସି ଯାଉଥିଲା ? ଆହତ ଅଭିମାନର ଭାବ ଆସିଲା ମଞ୍ଜରୀଦେବୀଙ୍କ ମନରେ; କିନ୍ତୁ ପରକ୍ଷଣରେ ସେ ଅନୁମାନ କଲେ ଯେ ସେ ଆଉ କାହା ପାଖକୁ ଲେଖି ନ ଥିବ ଏମିତି । ଅଜାଡି ଦେଇ ନଥିବ ତା'ର ଯେତେକ ରାଗ, ଦୁଃଖ ଓ ଆକ୍ରୋଶ ଆମର ଏଇ ଦେଶକୁ ନେଇ । ବୋଧହୁଏ ତା' ବାପା ବୋଉଙ୍କ ପାଖକୁ ବି ଲେଖି ନଥିବ । ଖାଲି ମୋରି ଆଗରେ କହି ପକେଇଲା । ଖୋଲି ଦେଲା ନିଜକୁ । କାହିଁକିନା....କାହିଁକିନା ମୁଁ ତା' ମାଇଁପରା ! ମାଇଁ ନୁହେଁ, ପିଲାଦିନର ସାଙ୍ଗ । ସେଇଠୁଁ ସେ ଯତ୍‌ସାମାନ୍ୟ ଗର୍ବ ଅନୁଭବ କଲେ ଏବଂ ଆଶ୍ୱସ୍ତ ହେଲେ ଯେ ସେ ଫେରିବ, ଅବଶ୍ୟ ଫେରିବ ।

** ତାଙ୍କୁ ଆଉ କେତେବେଳେ ସମୟ ମିଳିଲା ନାହିଁ, ରାତିରେ ଠିକ୍ ଶୋଇବା ଆଗରୁ ଚିଠି ଖଣ୍ଡକ କାହିଁକି ବଢ଼େଇ ଦେଲେ ରାଘବବାବୁଙ୍କ ହାତକୁ, ତା'ର କୌଣସି ମତଲବ ନ ଥିଲା ବୋଲି କହିହେବ ନାହିଁ । ସେ ଭାବିଥିଲେ ଯେ ସ୍ୱାମୀ ଚିଠିକୁ ପଢ଼ିଲା ଭିତରେ ତାଙ୍କ ଆଖିକୁ ନିଦ ଆସିଯିବ । ତେଣୁ ତାଙ୍କୁ ଶୁଣିବାକୁ ପଡ଼ିବ ନାହିଁ ସେ ଯେଉଁସବୁ କଟୁକ୍ତି କରିବେ ତାଙ୍କ ଭଣଜାକୁ ନେଇ ମୋତେ ହିଁ ଛିଗୁଲେଇଲା ପରି । ସତେକି ସେ ଆଗେ ମୋ ଭଣଜା, ଆଉ ମୁଇଁ ତାକୁ ମୁହଁ ଦେଇଛି !

କିନ୍ତୁ ମଞ୍ଜରୀଦେବୀ ଆଖି ବୁଜି ଶୋଇ ପଡ଼ିବାକୁ ଚାହିଁଲେ ମଧ୍ୟ ତାଙ୍କ ଆଖିକୁ ସହଜେ ନିଦ ଆସିଲା ନାହିଁ । କାହିଁକିନା ରାଘବବାବୁ ଚିଠିଟାକୁ ବଡ଼ ପାଟି କରି ପଢ଼ିଲେ ଏବଂ ବିଭିନ୍ନ ଜାଗାରେ ନିଠେଇ କରି ପଢ଼ିଲେ, ସ୍ୱରକୁ ଉଞ୍ଚେଇଲେ ପକେଇଲେ, ଖଣ୍ଡି ହସ ହସିଲେ, ଅର୍ଥାତ୍ ଛିଗୁଲେଇବାର ଯେତେକ ଢଙ୍ଗ ଦେଖେଇଲେ, ଯେଉଁଥିରୁ ମଞ୍ଜରୀଦେବୀଙ୍କର ମନେହେଲା ଯେ ତାଙ୍କୁ ଚେଇଁ ରହିବାକୁ କୁହାଯାଉଛି । ଯେମିତିକି ବ୍ୟଙ୍ଗବିଦ୍ରୂପର ତୀର ଠିକଣା ଜାଗାରେ ଲାଗିବ । ଭଣଜା ନାହିଁ ସିନା ଏଠି, ତା' ମାଇଁ ଅଛି, ତା'ର ଗେହ୍ଲା ମାଇଁ । ପଢୁଛନ୍ତି—

''ମୁଁ ଫେରିବି ନାହିଁ । କଦାପି ଫେରିବି ନାହିଁ ମୋର ତଥାକଥିତ ଘରକୁ ।''

ଯେଉଁଠି ବ୍ୟକ୍ତି ବୋଲି କେଉଁ ମଣିଷ ନାହିଁ । ଖାଲି ଅମୁକର ପୁଅ ଏବଂ ଅମୁକ ଜାତି, ଗୋଷ୍ଠୀ, ବିରାଦରିର । ଦେଖିବା କଥା ଯେ ସେ ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ତଥା ପରମ୍ପରାକୁ ଜୁହାର ହୋଇ, ଠିକଣା ପାଠ ପଢ଼ିଛି, ଠିକଣା କାମ କରୁଛି, ଠିକଣା ଜାଗାରେ ବାହା ହୋଇଛି (ଉପଯୁକ୍ତ ଯାନିଯୌତୁକ ଆଣିଥିବ ନିଶ୍ଚୟ), ନା ନାହିଁ । ସେହି ହିସାବରେ ତା'ର ମୂଲ୍ୟ ଦିଆଯିବ । ଦେଖିବା କଥା ଯେ ତା' ମୁହଁରୁ ଠିକଣା ଶବ୍ଦ ବାହାରୁଛି କି ନାହିଁ । ଯଦିଓ ସେଭଳି ଶବ୍ଦକୁ ଶବ୍ଦ କୁହାଯିବ ନାହିଁ, ହୁଏତ ଗଅଁ ଗଅଁ, କାହିଁକିନା ତା'ର କଣ୍ଠ ଶ୍ୱାସରୁଦ୍ଧ ରହିଛି କେବେଠୁଁ । ସମାଜର ଦି' ହାତ ନୁହେଁ, ହଜାରେ

Digitized by srujanika@gmail.com

ହାତ । କେଉଁ କଷ୍ଟନଳୀର ସାଧ ଅଛି ସେଇ ସହସ୍ର ହାତର କବଳରୁ ମୁକ୍ତ ହୋଇ ଆପଣା ସ୍ୱର ତିଆରି କରି ପାରିବ, ଆପଣାର ଆନନ୍ଦ ପାଇଁ ?

ଯେଉଁଠି ମଣିଷ ବୋଲି କେଉଁ ବ୍ୟକ୍ତି ନାହିଁ । ଖାଲି ସେପାଖର ଗଣ ଓ ଏ ପାଖର ଶ୍ରେଣୀ । ତୁମ ଜନ୍ମ ନେଇ ନିର୍ଭର କରେ କିଭଳି ମୃତ୍ୟୁ ଅଛି ତୁମ କପାଳରେ । ହୁଏତ ତୁମେ ସେପାଖରେ ରହି ଭେଳା ଭେଳା ହୋଇ ମରିବ । ଦୁର୍ଭିକ୍ଷରେ, ପରିହାର୍ଯ୍ୟ ରୋଗବଇରାଗରେ, ବିଷାକ୍ତ ମଦ ପିଇ, ପୁଲିସ୍ ତଥା ସନ୍ତ୍ରାସବାଦୀର ଗୁଳି ଖାଇ ଏବଂ ଆପଣା ଭିତରେ ହଣାକଟା ହୋଇ । ଶହ ଶହଙ୍କ ଭିତରେ ସଂଖ୍ୟାଟିଏ ହୋଇ । ଅଥବା ଏ ପାଖରେ ରହି ବଞ୍ଚି ଥାଉଁ ଥାଉଁ ମରିବ । 'ଉଚିତ' ଶବ୍ଦର ଉଚ୍ଚାରଣ କରି, ନିର୍ଦ୍ଦିଷ୍ଟ ଭୂମିକା ନିଭେଇ ଏବଂ ନୀତିବୋଧ ମୂଲ୍ୟବୋଧ ସମ୍ବେଦନା ସହାନୁଭୂତି ଇତ୍ୟାଦି ମଣିଷପଣକୁ ଠକି ଦେଇ, ଯେମିତିକି ତୁମେ ଆହୁରି ଉପରକୁ ଉଠି ପାରିବ, ଅନ୍ତତଃ ଉପରେ ଟିଷ୍ଟି ରହି ପାରିବ । ଗଣ ଅରଣ୍ୟରେ ଖସି ପଡ଼ିବାର ଭୟରୁ ରକ୍ଷା ପାଇଯିବ ।

ଯେଉଁଠି ସରକାର ବୋଲି କିଛି ନାହିଁ, ହେଲେ ଗଣତନ୍ତ୍ର କାଏମ୍ ଅଛି, କାରଣ ଭୋଟ ଦିଆ ଚାଲିଛି, ଭୋଟର କିଣାବିକା ଏବଂ ସେଥିର ରକ୍ତବୁହା ମଉଜ, ସର୍କସ୍ ।

ଯେଉଁଠି ଶିକ୍ଷା ପଛକୁ ଜ୍ଞାନ ନାହିଁ, ଖାଲି ଠେଲାପେଲା ହୋଇ ଶ୍ରେଣୀର ଅମୁକ କି ସମୁକ ଠାରେ ପଶିଯିବା କଥା ।

ଯେଉଁଠି ଧର୍ମ ବୋଲି କିଛି ନାହିଁ; କିନ୍ତୁ ରାମ ଅଛନ୍ତି ଓ ବାବର ଅଛନ୍ତି ଏବଂ ରକ୍ତାକ୍ତ ଯୁଦ୍ଧ ଚାଲିଛି ତାଙ୍କ ଭିତରେ ।

ଯେଉଁଠି ନୂଆବୋହୂ ପାଇଁ ଗୋଟାଏ ନୂଆ ଧରଣର ଚିତା ମଧ୍ୟ ଜଳା ହୋଇ ପାରେ, ତା' ଦେହରେ କିରାସିନୀ ଢାଳି, ସେଇଠୁଁ ନିଆଁ ଲଗେଇ ।

ଯେଉଁଠି .....

ନା, ଥାଉ । ଆଉ କେତେ ଗାଇବି ମୋ ଘରର ଗୁଣ ? ବାହାରକୁ ନ ଆସିଲେ ତୁମେ ବୁଝି ପାରିବ ନାହିଁ, ମଞ୍ଜୁମାଇଁ, ଯେ ଆଲୁଅ ଓ ଅନ୍ଧାର ଭିତରେ ପାର୍ଥକ୍ୟ କଅଣ ଏବଂ ବୁଝିପାରିବ ନାହିଁ ମୋତେ କେତେ କଷ୍ଟ ଲାଗୁଛି ମୋ ଘର ଆଡ଼କୁ ଅନେଇଲାରୁ, ଦେଶ କଥା ଭାବିଲାରୁ; କିନ୍ତୁ ମୋତେ ତାକୁ ଛାଡ଼ିବାକୁ ପଡ଼ିବ । ସୁଯୋଗ ମିଳିଛି ଯେତେବେଳେ, ତାକୁ ହରେଇବାର ନୁହେଁ । କ'ଣ ବୁଝୁଛ ମୋ ଦୁଃଖ ?.....

''ଆ-ହା-ହା ! ଦୁଃଖ ? ନା ଯନ୍ତ୍ରଣା ମ ?'' ରାଘବବାବୁ ଆନୁନାସିକ ସ୍ୱରରେ ଖତେଇ ହେଲା ପରି ହେଲେ ଏବଂ କହି ଚାଲିଲେ, ''ପୁଅ କାହାକୁ ଭୁଡେଇବାକୁ ବସିଛି ? ଅସଲ କଥା ହେଉଛି ଯେ ନିଜ ଦେଶ ତାକୁ ଗନ୍ଧଉଛି । ଏଠିକାର ଧୂଳିଧୂଆଁ, ଗୋବର ଗାଡ଼ିଆ, ମଳିମୁଣ୍ଡିଆଙ୍କ ଦଳ । ଆଉ ହ୍ୟାପ ଡରୁଛି । ସାହସ ନାହିଁ ନିଜ ଗୋଡ଼ରେ ଠିଆ ହେବା ପାଇଁ । ଭିଡ଼ ଭିତରେ ବାଟ କାଟି ଆଗେଇ ଯିବା ପାଇଁ । ଚାହେଁ ସବୁ ସହଜରେ

Digitized by srujanika@gmail.com

ହାତ ପାଖକୁ ଆସିଯିବ । ଡରପୋକ୍ କାହିଁକା !'' ରାଘବବାବୁ ଗୋଟାଏ ବିରାଟ 'ହୁଁଃ !' ଛାଡି ଦେଇ ଚିଠିକୁ ଥୋଇଦେଲେ ଫିଙ୍ଗିଲା ପରି ।

ପୁଣି କହିଲେ କିଛି ସମୟ ପରେ, ''କଥା ହେଉଛି ପିଲାଟା ଠିକଣା ଟ୍ରେନିଙ୍ଗ ପାଇଲା ନାହିଁ । ସହରିଆ ବାପା, ପୁଣି ଚାକିରିଆ । ଚାକର ଚପରାଶିଙ୍କ କଲ୍‌ଚର୍ '' ଉହ୍ୟ ରହିଗଲା ଯେ ସେ ହୁଏତ ଉଚିତ ଟ୍ରେନିଙ୍ଗ୍ ଦେଇ ପାରି ଥାଆନ୍ତେ, କାରଣ ସେ ସହରିଆ କି ଚାକିରିଆ ନୁହନ୍ତି, ମଫସଲରେ ଅଛନ୍ତି, ଆଉ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ଉଚ୍ଚ ଶିକ୍ଷାକୁ ମାର ଗୋଲି, ମାଟିରୁ ସୁନା ଫଳେଇ ପାରୁଛନ୍ତି ।

ସେଇଠୁଁ ସେ ଆବିଷ୍କାର କଲେ ଯେ ମଞ୍ଜୁ ପ୍ରକୃତରେ ଶୋଇଗଲାଣି । ତାଙ୍କ ଉର୍ଜନାର ତେଜ କି ହିନ୍ଦୀ ଏବଂ ସେଥିରେ ଥିବା ପ୍ରଚ୍ଛନ୍ନ ଆତ୍ମଗୌରବକୁ ଶୁଣି ନଥିବ ହୁଏତ ! ହେଲେ ସେ କାଳେ ଶୋଇ ନଥିବ, ସେଇ ଆଶାରେ ସେ ଏଥର ପତ୍ନୀଙ୍କୁ ହିଁ ସମ୍ବୋଧନ କଲେ ଏବଂ ଗୋଟାଏ ଖୁଞ୍ଚା ଦେଲେ —

''କିନ୍ତୁ ସାହେବଛୁଆ ଏମିତିକା ଓଡ଼ିଆ, ଏଭଳି ସାହିତ୍ୟ ଶିଖିଲା କେଉଁଠୁ ? ତମଠୁଁ ?'' କହିସାରି ହସିଲେ ଠୋ' ଠୋ' ହୋଇ ।

ମଞ୍ଜରୀଦେବୀ ତଥାପି ନୀରବ ରହିଲେ । ଯଦିଓ ସେ ନିଦରେ ଶୋଇ ନଥିଲେ; କିନ୍ତୁ ସେ ମନେ ମନେ ତା'ର ଜବାବ୍ ଦେଲେ—

ନା । ସେ ସାହିତ୍ୟ ଶିଖି ନାହିଁ ମୋଠୁଁ । ହେଲେ ମୁଁ ତାକୁ କେତେ ଫୁଲଫଳ ଚିହ୍ନେଇ ଦେଇଛି, ଆଉ ସେ ମୋତେ ଇତିହାସ ଭୂଗୋଳର ପାଠ ପଢ଼େଇଛି । ଆଉ ଆମେ ଏକାଠି ଗୀତ ବୋଲିଛୁ, ଧୀରେ ଧୀରେ, ନିରୋଳାରେ । ଆମ ରଜ କୁଆଁରପୂନେଇଁର ଗୀତ ଠାରୁ ଆରମ୍ଭ କରି ହିନ୍ଦୀ ସିନେମା ଗୀତ । ଗପ କୁହାକୁହି ହୋଇଛୁ । ଅବୋଲକରା କାହାଣୀ, ପୁରାଣକଥା (ମୋ ଆଡୁ) ବହିପଢ଼ା ଡିଟେକ୍‌ଟିଭ୍ ଗପ (ତା'ଆଡୁ) ଓ ନିଜ ନିଜ ବାପା ମାଆ ଭାଇଭଉଣୀଙ୍କ ଗପ । ହେଲେ ତାକୁ ତମେମାନେ ସାହିତ୍ୟ ବୋଲି କହିବ ନାହିଁ ।

କିମ୍ବା ସେଇ ଦିଆନିଆରେ ଆମେ ଯାହା ପାଉ ପରସ୍ପର ଠାରୁ, ତା'ର ଅମୃତକୁ ବି ତମେ ସାହିତ୍ୟ ବୋଲି କହିବ ନାହିଁ । ଖାଲି ସିଏ ଡରକୁଳା ନଥିଲା, ମୁଁ ତା'ଠୁଁ ବେଶୀ ଡରୁଥିଲି । ମୁଁ ତାକୁ ବୋକାଛୁଆ ବୋଲି ଚିଡ଼ୁଥିଲି ସିନା, ମୁଁ ଆହୁରି ବୋକୀ ଥିଲି । କାରଣ ଆମେ ମିଛଟାରେ ଭାବୁଥିଲୁ ଯେ ଆମେ ପଛରେ ପଡ଼ିଯାଉଛୁ । ତମମାନଙ୍କ ମରଦପଣିଆ ତମ ସଂସାରର ସଫଳତା ଯାହା ଚାହୁଁଛି ଆମଠାରୁ, ଅମେ ତାକୁ ସହଜେ ଦେଇ ପାରୁନାହୁଁ । ଦେଖେଇ ପାରୁନାହୁଁ । ଡରୁଥିଲୁ କାଳେ ତମେ ସବୁ ହସୁଛ, ହସିବ ଅମ ପରାଭବ ଦେଖି । ମୋତେ ସଂଠଣାରେ ଭାତ ବାଢ଼ି ଆସେ ନାହିଁ, ବନ୍ଧୁବାନ୍ଧବ କିମ୍ବା ସରପଞ୍ଚ ମହାଶୟଙ୍କୁ ଯଥାଯୋଗ୍ୟ ଚର୍ଚ୍ଚା କରି ଆସେ ନାହିଁ, ହକିଆ ବେଠିଆମାନଙ୍କୁ କେମିତି ଶାସନ କରିବାକୁ ହୁଏ ତା'ର କଖଗ ମୋତେ ଜଣା ନାହିଁ ଇତ୍ୟାଦି । ଆଉ ସେ

Digitized by srujanika@gmail.com

ଚୋର ସିପାହୀ ଖେଳରେ ଚଟ୍‌କିନି ପଳେଇ ଯାଇପାରେ ନାହିଁ, ତୁଚ୍ଛାକୁ ମାଡ଼ ଖାଏ, ତାକୁ ଅଟ୍ଟା ନକଲର ଠିକଣା ଜବାବ୍ ଦେଇ ଆସେ ନାହିଁ । ଯେତେ ପାଠୁଆ ହେଲେ ବି ପିଲାଟା ଚାଲାଖ ଚତୁର ନୁହେଁ ଇତ୍ୟାଦି । ବେଳେ ବେଳେ ତା' ପାଟି ଖନି ବାଜିଯାଏ ଏବଂ ବେଳେ ବେଳେ ମୋ କଥା ଓଲଟପାଲଟ ହୋଇଯାଏ; କିନ୍ତୁ ଦିଆନିଆର ଅମୃତ ପାଇଲାରୁ ଆମର ମନେହେଲା ଯେ ତଥାପି ଆନନ୍ଦ ଅଛି ଏଇ ପୃଥିବୀରେ ଏବଂ ଆମର ଏଇ ସମାଜରେ । ତଥାପି ଆମେ ଦି' ଜଣିଆ ଗୀତ ଗାଇ ପାରିବୁ, ନୂଆ ବର୍ଷାରେ ତିନ୍ତି ଯାଇ ତାଳିମାରି ପାରିବୁ, ପିଲାପଣର ସୁଖ କରି ପାରିବୁ ।

ତମେ ସବୁ ବୁଝିବ ନାହିଁ । ସେ ପ୍ରକୃତରେ ସୁସ୍ଥି ନୁହେଁ କି ଡ଼ରକୁଳା ନୁହେଁ । ତମ ସାଧୁ ଭାଷାରେ ଭାବପ୍ରବଣ, ଭାବକାତର କି ସେମିତିକା କିଛି । ତା'ଛଡା ଡରକୁଳା ହିଁ ବେଳେ ବେଳେ ଲଗାମ୍ ଛାଡି ଦେଇପାରେ ବୀର ହେବା ପାଇଁ । ହୁଏ ମଧ୍ୟ ବୀର । ନ ହେବ କାହିଁକି ?

ଆମ ଦେଶ ତାକୁ ଗନ୍ଧଉ ନାହିଁ, ଦେଶର ହାଲଚାଲ ତାକୁ ପ୍ରକୃତରେ ବାଧୁଛି । ସ୍ୱଭାବତଃ ସେ ଚାହୁଁଛି ସେଥିରୁ ଦୂରେଇଯିବ । କ'ଣ ଭୁଲ୍ ହେଲା ସେଥିରେ ? କୋଉ ଲୋକଟା ଜାଣି ଶୁଣି ନିଜକୁ କଷ୍ଟ ଦେବାକୁ ଚାହେ ?

ତଥାପି ମୁଁ ଜାଣେ ଯେ ଫେରି ଆସିବ । ଆଜି ନ ହେଲେ କାଲି । ଭାରତକୁ, ଓଡ଼ିଶାକୁ, ଲକ୍ଷ୍ମୀପୁରକୁ ।

ମଲା ଇଏ କେମିତିକା ଯୁକ୍ତି ? ନା ତୋ ବେହେଲ ଆଶା, ଯାହା ପଛରେ ଯୁକ୍ତି ନାହିଁ, ବୁଦ୍ଧି ବିଚାର କାଣିଚାଏ ନାହିଁ ? ମଞ୍ଜରୀଦେବୀ ତାଙ୍କ ଭାବଧାରାରେ ଅସଂଗତିକୁ ହଠାତ୍ ଦେଖିପାରିଲେ । ତେଣୁ ଆଖିବୁଜି 'ଶୋଇପଡ଼ିଲେ' ମଧ୍ୟ ତାଙ୍କ ଓଠରେ ଅଳ୍ପ ଟିକିଏ ହସ ଫୁଟି ଉଠିଲା, ଯାହା ରାଘବ ବାବୁଙ୍କ ଦୃଷ୍ଟିକୁ ଏଡ଼ାଇ ପାରିଲା ନାହିଁ ।

ରାଘବବାବୁ ଜାଣିଲେ ଯେ ମଞ୍ଜୁ ଶୋଇ ନାହିଁ ଏବଂ ତାଙ୍କର ମନେ ହେଲା ଯେ ଇଏ ହେଉଛି ତା' ଆମୋଦର ହସ । ତାଙ୍କ ଅତିରଞ୍ଜିତ ପ୍ରତିକ୍ରିୟାକୁ ନେଇ । ସେଇଠୁଁ ସେ କଥାଟାକୁ ଠୋସ୍ କରି ଛିଣ୍ଡେଇଲା ପରି କହିଲେ—''ଛାଡ଼ଃ । ଭଣଜାବାବୁ ବିଲାତ ଯାଆନ୍ତୁ କି କଳାପାଣି, ଆମର ସେଥିରେ କିଛି କହିବାର ନାହିଁ । ତା'ର ବାପମାଆ, ଜେଜେ ଆଦି ଘର ଲୋକମାନେ ବୁଝିବେ ତା'ର ଭଲମନ୍ଦ । ଆମର ଭାବିବା କଥା ଖାଲି ଆମ ଜାନୁକୁ ନେଇ । କେଇଟା ବର୍ଷରେ ସେ ବି ବଡ଼ ହେବ । ଆମକୁ ଜଗିବାକୁ ହେବ ଯେ ଗୁଣମଣି ଭାଇଙ୍କ ଦେଖା ଦେଖି ତା' ମୁଣ୍ଡ ଯେମିତି ବିଗିଡ଼ି ନଯାଏ ...''

ମଞ୍ଜରୀ ଦେବୀ ଆଖି ଖୋଲିଲେ ଓ କଟମଟ ହୋଇ ଅନେଇଲେ ସ୍ୱାମୀଙ୍କ ଆଡ଼କୁ । ସତେକି ଇଏ ଗୋଟାଏ ସତ କଥା; କିନ୍ତୁ ଏଭଳି ନିର୍ମମ ସତ୍ୟ ସେ ଶୁଣି ନାହାନ୍ତି କାନ ଉଠିଲା ଦିନୁ ।

Digitized by srujanika@gmail.com

(୨)

ଚନ୍ଦନ ରାଉତ, ଛବିଶ ବର୍ଷର ଟୋକା, ଗାଲର ଚହଲି ପ୍ରକୃତରେ ଭାଙ୍ଗିନାହିଁ ଆଜିଯାଏଁ, ହେଲେ ମୁଣ୍ଡବାଳ ପ୍ରତି ଟିକିଏ ହେଲେ ଯତ୍ନ ନେଲା ପରି ମନେ ହେଉନାହିଁ, ଉଇନ୍‌ଗେଟ୍ ପାର୍କର ଗୋଟିଏ ଲମ୍ବା ଗଛ ତଳେ ଆଣ୍ଠୁ ପ୍ରମାଣେ ଗଦା ହାଇଥିବା ଶୁଖିଲା ପତର ସାଙ୍ଗରେ ଖେଳୁଥିଲା । ତାକୁ ଗୋଡ଼ରେ ଖେଳଉଥିଲା, ପୁଣି ହାତରେ ମୁଠା ମୁଠା କରି ଫିଙ୍ଗି ଦେଉଥିଲା । ପତେକି ସେ ଜଣେଇ ଦେଉଛି ଯେ ଏଠି ସେ ଇଚ୍ଛା କଲେ ପୁଣି ପିଲା ହୋଇପାରେ । କିଏ କ'ଣ ଭବିବେ ବୋଲି ଡ଼ରିବାର ନାହିଁ ।

ଯେମିତିକି ସେ ନିର୍ବାଧରେ ଲଭ୍ କରୁଥିଲା ଡ଼ୋରା ସାଙ୍ଗରେ, ଏଇ ଘଣ୍ଟାଏ ଦି'ଘଣ୍ଟା ଆଗରୁ, ପାର୍କର ଗୋଟାଏ ନିରୋଳା ଜାଗାରେ ଅନ୍ୟତମ ପତର ଗଦା ଉପରେ । ଜାଣିଶୁଣି । ତା'ର ଖଡ଼ଖଡ଼ ମଡ଼ମଡ଼ ସାଙ୍ଗରେ ଲହଡ଼ି ଖାଇ, ଯୌବନର ଆନନ୍ଦକୁ ଆହୁରି ଶବ୍‌ଦାୟିତ କଲା ପରି । ମନ ଇଚ୍ଛା, ମୋର ଇଚ୍ଛା, କିଏ କାହିଁକି କ'ଣ କହିବାକୁ ଯିବ ?

ଏଇଆକୁ କୁହନ୍ତି ଆନନ୍ଦ !

ଦମ୍ ନେଲା ପରି ସେ ବସି ପଡ଼ିଲା ପତରଗଦା ଉପରେ । ବୁଦ୍ଧ ପ୍ରାୟ । ସାମ୍ନାରେ ଯୋଡ଼ିଏ ଟୋକାଟୋକୀ ପରସ୍ପର ଅଙ୍କାରେ ହାତ ଗୁଡ଼େଇ ହୋଇ ବୁଲୁଥିଲେ ଏବଂ ପ୍ରେମ ହେଉଥିଲେ । ଅର୍ଥାତ୍ ମଝିରେ ମଝିରେ ଚୁମା ଦିଆ ଦେଇ ହେଇଥିଲେ । ଏବଂ ହସୁ ଥିଲେ ଖେଁ ଖେଁ ହୋଇ । ହଠାତ୍ ଦିହେଁ ଚନ୍ଦନକୁ ଦେଖି ହାଏ ବୋଲି କହିଲେ, ଏବଂ ଚନ୍ଦନ ଗୋଟାଏ ଦାନ୍ତଗିଜିଡ଼ା 'ହାଏ'ର ପ୍ରତିଦାନ ଦେଲା । ସେଇଠୁ ତା'ର ମନେହେଲା, ଭାବିଲା ତା'ର ଭ୍ରମ ହୋଇଥିବ—କିନ୍ତୁ ଇଏ ଜେନ୍‌ନିଫର୍ ନୁହେଁ ତ ? ଧାତ୍, ସେ ଥିଲା ବ୍ଲଣ୍ଡ୍, ମେଞ୍ଚାଏ ହଳଦିଆ-ସୁନେଲି କେଶକୁ ଝାଡ଼ି ହେଉଥାଏ ଥରକୁ ଥର । ଆଉ ଯା'ର ତ ତମ୍ବା ରଙ୍ଗ କି ଚେଷ୍ଟନଟ୍ ରଙ୍ଗ । ହେଲେ ବାଳର ରଙ୍ଗ ବଦଳେଇବାକୁ କେତେ ସମୟ ? ଖିଆଲ ଅନୁଯାୟୀ ବାଳର ରଙ୍ଗକୁ ବଦଳେଇବା, ଇଏ ବି ଗୋଟାଏ ମଜା ଏଠିକା ଝିଅଙ୍କର । କାହିଁକି ବା ନ ବଦଳେଇବେ ? ଇଏ ବି କ'ଣ ଗୋଟାଏ ଆନନ୍ଦ ନୁହେଁ ସ୍ୱାଧୀନ ମଣିଷର ?

ଯଦି ବା ସେ ଜେନ୍‌ନି ହୋଇଥାଏ, କ'ଣ ହେଲା ସେଥି ? ମୋତେ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା ହୁଏତ; କିନ୍ତୁ ରାଗିବାର, ଈର୍ଷା କରିବାର ପ୍ରଶ୍ନ ଉଠୁନାହିଁ । କାରଣ ଆମ ଭିତରେ କେଉଁ ଲିଖିତ—ଅଲିଖିତ ଚୁକ୍ତି ହୋଇ ନଥିଲା ଯେ ଆମେ ଆଉ କାହାକୁ ଲଭ୍ କରିବୁ ନାହିଁ, ଅନ୍ତତଃ 'ଫଲ୍'ର ରଙ୍ଗଡକ ଲିଭିଯିବା ଭିତରେ ।

ସେ ଆସିଥିଲା ଏଇ ଦି'ତିନି ମାସ ତଳେ ଫଲ୍‌ର ରଙ୍ଗ ସାଙ୍ଗରେ । ବଡ଼ଲୋକ ଘର ଝିଅ, ବିଜିନେସ୍ ଅଡ୍‌ମିନ୍‌ଷ୍ଟ୍ରେସନ୍ ପଢ଼ିବାକୁ ଆସିଛି, ଯେମିତିକି ଯଥା ସମୟରେ ବାପର ବିଜିନେସ୍‌କୁ ଚଳେଇ ପାରିବ । ଫୁଲେଇ ହୋଇ ଗୋଟାଏ ପୁରୁଣା ଫୋର୍ଡ଼କୁ

Digitized by srujanika@gmail.com

ଡ୍ରାଇଭ୍ କରି ବୁଲୁଥାଏ, ଯାହାକୁ ଥ୍ରିଲ୍ କହିଲେ ଚଳେ । ଖାଲି ଫୁଲେଇ ନୁହେଁ, ଲାଜ ସରମ ଟିକିଏ ବୋଲି ନାହିଁ । କହିଲା—ମୋ କାର୍‌ଟା ଥ୍ରିଲ୍ ସିନା, ମୁଁ ନୁହେଁ ମ ! ପରୀକ୍ଷା କରିବାକୁ ଚାହୁଁ ? କହି ହସିଲା ଠୋ' ଠୋ' ହୋଇ । ପ୍ରଥମେ ଭାବିଲି, ମୁଁ କେଉଁ ତଳିଆ ଭିନ୍ନ ଦେଶର ଲୋକ ବୋଲି ସେ ଏତେ ନିର୍ଲଜ ହୋଇ ପାରୁଛି ମୋ ଆଗରେ । କିନ୍ତୁ ପରେ ଦେଖିଲି ଯେ ତା' ନୁହେଁ । ସେ ମୋତେ ଚାହୁଁଛି ଏବଂ ମୋର ମନେ ହେଉଛି ମୁଁ ବି' ତାକୁ ଚାହେଁ । କହିଁକିନା ସେ ଏଇ ଫଲ୍ ଋତୁର ଅନ୍ୟତମ ଉଜ୍ଜଳ ରଙ୍ଗ, ବିବିଧ ବିଚିତ୍ର ନାଲି-ହଳଦିଆ-ଶାଗୁଆ, କସରା ରଙ୍ଗର ହାଲୋଳ ଭିତରେ ଆଉ ଗୋଟାଏ ରଙ୍ଗ ହୋଇ ପହଞ୍ଚୁଛି ମୋ ଜୀବନରେ । ତେଣୁ ତାକୁ ମଧ୍ୟ ଭୋଗ କଲେ ମନ୍ଦ ହେବ ନାହିଁ । ସେଇଠୁଁ ସେ ମୋତେ ବୁଲେଇ ନେଲା ତା' କାର୍‌ରେ । କେତେ ପାହାଡ଼ ଜଙ୍ଗଲ ଭିତରେ, ହ୍ରଦ ନଈନାଳର କୂଳେ କୂଳେ । ଏବଂ ପତର ସବୁ କେତେ ଭଳି ରଙ୍ଗ ଧରେ ଓ ରଙ୍ଗ ବଦଳଉଥାଏ ଦିନକୁ ଦିନ, ତା'ର ନାହିଁ ନଥିବା ଶୋଭା ଦେଖାଇଲା । ପୁଣି ମଧ୍ୟାନ୍ତରରେ ତା'ର ପ୍ରେମ ମଧ୍ୟ କେତେ ଉଗ୍ର ଓ ଆଧୁନିକ, ତା'ର ପ୍ରମାଣ ଦେଲା ବିଭିନ୍ନ ହୋଟେଲ୍ ରୁମ୍‌ରେ ।

ଯେମିତି ଆସିଥିଲା, ସେମିତି ଚାଲିଯାଇଛି । ଆଜି ଆସିଛି ଡ଼ୋରା ଝଡ଼ାପତରର ଗଦାରେ ଲଟେଇ ହୋଇ, ଗେହ୍ଲେଇ ହୋଇ, ହସରେ ହସରେ ଶବ୍ଦରେ ଶବ୍ଦରେ ଫାଟି ଫୁଟି ପଡ଼ି । ସତେକି ପ୍ରେମର ମୂଳକଥା ହେଲା ଧ୍ୱନି । ସେବି ବେଶ୍ ବେପରୁଆ । ହେଲେ ଆଉ କିସମର ।

କେଉଁଠି ରଙ୍ଗ ତ କେଉଁଠି ଧ୍ୱନି । ଉପଭୋଗର ବିଭିନ୍ନ ପୃଷ୍ଠଭୂମି, ବିଭିନ୍ନ ଋତୁ ଓ ରୁଚି ଅନୁଯାୟୀ । ହେଲେ କେଉଁଠି ହେଲେ ବାନ୍ଧି ହୋଇଯିବାର ପ୍ରମାଦ ନାହିଁ । ବିପଦ ନାହିଁ । ଏଇଆକୁ କୁହନ୍ତି ସ୍ୱଧୀନତା ।

ଏବଂ ଏଇଆକୁ କୁହନ୍ତି ଆନନ୍ଦ !

ଆନନ୍ଦକୁ ଚାକୁଳେଇ ଚାକୁଳେଇ ଚନ୍ଦନ ପ୍ରାୟ ସଂଜ ବେଳକୁ ଫେରିଲା । ତା'ର ବେଡ୍‌ରୁମ୍ ବିଶିଷ୍ଟ ଆପାର୍ଟମେଣ୍ଟକୁ । ବସିବା ଘର କାନ୍ଥ ଭିତରୁ ଖଟ ବାହାରି ଆସେ ରାତିରେ, ଶୋଇବା ଘର ହେବାପାଇଁ ଏବଂ ତାରି ଭିତରେ ବୋତାମ ଟିପା ଟି.ଭି., ରେଡ଼ିଓ ଇତ୍ୟାଦି ମହଜୁଦ୍ ଅଛି । ହୁଏତ ବାହାସାହା ହୋଇଥିଲେ, ବିଶେଷତଃ ପିଲାଟିଏ ଥିଲେ ଟିକେ ଅସୁବିଧା ହୁଅନ୍ତା ଚଳିବା ପାଇଁ । କିନ୍ତୁ ଚନ୍ଦନ ସେଭଳି କାନ୍ଥନିକ ଆଶଙ୍କାକୁ ହସି ଉଡ଼େଇ ଦିଏ । ବେଳେ ବେଳେ ଏମିତି ବି ଭାବେ—ବାହା ହେବା ଜ'ଣ ସତରେ ଦରକାର ଜୀବନରେ ? ନା ପିଲା ଖେଳେଇବା ?

ଲେଟର୍ ବକ୍‌ସରେ ଗଡ଼ାଏ ଚିଠି । କିନ୍ତୁ 'ଜଂକ୍‌ମେଲ୍' ବେପାରୀ ବ୍ୟବସାୟୀଙ୍କର ମୋହନ ବଂଶୀ ଛଡ଼ା ଆଉକିଛି ଅଛି ନା ନାହିଁ ? ଅଛି ଏବଂ ଭାରତରୁ ଆସିଛି । ଭୁବନେଶ୍ୱରରୁ । ଗୁଡ଼ !

Digitized by srujanika@gmail.com

ବୋଉର ଚିଠି । ଅପେକ୍ଷିତ ଚିଠି । ସ୍ନେହବୋଳା । ଲେଖିଛି ଅବଶ୍ୟ ସେଇସବୁ ପୁରୁଣା କଥା— ତୋ ଦେହର ଯତ୍ନନେବୁ, ମନ ଦେଇ ପଢ଼ିବୁ, ରୀତିମତ ଚିଠି ଦେବୁ, ଇତ୍ୟାଦି ଏବଂ ଶେଷକୁ ତାର ସେଇ ତଥାକଥିତ ସ୍ୱପ୍ନ । କ'ଣ ନା ଆମେ ଅପେକ୍ଷା କରି ରହିଛୁ ତୁ କେବେ ଗ୍ରୀନ୍‌କାର୍ଡ଼ ପାଇ ସେଠି ରହିବୁ ଘରଦ୍ୱାର କରି, ଆସନ ଜମେଇ ଏବଂ ଆମେ ତୋତେ ଦେଖିଆସିବୁ ସେଠି । ମୁଁ ତାକୁ କେତେଥର କହିସାରିଲିଣି ଯେ ମୁଁ ଯେଉଁ କଂପ୍ୟୁଟର କାମ କରୁଛି ଏବଂ କମ୍ପାନୀରେ ମୋର ଯେଉଁ ସୁନାମ ହୋଇଗଲାଣି ଗତ ତିନି ବର୍ଷ ଭିତରେ, ସେଥିରେ ଗ୍ରୀନ୍ କାର୍ଡ଼ ମିଳିବ ହିଁ ମିଳିବ । ନହେଲେ ମୁଁ କ'ଣ ଏତେ ଦମ୍ଭରେ ଘୋଷଣା କରିପାରିଥାନ୍ତି ଯେ ମୁଁ ଫେରିବି ନାହିଁ ଭାରତକୁ ? ମୁଁ ଯେମିତି ହେଲେ ରହିଯିବି ଏଠି । ପୂର୍ଣ୍ଣଚ୍ଛେଦ ।

ଯାହାହେଉ ବୋଉ ଆମର ଆଧୁନିକା । ବାପାଙ୍କଠାରୁ ଜଣାନୁହେଁ । ସେ ବି ମୋର ଉଚ୍ଚାଭିଳାଷକୁ ସ୍ୱୀକାର କରିନେଇଛି । ବାପାଙ୍କ ପରି ମୋତେ ଉତ୍‌କେଇ ନାହିଁ ହୁଏତ, କିନ୍ତୁ ଅନ୍ୟ ମାଆଙ୍କ ପରି ଲୁହ ଗଡେଇନାହିଁ ଯେ ମୁଁ ଘରକୁ ଫେରିବି ନାହିଁ । ଏଭଳି ସୌଭାଗ୍ୟ ଆଉ କେତେ ଜଣଙ୍କର ଅଛି ?

ସୌଭାଗ୍ୟ ମୋତେ ଲଢ଼େଇ କରିବାକୁ ପଡ଼ିନାହିଁ,ଅଯଥାରେ ଶକ୍ତି ଅପଚୟ କରିବାକୁ ହୋଇନାହିଁ । କେଡ଼େ ସୁରୁଖୁରୁରେ ମୋ ବିଦେଶ ଯାତ୍ରା ବିଦେଶ ରହଣିକୁ ଲମ୍ବି ଯାଇଛି । ମୋ ନିଜ ମେରିଟ୍ କଥା ଛାଡ଼ି ଦିଅ । ବାପା ମାଆ ଫ୍ୟାମିଲି ଆଡୁ ମଧ୍ୟ କୌଣସି ଆପତ୍ତି ନାହିଁ । କେହି ମୋ ଉପରେ ଅଲଣା ପ୍ରେମପ୍ରୀତିର ଚାପ ପକେଇ ନାହାନ୍ତି, ଯାହାକୁ କୁହନ୍ତି ଇମୋସନାଲ୍ ବ୍ଲାକ୍‌ମେଲ୍, ଏଇ କଅଣ ବଡ଼ କଥା ନୁହେଁ ?

ଆହୁରି ଗୋଟାଏ ଚିଠି ଅଛି । ପୁରୁଣା ସାଙ୍ଗ ଅମିତ୍ ପାଖରୁ । ଶୁଭେଚ୍ଛା । କିନ୍ତୁ ତା' ସାଙ୍ଗକୁ ଟିକିଏ ଈର୍ଷା ଥିଲାପରି ମନେ ହେଉଛି । ଥିଲେ ଥାଉ । ମୋର ଭାସି ଯାଉଛି ।

ଆଉ କିଛି ଚିଠି ନାହିଁ ?

ଆରେ ଆଉ କୋଉଠୁ ଆସିବ ବୋଲି ଭାବି ଥିଲୁ ? କୋଉ ସ୍ତ୍ରୀ, ଗାର୍ଲଫ୍ରେଣ୍ଡ କି ବାଗ୍‌ଦତ୍ତାକୁ ଛାଡ଼ି ଆସିଛୁ ଦେଶରେ ଯେ ତା' ଠାରୁ ଚିଠି ପାଇବୁ ବୋଲି ଆଶା କରିଥିଲୁ ?

ଠିକ୍ କଥା । ପ୍ରକୃତରେ କେହି ନାହିଁ ସେଠି, ଯାହା ପାଇଁ ମୋ ହୃଦୟ ମଛି ହେଉଛି । ଥ୍ୟାଙ୍କ୍ ଗଡ଼ !

ହଁ, ଜଣକ ପାଖକୁ ଗୋଟାଏ ଲମ୍ବା ଚିଠି ଦେଇଥିଲି । ମୁଁ କାହିଁ କି ଫେରି ଯାଉନାହିଁ, ତା'ର ତଥ୍ୟଗତ କାରଣ ଦର୍ଶାଇ । କାହିଁକି ଦେଇଥିଲି ? ମଲା, କାହାକୁ ହେଲେତ ଜଣେଇବି ମୋ ନିଷ୍ପତ୍ତିର ଠିକଣା କାରଣ, ସଂପୂର୍ଣ୍ଣ କାରଣ ? ତା' ଛଡ଼ା

Digitized by srujanika@gmail.com

ଭାବିନିଅ ମୁଁ ତାକୁ ଚିଡ଼େଇବାକୁ ଚାହିଁଲି । ଯେମିତିକି ତାକୁ ବାଧିବ, ଆଉ ସେ ରାଗି ମାଗି ଲେଖିବେ ଏଣୁ ତେଣୁ । ଯେଉଁଥିରେ ହଜାରେ ବନାନ୍ ଭୂଲ୍ ଥିବ । ହେଲେ, ଆବେଗର ସୂଅ ଛୁଟି ଚାଲିଥିବ, କମା, ପୂର୍ଣ୍ଣଚ୍ଛେଦ ଆଦି ବାଡ଼ବଡାକୁ ଭାଙ୍ଗି ଦେଇ । ମଜା ହେବ !

ତା' ବୋଲି ମୁଁ ତାଙ୍କ ଉତ୍ତରକୁ ଅପେକ୍ଷା କରି ରହିନାହିଁ । ଆମ ମଫସଲିଆଣି ଦରପାଠୋଇ ମଞ୍ଜୁ ମାଇଁଙ୍କ ପାଖରୁ । ସତେକି ତାଙ୍କଠାରୁ କିଛି ବିଶେଷ ପରାମର୍ଶ ମିଳିବ । ଅଥବା ସେ ଏମିତି କ'ଣ ଲେଖିବେ ଯେ ମୋ ନିଷ୍ପତ୍ତି ବଦଳି ଯାଇପାରେ । ....ଚନ୍ଦନ ନିଜକୁ ଛିଗୁଲେଇଲା ।..

କିନ୍ତୁ କ୍ରମଶଃ କେତେଦିନ ଅନେକ ଦିନ ହୋଇଗଲା । ଝଡ଼ାପତରର ସ୍ତୂପ ବି' ସାଫ୍ ହୋଇଗଲା । ଯେତେକ ପାଇନ୍, ପପ୍ଲାର୍ ଆଦି ଲମ୍ବା ଗଛ ଏବଂ ରଙ୍ଗର ଛଇ ଦେଖଉଥିବା ମେପ୍ଲ୍ ଗଛ ପୂରାପୂରି ଥୁଣ୍ଟା ହୋଇଗଲେ ଏବଂ ଦୁର୍ଜୟ ପଞ୍ଜରାହାଡ଼ର ମହିମା ଦେଖେଇଲେ । ଉତ୍ତର ମେରୁରୁ ଆସୁଥିବା ହେମାଳ ପବନ ମଧ୍ୟ ଚନ୍ଦନର ପଞ୍ଜରା ହାଡ଼କୁ ଅଣ୍ଟାଳିଲା, ଯେତେବେଳେ ସେ ତା' କାମକୁ ଯାଉଥାଏ କି ଫେରୁଥାଏ ସେଠୁ ।

ମଞ୍ଜୁ ମାଇଁ କ'ଣ ମୋ ଚିଠି ପାଇ ନାହାନ୍ତି ? ଅସମ୍ଭବ ନୁହେଁ । ଆମ ଡ଼ାକ ବିଭାଗର ଯେଉଁ ଦକ୍ଷତା, ହୁଏତ ମୋ ଚିଠି ଆଜିଯାଏ ପହୁଞ୍ଚି ନଥିବ ତାଙ୍କ ଗାଁ ପୋଷ୍ଟଅଫିସ୍‌ରେ ।

ନା ସେ କ'ଣ ରାଗିଛନ୍ତି, ଯେ ମୁଁ ଏଥର ଗଲି ନାହିଁ ଲକ୍ଷ୍ମୀପୂର ? କିନ୍ତୁ କ'ଣ ଲେଖା ହୋଇଛି ଯେ ମୁଁ ସବୁ ଛୁଟିରେ, ଆମେରିକାରୁ ଇଣ୍ଡିଆକୁ ଆସିବା ଛୁଟିରେ ବି ଯିବି ସେଠିକି ? ତାଙ୍କ ପୋଖରୀର ମାଛ, ବିଶେଷତଃ ତାଙ୍କ ହାତରନ୍ଧା ମାଛର ମୁଡ଼ିଘଣ୍ଟ ଖାଇବି ବୋଲି ? କୁଆଡ଼େ ସେ ଆମ ଆଡ଼ର ମାଛ ଛେଅଡ଼ା ନୁହେଁ, ତାଙ୍କ ବାପଘର ଗାଁରେ ଥିବା କେଉଁ ମଦିନୀପୁରିଆ ଶିଖେଇଥିଲା ତାକୁ । ପୁଣି ସେ ବିଷୟରେ କେତେ ବିଶଦ ବ୍ୟାଖ୍ୟା ! ନା ମାଟି ସାଙ୍ଗରେ କେତେ ପରିମାଣରେ କ'ଣ ମିଶିଗଲେ (ଗୋବର, ନଡ଼ିଆ ତେଲ, ଆଇଷପାଣି, ଇଡ଼ି ହୋଇ ଯାଇଥିବା କ୍ଷୀର, ହଳଦୀମଖା ଦେହର ଝାଳ, କି ଆଉ କଅଣ) ଏଭଳି ଉତ୍କଟ ବାସ୍ନା ଆସେ ହେଲେ ଗୋଟାଏ ବିକୃତ ଇଚ୍ଛା ହୁଏ ତାକୁ ଆହୁରି ଗହୀରକୁ ଟାଣି ନେବାପାଇଁ, ସେ ବିଷୟରେ ଗଭୀର ଚିନ୍ତା କରିବା ପାଇଁ ?

ନା ଯାଇ ଥାଆନ୍ତି ଆମ ହଳୁଆ, ମରହଟ୍ଟା, କହିବାକୁ ଗଲେ ଅସଭ୍ୟ ମାମୁଁଙ୍କ ଆତ୍ମ-ପ୍ରଶଂସାକୁ ସହି ନା ପାରି ଆହୁରି ତାତିବା ପାଇଁ, ମୁହଁ ଉପରେ କିଛି କହି ନ ପାରି ମନେ ମନେ କୁହୁଳିବା ପାଇଁ ?

ଯାଇ ନାହିଁ ଭଲ କରିଛି । ଖାଲି ଚିଠି ଖଣ୍ଡେ ଦେବାର ଥିଲା ମାଇଁଙ୍କ ପାଖକୁ । ଦରକାର ଥିଲା ।.....

Digitized by srujanika@gmail.com

ଯାହା ହେଉ, ଉତ୍ତର ମିଳିଲା ନାହିଁ । ଚନ୍ଦନର ଜାଣିବାକୁ ବାଟ ନଥିଲା ଯେ ମଞ୍ଜରୀ ଦେବୀ ବହୁବାର ଇଚ୍ଛା କରିଥିଲେ, ଚେଷ୍ଟା କରିଥିଲେ ଦି' ଧାଡ଼ି ଲେଖିବା ପାଇଁ; କିନ୍ତୁ ପାରିଲେ ନାହିଁ । କେଜାଣି କେଉଁ କ୍ରୋଧ, କ୍ରୋଧର ଛଳନା, କିମ୍ବା ତୁଚ୍ଛା ନପାରିଲା ପଣ ତାଙ୍କ ଲେଖନୀ କୁ ଅଟକେଇ ଦେଲା ।

ଇତିମଧ୍ୟରେ ଡ଼ୋରା ବିଦାୟ ନେଲାଣି । ଯେଉଁ ନୂଆ ନାରୀ ଜଣଙ୍କର ଆବିର୍ଭାବ ହୋଇଛି ଚନ୍ଦନର ଆନନ୍ଦ ଜଗତରେ, ତାଙ୍କ ନାଁ ଏସ୍‌ଥର, ମିସେସ୍ ଏସ୍‌ଥର୍ ଆଲିସନ୍ । ତାଙ୍କୁ ତା'ର ଗାର୍ଲଫ୍ରେଣ୍ଡ୍ ବୋଲି କହିବା ହୁଏତ ଉଚିତ ହେବ ନାହିଁ, କାରଣ ସେ ତା' ଠାରୁ ଦଶବର୍ଷ ବଡ଼ ଓ ତାଙ୍କର ଜଣେ ସ୍ୱାମୀ ଅଛନ୍ତି, ପାଖ ଆପାର୍ଟମେଣ୍ଟରେ । ସେ ବାରମ୍ବାର ଆସନ୍ତି ଚନ୍ଦନ ପାଖକୁ, ଓ ଦୋହରେଇ ହୁଅନ୍ତି ଯେ ସେ ତାକୁ ଭଲ ପାଆନ୍ତି । ବିଶେଷ ଭାବରେ ଭଲ ପାଆନ୍ତି । ଚନ୍ଦନ ବି' ତାଙ୍କ ଭଲ ପାଇବାକୁ ଗ୍ରହଣ ନକରି ରହି ପାରେ ନାହିଁ । ତାଥା ତଜ୍ଜନିତ ସେକ୍‌ସ୍‌ର ଆମନ୍ତ୍ରଣ । ସେହେତୁ ତାଙ୍କୁ ତା'ର ଗାର୍ଲଫେଣ୍ଡ୍ ଛଡ଼ା ଆଉ କ'ଣ କହିହେବ, ତା' ମଧ୍ୟ ଭାବି ହଉ ନାହିଁ ।

ସେଇଠୁଁ ଗୋଟାଏ ଶୀତ ଅପରାହ୍ନ । ବାହାରେ ବରଫ ପଡୁଥିଲା । ଚନ୍ଦନର ଛୁଟି ଥିଲା, ତଥାପି ସେ ପାଗ ଦେଖି ଘରେ ବସି ଦୃଶ୍ୟ ଦେଖିବାକୁ ଚାହିଁଲା । ମିସେସ୍ ଆଲିସନ୍ ମଧ୍ୟ ଆସି ପହଞ୍ଚିଗଲେ ଦୃଶ୍ୟଦେଖାର ସାଥି ହେବା ପାଇଁ । ଦୁହେଁ ପାଖାପାଖି ଚୁପ୍‌ଚାପ୍ ହୋଇ ବସିଲେ ଅନେକ ସମୟ, ଓ ଦେଖିଲେ ବରଫ କେମିତି ପଡୁଛି ଘାସ ଉପରେ, ପତର ଉପରେ, ଘର ଉପରେ, ରାସ୍ତା ଉପରେ । ଯିଏ ବି' ଆକାଶକୁ ଅନଉଛି, ତାକୁ ଛାଡ଼ିବାକୁ ନାହିଁ ଏବଂ ଏମିତି ଜମିଯାଉଛି ତାଙ୍କ ଉପରେ ଯେ ମନେ ହେବ ତାଙ୍କ ଦେହରେ ଲାଖିଯିବ ଚିରଦିନ ପାଇଁ । ତାଙ୍କ ନିଜ ରଂଗ ଲିଭେଇ ଦେବ, ଓ ଆପଣା ଶୁଭ୍ରତାରେ ଛାଇ ଦେବ । ସତେକି ପ୍ରତ୍ୟେକର ଅଧିକାର ଅଛି ତା'ର ବଙ୍କାଡ଼ଙ୍କା ସ୍ୱରୂପ କୁ ପଛରେ ପକାଇ ଏଇ ଶୀତ ଶାନ୍ତିର ପ୍ରସାଦ ପାଇବା ପାଇଁ । କିନ୍ତୁ କେତେ ସମୟ ? କେତେବେଳ ଯାଏଁ ବଞ୍ଚି ରହିବ ଏଇ ପ୍ରତିଶ୍ରୁତି ?

ସେ ଦି' ଜଣଙ୍କ ମନରେ ଏଭଳି ଆଶଙ୍କା ଓ ଆଲୋଡ଼ନ ସୃଷ୍ଟି ହେଲା କି ନାହିଁ କହି ହେବ ନାହିଁ, ତେବେ ପ୍ରାୟ ଏକା ସମୟରେ ଦୁହେଁ ଦୁହିଁଙ୍କ ହାତକୁ ଛୁଇଁଲେ, ତହୁଁ ତାକୁ ଚିପି ଧରିଲେ । ହେମାଳ ମୁହୂର୍ତ୍ତ ଝରୁ ଥାଏ, ଝରି ଚାଲିଥାଏ ବାହାରେ ।

ହଠାତ୍ ଗୋଟାଏ ପ୍ରଶ୍ନ ମନକୁ ଆସିଲାପରି ମିସେସ୍ ଆଲିସନ୍ ପଚାରିଲେ ଚନ୍ଦନକୁ— ''ମୋର ବିଶ୍ୱାସ ହେଉନାହିଁ ଯେ ତୁମେ ଆଉ ସତରେ ଫେରିବ ନାହିଁ ଇଣ୍ଡିଆକୁ । ସେଠି କ'ଣ କେହି ନାହିନ୍ତି ଯିଏ ତୁମକୁ ଟାଣି ଧରିବ, ଅଟେକେଇ ରଖିବାକୁ ଚାହିଁବ ?''

ଚନ୍ଦନ କହିଲା, '' ନା'' । କଂଠରେ ଅସ୍ୱାଭାବିକ ଦୃଢ଼ତା ।

Digitized by srujanika@gmail.com

କିଏ ଅଟକେଇ ରଖିବାକୁ ଚାହିଁବ ? ବାପା ବୋଉ ତ ମୋର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି, ଯାହା କେବଳ ଏଇଠି ସାର୍ଥକ ହୋଇପାରିବ । ଯଥାର୍ଥରେ । ଯେତେକ ଅନ୍ୟ ଶୁଭାକାଂକ୍ଷୀ ମଧ୍ୟ ସେଇ ସ୍ୱପ୍ନକୁ କିଣି ସାରିଛନ୍ତି । ଯେତେକ ଈର୍ଷାକୁ ହୁଏତ ତାକୁ ମିଛ ବୋଲି କହିବାକୁ ଚାହାନ୍ତି, କିନ୍ତୁ ପାରୁନାହାନ୍ତି । କାରଣ ଏଇ ହେଉଛି ଚାଲୁ ଧର୍ମ ତରୁଣ ଭାରତର । କିଏ ତାକୁ ଅମାନ୍ୟ କରିପାରିବ ?

ହୁଏତ ଅଟକେଇ ପାରିଥାଆନ୍ତା ମିନୁ, ମିନତି ନାୟକ । ସହପାଠିନୀ । ତା'ର ଅଧୋମୁଖୀ 'ହଉ'କୁ ପ୍ରେମ ବୋଲି ଭାବିବାକୁ ମନ ହେଉଥିଲା । କିନ୍ତୁ ଏଥର ମୁଁ ଯେତେବେଳେ ତାକୁ ଜଣେଇ ଦେଲି ଯେ ମୁଁ ବିଦେଶରେ ରହିବି ବୋଲି ଠିକ୍ କରିଛି, ସବୁ ଦିନ ପାଇଁ, ସେ ତଥାପି ତା ମୁହଁକୁ ଉପରକୁ ଉଠାଇଲା ନାହିଁ । ତା'ର ପ୍ରେମ (କି ତାକୁ ଆଉ ଯାହା କୁହ)ର ଚେହେରା ଦେଖାଇଲା ନାହିଁ । ଖାଲି 'ଆଚ୍ଛା ?' ବୋଲି କହି ରହିଗଲା । ସତେକି ସେଇ ସାମାନ୍ୟ ବିସ୍ମୟ ଛଡ଼ା ସେ ଆଉ କିଛି ଦେଇ ପାରିବ ନାହିଁ । ଦେବା ନିରର୍ଥକ ।

ଅଟକେଇ ପାରିଥାନ୍ତେ ଜେଜେ । କାରଣ ମୋର ଧାରଣା ଥିଲା ଯେ ସେ ମୋର ଗଜୁରି ଆସୁଥିବା କବିପଣକୁ ଭଲ ପାଆନ୍ତି, ମୋର ଉଜ୍ଜ୍ୱଳ ସଫଳ ଭବିଷ୍ୟତ ଠାରୁ । ମୁଁ ଦିଓଟିର କପି ମଧ୍ୟ ନେଇ ଯାଇଥିଲି ମୋ ସାଙ୍ଗରେ । କିନ୍ତୁ ସେ ଆହୁରି ବୁଢ଼ା ହୋଇ ଯାଇଥିଲେ, ମୃତ୍ୟୁର ପାଖ ହୋଇ ଆସିଥିଲେ, କି ସେତେବେଳେ ତାଙ୍କ ପେଟ ଆହୁରି ଟାଣୁଥିଲା ଭଗବାନ୍ ଜାଣନ୍ତି, ସେ ମୋତେ ପଦୁଟିଏ ବି ପଚାରିଲେ ନାହିଁ ସେ ବିଷୟରେ । ମୋର ଗୋପନ ଭୟ, ଅପୂରଣ ଓ ବିଫଳତାକୁ ସୁନ୍ଦର ବୋଲି କହିବାର ସୁବିଧା ମିଳିଲା ନାହିଁ ତାଙ୍କୁ । ମୁଁ ବର୍ତ୍ତିଗଲି । ନହେଲେ ହୁଏତ ମୋର ମନେ ହୋଇଥାଆନ୍ତା ଯେ ମୁଁ ସୁନ୍ଦରପଣକୁ ଅଯଥାରେ ଛାଡ଼ି କରିଯାଉଛି, କେଉଁ ଇତର ସାଧାରଣ ସଫଳତା ପାଇଁ । ଅଧିକନ୍ତୁ ମୁଁ ଯେତେବେଳେ ତାଙ୍କୁ କହିଲି ଯେ ଏଇ ହେଉଛି ମୋର ନିର୍ଣ୍ଣୟ, ସେ ମୋ ପିଠିକୁ ଥାପୁଡ଼େଇ ଦେଇ କହିଲେ, 'ଭଲ, ଭଲ, ଭଲ', ସେଇ ପଦଟିକୁ କହି ଚାଲିଲେ । ସତେକି ଯେତେ ବୁଢ଼ା କି ମରଣ ମୁଖରେ ପହୁଁଚିଲେ ମଧ୍ୟ ସେ ଜଣାଇବାକୁ ଚାହାନ୍ତି ଯେ ସେ ଆଧୁନିକ । ଆମରି ସଂସାରର ଲୋକ । ଆମ ଭଲମନ୍ଦ ବିଚାରର ବିମୁଖ ନୁହଁନ୍ତି ।

ଏଭଳି ଭାବନାର ବଶବର୍ତ୍ତୀ ହୋଇ ତନ୍ଦନ କିଭଳି ଅନ୍ୟମନସ୍କ ଦେଖାଯାଉ ଥିଲା ଏବଂ ସେଥିରେ କେଉଁ ପ୍ରକାର କରୁଣତା, କୋମଳତା ଓ ସରଳତା ଫୁଟି ଉଠୁଥିଲା, ତା'ର ହିସାବ କେବଳ ମିସେସ୍ ଆଲିସନ୍ ଦେଇ ପାରିବେ । କାରଣ ସେ ବରଫ ଦେଖା ଛାଡ଼ି ତାଙ୍କୁଇ ଅନେଇ ରହିଗଲେ । ଶେଷକୁ ସେ ଆଉ ପାରିଲେ ନାହିଁ । ସ୍ୱଷ୍ଟବାଦୀ ଭଲ ପାଇବାର ନୂତନତମ ଦୃଷ୍ଟାନ୍ତ ଦେଖାଇଲେ । ତାଙ୍କ ହାତର ଚାପକୁ ଆଉ ଟିକିଏ ବଢ଼େଇ ଦେଇ କହିଲେ —

Digitized by srujanika@gmail.com

''ଆଇ ଲଭ୍ ୟୁ ଚନ୍ଦନ ! ବେଳେ ବେଳେ ମନେହୁଏ ତୁମକୁ ଏମିତି ଚିପି ଧରିବି ମୋ ଛାତିରେ ଯେ, ତୁମେ ସେଥିରୁ ମୁକୁଳି ଯାଇ ପାରିବ ନାହିଁ । କେବେହେଲେ.....''

ଚନ୍ଦନ ମିସେସ୍ ଆଲିସନ୍‌ଙ୍କ ମୁହଁକୁ ଅନେଇଲା ଏବଂ ହଠାତ୍ ଭୂତ ଦେଖିଲା ପରି ଚିତ୍‌କାର କରି ଉଠିଲା ।

''ନା !!!''

ତା'ର 'କାହିଁ' ପଦରେ କେବଳ ତିନିଗୁଣ ଦୃଢ଼ତା ନ ଥିଲା । ପିଲାଜିଆ ଆତଙ୍କ ମଧ୍ୟ ଥିଲା । ଏବଂ ଭର୍ତ୍ସନା ।

କାରଣ ତା'ର ମନେହେଲା ଯେ ଏଇ ସ୍ୱାଧ୍ୱନା ବିଦେଶିନୀ ନକଲ କରୁଛି ଆଉ ଜଣକୁ ଏବଂ ତାହା ଘୋର ଅନ୍ୟାୟ, ପାପ ।

ତୁମେ ତାଙ୍କ ସମବୟସୀ ହୋଇପାର । ବର୍ଷର ତାରତମ୍ୟ ସତ୍ତ୍ୱେ ତୁମ ଦେହର ଗଢ଼ଣ, ଆଖି ନାକ ଆଦିର ସଜଖ ସୁନ୍ଦର ଠାଣି, ଏବଂ ଜୀବନ୍ତ ଜୀବନର ଆବେଗ ମଧ୍ୟ ପ୍ରାୟ ଏକ ପ୍ରକାର ହୋଇପାରେ । ତା' ବୋଲି ତୁମେ ତାଙ୍କ ପରି ହେବାକୁ ବସିଛ, ଏତେ ଆସର୍ଦ୍ଧା ! ମୋତେ ଦେହ ଦେଇ ସାରି ମଧ୍ୟ ।

ତା ଛଡ଼ା ସେ ତୁମ ପରି ସ୍ୱାଧ୍ୱନା ନୁହଁନ୍ତି କି ସୁଖୀ ନୁହଁନ୍ତି । କିନ୍ତୁ ସେଇ ହେଉଛି ତାଙ୍କ ଗୌରବ । ଯେମିତିକି ସେ ସଦାବେଳେ ତାଙ୍କ ପିଲାଙ୍କୁ ଚାଲେଞ୍ଜ କରିବାକୁ ଚାହାନ୍ତି,—ଦେଖିବା ତମେ କେମିତି ଖୁସି କରିବ ମୋତେ, ମୋର ଦୁଃଖକୁ ଘୁଞ୍ଚେଇ ଦେଇ ପାରିବ ? ମଧ୍ୟ ଅନ୍ଧକରେ ଖୁସି ହୁଅନ୍ତି । ସେତେବେଳେ ନିଜକୁ ନିଧି ପାଇଲା ପରି ଲାଗେ । କିନ୍ତୁ ଚାଲେଞ୍ଜ ସରେ ନାହିଁ, କାହିଁକିନା ତାଙ୍କ ଦୁଃଖର ସୀମା ନାହିଁ ।

ତାଙ୍କୁ ଭଲ ନ ପାଇ ରହି ହୁଏ ନାହିଁ । କିନ୍ତୁ ସେଇ ହେଉଛି ଯନ୍ତ୍ରଣା ।

କାରଣ ସେ ଭାରତମାତା । ତାଆରି ପ୍ରତିଛବି । ମାଆ, ପତ୍ନୀ, ପ୍ରିୟା, ଭଗିନୀ, କନ୍ୟା ମିଶାମିଶି ଏକ ବିଚିତ୍ର ସମାବେଶ, ନାରୀ-ପ୍ରତିମୂର୍ତ୍ତି, ଯାହାର ବାହୁ ପାଶରୁ ମୁକ୍ତ ନ ହେଲେ ପୂଅ ମଣିଷ ହୋଇ ପାରିବ ନାହିଁ । ତା'ର ଶ୍ୱାସରୁଦ୍ଧ ହୋଇଯିବ । କିନ୍ତୁ ସେ ଆଗେ ପିଲାଟାକୁ କୁଣ୍ଢେଇ ଧରିବ ତ ! ତା'ପରେ ସିନା ମୁକୁଳିବା କଥା ଉଠିବ ?

ତୁମେ କୁଣ୍ଢେଇବ ? ସତେ ! ନା ତୁମର ଏଇ ଆମେରିକା ? ଭଲ ପାଇବାର ସେଇ ଯେଉଁ ଯନ୍ତ୍ରଣା ତା' ତୁମେ କେଉଁଠୁ ବୁଝିବ ? ଦେଇ ପାରିବ ନା ନେଇ ପାରିବ ?

ତା'ର ଗୋଟାଏ ଅଦ୍‌ଭୁତ ଧାରଣା ହେଲା ସେଦିନ । ଯେ ଏଇ ଯେଉଁ ଯନ୍ତ୍ରଣା, ଇଏ ଏକ ଅତି ଉପଭୋଗ୍ୟ ତଥା ଆବଶ୍ୟକ ବସ୍ତୁ । ତେଣୁ ଏଥର ଛୁଟିରେ ଭାରତକୁ ଗଲେ ଲକ୍ଷ୍ମୀପୁର ଯିବାକୁ ପଡ଼ିବ । ମଞ୍ଜୁ ମାଇଁଙ୍କ ପାଖକୁ । ଯନ୍ତ୍ରଣାରୁ ଆକଣ୍ଠ ପିଇ ଆସିବା ପାଇଁ, ଯାହା ବେଶ୍ କିଛିଦିନ କାମ ଦେବ ବିଦେଶରେ, ଏଭଳି ନକଲାନବିସମାନଙ୍କୁ ଦବେଇ ରଖିବା ପାଇଁ ।

Digitized by srujanika@gmail.com

କିନ୍ତୁ ସେ ଗଲା ଅନେକ ଅନେକ ଦିନ ପରେ । ଯେତେବେଳେ ତା'ର ମନେ ହେଲା ଯେ ଏଥର ନ ଗଲେ ଚଳିବ ନାହିଁ । କାରଣ ଏଇ ଯେଉଁ ନୂଆ ଜର୍ମାନ୍-ଆମେରିକା ଝିଅ, ତା' ନାଆଁ ଷ୍ଟେଲା, ତା'ର ଅଦଉତି ସବୁଠୁଁ ବେଶୀ । ବେଳେ ବେଳେ ଏମିତି ବି' ମନରେ ଆସୁଛି ଯେ ତାକୁ ବାହା ହୋଇ ପଡ଼ିଲେ ଯାଏ । ହେଲେ ସେତେବେଳକୁ ମଞ୍ଜୁ ମାଇଁ ପରୀକ୍ଷିତ ଓ ପୋଖତ ଗୃହିଣୀ ପରି ଦେଖାଗଲେଣି । ଭୟଶୂନ୍ୟା ଭାବଶୂନ୍ୟା ପତ୍ନୀ ଓ ତେରବର୍ଷିଆ ପୁଅର ମାଆ । ତେଣୁ ଭାରତମାତାଙ୍କ ଲକ୍ଷଣ ଟିକିଏ ହେଲେ ଦିଶୁ ନାହିଁ ତାଙ୍କ ଚେହେରାରେ କି ଚରିତ୍ରରେ । ଅଗତ୍ୟା ସେ ଷ୍ଟେଲାକୁ ଯଥାଶୀଘ୍ର ବାହା ହୋଇ ପଡ଼ିଲା, ବିଦେଶକୁ ଫେରି ଆସିଲା ପରେ । ଏବଂ ସୁଖ କଲା । ଯନ୍ତ୍ରଣା ଧୀରେ ଧୀରେ ଉଭେଇ ଗଲା ।

Digitized by srujanika@gmail.com

ଭୟ, ପ୍ରେମ, ଗେଣ୍ଡୁଫୁଲ, ଇତ୍ୟାଦି

ଅବସରପ୍ରାପ୍ତ ଉଚ୍ଚାଧିକାରୀ ଗଗନବାବୁକୁ ଜଣା ଯେ ସେ ଗୋଟିଏ ଭୟାକୁ ପ୍ରାଣୀ । ହେଲେ ଆତ୍ମଦର୍ଶନର ଏଇ ତଥ୍ୟଟିକୁ ସେ ପ୍ରାୟତଃ ପ୍ରଶୟ ଦେଉ ନ ଥିଲେ, ତାଙ୍କ ମୁଣ୍ଡର ସମସ୍ତ ବାଳ ଧଳା ହେବା ଯାଏଁ । କିନ୍ତୁ ଦିନେ ସକାଳୁଆ ଖବର କାଗଜରେ ପୃଷ୍ଠା ଓଲଟାଉ ଓଲଟାଉ ସେ ସ୍ଥିର କଲେ ଯେ ବେଳ ହେଲାଣି ଏଇ କଳା ଦାଗଟାକୁ ପୋଛି ଦେବାପାଇଁ । ଯଦିଓ ସମାଜସଂସାରର ଦୃଷ୍ଟିରେ ତାଙ୍କ ଭାବମୂର୍ତ୍ତୀ ସଦା ଉଜ୍ଜ୍ୱଳ ହୋଇ ରହିଛି । ଏବଂ ଶୁକ୍ଳକେଶମଣ୍ଡିତ ହେଲା ପରେ ଅଧିକ ସୁନ୍ଦର ଦିଶୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ସ୍ୱଚ୍ଛଭାଷୀ, ମିଷ୍ଟହାସୀ ଉଦାରଗମ୍ଭୀର ଚେହେରାରୁ ଯେଉଁ ବ୍ୟକ୍ତିତ୍ୱ ଫୁଟି ଉଠୁଛି, ତା'କୁ କିଏ ଅସ୍ୱୀକାର କରିବ ? ନା ତାଙ୍କ ଚାକିରୀ ଜୀବନର ସୁଖ୍ୟାତିକୁ ? ଏବଂ ସେଇଥି ପାଇଁ ତାଙ୍କୁ ବେଳ ଅଣ୍ଟୁ ନାହିଁ ବିଭିନ୍ନ ସାଂସ୍କୃତିକ ସଭାରେ ସଭାପତି, ମୁଖ୍ୟଅତିଥୀ, ଅନ୍ତତଃ ଜଣେ ବରେଣ୍ୟ ଅତିଥି ହୋଇ ଦେଶବାସୀଙ୍କୁ କିଛି ସଂଦେଶ ଶୁଣାଇବା ପାଇଁ ।

କିନ୍ତୁ ଗଗନବାବୁଙ୍କ ସ୍ମୃତିରେ ତଥାପି ଲାଖି ରହିଛି ଗୋଟାଏ ପିଲାଦିନର ଘଟଣା । ସେ ତାଙ୍କ ବଡ଼ଭାଇଙ୍କ ପାଉଣ୍ଟେନ୍ ପେନ୍ ଚୋରି କରିଥିଲେ । ହେଲେ ତାଙ୍କର ସାହସ ହେଲା ନାହିଁ 'ମୁଁ ଯାହା କରିଛି ଠିକ୍ କରିଛି, ବୋଲି କହିବା ପାଇଁ ନିଜକୁ, ଅଥବା ଅନୁତପ୍ତ ହୋଇ ସେମାନଙ୍କ ଆଗରେ ମାନି ନେବାକୁ ଯେ ମୁଁ ଭୁଲ୍ କରିଛି, ମୋତେ କ୍ଷମା କର । ଅପରନ୍ତୁ ସେ କଲେ କ'ଣ ନା ଚୋରି କୁ ନେଇ ପାଟି ତୁଣ୍ଡ ହେଲା ପରେ ସେ ଚୁପ୍‌କିନି ନେଇ ତାକୁ ରଖି ଦେଇ ଆସିଲେ ତା' ଯଥା ସ୍ଥାନରେ । ଯଦିଓ ଧରା ପଡ଼ିବାର କୌଣସି ଭୟ ନଥିଲା । ଏବଂ ଏ ବିଷୟରେ ସେ କେବେ ହେଲେ କିଛି କହିନାହାନ୍ତି କାହାକୁ ।

ଯୌନ ଜୀବନରେ ମଧ୍ୟ ସେହି ପ୍ରକାର ଘଟଣା ଘଟିଛି । ଗଗନବାବୁ ବେଶ୍ୟାଘରକୁ ଥରେ ଦି'ଥର ଯାଇଛନ୍ତି, ସାଂଗମାନଙ୍କ କଥାରେ ପଡ଼ି । ସେତେବେଳେ ସେ ଅବଶ୍ୟ ନିଜର ବାହାଦୂରୀ ଦେଖାଉଥିଲେ, ସେହିପ୍ରକାର ଗପ ପଡ଼ିଲା ପରେ । କିନ୍ତୁ ବାହାସାହା ହେଲା ପରେ ଘଟଣାଟା ଲୁପ୍ତ ହୋଇଗଲାଣି ତାଙ୍କ ଜୀବନର ଇତିହାସରୁ । ତାଙ୍କର ବୁଝିବା ଉଚିତ ଥିଲାଯେ ଆଧୁନିକ ସମାଜ ତଥା ତାଙ୍କ ଉଦାର ଚେତା ସ୍ତ୍ରୀ ତାଙ୍କୁ ହୀନଦୃଷ୍ଟିରେ ଦେଖି ନଥାନ୍ତେ, ଏଇ ଯୌବନସୁଲଭ ସର୍ବସାଧାରଣ ଦୁର୍ଘଟଣାକୁ ନେଇ ।

Digitized by srujanika@gmail.com

କିନ୍ତୁ ସେ ସେଭଳି ରିସ୍କ୍ ନେବାକୁ ଚାହିଁଲେ ନାହିଁ । ଭାବିଲେ, ଦରକାର କଅଣ ? କୋଉ ଅତୀତ ଦୁର୍ଘଟଣାର କୌଣସି ସଂପର୍କ ନାହିଁ ମୋର ବର୍ତ୍ତମାନର ବ୍ୟକ୍ତିତ୍ୱ ଉପରେ ।

ପ୍ରେମ ଜୀବନରେ ମଧ୍ୟ ତଦ୍ରୂପ । ଜୀବନର ବିଭିନ୍ନ ପର୍ଯ୍ୟାୟରେ ଗଗନ ବାବୁ ବିଭିନ୍ନ ସ୍ତ୍ରୀମାନଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ବାହାଘର ପୂର୍ବରୁ ଦେଢ଼ଜଣ (ଜଣେ ଲିଙ୍ଗଭେଦରେ ନାରୀ ନହେଲେ ମଧ୍ୟ ନାରୀଭାବରେ ସରି ଯାଇଥିଲା), ଏବଂ ବାହାଘର ପରେ ତିନିଜଣ । ପ୍ରେମ ମାନେ ପ୍ରେମ, ଭଲ ପାଇବା ଯେତେହେଲେ ଗୋଟାଏ ଭଲ କଥା । ତେଣୁ ତାକୁ ଅସ୍ୱୀକାର କରିବାରେ କୌଣସି ବାଧା ନଥିଲା । ଆଉ ଯଦିବା ଭାବିଲ ଯେ ବିବାହ-ଚୁକ୍ତିର ଉଲ୍ଲଘନକୁ ଭଲକଥା ବୋଲି କୁହାଯାଇ ନପାରେ, ତାହେଲେ ତା'କୁ ଭୁଲ୍, ହୁଏତ ପାପ ବୋଲି ମାନି ନେବାରେ ମଧ୍ୟ କୌଣସି ଅସୁବିଧା ନଥିଲା । ଉଦାରଚେତା ସ୍ତ୍ରୀ ତମକୁ କ୍ଷମା କରି ଦେଇପାରିଥାନ୍ତେ । କିନ୍ତୁ ସେ କିଛି କଲେ ନାହିଁ । ତା'ର ମହତ ସୁଖକୁ ସ୍ୱୀକାର କଲେ ନାହିଁ । କି ସେଥିରେ ଥିବା ସଂଭାବିତ ଦୋଷକୁ । ସ୍ତ୍ରୀଙ୍କ କଥା ଛାଡ଼ିଦିଅ, ଏ ପରିକି ନିଜ ଡ଼ାଇରୀଲେଖାର ଶବ୍ଦାର୍ଥ କିଂବା ଭାବାର୍ଥ ସାହାଯ୍ୟରେ ଘଟଣାର ଭଲମନ୍ଦ ବ୍ୟକ୍ତ କଲେ ନାହିଁ । କାରଣ— ତାଙ୍କର ମନକୁ ଆସେ ଯେ ଜୟନ୍ତୀ ଥିଲା ଜଣେ ବଂଧୁପତ୍ନୀ, ସେହେତୁ ସେ ପତ୍ନୀଙ୍କ ପ୍ରତି ବିଶ୍ୱାସଘାତକତା କରିବା ଛଡ଼ା ବନ୍ଧୁ ପ୍ରତି ଉଚିତ ବ୍ୟବହାର କରିନାହାନ୍ତି । ଯଦିଓ ସୁଶୀଳା ଜୟନ୍ତୀ ପାତ୍ରକୁ ଭଲ ପାଇବାରେ ଏକ ସୁସ୍ଥ ଏବଂ ସ୍ୱଚ୍ଛ ଅନୁଭବ ଥିଲା, ଏବଂ ସେ ତା'କୁ ଥରେ ଅଧେ ଚୁମ୍ବନ କରିବା ଛଡ଼ା ଆଉ କିଛି କରିବାର ମନେ ପଡୁନାହିଁ । ମାଷ୍ଟ୍ରାଣୀ ପୂର୍ଣ୍ଣିମା ଦାସ ଅବଶ୍ୟ ଅବିବାହିତା ଥିଲା, ଏବଂ ତା' ସହିତ ଯେଉଁ ପ୍ରେମ ହୋଇଥିଲା, ସେଥିରେ ଆଇ ଗୋଟିଏ ମହାନତା ଥିଲା । ସରସ୍ୱତୀ ବଂଦନା । ଦିହେଁ ଗୋପନରେ କବିତା ଲେଖୁଥିଲେ, ଏବଂ ଏହି ଲୁଚାଚୋରା କବିତାର ଅଦାନ ପ୍ରଦାନ ତାଙ୍କ ପ୍ରେମକୁ ପ୍ରଜ୍ଜ୍ୱଳିତ କରୁଥିଲା । କିନ୍ତୁ ଦୁଃଖର ବିଷୟ ଯେ ଥରେ ସେକ୍ସ ଘଟଣା ବି' ଘଟିଗଲା ତା' ସାଂଗକୁ । ପ୍ରଜ୍ଜ୍ୱଳିତ ଅଗ୍ନିର ଲେଲିହାନ ଜିହ୍ୱାକୁ ସଂଭାଳି ହେଲା ନାହିଁ । ବାକୀ ରହିଲା ମଧ୍ୟବୟସର ସତ୍ୟବତୀ ମେହେତା । ଜୁନିୟର୍ ସହକର୍ମିଣୀ । ସେ ଅବିବାହିତା, ଓ ତା' ସହିତ ଯୌନ ସଂପର୍କର ପ୍ରଶ୍ନ ଉଠୁ ନଥିଲା (ଅନେକେ କହି ପାରନ୍ତି ଯେ ସେ ଦିଗରେ ତାଙ୍କର ସାହସ ହୋଇନଥାନ୍ତା), ଏବଂ ଅଂଗସ୍ପର୍ଶ କେବଳ ହାତକୁ ମୁଠେଇ ଧରିବା କିଂବା ପିଠିକୁ ଆଉଁସି ଦେବାରେ ସୀମିତ ହୋଇ ରହିଥିଲା, ଯହାକୁ ବଡ଼ଭାଇ ପଣିଆରେ ସାମିଲ୍ କରିନେଇ ହେବ । ଏହି ପ୍ରେମକୁ ସ୍ୱୀକାର କରି ନେଇନେଲେ କିଛି କ୍ଷତି ହୋଇ ନ ଥାନ୍ତା । କିନ୍ତୁ କ'ଣ ହେଲା କି, ଗଗନବାବୁଙ୍କ ସୁପାରିଶ ଉପରେ ସତ୍ୟବତୀର ପ୍ରମୋସନ୍ ନିର୍ଭର କରୁଥିଲା । ଏବଂ ଗଗନ ବାବୁ ତା'ର କର୍ମକୁଶଳତାକୁ ଅତ୍ୟଧିକ ବଢ଼େଇଚଢ଼େଇ ବନେଇଚୁନେଇ ଲେଖିଲେ ତାଙ୍କ ସୁପାରିଶ ପତ୍ରରେ । ପୁଣି ବିଚିତ୍ର କଥା ଯେ ସୁପାରିଶ ପତ୍ର ଲେଖିଲା ବେଳେ ସେ ଏକ ଅର୍ଦ୍ଧ-ଦୈହିକ ଆନନ୍ଦ ଅନୁଭବ କଲେ । ସତେକି ତଦ୍ୱାରା ସେ ସ୍ୱର୍ଗ

Digitized by srujanika@gmail.com

ସୁଖର ଇଲାକା କୁ ବଢ଼େଇ ଦେଇ ପାରୁଛନ୍ତି, ତା'ର ବିଭିନ୍ନ ନିଷିଦ୍ଧ ଅଞ୍ଚଳକୁ ଛୁଇଁ ଆସି ପାରୁଛନ୍ତି । ଏହି ସୁପାରିଶ ବଳରେ ସତ୍ୟବତୀକୁ ଯେଉଁ ପ୍ରମୋଶନ୍ ମିଳିଲା, ତା' ଡ଼ବଲ୍ ପ୍ରମୋଶନ୍ ବୋଲି କହିବାକୁ ହେବ । ହେଲେ ଗଗନବାବୁ ନିଜକୁ ଦୋଷୀ ବୋଲି ସ୍ୱୀକାର କଲେ ନାହିଁ; କହିଲେ ଦକ୍ଷତାର ଅନେକ ଦିଗ ଅଛି ଯାହା ବାହରକୁ ଜଣା ପଡ଼େନାହିଁ, ଏବଂ ସେ ତା'କୁ ଚିହ୍ନିଛନ୍ତି, ଜାଣିଛନ୍ତି, ଯେଉଁଥିପାଇଁ ତାଙ୍କର ଏଇ ଇଚ୍ଛୁସିତ ସୁପାରିଶ । ତା'ଛଡ଼ା ପ୍ରିୟାପ୍ରୀତି ତୋଷଣର ଯେଉଁ ଅଭିଯୋଗ କରାଗଲା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ, ସେଥିରେ କେହିହେଲେ ଗଗନବାବୁଙ୍କ ନାଆଁ ଧରି ନ ଥିଲେ । ସମସ୍ତେ ଜାଣନ୍ତି ସେ କେମିତିକା ଲୋକ, କିଭଳି ନିରପେକ୍ଷ, ଏବଂ ସ୍ତ୍ରୈଣତାଜାତୀୟ ଦୁର୍ବଳତାର କେତେ ଉର୍ଦ୍ଧ୍ୱରେ । ତଥାପି ସେ ଏହି ପ୍ରେମର ମହତ୍ତ୍ୱକୁ ଶହେରୁ ଶହେ ମାର୍କ ଦେଇ ନିଜକୁ ଧନ୍ୟବାଦ ଦେଇ ପାରି ନ ଥିଲେ । କାଳେ ସେ ତା'ର ଦୂରୁପଯୋଗ କରିଥିବେ ପରା ।

ଆଜି ସେ ଦୃଢ଼ତାର ସହିତ କହୁଛନ୍ତି ନିଜକୁ ଯେ ତାଙ୍କର କୌଣସି ପ୍ରେମ ଦୂଷିତ ନୁହେଁ । ଚଂଦ୍ରମାର ତଥାକଥିତ କଳଂକକୁ ଯଦି ଦୋଷ ବୋଲି କୁହା ନଯାଏ । ଖାଲି ଏତିକି ଯେ ସେ ଭୟାଳୁ, ଭୟଟା ଯେତେ ଅକାରଣ ହେଉ ପଛେ । କଥା ହେଉଛି ଯେ ସେ ଜଣେ ନିଖୁଣତାବାଦୀ, ପରଫେକ୍‌ସନିଷ୍ଟ୍ । ତାଙ୍କ ନୀତିବୋଧର ମାନଦଣ୍ଡ ଏତେ କଠୋର, ଏତେ ଅସାଧାରଣ, ଯେ ତା'ରି ମୂଲ୍ୟାୟନ ତାଙ୍କୁ ଏମିତି ଅଡୁଆରେ ପକାଉଛି । ପ୍ରେମର ଯତ୍‌ସାମାନ୍ୟ ମଇଳା ରହିଗଲା ପରି ମନେ ହେଉଛି ।

ଯାହାହେଉ ତାଙ୍କ ଭାବମୂର୍ତ୍ତି ଶୁକ୍ଳକେଶ ବିମଣ୍ଡିତ ହୋଇ ମହାମହନୀୟ ହୋଇ ଆସିଥିଲା ବେଳେ ସେ ଏକ ଫାଲ୍‌ଗୁନ ପ୍ରଭାତରେ ସ୍ୱୀକାର କଲେ ଯେ ଭୟ ମଧ୍ୟ ଗୋଟାଏ ଦୋଷ । ଏବଂ ଆଜି ଗୋଟାଏ ସୁଯୋଗ ମିଳିଛି ସେହି ଭୟରୁ ମୁକ୍ତ ହେବା ପାଇଁ ।

ଗଗନବାବୁ ସ୍ଥିର କଲେ ଯେ ଆଜି ସେ ତାଙ୍କର ଗୋଟାଏ ପ୍ରେମକୁ ସ୍ୱୀକାର କରିବେ । ଅନ୍ୟ ଏକ ପ୍ରେମ, ଯାହାକୁ ଯେ ପ୍ରାୟ ଭୁଲି ଯାଇଥିଲେ କହିଲେ ଚଳେ । ଏତେ ପ୍ଲାଟୋନିକ୍ ଏତେ ମହାନ୍ ସେଇ ପ୍ରେମ, ଯେ ତା'ର ଅସୁବିଧା ହେଲା ରହିବା ପାଇଁ ତାଙ୍କ ଭିନ୍ନପ୍ରେମ ଅଧ୍ୟୁଷିତ ଚିଦାକାଶରେ ?.. ସରି ! ଆଜି ମୁଁ ତା'କୁ ଫେରାଇ ଆଣିବି । କେବଳ ସ୍ମୃତିରେ ନୁହେଁ, ପ୍ରକାଶ୍ୟରେ । ମୁଁ ତା'କୁ ସ୍ୱୀକାର କରିବି, ନିଜ ଆଗରେ, ପତ୍ନୀଙ୍କ ଆଗରେ, ସାରା ପୃଥିବୀ ସାମ୍ନାରେ । ଏଇ ହେଉ ମୋର ଭୟଶୂନ୍ୟତାର ପ୍ରଥମ ପଦକ୍ଷେପ, ପ୍ରଥମ ପରୀକ୍ଷା । ଆଉ ଦେଖିବ ମୁଁ ସେଥିରେ ଜିତୁଛି ନା ହାରୁଛି । ...ଗଗନ ବାବୁ ଅଧିକରୁ ଅଧିକ ଉତ୍ତେଜିତ ହେଲେ ।

..କାରଣ ଆଜି ମୁଁ ଯିବି ସତୀଚଉରାକୁ । ଖବରକାଗଜର ସ୍ତମ୍ଭରେ ଜଣେ ନାରୀକୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି ତାଙ୍କ ଆତ୍ମୀୟସ୍ୱଜନଙ୍କ ତରଫରୁ । ତାଙ୍କ ଅଷ୍ଟାଦଶ ଶ୍ରାଦ୍ଧ ଦିବସରେ ।

Digitized by srujanika@gmail.com

ମୁଁ ମଧ୍ୟମୋର ଶ୍ରଦ୍ଧାଂଜଳି ଅର୍ପଣ କରିବି । ତାଙ୍କ ସମାଧିରେ ଫୁଲ ଚଢ଼େଇ ନମସ୍କାର କରିବି । ମୁଁ ତାଙ୍କ ଆତ୍ମୀୟରୁ ବଳି ଆତ୍ମୀୟ, ଯେହେତୁ ମୁଁ ତାଙ୍କୁ ଭଲ ପାଉଥିଲି । ପୂର୍ଣ୍ଣଚ୍ଛେଦ ।

ମୁଁ ଡ଼ାକ୍ତର କାଦମ୍ବିନୀ ପରିଡ଼ାକୁ ଭଲ ପାଉଥିଲି ।

ମୁଁ କାଦମ୍ବିନୀ କୁ ଭଲ ପାଉଥିଲି ।

ମୁଁ ଅନ୍ୟତମ 'ମଉସା'ଙ୍କ ଝିଅ ବିନିକୁ ଭଲ ପାଉଥିଲି ।

ମୁଁ ଏଇ ସତ କଥାଟିକୁ ସ୍ୱୀକାର କରିବି ସର୍ବଜନ ସମ୍ମୁଖରେ । ଆଉ ପ୍ରଥମେ ତା'ର ଘୋଷଣା କରିବି ମୋ ସ୍ତ୍ରୀଙ୍କ ଆଗରେ । ହେଲା ?..

ଏବଂ ସତରେ ସେ ସେଇଯା କଲେ । ପତ୍ନୀଙ୍କ ଆଗରେ ଘୋଷଣା କଲେ ଯେ ଆଜି ସେ ସତୀଚଉରାକୁ ଯିବେ । ଏବଂ ବଗିଚାରୁ କେତୋଟି ଗେଣ୍ଡୁଫୁଲ ନେଇ ଯିବେ, ଜଣକ ସମାଧିରେ ଅର୍ପଣ କରିବା ପାଇଁ । କାରଣ ଆଜି ତାଙ୍କର ଶ୍ରାଦ୍ଧ ଦିବସ ।

''ଆଚ୍ଛା ? '' ପତ୍ନୀ ପଚାରିଲେ, ଇଷତ୍ ବିସ୍ମିତ ହୋଇ, ''କିଏ ସେ ଭଦ୍ରଲୋକ ?''

''ଭଦ୍ରଲୋକ ନୁହେଁ ଭଦ୍ରମହିଳା'' ଗଗନବାବୁ କହିଲେ ଭମ୍ଭୀର ସ୍ୱରରେ, ''ଡ଼ାକ୍ତର କାଦମ୍ବିନୀ ପରିଡ଼ା''

''ତମେ ତାଙ୍କୁ କିପରି ଜାଣିଲ ? କିଂତୁ ସେ ତ ତମ କ୍ଲାସ୍‌ମେଟ୍ ହୋଇ ନଥିବେ ? ମୋଠୁଁ ଯୋଡ଼ାଏ ଉପରକ୍ଲାସ୍‌ରେ ଥିଲେ, ମୋର ଯେତେଦୂର ମନେ ପଡୁଛି...ତା' ମାନେ କ'ଣ.ସେ ତୁମର ଗାର୍ଲଫ୍ରେଣ୍ଡ ଥିଲେ ?'' ପତ୍ନୀଙ୍କ ଓଠରେ ଚରୁର ମଧୁର ହସ ।

କିଂତୁ ଗଗନବାବୁ ତାଙ୍କ ରସିକତାରେ ଭଳିଗଲେ ନାହିଁ । ତାଙ୍କ ଗମ୍ଭୀର ମୁଦ୍ରାକୁ ଅକ୍ଷୁର୍ଣ୍ଣ ରଖିଲେ, ଏବଂ କହିଲେ, ''ଗାର୍ଲ୍‌ଫେଣ୍ଡ୍ ନୁହେଁ, ମାନେ ସାଧାରଣ ଅର୍ଥରେ ଯାହାକୁ ଗାର୍ଲଫ୍ରେଣ୍ଡ୍ କୁହାଯାଏ । ମୁଁ ତା'କୁ ଭଲ ପାଉଥିଲି ।''

''ଆଇ ସି ..'' ପତ୍ନୀ କହିଲେ ଅନୁରୂପ ଗମ୍ଭୀରତା ଦେଖାଇ । କିଂତୁ ଗଗନ ବାବୁଙ୍କର ମନେ ହେଲା ଯେ ତାହା କୃତ୍ରିମ, କୌତୁକକୁ ଘୋଡ଼ାଇ ରଖିବାର ପ୍ରଚେଷ୍ଟା ।

ଗଗନବାବୁଙ୍କୁ ଦୁଃଖ ଲାଗିଲା । ବୁଢ଼ାଙ୍କ ମୁହଁରେ ପ୍ରେମ ଜିନିଷଟା ଜୋକ୍ ପରି ମନେ ହୁଏ କାହିଁକି ? ପ୍ରେମର ଆବେଗ କ'ଣ କେବଳ ଦେହକୁ ନେଇ ଗଢ଼ା ? ତା'ଛଡ଼ା ସେମାନେ କ'ଣ ଦିନେ ଟୋକା ହୋଇ ଥିଲେ ନା ତାଙ୍କର ଯୋଗ୍ୟତା ନ ଥିଲା ସମସ୍ତ-ସଂପୂର୍ଣ୍ଣ ଅଙ୍ଗରେ ପ୍ରେମ କରିବା ପାଇଁ ? ବିଶେଷତଃ ତମେ ପତ୍ନୀ ମହୋଦୟା, ତମେ ବି'ତ ଆସି ବୁଢ଼ୀ ହେଲଣି, ତମକୁ କଥାଟା ଏତେ କଉତୁକିଆ ଲାଗୁଛି କାହିଁକି ? ଦଶ ପନ୍ଦର ବର୍ଷ ତଳେ ମୁଁ ଯଦି ଏଇ କଥା କହିଥାଆନ୍ତି, ତମେ କେମିତି ତମତମ କି ଥମଥମ ହୋଇଥାଆନ୍ତ ମୁଁ ବେଶ୍ ଅନୁମାନ କରିପାରୁଛି । କିଂତୁ ଆଜି ଏମିତି କ'ଣ

Digitized by srujanika@gmail.com

ହୋଇଗଲା କି ? ପୁରୁଣା ସତଟା ମିଛ ହୋଇଗଲା ପଛକୁ ପଳେଇ ଯାଇଛି ବୋଲି ? ମୂର୍ଖତାର ଗୋଟାଏ ସୀମା ଅଛି ।

ରୁହ, ରୁହ, ଏତିକିରେ ସରିଲା ନାହିଁ । ଏଇଠୁଁ ଆରମ୍ଭ । ଯା'ପରେପରେ ମୁଁ କହିବି ମୋର ସମସ୍ତ ପ୍ରେମ କାହଣୀ । ଟିକିନିଖି କରି କହିବି । ଜୟନ୍ତୀ, ପୂର୍ଣିମା, ସତ୍ୟବତୀ ଓଗେରଙ୍କ କଥା । ସଫେଇ ଦେବି ନାହିଁ, କ୍ଷମା ମାଗିବିନାହିଁ, କି ବଢ଼େଇ କରିବି ନାହିଁ । କହିବି ଯାହା ସବୁ ଘଟିଛି, କାରଣ ତାହାହିଁ ସତ୍ୟ । ଏବଂ ସତ୍ୟକୁ ଭୟ କରିବା ଅନ୍ୟାୟ ଏବଂ ସେହି ଅଯଥା ଅନାବଶ୍ୟକ ଭୟକୁ ମୁଁ ଆଜି ନାଶ କରିବାକୁ ଯାଉଛି । କ'ଣ ବୁଝୁଛ ମୁଁ ଯାହା କହୁଛି ?

ତମେ ମୋତେ ସୁଯୋଗ ଦେଉ ନାହଁ କହିବା ପାଇଁ, ତମ ମିଛ ନିର୍ବିକାରପଣର ଢ଼ଙ୍ଗ ଦେଖାଇ । ନହେଲେ ମୁଁ କହିଥାଆନ୍ତି, ଅବଶ୍ୟ କହିଥାଆନ୍ତି, ଯେ ମୁଁ ବିନିର ଦେହରେ ହାତ ଦେଇ ନାହିଁ ସିନା, ମୁଁ ତା'କୁ ରୀତିମତ ଭଲ ପାଇଛି । କାରଣ ତା' ସାଂଗରେ ଦେଖା ହେଲେ ମୋ ଛାତିଟା ଧପ୍‌ଧପ୍ ହୁଏ । ଖାଲି ଟୋକାବେଳେ ନୁହେଁ, ପରଜୀବନରେ ଓ ବାହା ହେଲା ପରେ ମଧ୍ୟ । ଏବଂ ହଠାତ୍ ପାଟିରୁ କଥା ବାହାରେ ନାହିଁ । ଏବଂ ବାହାରିଲା କ୍ଷଣି କୁଆଡ଼େ ବୋଲି ମାଡ଼ି ଯାଏ । ତା'ର ସ୍ଥୀତବକ୍ଷ, ବିଶାଳ ଆଖିର ଦୀପ୍ତ ଚାହାଣୀ, ପ୍ରଶାନ୍ତ ବଦନର ସ୍ମିତହାସ, ସେଇଠୁଁ ତା'ର ଭରାକଳସୀ କଣ୍ଠର ସାମାନ୍ୟ କୁଶଳପ୍ରଶ୍ନଟିକ ''ଆଉ କ'ଣ ଖବର ଗଗନବାବୁ?'' ସେଇଥିରେ ମୁଁ ଅଭିଭୂତ ହୋଇପଡ଼େ । ଏବଂ ବକର ବକର ହୁଏ ମୋର କେତେକ ଜରୁରୀ କାମକୁ ଭୁଲିଯାଇ । ଏଇଆକୁ ଯଦି ପ୍ରେମ ନ କହିବ, ଆଉ କହିବ କାହାକୁ ?

କେତେକେ ତା'କୁ ଗଜଗମନା ବୋଲି କୁହନ୍ତି, ତା' ଦେହର ବିପୁଳତାକୁ ଆକ୍ଷେପ କରି । କେତେକ ମଧ୍ୟ କୁହନ୍ତି, କୋଉ ହିସାବରେ କୁହନ୍ତି ଭଗବାନଙ୍କୁ ଜଣା, ଯେ ସେ ଅଳ୍ପବହୁତ ଛୋଟେଇ କରି ଚାଲେ । କିନ୍ତୁ ଏହି ପ୍ରକାର କୌଣସି ଅବିଗୁଣ ମୋ ଆଖିରେ ପଡ଼େ ନାହିଁ । ଯା'କୁ ଯଦି ପ୍ରେମ ନ କହିବ, ତା'ହେଲେ ବୁଝିବାକୁ ହେବ ଯେ ତମ ମାନସିକତାରେ ଗୋବର ଛଡ଼ା ଆଉକିଛି ଥିବାର ସଂଭାବନା ନାହିଁ ।

ଡ଼ାଭରାଣୀ ହିସାବରେ ବି ବେଶ୍ ନାଁ କରିଥିଲା ଝିଅଟା । କିଂତୁ ବିଚାରୀ ମରିଗଲା ହଠାତ୍, ଅଳ୍ପ ବୟସରେ । କିନ୍ତୁ ମୁଁ ସେତେବେଳେ ବାହାରେ ଥିଲି, ନହେଲେ ନିଶ୍ଚୟ ଆସିଥାନ୍ତି ଶେଷ ଦର୍ଶନ ପାଇଁ । ବୁଜି ହୋଇ ରହିଥିବ ତା'ର ସେଇ ବିଶାଳ ଆଖି ଦିଓଟି, ଚିରଦିନ ପାଇଁ .. ଗଗନ ବାବୁ ଏକ ଦାରୁଣ ବ୍ୟଥା ଅନୁଭବ କଲେ ତାଙ୍କ ଛାତିରେ । ଏବଂ ଅବିଳମ୍ବେ ସେଠିକି ଯିବେ ବୋଲି ବସିଲେ । ପ୍ରଥମେ ଗେଣ୍ଡୁଫୁଲ; ସରସ ସତେଜ ଓଜନିଆ ଗେଣ୍ଡୁଫୁଲ, ଯାହା ମୋ ବଗିଚାର ବିଶେଷତ୍ୱ । ଅନ୍ତତଃ ପନ୍ଦର କୋଡ଼ିଏଟି ନେବାକୁ ହେବ । ତା'କୁ ବିଛେଇଦେବି, ସଜେଇ ଦେବି ତା' ପାଦଦେଶରେ, ସମାଧିର ଚାରିପାଖରେ ।

ମୁଁ ଜାଣେ ସତ୍ୟଭରାରେ ତା'ର ସମାଧି କରାଯାଇଛି । ଏବଂ ଜାଣିଛି ସେ

Digitized by srujanika@gmail.com

କେଉଁଠି ଅଛି । ଶ୍ମଶାନର ଶେଷ ମୁଣ୍ଡରେ, ପଶ୍ଚିମ ଦିଗକୁ । ମୁଁ ଥରେ ଯାଇଥିଲି ସେଠିକି ଦି'ତିନି ବର୍ଷ ତଳେ, ମୋର ମଉସା ସ୍ୱର୍ଗତଃ ଦିବାକର ଦାସ୍‌ପଟ୍ଟନାୟକ, ଏମ୍. ଏ. ବି. ଏଲ୍, ସ୍ୱନାମଧନ୍ୟ କଲେକ୍‌ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ୍ (ଯାହକି ଖୋଳା ହୋଇ ଲେଖା ହୋଇଛି ତାଙ୍କ ସମାଧିର ମାର୍ବଲ୍ ପଥର ଫଳକରେ)ଙ୍କର ଶ୍ରାଦ୍ଧ ଦିବସରେ । ଅକଳିଆରେ ପଡ଼ି ଯାଇଥିଲି ବନୁଭାଇ ହେରିକାଙ୍କ ଗହଣରେ । ସେଇଠି ବୁଲୁବୁଲୁ ଦେଖିଥିଲି ତା'ର ସମାଧି । ଦୂରେଇ ହୋଇ ରହିଛି, ଏକୁଟିଆରେ । ମହା ମହା ନେତା, ଲେଖକ, ସମାଜ ସେବକ, ଗୁଣୀଜ୍ଞାନୀଙ୍କ ଗହଳିରେ ନ ପଶି କୋଉ କୋଣରେ ରୁଷି କରି ବସିଲା ପରି । ଯେ— ମୋତେ କାହିଁକି ଏତେ ଶୀଘ୍ର ଉଠାଇଆଣିଲ ଭଗବାନ ? ବେଶୀ ଦିନ ବଂଚି ଥିଲେ ହୁଏତ ମୁଁ ଏମାନଙ୍କ ପରି ଧ୍ୱଜା ଉଡ଼େଇ ପାରି ନ ଥାନ୍ତି । ତଥାପି ଆହୁରି କେତେ ରୋଗୀଙ୍କର ଉପକାର କରିପାରିଥାଆନ୍ତି, ଏବଂ ଅନେକ ନିରୋଗୀଙ୍କୁ ଆନନ୍ଦ ଦେଇପାରିଥାଆନ୍ତି, କେବଳ ତାଙ୍କ ପାଖକୁ ଆସି 'ଆଉ କ'ଣ ଖବର ?' ବୋଲି ପଚାରିବାରେ । ଦୁଃଖ ନାହିଁ ବିନି, ଦେଖେ କାହିଁ କେତେ ବର୍ଷ ପରେ ତୋର ଜଣେ ନୀରବ ପ୍ରେମୀ ଆସିଛି ତୋ ପାଖକୁ, ତା'ର ଶ୍ରଦ୍ଧାଞ୍ଜଳୀ ବାଢ଼ି ଦେବା ପାଇଁ । ତା'ର ପ୍ରେମକୁ ସ୍ୱୀକାର କରିବା ଲାଗି । ଏଇଥିରୁ ଦେଖୁନୁ ତୋର ଆକର୍ଷଣର ଶକ୍ତି କେତେ ଦୂର, କିଭଳି କାଳଜୟୀ ?.. ଗଗନ ବାବୁ ଉଦ୍ୟତ ହେଲେ ସେଠିକି ଯିବା ପାଇଁ ।

କିନ୍ତୁ ଫୁଲତୋଳା ଆରମ୍ଭ ନ କରୁଣୁ ସେ ଅଟକି ଗଲେ । କାରଣ ଗୋଟାଏ ଖାସା ବିଚାର ତାଙ୍କ ମୁଣ୍ଡରେ ପଶିଲା । ଭାବିଲେ— ଆରେ ମୁଁ ଏଇକ୍ଷଣି ଯିବି କାହିଁକି, ଏଇ ସକାଳୁଟାରୁ ? ଏଇକ୍ଷଣି ତ ତା'ର ଆତ୍ମୀୟ ସ୍ୱଜନ ଯାଇଥିବେ ସେଠିକି, ଯେଉଁମାନେ ବିଜ୍ଞାପନ ଦେଇଛନ୍ତି ଖବର କାଗଜରେ । ବାହା ତ ହୋଇ ନଥିଲା ମଲା ଯାଏଁ, ମୁଁ ଯେତେଦୂର ଜାଣେ । ତେଣୁ ତା'ର ଭାଇ ଭଉଣୀ ପୁଡୁରା ଝିଅରୀ ଓଗେର ଭିଡ଼ ଜମେଇ ଥିବେ ସେଠି, ତାଙ୍କ ଅତ୍ମୀୟତା ଜାହିର୍ କରିବା ଲାଗି । ବିଜ୍ଞାପନର ଯଥାର୍ଥତା ପ୍ରତିପାଦନ କରିଲା ପରି । କିନ୍ତୁ କହିବା ବାହୂଲ୍ୟ ଯେ ମୁଁ ତାଙ୍କ ଦଳରେ ନାହିଁ । ମୋ ଭଲପାଇବାର ରଂଗ ନିଆରା, ତା'ର ମୂଲ୍ୟ ନିଆରା ।

ଏହିପ୍ରକାର ବିଚାର ପୂର୍ବକ ସେ ତାଙ୍କ ଉଦ୍ୟମକୁ ସ୍ଥଗିତ ରଖିଲେ, ବର୍ତ୍ତମାନ ପାଇଁ । ଠିକ୍ କଲେ ଯେ ସେ ଆଜି ଉପର ବେଳା ଯିବେ । ପତ୍ନୀଙ୍କୁ ମଧ୍ୟ ଜଣେଇ ଦେଲେ ତାଙ୍କ ନିର୍ଣ୍ଣୟ । କିଂତୁ ପତ୍ନୀ ତାଙ୍କୁ ସମର୍ଥନ କରି ଗୋଟାଏ ଅବାନ୍ତର କଥା କହିଲେ । କହିଲେ, '' ହଁ, ଉପର ବେଳା ଯିବ, ଖରାଟା ନଇଁ ଯାଉ ଟିକିଏ ।'' ...ହୁଁ, କୋଉ ଖରା ଏତେ ପ୍ରଚଣ୍ଡ ନୁହେଁ ଯେ ବଳିଯିବ ତାଙ୍କ ପ୍ରେମ ଆବେଗର ତାତିକୁ ।

ଯାହାହେଉ ଗେଣ୍ଡୁଫୁଲରେ ଭରିଯାଇଥିବା ଫୁଲଡ଼ାଲାଟିକୁ ନେଇ ସେଠି ପହଂଚିଲା ବେଳକୁ ଖରାଟା ବେଶ୍ ନଇଁ ଗଲାଣି । ଗଗନବାବୁ ରିକ୍‌ସାକୁ ଛାଡ଼ିଦେଲେ । ଇଏ ତରବରିଆ କାମ ନୁହେଁ । ଉପଚାର ନୁହେଁ, ସଭାସମିତିରେ ଯେମିତି ହୁଏ । ପ୍ରତିକୃତିରେ

Digitized by srujanika@gmail.com

ଫୁଲଟିଏ ଚଢ଼େଇ ନମସ୍କାର କର । ବାସ୍, କାମ ଫତେ, ବର୍ତ୍ତମାନ ମଂଚକୁ ଫେରି ଆସି ସଭାକାର୍ଯ୍ୟ ଆରମ୍ଭ କରାଯାଉ । ନା, ଏଠି ସମୟ ଲାଗିବ, ବେଶ୍ କିଛି ସମୟ ଲାଗିବ ।

କିନ୍ତୁ ସତୀଚଉରା ଫାଟକ ପାଖରେ ପହୁଂଚିଲା ବେଳକୁ ସେ ଗୋଟାଏ ଅସାଧାରଣ ଦୃଶ୍ୟର ସମ୍ମୁଖୀନ ହେଲେ । ଲୋକବାକ କେହି ଦିଶୁନାହାନ୍ତି କୁଆଡ଼େ । ହେଲେ ଗୁଡ଼ିଏ ଗାଈ ଜମା ହୋଇଛନ୍ତି ଫାଟକର ସେପାଖରେ, ଏବଂ ବାହାରକୁ ପଳେଇ ଆସିବା ଲାଗି ଚେଷ୍ଟା କରୁଛନ୍ତି ।

କ'ଣ କରାଯିବ ତା'ହେଲେ ?

ଗଗନବାବୁ ନିଜ ଉପରେ ବିରକ୍ତ ହେଲେ । କ'ଣ ପ୍ରତ୍ୟେକ ନୂଆ ପରିସ୍ଥିତି ଗୋଟାଏ ସମସ୍ୟା ହୋଇ ଠିଆ ହୋଇଯାଉଛି ତମ ଆଗରେ ଯେ ତା'ର ଗୋଟାଏ ସମାଧାନ ଦରକାର ? ନା କହିବାକୁ ଚାହଁ ଯେ ଗାଈମାନଙ୍କୁ ବି' ତୁମେ ଭୟକର ? ଧ୍ୟାତ୍, ଆଗେଇଯାଅ, ଖୋଲିଦିଅ ଫାଟକ, ଏବଂ ଆଡ଼େଇ ହୋଇ ଯାଅ । ସେଇଠୁ ଗାଈମାନେ ପଦାକୁ ବାହାରି ଆସିବେ, ଆଉ ତମେ ସ୍ୱଚ୍ଛନ୍ଦରେ ପଶି ଯାଇ ପାରିବ ସମାଧିର ପ୍ରାଙ୍ଗଣ ଭିତରକୁ, ଏବଂ ଫୁଲ ଚଢ଼େଇବ ତୁମର ନିର୍ଦ୍ଦିଷ୍ଟ ସମାଧିରେ ।

ତେବେ ଭାବନା ଓ କାର୍ଯ୍ୟ ମଧ୍ୟରେ ଯେଉଁ ବ୍ୟବଧାନ ରହିଥାଏ, ତା'ରି ଭିତରେ ଅନ୍ୟ ଏକ ଭଦ୍ରବ୍ୟକ୍ତିଙ୍କର ଆବିର୍ଭାବ ହେଲା, ଏବଂ ସେ ପଛରୁ ପାଟି କରି ଉଠିଲେ,—

''ଆରେ, ଆରେ, ଯେ କଣ' କରୁଛନ୍ତି ? ଗାଈମାନେ ପଳାଇଯିବେ ଯେ !''

ଗଗନବାବୁ ମୁହଁ ଫେରାଇ ଗୋଟାଏ ଚିହ୍ନା ମୁଁହ ଦେଖିଲେ । ଏବଂ କ୍ରମଶଃ ଚିହ୍ନିଲେ । କ୍ରମଶଃ, କାହିଁକି ନା ଏଇ ପ୍ରକ୍ରିୟାରେ କିଛିଟା ସମୟ ଲାଗୁଛି ଆଜିକାଲି । ହଁ, ଇଏ ହେଇଛନ୍ତି ଜଣେ ସମବୟସ୍କ, ହୁଏତ ସହପାଠୀ, ନାଗରିକ । ବିଷ୍ଣୁ ମିଶ୍ର, ଓକିଲ । ବଂଧୁ ନୁହନ୍ତି, କିନ୍ତୁ ନମସ୍କାରଟାଏ ପକାନ୍ତି ଯେତେବେଳେ ରାସ୍ତାଘାଟରେ ଦେଖାହୋଇଯାଏ ମଝିରେ ମଝିରେ । ଏବଂ ତା'ପରେ କେମିତି ଗୋଟାଏ ତଳେଇ କରି ଅନାନ୍ତି ତମ ଆଡ଼କୁ, ସତେକି ଚିହ୍ନିଲେ ମଧ୍ୟ ସେ ତମକୁ ଆଉ ଟିକିଏ ଭଲ ଭାବରେ ଦେଖିବାକୁ ଚାହାନ୍ତି, କେଉଁ ନୂଆ ଉପସର୍ଗର ପରିଚୟ ପାଇଲା ପରି । ଆଜି ମଧ୍ୟ ସେଇୟା, କିନ୍ତୁ ପରେ ପରେ ଗୋଟାଏ ଭାଷଣ ଶୁଣାଇଲେ—''ଗାଈମାନଙ୍କୁ ଏଠି ଜାଣିଶୁଣି ଛଡ଼ା ହୋଇଛି ପରା, ବୁଝୁନାହାନ୍ତି ? ଫିଟିଗଲେ ତାଙ୍କୁ ଜଗିବ କିଏ ? ଆଉ ସେ ଅପଣଙ୍କୁ ଶୋଧିବ ନାହିଁ ମନେ ମନେ ?'' ତାଙ୍କର ମଜା କସରା ଦାନ୍ତର ଅଧା ହସ ଭଉ ଲାଗିଲା ନାହିଁ ଗଗନବାବୁଙ୍କୁ ।

''ଆସନ୍ତୁ, ଡ଼ରିବାର କିଛି ନାହିଁ'', ଏହା କହି ବିଷ୍ଣୁବାବୁ କାଇଦାରେ ଫାଟକକୁ ଧୀରେ ଧୀରେ ଫିଟାଇ ଗାଈମାନଙ୍କୁ ଘଉଡ଼ାଇଦେଲେ ଭିତରକୁ । ଏବଂ ଗଗନବାବୁଙ୍କୁ ତଥା ନିଜକୁ ସତୀଚଉରାର ହତା ଭିତରକୁ ନେଇ ଆସି ଫାଟକ ବନ୍ଦ କରିଦେଲେ । ସମସ୍ୟାର ସମାଧାନ ହେଲା । ଯଦିଓ କହିବା ବାହୁଲ୍ୟ ଯେ ଘଟଣାଟା ଆଦୌ ରୁଚିକର ହୋଇନଥିଲା ଗଗନ ବାବୁଙ୍କ ପାଇଁ ।

Digitized by srujanika@gmail.com

ବିଷ୍ଣୁବାବୁଙ୍କର ଆଖି ପଡ଼ିଲା ଗେଣ୍ଡୁଫୁଲର ପାହ୍ଲିଆ ଉପରେ । ପ୍ରଶ୍ନ କଲେ ''କଅଣ କାହାର ସମାଧି ଉପରେ ଚଢ଼ାଇବା ପାଇଁ ଆଣିଛନ୍ତି ?''

''ହଁ ।'' ଗଗନବାବୁ ତାଙ୍କ ଉତ୍ତରକୁ ସେତିକିରେ ରଖିଲେ । ଯେମିତିକା ଅବାନ୍ତର ପ୍ରଶ୍ନ, ତା'କୁ ଅଧିକ ସମ୍ମାନ ଦେବା ଉଚିତ ନୁହେଁ । କିଓ, ଫୁଲ କେଉଁଥିପାଇଁ ଆସେ ସତୀଚଉରାକୁ ? ତା' ସାଂଗରେ ବସି ଖେଳିବା ପାଇଁ ?

କିନ୍ତୁ କେବଳ ସେଇ ଦି'ଜଣ ସତୀଚଉରା ଭିତରେ ରହିଥିଲେ ସେତେବେଳେ, ଅବରୁଦ୍ଧ ଗାଈମାନଙ୍କୁ ଛାଡ଼ିଦେଇ । ଉପରେ ଉଦାସ ଅପରାହ୍ନ, ଏବଂ ତଳେ ନୀରବ ନିଶ୍ଚଳ ସମାଧିଙ୍କ ମେଳା । ପରସ୍ପରକୁ କଥା ନ କହି ରହି ହେବ କେତେ ସମୟ ? ତା'ଛଡ଼ା ଲୁଚାଚୋରା କିଛି ନାହିଁ । ମୋର ଉଦ୍ଦେଶ୍ୟଟା କ'ଣ ବୋଲି ବୁଝୁ ଏଇ ଲୋକଟା । ଏହି ଭାବରେ ଗଗନବାବୁ ପ୍ରଚୋଦିତ ହେଲେ କଥାଟାକୁ ଛିଣ୍ଡେଇ ଦେବା ଲାଗି । କହିଲେ,

''ମୁଁ ଆସିଥିଲି ଡ଼ବ୍ବର କାଦମ୍ବିନୀଙ୍କ ସାମାଧିରେ ଫୁଲ ଚଢ଼ାଇବା ପାଇଁ । ଆଜି ତାଙ୍କର ଶ୍ରାଦ୍ଧ ଦିବସ । ଆଉ ଆପଣ ?''

''ମୁଁ ଏମିତି ଏଠିକି ଆସେ ମଝିରେ ମଝିରେ । ପ୍ରାୟ ସମସ୍ତେ ମୋର ଶ୍ରଦ୍ଧା ଓ ଭକ୍ତିର ପାତ୍ର । ଆସେ ସେମାନଙ୍କୁ ହ୍ୟାଲୋ କରିବାପାଇଁ, ଆଉ ଫେରିଯାଏ କିଛି ସମୟ ପରେ ଭାରୀ ବଢ଼ିଆ ହୋଇଛି ଆପଣଙ୍କର ଏଇ ଫୁଲସବୁ । କିଣିଛନ୍ତି ନା ଆପଣଙ୍କ ବଗିଚାର ?''

''ମୋ ବଗିଚାର'', ଗଗନବାବୁ କହିଲେ ଗର୍ବର ସହିତ, ''ଦେବି ଦି'ଟା ଆପଣଙ୍କୁ ?''

''ନୋ, ଥ୍ୟାଂକ୍ସ୍ ।''

ଠିକ୍ଅଛି, ମୋର ଗରଜ ପଡ଼ିଛି ତମକୁ ଦବା ପାଇଁ ! ମୋ ଫୁଲ ମୋର, ତଥା ତା'ର ଗ୍ରହୀତା । କିନ୍ତୁ ତମେ ଥରେ ହେଲେ କେମିତି ପଚାରିଲ ନାହିଁ ସେ ମୋର କ'ଣ ହୁଅନ୍ତି ବୋଲି ? ଜ୍ଞାତି କୁଟୁମ୍ବ ହୋଇ ନ ଥିବେ, କାରଣ ମୁଁ ଦାସପଟ୍ଟନାୟକକୁ ସେ ଥିଲେ ପରିଡ଼ା । ତଥାପି ତମର କୌତୁହଳ ହେଉନାହିଁ ଜାଣିବା ପାଇଁ ? କିନ୍ତୁ ପଚାରିଥିଲେ ମୁଁ ସିଧାସଳଖ କହିଦେଇଥାଆନ୍ତି ତମକୁ ଯେ ମୁଁ ତାଙ୍କୁ ଭଲ ପାଉଥିଲି । ପତ୍ନୀକୁ କହି ପାରିଲି, ଆଉ ତମ ପରି ଜଣେ ଇତରସାଧାରଣ ବାହାର ଲୋକକୁ କହି ପାରି ନ ଥାଆନ୍ତି ? ଠିକ୍ ଅଛି, ଆଇ କୁଡ୍ନଟ୍ କେୟାର୍ ଲେସ୍'' । ଗଗନ ବାବୁ ଦୃଢ଼ ପଦକ୍ଷେପରେ ଅଗ୍ରସର ହେଲେ ଡ଼ବ୍ବର କାଦଂବିନୀ ପରିଡ଼ାଙ୍କ ସାମାଧି ଆଡ଼କୁ ।

ଗାଈମାନଙ୍କ ଭିତରୁ କେଇଟା ଫାଟକ ପାଖରେ ପଇନ୍ତରା ମାରୁଥିଲେ, କାଳେ କେଉଁ ଦୟାଳୁ ପୁଣି ଆସି ପହଂଚିବ ଫାଟକ ଖୋଲିଦେବା ପାଇଁ । କିନ୍ତୁ ଅଧିକାଂଶ ଭାଗ୍ୟକୁ ଆଦରି ଘାସ ଚରୁ ଥିଲେ । ମାନେ ଯେଉଁ ନାମ ମାତ୍ର ଘାସ ଠାଏ ଠାଏ ଲଗି ରହିଥିଲା ଶ୍ମଶାନର ନୁଖୁରା ଭୂଇଁରେ, ସେଥିରେ ମୁହଁ ଲଗାଉଥିଲେ, ଏବଂ କ୍ଷଣକରେ

Digitized by srujanika@gmail.com

ବୋର ହୋଇ ଉଠିଯାଉଥିଲେ ଆଉ କେଉଁଠିକି । ବିଷ୍ଣୁବାବୁ ଗଲେଣି କୁଆଡେ । ଆକାଶରେ ଚେନାଏ ମୋଘ ମଧ୍ୟ ଦେଖାଦେଲାଣି, ଗଗନବାବୁଙ୍କ ପ୍ରେମ ଉପଚାରକୁ ଘଣ୍ଟଘୋଡ଼ାଇଲା ପରି ।

ସମାଧିପାଖରେ ପହଞ୍ଚିଲେ ଗଗନବାବୁ । ଦି'ମିନିଟ୍ ଠିଆ ହୋଇ ରହିଲେ ତା' ଆଗରେ, ଏବଂ ମନେ ମନେ କହିଲେ— ମୁଁ ତୁମକୁ ଆଜି ସ୍ମରଣ କରୁଛି ବିନି । ମୁଁ ତୁମକୁ ଭଲପାଏ । ତୁମର ଆତ୍ମା ଶାନ୍ତିରେ ଥାଉ, ପରମ ଶାନ୍ତି ଲାଭ କରୁ ..

ତା'ପରେ ସେ ଫୁଲଗୁଡ଼ିକୁ ଗୋଟିଗୋଟି କରି କାଢ଼ିଲେ ତାଙ୍କ ପାଛିଆ ଭିତରୁ, ଏବଂ ତାକୁ ସଜାଇବାକୁ ଲାଗିଲେ, ତାଙ୍କ ପରିପନ୍ଥନା ଅନୁଯାୟୀ । ସମାଧିର ତାରିପାଖରେ, ତା'ର ସିମେଣ୍ଟଚଟାଣ ପାଦ ଦେଶରେ ।

ଗୁଡ୍ ! ତାଙ୍କ ମନଟା ପୂରିଗଲା । .. ଯାହା ଭାବିଥିଲି ସେଇଆ କଲି । ଧନ୍ୟବାଦ.. ତେବେ ସେ ନିଜକୁ ଧନ୍ୟବାଦ ଦେଲେକି ଆଉ କାହାକୁ, ବୁଝି ହେଲାନାହିଁ ।

ଏଥରକ ସିଧା ସଳଖ ଫେରିବା କଥା । ଆଉ କ'ଣ କାମ ଅଛି ଏଠି ? ହେଲେ ତାଙ୍କର ମନେ ହେଲା ଯେ ତାଙ୍କର ଉଚ୍ଚାରଣ ଅପୂର୍ଣ୍ଣ ରହିଗଲା । ବିନି ଶୁଣିଥିବ ନିଶ୍ଚୟ, ତେବେ ସେତ ନିଶ୍ଚିହ୍ନ, ନୀରବ । ଜୀବନ୍ତର ମର୍ତ୍ତ୍ୟରେ କ'ଣ କେହି ନାହାଁନ୍ତି ଶୁଣିବା ଲାଗି, ଭ୍ରାମ୍ୟମାଣ ଗାଇମାନଙ୍କ ଛଡ଼ା ?····

ଅଛନ୍ତି । ଅନ୍ତତଃ ବିଷ୍ଣୁ ମିଶ୍ର ଲୋକଟା । ତା'ର ଶ୍ରଦ୍ଧା ସକଳଙ୍କ ଉପରେ ବୋଲି କହୁଛି ସିନା, ସଂଭବତଃ ସେ ବି ଆସିଥିବ ମୋରି, ଆଇମିନ୍, କାଦମ୍ବିନୀର ସାମଧ୍ୟ ପାଖକୁ । ମୋତେ ଜାଣି ଶୁଣି ଲୁଚାଉଥିବ । ସମସ୍ତେ କ'ଣ ମୋ ପରି ହୋଇଛନ୍ତି, ଯେ ନିଜକୁ ଏମିତି ସ୍ୱଚ୍ଛ ନିର୍ମଳ ରୂପରେ ଦେଖିବାକୁ ଚାହିଁବ ସଂଜ ବୁଡ଼ିଲା ପୂର୍ବରୁ ? ମାନେ ଯଦିବା ଭୟ ବୋଲି ଗୋଟାଏ ଜିନିଷ ରହିଛି ନିଜ ଭିତରେ, ତା'କୁ ନିର୍ମୂଳ କରି ଦେବାର ପଣ କରିବ, ଆପଣାର ଶାନ୍ତି ଠାରୁ ବଳି ପ୍ରଶାନ୍ତି ପାଇଁ ।

ସେଇଠୁଁ ତାଙ୍କର ଇଚ୍ଛା ହେଲା ବିଷ୍ଣୁ ମିଶ୍ରଙ୍କୁ ଖୋଜି ଆଣିବେ ତାଙ୍କର ଉଚ୍ଚାରଣକୁ ଶୁଣିବା ଲାଗି । ଶୁଣ, ଆଉ ବୁଝ ତା'ର ମହତ୍ତ୍ୱକୁ । କାଦମ୍ବିନୀ ମୋର କିଏ, ଓ ତାଙ୍କ ସଂଗରେ ମୋର କିଭଳି ସଂପର୍କ, ସେ ବିଷୟରେ କିଛି ନ ପଚାରିଲେ ବି' ମୁଁ ତା'ର ସୂଚନା ଦେବି ତମକୁ । ରୋକ୍‌ଠୋକ୍ ଶବ୍ଦରେ ନ ହେଲେ ମଧ୍ୟ ମୋର ଭାବଭଂଗୀରେ । ଆସ—

ଯଥାଶୀଘ୍ର ଦେଖା ହେଲା ବିଷ୍ଣୁ ମିଶ୍ରଙ୍କ ସାଂଗରେ, ଏବଂ ଗଗନବାବୁ ଉପରେ ପଡ଼ି ତାଙ୍କୁ ଜଣାଇ ଦେଲେ ଯେ ତାଙ୍କ କାମ ପୂରା ହୋଇ ଗଲାଣି । ପୁଣି କହିଲେ ଯେ ସାଧାରଣ ଅର୍ଥରେ ଡ଼ାକ୍ତର କାଦମ୍ବିନୀ ତାଙ୍କର ଆତ୍ମୀୟସ୍ୱଜନ ନ ହେଲେ ମଧ୍ୟ ତା'ଠାରୁ ଅଧିକ ।... ଏଇଥିରୁ ତମର ବୁଝିବା ଉଚିତ ଯାହା ବୁଝିବା କଥା, ଯଦି ତମେ ନିହାତି ନିର୍ବୋଧ ହୋଇ ନ ଥିବ ।... 'ହେଇ, ଦେଖନ୍ତୁ', ବୋଲି କହି ଗଗନବାବୁ ମୁହଁ

Digitized by srujanika@gmail.com

ଫେରାଇଲେ, ଏବଂ ଇଶାରା କଲେ ଖଣ୍ଡେ ଦୂରରେ ଥିବା କାଦମ୍ବିନୀଙ୍କ ସମାଧି ଆଡ଼କୁ ।

''ହଁ, ମୁଁ ଦେଖିଛି,'' ବିଷ୍ଣୁବାବୁ କହିଲେ ।

କିଂତୁ ଗଗନବାବୁ ତା'କୁ ଦେଖିଲେ ମଧ୍ୟ ଦେଖିଲେ ନାହିଁ । ତାଙ୍କ ଚକ୍ଷୁ ବିସ୍ଫାରିତ ହୋଇ ଉଠିଲା । ଘଟଣାଟା କଅଣ ବୁଝି ପାରିଲେ ନାହିଁ । ଧାଇଁ ଗଲେ ସେଠିକି, ବିଷ୍ଣୁବାବୁଙ୍କୁ ପଛରେ ପକେଇ । ଦେଖିଲେ ଯେ ଠିକ୍ ସେଇ ସମାଧି .. କାଦମ୍ବିନୀ ପରିଡ଼ା ଯେ ଅମୁକ ତାରିଖରେ ଇହଧାମ ତ୍ୟାଗ କଲେ ଆତ୍ମୀୟସ୍ୱଜନଙ୍କୁ ଶୋକ ସାଗରରେ ଭସେଇ ଦେଇ । କିଂତୁ ଫୁଲ ବୋଲି ଗୋଟିଏ ନାହିଁ ତା' ପାଦ ଦେଶରେ । କଣ ହେଲା ?

ବୁଝିବାରେ ବିଳମ୍ବ ହେଲା ନାହିଁ । କାରଣ ସେ ସ୍ୱଚକ୍ଷୁରେ ଦେଖିଲେ ତା'କୁ, ସମାଧିର ପଛପଟକୁ ଯାଇ । ଅବଶିଷ୍ଟ ଗୋଟିଏ ମାତ୍ର ଫୁଲକୁ ପାଟିରେ ପକେଇ ଚାଲିଯାଉଛି, ତା' ଲାଂଗୁଡ଼ ହଲେଇ ଦେଇ ।

ସବାଖିଆ ଗାଈ ଗୋଟିଏ ଫୁଲ ବି' ରଖିଲା ନାହିଁ ! ଆଖି ପିନ୍ଧୁଡ଼ାରେ ସବୁ ସାପ୍ କରିଦେଲା !

ବିଷ୍ଣୁବାବୁ ସେଠିକି ଆସି ପହଂଚି ଗଲେଣି ସେତେବେଳକୁ । ଗଗନବାବୁ ବଲବଲ ହୋଇ ଚାହିଁଲେ ତାଙ୍କ ଆଡ଼କୁ । ଅସହାୟତାର ଭଂଗୀରେ । କହିଲେ,

''ଏଇଠି ଥିଲା ଆଜ୍ଞା, ଏଇକ୍ଷଣି ଥିଲା । ମୁଁ କେତେ ଚମତ୍କାର ଭାବରେ ସଜେଇ ଥିଲି ତାକୁ', ମଝିରେ ଗୋଟାଏ ସ୍ପଷ୍ଟିକ ବି' ଥିଲା, କିଂତୁ ହ୍ୟାପ.. ମୁଁ ଜାଣି ନ ଥିଲି ଗାଈଗୁଡ଼ାକ ଫୁଲ ବି' ଖାଇ ଯାଆନ୍ତି !''

''ସବୁ ଖାଇ ଯାଆନ୍ତି ଆଜ୍ଞା, ସବୁ ଖାଇ ଯାଆନ୍ତି । କିଛି ବାକୀ ରଖନ୍ତି ନାହିଁ । ଅବଶ୍ୟ ଆପଣଙ୍କ ହାତ ସମାଧିର ଉପରକୁ ପାଇ ନ ଥିବ । ତା'ହେଲେ ହୁଏତ ଆପଣଙ୍କ ଫୁଲ ରକ୍ଷା ପାଇ ଯାଇ ଥାଆନ୍ତା—''

କଥାଟା କଟା ଘା'ରେ ଚୂନ ପରି ଲାଗିଲା ଗଗନବାବୁଙ୍କୁ । ସତେକି ସେ ପ୍ରକୃତରେ ଖର୍ବ, ସବୁ ହିସାବରେ । ନ ହେଲେ ତାଙ୍କର ଏଭଳି ଦଶା ହୋଇ ନ ଥାଆନ୍ତା ।

ବିଷ୍ଣୁବାବୁ ଫେରିଗଲେ କିଛି ସମୟ ପରେ, ଗଗନବାବୁଙ୍କ ଠାରୁ ବିଦାୟ ନେଇ । କିଂତୁ ଗଗନବାବୁ ସେଠୁଁ ଚାଲିଯିବାକୁ ଚାହିଁଲେ ନାହିଁ । ତାଙ୍କର ମନେ ହେଲା ଯେ ଏଭଳି ପରାଭବ କ୍ୱଚିତ୍ ଆସେ ମଣିଷର ଜୀବନରେ । ତେଣୁ ତା'ର ଅନୁଭବ ଆବଶ୍ୟକ । ଅନୁଭବରୁ ଅବବୋଧ ।

ସଂଜ ବୁଡ଼ିବାକୁ ବାକୀ ଥିଲେ ମଧ୍ୟ ଚାହୁଁ ନାହୁଁ ସଂଜ ହୋଇ ଆସିଲା ପରି ଲାଗିଲା । ମେଘ ଛାଇ ହୋଇ ଗଲାଣି ଆକାଶରେ । ଏବଂ ଆଉ କେହି ହେଲେ ନାହାନ୍ତି ଏଠି, ନୀରବ ନିଶ୍ଚଳ ଆତ୍ମାମାନଙ୍କ ଛଡ଼ା । ମୂକ ଗାଈମାନେ ମଧ୍ୟ ସେଇ ନୀରବତାର ଯଂତ୍ରୀ, ଅବସାନର ଅଂଶ ବିଶେଷ । କାଠଯୋଡ଼ିର କୁଳୁକୁଳୁ ଶୁଭୁଛି କି ? ଧ୍ୟାତ୍, ନଈରେ କୋଉ ପାଣି ଅଛି ଯେ ଶୁଭିବ, ପୁଣି ଏତେ ଦୂରରୁ ? କୋଉ ପିଲାର ପାଟି ଶୁଭୁଛି କି ?

Digitized by srujanika@gmail.com

ନା, ସବୁ ଭ୍ରମ । ମିଛୁଟାରେ ମନକୁ ଅନ୍ୟ ଆଡ଼କୁ ନେଇ ଯାଅ ନାହିଁ । ଅନୁଭବ କର । ଏଇ ନିଖୁଣ ନୀରବ ଶେଷକଥାକୁ...

କେଉଁ ଗୋଟିଏ ସମାଧିର ପାଦ ଦେଶରେ ବସି ରହିଥିଲେ ସେ । ଏବଂ ନିଶ୍ଚିନ୍ତତାର ବାସ୍ତବ ସତ୍ୟକୁ ଅନୁଭବ କଲେ । ଗହୀରରୁ ଗହୀରକୁ ଯାଇ ।

ସେଇଠୁଁ ତାଙ୍କର ମନେ ହେଲା ଯେ ଡ଼ରଭୟ ବି'ସବୁ କଟିଯାଇଛି ତାଙ୍କ ମନରୁ । ଆଉ କୌଣସି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ନାହିଁ । ଧନ୍ୟବାଦ । କାଳଗାଈ ସବୁ ସାଙ୍ଗ କରି ଦେଇ ଯାଇଛି, ଖାଲି ତାଙ୍କ ଗେଣ୍ଡୁଫୁଲ ନୁହେଁ, ମଧ୍ୟ ଭୟ । ଆଉ ପ୍ରେମ, ମଧ୍ୟ ପ୍ରେମ..

କିନ୍ତୁ ତା'ପରେ ଯେଉଁ ବିଷାଦର ହାବୁକା ଉଠିଲା ତାଙ୍କ ମନରେ, ତା'କୁ ସେ ସଂଭାଳି ପାରିଲେ ନାହିଁ । କହିଲେ, ନା, ମୁଁ ଏଠି ଆଉ ରହି ପାରିବି ନାହିଁ । ମୋତେ ଯିବାକୁ ପଡ଼ିବ ଘରକୁ, ମୋ ପତ୍ନୀ ପାଖକୁ । ମୁଁ ତା'କୁ ନିର୍ଭୟରେ କହିବି ସବୁ କଥା,ମୂଳରୁ ଶେଷ ଯାଏଁ । ଆଜିର ହାସ୍ୟାସ୍ପଦ ଘଟଣା ଯାଏଁ । କେମିତି କାଳ ଗାଈ ସବୁ ସାପ୍ କରି ଦେଲା । ନିମେଶରେ ସବୁ କିଛି ନିଶ୍ଚିହ୍ନ କରି ଚାଲିଗଲା । ସେଇଠୁଁ ଆମେ ଦିହେଁ ହସିବା ସେଇ ଆବ୍‌ସର୍ଡ଼ର ଅଦଉତିକୁ ଅବଜ୍ଞା କଲା ପରି । କେବଳ ସେଇ ଔଷଧହିଁ କାଟୁ କରିବ ଏଇ ଅଭିଳା ବିଷାଦକୁ...

ମୁଁ ଜାଣେ ମୋ ପତ୍ନୀ ଯୋଗ ଦେବ ମୋ ସାଂଗରେ । କାରଣ ସେ ମୋର ପତ୍ନୀ, ଜୀବନସାଥୀ । ସେ ଅନ୍ୟତମ ନାରୀ ନୁହେଁ, କି ତା' ନାଆଁ ଅମୁକ ନୁହେଁ । କାରଣ ତା'ହେଲେ ପ୍ରଶ୍ନ ଉଠିବ ଯେ ତା' ପ୍ରେମ କେଉଁ ଧରଣର ଥିଲା, କେତେଦୂର ନିର୍ମଳ ଥିଲା, କେତେ ଦୂଷିତ ଥିଲା ଅନ୍ୟମାନଙ୍କ ତୁଳନାରେ । ଡ଼ାମ୍ ଇଟ୍ ! ସେସବୁ ବାଜେ କଥା । କେବଳ କାଳଗାଈ ହିଁ ସତ୍ୟ, ଏବଂ ତା'ର ଭକ୍ଷଣ—ଯେତେକ ଭୟ, ପ୍ରେମ,ହିଂସା, କରୁଣା ଇତ୍ୟାଦିର ଉଣା ହେଉ କି ଅଧିକ, ଧୋବ ହେଉ କି ମଇଳା । କିଂତୁ ତହୁଁ ବିଷାଦ ବୋଲି ଭାବିବା କାହିଁକି, ବୁଦ୍ଧକଂ ପରି ?

ଆମେ ହସିବା ଗୋ ହସିବା, ଗେଣ୍ଡୁଫୁଲଖିଆ ଗାଈକୁ ନେଇ । ମୁଁ, ଆଉ ମୋର ପତ୍ନୀ, ମୋର ସାଥୀ, ସହଧର୍ମିଣୀ । ମୂର୍ତ୍ତିମତୀ ସହ-ଅନୁଭୂତି । ଏବଂ ଆମେ ହସି ଉଡ଼େଇ ଦେବା ଆମ ବିଷାଦକୁ, ତା'କୁ ସମୂଳେ ନାଶ କରି ଦେବା !

ଗଗନବାବୁଙ୍କ କୃତନିଶ୍ଚୟ ହସ ସୁରୁ ହୋଇ ଯାଇଥିଲା ସତୀଚଉରାରୁ ବାହାରି ଆସିଲା ବେଳଠୁଁ ।

Digitized by srujanika@gmail.com

କୋକୁଆଭୟର ଶେଷ କଥା

କୋକୁଆ ! ଷଡ଼ଗୋଟି ପକ୍ଷ ତା'ର ନବଗୋଟି ନେତ୍ର । ଷଡ଼ଗୋଟି ଗୋଡ଼ ତା'ର ଭୟଙ୍କର ଗାତ୍ର । କାହୁଁ ଆସିଲା ଏହି ଅଦ୍‌ଭୁତ ଜଂତୁ ଯେ ନଗର ଭିତରେ ପଶି ଖାଇଚାଲିଛି ଲୋକମାନଙ୍କୁ ? କିଏ କହୁଛି ମୋର ପୁଅକୁ ଖାଇଲା, କିଏ କହୁଛି, ମୋର ସ୍ୱାମୀକୁ ମାରିଲା, କିଏ କୁହେ ମୋର ଶ୍ୱଶୁରକୁ, ଦିଅରକୁ, ଇତ୍ୟାଦି । ପୁଣି କିଏ କୁହେ ମୋର କୁଣିଆ ଆସୁଥିଲା, ବାଟରେ ଆସନ୍ତେ ତା'କୁ ଗୋଡ଼ାଇ ଖାଇଲା । କୋକୁଆ ଭୟରେ ଲୋକେ ଘରୁ ବାହାରିଲେ ନାହିଁ, ପୁରା ଅଂଧାର ଦିଶିଲା ।

କିଂତୁ ଦ୍ୱାରକାରେ କୋକୁଆ ? ଯେଉଁଠି ସ୍ୱୟଂ ଶ୍ରୀକୃଷ୍ଣ ବିଦ୍ୟମାନ, ସେଠି ପୁଣି ଏହି ନାହିଁ-ନ ଥିବା ଜଂତୁର ଅତ୍ୟାଚାର ? ଏହା କିପରି ସଂଭବ ? ଦେଇଠୁ ଲୋକମାନେ କହିଲେ, ଚାଲ ଏକାଠି ହୋଇ ଯିବା ତାଙ୍କ ପାଖକୁ । ଜଗତର କର୍ତ୍ତା ସେହୁ ସବୁରି ଠାକୁର । ସେହି ଏକା ଆମକୁ ରକ୍ଷା କରି ପାରିବେ ଏହି କୋକୁଆ ଭୟରୁ । କେବଳ ଜଣେ ବୃଦ୍ଧର ମନ ବୁଝିଲା ନାହିଁ । କହିଲା, ରକ୍ଷା ନାହିଁ, ରକ୍ଷା ନାହିଁ । ଯାହାଙ୍କ ଭୟରେ ଯମ ପଶିପାରେ ନାହିଁ, ତାଙ୍କରି ନଗରୀରେ କୋକୁଆର ଆବିର୍ଭାବ ସଂଭବ ନୁହେଁ । ତେଣୁ ଏକ ଅଶୁଭ ଅଘଟଣ ଘଟିବାକୁ ଯାଉଛି । ଠାକୁରେ ରହିବେ ନାହିଁ ଏଠି । ଏବଂ ନାଶ ଯିବ ଏହି ଯଦୁବଂଶ ।

ହାୟ ! ଏହା କ'ଣ ସତ ହେଇପାରେ ? ଲୋକମାନେ ତଥାପି ଦଂଗ ଧରିଲେ । ଶ୍ରୀକୃଷ୍ଣହିଁ ଜାଣନ୍ତି ସତ କି ମିଛ । କେବଳ ସେହି ବୁଝିବେ ଆମ ଦୁଃଖ ।

ଲୋକଙ୍କ ବିକଳ ଦେଖି ଭାବଗ୍ରାହୀ ନିଜେ ଗଲେ ତାଙ୍କ ପାଖକୁ । ରାଜା ଉଗ୍ରସେନଙ୍କ ସଭାକୁ ଯାଇ ମିଳିଲେ ପ୍ରଜାମାନଙ୍କ ସହିତ । କିଂତୁ ଏ କଅଣ ? ଶ୍ରୀକୃଷ୍ଣଙ୍କ ମୁହଁ ଏଭଳି ବିରୂପ ଦିଶୁଛି କାହିଁକି ? ସତେକି ତାଙ୍କୁ ମଧ୍ୟ ବୁଦ୍ଧି ଦିଶୁନାହିଁ ! ବଡ଼ଭାଇ ବଳରାମ ସେଠାରେ ଆସି ପହୁଂଚିଲାରୁ ସେ ତାଙ୍କୁ ଓଜଗି ହୋଇ ବୁଦ୍ଧି ମାଗିଲେ । ପୁଣି ରାଜା ଉଗ୍ରସେନଙ୍କୁ ପଚାରିଲେ । ଯେ କେମିତି ମାରିବା ତା'କୁ, ଏହି କୋକୁଆ ଜଂତୁଟାକୁ । ତହୁଁ ଉଗ୍ରସେନ ବଖାଣିଲେ ସେ କେମିତି ଥାଟ ସଜ କରି ଯାଇଥିଲେ ତାକୁ ମାରିବାକୁ, କିଂତୁ ମାୟାବୀ ଚାହୁଁ ଚାହୁଁ କୁଆଡ଼େ ଅଦୃଶ୍ୟ ହୋଇଗଲା, ଏବଂ ସେ ତା'ର ଭେଟ ପାଇଲେ ନାହିଁ ।

କେହି ବୁଝିପାରିଲେ ନାହିଁ ଯେ ଏହି ମାୟା ବିଚିତ୍ର ନୁହେଁ । କାରଣ ନିଜେ ମାୟାଧର ହିଁ ତା'କୁ ଗଢ଼ିଛନ୍ତି । କୋକୁଆର ରଚୟିତା ଆଉ କେହି ନୁହେଁ, ସ୍ୱୟଂ ଶ୍ରୀକୃଷ୍ଣ ।

Digitized by srujanika@gmail.com

ବୁଝିବେ କେମିତି ? ପ୍ରତ୍ୟେକ ଅଂଧାରକୁ ଆଲୁଅ ଯୋଗାଇବାକୁ ହେବ, ପ୍ରତ୍ୟେକ ପାପକୁ ତା'ର ପ୍ରାୟଶ୍ଚିତ, ପ୍ରତ୍ୟେକ ଋଣକୁ ତା'ର ପରିଶୋଧ, ଏବଂ ପ୍ରତ୍ୟେକ ଦୁଃଖୀକୁ ତା'ର ପାଉଣା, ଯେମିତିକି ତା'ର ସତ ଲୁହତକ ସତ ହୋଇ ରହିବ, ମାଟିରେ ମିଶି ନଷ୍ଟ ହୋଇଯିବ ନାହିଁ,— ଏହି ତତ୍ତ୍ୱର ମାହାତ୍ମ୍ୟକୁ ଆଉ କିଏ ବୁଝିବ ସୁଦର୍ଶନଙ୍କ ଛଡ଼ା ? ଏବଂ ସୃଷ୍ଟିର ଏହି ନିରପେକ୍ଷ ନିର୍ମମ ନୀତିରୁ କିଏ ଭଲା ମୁକ୍ତ ହୋଇ ପାରିବ ? ନା ଯଦୁବଂଶ, ନା ସେ ନିଜେ, ପଂଚଭୂତଧାରୀ ଶ୍ରୀକୃଷ୍ଣ ? କିଂତୁ ଲୋକେ ବୁଝିବେ ନାହିଁ । କହିବେ ମହାଭାରତ ସରିଗଲା, ଧର୍ମଧ୍ୱଜା ଉଡ଼ିଲା, ଏଣିକି ଆଉ କିଛି ଭାବିବାର ନାହିଁ । ଭଗବାନ୍ ଅଛନ୍ତି, ଏବଂ ପୃଥିବୀରେ ସବୁ ଭଲ, ସବୁ ସୁଂଦର । କିଂତୁ ତା' ହୁଏ ନାହିଁ । ହେବାର ନୁହେଁ । ଅବିଚ୍ଛେଦ୍ୟ ଆଲୁଅ ନାହିଁ କି ଅଂଧାର ନାହିଁ ଏହି ପୃଥିବୀରେ, ଅନାବିଳ ପୁଣ୍ୟ ଅବା ଅବାରିତ ପାପ । କିଂତୁ ଅଛି ଏହି କ୍ଷତିପୂରଣର ପଣ । ଉଉରଦାୟିତ୍ୱର ତାଡ଼ନା । ସେଇଥିପାଇଁ ଚକ ଘୁରୁଛି, ଘୁରୁଥିବ.. ହେଲେ କିଏ ବୁଝିବ ଏହି ସରଳ ସତ୍ୟଟିକୁ ? ବୁଝିଥିଲା କି ତ୍ରେତୟାର ଅଯୋଧ୍ୟା, ନା ବୁଝିବ ଦ୍ୱାପରର ଦ୍ୱାରକା ? ଦ୍ୱାରକାପତି ଦୁଃଖ କଲେ, କିଂତୁ ବାଧ୍ୟ ହେଲେ ତାଙ୍କ ମନକଥା ମନରେ ରଖିବା ପାଇଁ ।

କୋକୁଆ ଆସିଛି, ତା'ର ଆସିବାର ଥିଲା । କାହିଁକିନା ଅଘଟଣର କାରଣ ଯୋଗାଇବାକୁ ହେବ । ଯଦୁପତିଙ୍କ ଦେହତ୍ୟାଗ, ଯଦୁବଂଶର ଧ୍ୱଂସ । ଉପାୟ ନାହିଁ, ଉପାୟ ନାହିଁ ।

ଆଉ କାହାକଥା ଛାଡ଼ । ବଡ଼ଭାଇ ବଳରାମ ମଧ୍ୟ ବୁଝିଲେ ନାହିଁ କୋକୁଆର ତତ୍ତ୍ୱ, ନାରାୟଣଙ୍କ ମାୟା, ଯେତେବେଳେ କୃଷ୍ଣ ତାଙ୍କୁ କହିଲେ ଯେ କାଲି ପ୍ରଭାତରେ ତୁମେ ତୁମ ପୁଅମାନଙ୍କୁ ନେଇ ବାହାର, ମୁଁ ମଧ୍ୟ ବାହାରିବି ମୋର ଦାୟାଦଙ୍କୁ ନେଇ, ଏବଂ ଆମେ କୋକୁଆକୁ ବେଢ଼ି ଯାଇ ମାରିବା । ଦୁର୍ବାସା ମହର୍ଷିଙ୍କର ଶାପ ଅଛି ଯେ ଯଦୁବଂଶ ଧ୍ୱଂସ ହେବ, ତେଣୁ ଆମେ କୋକୁଆକୁ ମାରିଲା ପରେ ପ୍ରଭାସତୀର୍ଥକୁ ଯିବା, ଏବଂ ସ୍ନାନାନ୍ତରେ ବିପ୍ରମାନଙ୍କୁ ମିଷ୍ଟାନ୍ନ ତଥା ଚାଟୁବାଣୀ ସହ ତୋଷିବା । ବ୍ରହ୍ମଅଭିଶାପରୁ ପାରି ହୋଇଯିବା । କଥାଟା ପାଇଗଲା ବଳରାମଙ୍କ ମନକୁ । ବୁଝିଲେ ନାହିଁ ଯେ ଇଏ ହେଉଛି ଗୋବିଂଦଙ୍କ ଫଂଦି, କୁଳକୁଟୁଂବଙ୍କ ବିନାଶ ପାଇଁ । ବୁଝିଲେ ନାହିଁ ଯେ ଅଭିଶାପ ଫଳିବହିଁ ଫଳିବ, ଯଦି ତାହା ଯଥାର୍ଥ ହୋଇଯାଏ । କେହି ତା'କୁ ଟଳେଇ ଦେଇ ପାରିବ ନାହିଁ ।

ତହୁଁ ଶ୍ରୀକୃଷ୍ଣ ନିଜ ମଂଦିରକୁ ଯାଇ ରୁକ୍ମିଣୀ, ସତ୍ୟଭାମାଙ୍କୁ ମଧ୍ୟ ଶୁଣାଇଲେ କୋକୁଆଭୟର କାହାଣୀ । ଏବଂ କହିଲେ ଯେ କାଲି ପ୍ରଭାତରେ ସେ ତା'କୁ ମାରିବାକୁ ଯିବେ, ପୁଅନାତି ସହ । ବଳରାମଙ୍କୁ ସାଙ୍ଗରେ ଘେନି । ସେଇଠୁଁ ସେ ତାଙ୍କ ପୁଅମାନଙ୍କୁ ଡ଼ାକି କହିଲେ ସେହି କଥା । ଯାହାର ମୟା ବ୍ରହ୍ମାଙ୍କୁ ଅଗୋଚର, ଏବଂ ତାଙ୍କ ଅଗ୍ରଜ ମଧ୍ୟ ତା'ର ଭେଦ ପାଇଲେ ନାହିଁ, ତା'କୁ ପ୍ରଦ୍ୟୁମ୍ନ, ଶାମ୍ବ ଆଦି ତରୁଣ କୁମରମାନେ ବୁଝିବେ କେମିତି ? ପୁତ୍ରବର୍ଗ ପ୍ରତିଜ୍ଞା କଲେ ଶ୍ରୀକୃଷ୍ଣଙ୍କ ଆଗରେ, ଯେ ସେମାନେ କୋକୁଆକୁ

Digitized by srujanika@gmail.com

ମାରିବେ ଯେଉଁଠି ହେଲେ । ଯେଉଁଠି ପଶିବ ସେ ପାପିଷ୍ଠ ସପ୍ତବ୍ରହ୍ମାଣ୍ଡରେ, ତା'କୁ ଗୋଡ଼େଇ ଗୋଡ଼େଇ ନଷ୍ଟ କରିଦେବେ । କିଂତୁ କୁମରମାନଙ୍କର ଏହି ଆଷ୍ଫାଳନ କେତେ ଦୁଃଖ ଦେଲା ତାଂକ ବାପାଙ୍କମନରେ, ତାହା କେବଳ ସେହି ଜାଣିଥିଲେ । କୁମର ନିଧନର ଦୃଶ୍ୟ ଦିଶିଗଲା ତାଙ୍କୁ ଜଳଜଳ ହୋଇ । ଏବଂ ମନେ ପଡ଼ିଲା ଶତପୁତ୍ର ହରାଇଥିବା ଗାଂଧାରୀଙ୍କ ଅଭିଶାପ— ''ଶୁଣ ପୀତବାସ ! ତୁ ମୋର ପୁତ୍ରମାନଙ୍କୁ ମରାଇଛୁ ମୋ ଆଗରେ । ତୋ ଆଗରେ ତୋର ପୁତ୍ରମାନେ ମଧ୍ୟ ଯମପୁରକୁ ଯିବେ । ମୋର ମୃତ୍ୟୁ ବେଳକୁ କେହି ନ ଥିବେ ମୋ ପାଖରେ । ତୋର ମୃତ୍ୟୁ ବେଳକୁ ମଧ୍ୟ କେହି ରହିବେ ନାହିଁ ତୋ ପାଇଁ ।'' ବ୍ରାହ୍ମଣମାନଙ୍କୁ ସିନା ବିଷ୍ଣାନ୍ନ ଦେଇ ତୋଷ କରିବାର କଳ୍ପନା କରି ହେଉଥିଲା, ତାହା ଯେତେ ମିଛ ହେଉ ପଛେ, ଗାଂଧାରୀଙ୍କୁ କେଉଁ ମିଷ୍ଣାନ୍ନର ଲୋଭ ଦେଖାଇ ପାରିଥାଆନ୍ତେ କୃଷ୍ଣ, ତାଙ୍କ ଅଣଲେଉଟା ପୁଅଙ୍କ ବଦଳରେ ? ମରିବେ ମୋ ବୀର ପୁଅମାନେ ମୋରି ଆଖି ଆଗରେ, କେହି ତାଙ୍କୁ ବଂଚାଇ ପାରିବେ ନାହିଁ ! ଏହି ସଂତାପରେ ଘାରି ହେଉଥିଲେ କୃଷ୍ଣ । କିଂତୁ ତାଙ୍କ ମାୟାଜାଲ ଟିକିଏ ହେଲେ କୋହଳ ହେଲା ନାହିଁ । ସୃଷ୍ଟିର ଦାୟିତ୍ୱ ତୁଲେଇବାକୁ ହେବ, ତା'ର ନିୟମ ପାଳିବାକୁ ହେବ ।

ତା' ପରଦିନ ସକାଳେ । ପୁଅମାନେ ରଥରେ ବସିଲେ, ନାତିମାନେ ଅଶ୍ୱରେ ଓ ଗଜରେ । ଅନୁରୂପ ସଜ ହେଲେ ଅନ୍ୟାନ୍ୟ ଯାଦବ । ଏବଂ ଆସ ଆସ ଚାଲ ଚାଲ ଶବ୍ଦରେ ପୃଥିବୀ କଂପାଇଲେ, ଆଷାଢ଼ ମାସରେ ମେଘନାଦ ପରି । ଗୋବିନ୍ଦ ନିଜେ ତାଙ୍କ ରଥରେ ବସିଲେ, ଶଂଖଚକ୍ରଗଦାପଦ୍ମ ଚତୁର୍ଭୁଜ ହୋଇ । ତେଣେ ବଳରାମ ସଜ ହୋଇ ବସିଲେ ତାଙ୍କ ତାଳଧ୍ୱଜ ରଥରେ, ହଳ ମୁଷଳ ଧରି । ତହୁଁ ସମସ୍ତେ ରୁଣ୍ଡ ହେଲେ ସିଂହଦ୍ୱାର ଠାରେ । ଶ୍ରୀକୃଷ୍ଣ ବାହାରିଲେ ଦକ୍ଷିଣ ଦ୍ୱାରରୁ, ଏବଂ ଅନ୍ୟମାନେ ତାଙ୍କ ପଛେ ପଛେ । ମାର ମାର ଧର ଧର ବୋଲି ଚିତ୍କାର କରି ଧାଇଁଗଲେ କୋକୁଆକୁ ମାରିବା ପାଇଁ । ଶବ୍ଦ ଶୁଣି କୋକୁଆ ବାହାରି ଆସିଲା, ଏବଂ ପଳାୟନ କଲା । ଦୂରରୁ ଦୂରକୁ, ଦ୍ୱାରକାକୁ ଛାଡ଼ି ପଚିଶ ଯୋଜନ । ହରି ବଳରାମ ଧାଇଁଲେ ପଛରେ । ପଛେ ପଛେ ଯେତେକ ଯାଦବ । ଏକା ନିଃଶ୍ୱାସରେ ପହଂଚିଲେ ତା' ପାଖରେ । ଯମୁନା ନିକଟରେ । ନଦୀର ଗୋଧିକା ଘାଟରେ । ପ୍ରକୃତପକ୍ଷେ କୃଷ୍ଣହିଁ ମାୟା କରି ଭେଟ କରାଇଲେ ତା'କୁ ତାଙ୍କ ଯୋଦ୍ଧାଙ୍କ ସାଂଗରେ । ନିଜେ ଗୋଟାଏ କୁନ୍ତମୁନ ପେଷିଲେ ତା' ଆଡ଼କୁ । କିଂତୁ ମୁନ ବାଜିଲା ନାହିଁ ତା' ଦେହରେ, ଏବଂ ସେ ଖସିଗଲା କଦମ୍ବ ମୂଳକୁ । ଖଣ୍ଡେ ଦୂରୁ ବଳରାମ ଦେଖିଲେ ଏହି ଦୃଶ୍ୟ । ରଥରୁ ଓହ୍ଲାଇ ତା'କୁ ପିଟିଲେ ତାଙ୍କ ମୁଷଳରେ । କିଂତୁ କୁଆଡ଼େ ଗଲା ସେ କୋକୁଆ ? ବଳରାମ ଦେଖିଲେ ସେ ବୃକ୍ଷଟାକୁ ହିଁ ପିଟି ଚାଲିଛନ୍ତି !

କୋକୁଆ ଉଭେଇ ଗଲା । ହେଲେ କଦମ୍ବରୁ ଫୁଟି ବାହାରିଲା କାଦମ୍ବରୀ ରସ । ସତେକି ଯାଦବଙ୍କ ଶୋଷ ମେଣ୍ଟାଇବା ପାଇଁ । ପ୍ରଥମେ ବଳରାମ ସେହି ରସ ଅଥବା ମଦ୍ୟକୁ ପାନ କଲେ । ତାଙ୍କ ଦେଖାଦେଖି ଅନ୍ୟମାନେ ପିଇଲେ ମନ ଇଚ୍ଛା ।

Digitized by srujanika@gmail.com

କିଂତୁ କିଭଳି ସେ ମଦ୍ୟ ! ସେମାନେ ଯେ କେବଳ ଉନ୍ମତ୍ତ ହେଲେ ତା' ନୁହେଁ, ପରସ୍ପରକୁ ଚିହ୍ନି ପାରିଲେ ନାହିଁ, କିଏ ପର କିଏ ଆପଣା ବୋଲି ମଧ୍ୟ ଜାଣି ପାରିଲେ ନାହିଁ । ଏଣେ ସେ କୋକୁଆ ପୁଣି ଆସି ଦେଖା ଦେଲା ବଳରାମଙ୍କୁ, ଏବଂ ସେ 'ହେଇଟି କୋକୁଆ' ବୋଲି ଧାଇଁଲେ ତା' ପଛରେ । ପଇଁଚାଳିଶ ଯୋଜନ ପଥ ପାରି ହୋଇଗଲେ । ପୃଥିବୀ କଂପି ଉଠିଲା ଧାବମାନ ବଳରାମଙ୍କ କ୍ରୋଧରେ । ଧାଇଁ ଧାଇଁ ପହୁଂଚିଲେ ନୀଳକଂଦରବନର କଞ୍ଚବଟ ପାଖରେ, ଯେଉଁଠି କୋକୁଆ ଲୁଚିଗଲା ବୋଲି ତାଙ୍କର ମନେ ହେଲା । ତହୁଁ ସେ ତାକୁ ମୁଷ୍ଟକ ଉଁଚାଇ ମାରିବାକୁ ଗଲାରୁ ଆକାଶବାଣୀ ହେଲା, —'' ଆସ ବଳରାମ, ବିଳଂବ ନ କର । ସର୍ପରୂପ ଧରି ଆସ ଏଥି ଭିତରକୁ । ଏବଂ ଶୋଇ ଯାଅ ଅନନ୍ତ ଶଯ୍ୟାରେ ।'' ବଳଭାମ ସେହି ଅନୁଯାୟୀ ପଶିଲେ ତା' ଭିତରକୁ, ଧଳା ନାଗଟିଏ ହୋଇ । କିଂତୁ କୁମରମାନେ କାହୁଁ ଜାଣିବେ ସେ କଥା ? ସେମାନେ ଭାବିଲେ ଯେ ବଳରାମ ମଧ୍ୟ ଗଲେଣି ଦୁଷ୍ଟ କୋକୁଆର ଗର୍ତ୍ତକୁ । ସେଇଠୁଁ କୋକୁଆ ପୁଣି ଦୃଶ୍ୟ ହେଲା, ଏବଂ ପଶ୍ଚିମକୁ ପଳେଇଲା । ପଛେ ପଛେ କୃଷ୍ଣ ଓ ତାଙ୍କ ପୁଅନାତିମାନେ । କୋକୁଆ ପଶିଲା ସନ୍ତରା ବନରେ, ଏବଂ ଏମାନେ ଯାଇଁ ପହୁଂଚିଲେ ସେଠି ।

ତା'କରେ ଘଟିଲା ଏକ ଅଦ୍‌ଭୁତ ଘଟଣା । ଜଗତଟା ଅଂଧାର ଦିଶିଲା । ଅଥବା କୁମରଗଣ ଅଂଧ ହୋଇଗଲେ । ଏବଂ ସେହିମାନେହିଁ କୋକୁଆ ପରି ଦିଶିଲେ ପରସ୍ପରର ଆଖିରେ । ତହୁଁ କି ଭୟାବହ ଏବଂ ମର୍ମାନ୍ତୁଦ ଦୃଶ୍ୟ ଦେଖିବାକୁ ପଡ଼ିଲା କୃଷ୍ଣଭଗବାନଙ୍କୁ ! ତାଙ୍କରି ଆଖି ଆଗରେ ସେମାନେ ମରାମରି ହଣାହଣି ହେଲେ । ପ୍ରଦ୍ୟୁମ୍ନ ବଧ କଲା ଶାମ୍ବକୁ । ତହୁଁ ଅନିରୁଦ୍ଧକୁ । ଏବଂ ଗଦାକୁ । ପୁଣି ସାନଂଦ ମାରିଲା ଆନଂଦକୁ । ଏହିପରି ଭାବରେ ସେମାନେ ଘୋର ଯୁଦ୍ଧ କଲେ ପରସ୍ପର ସହିତ, ରାତିଦିନ ନ ମାନି, ସମସ୍ତ ଯାଦବଙ୍କ ଶିରଚ୍ଛେଦ ହେବା ଯାଏଁ । ରକ୍ତନଦୀ ବହିଲା ସେହି ଘଂଚ ଦୁଇଯୋଜନବ୍ୟାପୀ ସନ୍ତରା ବନରେ । ଏବଂ ତୃପ୍ତ ହେଲା ଗାଂଧାରୀଙ୍କ ଆତ୍ମା । ହେଲେ ପଂଚଭୂତଧାରୀ ଶ୍ରୀକୃଷ୍ଣଙ୍କୁ କାଂଦିବାକୁ ପଡ଼ିଲା । ଧାରଧାର ହୋଇ ଅଶ୍ରୁ ବହିଗଲା ପଦ୍ମଲୋଚନରୁ । ଏଇଆ ଦେଖିବାକୁ ଥିଲା ମୋ କପାଳରେ ? ହଉ,ବିଧାତା ଭିଆଣ ପୂର୍ଣ୍ଣ ହେଉ...ଧର୍ମଲୀଳା ଲୀଳାୟିତ ହେଉ !

କିଂତୁ ସଂତପ୍ତ ଶ୍ରୀହରି ସମୟ ପାଇଲେ ନାହିଁ ନିଜକୁ ବୋଧ ଦେବା ପାଇଁ । ପବନ କାହୁଁ ଆସି ପହୁଂଚିଲା ତାଙ୍କ ସମ୍ମୁଖରେ, ଏବଂ ସେ ସୁଦର୍ଶନଚକ୍ରକୁ ଫିଂଗିଦେଲେ ତା' ଆଡ଼କୁ । ପବନର ମୁଣ୍ଡ କଟିଗଲା, ହେଲେ ଚକ୍ର ଆଉ ଫେରି ଆସିଲା ନାହିଁ ତାଙ୍କ ହାତକୁ । ପୁତ୍ରମାନେ ଗଲେ, ବଂଶନାଶ ହେଲା, ଶେଷକୁ ଶକ୍ତିସାମର୍ଥ୍ୟର ଶେଷ ଅସ୍ତ୍ରଟିକ ମଧ୍ୟ ଚାଲିଗଲା ତାଙ୍କ ହାତରୁ । ଆଉ ରହିଲା କ'ଣ ? ଏହି କ'ଣ କୃଷ୍ଣଲୀଳାର ଶେଷ ?

Digitized by srujanika@gmail.com

ନା, ଆହୁରି ଅଛି । ଶ୍ରୀକୃଷ୍ଣଙ୍କ ପ୍ରାଣ ଅଛି, ପିଣ୍ଡ ଅଛି । ତେଣୁ କୃଷ୍ଣଲୀଳାର ପୂର୍ତ୍ତି ହୋଇ ନାହିଁ । ବିଧାତାଙ୍କର ଆହୁରି କିଛି କହିବାର ଅଛି ତାଙ୍କ ଅବତାର ମାଧ୍ୟମରେ, ସେଥିର ସଂପୂର୍ଣ୍ଣ ସଫଳତା ପାଇଁ ।

ଯାହାହେଉ ଏହାହିଁ ତ ଶାଂତି, ଶୋକାବଶେଷର ଏହି କେତୋଟି ମୂହୁର୍ତ୍ତ ! ଶ୍ରୀକୃଷ୍ଣ ଅବଶ୍ୟ ଜାଣିଥିଲେ ଯେ ମରଦେହୀ ମଣିଷ ସିନା କେବେହେଲେ ତା'ର ଦାୟିତ୍ୱକୁ ସାରି ଦେଇ ଶୋଇ ଯାଇ ପାରେ, ବିଧାତାର ସେ ଭାଗ୍ୟ କାହିଁ ? ଚକ୍ର କ'ଣ କେବେହେଲେ ଅଟକି ଯିବ ନା ତା'କୁ ଟିକିଏ ଅବସର ମିଳିବ ଶୋଇଯିବା ପାଇଁ ? ତେବେ ଆପାତତଃ ଲୋଭନୀୟ ଦିଶୁଛି ଏଇ ଶିଆଳିର ଲତା, ଖଟର ଦୋଳି ପରି, ଏବଂ ଦକ୍ଷିଣା ପବନ ବହୁଛି ସିରି ସିରି ହୋଇ । ଶ୍ରୀକୃଷ୍ଣ ତା'ର ନିମଂତ୍ରଣକୁ ସ୍ୱୀକାର କଲେ, ଓ ଯାଇଁ ଶୋଇଗଲେ ତା' ଉପରେ, ପାଦରେ ପାଦ ରଖି । ଚାହୁଁ ଚାହୁଁ ନିଦ ଘୋଟିଗଲା ତାଙ୍କୁ ।

ତହୁଁ ସୃଷ୍ଟି ହେଲା ବିଧାତାଙ୍କ ନୂତନ କର୍ମକାଣ୍ଡ । ଅନେକ ଅନେକ ଦିନୁଁ ତା'ର ଆରମ୍ଭ, ତ୍ରେତୟା ଯୁଗରୁ ।

ଜାରା ନାମକ ଏକ ଶବର ଥିଲା ସେହି ଅଂଚଳରେ । ରାତି ପହରକ ପରେ ତା'ର ହଠାତ୍ ମନ ହେଲା ସେ ମୃଗୟାରେ ବାହାରିବ । ହରିଣ ମୃଗ ଆଜି ଶିକାର କରି ଆଣିବ । ଶବରୁଣୀ ହାତରେ ତା' ପିରିକି କାଠର ଧନୁ ମଗେଇଲା, ଓ ବାହାରି ପଡ଼ିଲା ତା'ର ଖାମ୍ଖିଆଲି ଅଭିଯାନରେ । ସେଦିନ ଜ୍ୟେଷ୍ଠମାସ ଶୁକ୍ଲପକ୍ଷ ପୂର୍ଣ୍ଣିମା । ରେବତୀ ନକ୍ଷତ୍ର ଓ ମୀନଚଂଦ୍ରର ପବିତ୍ର ସଂଯୋଗ । ଆୟୁଷ୍ମାନ୍ ଯୋଗ । ପୃଥ୍ୱୀଯାକ ଶୁଭ୍ର, ସୁଂଦର । କିଂତୁ ଜଂତୁମାନେ କାହାନ୍ତି ? ଶବର ବୁଲି ବୁଲି ଥକି ଗଲା । ସେଇଠୁଁ ରାତି ପାହିବାକୁ ମାତ୍ର ଚାରିଦଣ୍ଡ ଅଛି ତା'କୁ ଦୃଶ୍ୟ ହେଲା ଶ୍ରୀକୃଷ୍ଣଙ୍କ ବାଆଁ ପାଦର ଆଂଗୁଠି । ଆଃ, ଏତେବେଳକେ ! ହରିଣର କାନ ହେବ ନିଶ୍ଚୟ । ଜାରା କାଣ୍ଡ ବିଂଧିଲା, ଓ ତାହା ସିଧାସଳଖ ବାଜିଲା ପ୍ରଭୁଙ୍କ ପାଦରେ । କିଂତୁ ଜାରା ଯେତେବେଳେ ଧାଇଁ ଗଲା ତା' ଶିକାରକୁ ହାସଲ କରିବା ପାଇଁ, ତା'ର ହଁସା ଉଡ଼ିଗଲା ଶିକାରର ଚେହେରା ଦେଖି । ଦେଖିଲା ଯେ ତାହା କେଉଁ ଜଂତୁ ନୁହେଁ, ମଣିଷ । ଏବଂ ଶଂଖଚକ୍ରଗଦାପଦ୍ମଧାରୀ ମଣିଷ, ସ୍ୱୟଂ ଶ୍ରୀକୃଷ୍ଣ ! ହାୟ ! ମୁଁ କ'ଣ କଲିଟି, ମୋର ଶବରଜନ୍ମକୁ ଧିକ୍, ଏତେ ବଡ଼ ଦ୍ରୋହ ପରେ ମୋତେ ଠାବ ମିଳିବ ନାହିଁ ସପ୍ତବ୍ରହ୍ମାଣ୍ଡରେ, ଏହିପ୍ରକାର ଗ୍ଲାନି ଓ ଭୟରେ ଦଗ୍ଧ ହୋଇ ସେ ଗଲା ନାହିଁ ପ୍ରଭୁଙ୍କ ପାଖକୁ । ଦୂରରୁ ଥାଇ ସ୍ତୁତି କଲା । କିଂତୁ ଦୟାମୟ ଶ୍ରୀକୃଷ୍ଣ ତା'କୁ ପାଖକୁ ଡାକିଲେ । କହିଲେ, ଭୟ ନାହିଁ । ଦୋଷ ତୋର ନୁହେଁ । ଏହାହିଁ ହେବାର ଥିଲା ।

କିରାତ କହିଲା, ମଣିମା,ମୋ ପାଖରେ କାଣ୍ଡଘାଆର ଔଷଧ ଅଛି । ମୋତେ ଆଜ୍ଞା ହେଉ କାଣ୍ଡ କାଢ଼ି ନେବି, ଘାଆ ଶୁଖେଇ ଦେବି । ଶ୍ରୀପାଦପଦ୍ମ ପୁଣି ସୁପ୍ତସୁଂଦର

Digitized by srujanika@gmail.com

ହୋଇ ଉଠିବ । କିଂତୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଭିନ୍ନ । କହିଲେ, ନା ଛୁଅଁନାହିଁ ମୋର ଦେହ । ହେଲେ, କରିବୁ ଗୋଟାଏ କାମ ମୋ ପାଇଁ ? ତା'ହେଲେ ଯାଅ। ହସ୍ତିନା ପୁରକୁ, ପାଣ୍ଡବଙ୍କ ପାଂଗରେ ଦେଖାକର, ଓ ପାର୍ଥକୁ ପହୁଂଚାଇଦେ' ମୋ ପାଖରେ । ମୋ ଜଳାପୋଡ଼ା ଚାଲିଯିବ ତା' ସ୍ପର୍ଶରେ । ଅଂଗ ଶୀତଳ ହେବ ।

ଆଜ୍ଞା ପାଇଲାରୁ ଶବର ଗଲା ହସ୍ତିନାପୁରକୁ । ଏବଂ ଖବର ପଠାଇଲା ଯେ ସେ କୃଷ୍ଣଙ୍କ ବାର୍ତ୍ତା ନେଇ ଆସିଛି, ଯୁଧିଷ୍ଠିରଙ୍କ ପାଖକୁ । ସେଇଠୁଁ ଯୁଧିଷ୍ଠିରଙ୍କ ଛାମୁରେ ଜଣାଇଲା ଯେ କୃଷ୍ଣ ରହିଛନ୍ତି ସୁରେଶ୍ୱର ବନରେ, ଏବଂ ଡ଼କାଇଛନ୍ତି ପାଣ୍ଡବମାନଙ୍କୁ । ପୁଣି କହିଛନ୍ତି ଯେ ଆଉ କେହି ନ ଆସି ପାରିଲେ ଅର୍ଜୁନ ଆସିବେ ଯେମିତି ହେଲେ ।

କଥା କଅଣ ? ସଂଦେହ ହେଲା ପାଣ୍ଡବଙ୍କ ମନରେ । ଭାବିଲେ କିଛି ଗୋଟାଏ ଅଘଟଣ ଘଟିଛି, ନହେଲେ ଏଭଳି ଗୋଟାଏ ଲୋକ ଆସି ନ ଥାଆନ୍ତା ଏହିପ୍ରକାର ବାର୍ତ୍ତା ନେଇ । ସେଇଠୁଁ ସହଦେବଙ୍କୁ ପଚାରିଲେ ଚାରିଭାଇ ଯାକ । କାରଣ ଆଗତ ଭବିଷ୍ୟ ସବୁ ଜଣା ଅଛି ତାଙ୍କୁ, ସେହି କେବଳ ଏହି ରହସ୍ୟର ଉନ୍ମୋଚନ କରି ପାରିବେ ।

ଅତି ଗୂଢ଼ କଥା । ସହଦେବ ନୀରବ ରହିଲେ କିଛି ସମୟ । କିଂତୁ ଶେଷକୁ ତା'ଙ୍କୁ କହିବାକୁ ପଡ଼ିଲା ସମସ୍ତ ବିଷୟ । ଉପାୟ ନାହିଁ । ତାଙ୍କୁ ମଧ୍ୟ ତୁଲାଇବାକୁ ପଡ଼ିବ ତାଙ୍କ ଦିବ୍ୟଜ୍ଞାନର ଦାୟିତ୍ୱ ।

ତହୁଁ ସେ ଶୁଣାଇଲେ ସେହି ଅସଂଭାବ୍ୟ ଅଘଟଣର କାହାଣୀ । କିପରି ଓ କାହିଁକି ଯଦୁବଂଶ ନାଶ ହୋଇ ଯାଇଛି । ଏବଂ କୃଷ୍ଣ ମୃତ୍ୟୁଶଯ୍ୟାରେ ଅପେକ୍ଷା କରିଛନ୍ତି ଅର୍ଜୁନଙ୍କ ସ୍ପର୍ଶ ପାଇବା ପାଇଁ । ସେତିକି ପାଇଲାରୁ ଶାନ୍ତ ହେବ ତାଙ୍କ ଦାହ,ଏବଂ ସେ ଦେହ ତ୍ୟାଗ କରି ଯିବେ ନିଜ ପୁରକୁ ।

ଯୁଧିଷ୍ଠିର ଜ୍ଞାନ ହରାଇଲେ । କଅଣ କରିବେ ବୋଲି ବୁଦ୍ଧି ଦିଶିଲା ନାହିଁ । ଏଣେ ଶବର ତାଙ୍କୁ ତ୍ୱରାନ୍ୱିତ କଲା, କହିଲା ଆଉ ବିଳଂବ କଲେ ଚଳିବ ନାହିଁ । ବିକଳରେ ପଚାରିଲେ ପାଂଚଭାଇ ଯାକ, — କିଂତୁ ସେ ରହିଥିବେଟି ଆମେ ପହୁଂଚିବା ଯାଏଁ ? ଶବର ତାଙ୍କୁ ଆଶ୍ୱାସନା ଦେଲା, ହେଲେ ସେମାନେ ସଂଦିଗ୍ଧ ହୋଇ ରହିଲେ ।

ତହୁଁ ଧର୍ମରାଜ, ଯେ ସୃଷ୍ଟିଧର୍ମର ନୀତିନିୟମକୁ ବୁଝାନ୍ତି, ପଚାରିଲେ ଗୋଟାଏ ଠିକଣା ପ୍ରଶ୍ନ ଯାହା କାହାରି ମନକୁ ଜୁଟି ନ ଥିଲା ଏତେବେଳଯାଏଁ —

''କିଂତୁ ଶବର କାହିଁକି ବିଂଧିଲା ତା' ଶର ବାସୁଦେବଙ୍କୁ ?''

ସହଦେବ ତା'ର ଉତ୍ତରକୁ ଏଡ଼ାଇ ଦେଇ ପାରିଲେ ନାହିଁ । କହିଲେ ଆଉ ଗୋଟାଏ କାହାଣୀ । ତ୍ରେତୟା ଯୁଗର । କେମିତି ବିଗତ ଯୁଗର ଋଣ ଶୁଝାଇବାକୁ ପଡୁଛି ଏ ଯୁଗରେ । କାରଣ ଯେତେ ଡ଼େରି ହେଲେ ହେଉ, ଉଧାର ଗୌଣୀକ ଫେରାଇ ଦେବାକୁ ପଡ଼ିବ । ସୃଷ୍ଟିର ନିୟମ ।

Digitized by srujanika@gmail.com

କହିଲେ, କୃଷ୍ଣ ଥିଲେ ରାମଚଂଦ୍ର ତ୍ରେତୟା ଯୁଗରେ । ସେଇଠୁଁ ସେ ଶୁଣାଇଲେ ରାମାୟଣ କଥା । ଶ୍ରୀରାମଙ୍କ ଜନ୍ମ, କୈଶୋର ଓ ଯୌବନର ଲୀଳା । କେମିତି ସେ ତାଡ଼କାସୁରୀକୁ ବଧ କଲେ ବିଶ୍ୱାମିତ୍ରଙ୍କ ଯାଗ ରକ୍ଷା ପାଇଁ, ଅହଲ୍ୟାକୁ ମୁକ୍ତି ଦେଲେ, ଏବଂ ସୀତାଙ୍କୁ ବିଭା ହେଲେ ଶିବଧନୁ ଭଗ୍ନ କରି । ତହୁଁ କୈକେୟୀଙ୍କ ବରଭିକ୍ଷା, ଦଶରଥଙ୍କ ସତ୍ୟପାଳନ, ଓ ରାମ-ସୀତାଙ୍କ ବନବାସର କାହାଣୀ । ତା'ପରେ ରାବଣର ସୀତାହରଣ, ରାମଚନ୍ଦ୍ରଙ୍କ ଶୋକ, ଏବଂ ସୀତାଙ୍କୁ ଉଦ୍ଧାର କରିବାର ପଣ ଓ ଆୟୋଜନ । ଏହି ପର୍ଯ୍ୟାୟରେ ସେ କହିଗଲେ କେମିତି ରାମ ବଂଧୁ ହେଲେ ସୁଗ୍ରୀବ ସହିତ, ଓ ତା'ର ଭାଇ ବାଳୀକୁ ବଧ କଲେ ସୁଗ୍ରୀବକୁ ସିଂହାସନରେ ବସାଇବା ପାଇଁ । ଶେଷକୁ କିପରି ହନୁମାନ, ସୁଗ୍ରୀବ, ଅଂଗଦ ଆଦି ସମସ୍ତ ବାନରସେନାଙ୍କ ସାହାଯ୍ୟରେ ଲଂକାଗଡ଼ ଜିଣିଲେ, ରାବଣକୁ ମାରିଲେ, ଓ ସୀତାଙ୍କୁ ଫେରାଇ ଆଣିଲେ ଅଯୋଧ୍ୟାକୁ । ତହୁଁ ରାମାଭିଷେକ । ରାମରାଜ୍ୟର ଆରମ୍ଭ ।

କିଂତୁ ଏଇଠି କ'ଣ କଥା ସରିଲା ? ନା । ସରିଲା ନାହିଁ ରାମାୟଣ, ନା ସରିଯାଇଛି ମହାଭାରତ । ଅନେକ ରଣ ଶୁଝାଇବାର ଥିଲା, ଏବଂ ଶୁଝିନାହିଁ ଆଜିଯାଏଁ ।

ନିଜେ ରାମଚଂଦ୍ର ଡ଼କାଇ ପଠାଇଲେ ଅଂଗଦକୁ । ବାଳୀସୁତକୁ ସ୍ମରଣ କରାଇ ଦେଲେ ଯେ ତା'ର ଗୋଟାଏ ରଣ ଶୁଝାଇବାକୁ ଅଛି । ପିତୃରଣ । ଯାହାକୁ କଦାପି ଟାଳି ଦେଇ ହେବ ନାହିଁ । କହିଲେ, ଭୁଲିବୁ ନାହିଁ ଯେ ଯେତେହେଲେ ମୁଁ ତୋ ପିତାର ଶତ୍ରୁ । ମୋରି ବାଣରେ ତା'ର ପ୍ରାଣ ଗଲା । ତେଣୁ ତୋତେ ତା'ର ପ୍ରତିଶୋଧ ନେବାକୁ ପଡ଼ିବ, ତା'ହେଲେ ଯାଇଁ ତୁ ମୁକ୍ତ ହୋଇ ପାରିବୁ ତୋ ପିତୃରଣରୁ । ତେଣୁ ମନେ ରଖ, ମୁଁ ଯାହା କହୁଛି । ମୁଁ ପୁଣି ଜନ୍ମ ହେବି ଦ୍ୱାପର ଯୁଗରେ, ବସୁଦେବ ଘରେ । ଏବଂ ତୁ ଜନ୍ମ ହେବୁ ବସୁ ଶବରର ଘରେ । ତୋ ନାଆଁ ହେବ ଜାରାଶବର । କାଳକ୍ରମେ ହେବ ମହାଭାରତ ଯୁଦ୍ଧ । ଏବଂ ଯୁଦ୍ଧାନ୍ତରେ ଯଦୁବଂଶ ଧ୍ୱଂସ, ଯଥାସମୟରେ । ଶେଷକୁ ମୁଁ ଶୋଇଥିବି ସୁରେଶ୍ୱର ବନର ଶିଆଳି ଲତାରେ । ସୁଖନିଦ୍ରାରେ ଶୋଇ ପାଦ ହଲାଉଥିବି । ଏବଂ ତୁ ମୃଗୟାରେ ବାହାରି ଦେଖିବୁ ଯେ ହରିଣଟାଏ ତା'ର କାନ ହଲାଉଛି । ସେଇଠୁଁ ତୀର ପେଷିବୁ ତା' ଆଡ଼କୁ । ତହୁଁ ମୁକ୍ତ ହେବୁ ପିତୃରଣରୁ ।

ଶୁଣିଲେ ସଭିଏଁ ଏହି ଯୁଗଯୁଗାନ୍ତରର ଅପୂର୍ବ ପରିଶୋଧ ତଥା ପ୍ରତିଶୋଧର କାହାଣୀ । ସ୍ୱୟଂ ଶ୍ରୀକୃଷ୍ଣଙ୍କ ଭିଆଣ । ଆଉ ବିଳମ୍ବ କାହିଁକି ? ଚାଲ ଯିବା ସମସ୍ତେ ତାଙ୍କ ଶେଷଦର୍ଶନ ପାଇଁ । ଯେଉଁଠି ସେ କଷ୍ଟ ପାଉଛନ୍ତି ଏବଂ ଅପେକ୍ଷା କରି ରହିଛନ୍ତି ଆମକୁ । ପାଣ୍ଡବମାନେ ବ୍ୟାକୁଳ ହୋଇ ଧାଇଁଗଲେ ସୁରେଶ୍ୱର ବନକୁ, ଜାରାଶବରର ପଛେ ପଛେ ।

ଶ୍ରୀକୃଷ୍ଣ ଚକ୍ଷୁ ଫେଡ଼ି ନିରେଖିଲେ ପାଣ୍ଡବ ଭାଇମାନଙ୍କୁ । ଏବଂ ଅର୍ଜୁନଙ୍କୁ ତାଙ୍କ ପାଦତଳେ ଦେଖିଲାରୁ ଗଦ୍‌ଗଦ ହୋଇ କହିଲେ, ବିକଳ କଣ୍ଠରେ — ''ତୋହରି ସର୍ଗକୁ

Digitized by srujanika@gmail.com

ମୁଁ ଚାହିଁ ରହିଛି ପାର୍ଥ, ତା'ହେଲେ ଯାଇଁ ମୋର ଏହି ଜ୍ୱାଳାର ଉପଶମ ହେବ । ଆସ, ଆସ ମୋ ପାଖକୁ...''

ସଂଦେହ ନାହିଁ ଯେ ଅର୍ଜୁନ ତତ୍‌କ୍ଷଣାତ୍ ତାଙ୍କ ପାଖକୁ ଆହୁରି ଘୁଂଚି ଆସି ତାଙ୍କୁ ସ୍ପର୍ଶ କରିଥାଆନ୍ତେ । ପରମସଖାଙ୍କ ଦୁଃଖ ମୋଚନ ପାଇଁ ସେ ତାଙ୍କର ଏହି ସାମାନ୍ୟ ଅନୁରୋଧ ରକ୍ଷା କରି ପାରି ନ ଥାଆନ୍ତେ ? କିଂତୁ ସଂବେଦନାରେ ଘାରି ହେଲେ ମଧ୍ୟ ସେ ନିଜକୁ ସଂଭାଳି ନେଲେ, ତାଙ୍କୁ ଛୁଇଁବାର କୌଣସି ପ୍ରଯତ୍ନ କଲେ ନାହିଁ । କାରଣ ସହଦେବ ତାଙ୍କୁ ପୂର୍ବରୁ ସାବଧାନ କରି ଦେଇଥିଲେ । ଯେ କଦାପି ଛୁଇଁବ ନାହିଁ ତାଙ୍କୁ । ଛୁଇଁଲେ ହିଁ ସେ ପ୍ରାଣତ୍ୟାଗ କରିବେ । ଯେଉଁ ବିଷ୍ଣୁକଳାଟି ରହିଛି ଅର୍ଜୁନଙ୍କ ଠାରେ, ତାହା ଫେରିଯିବ ବିଷ୍ଣୁଙ୍କ ପାଖକୁ । ବିଷ୍ଣୁ ଫେରିଯବେ ସ୍ୱଧାମକୁ, ଷୋଳକଳା ନେଇ ।

ତହୁଁ କୃଷ୍ଣ ଉର୍ସନ୍ନା କଲେ ତାଙ୍କ ବଂଧୁଙ୍କୁ । କହିଲେ— ମୁଁ ତୋ ପାଇଁ କେତେ ଦୁଃଖ ନ ପାଇଛି, କିନ୍ତୁ ତୁ ମୋତେ ଛୁଇଁଲୁ ନାହିଁ ମୋର ପ୍ରାଣ ଯିବା ବେଳେ ? ଏପରିକି କହିଲେ ଯେ ତୁ ଜାରଜ, ତୋର କୁଳଗୋତ୍ର ନାହିଁ, ନ ହେଲେ ତୁ ଏଭଳି ନିର୍ଦ୍ଦୟ ହୋଇ ନଥାନ୍ତୁ । କିଂତୁ ଅର୍ଜୁନ ଚଂକିଲେ ନାହିଁ । ଭାବିଲେ— ଯେତେ ଗାଳି ଦେବେ ଦିଅନ୍ତୁ, ମୁଁ କେମିତି ତାଙ୍କୁ ମରିବାକୁ ଦେବି ? ମୁଁ କ'ଣ ଏତେ ନିର୍ବୋଧ ନା ଅକୃତଜ୍ଞ ହୋଇଛି ?

କିନ୍ତୁ କିଏ ଭଲା ଜିଣିପାରିବ ଶଠସୁଂଦରଙ୍କୁ ? ଶ୍ରୀକୃଷ୍ଣ କହିଲେ,— ହଉ, ମୋତେ ନ ଛୁଇଁଲୁ ନାହିଁ । ତୋ ଧନୁହୁଳକୁ ଟିକିଏ ବଢ଼େଇ ଦେ' ମୋ ହାତକୁ ? ଅର୍ଜୁନ ତାଙ୍କ କଥା ମାନିଲେ । ଆପାତତଃ ନମାନିବାର କୌଣସି କାରଣ ନ ଥିଲା । କିଂତୁ ସେଇଠି ହେଲା ଯବନିକାର ପତନ । କାରଣ ସେହି ଧନୁହୁକରେ ଫେରିଆସିଲା ତାଙ୍କ ଅବଶିଷ୍ଟ କଳା, ଶ୍ରୀକୃଷ୍ଣଙ୍କ ପାଖକୁ । ଷୋଳକଳା ସଂପୂର୍ଣ୍ଣ ହେଲା ।

ତେବେ ପ୍ରାଣ ଛାଡ଼ିବା ପୂର୍ବରୁ ଶ୍ରୀକୃଷ୍ଣ ତାଙ୍କ ପରମ ସଖାଙ୍କୁ କେତୋଟି ନିର୍ଦ୍ଦେଶ ଦେଲେ ତାଙ୍କ ସଂସାର ଦାୟିତ୍ୱକୁ ନିଭାଇବା ପାଇଁ । କହିଲେ ତୁ ଦ୍ୱାରକାପୁରୀକୁ ଯିବୁ, ଓ ମୋର ଭାର୍ଯ୍ୟା କୁଟୁମ୍ବଙ୍କୁ ସଂଭାଳି କରି ନେଇଆସିବୁ ହସ୍ତିନାକୁ, କାରଣ ଦ୍ୱାରକାପୁରୀ ଶୀଘ୍ର ଜଳମଗ୍ନ ହେବ । ଅଭିଶାପର ଅନ୍ୟତମ ସୂଚୀ ।

ନିଶ୍ଚିତ ହେଲେ ପୀତବାସ । ଆଖି ବୁଜିଦେଲେ ଶେଷଥର ପାଇଁ । ପଛରେ ପଡ଼ି ରହିଲେ କମଳା, ଓ ପାଣ୍ଡବାଦି [illegible] ପରିଜନ । ପ୍ରାଣ ଚାଲିଗଲା, ଖାଲି ପିଣ୍ଡ ପଡ଼ି ରହିଲା ।

ଅର୍ଜୁନ ଆକୁଳରେ କାନ୍ଦି ଉଠିଲେ । କାହିଁଗଲ ସଖା ଆମକୁ ଛାଡ଼ି ଦେଇ ? ତୁମେ ଥିଲ ପାଣ୍ଡବଙ୍କ ହରି । ତୁମରି ସକାଶେ ଆମେ କାହାରିକୁ ଭୟ କରୁ ନଥିଲୁ । ତୁମରି ବଳରେ ଆମର ବିଜୟ, ଆମର ସଫଳତା । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ମଧ୍ୟ ନିର୍ବିଘ୍ନରେ ସଂପନ୍ନ ହୋଇ ଯାଇଛି, ଲକ୍ଷେ ରାଜାଙ୍କ ଗହଣରେ । କାହିଁକି ଆମକୁ ଏକାକରି ଚାଲିଗଲ ? କେମିତି ଜିଇଁବୁ ଆମେ ତୁମ ବିହନରେ ?

Digitized by srujanika@gmail.com

ସ୍ଥିତପ୍ରଜ୍ଞ ସହଦେବ ତାଙ୍କୁ ବୋଧ ଦେଲେ, ଏବଂ କହିଲେ ଯେ ଉପସ୍ଥିତ କାର୍ଯ୍ୟ କରିବାକୁ ପଡ଼ିବ । ପିଣ୍ଡଟିକୁ ତୁରନ୍ତି ଦଗ୍ଧ କରିବାକୁ ହେବ । ତହୁଁ ଚନ୍ଦନ କାଠରେ ଗୋଟିଏ ଖଟ ତିଆରି କରାଗଲା, ଏବଂ ଶ୍ରୀକୃଷ୍ଣଙ୍କ ମୃତ ପିଣ୍ଡକୁ ଶୁଆଇ ଦିଆଗଲା ତା ଉପରେ । ସୁରେଶ୍ୱର ଅରଣ୍ୟର ଚାରିକୋଶ ଦୂରରେ ଥିବା ମହୋଦଧି ପାଖକୁ ନିଆଗଲା । ଏବଂ ସେଠାରେ ନୀଳଗିରି ମଧ୍ୟରେ ଯେଉଁ କଳ୍ପବଟ ଅଛି, ସେହି ପବିତ୍ର ସ୍ଥଳୀ, ସଳଖସୁଂଦର ବାଟ ସ୍ୱର୍ଗକୁ ଯିବା ପାଇଁ, ତେଣୁ ତା'ର ନାମ ସ୍ୱର୍ଗଦ୍ୱାର, ସେହିଠାରେ ପ୍ରଭୁଙ୍କ ମରଶରୀରକୁ ଦାହ କରାଗଲା ।

କିଂତୁ ଇଏ କି ଅଦ୍‌ଭୁତ କଥା ? ପ୍ରଭୁଙ୍କ ଦେହ ଅଧିକରୁ ଅଧିକ ଉଜ୍ଜ୍ୱଳ ହୋଇ ଉଠୁଛି, ହେଲେ ସେଥିର ଗୋଟିଏ ହେଲେ ଲୋମ ପୋଡ଼ିବାକୁ ନାହିଁ । ପାଂଚ ରାତି କଟିଗଲା, ଘିଅ ଢ଼ଳା ହେଲା ବର୍ଷାଧାରା ପରି, ତଥାପି ସେ ଦେହର କିଛି ହେଲା ନାହିଁ । ତହୁଁ ଆକାଶବାଣୀ ହେଲା—''ତୁମକୁ କିଏ ଏହି ବୁଦ୍ଧି ଦେଲା ଯୁଧଷ୍ଠିର ? କେମିତି ଭାବିଲ ଯେ ସେହି ଦିବ୍ୟଦେହ ନିଆଁରେ ପୋଡ଼ି ହେବ, ଅବା ତା'ର ବିନାଶ ହେବ ପାଣିପବନରେ ? ଯାଅ, ବର୍ତ୍ତମାନ ତା'କୁ ଶୀତେଳେଇ ଦିଅ ତୀର୍ଥ ଜଳରେ, ଏବଂ ମେଲି ଦିଅ ସମୁଦ୍ରରେ ।''

ପ୍ରାଣ ସିନା ଗଲା, ପିଣ୍ଡର କ'ଣ କିଛି ଭୂମିକା ନାହିଁ ? କୃଷ୍ଣ ହୋଇ ଅବତରି ଥିଲେ ସେ ଯୁଗରେ, ସେବେଳର ପାପ ତାପ ହରିନେବା ପାଇଁ, ଏବଂ ସେହି କାମଟି ସରିଲା ଯଥା ସମୟରେ । କିଂତୁ ଏହି ଅବିନାଶୀ ପିଣ୍ଡ କ'ଣ ଭଗବାନ କୃଷ୍ଣଙ୍କର ମହିମାକୁ ବଞ୍ଚାଇ ପାରିବ ନାହିଁ କାଳକାଳକୁ ? ହଁ, ତାହାହିଁ ପ୍ରଭୁଙ୍କର ଇଚ୍ଛା । ସେହେତୁ ପୁଣି ଦୈବବାଣୀ ହେଲା ଯେ ଏ ପିଣ୍ଡ ଲାଗିବ ବାଂକୀ ମୁହାଣରେ । ବିରାଜିବ ନୀଳଗିରି ଠାରେ, କଳିଯୁଗ ପ୍ରବେଶ କଲାପରେ । ତାଙ୍କୁ ଶବର ପୂଜିବ କିଛିଦିନ । ତା'ପରେ ରାଜା ଇଂଦ୍ରଦ୍ୟୁମ୍ନ ତାଙ୍କୁ ପୂଜା କରିବେ ଦାରୁବ୍ରହ୍ମ ରୂପେ, ରାଜପ୍ରାସାଦରେ ।

କିନ୍ତୁ ଜାରାଶବର ଯେଉଁ କୀର୍ତ୍ତି କଲା ପାଣ୍ଡବଙ୍କୁ ଶ୍ରୀକୃଷ୍ଣଙ୍କ ପାଖରେ ପହୁଂଚେଇ ଦେଇ, ସେଥିର କ'ଣ କିଛି ପୁରସ୍କାର ନାହିଁ ? ଭଗବାନଙ୍କ ରାଜ୍ୟରେ କ'ଣ ଖାଲି ଅଛି ଅଭିଶାପର ଦୁର୍ନିବାର କ୍ରମ, ବରଦାନ ନୁହେଁ ? ଅଛି, ଅବଶ୍ୟ ଅଛି । ଶୁକମୁନି ସହାଯ୍ୟରେ ବୁଝାଇଲେ ପରୀକ୍ଷିତଙ୍କୁ, କୃଷ୍ଣଚରିତର ଏହି ଅଧ୍ୟାୟରଟିକୁ ଶେଷ କଲା ପୂର୍ବରୁ । କହିଲେ ଯେ ପରମ ଭକ୍ତ ଶବର, ଯେ କେବଳ ପିତୃ ଋଣ ଶୁଝିବା ପାଇଁ ଜନ୍ମ ହୋଇଥିଲା ଦ୍ୱାପରରେ, ସେ ମଧ୍ୟ ଯିବ ସ୍ୱର୍ଗପୁରକୁ । ଏବଂ ତାରାଟିଏ ହୋଇ ଉଦୟ ହେଉଥିବ ତିନି ଠାକୁରଙ୍କ ପାଖରେ । ଚିର ଦିନ ପାଇଁ ।

ସେହି କୃଷ୍ଣ, ଆର୍ତ୍ତତ୍ରାଣ ପତିତପାବନ, ସେହି ଆଜି ବିଦ୍ୟମାନ ଶ୍ରୀକ୍ଷେତ୍ରରେ । ଜଗନ୍ନାଥ ରୂପେ । ଦାରୁବ୍ରହ୍ମ ଶୁଣୁଛନ୍ତି ଲକ୍ଷ ଲକ୍ଷ ଆରତ ପତିତଙ୍କ ଦୁଃଖ । ଶୁଣୁ ନାହାନ୍ତି କି ?

Digitized by srujanika@gmail.com

ଏହି ମନୁଷ୍ୟ ଜନ୍ମ କ'ଣ ଅର୍ଥହୀନ ? ତଥା କୋକୁଆ ସଂକୁଳ ? ଏବଂ ଅକାରଣ ଗୋପାଳବାବୁଙ୍କ ଦୁଃଖ, ରାମବାବୁଙ୍କ ଶୋକ, ଅବା ଗୋବ୍ଦର ଗୋଟେଇର କ୍ଲେଶ ? ଚ୍ଚକାଡ଼ୋଳା ଦେଖୁଛି, ଶୁଣୁଛି, ଏବଂ କହିଲା ପରି ଲଗୁଛି—ନା, ନା, ନା ! ଭୟ ନାହିଁ । ପ୍ରତ୍ୟେକ କର୍ମର ଫଳ ଅଛି, କାରଣ ଅଛି । ପ୍ରତ୍ୟେକ ଅନ୍ଧାରକୁ ଆଲୁଅ, ପ୍ରତ୍ୟେକ ଅଭାବକୁ ଭାବ, ଏବଂ ପ୍ରତ୍ୟେକ ରଣକୁ ତା'ର ପରିଶୋଧ । ଏ ଜନ୍ମରେ ନହେଲେ ବି' ଆର ଜନ୍ମରେ, ଅବା ଅନ୍ୟ କେଉଁ ଯୁଗରେ...

ହଉ, ତବ ଲୀଳା ପୂର୍ଣ୍ଣ ହେଉ ଲୀଳାମୟ ! ଭକ୍ତ ହାତ ଯୋଡ଼େ ଜଗତ୍‌ପିତା ଜଗନ୍ନାଥଙ୍କୁ । ଆଉ କିବା ଗତି ଅଛି ତା'ର, ଅଳ୍ପବୁଦ୍ଧି ଅଗତିର ?

Digitized by srujanika@gmail.com